
# ସପ୍ତର୍ଷି

## ଜାନୁୟାରୀ ୨୦୨୩



**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବେଦାନ୍ତୀ ପରିବାର ତରଫରୁ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା। ନବବର୍ଷ ଆପଣଙ୍କ ପାଇଁ ସୁଖ, ଶାନ୍ତି ଓ ଖୁସିର ବର୍ଷ ହେଉ, ଏହା ହିଁ ଆମର କାମନା।

ପୁରୁଣା ବର୍ଷକୁ ପଛରେ ପକାଇ ଆମେ ପ୍ରବେଶ କରିଛେ ନୂଆ ବର୍ଷ ୨୦୨୩ ରେ। ନୂଆ ବର୍ଷରେ ଅନେକେ ଅନେକ ପ୍ରକାରର ସଂକଳ୍ପ ନେଇଥାନ୍ତି। କିନ୍ତୁ ଧିରେ ଧିରେ ତାହା ଭୁଲି ଯିବାକୁ ହିଁ ଠିକ୍ ଭାବିଥାଆନ୍ତି । କାରଣ ଆଜିକାଲିର ସମାଜରେ କରିଥିବା ସଂକଳ୍ପର ମୂଲ୍ୟ କିଛି ନାହିଁ କହିଲେ ଚଳେ। ଠିକ୍ ଅଛି। କାରଣ ଏହି ନବବର୍ଷ ଓଡିଆ ବା ଭାରତର ନବବର୍ଷ ନୁହେଁ। କିନ୍ତୁ ଭାରତ ଏକ ଉଦାରବାଦୀ ଦେଶ ଏବଂ ଏଠାର ଜନଙ୍କ ମନ ମଧ୍ୟ ଅନେକ ଉଦାର। ଏଠାରେ ବିଭିନ୍ନ ଧର୍ମ ଏବଂ ସଂପ୍ରଦାୟର ଲୋକେ ବାସ କରନ୍ତି ଆଉ ଏନେକ ପ୍ରକାର ପର୍ବପର୍ବାଣୀ ଉତ୍ସାହପୂର୍ବକ ପାଳନ କରାଯାଇଥାଏ। ଆଉ ନୂଆବର୍ଷ ଏଥିରୁ ବାଦ ଯିବ ବା କିପରି?

ISSN NO.
2582-208X

ନୂଆ ବର୍ଷ ପାଳନ ତ ଠିକ୍ ଅଛି । କିନ୍ତୁ ଏହାକୁ ପାଳନ କରିବା ସଙ୍ଗେ ସଙ୍ଗେ ଆମକୁ ଆମ ନିଜ ସଂସ୍କୃତିକୁ ମଧ୍ୟ ମନେପକାଇବା ଆଉ ଆଦରିନେବା ନିହାତି ଦରକାର । କୌଣସି ଜାତି ବା ଧର୍ମର ସଂସ୍କୃତି ଅନୋଖା ଏବଂ ଏହା ସର୍ବଦୈବ ଆଦରଣୀୟ । ଏହି ସଂସ୍କୃତି ହିଁ ମାନବ ଜୀବନର ମୂଲ୍ୟବୋଧ ଶିଖାଇଥାଏ । ଆଉ ଓଡିଆ ଜାତି ଏକ ମହାନ ଜାତି ଏବଂ ଏହାର ସଂସ୍କୃତି ମଧ୍ୟ ଅତ୍ୟନ୍ତ ମହାନ ।

ବେଦାନ୍ତୀ ତରଫରୁ ଆପଣମାନଙ୍କୁ ନୂତନ ବର୍ଷରେ ଅନେକ ଅନେକ ଶୁଭକାମନା । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆପଣଙ୍କୁ ତଥା ଆପଣଙ୍କ ପରିବାରର ସମସ୍ତଙ୍କୁ ସୁଖ ଶାନ୍ତିରେ ରଖନ୍ତୁ, ଏହି ଆମର କାମନା ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ମହାନିଦ୍ରା | ନିତ୍ୟାନନ୍ଦ ମହାପାତ୍ର | ୧୨ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୫ |
| କୁଂଜବନର ନୀକୁଂଜ ବିହାରୀ | ଇଂ. ସୁଶାନ୍ତ କିଶୋର ବଳ | ୨୫ |
| ମନ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୨୮ |
| ଅନୁକଂପା ପ୍ରାର୍ଥୀ | ଶାନ୍ତିଲତା ମିଶ୍ର | ୩୦ |
| ସାରଥୀ | ଡକ୍ଟର ବିଜ୍ଞାନୀ ଦାସ | ୩୨ |
| ଗତ୍ୟନ୍ତର | ଗୁରୁକଲ୍ୟାଣ  ମହାପାତ୍ର | ୪୨ |
| ଭୂଲୁଣ୍ଠିତ ପଦ୍ମାବତୀ | ମଧୁମିତା ମିଶ୍ର | ୪୪ |
| ନୂଆବର୍ଷ | ମୈତ୍ରେୟୀ କମିଳା | ୪୫ |
| ହୃଦୟ | ପୁଷ୍ପାଞ୍ଜଳି ପଣ୍ଡା | ୪୬ |
| ସମର୍ପଣ | ଡ଼ ସୁନନ୍ଦା ମିଶ୍ର ପଣ୍ଡା | ୪୯ |
| ପ୍ରେୟସୀ | ସନ୍ଧ୍ୟା ଘଡ଼େଇ | ୫୩ |
| ଉଚ୍ଛ୍ୱାସ | ଡକ୍ଟର ପ୍ରବୀଣା ପରିଡା | ୫୫ |
| ଆସିଗଲା ବିଦାୟର ବେଳ | ଶଶଧର ମହାପାତ୍ର | ୫୬ |
| ଲଳିତ ନିବନ୍ଧ-ପ୍ରତିବିମ୍ବ | ବଦ୍ରୀ ମହାନ୍ତି | ୬୦ |
| ନୂଆ ବର୍ଷ - ୨୦୨୩ | ଅଦ୍ୱୈତ କୁମାର ସାମନ୍ତରାୟ | ୬୪ |
| ଭାଇଗ୍ରାସ୍ | ଡ. ପ୍ରସନ୍ନ କୁମାର ବଳ | ୬୬ |
| ନଶ୍ୱର ଶରୀର | ସଂଯୁକ୍ତା ସାହୁ | ୬୮ |
| କଲେଜିୟମ ବିବାଦ: ଏକ ବିଶ୍ଳେଷଣ | ଅଳକା ରାୟ | ୬୯ |
| ନୂଆବର୍ଷ | କୁଞ୍ଜ ବିହାରୀ ସାହୁ | ୭୪ |
| ହଜିଲା ଦିନ | ଛବି ରାଣୀ ପତି | ୭୬ |

ISSN NO.
2582-208X


| | | |
|---|---|---|
| ବର୍ଷ ବଦଳି ଯିବ | ବିନୟ ମହାପାତ୍ର | ୭୯ |
| ପାର ନାନୀ | ଅରୁଣ କୁମାର ମହାପାତ୍ର | ୮୧ |
| ୨୦୨୩ | କୀର୍ତ୍ତି ଦେବୀ | ୮୩ |
| ମୋ ଗାଁଆ | ସୁବ୍ରତ କୁମାର ପ୍ରଧାନ | ୮୪ |
| ଯୁଦ୍ଧ କି ତୋହର କୁଳ ବେଉସା | ଶେଷଦେବ ପଣ୍ଡା | ୮୫ |
| ପରନ୍ଦାର ପରିଣତି | ଦଣ୍ଡାସି ପ୍ରଧାନ | ୮୭ |
| କୁଞ୍ଜବ୍ରଜ | ଡ. ଶକୁନ୍ତଳା ନାୟକ ଗୁପ୍ତା | ୯୦ |
| ଲିପୁନ:ଏକ ସନେଟ୍ | ଡ. ଜ୍ଞାନେଶ୍ୱର ମିଶ୍ର | ୯୧ |
| କେଶବ କରୁଣାକର | ଜୟନ୍ତୀ ଦେବୀ | ୯୨ |
| ଅତୀତର ସ୍ମୃତି ରେ  ନୂଆବର୍ଷ | ଅମ୍ବିକା ସ୍ୱାଇଁ | ୯୩ |
| ଅସ୍ତ ଅପହଞ୍ଚ | ଡା. ମଧୁମିତା ଷଡଙ୍ଗୀ | ୯୯ |
| ନାରୀ | ହରେରାମ ପଣ୍ଡା | ୧୦୧ |
| ଆମ ମାଟିର ଗୌରବ ରଖିବା | ଝିଲିମିଲି ସାହୁ | ୧୦୩ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୦୭ |
| ଅକୁହା | ତରୁଣ କୁମାର ଦାସ | ୧୧୧ |
| ହୃଦୟର ଅନୁକୋଣରୁ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୧୨ |
| ମହୋଦଧି | ବିନୋଦିନୀ ଦାଶ | ୧୧୪ |
| ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ କେତେକ ଗଳ୍ପ ଏକ ଆକଳନ | ଡ଼ ପଲିମର ଦାଶ | ୧୧୭ |
| ବିଦାୟ ବେଳାରେ | ପୁଷ୍ପାଞ୍ଜଳି ମିଶ୍ର | ୧୧୯ |
| ସୀମାହୀନ ସାଗର | ରଘୁନାଥ ତ୍ରିପାଠୀ | ୧୨୧ |
| ଭଉଁରୀ | ଆଶୁତୋଷ ମେହେର | ୧୨୩ |
| ପାର୍ସିଙ୍କ ବିଶ୍ୱାସ ଓ ଜୀବନ ଦର୍ଶନ | ପ୍ରିୟବ୍ରତ ପାତ୍ର | ୧୨୪ |
| ଲୋଡ଼ା ନାହିଁ ମୋର ମାନ ସନମାନ | ଅଳକା ମହାନ୍ତ | ୧୨୭ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ମା ଙ୍କ ଶାଢ଼ି | ନମିତା ଦାସ | ୧୨୯ |
| ଲୁହା କହେ ସୁନାକୁ | ରାଧାମୋହନ ପୂଜାହାରୀ | ୧୩୦ |
| କୁହ ଆହେ କଳା ଠାକୁର | ନନ୍ଦିନୀ ରାଉତ | ୧୩୨ |
| ତୁମେ ଓଡ଼ିଶାର ମଉଡ ମଣି ହେ ଉତ୍କଳ ମଣି | ବାସନ୍ତୀ ଲତା ଜେନା | ୧୩୪ |
| ଅତୀତର ଶୀତ, ଯେତେ ଭିତ ସେତେ ମିତ | ଜୟ କୁମାର ମିଶ୍ର | ୧୩୭ |
| ନବବର୍ଷ ର ପୁଲକ | ଅମୃତ ନାରାୟଣ ଶତପଥୀ | ୧୪୦ |
| ପ୍ରବନ୍ଧ-ଅନୁରାଗ | ପ୍ରଦୀପ୍ତ କୁମାର ମିଶ୍ର | ୧୪୨ |
| କାହାକୁ ଡାକବି ଭାଇ | ନରେନ୍ଦ୍ର ପ୍ରସାଦ ବେହେରା | ୧୪୫ |
| ସ୍ନାନ ବେଦୀ | ତ୍ରିପତି ପ୍ରଧାନ | ୧୪୭ |
| ବଳରାମ ଙ୍କ ସାହିତ୍ୟ ରେ ଶ୍ରୀ ଜଗନ୍ନାଥ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୪୮ |
| ସ୍ୱର୍ଗ ଦ୍ୱାର | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୧୫୪ |
| ଶୀତୁଆ ସକାଳେ | ସସ୍ମିତ ଦାଶ | ୧୫୭ |
| ତୁମ ବିନା | ରଶ୍ମିତା ସାହୁ | ୧୫୮ |
| ଲୋଭାସକ୍ତ ମନ | ଦେବଦତ୍ତା ଦେବୀ | ୧୬୦ |
| ଆସ ଆସ ବନମାଳୀ | ଧରିତ୍ରୀ ଦାସ | ୧୬୩ |
| ମାଟିର ବାସ୍ନା | ଇଂ. ଆଶୋକ କୁମାର ପଟ୍ଟନାୟକ | ୧୬୪ |
| ଆଶିଷେ ହର ଦୁଃଖ ବିଡମ୍ବନା | ବିଶ୍ୱରଞ୍ଜନ ମହାନ୍ତ | ୧୬୬ |
| ଜୀବନର ଲକ୍ଷ୍ୟ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୬୮ |
| ମୁଁ ନାରୀ ଟିଏ | ଝରଣା ବାରିକ | ୧୭୦ |
| ଜଗତ ସାଇଁ | ସତ୍ୟନାରାୟଣ ପ୍ରସାଦ ନାୟକ | ୧୭୨ |

ISSN NO.
2582-208X


| | | |
|---|---|---|
| ଷଡ ଋତୁ ଷଢ଼ ଭଉଣୀ | ଅଧ୍ୟାପକ ଅବିନାଶ ବାରିକ୍ | ୧୭୪ |
| ମୁଁ ହେତୁବାଦୀ କହୁଛି | ବିଜୟ କୁମାର ସାହୁ | ୧୭୫ |
| ପ୍ରଣୟିନୀ ନିରିମାଖି | ବେଣୁଧର ସୂତାର | ୧୭୮ |
| ମାନବ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୮୦ |
| କଇତି ତା ଶୁଭ ମନାସି | ରାଜକିଶୋର ସାଇଁ | ୧୮୧ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୩ |
| ଅପେକ୍ଷାର ଫଳ ମିଠା | ଅଲେଖ ମେହେର | ୧୯୧ |
| ସମୁଦ୍ରିକୁ ମୋର ଗୋପନ ଚିଠି | ଶିଶିର କୁମାର ପଣ୍ଡା | ୧୯୩ |
| ସକାଳ ଜଣାଣ | କାଳପ୍ରସାଦ ମହାପାତ୍ର | ୧୯୪ |
| ହସେଇଦିଅ ନୂଆବରଷ | ପ୍ରଶାନ୍ତ କୁମାର ଦାଶ | ୧୯୬ |
| ସାଧାରଣ ନାଗରିକ ଓ ବିଗ୍ରର ବିଭ୍ରଗ | ଗଜାନନ ମିଶ୍ର | ୧୯୭ |
| କାର୍ତ୍ତିକ ମାହାତ୍ମ୍ୟ | ଅମରନାଥ ବାରିକ | ୨୦୧ |
| ଦୁର୍ନୀତି ରେ ମୋ କବିତା | ଅଜିତ ପାଢ଼ି | ୨୦୩ |
| ଆଖି | ସସ୍ମିତା ରାଉତ ଜେନା | ୨୦୫ |
| ରାଷ୍ଟ୍ରପତି ନିର୍ବାଚନ : ଏକ ବିହଙ୍ଗାବଲୋକନ | ଅରୁଣ କୁମାର ତ୍ରିପାଠୀ | ୨୦୬ |
| ବାଉଁଶ ପଚାରେ ଚନ୍ଦନ ଲୋ | ମନୋରଞ୍ଜନ ସୁରୁଜାଲ | ୨୧୨ |
| ଆସୁଛିରେ ଛାଡଖାଇ | ଅପର୍ଣ୍ଣା ସେଠୀ | ୨୧୪ |
| କରିଦିଅ ମୋତେ ପାରି | ଜୟନ୍ତ କୁମାର ମଲ୍ଲିକ୍ | ୨୧୮ |
| ଯୋଗ ଓ ବ୍ୟାୟାମ | ସୂର୍ଯ୍ୟ ନାରାୟଣ ସାହୁ | ୨୧୯ |
| ସେ ମୋ ଗାଁ | ହିପୋ ରଣା | ୨୨୩ |
| ମିଛ ମଣିଷ | ଲୀଳାବତୀ ପରିଡ଼ା | ୨୨୫ |
| କର୍ମଫଳ | ଶିବରାମ ଦଳେଇ | ୨୨୭ |
| ଅତୀତ ଏକ ଜୀବନ୍ତ କ୍ଷତ | ଚୈତନ୍ୟ ବାଗ | ୨୨୯ |

ISSN NO.
2582-208X


| | | |
|---|---|---|
| ପଞ୍ଜୁରୀ ଭିତରେ ସାରୀ | ଦିବାକର ନାୟକ | ୨୩୧ |
| ଅଚହ୍ନା ବନ୍ଧନ(ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୩୨ |
| ଗୀତା ଗଙ୍ଗା ଗାୟତ୍ରୀ ଗୋବିନ୍ଦ | ଦେବଜାନୀ ବାରିକ୍ | ୨୩୫ |
| ଅସମ୍ଭାଳ ସ୍ଥିତିରେ ସମାଜ | ଇଂ ହରେକୃଷ୍ଣ ଦଳାଇ | ୨୩୬ |
| ଅନୁରକ୍ତି | ଡକ୍ଟର ମଧୁସ୍ମିତା ମିଶ୍ର | ୨୩୮ |
| ଗେଣ୍ଡୁଫୁଲ | ପ୍ରଶାନ୍ତ ବ୍ରହ୍ମା | ୨୪୫ |
| ଜୀବନ ରାସ୍ତାରେ | ନିରୁପମା ପାଣି | ୨୪୬ |
| ମଶାଣି | ପଲ୍ଲବିନୀ ପଟେଲ | ୨୪୮ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୪୯ |
| ପଥ ସମ | ଦୁଷ୍ମନ୍ତ ବେହେରା | ୨୫୬ |
| ନୂଆ ବରଷ | ସଙ୍ଗୀତା ମହାନ୍ତ | ୨୫୯ |
| ଏମିତି ଏ କାର୍ତ୍ତିକ ପୂର୍ଣ୍ଣିମା | ନିରଞ୍ଜନ ସାହୁ | ୨୬୦ |
| ନବନୀତ ଚୋର | ସୁହାସିନୀ ବାରିକ୍ | ୨୬୨ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୬୩ |
| ଯାଉଛୁ ଭୁଲି | ସୁଜ୍ଞାନ ବାଘ | ୨୬୬ |
| ମୃତ୍ୟୁ ହିଁ ସତ୍ୟ | ଜନ୍ମଜୟ ନାୟକ | ୨୬୮ |
| ପ୍ରସ୍ଥାନର ବେଳ | ଅଭିଳାଶ ବାରିକ୍ | ୨୭୦ |
| ଅନାବିଳ ମାତୃତ୍ୱର ପ୍ରତୀକ: ପୁଅ ଜିଉଁତିଆ | ସାଇପ୍ରସାଦ ସାହୁ | ୨୭୧ |
| ଭାବ ନାହିଁ ତାକୁ ବଡ଼ | ବିଜୟ କୁମାର ଛାଟୋଇ | ୨୭୫ |
| ପଞ୍ଚ ପାପ | ପଣ୍ଡିତ ବିନୟ କୁମାର ମିଶ୍ରଶର୍ମା | ୨୭୭ |
| ସେବିକା ଶିବାନୀ | ପ୍ରଦୀପ୍ତ କୁମାର ଦାସ | ୨୭୮ |

ISSN NO.
2582-208X


| | | |
|---|---|---|
| ଦନ୍ତେଶ୍ୱରୀ ଶକ୍ତପୀଠ | ଦୀନବନ୍ଧୁ ବେଜ | ୨୮୦ |
| ଜୀବନର ଚଉପଦୀ | ସିଦ୍ଧେଶ୍ୱର ତ୍ରିପାଠୀ | ୨୮୨ |
| କଳା ଧଳା ହଳଦିଆ ତିନି ରୂପ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା) | ୨୮୩ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୮୪ |
| ଦସ୍ୟୁ ଅଙ୍ଗୁଳିମାଳ | ପ୍ରଦୀପ କୁମାର ପଣ୍ଡା | ୨୮୬ |
| ନବବର୍ଷ (ନୂଆ ବରଷ) | ବାଙ୍କାବିହାରୀ ମହାକୁର | ୨୮୯ |
| ସ୍ନେହର ଝିଅ | ରମେଶ ଚନ୍ଦ୍ର ବେହେରା | ୨୯୧ |
| ଗପ ହେଲେ ବି ସତ | ସୁଷମା ପରିଡା | ୨୯୩ |
| ସନ୍ଥ ଚନ୍ଦ୍ରମଣି | ଶୁଭେନ୍ଦୁ ମେହେର | ୨୯୯ |
| ଆରେ ବାଇମନ | ଜିତେନ୍ଦ୍ର ନନ୍ଦ (ବାପୁ) | ୩୦୩ |
| ସ୍ୱାଧୀନତାର ଅମୃତ ମହୋତ୍ସବ | ସୁନୀଲ କୁମାର ଅଗସ୍ତି | ୩୦୫ |
| ସରକାରୀ କର୍ମଚାରୀ : ଇତିକା | ସୁଶ୍ରୀ ସୌଭାଗ୍ୟବତୀ | ୩୦୭ |
| ଆତ୍ମହତ୍ୟା ନୁହେଁ ଶେଷ ବାଟ | ଅନନ୍ତ କୁମାର | ୩୧୧ |
| ପଞ୍ଚ ପାପ | ପଣ୍ଡିତ ବିନୟ କୁମାର ମିଶ୍ରଶର୍ମା | ୩୧୩ |
| ଶୃଗାଳ ଓ ଶାର୍ଦ୍ଦୁଳ | ତାରାପ୍ରସାଦ ଜେନା | ୩୧୪ |
| ସୁନଝିଅ ମୀରାବାଈ ଚାନୁ | ରାମ ଚନ୍ଦ୍ର ପ୍ରଧାନ | ୩୧୬ |
| ଭଙ୍ଗା ସିଲେଟ | ଆଶିଷ କୁମାର ବଣିଆଁ | ୩୧୯ |
| ଲାଜ | ସୁହଂସ ଭୋଇ | ୩୨୧ |
| ଅଧିବର୍ଷ ର ନବ ନାୟକ | ଦିନେଶ ମେହେର | ୩୨୨ |
| ଅର୍ଜୁନଙ୍କ ଜିଜ୍ଞାସାର କ'ଣ ସମାଧାନ କଲେ ଭଗବାନ ଶ୍ରୀକୃଷ୍ଣ | ନରେନ୍ଦ୍ର ପ୍ରସାଦ ବେହେରା | ୩୨୪ |
| ମାୟା ସଂସାର | କଷାନ ମହାକୁର | ୩୨୬ |
| ଘରଣୀ ମୋ ଥାଉ ଥାଉ | ପ୍ରଣବ କଶୋର ଗଡ଼ନାୟକ | ୩୨୮ |

ISSN NO.
2582-208X



| | | |
|---|---|---|
| ସମ୍ପର୍କ | ସ୍ମୃତି ରେଖା ନାୟକ | ୩୩୦ |
| ମୋ ପ୍ରେମ | ବିଶ୍ୱଜିତ୍ ନାଥ | ୩୩୧ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକ ନାୟକ | ୩୩୩ |
| ଜୀବନ ଭାବର ଗତିପଥେ | ପୂଜା ଷାଣ୍ଢ | ୩୩୫ |
| ଗୁରୁଜୀ ଓ ଗୁରୁମା | ରାଧାରାଣୀ ରାଉଳ | ୩୩୮ |
| ମଧୁରାତି | ସରୋଜ କୁମାର ସାହୁ | ୩୩୯ |

## ସ୍ୱାସ୍ଥ୍ୟ ବିଭାଗ

| | | |
|---|---|---|
| ଶୀତ ଦିନଆ ରୋଗ ଓ ତାର ପ୍ରତିକାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୪୧ |

## ଆମ ହାଣ୍ଡିଶାଳ

| | | |
|---|---|---|
| ମଟର ରାଇତା | ଜୟନ୍ତୀ ଦେବୀ | ୩୪୬ |
| ଚଣା ଗାର୍ଲିକ ଫ୍ରାଏ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୪୭ |
| ସ୍ୱାଦିଷ୍ଟ ଓ ସରଳ ସୁପ୍ | ଅଳକା ବାରିକ୍ | ୩୪୮ |
| ମକା-ପନିର ପକୋଡା | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୩୪୯ |

## ଆଞ୍ଚଳିକ

| | | |
|---|---|---|
| ମୋର୍ ଦୁଖ୍ କେତେ ନ କେତେ କମ୍ | ସନ୍ତୋଷ କୁମାର ବେହେରା | ୩୫୨ |
| କୋଶଲି/ସମ୍ବଲପୁରୀ - ଲକ୍ଷ୍ମୀ ପୁରାନ୍ | ସତ୍ୟନାରାୟଣ ମିଶ୍ର | ୩୫୪ |
| ବୈଦୀ ନନୀ ଆମଦିର | ପ୍ରତାପ ଚନ୍ଦ୍ର ସାହୁ | ୩୬୩ |
| ଗୁଟେ ଧାଙ୍ଗରି ପନର କଥା | ସନ୍ତୋଷ କୁମାର ରାଉତ | ୩୬୫ |

ISSN NO.
2582-208X


| | | |
|---|---|---|
| କୁହ୍ନ ପତାକା | କୁମରଲାଲ ରଣା | ୩୬୯ |
| **ଶିଶୁ ବିଭାଗ** | | |
| ମିଠା ଘାସ | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୨ |
| ପ୍ରଜାପତିଙ୍କ ସଭା ଓ ଟୁକୁନା | ନୀଳମାଧବ ସାହୁ | ୩୭୬ |
| ସଂକଳ୍ପ ବାଟୋଇ | ସୁନଲ୍ ସାହୁ | ୩୭୯ |
| ଗଧିଆ ଆଣିଛି ଦୁତିୟାଭ୍ୱର | ପ୍ରକାଶ କୁମାର ଗୃନ୍ଦ | ୩୮୦ |
| ଭୂମିକୁ ଜନ୍ମଦିନ ଶୁଭେଚ୍ଛା | ଅମରନାଥ ବାରିକ | ୩୮୨ |
| ଶିଶୁଟିଏ ମୁଁ ଶିଶୁଟିଏ | ଜନ୍ମଜୟ ନାୟକ | ୩୮୪ |
| କାହିଁକି | ସତ୍ୟନାରାୟଣ ମିଶ୍ର | ୩୮୬ |
| ତଣ୍ଡ | ହର ପ୍ରସାଦ ସୁଆର | ୩୮୮ |
| କୁହ ନୂଆବର୍ଷ | ନୀଳମଣି ଗୃନ୍ଦ | ୩୯୦ |
| ଚନ୍ଦ୍ର | ଆଦବିକା ପଟ୍ଟନାୟକ | ୩୯୨ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୩୯୩ |
| ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୬ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୯୭ |


ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

# ମହାନଦ୍ରା



ନିତ୍ୟାନନ୍ଦ ମହାପାତ୍ର

(୧)
ସେଠି ଭରି ବର୍ଷା
ବଜ୍ର ଘଡଘଡି
ଧାର୍ ଶ୍ରାବଣ
ବନ୍ୟା ଛୁଟିଛି
ସବୁ ଧୋଇ ହୋଇ ଯାଉ !

(୨)
ଏଠି ପ୍ରଚଣ୍ଡ ଖର୍
ଧୂ ଧୂ ଜଳୁଛି
ପାଣି ! ପାଣି !
ସବୁ ଜଳପୋଡି ଗଲ୍
ଖାଲି ଅଙ୍ଗାର !

(୩)
କେଉଁଠି କ୍ଷୁଧାର ତାଡନା
କେଉଁଠି ଦାନର ମହତ୍ୱବୋଧ
ଗୋଟିଏ ହାତରେ ଛଡାଇ ନେଇ

ISSN NO.
2582-208X

ଅନ୍ୟ ହାତରେ ଦାନ କରେ ଯେ
ସେ ରଖି ଯାଇଛି ବିସ୍ତର ପ୍ରବଞ୍ଚନା ।

(୪)
ଚୁପ୍ !
ପାଟି କରନାହିଁ !
ତମେ ସବୁ ଚେଇଁ ଦେଖ,
ମୁଁ ଟିକଏ ଶୋଇପଡେଁ !
ମୁଁ ମହାକାଳର ଲଗ୍ନିକ !!

(୫)
ତମେ ଦେଖୁନାହଁ ?
ଏଠି ସଇତାନ ମାତିଛି !
ସାବଧାନ !
ମଣିଷ ବଞ୍ଚିଛି
ମନୁଷ୍ୟତାର ରକ୍ତପିଇ ।

(୬)
ଆମେ ସବୁ ଧର୍ମର ବେକ ମୋଡିଛୁଁ
ଆମେ ସବୁ ବିଜ୍ଞାନର ସ୍ତାବକ,
ସଭ୍ୟତାର ଅମଳୀ ଆମେ,
ଆମେ ମାତିଛୁଁ
ବିଜ୍ଞାନର ଅନ୍ଧ ବିଶ୍ବାସରେ ।

(୭)
ଆମେ ଚନ୍ଦ୍ରାଲୋକର ଅଧିକାରୀ,
ମହାଶୂନ୍ୟର ଯାତ୍ରୀ,

ISSN NO.
2582-208X

ତଥାପି ଏ କ୍ଷୁଧା-
କ୍ଷୁଧାର୍ତ୍ତକୁ ଶୋଇବାକୁ ଦିଅ,
ତୁନ ପଡ - ମୁଁ ଶୋଇଁଯାଏ ।

(ଓଡିଶାର ବିଶିଷ୍ଟ କବି, କଳାକାର, ଔପନ୍ୟାସିକ ଓ ପ୍ରାବନ୍ଧିକ ନିତ୍ୟାନନ୍ଦ ମହାପାତ୍ର ଏହି କବିତାଟି ଗତ ୧୯୬୬ ଜୁନ ମାସରେ ରଚନା କରିଥିଲେ । ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ଏହି କବିତାଟି ଭାବ, ଭାଷା ଓ ଶୈଳୀ ଦୃଷ୍ଟିରୁ ଆଧୁନିକ କାଳରେ ଏକ ସାର୍ଥକ ସୃଷ୍ଟି । ସ୍ୱର୍ଗୀୟ ନିତ୍ୟାନନ୍ଦଙ୍କ ପୁତୁରା ଗୁରୁକଲ୍ୟାଣ ଓ ପୁତ୍ର ମହାଭାବ ପ୍ରକାଶ ମିଳିତ ଭାବେ ନିତ୍ୟାନନ୍ଦଙ୍କର ଅପ୍ରକାଶିତ କବିତା ଗୁଡିକର ଏକ ସଂକାଳନ କରିବାର ପରିକଳ୍ପନା ଥିଲା । ମାତ୍ର ମହାଭାବ ପ୍ରକାଶଙ୍କର ଗତ ଅକ୍ଟୋବର ୧୭ ତାରିଖରେ ଅକାଳରେ ଦେହାନ୍ତ ହୋଇଗଲା ।)

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୭-ଏକ ଚିତ୍ରିତ ମନୋହର କାଠଘର

ଅସୀମ ଚଲର ଖେଳରୁ ଆଖି ଫେରାଇ ବଗିଚାକୁ ଅନାଇଲେ । କିଛି କିଛି ଜାଗାରେ ଅରମା ହୋଇ ଆସିଲାଣି । ଲାଲ ପତ୍ରଥିବା ଗୁଳ୍ମ ଭିତରେ ଅନାବାନା ଗଛ ଆସିଲାଣି । ବର୍ଷା ଅଞ୍ଚଳ ହୋଇଥିବା ହେତୁ ବହୁ ଜଲଦି ଅନ୍ୟ କିଛି ଗଛ ଆସୁଛି । ଗୋଟିଏ ଜାତୀୟ ଗଛ ଲଗାଇଲେ ଲନ ସୁନ୍ଦର ଲାଗେ । କିଛି ଗଛରେ ସୁନ୍ଦର ଧଳା କମଳା ଫୁଲମାନ ଆସିଲାଣି। ଫୁଲଗୁଡିକ ଗୁଳ୍ମର ଉପରକୁ ମୁଣ୍ଡକୁ ତଳକୁ କରି ଝୁଲି ପଡିଛି । ସେପଟେ ହଳଦିଆ ଫୁଲଥିବା ସିଜନାଲ ଫୁଲ ଗଛଗୁଡିକ ଶୁଖି ଆସିଲାଣି । ଏ ଗଛରେ ସିଜିନାଲ ଫୁଲ ହୁଏ । ଏବେ କିଛିଦିନପରେ ଗଛଗୁଡିକୁ ଉପାଡି ଦେବାକୁ ପଡିବ ।

ଅସୀମଙ୍କର ଆଖି ପତ୍ରଦେଇ ଝରିଆସୁିଥିବା ସୂର୍ଯ୍ୟ କିରଣକୁ ଚାଲିଗଲା । ପତ୍ରଦେଇ ସୁନ୍ଦର ଆଲୋକର ରେଖାମାନ ଝରି ଆସିଛି । ଆଲୋକ ଆଣୁଛି ଜୀବନ, ସ୍ଫୂର୍ତ୍ତୀ ମନରେ । ସେ କେଇପାଦ ଚାଲି ସୂର୍ଯ୍ୟଙ୍କୁ ଅନାଇଲେ । ତାଙ୍କ ଗେଟ ଦେଇ ସୂର୍ଯ୍ୟ ବାହାର ପଡିଆ ପରେ ବଡ ବଡ ଗଛ ମଧ୍ୟରୁ କିଛି ଉପରକୁ ଉଠିଆସିଲାଣି । ବେଶ ଉଜ୍ଜ୍ୱଳ ସୂର୍ଯ୍ୟ । ଏକ ଲମ୍ବା ରେଖା ତାଙ୍କ ଗେଟ ଉପରେ ପଡୁଥିଲା । ସୂର୍ଯ୍ୟର କିରଣରେ ଗୋଟିଏ ପରେ ଗୋଟିଏ ହୋଇ ସବୁ ଉଦ୍ଭାସିତ ହୋଇଉଠୁଥିଲା ।

ସେ ନିଜ ବଗିଚା ତଥା ବାରଣ୍ଡାକୁ ଅନାଉଥିଲେ । ଅନେକ ଜାତିର ଫୁଲଗଛ ଆଉ ଶୋ ଗଛ ଲାଗିଛି । ତାଙ୍କୁ ସବୁଠାରୁ ସୁନ୍ଦର ଲାଗୁଥିଲା ଶୋଇବା ଘର ଆଗ ବାରଣ୍ଡାର

ISSN NO.
2582-208X

ଗୁଳ୍ମମାନ। ବାରଣ୍ଡାଟା ଘରର ଏ କଣରୁ ସେକଣ ଯାଏଁ ଲମ୍ବି ଯାଇଛି । କିନ୍ତୁ ଶୋଇବା ଘରପଟ ଅଂଶରେ ବହୁତ ବହୁତ ଗଛକୁ ଝୁଲୁଛି । ଉପରୁ ଏକ ବିମରେ ବେତର ରଶିରେ ଶିକାକରି ଗୁଳ୍ମମାନ ଟଙ୍ଗାଇ ଦିଆଯାଇଛି । ସବୁ ଗୁଳ୍ମମାନ ସତେଜ ଆଉ ସୁନ୍ଦର ଥିଲା । ଶୋଭନା ତା'କୁ ଦେଖାରଖା କରୁଥିଲେ । ବାହାରର ପ୍ରଥମ ଆଲୋକ ସେମାନଙ୍କ ଶୋଇବା ଘରର ଝରକା ଉପରେ ପଡୁଥିଲା । ନୀଳ ରଙ୍ଗର ତକ୍ତା କାନ୍ଥରେ ଧଳା ରଙ୍ଗର ଝରକା ଖୋଲିଯାଇଥିଲା । ବାରଣ୍ଡାରେ କେତେଟା ବେତ ଚୌକି ପଡିଥିଲା । ଠାଏ ଠାଏ ସୂର୍ଯ୍ୟ ଆଲୋକ ବାରଣ୍ଡା ଆଉ କାନ୍ଥକୁ ଉଦ୍‌ଭାସିତ କରୁଥିଲା । ନୁଆଁଣିଆ ଆଜବେଷ୍ଟସ ଉପରେ ଧଳା ପାରାଟିଏ ବୁଲିବୁଲି ଘୁମୁରୁଥିଲା ।

ଅସୀମ ଭାବୁଥିଲେ ଘରେ ଶୋଭନା ଶୋଇଥିବେ ଆଉ କେତେ ସ୍ୱପ୍ନ ତାଙ୍କୁ ଘେରିଯାଇଥିବ। ସକାଳର ସ୍ୱପ୍ନଗୁଡା ପରା ସତ ହୋଇଯାଏ । ତାଙ୍କର ଇଚ୍ଛା ହେଉଥିଲା ସେ ପ୍ରତିଟି ସ୍ୱପ୍ନକୁ ଗଢନ୍ତେ । ଝୁଲୁଥିବା ଗୁଳ୍ମମାନଙ୍କ ଭଳ ପ୍ରତିଟି ସ୍ୱପ୍ନକୁ ଖୋଜି ଖୋଜି ପ୍ରଶଂସା କରୁଥାନ୍ତେ । ସେ ଗୁଳ୍ମମାନଙ୍କ ରଙ୍ଗ ଆଉ ସଂଖ୍ୟା ଗଣିଲେ । ଏକ, ଦୁଇ, ତିନ, ଚାରି, କରି ଗଣି ଗଣି ଆଠରେ ଅଟକି ଗଲେ । ସବୁର ରଙ୍ଗ ଅଲଗା । ତାଙ୍କୁ ନାରଙ୍ଗୀ ଲାଲ ରଙ୍ଗର ପତ୍ର ହୋଇ ଝୁଲିପଡିଥିବା ଗୁଳ୍ମଟି ଭଲ ଲାଗୁଥିଲା । ଗୋଟାଏ ପଟରେ ମୋଟା ପତ୍ରଥିବା ଆଉ ଏକ ଗୁଳ୍ମରେ ଲାଲ ଫୁଲ ଫୁଟିଥିଲା । ସ୍ୱପ୍ନ ସବୁ ସୁନ୍ଦର ଲାଲ ଫୁଲ ହୋଇ ସତରେ ଫୁଟିଯାଏ, ମୋଟେ ଝାଉଁଳେନ, ସକାଳର କିରଣରେ ଉଦ୍‌ଭାସିତ ହେଉଥାଏ । ତାଙ୍କର ଇଚ୍ଛା ହେଉଥିଲା ଶୋଭନା ବାହାରକୁ ଆସନ୍ତେ କି ? ଦୁହେଁ ମିଶି ଗୁଳ୍ମମାନଙ୍କୁ ଗଣନ୍ତେ, ସେଥିରେ ମିଶି ପାଣି ଦିଅନ୍ତେ, ଅନାବନା ଗଛ ବାଛି ଦିଅନ୍ତେ । କୁଣ୍ଡମାନ ସୁନ୍ଦର ଦିଶନ୍ତା । ସଂସାର ଦୁହେଁ ମିଶି ଗଢିଲେ କେତେ ସୁନ୍ଦର ହୋଇଯାଆନ୍ତା । ସେ ପ୍ରତିଟି ଗୁଳ୍ମକୁ ଅନାଇଲେ । ସବୁ ଗୁଳ୍ମ ଅଲଗା, କିନ୍ତୁ ସବୁଟା ନିଜ ହିସାବରେ ସୁନ୍ଦର । ଦୁନିଆର ପ୍ରତିଟି ଛବି ଅଲଗା ଆଉ ନିଜ ହିସାବରେ ସୁନ୍ଦର । ସେହି ଗୁଳ୍ମମାନଙ୍କର ଛାଇ ତାଙ୍କ ଝରକା ଉପରେ ପଡିଥିଲା ।

ପାରା ଛଡା ଆଉ କେତେ ପକ୍ଷୀଙ୍କର ଡାକ ଶୁଣାଯାଉଥିଲା । ସେପଟେ ନଡିଆ ଗଛ ବେଶ ବଡ ଦେଖାଯାଉଥିଲା । ପଛରେ ନୀଳ ଆକାଶ । ସକାଳର କିରଣରେ ଗାଢ ସବୁଜ ଦେଖାଯାଉଥିବା ପତ୍ରର ଧାରରେ ସବୁଜ ରଙ୍ଗର ଶୁଆ ପକ୍ଷୀଟିଏ ବସିପଡିଲା । ତା' ଓଜନରେ ପତ୍ର ଝୁଲିଯାଉଥିଲା ଆଉ ସେ ନିଜ ବସିବା ପାଇଁ ଭଲ ଜାଗାଟିଏ ଖୋଜୁଥିଲା ।

ISSN NO.
2582-208X

ଶୁଆଟି ସେଇଠି ବସି ନିଜ ସାଥିକୁ ଡାକିବାକୁ ଲାଗିଲା । ତା’ ଡାକ ସହ ଯେମିତି ନଡିଆ ଗଛର ପତ୍ରମାନ ଧିରେ ହଲିଯାଉଥିଲା । ନୀଳ ଆକାଶ ଅତି ସୁନ୍ଦର ଲାଗୁଥିଲା । କିଛି ସମୟ ଡାକ ଡାକି ଆଉ ସେ ଏକ ଗଛକୁ ଉଡିଗଲା । ଆଉ ଅନ୍ୟ ପକ୍ଷୀମାନେ ତା’ ଜାଗା ନେଇନେଲେ ଆଉ ନିଜ ହିସାବରେ ଜଣେ ଜଣଙ୍କୁ ଡାକି ଚାଲିଲେ । ଅତି ସକାଳେ ପକ୍ଷୀମାନେ ଚଞ୍ଚଳ କ’ଣ ପାଇଁ ହୋଇଯାଆନ୍ତି, ଜଣେ ଜଣଙ୍କୁ ଡାକି ଚାଲନ୍ତି? ସାରା ଦୁନିଆକୁ ସକାଳର, ଆଲୋକର ଆଗମନ ବିଷୟରେ ପକ୍ଷୀମାନେ ମୋଟେ ନଅଟକି କଣ ପାଇଁ ଜଣାଇ ଚାଲିଥାନ୍ତି?

ଅସୀମଙ୍କ ଆଖି ଏମିତି ସବୁ ଜାଗାରେ ବୁଲିଯାଉଥିଲା । ସକାଳ ବହୁତ କଥା ମନକୁ ନୂଆ ଭାବରେ ନେଇଆସୁଥିଲା । ସତେଜ ସକାଳ ସବୁବେଳେ ମନ ଖୁସିକରିଦିଏ । ଲମ୍ବା ଶୋଇଲେ ବୋଧେ ମନ ଏତେ ବେଶି ଭଲ ରହେ ନାହିଁ । ଅସୀମ ମନେମନେ ଆଉ ଏକ ପ୍ରାଣୀ ଅର୍ଥାତ ସୁନ୍ଦରୀକୁ ଖୋଜୁଥିଲେ । ସୁନ୍ଦରୀଟି ଏକ କୁକୁରୀ । ସେମାନେ ଚଲି ଭଳି ତା’କୁ ସାଉଥ ଆଣ୍ଡାମାନରୁ ଆଣିନଥିଲେ । ସେ ଏଇ କ୍ୟାମ୍ପବେଲ ବେ ର । ସେମାନେ ଚଲିର ଖେଳସାଥି ପାଇଁ ସୁନ୍ଦରୀକୁ କ୍ୟାମ୍ପବେଲ ବେରୁ ଖୋଜି ଆଣିଥିଲେ । କିଛିଦିନ ବୋଧେ ରବିକିରଣ ପିଲାଇ ଖାଇବାକୁ ଦେଉଥିଲେ । ପରେ ସେ ବାହାରେ ଏମିତି ବୁଲିବାକୁ ଲାଗିଲା । କୁକୁରୀମାନଙ୍କୁ ପ୍ରାୟ କେହି ପାଳନ୍ତି ନାହିଁ । ଆଉ ସେମାନଙ୍କ ଘରକୁ ଆଶ୍ରା କରିଗଲା । ଏଇଠି ରହିଲା । ବଡ ସୁନ୍ଦର କୁକୁରଟିଏ ସୁନ୍ଦରୀ । ଦେହରେ ସୁନେଲୀ ଲାଲ ବାଳ, ମଝିରେ ଟିକେ କଳା ହୋଇଯାଇଛି । ମୁହଁଟା ବି ସୁନ୍ଦର । ଏକ ମାଈ କୁକୁର ହୋଇଥିବା ହେତୁ କୁକୁରୀଟି ବେଶି ଭୁକାଭୁକି କରେନା । ସବୁବେଳେ ଖେଳୁଥାଏ । ସୁନ୍ଦରୀ ଠେକୁଆ ଘର ପାଖରେ ଠିଆ ହୋଇଥିଲା ଆଉ ନରମରେ ଅସୀମଙ୍କୁ ଦେଖୁଥିଲା । ଅସୀମ ଜାଣେ ସେ ଶୋଭନାଙ୍କ ଆସିବା ପାଇଁ ପ୍ରତୀକ୍ଷା କରି ରହିଛି । ଶୋଭନା ବାହାରକୁ ଆସିଲେ ବେଶି ସୁନ୍ଦରୀ ସହ ଖେଳନ୍ତି । ଚଲି ଉପରେ ଯେମିତି ଅସୀମଙ୍କର ଏକଚାଟିଆ ଅଧିକାର । ଚଲି ଅସୀମ ଆସିଲେ ଖୁସି ହୋଇଯାଏ । ତାଙ୍କ ସାଙ୍ଗରେ ବୁଲିବା ପାଇଁ ବ୍ୟସ୍ତ ହୋଇଉଠେ । ବେଳେବେଳେ ଅସିମ ତା’ ବେକରେ ଚେନବାନ୍ଧି ସମୁଦ୍ରକୂଳକୁ ବୁଲାଇବାକୁ ନେଇଯାଆନ୍ତି । କିନ୍ତୁ ସୁନ୍ଦରୀ ବନ୍ଧାହୋଇ ବୁଲିବାକୁ ଭଲପାଏନି । ସେ ଖୋଲାରେ ଘର ଭିତରେ ବା ବଗିଚାରେ ବୁଲିବାକୁ ଭଲପାଏ ।

ISSN NO.
2582-208X

ଏ ଭିତରେ ଶୋଭନା ଉଠିଆସିଲେ । ସେ ପାଗ୍ମାନଙ୍କୁ ଖାଇବାକୁ ଦେଇ ସିଧା ଠେକୁଆ ଘର ପାଖକୁ ଗ୍ଲିଲେ । ସୁନ୍ଦରୀ ତାଙ୍କୁ ଦେଖି ତାଙ୍କ ଗୋଡ ପାଖରେ ଖୁସିରେ ଲେ଼ଟିଗଲ୍ ଆଉ ସେ ସୁନ୍ଦରୀକୁ ଟିକେ ଗେଲ କରିଦେଲେ । ସୁନ୍ଦରୀ ଆଉ ଠେକୁଆମାନଙ୍କ କ୍ଷତି କରୁନ । ଠେକୁଆମାନେ ଶୋଭନା ପାଳଛନ୍ତୁ ବୋଲି ସେ ବୁଝିଗଲ୍ଣି । ପ୍ରଥମରୁ କନ୍ତୁ ସେ ଏକ ଶିକାରୀ ମଧ ଥିଲ୍ । ପ୍ରଥମରେ ସେମାନଙ୍କ ଘରକୁ ତିନଟା ଠେକୁଆ ଆସିଥିଲ୍ ଆଉ ସେତେବେଳେ ଘରେ ଠେକୁଆ ଭୁଡି ମଧ ନଥିଲ୍ । ଦିନେ ଦେଖିଲ୍ବେଳକୁ ସୁନ୍ଦରୀ ଏକ ଠେକୁଆକୁ ଧରି ଗର୍ବର ସହ ବଗିଗ୍ଚର ଗଛ ମଧରୁ ଶୋଭନାକୁ ଗ୍ହିଁଛି । ଶୋଭନାଙ୍କ ମୁଣ୍ଡ ସେତେବେଳେ କାମ କରୁନଥିଲ୍ । ଏ କୁକୁରୀଟା କ'ଣ କରିଦେଲ୍ ? ଶୋଭନାଙ୍କୁ ଦେଖି ସେଦିନ ସୁନ୍ଦରୀ ଖୁସିରେ ଆଉ ଗର୍ବରେ ଲ୍ଞ୍ଜ ହଲ୍ଇ ପାଖକୁ ଆସିଥିଲ୍ । ଶୋଭନା ଦୌଡିଯାଇ ଦେଖିଲ୍ ବେଳକୁ ଠେକୁଆ ଆଉ ପାରିକୁ ଗ୍ଲିଗଲ୍ଣି । ବେକରେ କେତେଟା କଣା ଥିଲ୍ । ଆଉ କେଉଁଠି ଖଣ୍ଡିଆ ନାହିଁ । ଶୋଭନାଙ୍କ ବହୁତ ମନଦୁଃଖ ହୋଇଥିଲ୍ । ଖବର ଅସୀମଙ୍କୁ ଜଣାଇ ଦିଆଗଲ୍ । ସୁନ୍ଦରୀ ବାହାର କୁକୁର ହୋଇଥିବାରୁ ଘର ନୟମ ମାନୁନ । ତା'କୁ ନୟମ ଶିଖାଇବା ଦରକାର । ଆଉ ରାତିରେ ଠେକୁଆ ଶିକାରର ଆଶଙ୍କା ଥିବାରୁ ତା'କୁ ଦୂରରେ ବାନ୍ଧିଦେବା ଦରକାର । ସୁନ୍ଦରୀକୁ ଅଫିସ ଗେଟ ପାଖରେ ବାନ୍ଧି ଦିଆଗଲା । ଅଫିସରେ ଚୌକିଦାର ଥିଲା । ସୁନ୍ଦରୀରର କଛି ଅସୁବିଧା ହେବନାହିଁ । କନ୍ତୁ ଗ୍ତିରେ ସୁନ୍ଦରୀ ମୋଟେ ଶୋଇପାରିନଥିଲ୍ । କେବଳ କରୁଣ କଣ୍ଠରେ ଡାକ ଗ୍ଲିଥିଲ୍ । ଦିନରେ ଅବଶ୍ୟ ସୁନ୍ଦରୀକୁ ଘରକୁ ଫେରାଇ ଅଣାଯାଉଥିଲା ଆଉ ତା'କୁ ଖେଳିବାକୁ ଛଡାଯାଉଥିଲା । ପୁଣି ରାତିରେ ଅଫିସ ନିଆଯାଇ ସୁନ୍ଦରୀକୁ ବାନ୍ଧିଦିଆଯାଉଥିଲା । ରାତି ସାରା ସୁନ୍ଦରୀର କରୁଣ ରୋଦନ ଚାଲୁଥିଲା । ଦିନେ ଆଉ ଚିଲ ସମ୍ଭାଳି ପାରିଲାନି । କେମିତି ବି ନିଜ ଚେନକୁ ଛିଡାଇ ରାତିରେ ସୁନ୍ଦରୀ ପାଖରେ ହାଜିର ହୋଇଗଲା । ସକାଳେ ଦେଖିଲାବେଳକୁ ସୁନ୍ଦରୀ ଶାନ୍ତିରେ ଶୋଇଛି ଆଉ ଚିଲ ତା'କୁ ଜଗି ବସିଛି । ଏହାପରେ ଆଉ ସୁନ୍ଦରୀକୁ ଅଫିସରେ ବନ୍ଧାଯାଇନି । ଘରକୁ ସବୁଦିନ ପାଇଁ ଫେରାଇ ଅଣାଯାଇଥିଲ୍ ସୁନ୍ଦରୀକୁ । ଆଉ ସୁନ୍ଦରୀ ନଜର ଭୂଲ ବୁଝି ଠେକୁଆମାନଙ୍କ କ୍ଷତି ମୋଟେ କରିନ । ସେଦିନ ଅସୀମ ଆଉ ଶୋଭନା ସୁନ୍ଦରୀକୁ ଆଉଁଷି ଦେଇଥିଲେ । ଚିଲକୁ ଚେନ ଛିଡାଇ ପଳାଇବା ସତ୍ତ୍ୱେ କଛି ଦଣ୍ଡ ମିଳନଥିଲ୍ । ଚିଲର ମହତ ଗୁଣର ପରିଚୟ ପାଇ ଅସୀମ ଆଶ୍ଚର୍ଯ୍ୟ ଚକତ ହୋଇଥିଲେ । ନଜର ସାଥିକୁ

ISSN NO.
2582-208X

ସୁରକ୍ଷା ଦେବା ଏକ ବହୁତ ବଡ କାମ । ଅନ୍ୟ ସବୁ କାମ ଯଥା ଘର ଜଗିବା ଏହା ଆଗରେ ଛୋଟ । ବିପଦରେ ସାଥି ସହ ପାଦକୁ ପାଦ ମିଳାଇ ଚାଲିବା ଉଚତ ।

ଏବେ ଗେଲର ପାଳ ଥିଲା ଠେକୁଆମାନଙ୍କର । ସେମାନଙ୍କ ଘରେ ଅନେକ ରଙ୍ଗୀନ ଠେକୁଆ ଥିଲେ । ସକାଳେ ସେ ଠେକୁଆମାନଙ୍କୁ ସେମାନଙ୍କ କୋଠରୀରୁ ତଳକୁ ନେଇଆସନ୍ତୁ । ସେମାନେ କ ସୁନ୍ଦର ଡେଇଁ ଡେଇଁ ବୁଲନ୍ତୁ । ବଗିଚାରେ ଥିବା ଘାସ ଖାଆନ୍ତୁ। ଶୋଭନା ପାଣି ବହୁଥିବା ଭାରୁଆ ଜୋକମକୁ ଘାସ ପାଇଁ କହିଦେଇଥାଆନ୍ତୁ । ଜୋକମ କେଉଁଠୁ ନା କେଉଁଠୁ ନରମ ଅଗ ଘାସ ନେଇଆସେ । ସକାଳୁ ସକାଳୁ ଠେକୁଆମାନଙ୍କ ପ୍ରାତଃ ଭୋଜନ ପ୍ରସ୍ତୁତ । ଠେକୁଆମାନଙ୍କ ପଛଗୋଡ ଲମ୍ବା । ସେମାନେ ଗୋଡରେ ସେମାନେ ଡେଇଁ ଡେଇଁ ଚାଲନ୍ତୁ । ଦୁବଘାସ ଖାଇବା ମଧ୍ୟ ମଜାଦାର । ଆଗ ଗୋଡକୁ ହାତ ଭଳ ବ୍ୟବହାର କରି ଠେକୁଆମାନେ ଆରାମରେ ଖାଆନ୍ତୁ । ଠେକୁଆମାନେ ବୋଧହୁଏ ମାଙ୍କଡ ପରେ ହାତ ଗୋଡ ବ୍ୟବହାର କରୁଥିବା ହେତୁ ମଣିଷର ସବୁଠାରୁ ନକଟତମ ପ୍ରାଣୀ । ସେମାନେ କେତେବେଳେ କେମିତି ଅବଶ୍ୟ ଛଡାଛଡି ହୁଅନ୍ତୁ । ସେମାନଙ୍କ ଦୌଡାଦୌଡି ବଡ ମଜାଦାୟକ ।

ଦୁଇ ହଳରୁ ବଢି ବଢି ଏବେ ଘରେ ଷୋଳଟା ଠେକୁଆ ହେଲେଣି । ପ୍ରଥମ ତିନଟା ଠେକୁଆ ଆସିଥିଲା କଛାଲରୁ । କଳା ଧଳା ଠେକୁଆ । ସେଥିରୁ ଅବଶ୍ୟ ଗୋଟିଏ ଠେକୁଆକୁ ସୁନ୍ଦରୀ ମାରି ଦେଇଥିଲା । ଶୋଭନାଙ୍କୁ କଛି ଖେଳ ସାଥିର ଦରକାର ଥିଲା । ଶୋଭନା ଯେମିତି ଏକା ଅନୁଭବ ନକରନ୍ତୁ ସେ ବିଷୟରେ ଅସୀମ ବହୁ ସଚେତନ ଥିଲେ। ଆଉ ସତକୁ ସତ ଠେକୁଆମାନେ ଆସିଲାପରେ ଶୋଭନା ଖୁସି ହୋଇଗଲେ । ପାରାମାନେ ସକାଳେ ତ ପାଖକୁ ଆସନ୍ତୁ, କନ୍ତୁ ପେଟ ଭରିଗଲେ ଫୁର୍ର୍ କରି ଉଡି ଆଜବେଷ୍ଟସ ଛାତ ଉପରେ ଘୁମୁରୁଥାଆନ୍ତୁ । କୁକୁରମାନେ ଟିକେ ଖେଳ ଶୋଇଯାଆନ୍ତୁ । କନ୍ତୁ ଠେକୁଆମାନଙ୍କ ଖେଳର ସୀମା ନଥାଏ । ସେମାନେ ସବୁବେଳେ ଡେଉଁଥାନ୍ତୁ । ଠେକୁଆମାନଙ୍କୁ ଉପରେ ଏକ ପ୍ଲାଟଫର୍ମରେ ରଖାଯାଇଥିଲା । ଏ ବର୍ଷାରେ ତଳୁଆ ଜାଗାରେ ଠେକୁଆଙ୍କୁ ରଖିବାକୁ ଭଲ ଲାଗିନଥିଲା । ଶୋଭନା ବହୁ ସମୟରେ ଆସି ଠେକୁଆମାନଙ୍କୁ ଦେଖି ଖୁସି ହୁଅନ୍ତୁ ।

ଠେକୁଆ ଭଡିକୁ ସଫା ରଖାଯାଉଥିଲା ଆଉ ତା' ଭିତରେ ଘାସ ରଖିଦିଆଯାଉଥିଲା । ଠେକୁଆମାନଙ୍କୁ ପ୍ରଥମେ ସେ ଭିତରେ ଛାଡିଦିଆଯାଉଥିଲା । ସେମାନେ ସେ ବଡ ଜାଗାରେ

ISSN NO.
2582-208X

ତେଇଁ ଘାସ ହାତରେ ଧରି ଖାଉଥିଲେ । ସେମାନଙ୍କ ବଡବଡ ଆଗଦାନ୍ତ ଜୋର ଜୋରରେ ଘାସକୁ କାଟି ଦେଉଥିଲା । ଏଇମିତି କିଛି ସମୟ ପାଇଁ ସେମାନଙ୍କୁ ନିଜ ପଂଜୁରୀରୁ ମୁକ୍ତି ମିଳୁଥିଲା । ଶୋଭନା ସେମାନଙ୍କୁ ଭିଜା ବୁଟ ଆଦି ମଧ୍ୟ ଖାଇବାକୁ ଦେଉଥିଲେ । ସେମାନଙ୍କ ଜାଗା ପରିଷ୍କାର କରାଯାଉଥିଲା । ଶୋଭନାଙ୍କର ସେହି ପ୍ରାଣୀକୁ ଧରିବାକୁ ଇଚ୍ଛା ହେଉଥିଲା । ପ୍ରଥମେ ପିଞ୍ଜରାରେ ବନ୍ଦ ରହି ଡରିଯାଇଥିବା ହେତୁ ସହଜରେ ଧରା ଦେଉନଥିଲେ ଆଉ ପାଖ ପଶୁ ନଥିଲେ । ଶୋଭନା ଜାଣିଜାଣି ଦୁବ ଘାସକୁ ହାତରେ ଧରୁଥିଲେ ଆଉ ଠେକୁଆ ଆସି ପାଖରେ ଖାଉଥିଲା । ସେମାନେ ଟିକଏ ଖାଇ କୁଦାମାରି ଦୌଡୁଥିଲେ । ଧୀରେ ସେମାନଙ୍କ ଡର କମିଗଲା ଆଉ ଶୋଭନା ଏକ ଠେକୁଆ ଧରି ପକାଇଲେ ।

"ଅସୀମ ଦେଖୁଛ ଠେକୁଆକୁ ମୁଁ ଧରିନେଲି ।"- ଶୋଭନା ସେଦିନ ବହୁତ ଖୁସି ହୋଇ କହିଥିଲେ । ସତେ ଯେମିତି ସେ ଏକ ବିରାଟ କାମ କରିଛନ୍ତି । ଛୋଟ ଜାଗା ଆଉ ଛୋଟ ଦୁନିଆ ହୋଇଗଲେ ସବୁ ସୁନ୍ଦର, ମଧୁର ଲାଗେ ।

ଅସୀମ ଭାବିଲେ ଶୋଭନା କେତେ ସୁନ୍ଦର ହସି ପାରନ୍ତି । ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠୁଥିଲା । ସେ ଅସୀମଙ୍କୁ ପାଖକୁ ଡାକିଲେ ଆଉ ଠେକୁଆକୁ ଛୁଇଁବାକୁ ଦେଲେ । ଠେକୁଆର ବଡବଡ କଳା ଆଖି ଅସୀମଙ୍କ ଉପରେ ବୁଲୁଥିଲା । ଅସୀମ ଛୁଇଁବାରୁ ଠେକୁଆର ହୃତପିଣ୍ଡର ଗତି ବଢିଗଲା, କିନ୍ତୁ ଧିରେ କମ ହୋଇଗଲା । ଠେକୁଆଟି ଅନୁଭବ କରୁଥିଲା ଯେ ଏମାନେ ତା'ର କିଛି କ୍ଷତି କରିବେନି । ଅସୀମ ଠେକୁଆକୁ ଆଉଁଷି ଦେଲେ। ବେଶ ନରମ ବାଳ । କେଉଁବି କମ୍ବଳଠାରୁ ନରମ ହେବ । ଠେକୁଆର ଦେହ ଗରମ ଥିଲା। ତା'ର ଶରୀରର ତାପମାନ ମଣିଷ ଠାରୁ ଅଧିକ ରୁହେ ଆଉ ଲମ୍ବା କାନକୁ ଛୁଇଁଲେ ଲାଗିବ ଯେମିତି ଜ୍ୱର ହୋଇଛି । କିନ୍ତୁ ଏହା ଠେକୁଆର ସାଧାରଣ ତାପମାନ ।

ସେମାନେ ଠେକୁଆକୁ ଧିରେ ମାଟିରେ ଛାଡିଦେଲେ । ଗୋଟାଏ ଦୁଇଟା ବଡ କୁଦାଦେଇ ଠେକୁଆ ସେମାନଙ୍କ ପାଖକରୁ ଦୂରକୁ ଗ୍ଲିଯାଇଥିଲା । ଆଉ ପାଖ ପଶିଲାନି । ପରେ କିନ୍ତୁ ଶୋଭନଙ୍କ ଧରା ଆଉ ଛଡା କିଛି ଦିନ ପାଇଁ ଗ୍ଲିଲା । ଠେକୁଆ ଆଉ ବେଶି ଡରିଲାନି । ଶେଷରେ ସେମାନେ ଧରି ଛାଡିଦେଲେ ବି ଠେକୁଆ ଛାଟିପଟି ହେଉନଥିଲା କିମ୍ବା ଛାଡିଦେଲେ ଜୋରରେ ପଳାଉନଥିଲା । ଟିକଏ ଛାଡ ହୋଇ ପୁଣି ପାଖକୁ ଆସିଯାଉଥିଲା ।

ISSN NO.
2582-208X

ଅସୀମ ଠେକୁଆଙ୍କ ପ୍ରତି ଶୋଭନାଙ୍କ ଶ୍ରଦ୍ଧା ଦେଖି ଆଉ ହଳେ ଠେକୁଆ ନକୋବରରୁ କେମିତି ମଗେଇ ଦେଇଥିଲେ । ସେ ଯୋଡାର ମାଟିଆ ଛଉଛଉକା ରଙ୍ଗ । ଏବେ ସେମାନଙ୍କ ପାଖରେ ଦୁଇ ହଳ ଠେକୁଆ । ଆଉ ସେମାନଙ୍କୁ ପଂଜୁରୀ ଭିତରେ ରଖିବା ଉଚତ ମନେକରାଗଲା ନାହିଁ । ସେମାନଙ୍କ ପାଇଁ ଏକ ବଡ ଏନକ୍ଲୋଜର ତିଆରି ହେବ । କ୍ୟାମ୍ପବେଲ ବେ ବର୍ଷା ଅଞ୍ଚଳ ହେବା ହେତୁ ମାଟିରେ ଘର କରାଯିବ ନାହିଁ । ବିଚରା ନରୀହ ପାଣିମାନେ ଟିକକରେ ଓଦା ହୋଇଯିବେ । ତଳେ ଘରର ଚଟାଣହେଲେ ସବୁବେଳେ ପାଣି ପଚପଚ ହେଉଥିବା । କନ୍ତୁ ଉପରେ ଚଟାଣହେଲେ ସେ ଅସୁବିଧା ନାହିଁ। ପାଣି ତଳେ ବୋହିଯିବ । ଫାଙ୍କ ଥିବାରୁ ଉପରେ କେଉଁଠି ପାଣି ଗଳଲେ ବି ତଳକୁ ଗ୍ଳଳିଯିବ । ସବୁଆଡ ଓଦା ହେବନ । ତେଣୁ ସେମାନେ ଅନେକ ଭାବିଥିଲେ । ଏ ଭିତରେ ସେମାନେ ଅଲଗା ଅଲଗା ଜାଗାରେ ଉଚ୍ଚରେ ଥିବା ଘରମାନ ଦେଖିଥିଲେ । ନକୋବରୀ ଆଉ ଶୋମ୍ପେନମାନେ ତ ମାଟିରୁ ଟିକଏ ଉଚ୍ଚରେ ମଞ୍ଚା କରି ରୁହନ୍ତୁ । ତେଣୁ ଏକ ମଞ୍ଚା କରି ଠେକୁଆମାନଙ୍କୁ ରଖାଯିବ । କଛି ବଳକା ପଟା ଥିଲା ସେତକ ମିଶାଇ ତଳ ଫ୍ଲୋର ତିଆରି କରାଗଲା । ଫାଙ୍କ ଦେଇ ସେମାନଙ୍କ ମଳ ମୂତ୍ର ତଳକୁ ପଡିବ । ତେଣୁ ସଫା କରିବା କଷ୍ଟ ହେବାନାହିଁ । କାନ୍ଥ ପାଇଁ ମଧ୍ୟ ସେମିତି କଛି ପଟା ବ୍ୟବହାର କରାଗଲା, ସେଥିରେ ପବନ ଯିବା ପାଇଁ ଯଥେଷ୍ଟ ଜାଗା ଥିଲା । କନ୍ତୁ ଠେକୁଆ ଗଳ ପଳାଇ ପାରିବନ। ଶେଷରେ ଉପରେ ଭଙ୍ଗା ଆଜବେଷ୍ଟସକୁ ବ୍ୟବହାର କରି ଏକ ଛାତ ତିଆରି କରାଗଲା । ଏଇଟା ହେଲା ଠେକୁଆ ଘର । ଶୋଭନା ବେଶ ଖୁସି ହୋଇଯାଇଥିଲେ ।

ଠେକୁଆମାନେ ପାଖାପାଖି ରହିବା ଆଉ ଠିକ ଭାବେ ଖାଇବା ହେତୁ ସଂଖ୍ୟା ବଢିବାରେ ଲାଗିଲା । ଶୋଭନା କ୍ୟାମ୍ପବେଲ ବେ ରୁ ଯିବା ସମୟରେ ସେମାନଙ୍କର ସଂଖ୍ୟା ଷୋହଳରେ ପହଞ୍ଚିଥିଲା । କେତେ ରଙ୍ଗର ଠେକୁଆ ହୋଇଯାଇଥିଲେ । ସେମାନଙ୍କ ଦେହରେ ରଙ୍ଗର ପ୍ୟାଟର୍ଣ ଭଲ ଲାଗୁଥିଲା । ଶୋଭନା ମା' ଆଉ ଛୁଆଙ୍କ ରହିବା ପାଇଁ ପୁଣି ଏନକ୍ଲୋଜରକୁ ବଢାଇଲେ । ସେଥିରେ ମା' ଛୁଆ ବା ଶିଶୁ ଠେକୁଆମାନେ ରହୁଥିଲେ। ସେମାନଙ୍କ ପାଇଁ ଉପଯୁକ୍ତ ଯତ୍ନର ବ୍ୟବସ୍ଥା କରଗଲା । ସେମାନଙ୍କୁ ସବୁଠୁ ନରମ ଘାସ, ଭଲ ବୁଟ ଇତ୍ୟାଦି ଦିଆଯାଉଥିଲା । ସେମାନଙ୍କୁ ତଳକୁ ଅଲଗା ସମୟରେ ଆଣି ବାହାରେ ବୁଲାଯାଉଥିଲା । ବଡମାନେ ଅଲଗା ସମୟରେ ବୁଲୁଥିଲେ । ସେମାନେ ନଜ ନଜ ଭିତରେ ଦୌଡାଦୌଡି ହୋଇ ଖେଳୁଥିଲେ ଆଉ ବେଳେବେଳେ ଜୋରରେ ଡିଆଁ

ISSN NO.
2582-208X

ଦେଉଥିଲେ । ସେମାନଙ୍କୁ କନ୍ତୁ ତଳ ଘେର୍ ହୋଇଥିବା ଏନକ୍ଲୋଜର ବାହାର ପଡିଆ ଭିତରୁ ପ୍ରାୟ ବାହାରକୁ ଅଣାଯାଉନଥିଲ୍ । ବାହାରେ ଖସି ପଲ୍ଇଲେ ଧରିବା ଅସମ୍ଭବ ଆଉ କୁକୁରମାନେ ସେମାନଙ୍କୁ ଦଳ ହୋଇ ଆକମଣ କରି ମାରିଦେବେ ।

ଘରେ କୁକୁର ଥିବା ସତ୍ୱେ ବାହାରର କୁକୁରମାନେ ଠେକୁଆଙ୍କ ଗନ୍ଧ ପାଇଗଲେ ଆଉ ବେଳେବେଳେ ସେମାନେ ଠେକୁଆ ଘର ଗ୍ବରିପଟେ ବୁଲିବାକୁ ଲ୍ଗିଲେ । ସେଇଟା କେମିତି ଆଶ୍ଚର୍ଯ୍ୟଜନକ ଥିଲ୍ । ବୁଲ୍ କୁକୁରମାନେ ଏ ଦୁଇ କୁକୁରଙ୍କୁ କ'ଣ କହୁଥିଲେ କେଜାଣି ଏ ଦୁଇ କୁକୁର ଚୁପ ରହୁଥିଲେ ଆଉ ଏକ ଶିକାର ଉପରେ ଆକ୍ରମଣ କରିବାକୁ ବ୍ୟସ୍ତ ହେଉଥିଲେ । ଥରେ ଅବଶ୍ୟ ଆକ୍ରମଣ ହେଲ୍ ଆଉ ସକାଳେ ଦେଖିଲ୍‌ବେଳକୁ ଏକ ଠେକୁଆର ଆଗ ହାତ ନାହିଁ । ଏମାନେ ବୁଝିପାରିଲେନ ଏହା ହେଲ୍ କେମିତି ? ଦେଖିବାରୁ ଜଣାଗଲ୍ ଯେ କୁକୁରମାନେ ଆକ୍ରମଣ କରି କାଠର କଛି ଅଂଶ ଭ୍ଙ୍ଗି ଦେଇଛନ୍ତି, କନ୍ତୁ ପୁର୍ କାଠ ଭ୍ଙ୍ଗି ପାରିନାହାନ୍ତି । ତେଣୁ ଠେକୁଆମାନେ ଡରି ଦୌଡାଦୌଡି ହୋଇଛନ୍ତି ଆଉ ଏ ଭିତରେ ଏକ ଠେକୁଆର ହାତ କେମିତି ଖୋଲ୍ ଜାଗାକୁ ଆସିଛି ଆଉ କୁକୁରଟିଏ ସେ ହାତକୁ ନଜ ମୁହଁରେ ଜାବୁଡି ଛିଡାଇ ଦେଇଛି । ସେଦିନ ସକାଳ ମନଦୁଃଖରେ କଟିଲ୍ । ଠେକୁଆର ଖଣ୍ଡିଆକୁ ଭଲଭ୍ବେ ଡ୍ରେସିଂ କର୍‌ଗଲ୍ । କାଠ ତକ୍ତାକୁ ମର୍‌ମତ କର୍‌ଗଲ୍ । ସହଜରେ କୁକୁରମାନେ ଆକ୍ରମଣ କରିପାରିବେନ । ଠେକୁଆ ଘର ଗ୍ବରିପଟରେ ଉଚ୍ଚ ବାଡ କର୍‌ଗଲ୍ । ଡେଇଁ କୁକୁରମାନଙ୍କୁ ପଶିବାକୁ ସହଜ ହେବନ ।

ତଥାପି ଦିନେ ଗ୍ବତିରେ କୁକୁରମାନଙ୍କ ଆକ୍ରମଣ ହେଲ୍ । ଏ ଭିତରେ ଶୋଭନା ଆଉ ଅସୀମ ସାବଧାନ ଥିଲେ । କଛି ବାହାରେ ଆବାଜ ଆସିଲ୍ । ଦେଖିଲ୍ ବେଳକୁ ଠେକୁଆ ଘର ବାଡା ଭିତରେ ଗୋଟାଏ ବୁଲ୍ କୁକୁର ପଶିଛି । ଏମାନଙ୍କୁ ଦେଖି ସେ ଡେଇଁ ପଳାଇବାକୁ ବ୍ୟସ୍ତ ହେଲ୍ । କନ୍ତୁ ସେଇଟା ସହଜ ନୁହେଁ । ଉଚ୍ଚ ଡେଇଁବା ପାଇଁ ଟିକଏ ଦୌଡିବା ଦରକାର ଆଉ ତାହା ସେ ଭିତରେ ସମ୍ଭବ ନଥିଲ୍ । ଅସୀମ ସହିପାରିଲେନ । ଏହି ଦୁଷ୍ଟ କୁକୁର ଠେକୁଆ ଘରକୁ ଆକ୍ରମଣ କରୁଛି । ସେ ଏକ ଠେଙ୍ଗରେ ବୁଲ୍ କୁକୁରକୁ ଉତ୍ତମ ମଧ୍ୟମ ଦେଲେ । ଆଉ ତା' ପରଠୁ ଠେକୁଆ ଘର ଉପରେ ଆକ୍ରମଣ ହୋଇନ ।

ଶୋଭନା ଆସି ଏଇଠି ପ୍ରଥମଥର ପାଇଁ ଟ୍ୟାପ ଦେଖିଲେନ । ଲ୍ବେକେ କୂଅରୁ ପାଣି ନଅନ୍ତି। କୂଅରୁ ପାଣି ସଂଗ୍ରହ ସହରରେ କେମିତି ଆଶ୍ଚର୍ଯ୍ୟଜନକ ଘଟଣା । ସହରରେ

ISSN NO.
2582-208X


ଟ୍ୟାପରୁ ପାଣି ଝରଣା ପାଣି ଭଳ ଝରିଅସେ । କନ୍ତୁ ଏଠି ଲୋ୍କେ ପାଣି କୂଅରୁ ନଅନ୍ତୁ । କୂଅରୁ ଦଉଡିରେ ବାଲଟି ବାନ୍ଧି ପାଣି ଭରାଯାଏ ଆଉ ଟିଣରେ ବାହୁଙ୍ଗା କରି ଘରେ ଘରେ ପାଣି ପହୁଞ୍ଚାଇ ଦିଆଯାଏ । କ୍ୟାମ୍ପବେଲ ବେ ଭଳି ଏକ ଛୋଟ ସହରରେ ପାଣି ଏ ପର୍ଯ୍ୟନ୍ତ ସପ୍ଲାଇ ହୋଇପାରିନି । ମଜାଦାର କଥା । କିନ୍ତୁ ତାଙ୍କୁ ଏମିତି ଜୀବନ ଭଲ ଲାଗିବାକୁ ଆରମ୍ଭ କରିଥିଲା । କିଛି ସାଧାରଣ ଥାଉ ଜୀବନ । ସବୁକଥା ଘରେ ମିଳୁଥିଲେ ଜୀବନର ପ୍ରକୃତ ରୂପ ଦେଖିହୁଏନି । ଜୋକିମ ପାଣି ଭାରୁଆ । ପାଣି ବୋହିବା ଲୋକଟି ଝାଳନାଳ ହୋଇ ପାଣି ବୋହୁଥାଏ । ତା' କାନ୍ଧରେ ପାଣିର ଟିଣ ଲଚକି ଉଠୁଥିବ ତା' ପଦ ସହ । ସତେ ଯେମିତି ଏକ ଗୀତ ଗାଇଚାଲିଛି । କେତେବୁନ୍ଦା ପାଣି ତଳେ ପଡିଥିବ । ସମୁଦ୍ରକୂଳରେ ପାଣି ତ ସବୁଆଡେ କିନ୍ତୁ ପ୍ରକୃତ ପିଇବା ପାଣି ଅଛି କେତେ ଜାଗାରେ? ସବୁ କୂଅରେ ମିଠା ପିଇବା ପାଣି ମିଳିବ ତା' ବି ଠିକନାହିଁ । କିଛି କୂଅରୁ ଭଲପାଣି ମିଳେ। ପାଣିରେ କିନ୍ତୁ କ୍ୟାଲସିଅମ ଅଧିକ । ସେଥିରେ ପେଟ ଗଡବଡ ହୁଏ । ଏଇଟା ଏସବୁ ଜାଗାର ସ୍ପେସିଆଲିଟି । ସେମାନେ ଏକ ବଡ ତସଲାରେ ପାଣି ଫୁଟାଇ ପିଅନ୍ତି । ପାଣି ଉପରେ ଏକ ସର ବସିଯାଏ । ତା'ପରେ ପାଣିକୁ ଛାଣି ପିଇବାକୁ ପଡେ । ମଣିଷ ସବୁଜାଗାରେ କିଛି ନା କିଛି ଉପାୟ ଖୋଜିନେଇଛି ।

ପାଣି ଭାରୁଆ ଜୋକିମ ଲୋକଟା ବେଶ କାମିକା । ଶୋଭନା ତା'କୁ ନେଇ ଘର ପଛପଟେ ଏକ ବଗିଚା ତିଆରି କରିଥିଲେ । ସେ ଅସୀମଙ୍କୁ ନଜର କଛି କର୍‌ମତି ଦେଖାଇବାକୁ ଗ୍ଃହୁଁଥିଲେ । ଘରର ଆଗପଟ ଅସୀମଙ୍କର ଆଉ ବାଡି ପଟର କର୍ତ୍ତାଧାରିଣୀ ହେଉଛନ୍ତୁ ଶୋଭନା । ଜାନକୀ, ଜୋକମ ଆଉ ଶୋଭନା ମିଶି କଚନ ଗାର୍ଡେନର ଏକ ଡିଜାଇନ କରିଥିଲେ । ସେଥିରେ ମୁଖ୍ୟ କାମକଲ୍‌ବାଲ୍ ଜୋକମ ଥିଲ୍ । ସେ ଅନ୍ୟ ଘରମାନଙ୍କରେ ହୋଇଥିବା ଡିଜାଇନକୁ ଏଠି ମଧ ତିଆରିକଲ୍ । ଭ୍ଡି କରି ଲମ୍ବା ଲ୍‌ଉ, ଝୁଡୁଙ୍ଗ, ବିନ୍ ଆଦି ପରିବା ଲଗାଯିବ । ବାଲିଆ ଜାଗା । ତେଣୁ ଗଛ ପାଇଁ ଯଥେଷ୍ଟ ପୋଷକତତ୍ୱ ମିଳେନା । ତେଣୁ ବଗିଗ୍ଃ ସାର୍ ଗଛ ଲଗାଇବା ସମ୍ଭବ ନୁହେଁ । ଗଛ ମୂଳରେ ଯଥେଷ୍ଟ ମାଟି ଦେବା ଦରକାର । ଜୋକମ କେଉଁ ଜଙ୍ଗଲ ପାଖରୁ ବସ୍ତା ବସ୍ତା ଲ୍‌ଲ ମାଟି ନେଇଆସୁଥିଲ୍ । ତା'ପରେ ଗାତ ଖୋଳ ଏକ ଏକ ବୁଦା ପାଇଁ ଯଥେଷ୍ଟ ମାଟି ଏକାଠି କର୍‌ଯାଉଥିଲ୍ । ତା'ପରେ ସେଥିରେ ଲତା, ଗଛମାନ ଲଗାଯାଇ, ଭ୍ଡିକୁ ମଡାଇ ଦିଆଯାଉଥିଲ୍ । ଶୋଭନା ସେଥିରେ ନଜେ ପାଣି ଦିଅନ୍ତୁ । ଜାନକୀ ଶୋଭନାଙ୍କ ଛାଇ ପରି ରହି ଗଛ କେମିତି ଭଲ ବଢିବ ତା'ର ତଦାରଖ କରୁଥାଏ । ଶୋଭନା ଘରର ବଞ୍ଚି

ISSN NO.
2582-208X

ପଡିଥିବା ଖାଇବା, ଗ୍ଲେପା ଇତ୍ୟାଦିକୁ ଖତରେ ପରିଣତ କରିବାକୁ ଗଛମୂଳରେ ପୋତି ଦିଅନ୍ତୁ । କ୍ୟାମ୍ପବେଲ ବେ ରେ ସହଜରେ ପରିବା ମିଳେନା । ତେଣୁ ସମସ୍ତଙ୍କୁ ନିଜ ନିଜର କିଚନ ଗାର୍ଡେନ କରିବାକୁ ପଡେ । ଏମିତି ଏ ଲତା ଗଛ ଛଡା ସେମାନେ ବଗିଚ୍ଛରେ ବାଇଗଣ, ଭେଣ୍ଡି ଆଦି ଲଗାଇଥିଲେ । ଏ ପରିବା ଗଛଗୁଡିକ ସେମାନଙ୍କୁ ଯଥେଷ୍ଟ ଖାଇବା ଯୋଗାଇ ଦେଉଥିଲା ।

ଶୋଭନା ଅସୀମ ଅଫିସ ଗଲାପରେ ପଛ ବଗିଚ୍ଛରେ ନିଜ କାମ କରିବାକୁ ଲାଗିଯାଆନ୍ତୁ । ଘର ପଛରେ ଜୋକମ ଆଉ ଜାନକୀ ଏକ କୁକୁଡା ଘର ବାଉଁଶ ଯାଇଥିବା କାଠ, ଆଜବେଷ୍ଟସ ନେଇ ବନାଇଥିଲେ । ଏକ ରଙ୍ଗୀନ ମାଈ କୁକୁଡା ସେମାନଙ୍କ ଘରେ ଥିଲା । ତା' ପଛରେ କେତେଟା କୁକୁଡା ଛୁଆ ଚାଲୁଥିଲେ । କୁକୁଡୀଟିର ପର ମାତୃତ୍ୱର ଗର୍ବରେ ଫୁଲିଯାଇଥିଲା । ଏ ରଙ୍ଗୀନ କୁକୁଡିକୁ ଦେଖି ଶୋଭନାଙ୍କ ପେଟ ପୁରିଯାଏ । କ୍ୟାମ୍ପବେଲ ବେ ରେ ବ୍ରଏଲର କୁକୁଡା ମିଳେନା । ଦେଶି କୁକୁଡା ମିଳେ । ଲୋକେ ନିଜ ନିଜ ଘରେ କୁକୁଡା ପାଳନ୍ତୁ, ଅଣ୍ଡା ଆଉ ମାଂସ ମିଳେ । ଅସୀମଙ୍କ ଘରେ ପ୍ରଥମରୁ କୁକୁଡା ନଥିଲା । କୁକୁଡା ମାଂସ ବି ବଜାରରେ ମିଳୁନଥିଲା ଆଉ ଅଣ୍ଡା ବେଳେବେଳେ କେଉଁଠୁ କେଉଁଠୁ ସଂଗୃହୀତ ହୋଇଯାଉଥିଲା । ସେମାନଙ୍କୁ ଏକ ବଢିଆ ମାଂସ ଭୋଜି ପାଇଁ ଏ କୁକୁଡା ଉପହାରରେ ରବିକିରଣ ପିଲାଇ ଦେଇଥିଲା ।

କ୍ରମଶଃ.....


ସେକ୍ଟର-୩, ସଲ୍ଟଲେକ, କଲିକତା

@@@

ISSN NO.
2582-208X

ବେଦାନ୍ତି

# କୁଂଜବନର ନୀକୁଂଜ ବିହାରୀ



ଇଂ. ସୁଶାନ୍ତ କିଶୋର ବଳ

*ପୁର୍ଣ କହେ ନୀକୁଂଜବିହାରୀ*
*କରୁଥିଲେ କ୍ରୀଡା କୁଂଜବନେ.*
*ଆମୋଦ ପ୍ରମୋଦେ ମତ୍ତ ରହୁଥିଲେ*
*ରାଧାଂକ ସାଥେ ସହଚରୀଂକ ଗଣେ.*
*କୃଷ୍ଣ ନଜେଥିଲେ ଇଶ୍ୱରଂକ ଅଂଶ .*
*ନଥିଲା ତାଂକ କୁଚକ୍ରାନ୍ତ, ଘୃଣ୍ୟତା * *ବିଶେଷ.*
*ଅସୂୟା, ଅସହନଶୀଳତା ଅବା ତୁଚ୍ଛ ତତ୍ୱ.*
*କୃଷ୍ଣନାମେ ଥିଲା ଗଗନ ପବନ ମୁଖରିତ .*
*ସହନଶୀଳତାର ସେ ଥିଲେ ପ୍ରତୀକ .*
*ଭାତୃଭାବରେ ସେ ଥିଲେ ଅମାୟିକ .*
*ରାଧାଂକର ଯେତେ ସାଥି, ସହଚର*
*ସଭିଏଂତାଂକୁ ଦେଉଥିଲେ ସ୍ନେହ ଅନ୍ତରର.*
*ଅଭଦ୍ରତା ଅବା ଅଶାଳୀନତାର ନଥିଲା*
*ଛିଟା ଅବା ବିଦୁପିତ କାଳିମା .*

*ହେଲେ ଆଜିବି ଅଛି ଭରା କୁଂଜବନ*
*କିନ୍ତୁ ନାହାନ୍ତି ସେଥେ ପରମାତ୍ମା ଶ୍ରୀକୃଷ୍ଣ.*
*ଲୋଲୁପ ଚକ୍ଷୁର ଆବିଳତା ଭରା*

ISSN NO.
2582-208X

*ନୀଚ ମାନସିକତାର ଅଶାଳୀନେ ଯେତେ*
*ମାଡି ବସିଛନ୍ତୁ ଯେତେ କୁଂଜବନ .*
*ଲଜ୍ୟାଶୀଳା ନୀରୀର ଗ୍ରଜଗ୍ରସ୍ତେ*
*ଅସ୍ମୀତା ଦହନ, ଇଜ୍ଜତ ଲୁଂଠନ, ଅତ୍ୟାଗ୍ଚର, ଧର୍ଷଣ, ଚରହରଣ*
*ଦେଖିବାକୁ ମିଳେ ହର କୋଣକୋଣ .*
*ଆଜି ଯମୂନାକୂଳେ କଦମ୍ବଡାଳେ*
*ନଶୁଭେ ବଂଶୀର ତାନ, ନାଂ ମିଳେ*
*ଗୋପୀଂକ ବସ୍ତ୍ର ସ୍ନେହେ ଲୁଗ୍ଚଇବା*
*ନୀଦର୍ଶନ; ହଂ ଅଛିଯଦି କଛି ତେବେ*
*ସେଠିହେଲ୍ ଶୂନଶାନ ବସରେ*
*ବିଳମ୍ବିତ ଗ୍ରନ୍ଧୀରେ ଏକାକନୀ ନାରୀର*
*ସମ୍ମୁହିତେ ତୀକ୍ଷ୍ନ ଅସ୍ତ୍ରେ ଇଜ୍ଜତ ଲୁଂଠନ,*
*ବର୍ବରେ ତାକୁ ଉଲଗ୍ନକରି ତା ଲଜ୍ୟାକୁ*
*ଛିନଭିନ କରି ଯୌନପିପାସା ବିଫଳେ*
*ତା ଯୌନାଂଗକୁ ଶକ୍ତ ସାବଳେ ଖ୍ୟତାକ୍ତ*
*କରି ଗ୍ରଜଗ୍ରସ୍ତା କଡେ ଝଂକାଳଆ ବୁଦାମୂଳେ ଫିଂଗି ହାସ୍ୟଗ୍ରେଳେ ପଳାୟନ.*

*କୁଂଜବନର ପ୍ରତିଟି ଡାଳେ ଭଗ୍ ଏପରି*
*ଅନୁକଂପାହୀନ ରକ୍ତପିପାସୁ ହିଂସ୍ରକ ଦସ୍ୟୁ ଦାନବ.*
*ଆମ ତଥାକଥିତ ସଭ୍ୟ ସମାଜର*
*ବଡପଂଣ୍ଡା ଗଣେ ନଜ ଚକ୍ଷ୍ୟୁରେ*
*ସବୁଦେଖିବି କରନ୍ତୁ ନୀରବତା ଅବଲମ୍ବନ.*
*ଏହି ବିଚ୍ୱାରରେ କ 'ନଜେ ଭଲଥିଲେ*
*ଦୁନଆ ଭଲ, ଜାନ୍ ବଞ୍ଚିତୋ ଲ୍ଖୋଂପାଇ*
*ବାକ ଦୁନଆ ଭାଡମେଂ ଯାୟି' .*

ISSN NO.
2582-208X

*କୁଂଜବନ ଆଜି ଯାଇଛି ଲଜ୍ୟାରେ ଧ୍ଵଂସି*
*ଝଲସି ଯାଇଛି ଆଜି ହରିତବର୍ଣର ପର୍ଣ.*
*ଗ୍ରୀକ୍ ଦାର୍ଶନୀକ ସକ୍ରେଟିସଂକର* *ମତରେ-*
*'ଦିନ ଦ୍ଵିପ୍ରହରେ ଖୋଜୁଛି ଝୁରିଝୁରି*
*ଏକ ବିଶୁଧ୍ଵ ଭଦ୍ରମାନବକୁ, ରାଜରାସ୍ତେ ଲୁଂଠନଧରି'.*
*ନମିଳେ ଏଠି ଶାଳୀନତା, ଅମାୟିକତା ,*
*ଏଠି ଖାଲି ହୁଏ ହିଂସ୍ରତା, ବର୍ବରତା,*
*ଅର୍ବାଚୀନତା, ପରଦାରିକତାର* *ଭରାଭରା ଫସଲ ଅମଳ .*
*ମାନବଂକ କଥା ତ ନକହିଲେ ଭଲ ;*
*ସୂର୍ଯ୍ୟ, ଚଂଦ୍ର, ଗଗନ, ଶୈଳବି ଦେଖି* *
ରହୁଛନ୍ତ ନୟନସମ୍ମୁଖେ ଏ ଅମାନୁଷିକତା ଅଯୌକ୍ତକତା ଅଶାଳୀନତା ପଳପଳ.*
*ଫିରଭି ବାକହୀନ, ନୀରବ ସାଧକ* *କେବଳ ବିତରୁଛନ୍ତ ଦିବାସମୟେ*
*ଉଜ୍ଜ୍ଵଳରଶ୍ମୀ, ରାତ୍ରୀରେ ବିଚ୍ଛୁରିତ* *ଚାଂଦିନୀ;
ଆରେ ବଂଦକରିଦିଅନ୍ତୁ ନା ଦିନକପାଇଂ ତାଂକ ଲିଳାଖେଳା ;*
*ଦେଖିବ କକରି ଠପ୍ ହୋଇଯିବ*
*ଭେଡିଆଂକ ବର୍ବରତା, ପୈଶାଚକତା ର*
*ଘୃଣ୍ୟ ତାଂଡବ; ପୋକମାଛି ପରି*
*ରାସ୍ତାତଳେ ଲୋଟିବ ତାଂକ ଶରୀର.*
*ବଂଦ ହୋଇଯିବ ତାଂକ ପାଶାଖେଳ .*
*ଦୂଷ୍କର୍ମୀ, କୂଦର୍ମୀଂକ ହେବ ଦହନ,*
*ରାଜକରିବେ ସକ୍ରେଟିସ୍ଂକର ଆଦର୍ଶ ମାନବ ; ଫେରିଆସିବ ରାମରାଜ୍ୟ.*
*ଭରିଉଠିବ ଗାଢ ସବୁଜିମାରେ* *କୁଂଜବନ.*
*ନାଚଉଠିବେ ହସ୍ତେ ବାଂଶମୂରଲୀଧରି*
*ରାଧିକା ପ୍ରେମେ ଆପ୍ଳୁତ,ଅନସୂୟା*
*ବିପ୍ଳୁତ ଗିରିଧର ଗୋପାଳ ସ୍ଵୟଂ କୁଂଜବିହାରୀ ଶ୍ରୀକୃଷ୍ଣ .*

କଟକ

ISSN NO.
2582-208X

# ।ମନ।



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ମନରୁ ସୃଷ୍ଟି ଏ ସାରା ଜଗତ
ମନହିଁ ଆକାଶର ନୀଲିମା
ସାଗରର ଗଭୀରତା
ପ୍ରକୃତିର ସବୁଜିମା
ମାଟିର କୋମଳତା
ମନହିଁ ସୃଷ୍ଟି ସ୍ଥିତି ପ୍ରଳୟର  କାରଣ ।।

ମନରୁ ଝରିପାରେ ଶାନ୍ତିର ବୀଜ ମନ୍ତ୍ର
ମନ ବାଣ୍ଟି ପାରେ ସୁଖର ପସରା
ମନ ତୋଳି ପାରେ ସ୍ୱର୍ଗରୁ ପାରିଜାତ
ଫୁଟାଇପାରେ  ସମୃଦ୍ଧିର ଫୁଲ
ଖୋଲି ପାରେ ମୁକ୍ତିର  ଦ୍ୱାର
ପ୍ରାପ୍ତ ହୋଇପାରେ  ନିର୍ବାଣ
ଜାଗ୍ରତ କରିପାରେ ଅନ୍ତର ଆତ୍ମାକୁ

ISSN NO.
2582-208X

ରୋପଣ କରିପାରେ ଦେବତ୍ୱ ମାନବର
ଶରୀର ମଧ୍ୟରେ।।

ମନ ଚଞ୍ଚଳ ମନ ଗତିଶୀଳ
ମନ ବଳଶାଳୀ, କ୍ଷଣକେ ଅତିକ୍ରମେ
ତେର ନଇ ସାତ ସମୁଦ୍ର,
ଆଙ୍କିପାରେ ଶୁନ୍ୟର ଛାତିରେ ଚାରୁ  ଚିତ୍ରପଟ
ଜିତିପାରେ ଆକାଶ ପାତାଳ ଆଉ ମାଟି
ମନ  ଅଚିନ୍ତନୀୟ ସ୍ୱରୂପ ବିହୀନ
ସ୍ଥୂଳ ମଧ୍ୟରେ ସୂକ୍ଷ୍ମ ସତ୍ତାଟିଏ।।

ମନ ଯାଇପାରେ
ସାଧନାର ଶୀର୍ଷ ଦେଶକୁ
ଦର୍ଶନ କରିପାରେ ସତ୍ ଚିତ୍ ଆନନ୍ଦଙ୍କୁ
ଭିଜିପାରେ କରୁଣାମୟଙ୍କ
କରୁଣା ବର୍ଷାରେ,
ଚାଖିପାରେ ଅମୃତ ଆନନ୍ଦର ସ୍ୱାଦ।

ଶିକ୍ଷୟତ୍ରୀ, କେନ୍ଦ୍ରାପଡା

ISSN NO.
2582-208X

# ଅନୁକଂପା ପ୍ରାର୍ଥୀ



ଶାନ୍ତିଲତା ମିଶ୍ର

ତୁମର ସବୁ ନିଷ୍ପତ୍ତିକୁ
ମଞ୍ଜୁରି ଦେବାକୁ
ମୋ ପକ୍ଷେ ସମ୍ଭବ ତ
ହୋଇ ପାରୁ ନାହିଁ ।
ଯେପରି ମୋର
ସବୁ ଧୃଷ୍ଟତାକୁ
କ୍ଷମା କରିବାକୁ
ତୁମର ସାମର୍ଥ୍ୟ ନାହିଁ ।
ମୁଁ ଲୁପ୍ତ, ବିକ୍ଷିପ୍ତ ପରାସ୍ତ
ଆଜି ହୋଇଛି ତୁମ ଦ୍ୱାରସ୍ଥ
କାମନା ଆଣିଛି ଟାଣି
କିଛି ଆଶା ଭରଷା ନେଇ ।
ନିରାକରଣର ଶକ୍ତି
କେବଳ ତୁମରି ପାଖେରେ ଅଛି
କାନରେ ଏଯାଏ ଶୁଣି ଆସୁଛି
ଆଜି ଆଖିରେ ଦେଖିବାକୁ ଇଛା ଅଛି ।
କିଛି ଅନ୍ତରର ଲୁକ୍କାୟିତ କଥା
ଅହରହ ଦିଏ ବ୍ୟଥା
କହି ଶୁଣି ପ୍ରବୋଧନା ଦବାକୁ

ISSN NO.
2582-208X

ଏ ସଂସାରେ ତୁମ ବିନା କିଏ ନାହିଁ ।
ସେପାଇଁ ହୁଏତ ବାରମ୍ବାର ଆସି
ଦ୍ୱାରେ କରାଘାତ ଦେଇ
ଆଶ୍ୱାସନା କିଛି ପାଇବା ଆଶାରେ
ଅପେକ୍ଷା କରି ରହୁଛି ।
ସିଦ୍ଧାନ୍ତ ମୋର ଶେଷ ନିଶ୍ୱାସ ଥିବା ଯାଏ
ସେ ପାଦ ପଦ୍ମକୁ କରୁଥିବି ସ୍ମରଣ
ରଖଥିବି ବିଶ୍ୱାସ ଓ ଆସ୍ଥା
ନିଶ୍ଚୟ ତୁମେ କରିବ କିଛି ବ୍ୟବସ୍ଥା ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ସାରଥୀ



ଡକ୍ଟର ବିଜ୍ଞାନୀ ଦାସ

୨୦୨୨ ମସିହା, ନଭେମ୍ବର ୫ ତାରିଖ, ଅପରାହ୍ନ ।

ଗାଡି ସବୁ ଆଇ-୪୯୫ରେ ଏମିତି ଖୁନ୍ଦାଖୁନ୍ଦି ହୋଇ ଚାଲିଛି ଯେ ପିଂପୁଡି ଗଳିବାକୁ ଜାଗା ନାହିଁ । ତା' ଭିତରେ ଲୋକ ସବୁ ଏମିତି ଅଥୟ ହେଉଥାନ୍ତି ଯେ, ପୁରା ଡାହାଣରୁ ବାମ ପଟ ଲେନ୍‌କୁ ଓ ବାମ ପଟରୁ ଡାହାଣ ପଟ ଲେନ୍‌କୁ ଖାଲି ବଦଳାଉଥାନ୍ତି । ସେମାନଙ୍କର ହାବଭାବ ଦେଖି ଡର ଲାଗୁଥାଏ । ନିଶା ଖାଇକି ଗାଡି ଚଲାଉଛନ୍ତି ନା କଣ ମ ? କାହା ସହିତ କେତେବେଳେ ଯେ ପିଟି ହୋଇଯିବେ, ସେକଥା କହିହେବନି । କାହା କଥା ତ ଛାଡ, ନିଜ ଜୀବନ ଯିବାର ବି ସମ୍ଭାବନା । ହେଲେ ମଣିଷ କେତେ ସେମିତି ଥାଆନ୍ତି । ନିୟମ, ଶୃଙ୍ଖଳା ପାଇଁ ଜମା ପରବାହ ନାହିଁ । ୱାସିଂଟନ୍ ଡିସିକୁ ଘେରି ରହିଥିବା ଏ ଆଇ-୪୯୫ ରାସ୍ତାଟିରେ ଚାରିଟା ଲେନ୍ । କେତେବେଳେ କେଉଁଠି ସେ ନମ୍ବର ବଦଳିଯାଏ, ହେଲେ, ସେଇଟା ପ୍ରାୟତଃ ଚାରିଟା ଲେନ୍ ଅଧୀକାଂଶ ସମୟ ରହିଥାଏ ।

ଏବେ ସେଇ ଆଇ-୪୯୫ ରେ ଯାଉଥିଲେ ବିଜୁଳି, ତାର ସ୍ୱାମୀ ଅନିରୁଦ୍ଧ ଓ ଝିଅ ଆନି । ସେମାନେ ସମସ୍ତେ ଭର୍‌ଜିନିଆର ଆଲେକ୍‌ଜାଣ୍ଡ୍ରୀଆ ସହରରେ ରହୁଥିବା ବଡ ଝିଅ ମାନି ପାଖକୁ ଯାଉଥିଲେ । ଏବେ ଅନିରୁଦ୍ଧଙ୍କର ବି ସେମିତି ଝୁଙ୍କ ଆସିଲା । ସିଏ କହିଲେ, "ଦେଖେଦେଖେ ସିଏ କେମିତି ଏପଟସେପଟ ହୋଇ କେତେ ଆଗକୁ ଗଲାଣି । ଆମେ ଏ ଆଗଗାଡିର ପଛରେ ରହିଲେ ସେମିତି ବସି ରହିଥିବା ।' ଏମିତି କହି ସିଏ ବି ଡାହାଣ, ବାମ ହେବାକୁ ଲାଗିଲେ । ତାଙ୍କୁ ଦେଖି ବିଜୁଳି ହସିଲା । "ଏମିତି ହନି ଡ୍ରାଇଭର୍ ଭଳି

ISSN NO.
2582-208X

କଣ ହେଉଛ ?' - ବିଜୁଳି ଏମିତି କହିଲା ଓ ପୁଣି ହସିବାରେ ଲାଗିଲା । ତା ହସ ଦେଖି ଅନିରୁଦ୍ଧ ବିସ୍ମିତ ହେଲେ ଓ କାହିଁକି ହସୁଛୁ ବୋଲି ପ୍ରଶ୍ନ କଲେ । ଝିଅ ଆନି ବହି ପଢୁଥିଲା। ତାର ଧ୍ୟାନ ଭାଙ୍ଗିଗଲା ଓ ସିଏ ପ୍ରଶ୍ନ କଲା, "କଣ ହେଲାକି ? ହନି ଡ୍ରାଇଭର୍ କିଏ ?'

ସେମିତି ହସୁହସୁ ବିଜୁଳି କହିଲା, "ହନି ଡ୍ରାଇଭର୍ ଗୋଟିଏ ଦିନ ଆମର ସାରଥୀ ଥିଲା । ସିଏ ବି ଏମିତି ତୋ ପାପାଙ୍କ ଭଳି ଜିଦ୍ କରି ଅନ୍ୟମାନଙ୍କର ଗାଡିର ଗତି ବଢେଇବା ଦେଖି ନିଜ ଗାଡରି ଗତି ବଢେଇ ଦେଉଥିଲା ।'

ଆନି ବି ହସିଲା । "ସାରଥୀ ତ ରଥର ହୁଅନ୍ତି । ହେଲେ ତମ ଗାଡିର ସାରଥୀ ମାନେ କଣ ? ଡ୍ରାଇଭର୍ ତ ? ନା, ସିଏ ସତରେ ରଥ ଚଲାଉଥିଲା ?'

ସେମିତି ହସିହସି ବିଜୁଳି କହିଲା, "ହଁ, ସିଏ ସେ ଡ୍ରାଇଭର୍ । ହେଲେ ତାକୁ ଇଙ୍ଗିତରେ ଆମେମାନେ ସାରଥୀ ବୋଲି କହୁଥିଲୁ । ତାହେଲେ ତା' ବିଷୟରେ କଥାବାର୍ତ୍ତା ହେଉଥିଲେ ବି ସିଏ ଯେମିତି ବୁଝିପାରିବନି ।'

ବିଜୁଳିର ଯେତେଯେତେ ହନି ଡ୍ରାଇଭର୍ କଥା ମନେପଡିଲା, ସିଏ ସେତେ ହସିଲା । କିଛି ସମୟପରେ ଯେତେବେଳେ ହସ ଉପରେ ଟିକେ ନିୟନ୍ତ୍ରଣ ଆସିଲା, ସେତେବେଳେ ହନି ଡ୍ରାଇଭର୍ ବୃତ୍ତାନ୍ତ ଅଳ୍ପରେ ଶୁଣେଇ କହିଲା, "ମାନି ଘରେ ପହଞ୍ଚିଲେ ପୂରା କାହାଣୀ ଶୁଣେଇବି । ତାହେଲେ ମାନି ବି ଶୁଣିବ ।'

ହନି ଡ୍ରାଇଭର୍ ସହିତ ପରିଚୟ ହୁଏ ଅକ୍ଟୋବର ୧୭ ତାରିଖ, ସୋମବାର ଦିନ । ସେଇଦିନ ସେମାନଙ୍କର ଭୁବନେଶ୍ୱରରୁ ଭଦ୍ରକ ଯିବାର ଥିଲା । ସେଦିନଟି କାମ କରିବାର ଦିନ ଥିବାରୁ ଅଜୟ ଯାଇପାରିଲାନି । ତେଣୁ ସ୍ଥିର କରାଗଲା ଯେ ଗୋଟିଏ ଡ୍ରାଇଭର୍ ଯୋଗାଡ କରିବାକୁ ପଡିବ । ସିଏ ଅଜୟର ଗାଡି ଡ୍ରାଇଭ୍ କରି ବିଜୁଳି ଓ ବିଜୁଳିର ଭାଉଜ ନମ୍ରତାକୁ ନେଇ ଭଦ୍ରକ ଯିବ । କଟକରୁ ବିଜୁଳିର ଉପର ଯା'ଙ୍କୁ ବି ନେଇଯିବ । ମଙ୍ଗଳବାର ଦିନ ସମସ୍ତେ ପୁଣି ଫେରି ଆସିବେ ।

ISSN NO.
2582-208X

ଅଜୟର କାମର ଡ୍ରାଇଭର୍ ଗୋଟିଏ ଡ୍ରାଇଭର ବ୍ୟବସାୟ କରୁଥିବା କଂପାନୀ ମାଧ୍ୟମରେ ଜଣେ ଡ୍ରାଇଭର୍‌ଟିଏ ଯୋଗାଡ କରିଦେଲା । ସେ ଡ୍ରାଇଭର ପହଞ୍ଚୁ ପହଞ୍ଚୁ ସାଢେ ଦଶ ହୋଇଗଲା । ସେତେବେଳକୁ କଟକରୁ ଏମାନେ କେତେବେଳକୁ ବାହାରୁଛନ୍ତି ବୋଲି କଲ୍ୟାଣୀ ଅପା କେତେଥର ଫୋନ୍ କରିସାରିଲେଣି । ସେ ଡ୍ରାଇଭର୍‌କୁ ଦେଖି ପ୍ରଥମରେ ଗୋଟିଏ ଫୁଟ୍‌ବଲ୍ ଖେଳାଳି ବୋଲି ମନେହେଲା । ଉଚ୍ଚତା ପ୍ରାୟ ଛ ଫୁଟରୁ ଅଧିକ ହେବ। ହୃଷ୍ଟପୁଷ୍ଟ ଶରୀର । ବୟସ ୨୫, ତିରିଶ ଭିତରେ । ମୁହଁ ଗୋଲ । ଅଳ୍ପ କରି ଦାଢି ଥାଏ। ଜମା ହସୁନଥାଏ । ମୁହଁ ଗମ୍ଭୀର କରି ରଖିଥାଏ । ତା ହାବଭାବରୁ ସିଏ ଯେ ଗୋଟିଏ ଡ୍ରାଇଭର୍ ହୋଇଯିବ, ସେକଥାଟା ବିଶ୍ୱାସ ହେଲାନାହିଁ । ଅଜୟର ଡ୍ରାଇଭର ସେ ଡ୍ରାଇଭର୍‌ର ସମସ୍ତ ଦକ୍ଷତା ଓ ଡ୍ରାଇଭିଙ୍ଗ୍ ଲାଇସେନ୍‌ସ୍ ଆଦି ଚେକ୍ କରୁକରୁ ସେଠି ଚାଳିଶି ମିନିଟ୍ ବିତିଗଲା । ସେ ପର୍ଯ୍ୟନ୍ତ ସେ ସାରଥୀର କଂପାନୀରୁ କିଛି ଯୋଗାଯୋଗ ଆସୁନଥାଏ । ବିଜୁଳିକୁ ବି ବ୍ୟସ୍ତ ଲାଗିଲାଣି । ଯୋଜନା ଥିଲା ନଅଟାରୁ ବାହାରିବେ । ହେଲେ ଏବେ ଏଇଠିତ ବାରଟା ବାଜିଲାଣି । ଯାହାବି ହେଉ ଶେଷରେ ସବୁ କିଛି ଯାଞ୍ଚ ସରିଲା । ସେ ଡ୍ରାଇଭର୍‌କୁ ବେଶି ସ୍ପିଡରେ ଡ୍ରାଇଭ୍ ନ କରିବାକୁ ପରାମର୍ଶ ଦେଇ ଅଜୟ ଓ ଅଜୟର ଡ୍ରାଇଭର୍ ଏମାନଙ୍କୁ ବିଦାୟ ଦେଲେ ।

ଏମାନେ ପ୍ରଥମେ ଅଶୋକ ନଗରକୁ ଯିବାର ଥିଲା । ସେଠି ବୟନିକାରୁ ପର୍ଦ୍ଦ ସଂଗ୍ରହ କରିବାର ଥିଲା । ସେ ପର୍ଦ୍ଦ ବିଜୁଳି ଗତକାଲି କିଣାକିଣି କରିବା ସମୟରେ ସେ ଦୋକାନରେ ଛାଡି ଆସିଥିଲା । ହେଲେ ଓଡିଶା ହ୍ୟାଣ୍ଡଲୁମ୍ ବିଭାଗରେ ଥିବା ଅଧିକାରୀ ନମ୍ରତାର ସାଙ୍ଗ ଓ.ଏସ୍ ଅଫିସର୍ ଲୁନା ସହିତ କଥାବାର୍ତ୍ତା କରି ସେମାନେ ବୁଝାବୁଝି କରିଥିଲେ ଓ ସେଠିକାର ମ୍ୟାନେଜର ସେ ପର୍ଦ୍ଦକୁ ନିଜ ତତ୍ୱାବଧାନରେ ରଖିଥିଲେ । ଯିବା ବାଟରେ ଡ୍ରାଇଭର୍ ସହିତ କଥାବାର୍ତ୍ତା କରି ବିଜୁଳି ଯାହା ବୁଝିଲା, ତାର ନାମ ହେଲା ହନି। ସିଏ ସେ ନାମଟିକୁ ତା ହାତରେ ଟାଟୁ କରିଥିଲା । ସିଏ ତା ହାତକୁ ପୁରା କଳା ରଙ୍ଗର ଲମ୍ବା ହାତମୋଜାରେ ଢାଙ୍କି ରଖିଥାଏ । ବିଜୁଳି ପଚାରିଲା, "ହାତରେ ଏମିତି କାହିଁକି ପିନ୍ଧିଛ ?' ହନି କହିଲା, "ଏ ହାତକୁ ସୂର୍ଯ୍ୟ କିରଣରୁ ରକ୍ଷା କରିବା ପାଇଁ ।' ପରେ ନମ୍ରତା ମନ୍ତବ୍ୟ ଦେଇଥିଲା, "ଷ୍ଟାଇଲ୍‌କୁ ଦେଖ ।'

ISSN NO.
2582-208X

ଚେହେରାରୁ ଓ ହାବଭାବରୁ ହନି ପୁରା ଗୁଣ୍ଡା ଭଳି ଦିଶୁଥାଏ । ହେଲେ କଥା କହୁଥାଏ ବୋକାଙ୍କ ଭଳି । ତାକୁ ଗୁଗୁଲ୍ ମ୍ୟାପ୍‌ର ଠିକଣା ଦେଖି ଠିକଣା ସ୍ଥାନକୁ କେମିତି ଯିବାକୁ ହେବ ଜଣାନଥିଲା । ତେବେ ଓଡିଶାରେ ଆଜିକାଲି ସମସ୍ତ ଡ୍ରାଇଭର୍ ସେକଥା ଜାଣନ୍ତି । ସେଇ ଭୁବନେଶ୍ୱର ସହରରେ ବି ଅଶୋକ ନଗରର ବୟନିକାକୁ ଜିପିଏସ୍ ରେ ପକେଇ ସେ ଡ୍ରାଇଭର ଯାଇପାରିଲା ନାହିଁ । ନମ୍ରତାକୁ ଓ ବିଜୁଳିଙ୍କୁ ବାଟ ବତେଇବାକୁ ପଡିଲା । "ଇଏ କି ଡ୍ରାଇଭର୍ ହେଇଛି, ଭୁବନେଶ୍ୱରରେ କୌଣସି ସ୍ଥାନ ବି ଭଲରେ ଜାଣିନି । ଖଜୁରି ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ । ଇଏ ଆମକୁ ସତରେ ଭଦ୍ରକରେ ନେଇ ପହଞ୍ଚେଇବ କି ନାହିଁ ବିଶ୍ୱାସ ହେଉନି ।' ସେମାନେ ବୟନିକା ଭିତରକୁ ଯିବା ସମୟରେ ନମ୍ରତା ଏହି ମନ୍ତବ୍ୟ ଦେଲା । ବୟନିକାରୁ ପର୍ସ ସଂଗ୍ରହ କରି ସେମାନେ ପଟିଆ ପଟ ଦେଇ ପ୍ରଥମେ କଟକ ଗଲେ । ବାଟରୁ କଲ୍ୟାଣୀ ଅପାଙ୍କୁ ଫୋନ୍ କରିଦେଇଥିଲେ । କଲ୍ୟାଣୀ ଅପା ଯେଉଁଠି ରୁହନ୍ତି ସେଇଟା ଗଳି । ସେ ଗଳି ଦେଇ ଗୋଟିଏ ଗାଡି ଯିବା ଓ ଫେରିବାରେ ଅଧଘଣ୍ଟାଏ ବି ବିତିଯାଇପାରିବ । ତେଣୁ ସିଏ ଆସି କନିକାରୋଡ୍‌ର ସନ୍ ହସ୍‌ପିଟାଲ୍ ସାମନା ରାସ୍ତାରେ ଠିଆ ହୋଇଥିବେ ବୋଲି ଜଣେଇଲେ । ତିନି ଚାରିଥର ସେ ସନ୍ ହସ୍‌ପିଟାଲ ରାସ୍ତାରେ ବୁଲିବୁଲି ବି ସେମାନେ କଲ୍ୟାଣୀ ଅପାଙ୍କୁ ଦେଖିଲେନି । ତାପରେ ଫୋନ୍ କରିବାକୁ ଯାଉଛନ୍ତି ତ, ବିଜୁଳିର ନଜର ତାଙ୍କ ଉପରେ ପଡିଲା । ସେମାନେ ତାଙ୍କ ପାଖରେ ଗାଡି ରଖିଲେ । ସେଇଠି ଛକ ପାଖରେ ଗୋଟିଏ ଦୋକାନ ଥିଲା। ସେ ଦୋକାନରୁ କିଛି ମିକ୍ସର୍ ଓ ଆରିସା ପିଠା କିଣି ସେମାନେ କଟକରୁ ଭଦ୍ରକ ଅଭିମୁଖେ ଯାତ୍ରା ଆରମ୍ଭକଲେ ।

ପ୍ରଥମରୁ ହିଁ ସେ ଡ୍ରାଇଭର୍ ପ୍ରତି ନମ୍ରତାର ଭୁଲ୍ ଧାରଣା ହୋଇଗଲା । ଡ୍ରାଇଭର୍ ଯଦି ଠିକଣା ଧରି ନିଜେ ଗାଡି ଚଲେଇ ନେଇପାରିବନି, ସିଏ ତାହେଲେ କି ଡ୍ରାଇଭର୍ ? ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ରାସ୍ତା ବତେଇବା ଦାୟିତ୍ୱ ନମ୍ରତା ଓ ବିଜୁଳି ଉପରେ ପଡିଲା । ତାପରେ ସେ ହନି ଡ୍ରାଇଭର୍‌କୁ ଯେତେବେଳେ ଧୀର ଗତିରେ ଡ୍ରାଇଭିଂ କରିବାକୁ କୁହା ଯାଉଥିଲା, ସିଏ ଜୋରରେ ଚଲାଉଥିଲା । ଏମିତିରେ ନମ୍ରତା ଟିକେ ବିରକ୍ତି ଓ ଟିକେ ଅନୁରୋଧ କରି କହୁଥିଲା, "ତମେ ଏତେ ଜୋର୍‌ରେ କାହିଁକି ଚଲାଉଛ ? ଆମ ଘରକୁ ଫାଇନ୍ ପାଇଁ ବିଲ୍ ଆସିଯିବ ।'

ISSN NO.
2582-208X

ହେଲେ ସେ ହନି ଡ୍ରାଇଭର୍ କେତେବେଳେ ଶୁଣୁଥିଲା ତ କେତେବେଳେ ଶୁଣୁନଥିଲା । ସେଥିପାଇଁ ମନେମନେ ନମ୍ରତା ତା' ଉପରେ ରାଗୁଥିଲା । ଯେତେବେଳେ କଲ୍ୟାଣୀ ଅପା କଟକରୁ ବସିଲେ, ସିଏ ରାସ୍ତା ବତାଇବା ଦାୟିତ୍ୱ ନେଲେ । ଏବେ ନମ୍ରତା ଓ ବିଜୁଳି ଟିକେ ଆଶ୍ୱସ୍ତ ହେଲେ । କଟକରୁ ଭଦ୍ରକ ଯିବା କଲ୍ୟାଣୀ ଅପାଙ୍କର ଅଭ୍ୟାସରେ ପଡିଯାଇଛି । ପ୍ରତି ମାସରେ ଅନ୍ତତଃ ଦୁଇଥର, ତିନିଥର ତାଙ୍କର ଭଦ୍ରକ ଯିବାଆସିବା ହୁଏ । ତେଣୁ ସିଏ ଠିକ୍ ରାସ୍ତା ବତେଇ ନେଉଥିଲେ । ଏବେ ମଧ୍ୟାହ୍ନ ଭୋଜନ ସମୟ ବିତିଯାଇଥିଲା । ବାଟରେ ଗାଡି କେଉଁଠି ରଖିଲେ, ସେମାନେ ମଧ୍ୟାହ୍ନ ଭୋଜନ କରିପାରନ୍ତେ ଓ ଡ୍ରାଇଭର୍ ବି କିଛି ଖାଇପାରନ୍ତା ଏମିତି ଭାବି ଟାଙ୍ଗୀ ପାଖରେ ସେମାନେ କିଛି ସମୟ ରହିଲେ । ହେଲେ ସେ ରେଷ୍ଟୁରାଣ୍ଟ ଏମିତି ସଫା ନଥିଲା । ହନିର ସେଇଠି ଖାଇବାକୁ ଇଚ୍ଛା ହେଲା । ନମ୍ରତା ପଚାରିଲା, "କେତେ ଟଙ୍କା ପଡୁଛି ଏଠି ଖାଇବାକୁ ଯାଇ ବୁଝି ଆସ ।'

ହନି ଆସି କହିଲା, "ତିନି ଶହ ଟଙ୍କା ।'

ନମ୍ରତା ତାକୁ ତିନି ଶହ ଟଙ୍କା ଦେଲା । ସିଏ ଖାଇବାକୁ ଯିବା ପରେ ଏମାନେ ଗାଡି ଭିତରେ ବସି ରହିଲେ । କଲ୍ୟାଣୀ ଅପା ପଚାରିଲେ, "ସିଏ କଣ ଖାଇବ କି ତିନି ଶହ ଟଙ୍କା ନେଲା ? ଜଣା ପଡୁଛି ଏ ରେଷ୍ଟୁରାଣ୍ଟ ମହଙ୍ଗା । ନହେଲେ ସିଏ ମଟନ୍ ବିରିୟାନି ଖାଉଥିବ କି କଣ ?'

"ଯିବା ଆସିବା ବେଳେ ଗର୍ହିତ ଖାଦ୍ୟ ଖାଇବା କଣ ଭଲ ? ଯଦି ପେଟ ଗୋଳମାଳ ହେଲା ତ ?'

"ସେ ଡ୍ରାଇଭର୍ ମାନେ ସେମିତି । କିଛି ବୁଝନ୍ତିନି । ମାଗଣା ମିଳିଲେ, ଯାହା ନାହିଁ ତା' ଖାଇବେ । ପେଟ ଖରାପ ହେବା କଥା ତାଙ୍କ ମୁଣ୍ଡର ପଶେନି ।'

ହନିକୁ ଅପେକ୍ଷା କରିକରି ଅଧଘଣ୍ଟାଏ ପରେ ବିତିଗଲା । "ସିଏ ସେଠି କଣ କରୁଛି କି ? ଏତେ ସମୟ ଖାଉଛି ?' ତାକୁ ଦେଖିବାକୁ ବିଜୁଳି ଗାଡିରୁ ବାହାରିଲା ଓ ରେଷ୍ଟୁରାଣ୍ଟକୁ ଗଲା । ସେଠି ବିଭିନ୍ନ ରକମର ଖାଦ୍ୟ ସବୁ ରହିଥିଲା । ଶାକାହାରୀ ଥାଳି ୯୦ ଟଙ୍କା । ମାଛ, ମାଂସ ଖାଇଲେ, ୧୯୦ ଟଙ୍କା । ସେଠି ବିଜୁଳି ଦେଖିଲା ହନି ଖାଉଛି । ସିଏ ସେ

ISSN NO.
2582-208X

ରେଷ୍ଟୁରାଣ୍ଟରେ ଅନ୍ୟ କୋଣରେ ବସି ଖାଉଥିଲା । ବିଜୁଳି ଆସି ଏକଥା ନମ୍ରତା ଓ କଲ୍ୟାଣୀ ଅପାଙ୍କୁ ଜଣେଇଲା । "ଜଣାପଡୁଛି ହନି ଡ୍ରାଇଭର୍ ମନ ଭରି ଅଧିକ କିଛି ଖାଉଛି । ନହେଲେ ୩୦୦ ଟଙ୍କା କାହିଁକି କହିଲା ୯୦ ଟଙ୍କାରେ ତ ଖାଇପାରିଥାନ୍ତା ।'

ନମ୍ରତା ବି ରାଗିଗଲା । "ମତେ ପ୍ରଥମରୁ ହିଁ ସେ ଡ୍ରାଇଭର୍‌ଟା ଭଲଲାଗୁନି । ଏତେ ଜୋରେ୍‌ର ଗାଡି ଚଲାଉଛି ଯେମିତି କି କୋଉଠି ପିଟିଦେବ । ଏଣେ ୩୦୦ ଟଙ୍କାରେ ଲଞ୍ଚ୍ ଖାଇବ । ପୁଣି ୪୦ ମିନିଟ୍ ଖାଇବ ।'

ବିଜୁଳି ବୁଝେଇଲା, "ରାଗିଲ, ରାଗିଲ, ମନ ଭିତରେ ରାଗକୁ ଚପେଇକି ରଖ । ସିଏ ଯେମିତି ବାରି ନ ପାରିବ । ନହେଲେ ସିଏ ତ ଆମର ଡ୍ରାଇଭର୍ । ଆମ ରଥର ସାରଥୀ। ସିଏ ଯଦି କିଛି ଭୁଲ୍ ଭଟକା କରେ, କି ରାଗିଯାଏ, ଭୋଗିବା ଆମେ । ଅତଏବ୍ ତାକୁ କଥାବାର୍ତ୍ତାରେ ମଜେଇ, ବୁଝେଇ, ତା ସହିତ ଯିବାକୁ ପଡିବ ।

ନମ୍ରତା କହିଲା, "ମୋର ତ ରାଗ ବାହାରିଯିବ । ତମେ ତା' ସହିତ ଟିକେ ଭଲରେ କେମିତି କଥାବାର୍ତ୍ତା କରି ବୁଝାଅ ଯେ ସିଏ ଯେମିତି ଏତେ ସ୍ପିଡରେ ଗାଡି ନ ଚଲାଉ ।'

"ହୋଉ, ମୁଁ ସେ ଦାୟିତ୍ୱ ନେଲି ।' – ବିଜୁଳି କହିଲା ।

ଆରାମରେ ଖିଆଇଆ କରି ହନି ଡ୍ରାଇଭର୍ ଏବେ ଫେରିଲେ । ବିଜୁଳି ପଚାରିଲା, "ଖାଦ୍ୟ କେମିତି ଥିଲା ?'
ହନି କହିଲା, "ବହୁତ ସ୍ୱାଦିଷ୍ଟ ।'

ବିଜୁଳି ପୁଣି ପଚାରିଲା, "କଣ ସବୁ ଖାଇଲ ?'

"ମଟନ୍ ବିରିଆନି ।'

"ହଉ ଭଲରେ ଖାଇଲ, ସେଇଟା ତ ଭଲକଥା । ହେଲେ ଏମିତି ଗରିଷ୍ଠ ଖାଦ୍ୟ ଖାଇଲେ, ଟିକେ ହଜମ ହେବାକୁ ସମୟ ଲାଗେ । ଭଲଭାବେ ଏବେ ପାଣି ପିଅ । ଚାଲ ।'

ISSN NO.
2582-208X

ହନି ନିଜର ପାଣି ବୋତଲ ରଖିଥିଲା । ସେଥିରୁ ଢକଢକ କରି ପାଣି ପିଇଲା । ତାପରେ ଗାଡି ଷ୍ଟାର୍ଟ କଲା । ସେଠି ସବୁ ପାର୍କିଙ୍ଗ୍ ଏମିତି ଭାବେ ହୋଇଥାଏ ଯେ, ଗାଡି ବାହାର କରିବା ସହଜ ନୁହେଁ । ତଥାପି କିଛି ସମୟ ଚେଷ୍ଟା କରି ସେ ଗହଳିରୁ ଗାଡି ବାହାର କରି ପୁଣି ଭଦ୍ରକ ଅଭିମୁଖେ ସେମାନେ ଯାତ୍ରା କଲେ । ଗାଡି ଜାତୀୟ ରାଜପଥ ୧୬ରେ ଚାଲିଥାଏ । ବାଟରେ ବେଳେବେଳେ ବିଜୁଳିକୁ ନିଦ ଆସୁଥାଏ । ସିଏ ଢୋଳେଇ ପଡୁଥାଏ। ପୁଣି ଟିକେ ଚେଇଁ ଉଠି ଦେଖୁଥାଏ, ଠିକ୍ ଭାବେ ହନି ଗାଡି ଚଲାଉଛି ନା ନାହିଁ ।

ଏମିତିରେ ପ୍ରାୟ ତିନିଟା ବେଳକୁ ସେମାନେ ଭଦ୍ରକରେ ପହଞ୍ଚିଲେ । ହେଲେ ସେମାନେ ଯେଉଁ ପାର୍ଶ୍ୱ ରାସ୍ତା ନେଇ ମୁଖ୍ୟ ରାସ୍ତାରୁ ବାହାରିଥାଆନ୍ତେ ସେଇଟା ଅତିକ୍ରମ କରି ଚାଲିଗଲେ । ଯେତେବେଳେ ବୁଝିଲେ, ସେତେବେଳେ ମୁଖ୍ୟରାସ୍ତାରୁ ବାହାରି ଆସିଲେ । ହେଲେ ଜିପିଏସ୍ ଭୁଲ୍‌ଭାଲ୍ କହୁଥାଏ ଓ ସେମାନେ ଭୁତ ବୁଲେଇଲା ଭଳି ଏ ରାସ୍ତା, ସେ ରାସ୍ତା ହେଉଥାନ୍ତି । ଏମିତିକି କଲ୍ୟାଣୀ ଅପା ବି ଜାଣିପାରୁନଥାନ୍ତି । ଟିକେ ବାଟ ଯାଇ ଯାହାକୁ ଦେଖୁଥାନ୍ତି, ପଚାରୁଥାଆନ୍ତି, "ଟିକେ କହିବ କି ଭଦ୍ରକ କଲେଜ ଯିବାକୁ କେଉଁ ରାସ୍ତା ।' ସେମାନେ ବତାଉଥାଆନ୍ତି, "ସେ ଡାହାଣକୁ ଯିବ, ତାପରେ ବାମକୁ ଯାଇ ଟିକେ ଆଗରେ ପୁଣି ଡାହାଣକୁ ନେବ । କେମିତି ହୋଇ ସେମାନେ କୌଣସି ମତେ ନଣନ୍ଦଙ୍କର ଘରେ ପହଞ୍ଚିଗଲେ । ହେଲେ ସେମିତି ଗଳି ସମସ୍ୟା । ନଣନ୍ଦଙ୍କ ଘର ଗଳିରେ ଗାଡି ପଶିବା, ବାହାରିବା ବଡ ହଟହଟା କଥା । ତେଣୁ ସେମାନେ ହନି ଡ୍ରାଇଭର୍‌କୁ ଗଳି ବାହାରେ ଅପେକ୍ଷା କରିବାକୁ କହିଲେ । "ଆମେ ଘଣ୍ଟାଏ ପରେ ଫେରିବୁ । ତମେ ଏଠି ଗାଡି ରଖି ଅପେକ୍ଷା କର । ବୁଲାବୁଲି କର ।'

ନମ୍ରତା ହନିର ଫୋନ୍ ନମ୍ବର ରଖିଲା । ସେମାନେ ସମସ୍ତେ ଗାଡିରୁ ବାହାରି ଚାଲିଚାଲି ଗଳି ଭିତର ରାସ୍ତାରେ ପଶିଲେ ଓ ନଣନ୍ଦଙ୍କ ଘରେ ପହଞ୍ଚିଲେ । ସେଇଠି ଖିଆପିଆ ହେଲା। ଗପଶପ ହେଲା । ହେଲେ ସେଇଠି କଲ୍ୟାଣୀ ଅପା ପ୍ରଶ୍ନଟିଏ ଉଠେଇଲେ -"ଆଜି ରାତିରେ ହନି ଡ୍ରାଇଭର୍ କେଉଁଠି ରହିବ କହିଲୁ ?'

"ଅନ୍ୟ ଡ୍ରାଇଭର୍ ମାନେ ଯିଏ ଆସନ୍ତି, ସେମାନେ ସବୁ କେଉଁଠି ରହନ୍ତି ? ସିଏ ସେମିତି ରହିଯିବ ?'

ISSN NO.
2582-208X

"ଅନ୍ୟ ଡ୍ରାଇଭର୍ ମାନେ ପ୍ରାୟତଃ ସବୁ ଏ ପାଖାପାଖି ଗାଁର । ନହେଲେ ସେମାନେ ସ୍କୁଲରେ ରହିଯାଆନ୍ତି । ହେଲେ ଇଏ ତ ନୂଆ, ଏମିତିରେ ଅଜଣା ବି । ଆମେ ଘରେ ପହଞ୍ଚୁପହଞ୍ଚୁ ରାତି ହୋଇଯିବ । ସେତେବେଳେ ତାକୁ ସ୍କୁଲ୍ ରେ ଥଇଥାନ କରେଇଦେବାକୁ ଘରେ କେହି ନଥିବେ । ଆମ ଘର ଭିତରେ ରଖେଇବାକୁ ଭାଇ ଡରୁଛନ୍ତି । ତାପରେ ଘର ଭିତରେ ରହିଲେ, ଅଲଗା ବାଥ୍‌ରୁମ୍ ନାହିଁ ଶୌଚ ହେବାକୁ । ଘର ଭିତରୁ ବାହାରି ଆସି ବାହାରକୁ ଯିବାକୁ ପଡିବ ।'

ଉପରୋକ୍ତ କଥାଟି ବହୁତ ଥର ଭାବିଛି ବିଜୁଳି । ଅନେକ ଥର ସେମାନେ ଯେଉଁଆଡେ ଯାଆନ୍ତି, ଡ୍ରାଇଭର୍ ଟିଏ ନେଇ ଯାଆନ୍ତି । ବେଳେବେଳେ ନିଜ ଗାଡି, ବେଳେବେଳେ ଭଡାଗାଡି । ସେମାନେ ବନ୍ଧୁବାନ୍ଧବଙ୍କ ଘରେ ରୁହନ୍ତି । ହୋଟେଲରେ ରୁହନ୍ତି । କିନ୍ତୁ ଡ୍ରାଇଭର୍ ମାନେ ଗାଡି ଭିତରେ ଶୁଅନ୍ତି । ବେଳେବେଳେ ଅବଶ୍ୟ ହୋଟେଲ୍ ସବୁ ସେମାନଙ୍କୁ ଶୌଚାଳୟ ବ୍ୟବହାର କରିବାକୁ ଦିଅନ୍ତି, ହେଲେ ସେମାନଙ୍କ ବିଶ୍ରାମ ବିଷୟ ଭାବି ବିଜୁଳି ଅନେକ ସମୟରେ ବ୍ୟସ୍ତ ହୁଏ । ଡ୍ରାଇଭର୍ ହିଁ ତ ସାରଥୀ । ତାର ଭଲରେ ନିଦ ହେବା ଉଚିତ । ତାର ସ୍ୱାସ୍ଥ୍ୟ ଭଲ ରହିବା ଉଚିତ । ତାର ମନ ଭଲ ରହିବା ଉଚିତ। ଏସବୁ ଭଲ ରହିଲେ ସିନା ସିଏ ତାର ଯାତ୍ରୀମାନଙ୍କୁ ସୁରକ୍ଷା ଦେଇ, ଭଲରେ ଭଲରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବ ? ହେଲେ ଡ୍ରାଇଭର୍ ଯଦି ଭଲରେ ନ ଶୁଏ, ଭଲରେ ନ ଖାଏ, ଭଲ ପରିବେଶରେ ନ ରୁହେ, ତେବେ ଯାତ୍ରୀମାନଙ୍କ ସୁବିଧାର ଯତ୍ନ କିଏ ନେବ ? ଆମେରିକାରେ ସିନା ସବୁ ଯାଗାରେ ଗ୍ୟାସ୍ ଷ୍ଟେସନ୍ ଥାଏ । ଚବିଶି ଘଣ୍ଟା ଖୋଲା ରହୁଥିବା କିଛି ଦୋକାନ ମଧ୍ୟ ଥାଏ । ତେଣୁ ଡ୍ରାଇଭର୍ ମାନଙ୍କୁ କି ଯାତ୍ରା କରୁଥିବା ଲୋକଙ୍କୁ କିଛି ସେସବୁ ଭାବିବାକୁ ପଡେନି । ହେଲେ ଏବେ ଗାଁରେ ଏସବୁ ତ ସମ୍ଭବ ନୁହେଁ । ଏବେ ହନି ଡ୍ରାଇଭର୍‌କୁ ନେଇ ସମସ୍ୟା ଉପୁଜିଲା । କଣ କରାଯିବ କିଛି ଉପାୟ ଜୁଟୁନଥିଲା । ସେପଟୁ ଅଜୟ ଫୋନ୍ କରି ଆଉ ଗୋଟିଏ ପ୍ରସ୍ତାବ ଦେଉଥିଲା । "ହନିକୁ ଭଦ୍ରକରେ ବସ୍ ରେ ବସେଇ ଦିଅ । ସିଏ ଭୁବନେଶ୍ୱର ଫେରିଆସୁ । ମୋ ଡ୍ରାଇଭର୍ ବସ୍ ରେ ଯିବ ଓ କାଲି ତମମାନଙ୍କୁ ଧରି ଫେରିବ ।'

ISSN NO.
2582-208X

ଅଜୟର ଏ ପ୍ରସ୍ତାବ ମୂଳରେ ଦୁଇଟା କାରଣ ଥିଲା । ସିଏ ଜୋରରେ ଗାଡି ଚଲାଉଥିବାରୁ ନମ୍ରତା ତାକୁ ଜମା ପସନ୍ଦ କରୁନଥିଲା । ଦ୍ଵିତୀୟରେ ଏ ଭଳି ଅସୁବିଧା । ସିଏ କୋଉଠି ରାତିରେ ରହିବ, ସେ ବିଷୟରେ ଚିନ୍ତା । କଲ୍ୟାଣୀ ଅପା ଏବେ ମଝିଆଁ ଭାଇଙ୍କୁ ଫୋନ୍ କଲେ । ମଝିଆଁ ଭାଇ ବି କୌଣସି କାମକୁ ନେଇ ସେଦିନ କଟକରୁ ଭଦ୍ରକ ଆସିଥିଲେ ଓ ସେ ରାତିରେ ଫେରିବାର ଥିଲା । ସିଏ ତାଙ୍କ ଡ୍ରାଇଭର୍ ସାଥୀରେ ଆସିଥିଲେ । ତାଙ୍କ ଡ୍ରାଇଭର୍ ବହୁତ ଦିନର ପୁରୁଣା ଓ ସିଏ ଗାଁର ଗଳିକନ୍ଦି ସବୁ ଜାଣିଛି । ଅତଏବ ସ୍ଥିର କରାଗଲା ଯେ ସାରଥୀ ପରିବର୍ତ୍ତନ କରାଯିବ।

"ସେଇଟା କେମିତି ହେବ ?'

"ଆମେ ଯେତେବେଳେ ବଡଅପାଙ୍କ ପାଖକୁ ଯିବା, ମଝିଆଁ ଭାଇ ସେଇ ସମୟରେ ଆସି ସେଠି ପହଞ୍ଚିବେ । ତାଙ୍କ ଡ୍ରାଇଭର୍ ଆମକୁ ଏ ଗାଡିରେ ନେଇ ଗାଁକୁ ଯିବ । ହନି ଡ୍ରାଇଭର୍‌କୁ ନେଇ ସେମାନେ କଟକ ଯିବେ । ସେଇଠି କଟକ ବସ୍‌ଷ୍ଟାଣ୍ଡରେ ଭୁବନେଶ୍ୱରକୁ ଟିକେଟ୍ କରେଇ ତାକୁ ବସ୍ ରେ ବସେଇଦେବେ । ଆଉ ତାର ଅନ୍ୟାନ୍ୟ କଥା ସବୁ ଅଜୟ ବୁଝାବୁଝି କରିବ ।'

"ବାପ୍ ରେ, ଇଏତ ନାସାର ସେଟ୍‌ଲାଇଟ୍ ପ୍ରୋଜେକ୍ଟ, ଭଳି ଲାଗୁଛି । ତେବେ ଯାହାହେଉ ଗୋଟିଏ ସମାଧାନ ତ ଅଛି ।" - ବିଜୁଳି ମନ୍ତବ୍ୟ ଦେଲା ।

ନମ୍ରତା କହିଲା, "ଭଲ ହେଲା । ସେ ହନି ଡ୍ରାଇଭର୍ ଯାଉ । ମାଲୋ, ତାକୁ ତ ଦେଖିଲେ ଡର ଲାଗୁଥିଲା । ହେଲେ ଚେହେରାଟା ଏମିତି ସିନା ପାଇଛି, ଅକଲ ପୂରା ଜିରୋ ।'

ସେମାନେ ଖିଆପିଆ ସାରି ପାଞ୍ଚଟା ବେଳକୁ ନଣନ୍ଦଙ୍କର ଘରୁ ବାହାରିଲେ । ଗଳି ପାରକରି ଦେଖିଲେ ଗାଡି ଅଛି । ହନି ଡ୍ରାଇଭର୍ ବାହାରେ ଚଲାବୁଲା କରୁଥିଲା । ଏମାନଙ୍କୁ ଦେଖି ଗାଡି ପାଖକୁ ଆସିଲା । ଗାଡିରେ ବସି ସେମାନେ ବାଇପାସ୍ ଛକ ଆସିଲେ । ସେଇଠି ପହଞ୍ଚିବା ପରେ, ନମ୍ରତା ଅଜୟକୁ ଫୋନ୍ କଲା । ଅଜୟର ଡ୍ରାଇଭର୍ ହନିକୁ ଡାକି ସବୁକଥା ବୁଝେଇଦେଲା ଓ ପଇସାପତ୍ର କଥା ଭୁବନେଶ୍ୱରରେ ଛିଡେଇବ ବୋଲି କହିଲା ।

ISSN NO.
2582-208X

ପାଞ୍ଚମିନିଟ୍ ପରେ ମଝିଆଁ ଭାଇ ପହଞ୍ଚିଲେ । ଡ୍ରାଇଭର୍ ଅଦଳବଦଳ କରାଗଲା । ଏବେ ମଝିଆଁ ଭାଇଙ୍କ ଡ୍ରାଇଭର୍ ବନୁଆ ସେମାନଙ୍କୁ ଡ୍ରାଇଭ୍ କରି ଗାଁକୁ ନେଇଗଲା । ହନି ଡ୍ରାଇଭର୍ ମଝିଆଁ ଭାଇଙ୍କ ଗାଡି ଡ୍ରାଇଭ୍ କରି କଟକ ନେଇଗଲା । ମଝିଆଁ ଭାଇଙ୍କ ସହିତ ଆଉ ଜଣେ ସଂପର୍କୀୟ ମଧ୍ୟ ଥିଲେ ।

ଗାଁରେ ପହଞ୍ଚିବାର ଦୁଇଘଣ୍ଟା ପରେ ମଝିଆଁ ଭାଇ ଫୋନ୍ କରି ଜଣେଇଲେ ଯେ ସେମାନେ ହନି ଡ୍ରାଇଭର୍‌କୁ ବସ୍ ରେ ବସେଇ ଦେଇଛନ୍ତି ଓ ଭଲରେଭଲରେ କଟକ ଘରେ ପହଞ୍ଚି ଯାଇଛନ୍ତି ।

ଗାଁରେ ତିନି ଯାଆ ଓ ନମ୍ରତା ରାତ୍ରଭୋଜନ ସମୟରେ ସେ ହନି ଡ୍ରାଇଭର୍‌ର ନକଲ କରି ବହୁତ ହସିଲେ, ମଜା କଲେ । ସକାଳରୁ ପରିସ୍ଥିତିରେ ଏତେ ସବୁ ଜଟିଳତା ଆସିଲା । ହେଲେ ସେସବୁ ଜଟିଳତା ପୁଣି ସରଳ ହୋଇଗଲା । କାରଣ ବନୁଆ ତ ଚିହ୍ନା ଡ୍ରାଇଭର୍ । ତାକୁ ନେଇ କିଛି ଚିନ୍ତିତ ହେବାର ନାହିଁ ।

ସେଦିନ ସେମାନେ ନିଶ୍ଚିତ ମନରେ ଶୋଇଲେ । ବନୁଆ ଏମାନଙ୍କୁ ଘରେ ଛାଡି, ସ୍କୁଲ୍‌କୁ ଶୋଇବାକୁ ଚାଲିଗଲା । ବଡ ଭାଇ ମନେ ପକେଇଦେଲେ, "ସମସ୍ତେ ଶୀଘ୍ର ଉଠିବ । ସାଢେ ଚାରିଟା ବେଳେ ଠାକୁରଙ୍କର ମଙ୍ଗଳ ଆଳତୀ ହେବ ।'

ବିଜୁଳି କହିଲା, "ନମ୍ରତା, ସେଲ୍‌ଫୋନ୍ ରେ ଟାଇମର୍ ଦେଇଦିଅ । ଠାକୁର ଆଜି ଆମର ଏତେ ମଙ୍ଗଳ କରିଛନ୍ତି ଯେ, ତାଙ୍କ ଋଣ ସୁଝିହେବନି । ଅନ୍ତତଃ ମଙ୍ଗଳ ଆଳତୀରେ ଯୋଗ ଦେଇ ତାଙ୍କୁ କୃତଜ୍ଞତା ଜଣେଇବା ।'

ମାନିର ଘରେ ପହଞ୍ଚି ଉପରୋକ୍ତ କାହାଣୀ ବିଜୁଳି ଯେତେବେଳେ କହୁଥିଲା, ସମସ୍ତେ ତାକୁ ଆଗ୍ରହର ସହିତ ଚାହିଁଥିଲେ । ଏମିତିକି କାହାଣୀ ଶେଷ ବେଳକୁ ମାନିର ଚାରିମାସର ପୁଅ ତା' ବାଳୁତ ଭାଷାରେ ଶବ୍ଦ କରି ହସିଲା ।

ରଦରେ୍‌ଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଗତ୍ୟନ୍ତର




ଗୁରୁକଲ୍ୟାଣ ମହାପାତ୍ର

ପେପରରୁ ହେଉ ବା ରେଡ଼ିଓରୁ
ନଚେତ ଟିଭିରୁ ହେଉ ପଛେ
ନିଉଜ ଶୁଣିବା ଏକା ବେଳକେ
ବନ୍ଦ କରିଦିଅ, ବନ୍ଦ କରିଦିଅ।
ପ୍ରକୃତରେ ପରସ୍ପରର ନିଉଜ ଭିତରେ
ତାଳମେଳ କିଛି ରହୁନାହିଁ।
ପୁଣି ବେଳେବେଳେ ତ ଏକାପରି
ସେଇସବୁ ଚାଂଚଲ୍ୟ ସୃଷ୍ଟି କରୁଥିବା
ପ୍ରେମ, ବିବାହ, ବିରହ, ହତ୍ୟା, ଅପହରଣ
ଚୋରି, ଡକାୟତି ଆଉ ବଳତ୍କାରର
ଅଦ୍ଭୁତ ଘଟଣାମାନ--
ଖୁବ ମନୋଟନସ, ଆହୁରି
ବିରକ୍ତିକର।

ISSN NO.
2582-208X

କିଛି ଜରୁରୀ ଘଟଣା ଜାଣିବତ
ମୋବାଇଲକୁ ଅନ କରିଦେଇ
ୟୁ ଟିଉବ କିମ୍ବା ୱେବ ଚାନେଲର
ଆଶ୍ରୟ ନିଅ ।

ତଥାପି ମିଥ୍ୟାର ଭାଷଣବାଜି
ବ୍ୟଭିଚାରର  କଦର୍ଯ୍ୟ କାହାଣୀରେ
ଅଯଥା ଲୋକଙ୍କୁ ଆକୃଷ୍ଟ କରିବାର
ବୃଥା ଚେଷ୍ଟା ଥିବ ।
ଆଉ ନାହିଁ ଗତ୍ୟନ୍ତର, ଗତ୍ୟନ୍ତର
ହେ ଈଶ୍ୱର ବାଟ ବତାଅ ।

ଭୁବନେଶ୍ୱର,ଫୋନ:୯୪୩୭୦ ୧୨୧୨୩

ISSN NO.
2582-208X

# ଭୂଲୁଣ୍ଠିତ ପଦ୍ମାବତୀ



ମଧୁମିତା ମିଶ୍ର

ପଦମ ଫୁଲିଆ ମୁହଁଟି ତାହାର ସତେକ ସତେଜ ଉତ୍ପଳ...
କୋମଳ ପାଖୁଡ଼ା ପରି ତା' ଅଙ୍ଗୁଷ୍ଠି କ ସୁନ୍ଦର ସୁକୋମଳ...!!
ପଦୁଅଁ କଢ଼ି ସମ ତା' ପାପୁଲି...ପାପୁଲି ରେଖାରେ ସ୍ୱପ୍ନ...
ହସିଦେଲେ ସେ ଯେ ଲାଗେ ହସିଦେଲା...ସତେକ ପୁନଅଁ ଜହ୍ନ...!!

ମୋତି ପରି ଦାନ୍ତ ଖେଳେ ଯେ ଭଉଁରୀ ଗଣ୍ଡର ଦେଶରେ ତା'ର...
ଲକ୍ଷେ ତାରକାର ସମଷ୍ଟି ଦେଖାଏ ତା' ସରୁ କଜ୍ୱଳର ଗାର...!!
ଉଦିତ ଭାନୁର ଲାଲିମା ଗ୍ଭେରେଇ ମଥା ତା' ରଙ୍ଗୀନ ହୁଏ...
ଅସ୍ତାଚଳ ରବି ଜାନୁପାତି ବୋଧେ ତା' ଅଧର ଉପରେ ଶୁଏ...!!


ବିଶ୍ୱାସ ସୂତାରେ ପ୍ରେମ ଗୁନ୍ଥଦେଇ ଜେମା ସେ ସୌଭାଗ୍ୟବତୀ...
ମୁଣ୍ଡ ନୋଇଁ ଦେଇ ନଜର ଘୋଡ଼େଇ ଆସେ ନେଇ ହୃଦେ ପ୍ରୀତି...!!
ସମର୍ପି ନଜକୁ ପୂର୍ଣ୍ଣ କରେ ଜନ୍ମ ସବୁ ସୁଖଦୁଃଖ ହସିଦେଇ...
ପଦ୍ମ ପରେ ଯେହ୍ନେ ଲୌହ ଚଢ଼ିଯାଏ ଦଇବ ଯାତନା ସହି...!!

ଦେଖାଯାଏ ପରେ ଅପାଙ୍କ୍ତେୟ ଶବ ପନ୍ତଶ ଖଣ୍ଡରେ କଟେ...!!
ଅବା ହୋଇ ପଦ୍ମ ଅଲୋଡ଼ା ଅଦେଖା ଧର୍‌ବକ୍ଷେ ସଢ଼ି ଲୋଟେ...!!

ଭୁବନେଶ୍ୱର

ISSN NO.
2582-208X

# ନୂଆ ବର୍ଷ



ମୈତ୍ରେୟୀ କମିଳା

ସହଜ ସରଳ ଭାବ ରେ
ଆଜି ମଧ୍ୟ ପୃଥିବୀ ଘୂର୍ଣ୍ଣୟମାନ
ସୂର୍ଯ୍ୟ ଙ୍କର ଆତଜାତ
କୁହୁଡି ର ଘନ ଆସ୍ତରଣ ଭିତରେ
ରହି ରହି ପାଦ ମାଡୁଛି ସକାଳ
ଅନ୍ଧାର କୁ ବାଟକଢେଇ ନେଇଛି ସକାଳ
ମନ୍ଦିର ର ଘଣ୍ଟାରେ
ଓଁକାର ମନ୍ତ୍ର ଧ୍ୱନୀ ରେ,

ଜହ୍ନ ଟା ଧୀରେ ଧୀରେ
ଓହ୍ଲେଇଯାଇଛି
ପୋଖରୀ କୂଳ ରୁ
ପାହାନ୍ତିଆ ତାରା ମିଟ ମିଟ କରୁଛି
ଚାଳ ଉପରେ
ଝରା ଫୁଲ ଉପରେ କାକର ବିନ୍ଦୁରେ
ମୁକ୍ତା ର ଭ୍ରମ

ISSN NO.
2582-208X

ଏସବୁ  କାଲି ଥିଲା
ଆଜିମଧ୍ଯ ଅଛି
ଆସ ଆଜି ଭେଟିବା ନୂଆବର୍ଷ କୁ

ଏଇ ତ ଏବେ ଏବେ
ପୁରୁଣା ବର୍ଷ ଅପସରି ଗଲା
ଦେଇଗଲା ମୁଠା ମୁଠା ତାଜା ପଣ  ର ସ୍ମୃତି
ଆସ ଆମେ ଶୁଭମନାସିବା
ଆମ କଢ଼ ର ପୃଥିବୀ କୁ ॥

ମୈତ୍ରେୟୀ କମିଳା
ନଭି ମୁମ୍ବାଇ

ISSN NO.
2582-208X

# ହୃଦୟ



ପୁଷ୍ପାଞ୍ଜଳି ପଣ୍ଡା

ହୃଦୟ ହୀନକୁ ହୃଦୟ ଭିତରେ
ଯାଗା ଦେଇଥିବା ହୃଦୟ ଟିଏ
ଅଭିମାନ ଅଭିଯୋଗ ବୁଝେନା ସେ
ହୃଦୟ ଭାଙ୍ଗିବା ନଷ୍ଟୟ ହୁଏ।।

ଭରସା ପାଉନ ବିଶ୍ୱାସ ଆସୁନ
ନିଶ୍ୱାସ ମାରିବା ସହଜ ନୁହେଁ
ଅନ୍ତରାୟ ସୃଷ୍ଟି କରୁଛି ହୃଦୟ
ଜୀବନ ହାରିବା ହାତେ କ ଥାଏ!।।

ଲଫାପାରେ ବନ୍ଧା ପଡ଼ିଛି ଅତୀତ
ଫିଟାଇ ଦେଖିବା ସମ୍ଭବ ନୁହେଁ
ସ୍ମୃତି ଫରୁଆ ରୁ ଜୀବନ ନାଟିକା
ଉଅଁର ଖୋଜିବା ସତେ କ ହୁଏ! ।।

ISSN NO.
2582-208X

ଭାସିଛି  ବୁଡିଛି ସ୍ୱପ୍ନ ର ତରୀ
କୂଳ କୁ ଫେରିବା ଅଜଣା ଥାଏ
ସମୟ ସାଗର ବେଳାଭୂମୀ ପରେ
ଯେତେ ଡାକୁଥିଲେ ଶୁଣା କ ଯାଏ!  ।।

ଜାଣିଛି ବୁଝିଛି ଥରୁଟେ ମିଳଛି
ମଣିଷ ଜୀବନ ଅପୂର୍ବ ପ୍ରାଏ
ତଥାପି ହୃଦୟ ଭାଙ୍ଗିଗଲା ପରେ
ଜୀଇଁ ଥାଉ ଥାଉ ମରଣ ହୁଏ।।

କେନ୍ଦ୍ରାପଡ଼ା

ISSN NO.
2582-208X

# ସମର୍ପଣ



ଡ଼ ସୁନନ୍ଦା ମିଶ୍ର ପଣ୍ଡା

ପୃଥିବୀ ପୃଷ୍ଠରେ ଯିଏ ଜନ୍ମ ନଏ, ତା'ର ମୃତ୍ୟୁ ସୁନିଶ୍ଚିତ । ମଣିଷ ଏକମାତ୍ର ପ୍ରାଣୀ । ଏହି ଜଗତରେ କେଉଁଟା ଭଲ, କେଉଁଟା ମନ୍ଦ ସେ ବୁଝିପାରେ । ତଥାପି ରାଗ, ଦ୍ୱେଷ, ଈର୍ଷା, ଲୋଭ ଆଦି ସାଂସାରିକ ମାୟା ମୋହରେ ମଜ୍ଜି ହୋଇ ରହିଥାଏ ।

ସେଦିନ ରାତିରେ ମୁଁ ମୃତ୍ୟୁକୁ ଭେଟିଥିଲି । କାନାଡ଼ାର ନିଶବ୍ଦ ହାଡ଼ଭଙ୍ଗା ଶୀତ ରାତି । ଧୀରେ ଧୀରେ ମୃତ୍ୟୁ  ମୋ ପାଖକୁ ଆସିଲା, ପାଖରେ ସ୍ୱାମୀ ଶୋଇଥିଲେ ବି ତାଙ୍କୁ ଆଢୁଆଳ କରି ତା'ର ଶକ୍ତ ପାପୁଲିରେ ମୋ ହାତଟିକୁ ଜୋରରେ  ଜାବୁଡ଼ି ଧରିଲା; କିନ୍ତୁ ମୋ ସାଥିରେ "ମୋ ପ୍ରାଣର ନାଥ  - ଶ୍ରୀଜଗନ୍ନାଥ" ସାଙ୍ଗରେଅଛନ୍ତି । ମୋ ପାଟିରୁ ଜୋରରେ  ବାହାରି ପଡ଼ିଲା - "ନିରାଶ୍ରୟ ମାଂଜଗଦୀଶ ରକ୍ଷ ।" ମୁଁ ଭାରତ ଯାଇ ପୁରୀରେ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିବି ବୋଲି କେବେଠୁ ମନ କରିଥାଏ । ଭାରତ ଯିବାର ଟିକେଟ୍ ମଧ୍ୟ କରି ସାରିଥାଏ । ତା' ପୂର୍ବରୁ କେମିତି ଏହି କ୍ଷଣ ଭଙ୍ଗୁର ଦେହଟା ଛାଡ଼ି ଦେବି? ବୋଧେ ମହାବାହୁଙ୍କର ଇଚ୍ଛା ଅଲଗା ଥିଲା । ସିଏ ମୋତେ ଛାଡ଼ିଲେନି । ମୃତ୍ୟୁ ଫେରିଗଲା । କେହି ବିଶ୍ୱାସ କରିବେନି ବୋଲି ମୋ ହାତରେ ତା'ର ପାପୁଲିର ଚିହ୍ନ ଛାଡ଼ିଦେଇ ଗଲା, "ଆସିଥିଲି ପୁଣି ଆସିବି ।"

ତା' ପରଦିନ ସକାଳୁ ଶୀଘ୍ର ଉଠି ପଡ଼ିଲି । ସମସ୍ତଙ୍କୁ ଡାକ କହିଲି, ମୁଁ ମୃତ୍ୟୁକୁ କାଲି ରାତିରେ ଦେଖିଛି, ଅନୁଭବ କରିଛି । ମୋ ଝିଅ ଓ ସ୍ୱାମୀ ଅବାକ୍ ହୋଇ ମୋ ମୁହଁକୁ ଚାହିଁଲେ ଓ ବ୍ୟସ୍ତରେ ପଚାରିଲେ - କେମିତି? କେତେବେଳେ? ମୁଁ କହିବାକୁ ଆରମ୍ଭ କଲି

ISSN NO.
2582-208X

– ପ୍ରାୟ ସବୁଦିନ ମୁଁ ଶୋଇଲାପରେ, କେବେ ସ୍ୱପ୍ନ ଦେଖେନ କି ଅଧାରାତିରେ ଉଠେ ନାହିଁ। ଥରେ ଶୋଇଲେ, ସକାଳୁ ଉଠେ । କାଲି କିନ୍ତୁ ଅଧରାତିରେ ଉଠିପଡ଼ିଲି ।

ଅଧା ନିଦରେ ଆଖି ମଳମଳ ବାଥରୁମ ଭିତରକୁ ପଶିଗଲି । ଦେହରେ ଜ୍ୱର କି କାଶ କିଛି ନଥିଲା । ହଠାତ୍ ଦେହଟା ଖଇଫୁଟିଲା ଭଳି ଗରମ ହୋଇଗଲା ଓ କାଶ ଏତେ ଜୋରରେ ହେଲା ଯେ ନିଃଶ୍ୱାସ ପ୍ରଶ୍ୱାସ ଠିକସେ ନେଇ ପାରିଲିନି । ପ୍ରଶ୍ୱାସ ବାୟୁ ତଳକୁ ଆଉ ସ୍ୱାଭାବିକ ଢଙ୍ଗରେ ଯାଉ ନଥାଏ । ବିକଳରେ ଛଟପଟ ହୋଇ ବାଥରୁମ ବାହାରି ଆସିଲି । ମାତ୍ର ଏତେ ଜୋରରେ ମୁଣ୍ଡ ବୁଲାଇଦେଲା, ଆଖିକୁ କିଛି ଦେଖା ଗଲାନି । ପାଖରେ ଥିବା ବେସିନଟାକୁ ଧରି ଠିଆହୋଇ ପଡ଼ିଲି । ତଥାପି ନିଶ୍ୱାସଟା ତଳକୁ ଯାଉନଥାଏ । ତଣ୍ଟିରୁ କଥା ବି ବାହାରୁ ନଥାଏ । ଅଳ୍ପ ଦୂରରେ ଖଟରେ ସ୍ୱାମୀ ଶୋଇଛନ୍ତି, ମାତ୍ର ମୁଁ ତାଙ୍କୁ ଡାକି ପାରୁ ନଥାଏ । ମୃତ୍ୟୁକୁ ମୋ ଭିତରେ ଅନୁଭବ କରିପାରୁଥିଲି ମାତ୍ର ପ୍ରକାଶ କରିପାରୁ ନଥାଏ, ଲାଗୁଥାଏ ଯେମିତି ଅଳ୍ପଦୂରରେ କିଏ ଠିଆ ହୋଇ ମୋତେ ତା' ଆଡ଼କୁ ଡାକୁଛି । କି ବିଚିତ୍ର ସେହି ସମୟ… ଅବର୍ଣ୍ଣନୀୟ… ।

ହଠାତ୍ ଝରକା ବାଟଦେଇ ଦଲକାଏ ପବନ ଘର ଭିତରକୁ ପଳାଇ ଆସିଲା । ମୋ ନିଶ୍ୱାସ ପ୍ରଶ୍ୱାସ ଟିକେ ସ୍ୱାଭାବିକ ହେଲା । ଦେହରୁ ଜ୍ୱରଟା ବି ଚାଲିଗଲା । ମୁଣ୍ଡ ବୁଲାଟା ବି ଠିକ୍ ଲାଗିଲା, ନିଜେ ଠିକ୍ ରେ ଠିଆ ହେଲି ଓ ଧିରେ ଧିରେ ଖଟ ପାଖକୁ ଗଲି । ମୋତେ ଟିକେ ସ୍ୱାଭାବିକ ହେବା ପାଇଁ ଏକ ମିନିଟରୁ ବି କମ୍ ଲାଗିଥିଲା । ଯଦି ପୂର୍ବ ଅବସ୍ଥାରେ ଆଉ ଟିକେ ସମୟ ରହିଥାନ୍ତି, ତା'ହେଲେ ମୁଁ ଆଜି ଏସବୁ ଲେଖିପାରି ନଥାନ୍ତି ।

ମୋତେ ଆଜି କେହି ବିଶ୍ୱାସ କରୁ ବା ନକରୁ, ମୁଁ ମୃତ୍ୟୁକୁ ଅନୁଭବ କରିଛି । ତା'ପରଦିନ ଠାରୁ ମୋ ଦେହ ପୁରା ଠିକ୍ ଥିଲା । ମାତ୍ର କଣ୍ଠନଳୀରେ କିଛି ଅଟକି ଗଲାପରି ଲାଗୁଥିଲା । ମଝିରେ ମଝିରେ କାଶଟା ହେଉଥିଲା ।

ସବୁ କାମ ପୁଣି ସ୍ୱାଭାବିକ ଭାବରେ କରିବା ଆରମ୍ଭ କଲି । ମୋର କଲେଜକୁ ଗଲି, ଘର କାମ, ଠାକୁର ପୂଜା, ଭାଗବତ ପଢ଼ା ଆଦି କରିବାରେ କିଛି ଅସୁବିଧା ହେଉନଥାଏ, ମାତ୍ର ମୋତେ ଲାଗୁଥାଏ ମୋ ଦେହ ଭିତରେ କିଛି ବଡ଼ ଧରଣର ଭଙ୍ଗାଗଢ଼ା ଚାଲିଛି । ଦେହଟା ବଡ଼ ଦୁର୍ବଳ ଲାଗୁଥାଏ । ଖାଇବାର ଇଚ୍ଛା ପୁରାପୁରି ମରିଯାଇଥାଏ ।

ISSN NO.
2582-208X

ମୁଁ ମୋର ଡାକ୍ତରଙ୍କ ପାଖକୁ ଗଲି । ମୋର ବ୍ଲଡ଼ପ୍ରେସର ପୁରା ନର୍ମାଲ୍ ଥିଲା । ଦେହଟା ଏମିତି ଅସୁସ୍ଥ କାହିଁକି ହେଲା ଚହ୍ନଟ ହୋଇପାରୁ ନଥାଏ । ମୋତେ ଲାଗୁଥାଏ, ମୃତ୍ୟୁ ଯେମିତି ଲୁଚଛପି ମୋତେ ନେବା ପାଇଁ, ମୋ ଦେହ ଭିତରେ ପଶିଯାଇଛି । ମୁଁ ଦୁଇହାତ ଯୋଡ଼ି ମନେ ମନେ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥାଏ । "ହେ ଅନ୍ତର୍ଯ୍ୟାମୀ, ତୁମେ ମୋର ଅନ୍ତରର ସବୁକଥା ଜାଣ । ମୁଁ ନକଟରେ କାନାଡ଼ାରୁ ଭାରତକୁ ଯିବି । ପୁରୀରେ ଗରୁଡ଼ ସ୍ତମ୍ଭ ପଛପଟୁ ତୁମକୁ ରତ୍ନବେଦୀରେ ଦର୍ଶନ କରିବାର ଇଚ୍ଛା ଅଛି, ମୋତେ ସେ ପର୍ଯ୍ୟନ୍ତ ତୁମ ପାଦତଳେ ମୋତେ ଶରଣ ଦିଅ ।"

ସତରେ ଶ୍ରୀଜଗନ୍ନାଥଙ୍କ ଲୀଳା ଅଲୌକିକ । ମହାପ୍ରଭୁଙ୍କର ଅପାର କରୁଣା । କାର୍ତ୍ତିକ ମାସ ଚାଲିଥାଏ । ସେଦିନ ପ୍ରବଳ ଭିଡ଼ । ମୁଁ ଆଶା କରିପାରୁ ନଥିଲି କେମିତି 'ମହାବାହୁ'ଙ୍କ ଦର୍ଶନ ପାଇବି । ଆଗକୁ ଯାଇ ତାଙ୍କର ଛଡ଼ା ତୁଳସୀ ଟିକେ ପାଇପାରିବି । ସତରେ ମନ ଦୁଃଖରେ ଏତେ ଲୋକଙ୍କ ଧସ୍ତାଧସ୍ତିରେ ଆଗକୁ ଯିବା ସମ୍ଭବ ହୋଇପାରୁ ନଥାଏ । ବହୁ ସମୟ ଅପେକ୍ଷା କଲି, ଆଖିରେ ଲୁହ ଭରିଯାଇଥାଏ । ମନେ ମନେ ଭାବିଲି, ଯିଏ ମୋତେ ମୃତ୍ୟୁ ମୁହଁରୁ ଏଠାକୁ ଆଣିଛନ୍ତି, ସିଏ ମୋ ଆଡ଼କୁ ଚାହିଁ ହସୁଛନ୍ତି । ସତ୍ୟ ମାନ ଅନ୍ୟ ଆଡ଼କୁ ଚାହିଁଛନ୍ତି । ତା'ହେଲେ ମୋ' କଳାଠାକୁର ମୋତେ ବିଶ୍ୱାସ କରୁନାହାନ୍ତି । ଯାହାଙ୍କ ପାଇଁ ଏତେ ଦୂରରୁ ପାଗଳ ଭଳି ଦଉଡ଼ି ଆସିଲି - ସିଏ ମୋତେ କେମିତି ବିଶ୍ୱାସ କରିବେ ? ମୁଁ କ'ଣ କରିପାରିବି ? ଏହି ମୁହୂର୍ତ୍ତ ଠାରୁ ମୋର ପ୍ରିୟତମଙ୍କ ପାଖରେ ମୋର ଏହି ଅସୁସ୍ଥ ଶରୀର, ମନ ଓ ସବୁକିଛି ସମର୍ପଣ କଲି । ଏହି ଅସୁସ୍ଥ ଶରୀରରେ କ ସେବା କରିପାରିବି ମୁଁ ନଜେ ବି ଜାଣିନ । ଏହିଭଳି ଭାବୁଭାବୁ ଆଖିରୁ ଅଜାଣତରେ ଧାରଧାର ଲୁହ ବୋହିଗଲା ।

ହଠାତ୍ ଲାଗିଲା କେହି ଜଣେ ମୋ ହାତ ଭିତରେ ଟିକେ ତୁଳସୀ ଓ ଠାକୁରଙ୍କର ଆଳତୀ ଧୂପର ବାସ୍ନା ଦେଇ ଚାଲିଗଲେ ।

ମୁଁ ଆଗକୁ ଚାହିଁଲି । ଆଗରେ ପ୍ରବଳ ଭିଡ଼ । ମହାପ୍ରଭୁ ଆଦୌ ଦିଶୁ ନଥିଲେ, ଭାବିଲି, ଯିଏ ମୋର ସବୁ ଇଚ୍ଛା ପୂର୍ଣ୍ଣ କରୁଛନ୍ତି । ବିପଦ ଆପଦରେ ମୋ ସାଙ୍ଗରେ ଅଛନ୍ତି । ସିଏ ଯେତେବେଳେ ମୋ ଆଡ଼କୁ ହାତ ବଢ଼ାଉଛନ୍ତି, ମୁଁ ତାଙ୍କୁ ନଧରି ସାରା ସଂସାରକୁ ସାଉଁଟି ଚାଲିଛି । ନଜକୁ ଚହ୍ନୁନ ଅନ୍ୟମାନଙ୍କୁ ଭଲ ପାଉଛି । ମୋ ମହାପ୍ରଭୁଙ୍କ ପାଇଁ ମନେ ମନେ

ISSN NO.
2582-208X

ନିଜକୁ ବହୁତ ଗାଳିଦେଲି । କେତେବଡ଼ ପାପୀଟା ମୁହିଁ, ମୋ' ଭଳି ଅଧମ ଆଉ କେହି ନାହିଁ, ସାଷ୍ଟାଙ୍ଗ ପ୍ରଣିପାତ କରିସାରି ମହାପ୍ରଭୁଙ୍କୁ ଚାହିଁଲି ଓ କହିଲି - "ଆଜିଠାରୁ ମୁଁ କେବଳ ତୁମର । ମୋର ବାକ ଜୀବନ ତୁମକୁ ସମର୍ପଣ କଲି, ଯେମିତି ଚାହିଁବ ସେମିତି କରିବି ।" ମୋତେ ଲାଗିଲା ଗହଳ ଭିତରୁ ବି ସିଏ ମୋତେ ଚାହିଁ ହସୁଥଲେ ।

ସେଇଦିନ ପ୍ରଭୁଙ୍କ ପାଦତଳେ ମୁଣ୍ଡିଆ ମାରି ମୋର ବାକଶକ୍ତିକୁ ତାଙ୍କୁ ଦେଇଦେଲି । ନିଜକୁ ତାଙ୍କର ପାଦପଦ୍ମରେ ସମର୍ପଣ କରି କହିଲି - "ହେ ପ୍ରଭୁ! ତୁମେ ଚାହିଁଲେ କଥା କହିବି ନହେଲେ ନାହିଁ । ତା' ପରଠାରୁ ନୀରବ ହୋଇ କେବଳ ମନେ ମନେ ପ୍ରଭୁଙ୍କ ନାମ ଗାନ କରୁଥିଲି । କିନ୍ତୁ ଆଖି ଆଗରେ ତାଙ୍କର ଚକା ଡୋଳା ଦିଶିଯାଉଥିଲା ।

ଅଳ୍ପଦିନ ଭିତରେ ପୁଣି କାନାଡ଼ାକୁ ଫେରିଗଲି । ସେଠାରେ ପହଞ୍ଚିଟିକେ ଅସୁସ୍ଥତା ଅନୁଭବ କଲି । ସେଦିନ ଡାକ୍ତରଙ୍କ ପାଖକୁ ଗଲି । ବ୍ଲଡ୍ ପ୍ରେସର, ରକ୍ତ ଆଦି ପରୀକ୍ଷା ହେଲା । ସବୁ ନର୍ମାଲ୍ ଥିଲା । ଇ.ସି.ଜି. ହେଲା, ହାର୍ଟରେ ଗୋଟିଏ ହୋଲ୍ (କଣା) ଅଛି ବୋଲି ରିପୋର୍ଟରୁ ବାହାରିଲା । ମୋର ଅପରେସନ୍ ପାଇଁ ଡାକ୍ତର ତାରିଖ ସ୍ଥିର କରିସାରିଥାନ୍ତି । ହଠାତ୍ ରାତିରେ ଶୋଇଥିବା ସମୟରେ ସତରେ ମୃତ୍ୟୁ ହେଲା ।

ମୃତ୍ୟୁ ପୂର୍ବ ରାତିରେ ମୁଁ ଶୋଇବା ପୂର୍ବରୁ କାନ୍ଦି କାନ୍ଦି କହିଥିଲି – "ହେ ମହାପ୍ରଭୁ! ସବୁଆଡ଼ୁ ହୃଦୟ ଫେରାଇ ଆଣି ତୁମ ପାଖରେ ସମର୍ପଣ କରିବା ବେଳେ ସେଇଟାରେ ହିଁ କଣା ଥିଲା । ତଥାପି ତୁମେ ମୋର ସେହି କଣା, କ୍ଷତ ହୃଦୟକୁ ତୁମ ପାଦ ତଳକୁ ସାଉଁଟି ନେଲ। ଆଜି ପର୍ଯ୍ୟନ୍ତ ଏତେ ଡାକ୍ତର ସାଧାରଣ ବ୍ଲଡ୍ ପ୍ରେସର କହି ଧରିପାରୁ ନଥିଲେ । ଯେଉଁଦିନ ମୋ ନିଜକୁ ତୁମ ପାଖରେ ସମର୍ପଣ କରିଦେଲି, ତା' ପରଠାରୁ ରୋଗ ଧରା ପଡ଼ିଗଲା ଓ ସବୁ ବାଟ ଫିଟିଗଲା ।"ଯସ୍ୟ ସ୍ମରଣ ମାତ୍ରେଣ, ଜନ୍ମ ସଂସାର ବନ୍ଧନାତ୍ ।"

ବିମୁଚ୍ୟତେ ନମସ୍ତସ୍ମୈ, ବିଷ୍ଣବେ ପ୍ରଭବିଷ୍ଣବେ । ନମସ୍ତସ୍ମୈ ନମସ୍ତସ୍ମୈ ନମସ୍ତସ୍ମୈ ନମୋନମଃ ।– ମହାଭାରତ

ଟରେଣ୍ଟୋ, କାନାଡ଼ା
Email – drsunanda.panda@gmail.com
ଫୋନ : 6478389884

ISSN NO.
2582-208X

# ପ୍ରେୟସୀ......



ସନ୍ଧ୍ୟା ଘଡ଼େଇ

ପ୍ରେୟସୀ ଗୋ..
ମୋ ପ୍ରୀତିର ଫୁଲ ଗୁଙ୍ଗୁଡ଼ାଏ,
ଅସରନ୍ତ ଅଭୁଲ୍ ଆସକ୍ତ ର ମନ୍ତ୍ରମୁଗ୍ଧ
ପ୍ରେମ ର ଫରୁଆଟିଏ....
ପ୍ରତିଶୃତିର ବନ୍ଧନରୁ ମୁକୁଳଥିବା
ଅଭିମାନୀ ମନଟିଏ....

ଅତି ଆପଣାର ପ୍ରୀତିପର୍ଣ୍ଣା ମମତାର
ଡୋରୀ କେଉ୍ଏ.....
ନିଜ ଭିତରେ ଅନୁଭବି ଥିବା
ଅନୁରାଗୀଣି ପ୍ରେମିକା ଜଣେ,
ଯାହାକୁ ସ୍ୱପ୍ନରେ ଆବୋରି ବସେ
ନିଃସର୍ତ୍ତ ଆଲିଙ୍ଗନ ରେ....

ଋତୁର ମଲ୍ଲହାର ରେ କୋଳେଇ ନିଏ
ବାରମାସୀ ବିହଙ୍ଗମ ପରି,
ଆପଣେଇ ନିଏ ଅନ୍ତରଙ୍ଗତାରେ....

ISSN NO.
2582-208X

ଜୀବନ ମୃତ୍ୟୁର ହଜିଲ୍ ପରିସୀମା
ତ ଆଉ କେବେ ପଲ୍ଲବିତ ହୃଦୟ ଭିତରେ...

ପ୍ରେୟସୀ ଗୋ..
ତୁମେ ମୋ ବଂଶୀର ସୁର..
ମୋ ମୟୂରପୂଚ୍ଛର ନିର୍ବିକାର ଶ୍ରଦ୍ଧା,
ଜହ୍ନ ରେ ତୁମେ ଜଳାଇପାର
ଉଦିତ ସୂର୍ଯ୍ୟରେ ତୁମେ ଆଙ୍କିପାର
ନିସ୍ତବଧ ରାତ୍ରୀର କଳାଛାଇ,
ତୁମେ ଅଭିସାରିକା, ଭୁଲ୍ଇପାର
ଜୀବନର ପୂର୍ବରାଗ,
ପୁନଶ୍ଚ ଅଭିବ୍ୟକ୍ତ କରିଛି ପ୍ରଗଳ୍ଭ ମୋ
ଅନୁଚନ୍ତନର.......

ଯାଜପୁର ରୋଡ
Ph ୯୮୭୨୫୯୭୦୪୭

ISSN NO.
2582-208X

# ଉଚ୍ଛ୍ୱାସ



ଡକ୍ଟର ପ୍ରବୀଣା ପରିଡା

ଛଳନା, କପଟଶୂନ୍ୟ
ସ୍ନେହ ପ୍ରେମରେ
ଭରପୂର ଅନ୍ତର
ଆବିଳତାଠାରୁ
ଅନେକଦୂର,
ଗର୍ଭରେ ସାଇତା
କାଳ କାଳର
ଅସରନ୍ତ ଭଣ୍ଡାର ।
ଗଭୀର ଆଶ୍ୱାସନାରେ
ଭରିଗ୍ଲେ
ସଭିଙ୍କ ହୃଦୟ,
ଏକସୂତ୍ରେ ବାନ୍ଧିରଖେ
ଗାଇଚାଲେ ଅମୃତ ମନ୍ତ୍ର ।
ତ୍ୟାଗ ବିଶ୍ୱାସ ର
ଆବରଣରେ ଢାଙ୍କି ରଖି ମନ
ଦେଖିଚାଲେ ନବୋଦୟର
ସୁନେଲୀ ସପନ ।

ISSN NO.
2582-208X

ଯେବେ ବିଶ୍ୱାସ ମିଳେ ବିଷ
ପାଦେ କରି କୁଠାରଘାତ
ଲୀନ ହୁଏ ବର୍ଷ ବର୍ଷର ସାଇତା
ଅଦେଖା ବୈଭବ ।
ସହିବାର ସୀମା ଲଂଘି
ପ୍ରକଟିତ ଭୟଙ୍କର ରୂପ
ଲେଲିହାନ ଶିଖାରେ
କୀଟପତଙ୍ଗ ସମ ଛଟପଟ ।
କୋମଳ ଆଶ୍ଳେଷରେ
ଯିଏ ଭରିଦିଏ ମନ,
ଯା' ର କୋଳେ ବାଳୁତ ଯୌବନରୁ
ପ୍ରୌଢ ଉପସ୍ଥିତ,
ମାଟିରେ ଜନ୍ମ
ମାଟିରେ ଲୀନ
ଏ ଯେ ପ୍ରକୃତିର ପରାଭବ ।
ଅଭିମାନୀ ମାଟି
ପଲକ ବିସ୍ତାରୀ
ଦୀର୍ଘ ଉଚ୍ଛ୍ୱାସେ
ଭରେ ଅସୁମାରି ଜୀବନ ଧାରାର ସୂତ୍ର। ।।

ଭୁବନେଶ୍ୱର ୮୮୯୫୫୫୪୭୭୬

ISSN NO.
2582-208X

# ଆସିଗଲା
# ବିଦାୟର ବେଳ



ଶଶଧର ମହାପାତ୍ର

ଏବେ ପାଖେଇ ଆସିଲାଣି ବିଦାୟର ବେଳ
ସରିସରି ଆସିଲାଣି ଖେଳ
ଆଜି ନୁହେଁ ତ କାଲି
କାଲି ନୁହେଁ ତ ପହରଦିନ
ଉପରୁ ଡାକରା ଆସିବା ଆସିବା ହେଲାଣି
ବେଳ ଗଡ଼ିଗଡ଼ି ଆସିଲାଣି
କିଏ ଜାଣେ କେତେବେଳେ କାଳ
ଛପିଛପି ଆସି ଧରିନେବ ହାତ ?
ସବୁଦିନ ପାଇଁ ଅଟକି ଯିବ ଏ ରଥ
ଦିନ ହେଉ କି ରାତି
ଶୀତ ହେଉ କି ତାତି
ଜନମ ଯେଉଁଠି ମରଣ ସେଇଠି
ଇଏ ପରା ଦୁନିଆର ନୀତି ।।
ଯେଉଁମାନେ ସେମାନଙ୍କ ମହତପଣରେ
ମୋତେ ବହୁତ ଆଦର କରିଥିଲେ
ମିଠାମିଠା କଥା କହିଥିଲେ
ମିଠାମିଠା ହସରେ ମହକେଇ ଦେଇଥିଲେ
ମୋ ନିରସିଆ ଜୀବନକୁ
ସରସ ସୁନ୍ଦର ମଧୁମୟ କରିଥିଲେ

ISSN NO.
2582-208X

ସେମାନଙ୍କ ମୋହ ମାୟାରେ ମୁଁ ହେଇଛି ବାୟା
ସେମାନଙ୍କୁ ମୁଁ କଥାଦେଇ ଯାଉଛି
ନିଶ୍ଚୟ ଫେରି ଆସିବି ସେମାନଙ୍କପାଇଁ ଆଉଥରେ
ସେମାନଙ୍କ ବାକି ଋଣ ଶୁଝାଇବାପାଇଁ ।।
ମୁଁ ବୋଧହୁଏ ଚାଲି ଯାଇଥିବି ଯେତେବେଳେ
ମନ୍ଦିରରେ ଦେବଦେବୀମାନେ ଶୋଇପଡ଼ିଥିବେ
ଗାଁ ଗଣ୍ଡା ଶୂନ୍‌ଶାନ୍ ଥିବ, ରାତି ଅଧରେ
ଗାଁ ଦାଣ୍ଡରେ କୁକୁରଟିଏ ବି ନଥିବ ଭୁକିବାକୁ,
କି ପାଖ ଗାଁରୁ ଆସି ବୁଲା ଷଣ୍ଢଟିଏ ଶୋଇନଥିବ,
ହଠାତ୍ ଖବରଟିଏ ଏମିତି ଚାରିଆଡ଼େ ପ୍ରଚାର ହେଇଯିବ
ମୁଁ ଚାଲିଗଲି ବୋଲି,
କିଛି ଲୋକ ତ ନିଶ୍ଚୟ ଲୁହ ଗଡ଼େଇବେ,
ଅଳ୍ପ କିଛି ଲୋକ ଖୁସି ହେବେ,
ମୋ' ଛାଇ ପଡ଼ିଲେ ଯେଉଁମାନଙ୍କ ନାହି ଡେଉଁଥିଲା
ସେହିମାନଙ୍କ ପାଇଁ ମୁଁ ବଢ଼ାଇଦେଉଛି
ଆଜି ବନ୍ଧୁତାର ହାତ,
ଏତେ ଲମ୍ବା ଜୀବନ ଭିତରେ
ମୁଁ ଏଯାଏ ତାଙ୍କୁ ଚିହ୍ନି ପାରିଲି ନାହିଁ,
ସେମାନେ ମଧ୍ୟ ମୋତେ ଚିହ୍ନିପାରିଲେ ନାହିଁ,
ଏ ମୋର ଦୁର୍ଭାଗ୍ୟ,
କିନ୍ତୁ, ମୁଁ ସେମାନଙ୍କୁ କହିଦେଇଯାଉଛି
ମୁଁ ସେମାନଙ୍କୁ କଦାପି ଶତ୍ରୁଭଳି ଭାବିନାହିଁ,
କେବେ ପ୍ରତାରଣା କରିନାହିଁ,
ମୋ ଚିନ୍ତାରେ, ଚେତନାରେ ସେମାନଙ୍କ ସହ
ଖରାପ ବ୍ୟବହାର ଦେଖେଇନାହିଁ,
ମୁଁ ସେମାନଙ୍କୁ ଯେମିତି କାଲି ଭଲ ପାଉଥିଲି
ଆଜି ବି ସେମିତି ଭଲ ପାଉଛି,

ISSN NO.
2582-208X

ମୁଁ ସମସ୍ତଙ୍କୁ ତ ଖୁସି କରିପାରିଲି ନାହିଁ,
ଏମିତି କି ନିଜ ପରିବାର ଲୋକଙ୍କୁ ମଧ୍ୟ,
ବରଂ ସେମାନଙ୍କୁ ସଦ୍‌ବୁଦ୍ଧି ଦେବାପାଇଁ
ଈଶ୍ୱରଙ୍କ ନିକଟରେ ସବୁଦିନେ ପ୍ରାର୍ଥନା କରିଛି,
ଏ ମୋର ବଡ଼ପଣ ନୁହେଁ,
ମୁଁ କହି ରଖୁଛି
ନିହାତି ଛୋଟିଆ ମଣିଷଟିଏ ମୁଁ,
ସେମାନଙ୍କ ଆନନ୍ଦରେ ମୁଁ ଆନନ୍ଦିତ ହୁଏ,
ସେମାନଙ୍କ ଦୁଃଖରେ ଏବେବି ଲୁହ ଝରାଏ,
ମୁଁ ସେମାନଙ୍କ କଥା ପ୍ରତ୍ୟକ୍ଷରେ ହେଉ
କି ପରୋକ୍ଷରେ ହେଉ ସବୁ ଶୁଣେ,
ସାମ୍ନାରେ କିଛି ନ କହି
ମୁଁ ସେମାନଙ୍କୁ ନୀରବରେ ମୋ' ମନକଥା କହେ,
ହଁ ମୋ' କବିତା ମାଧ୍ୟମରେ କହେ

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ,ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଲଳିତ ନିବନ୍ଧ
# ପ୍ରତିବିମ୍ବ



ବଦ୍ରୀ ମହାନ୍ତ

ନିଜ ଛବି ଦେଖି ଆହ୍ଲାଦିତ ହେବା ଓ ନିଜ ଛାଇରେ ଚାଲିବା ଜନିତ ଆତ୍ମସନ୍ତୋଷ ବ୍ୟକ୍ତିତ୍ୱ ପ୍ରତିଷ୍ଠା ନିମନ୍ତେ ଖୁବ୍ ସହାୟକ ହୋଇ ଥାଏ। ଅନେକଙ୍କ ପାଇଁ ବ୍ୟକ୍ତିତ୍ୱ ନିର୍ମାଣ ଓ ସ୍ୱତନ୍ତ୍ର ଛାପଟିଏ ପ୍ରସ୍ତୁତ କରିବା ଗୌଣ ମନେହୋଇ ପାରେ, ମାତ୍ର ଜୀବନର ନାନାଦି ଅଙ୍କା ବଙ୍କା ମସୃଣ ପଥ ଅତିକ୍ରମ କରୁ କରୁ କେଉଁଠି ନା କେଉଁଠି ଅଜାଣତରେ ଅଙ୍କିତ ହୋଇ ଯାଇଥାଏ ଛବିଟିଏ। ସେ ଛବି ଅନ୍ୟର ଦୃଷ୍ଟି ସାମ୍ନାକୁ ସବୁ ସମୟରେ ଆସିପାରେ ନା। ତାର ଆଲୋଚନା, ପ୍ରତ୍ୟାଲୋଚନା ବା ସମାଲୋଚନା ସୁଦ୍ଧା ସମ୍ଭବ ହୋଇ ପାରେନା। ଅନେକ ବ୍ୟକ୍ତି ନିଜ ଛବିଟିଏ 'ନିର୍ମାଣ କରିବା ଓ ଛାଇକୁ ସୁଦୀର୍ଘ କରିବା' କୁ ମନେ କରି ନିଅନ୍ତି ଜୀବନର ଲକ୍ଷ୍ୟ। ପ୍ରତିବିମ୍ବିତ ହେବା ଏହାର ଏକମାତ୍ର ଉଦ୍ଦେଶ୍ୟ। ଯେଉଁଠି ସତ୍ୟନିଷ୍ଠ କର୍ମ କରଣୀ ନଥାଏ, ତାହା ହୁଏ କ୍ଷଣସ୍ଥାୟୀ। ମହାକାଳ ବକ୍ଷରେ ବିମ୍ବିତ ହେବା କତିପୟଙ୍କ ଭାଗ୍ୟରେ ଜୁଟିଥାଏ ଏବଂ ତାହା ହାତ ଗଣତା। ଯୁଗ ପରେ ଯୁଗ ସଭ୍ୟତାର ବିକାଶ ସହିତ ଏହା ନିଷ୍ପ୍ରଭ ନ ହୋଇ ଅଲଗା ଅଲଗା ରୂପରେ ଆତ୍ମ ପ୍ରକାଶ କରି ଆସିଛି, ଆଉ ତାକୁ ପ୍ରତିଟି ସମୟ ମଧ୍ୟ ଗ୍ରହଣ କରି ନେଉଛି ଆଦରରେ ।

କଳ୍ପନାରେ ପର ଲଗାଇ ସ୍ୱପ୍ନର ଆକାଶକୁ ଉଡ଼ିଯିବା ସହିତ ଆତଙ୍କିତ ଅବସ୍ଥାରେ ପ୍ରମାଦ ଗଣିବା ସମ୍ଭବ ହୁଏ ପ୍ରତିବିମ୍ବ ପାଇଁ । ଏଥିରୁ ସହଜରେ ଅନୁମାନ କରିହେବ କେତେ

ISSN NO.
2582-208X

ଶକ୍ତିଶାଳୀ, କେତେ ପ୍ରଭାବ ଯୁକ୍ତ ଓ କେତେ ଦୃତ ଗତିଶୀଳ ହୋଇପାରେ ପ୍ରତିବିମ୍ବ । ଏ ବିଶାଳ ସଂସାର ଚାରିପାଖରେ ଘେରି ରହିଥିବା ଚିତ୍ର ଓ ଚରିତ୍ର ପ୍ରତି ମୁହୂର୍ତ୍ତରେ କେଉଁଠି ନା କେଉଁଠି ବିମ୍ବିତ ହୋଇ ମନ ଗହୀରକୁ ପ୍ରବେଶ କରି ଯାଉଛି ଏବଂ ତଦନୁସାରେ ନୂଆ କଥା କାହାଣୀ, ଭାବ ଭାବନା ଏବଂ ଅର୍ଥ ଅନର୍ଥ ସଞ୍ଚରିତ ହୋଇ ଯାଉଛି ଅବଚେତନରେ । ଏହା ଦେଖି ନିଜକୁ ଅନ୍ୟ ସହିତ ତୁଳନା କରିବା, ସମକକ୍ଷ ହେବା ନିମନ୍ତେ ଶକ୍ତି ସାମର୍ଥ୍ୟ ଓ ସମ୍ବଳ ସବୁ ଆକାତରେ ଲୋଟାଇ ଦିଆଯିବାର ଦୃଷ୍ଟାନ୍ତ ପ୍ରଚୁର ରହିଛି ଆମ ସାମ୍ନାରେ। ଫଳସ୍ୱରୂପ ତୁଳନା କଲାବେଳେ ଅସୂୟା ପ୍ରବଣ ବଶତଃ ଈର୍ଷାନ୍ୱିତ ହୋଇ ଉଠିବା ଅଥବା ହୀନମନ୍ୟତାର ଶିକାର ହୋଇ ଅନ୍ୟକୁ ନୀଚ ବା ବଡ଼ ଦେଖାଇବାର ପ୍ରୟାସ ଚିରକାଳ ଉତ୍ପୀଡକ ସ୍ଥିତି ଉତ୍ପନ୍ନ କରେ ।

ପ୍ରତିବିମ୍ବର ଗୁଣ ମାନ ଭାବ ବସ୍ତୁ ସମତଳ ଛାତିରେ ପ୍ରତିଫଳିତ ହେଲେ ତାର ଅନୁରୂପ କ୍ରିୟା ପ୍ରତିକ୍ରିୟା ପ୍ରଦର୍ଶିତ ହୋଇଥାଏ। ସତର୍କ ସୂଚନା ନ ଦେଇ ଯୋଜନା ପ୍ରସ୍ତୁତ କରିବା ଦ୍ୱାରା ତାର ସଫଳ ରୂପାୟନ ସମ୍ଭବ ହୋଇପାରେ ନାହିଁ ଏହି କାରଣରୁ। ପୁରାଣ ଇତିହାସ ଓ କିମ୍ବଦନ୍ତୀର ଛବି ସମୂହ ପ୍ରତିବିମ୍ବିତ ହେବା ସହ ପ୍ରତିଧ୍ୱନିତ ହୋଇ ଜୀବନର ବିଭିନ୍ନ ପର୍ଯ୍ୟାୟକୁ ଆଶାନ୍ୱିତ କରେ। ହଜାର ହଜାର ବର୍ଷ ଧରି ମଣିଷ ସାମ୍ନାରେ ନାନା ମହାନ୍ ଚରିତ୍ର ଓ ଘଟଣାବଳୀର ସୁଖଦ ପରିଣତି ରାସ୍ତା ନିର୍ଣ୍ଣୟରେ ସହାୟକ ହୁଏ। ସୁଖ ଶାନ୍ତି ଆନନ୍ଦ ଓ ସନ୍ତୋଷ ନିମନ୍ତେ ଘଟଣା ପ୍ରବାହର ବିୟୋଗାନ୍ତ ପରିଣତି ଅନେକାଂଶ ରେ ସାହାଯ୍ୟ କରିଥାଏ ବୋଲି ସମୟ ସାରଣୀରେ ସମାଜ ଜୀବନ ଏତେ ବର୍ଣ୍ଣ ବିଭୂଷିତ ହୋଇ ପାରିଛି ।

ଈଶ୍ୱରଙ୍କ ଛବି ପରି ପିତାମାତାଙ୍କ ପ୍ରତିଛବି ସବୁଠୁ ଅଧିକ ପ୍ରଭାବିତ କରିଥାଏ ମଣିଷର ଚଲାପଥକୁ। ପ୍ରେମ ସ୍ନେହ ଭଲପାଇବା ତ୍ୟାଗ ଓ ତିତିକ୍ଷା ଅବଚେତନ ମନରେ ସ୍ଥାୟୀ ଭାବରେ ବିମ୍ବିତ ହୋଇ ରହିଯାଇଥାଏ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ। ଅନ୍ୟ ମାନଙ୍କ ମଧ୍ୟରୁ ଗୁରୁ ଗୁରୁଜନ ମାନଙ୍କ ଜୀବନ ଶୈଳୀ, କାର୍ଯ୍ୟ ପ୍ରଣାଳୀ, ସଫଳ ଯାତ୍ରାର ପ୍ରତିବିମ୍ବ ବିସ୍ମୟ ବିଭୋର ଆଖିରେ ଦେଖିବାକୁ ପଡେ। ଏହାକୁ ଆଧାର କରି ନିଜ ଭବିଷ୍ୟତ ନିର୍ମାଣ

ISSN NO.
2582-208X

କଲାବେଳେ ସବୁକିଛି ସଠିକ୍ ରାସ୍ତାରେ ଅନେକ ସମୟରେ ଯାଏ ନାହିଁ । ସେଥିପାଇଁ ହତାସର ଘୂର୍ଣ୍ଣୀ ଭିତରେ ସନ୍ତୁଳି ହୋଇ ଖୋଜୁଥାଏ ରାସ୍ତା, ଅନୁସନ୍ଧାନ କରେ ନିଜର ଦୁର୍ବଳତା। ରାମ କୃଷ୍ଣ ବୁଦ୍ଧ ବିବେକାନନ୍ଦ ଗାନ୍ଧୀ ପରି ଅନେକ ବ୍ୟକ୍ତିଙ୍କ ପ୍ରତିବିମ୍ବ ସହିତ କଂସ ରାବଣ ହିଟଲର ମାନେ ଆମ ଅଗୋଚରରେ ବିମ୍ବିତ ହୋଇଥାନ୍ତି ମନ ଭିତରେ। ମାତ୍ର ସଭିଏଁ ହୃଦୟର ଗଭୀରତମ ଇଲାକାକୁ ସ୍ପର୍ଶ କରି ପାରନ୍ତି ନାହିଁ। ବସ୍ତୁତଃ ଜୀବନର ଗତି ଓ ପ୍ରକୃତି ନିୟନ୍ତ୍ରିତ ହୋଇଥାଏ ଚର୍ଚ୍ଚିତ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଓ ଜୀବନ ଧାରାର ପ୍ରତିଛବି ଦ୍ୱାରା। ଏଥିରୁ କେହି ହେଲେ ମୁକୁଳି ପରି ନାହାନ୍ତି। ସମାଜ ଜୀବନ ଭଲ ମନ୍ଦ, ଉତଥାନ ପତନ, ଅନ୍ଧାର ଓ ଆଲୁଅର ବିଚିତ୍ର ଅବବୋଧକୁ ସାହାରା କରି ଏ ପର୍ଯ୍ୟନ୍ତ ଚଳନଶୀଳ ।

ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତିବିମ୍ବ ରୂପେ ତାଜମହଲକୁ ଗ୍ରହଣ କରା ଯାଇଥାଏ। ଏ ସ୍ମାରକୀ ତାର ପ୍ରଚ୍ଛଦପଟ କାହାଣୀ ଓ ଐତିହାସିକ ସତ୍ୟକୁ ପଛକରି ସ୍ଥାପତ୍ୟ କଳା ସୌନ୍ଦର୍ଯ୍ୟର ଯେଉଁ ଛାପଟିଏ ଶହ ଶହ ବର୍ଷ ବ୍ୟାପି ଦର୍ଶକଙ୍କୁ ବିମୋହିତ କରିବା ସହିତ ପ୍ରେରଣାର ଉତ୍ସ ହୋଇଛି, ତାର ପ୍ରଭାବକୁ ସହଜରେ ଏଡ଼ାଇ ଯାଇହେବ ନାହିଁ। ଆଧ୍ୟାତ୍ମିକ ଚିନ୍ତନ ଓ ଦର୍ଶନର ପ୍ରବକ୍ତା ଗୁରୁ-ମୁନି-ସନ୍ଥଙ୍କ ପ୍ରଦତ୍ତ ମାର୍ଗ ସହ ରୀତିନୀତି ର ପ୍ରଛାୟ ଅନୁସରଣ ଦ୍ୱାରା ଆନନ୍ଦ ଓ ନିରାମୟ ଜୀବନ ସମ୍ଭବ ବୋଲି ଅନେକ ବିଶ୍ୱାସ କରନ୍ତି। ସନାତନ ଧର୍ମ ତୁଲ୍ୟ ଅନ୍ୟ ସମସ୍ତ ଧର୍ମଧାରା ରେ ଆସ୍ଥା ବିଶ୍ୱାସ ରଖିଥିବା ମଣିଷମାନେ ଅହରହ ନିଜ ଆସ୍ଥାର ଛବିଟିଏ ଦେଖନ୍ତି ଏବଂ ସେଇ ଅନୁସାରେ ଆଚରଣରେ ପ୍ରତିଫଳିତ କରାଇ ଜୀବନକୁ ଗଢ଼ି ତୋଳନ୍ତି ।

ସମାଜର ପ୍ରତିବିମ୍ବ ସାହିତ୍ୟ। ଚାରିପଟେ ଘଟୁଥିବା ନାନାଦି ଘଟଣା ଦୁର୍ଘଟଣା ଚିତ୍ର ଚରିତ୍ରକୁ ସତତ ଅନୁଶୀଳନ କରି ପ୍ରକାଶ କରୁଥିବାରୁ ଦର୍ପଣ ଭାବରେ ସାହିତ୍ୟକୁ ଗ୍ରହଣ କରା ଯାଉଛି। ଅନେକ ଏହାକୁ ସ୍ୱୀକାର କରିବାରେ କୁଣ୍ଠା ପ୍ରକାଶ କରି ନାନା ତର୍କ ଉପସ୍ଥାପନ କରନ୍ତି ସତ, ମାତ୍ର ବାସ୍ତବ କଥାଟିକୁ ଏଡ଼ାଇ ଯିବା କଣ ସମ୍ଭବ ? ତେଣୁ ବାଇ ମହାନ୍ତି କହନ୍ତି," ଏ ଦୁନିଆ ର କୌଣସି ସର୍ଜନା ଭିତରେ କେଉଁଠି ନା କେଉଁଠି ଗୋପନରେ କାହାର ନା କାହାର ପ୍ରତିବିମ୍ବ ଲୁଚି ରହିଥାଏ, ତାହା ସାଦା ଆଖିରେ ଦିଶେନାହି ବା ଧରା

ISSN NO.
2582-208X

ପଡେନା। ଯଥା ସମୟରେ ନିରେଖି ତୃତୀୟ ଆଖି ଉନ୍ମୋଚନ କରି ଦେଖିଲେ ଧରା ପଡ଼ିଯାଏ ପ୍ରତିଟି ମୌଳିକ ସର୍ଜନା ଭିତରେ ଥିବା ପ୍ରତିବିମ୍ବଟି। ତେଣୁ ଯାହାକୁ ଦେଖି ଆଗକୁ ପାଦ ବଢ଼ାଉଛ, ସ୍ୱପ୍ନରେ ପର ଲଗାଇ ଉଡ଼ାଇବାକୁ ବଦ୍ଧ ପରିକର ତାର ବିଶ୍ୱସନୀୟତା ଦେଖିବା ସହ ଏମିତି ଏକ ଛବିଟିଏ ନିଜ ଜୀବଦ୍ଦଶାରେ ନିର୍ମାଣ କର ଯାହାକୁ ନେଇ ପରବର୍ତ୍ତୀ ପୀଢ଼ି ଉପଯୋଗ କରିବା ସାଙ୍ଗକୁ କହି ବୁଲିବ,ଏହାଠାରୁ ଶ୍ରେଷ୍ଠ ପ୍ରତିବିମ୍ବ ଏ ବିଶ୍ୱ ବ୍ରହ୍ମାଣ୍ଡରେ ନାହିଁ !"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ନୂଆ ବର୍ଷ - ୨୦୨୩



ଅଦ୍ୱୈତ କୁମାର ସାମନ୍ତରାୟ

ଆକାଶ ବୁକୁରେ ଚାରୁ ଚନ୍ଦ୍ର ଅଭିସାର
ଚନ୍ଦ୍ରିକା ଝରୁଛି ଆଜି ତଟିନୀ ବୁକୁରେ
ସିକତା ବିତାନେ ପୁଣି ପତ୍ର ଗହଳରେ
ବାରୁଣୀ ଦିଗନ୍ତ ସେହି ଚନ୍ଦ୍ରଶାଳା ଶିରେ

ଜୋଚ୍ଛନା ଛୁଇଁଛି ଆଜି ଶ୍ୟାମ ଦୁର୍ବାଦଳ
ବିପିନ କାନ୍ତାର ଭେଦି ଶିଖରି ଲଲାଟ
ବଲ୍ଲରୀ ମୁକୁଟେ ସିକ୍ତ ନିହାର ପରଶ
ଧବଳ ଯାମିନୀ ଶୋଭା ଅନଭ୍ର ନଭସେ

ଚନ୍ଦ୍ରିକା ବିହାର ପାଇଁ ଚକୋର ଚକୋରୀ
କ୍ଷଣେ ଉଡିଗଲେ ଆଜି ଅଭ୍ର ଅଙ୍ଗନରେ
ଚାନ୍ଦିନୀ ରାତିର ନିଷ୍ପ୍ରଭ ତାରକା ରୁଚି
ଶିତଳ ପରଶ ବରଷର ଶେଷ ରାତି

ଶିତର ପରଶେ ଦେହରେ କ୍ଷଣିକ କମ୍ପନ
ପୁରୁଣା ବର୍ଷର ଏହି ଶେଷ ପ୍ରହର ରେ
ଶେଷ ରାତି ର ତାରକା ଖଚିତ ଆକାଶ
ରାତି ର ଶେଷ ଚାନ୍ଦ ବାରୁଣୀ ଆଶାରେ

ISSN NO.
2582-208X

ନବ ବର୍ଷ ତୁମେ କେଉଁ ଅଜଣା ରାଇଜୁ
ଆସିଅଛ ଅତିକ୍ରମୀ ସରଗ ସରଣୀ
ଏ ରାତି ନିଶିଥେ ତୁମ ଶୁଭ ଆଗମନୀ
ଦଶମୀ ଚାନ୍ଦର ଫିକା ଫିକା ଆଲୁଅରେ

କ୍ଷଣେ ରହି ଯାଅ ସେହି ଶିଖରି ମୁକୁଟେ
ଜ୍ୟୋତ୍ସ୍ନା ସ୍ନାତ ନଭଶ୍ଚୁମ୍ବି ପର୍ବତ ମେଖଳା
କ୍ଳାନ୍ତ  ତବ ଶିରୀଷ କୁସୁମ ତନୂ ଲତା
ଦୀର୍ଘ ପଥ ଶ୍ରମ ସହଜେ ଯିବଟି ଭାଜି

ଭଗ୍ନ ଆଜି  ନୀରବତା ଶରମୀ ରାତିର
ଆତସବାଜି ଶବ୍ଦରେ ଥରୁଛି ମେଦିନୀ
ଅଦୂର ର ସେହି ଗୀର୍ଜା ର ଚୂଡା ଦେଶରେ
ଘଣ୍ଟି ର ଇସାରା ନବ ବର୍ଷ ଆଗମନୀ

ପତ୍ର ଚନ୍ଦ୍ରାତପ ଅଙ୍କେ ଝିଲ୍ଲିକା ସଂଗୀତ
ଦୂରରୁ ଶୁଭୁଛି ପୁଣି ପତତ୍ରୀ କୂଜନ
ନବ ବର୍ଷ ; ତୁମପାଇଁ ସ୍ୱାଗତ ଗୀତିକା
ଭାସିଆସେ ହିମ ସିକ୍ତ ପବନ ଦୋଳିରେ

ସ୍ୱାଗତ ସମ୍ଭାରେ ଆଜି ଉନ୍ମତ୍ତ ଜଗତ
ଦେଖ ଦେଖ ଏବେ ହୁଳହୁଳି ର ଶବଦ
ଘଣ୍ଟ ଘଣ୍ଟା ଧ୍ୱନି ଶୁଭେ ମନ୍ଦିର ବେଢ଼ାରେ
ପରିଚର୍ଯ୍ୟା ରେ ବିତିଯାଏ ବିନିଦ୍ର ରଜନି

ଆକାଶେ ଜଳୁଛି ତଥାପି ତାରକା ଦୀପାଳୀ
ହଜିଛି ଅତୀତ  ବିସ୍ମୃତି ର ଅନନ୍ତ ଗର୍ଭରେ
ବୟସର ଆଜି ଏହି ଶେଷ ଅପରାହ୍ନ ରେ
ସ୍ୱାଗତ ନବ ବର୍ଷ ଆଜି ରାତି ପାହାନ୍ତିରେ

ଦୂରଭାଷ - ୭୯୭୮୧୩୩୮୦୮

ISSN NO.
2582-208X

# ଭାଇଗ୍ଭର୍



ଡ. ପ୍ରସନ୍ନ କୁମାର ବଳ

ସୁନ୍ଦର ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖୁଥିଲେ ନୂଆ ଦିଶୁଥାଏ ।୧।
ଭଲ କାମ କଲେ ହୁଏ ନାହିଁ ଅନ୍ତ,
ଜୀବନ ସାର୍ ତ ହୁଅଇ ନଅଣ୍ଟ ।୨।
ଖର୍‌ପ କାମର ଥାଏ ଏକ ସୀମା,
ଆଜିକାଲି ମଧ୍ୟେ ଧର୍ ପଡେ ସିନା ।୩।
ସ୍ରଷ୍ଟାଙ୍କ ସୃଷ୍ଟିରେ ସବୁତ ସୁନ୍ଦର,
ନଜର ଦୃଷ୍ଟିରେ ଥାଏ ତ ଅନ୍ତର ।୪।
ସୁନ୍ଦର ସମାଜ ଗଢିବା ତ ଆମେ,
ଭାଇଗ୍ଭର୍ ମଧ୍ୟେ ରହିବା ତ ଆମେ ।୫।
ଧର୍ମ ନାମେ ଆମେ ନ କରି ଝଗଡା,
ବଞ୍ଚିବାର ର୍ହା କରିବା ଖସଡା ।୬।
ଧର୍ମ ର୍ଜନୀତି ଭଲ କଥା ନୁହଁ,
ବିନାଶ ଆଡକୁ ଯିବା କଥା ନୁହଁ ।୭।
ସମସ୍ତ ଲୋ୍କର ମାଲିକ ତ ଏକ,
ଧର୍ମ, ଜାତି, ନର୍ବିଶେଷେ ଆମେ ଏକ ।୮।
ସବୁ ଧର୍ମାଧର୍ମୀ ମଧ୍ୟେ ଏକ ରକ୍ତ,
ଏକ ରଙ୍ଗ ରକ୍ତ ଧର୍ମ ତ ଅନେକ ।୯।

ISSN NO.
2582-208X

ଇର୍ଷା, ଦ୍ୱେଶ, ହିଂସା ପରିହାର କରି,
ବଞ୍ଚିବା ତ ଆମେ ସବୁ ଏକ ହୋଇ ।୧୦।
ଏକର ପର୍ବରେ ଅନ୍ୟ ଭାଗ ନିଅ,
ଭାଇଗୃର୍ ଉଦାହରଣ ଦେଖାଅ ।୧୧।
ଏ ମିଛ ସଂସାରେ ନକରଇ ଗର୍ବ,
ଆଜି ଯିଏ ଅଛି କାଲି ସେ ନଥିବ ।୧୨।
ଏପରି ତ କର୍ମ କରିଯାଅ ସତେ,
ସଭିଁଏ ଯେପରି ଆଦରୀବେ ତୋତେ ।୧୩।
ଗୃଲିଗଲ୍ ପରେ ଏ ଧର୍‌ଧାମରୁ,
ନଭୂଲିବେ ଲୋକେ ଯେପରି ଆମକୁ ।୧୪।
ବିଭିନ୍ନ ଧର୍ମର ଶୋଭାଯାତ୍ରା ଗଲେ,
ସମ୍ମାନରେ ସବୁ ଆଦରି ପାରିଲେ
ତେବେ ଯାଇ ଆମେ ଖୁସିରେ ରହିବା,
ଭାଇବନ୍ଧୁ ପରି ଆଦରି ହିଁ ନେବା ।୧୫।
ଗଣ୍ଡଗୋଳ କରି କ ଲାଭ ମିଳୁଛି,
ଜାତୀୟ ସଂପତ୍ତି ନଷ୍ଟ ହିଁ ହେଉଛି ।୧୬।
କେତେ ଜୀବନ ତ ଅନ୍ୟଥା ଯାଉଛି,
କାହାର ହିତରେ ଏ କାମ ହେଉଛି ।୧୭।
ଅକାରଣରେ ତ ଯାଉଛି ଜୀବନ,
ଏ ଦୁଃଖକୁ କଏ କରିବ ବହନ ।୧୮।
ସଭିଙ୍କୁ ମୋହର ଏତିକ ବିନତୀ,
ଭାଇଗୃର୍ ମଧ୍ୟେ ରହିବା ଏମିତି ।୧୯।
ତେବେ ଯାଇ ଆମେ ସୁଖରେ ରହିବା,
ସୁସ୍ଥ ପରମ୍ପର୍ ଛାଡିକରି ଯିବା ।୨୦।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ନଶ୍ୱର ଶରୀର



ସଂଯୁକ୍ତା ସାହୁ

ଜନ୍ମ ମୃତ୍ୟୁ ତ ଏକ ନିଷ୍ଠୁର ସତ୍ୟ
ଏମିତି ନିଶ୍ଚୟ ଥରେ ଭେଟ ହେବ,
ଇଛାର ବାଧ୍ୟ ହେବ ନାହିଁ କେବେ
ସେ ସବୁକୁ ସାମ୍ନା କରିବାକୁ ପଡିବ ।
ଏଇ ନଶ୍ୱର ଶରୀର ଦିନେ ମାଟିରେ
ମିଶିବ ଛ ଖଣ୍ଡ ବାଉଁଶରେ ବନ୍ଧା ହୋଇ,
ଜୁଇର ପାଉଁଶରେ ଲୀନ ହୋଇଯିବ
ଖାଲି କିଛି ଜଣଙ୍କ ମନରେ ସ୍ମୃତି ନେଇ ।
ଶରୀରଟି ଯେ ରକ୍ତ ମାଂସରେ ଗଢ଼ା
ଅନେକ ସମ୍ଭାବନା ନେଇ ଚାଲୁଥାଏ,
ଖୋଜିବା ପାଇବା ମାୟାରେ ବୁଡି ରହି
ଅଧିକ ଆଶାର ତାଜମହଲ ଗଢୁଥାଏ ।
ମରୀଚିକାର ମାୟାର ପଟଳରେ ଭିଜି
ସବୁଜ ଗାଳିଚାର ମୋହରେ ନିମଗ୍ନ,
ବୁଝି ପାରେ ନାହିଁ ସତ୍ୟ ଯେ ଏକାନ୍ତ
କେତେବେଳେ ସ୍ୱପ୍ନ ସବୁ ହୁଏ ଭଗ୍ନ ।

ଏଇ ମାଟିରେ ଆସିଛେ ମାଟିରେ ବିଲୟ
ସେଇ ଜୀବନଟା ଯେ ପାଣି ଫୋଟକା
କ୍ଷଣକରେ ମିଳେଇଯିବ ନିୟତିର ଭାଗ୍ୟ
ଭାବିବାକୁ ନ ଥିବ ପାଇବାକୁ ମଉକା ।

ଗୃହାମା, ଜଗତସିଂହପୁର

ISSN NO.
2582-208X

# କଲେଜିୟମ ବିବାଦ: ଏକ ବିଶ୍ଳେଷଣ



ଅଳକା ରାୟ

ଭାରତୀୟ ଲୋକତନ୍ତ୍ରର ତିନୋଟି ସ୍ତମ୍ଭ ଅଛି, ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଏହି ତିନୋଟି ସ୍ତମ୍ଭ ଅନୁଯାୟୀ ଦୁନିଆର ସବୁଠୁ ବଡ଼ ଗଣତନ୍ତ୍ର ଦେଶ 'ଭାରତ' ଗତିଶୀଳ। ସଂସଦୀୟ ଗଣତନ୍ତ୍ର ପ୍ରଣାଳୀରେ ସଂସଦ ଓ ବିଧାନସଭା ଗୁଡ଼ିକ ସାର୍ବଭୌମତ୍ୱ ଭିତିରେ ଆଇନି ପ୍ରଣୟନ କରନ୍ତି। କାର୍ଯ୍ୟପାଳିକା ଆଇନି ତଥା ଶାସନ ନୀତି ଗୁଡ଼ିକ କାର୍ଯ୍ୟକାରୀ କରିଥାଏ। ଏ ସବୁର ଆଇନି ଗତ ତର୍ଜମା କରିବା ନ୍ୟାୟପାଳିକାର କର୍ତ୍ତବ୍ୟ। ଏହି ନ୍ୟାୟିକ ବ୍ୟବସ୍ଥା ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ବିଚାରପତି ମାନଙ୍କର ନିଯୁକ୍ତି ଓ ବଦଳି ପାଇଁ କଲେଜିୟମ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାରେ ଜଜ୍ ହିଁ ଜଜ୍ ମାନଙ୍କୁ ନିଯୁକ୍ତି ଓ ବଦଳିର ପ୍ରସ୍ତାବ ଦିଅନ୍ତି। ପ୍ରସ୍ତାବ ଗୁଡ଼ିକ ପ୍ରଥମେ ସରକାରଙ୍କ ଆଇନି ମନ୍ତ୍ରୀ ପରେ ପ୍ରଧାନମନ୍ତ୍ରୀ (କାର୍ଯ୍ୟପାଳିକା) ଓ ଶେଷରେ ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ଯାଇଥାଏ। କିନ୍ତୁ ଯଦି ରାଷ୍ଟ୍ରପତି ଏହାକୁ ପୁନଃ ବିଚାର ପାଇଁ ପଠାଇଦିଅନ୍ତି ଓ କଲେଜିୟମ ପୁଣିଥରେ ସେହି ନାମ ଗୁଡ଼ିକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇଥାନ୍ତି ତେବେ ବାଧ୍ୟ ହୋଇ ସରକାର ପ୍ରସ୍ତାବକୁ ଅନୁମତି ଦିଅନ୍ତି। ଏହି କଲେଜିୟମ ବ୍ୟବସ୍ଥା ଯୋଗୁଁ ପ୍ରାୟ ସମୟରେ ସରକାର ଓ ନ୍ୟାୟପାଳିକା ମଧ୍ୟରେ ତିକ୍ତତା ଦେଖାଯାଏ। ଏହାର କାରଣ ସମ୍ବିଧାନରେ କଲେଜିୟମ ବ୍ୟବସ୍ଥାର ଉଲ୍ଲେଖ ହୋଇ ନାହିଁ।

ISSN NO.
2582-208X

ଏହା ଆଇନି ସଂଗତ ନୁହେଁ। ସମ୍ବିଧାନରେ ଅନୁଛେଦ-(୧୨୪) ଅନୁଯାୟୀ ନ୍ୟାୟପାଳିକାଙ୍କ ନିଯୁକ୍ତି ର ବିବରଣୀ ଅଛି। ଏଥିରେ ବରିଷ୍ଠତା ଭିତିରେ ନିଯୁକ୍ତି କୁ ପ୍ରାଧାନ୍ୟ ଦିଆଯାଇଅଛି। ଅନୁଛେଦ -(୧୨୪) ଓ ବରିଷ୍ଠତା ଭିତିରେ ନ୍ୟାୟପାଳିକାରେ ନିଯୁକ୍ତି ହୋଇ ଆସୁଥିବା ବେଳେ, ଜରୁରୀକାଳୀନ ପରିସ୍ଥିତି ସମୟରେ ୧୯୭୩ ଓ ୧୯୭୭ ରେ ଏହାର ଉଲଂଘନ କରାଯାଇଥିଲା ଓ କନିଷ୍ଠଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାପରେ ପରିସ୍ଥିତି ଧିରେ ଧିରେ ବଦଳିବାକୁ ଲାଗିଲା ଓ ଏଥିରୁ ବାଦ୍ ପଡ଼ିଲାନି। ତେବେ ୧୯୯୦ ରେ ନ୍ୟାୟଧୀଶ ମାନଙ୍କ ଦ୍ୱାରା କଲେଜିୟମ ବ୍ୟବସ୍ଥା ସ୍ଥାପନ ହେଲା ଓ ୧୯୯୩ ରେ ଏହା କାର୍ଯ୍ୟ କଲା। କିନ୍ତୁ ଏହି ବ୍ୟବସ୍ଥା ମଧ୍ୟ ସ୍ୱଚ୍ଛ ନଥିଲା। ଏଥିରେ ନ୍ୟାୟାଧୀଶ ମାନଙ୍କ କାର୍ଯ୍ୟ କୁଶଳତା ସନ୍ଦେହ ଘେରରେ ଥିଲା, ପରିବାରବାଦ ର ଛାପ ମଧ୍ୟ ଥିଲା, ଜଜ ହିଁ ଜଜ ମାନଙ୍କୁ ନିଯୁକ୍ତି ଦେଉଥିଲେ ଓ ଏଥିରେ କୌଣସି ନିୟନ୍ତ୍ରଣ ନଥିଲା। ନିଯୁକ୍ତି ପ୍ରକ୍ରିୟା ଓ ରାୟ ବିଷୟରେ କୌଣସି ପ୍ରକାରର ସାର୍ବଜନିକ ତଥ୍ୟ ଦିଆଯାଇନଥିଲା। ଏହିପରି ବହୁତ କାରଣ ଯୋଗୁଁ କଲେଜିୟମ ବ୍ୟବସ୍ଥା ବିବାଦ ଘେରରେ ରହିଥିଲା। "ଏନଡ଼ିଏ" ସରକାର ସମୟରେ ଏହାର ତର୍ଜମା କରି ଏକ ଆୟୋଗ ଜଷ୍ଟିସ ଭେଙ୍କେୟା ଚଳୟାଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ଏହି ଆୟୋଗ ତାଙ୍କ ରିପୋର୍ଟରେ କଲେଜିୟମ ବ୍ୟବସ୍ଥାକୁ ସମାପ୍ତ କରି "ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ" (ଏନଜେଏସି)ର ଗଠନ ପାଇଁ ପ୍ରସ୍ତାବ ଦେଲେ । ୨୦୧୪ ରେ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ସଂପୃକ୍ତ ଅଧିନିୟମକୁ ପ୍ରାଥମିକତା ଦେଲେ ଏବଂ ସଂସଦର ଉଭୟ ଗୃହରେ ସର୍ବସହମତି କ୍ରମେ ପାରିତ କରାଯାଇ ସ୍ଥାପନା ନିମନ୍ତେ ସମ୍ବିଧାନ ସଂଶୋଧନ କରାଗଲା। ଏଥିରେ ନ୍ୟାୟପାଳିକା ଓ କାର୍ଯ୍ୟପାଳିକାଙ୍କ ସମାନ ଅଧିକାର ଦିଆଯାଇଥିଲା କିନ୍ତୁ ୨୦୧୫ ରେ ସୁପ୍ରିମକୋର୍ଟ ଏହାକୁ ଅସାମ୍ବିଧାନିକ ଓ ନ୍ୟାୟପାଳିକାଙ୍କ କାର୍ଯ୍ୟରେ ସରକାରଙ୍କର ଅଯଥା ହସ୍ତକ୍ଷେପ ଦର୍ଶାଇ ରଦ୍ଦ କଲେ ଓ ପୂର୍ବର କଲେଜିୟମ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ଆଇନିଗତ ମର୍ଯ୍ୟାଦା ଦେଲେ। ତେବେ ସରକାର ଓ ନ୍ୟାୟପାଳିକା ମଧ୍ୟରେ ବିବାଦ ସେତେବେଳେ ତୀବ୍ର ହେଲା, ଯେତେବେଳେ ଏକ ପଦୋନ୍ନତି କୁ ବିରୋଧ କରି ପୂର୍ବତନ ଜଷ୍ଟିସ୍ କୈଳସ ଗମ୍ଭୀର ରାଷ୍ଟ୍ରପତିଙ୍କୁ ଚିଠି ଦ୍ୱାରା ଜଣାଇଲେ ଯେ, କଲେଜିୟମ ଦ୍ୱାରା

ISSN NO.
2582-208X

ମନୋନୀତ ହୋଇଥିଲା କର୍ଣ୍ଣାଟକ ହାଇକୋର୍ଟ ର ଜଷ୍ଟିସ୍ ଦିନେସ ମହେଶ୍ୱରୀ ଓ ଦିଲ୍ଲୀ ହାଇକୋର୍ଟ ଜଷ୍ଟିସ୍ ସଞ୍ଜିବ ଖନ୍ନା ଦ୍ୱୟଙ୍କର ସୁପ୍ରିମକୋର୍ଟ ର ଜଜ୍ ନିଯୁକ୍ତି ହେବା ତୃଟିଯୁକ୍ତ ଅଟେ। ଏଥିରେ ବରିଷ୍ଠଙ୍କୁ ଅଣଦେଖାକରି ତୃତୀୟ ଓ ତେତିଷତମ କ୍ରମରେ ଥିବା ଜଜ୍ ଙ୍କୁ ପଦୋନ୍ନତି ମିଳିଛି। ଏହାଦ୍ୱାରା କଲେଜିୟମ ବ୍ୟବସ୍ଥାରେ ବିଶ୍ୱସନିୟତା ଓ ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ଏହାମଧ୍ୟ କହିଲେକି ଜଷ୍ଟିସ୍ ସଞ୍ଜୀବ ଅନ୍ନା ଙ୍କୁ ତାଙ୍କ ବଡବାପା ଜଷ୍ଟିସ୍ ଏଚ.ଆର.ଖନ୍ନା ଙ୍କ ସିଫାରିସରେ ପଦୋନ୍ନତି ମିଳିଛି। ଶ୍ରୀମାନ ଏଚ.ଆର.ଖନ୍ନା ସେହି ଜଷ୍ଟିସ ଯିଏ କି ଜରୁରୀକାଳୀନ ସ୍ଥିତି ସମୟରେ ସରକାରଙ୍କ ବିପକ୍ଷରେ ଯାଇ ବରିଷ୍ଠ ହୋଇ ମଧ୍ୟ ଚିଫ୍ ଜଷ୍ଟିସ୍ ପଦରୁ ବଞ୍ଚିତ ହୋଇଥିଲେ। ଓ ଏହା ହିଁ ପ୍ରଥମ ଐତିହାସିକ ଭୁଲ୍ ଥିଲା, ଯାହା ଫଳରେ କଲେଜିୟମ ବ୍ୟବସ୍ଥାର ମୂଳଦୁଆ ପଡ଼ିଥିଲା। ତେଣୁ ଦ୍ୱିତୀୟ ଥର ପାଇଁ ଯେପରି ଆଉ ଐତିହାସିକ ଭୁଲ୍ ନହେଉ। ଏହିପରି ଆହୁରି ଅନେକ ଉଦାହରଣ ଅଛି ଯେଉଁଥିରେ କି ଜଜ୍ ମାନେ ହିଁ କଲେଜିୟମ ବ୍ୟବସ୍ଥାକୁ ବିରୋଧ କରିଛନ୍ତି। ତେବେ ଉଚ୍ଚତମ ନ୍ୟାୟାଳୟର ନ୍ୟାୟଧିସ ମାନଙ୍କ ମତ ହେଲା, ସେମାନଙ୍କ ସହଯୋଗିମାନଙ୍କୁ ଜାଣିଛନ୍ତି ଓ ପ୍ରତିଦିନ ଦିଆଯାଉଥିବା ରାୟ ର ସକରାତ୍ମକ ଓ ନକରାତ୍ମକ ଦିଗ ଗୁଡ଼ିକୁ ଭଲ ଭାବରେ ଜାଣନ୍ତି ଓ ନ୍ୟାୟାଳୟରେ ଚାଲିଥିବା ତର୍କ କୁ ବି ଶୁଣିଥାନ୍ତି। ତେଣୁ ଜଜ୍ ମାନଙ୍କ ପଦୋନ୍ନତି ଓ ସ୍ଥାନାନ୍ତର ପାଇଁ ସେମାନଙ୍କ କ୍ଷମତା ଓ ଯୋଗ୍ୟତା କ୍ରମରେ ନିର୍ଣ୍ଣୟ ନେବାପାଇଁ ନ୍ୟାୟପାଳିକା ସରକାରଙ୍କ ଠାରୁ ଅଧିକ ପାରଙ୍ଗମ। ନ୍ୟାୟପାଳିକା କହିବାର ତାତ୍ପର୍ଯ୍ୟ ହେଲା "ଏନଜେଏସି" ର ସ୍ଥାପନା ଦ୍ୱାରା ଯଦି ସରକାରଙ୍କ ପକ୍ଷ ଅଧିକ ରହିବ (ଅଧିକ କ୍ଷମତାଶାଳୀ) ହେବେ ତେବେ ନ୍ୟାୟିକ ନିଯୁକ୍ତି କ୍ଷେତ୍ରରେ ରାଜନୈତିକ କାରଣର ସମ୍ଭାବନା ବି ବଢ଼ିଯିବ। ତେବେ ଜନମାନସରେ ଏକ ଧାରଣା ଅଛି ଯେ ସରକାରଙ୍କ ତରଫରୁ ନିଯୁକ୍ତି ଗୁଡ଼ିକ ନିରପେକ୍ଷ ନୁହେଁ। କିନ୍ତୁ ସରକାରଙ୍କ ଅନୁସାରେ ନ୍ୟାୟାଳୟ ଗୁଡ଼ିକରେ ଯୋଗ୍ୟ ବ୍ୟକ୍ତି ମାନଙ୍କର ନିଯୁକ୍ତି ହେବା ଦରକାର, ଯାହାଦ୍ୱାରା ସାଧାରଣ ଲୋକଙ୍କୁ ମଧ୍ୟ ଉଚିତ୍ ନ୍ୟାୟ ମିଳିପାରିବ। କିନ୍ତୁ ଏଠାରେ ଏକ ପ୍ରଶ୍ନ ଉଠେ ଯେ ଯୋଗ୍ୟତାର ମାପଦଣ୍ଡ କ'ଣ? ପ୍ରଶ୍ନ ସେଇଟି ନା ସରକାର ଅବା ନ୍ୟାୟପାଳିକା କେହି ବି ନିରପେକ୍ଷ ନୁହନ୍ତି ତାହାଲେ ନିଯୁକ୍ତି ଗୁଡ଼ିକ କିପରି ନିରପେକ୍ଷ ହେବ? ତେବେ

ISSN NO.
2582-208X

"ଏନଜେଏସି" ଅଧିନିୟମ ୨୦୧୪ ଉପରେ ଚର୍ଚ୍ଚା କଲେ ଦେଖାଯାଏ ଯେ ଏହା ସପକ୍ଷରେ ପ୍ରାୟ ସମସ୍ତ ଦଳ ଭୋଟ ଦେଇ ଥିଲେ ଓ ଏହା ଲୋକସଭା ଓ ରାଜ୍ୟ ସଭାରେ ବହୁ ମତରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଭାରତର ଜନତା ହିଁ ସବୁଠାରୁ ଉର୍ଦ୍ଧରେ ଓ ଜନତାଙ୍କ ପ୍ରତିନିଧି ଦ୍ୱାରା ଅଣାଯାଇ ଥିବା ଯେକୌଣସି ନିୟମ ସବୁଠାରୁ ଉର୍ଦ୍ଧରେ ଯେତେବେଳେ ନ୍ୟାୟପାଳିକାଙ୍କ ସ୍ୱତନ୍ତ୍ରତା ଓ ନିରପେକ୍ଷତା କଥା ଉଠୁଛି, ସେତେବେଳେ ନ୍ୟାୟଧିସ ମାନଙ୍କ ନିଜ ଅଧିକାର କୁ ନୁହେଁ ବରଂ ଜନତାଙ୍କ ଅଧିକାରକୁ ପ୍ରାଥମିକତା ଦିଆଯିବ ଉଚିତ। ନ୍ୟାୟ ଜନତାଙ୍କ ପାଇଁ ହେବା ଦରକାର, ନ୍ୟାୟଧିସ ଙ୍କ ପାଇଁ ନୁହେଁ। ସ୍ୱତନ୍ତ୍ରତା ର ମାନେ ମନମୁଖୀ କେବେହେଲେ ନୁହେଁ। ଭାରତର ସମ୍ବିଧାନ ନିର୍ମାତାମାନେ ରାଜନୈତିକ ଚରିତ୍ର କୁ ସଂଘିଅ ବୋଲି କହୁଛନ୍ତି, ଯେଉଁଥିରେ ଉଚ୍ଚସ୍ଥ ଓ ଅଧିନସ୍ଥର ଭାବନା ନହୋଇ ସମାନତାର ଭାବ ବୋଲି କହିଛନ୍ତି। ସ୍ୱାଧୀନ ପରେ ଭାରତୀୟ ନ୍ୟାୟପାଳିକା ନ୍ୟାୟର ଦେଶ ଗଠନ କରିବା ପାଇଁ ଐତିହାସିକ ପଦକ୍ଷେପ ନେଇଅଛନ୍ତି। ଏଥିରେ ସମ୍ବିଧାନବାଦ, ମୌଳିକ ଅଧିକାର ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତା, ଜନହିତ ଯାଚିକା ଆଦି ପ୍ରୟୋଗ ଗୁଡ଼ିକ ଭାରତର ନ୍ୟାୟ ବ୍ୟବସ୍ଥାର କାହାଣୀ ବିଖ୍ୟାତ।

ନିକଟ ଅତୀତରେ ଆଇନମନ୍ତ୍ରୀ କିରଣ ରିଜିଜୁ ନ୍ୟାୟିକ ବ୍ୟବସ୍ଥାକୁ ସମାଲୋଚନା କରିସାରିଥିବା ବେଳେ ଏବେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ "ଏନଜେଏସି" ଅଧିନିୟମକୁ ରଦ୍ଦ କରାଯିବାକୁ ନେଇ ସମାଲୋଚନା କରିଛନ୍ତି। ସେ କହିଥିଲେ ଭାରତର ଲୋକଙ୍କ ଇଛା ଏକ ସାମ୍ବିଧାନିକ ଓ ବୌଦ୍ଧ ମଞ୍ଚ ଜରିଆରେ ଆସିଥିଲା। ଯାହାକୁ ରଦ୍ଦ କରିଦିଆଗଲା। ଏହା ଏକ ଗମ୍ଭୀର ପ୍ରସଙ୍ଗ ଓ ସଂସଦରେ ଏହା ଉପରେ ଆଲୋଚନା ହେବା ଉଚିତ୍। ତେବେ କଲେଜିୟମ ଦ୍ୱାରା ପ୍ରସ୍ତାବିତ ନାମ ଗୁଡ଼ିକ ସରକାର କ୍ଲିୟରାନ୍ସ ଦେବା ପାଇଁ ବିଳମ୍ବ କରୁଥିବା କହି ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଓ ସରକାର ଓ ସୁପ୍ରିମକୋର୍ଟ ମଧ୍ୟରେ ବିବାଦ ଓ ତିକ୍ତତା ଯୋଗୁଁ ନା କେବଳ ଜଜ୍ ମାନଙ୍କ ନିଯୁକ୍ତିରେ ବିଳମ୍ବ ହେଉଛି, ତା ସହିତ ତଳ ସ୍ତରରୁ ଆରମ୍ଭ କରି ଉଚ୍ଚତମ କୋର୍ଟ ମାନଙ୍କ ଅଭାବ ପରିଲକ୍ଷିତ ହେଉଛି। ଯେଉଁଥି ପାଇଁ ଦେଶର ଶହ ଶହ ମାମଲା ବିଚାର ନ ହୋଇ

ISSN NO.
2582-208X

ପଡ଼ିରହିଛି। କଲେଜିୟମ ବ୍ୟବସ୍ଥାରେ ମୁଖ୍ୟ ନ୍ୟାୟଧିସ ଶ୍ରେଷ୍ଠ ଥିଲେ। ତେଣୁ ନ୍ୟାୟପାଳିକା ଉପରେ କୌଣସି ପ୍ରକାରର ନକରାତ୍ମକତାର ଆଶଙ୍କା ନଥିଲା। ବରଂ "ଏନଜେଏସି" ଅଧିନିୟମ ଦ୍ୱାରା ଲୋକତନ୍ତ୍ର ର ମଜବୁତ ହେବାର ବାର୍ତ୍ତା ଦେଶବାସୀଙ୍କ ସମ୍ମୁଖକୁ ଯାଇଥାନ୍ତା। ତେବେ ଏହା ଅତି ଦୁଃଖର ବିଷୟ ଯେ ଲୋକତନ୍ତ୍ରର ପ୍ରହରି ହିଁ ଲୋକତାନ୍ତ୍ରିକ ପଦ୍ଧତିକୁ ଗ୍ରହଣ କରିବାକୁ ସହମତି ଦେଉନାହାନ୍ତି। ତେବେ ସମୟ ଆସିଯାଇଛି ଏକ ଲୋକତାନ୍ତ୍ରିକ ପଦ୍ଧତିକୁ ଆପଣାଇ ନ୍ୟାୟପାଳିକାଙ୍କ ସମ୍ମୁଖରେ ଆସୁଥିବା ବାଧାକୁ ଦୁର କରି ଏକ ସୁସ୍ଥ ପରମ୍ପରା ସୃଷ୍ଟି କରି ଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ। ଦେଶରେ ପଡିରହିଥିବା ଶହ ଶହ ମାମଲା ର ତ୍ୱରିତ ବିଚାର ପାଇଁ ସରକାର ଆର୍ଟିଫିସିଆଲ ଇଣ୍ଟେଲିଜେନସ୍ କୁ ବ୍ୟବହାରରେ ଆଣିପାରିବେ। ନିକଟ ଅତୀତରେ "ଦ ହିନ୍ଦୁ" ଖବର କାଗଜରେ ଏକ ଆଲେଖ୍ୟ ଜଣେ ସିନିୟର ଜଜ୍ ଙ୍କ ଦ୍ୱାରା ଲେଖାଯାଇଥିଲା। ସେଥିରେ ସେ ଉଲ୍ଲେଖ କରିଥିଲେ କିପରି ୨୬ ସେପ୍ଟେମ୍ବର ରେ କଲେଜିୟମ ର ଏକ ମିଟିଙ୍ଗ ହେଲା ଯେଉଁଥିରେ କେବଳ ଜଣେ ଜଜ୍ ଙ୍କ ନାମ ଉପରେ ଚର୍ଚ୍ଚା ହେଲା ଓ ଅନ୍ୟ ଜଜ୍ ମାନଙ୍କ ଉପରେ କୌଣସି ଚର୍ଚ୍ଚା ହୋଇ ପାରିଲା ନାହିଁ ଏବଂ ପରବର୍ତ୍ତୀ ସଭା ୨୯ ସେପ୍ଟେମ୍ବର ହେବ ବୋଲି ଧାର୍ଯ୍ୟ ହେଲା କିନ୍ତୁ ଜଜ୍ ମାନଙ୍କ ବ୍ୟବସ୍ଥା କାରଣରୁ ମିଟିଙ୍ଗ ହୋଇପାରିଲା ନାହିଁ। ତେବେ ଏହି ବରିଷ୍ଠ ଜଜ୍ ମାନେ ସବୁ ସୁପ୍ରିମକୋର୍ଟର ଗୋଟିଏ ଅଫିସରେ ବସନ୍ତି। ତେବେ କାହିଁକି ସେମାନେ ଜଜ୍ ମାନଙ୍କ ନିଯୁକ୍ତି ପାଇଁ ସମୟ ଦେଇପାରନ୍ତି ନାହିଁ? କାହିଁକି କଲେଜିୟମ ବ୍ୟବସ୍ଥାର ଠିକ୍ ରୂପରେ ସଞ୍ଚାଳନ କରି ପାରନ୍ତି ନାହିଁ। ଏଠାରେ ମଧ୍ୟ ପାରିବାପଣିଆ ଓ ସକରାତ୍ମକ ତାର ଅଭାବ ପରିଲକ୍ଷିତ ହେଉଛି। କାରଣ ବର୍ତ୍ତମାନ ସୁଦ୍ଧା ୩୮୦ ରୁ ଅଧିକ ନିଯୁକ୍ତି ଭିତ୍ତିକ ପଦ ରିକ୍ତ ଅଛି। ତେଣୁ ସରକାର ଚାହିଁଲେ ଆର୍ଟଫିସିଆଲ ଇଣ୍ଟେଲିଜେନ୍ସ କୁ ବ୍ୟବହାର କରି ଏହାର ସମାଧାନ କରିପାରିବ।

ନୟାପଲ୍ଲୀ,ଭୁବନେଶ୍ୱର
୭୯୭୮୩୩୨୦୬୧

ISSN NO.
2582-208X

# ନୂଆବର୍ଷ



କୁଞ୍ଜ ବିହାରୀ ସାହୁ

ନୂଆବର୍ଷ ତୁମେ ନିହାତି ନିଜର
ମାଟି ଅଗଣାରେ ହୋଇଛ ହାଜର
ଖୋଜୁଥିଲି ବାରମାସ,
ମୋ ଆଖିଲୁହରେ ସ୍ୱାଗତ କରୁଛି
ଦିଅ ମୋ ଓଠରେ ହାସ ।

ଭଙ୍ଗା କୁଡ଼ିଆରେ ଜହ୍ନ ମୁଁ ଦେଖୁଛି
ଜହ୍ନର ସାଏରୀ ନିଇତି ଲେଖୁଛି
ଅତୀତ ଗଲାଣି ମରି,
ଶୈଶବ ହେଲାଣି ଚୂଲୀର ପାଉଁଶ
ପାରୁନି ମୁଠାଏ ଧରି ।

ନନା-ବୋଉ ମୋର ଦୂରକୁ ଗଲେଣି
ଦୂର ଆକାଶରେ ତାରକା ହେଲେଣି
ରହିଅଛି ଚାହିଁ ଚାହିଁ,
ନୂଆବର୍ଷ ତୁମେ ନୂଆ ସକାଳରେ
କହିବ ଆସିବା ପାଇଁ !!

ISSN NO.
2582-208X

କୁହୁଡ଼ି ଚାଦର ଦେହରେ ଘୋଡ଼େଇ
ରାଗ- ଅଭିମାନ ଧୂଳିକୁ ଆଡ଼େଇ
ଆସିଛ ସକାଳେ ବୁଲି,
ମଜା ମଉଜରେ ଖୁସିରେ ନାଚନ୍ତି
ଧନୀ ଓ ଗରିବ, କୁଲି ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

( )

ISSN NO.
2582-208X

# ହଜିଲା ଦିନ



ଛବି ରାଣୀ ପତି

ବୋହିଗଲା ପାଣି
ଆଉ ବିଗତ ସମୟ !
ଦିନ ମାସ ବର୍ଷ ହଜିଯାଏ
ପୁରୁଣା ପଞ୍ଜିକାଟେ ପରି
ମଲା ନଈ, ମଉଳା ମନ
ନିବିଡ ଅଭୁଲା ଅତୀତର
ସେ ହଜିଲା ଦିନ ।

ନୀରବରେ ସ୍ମୃତିକୁ ପଖାଳେ ଯେବେ
ମନେପଡେ ବାପଘର ପିଲାବେଳ
ମଜାମସ୍ତି କଳିଗୋଳ
ଗାଆଁ ଦାଣ୍ଡ ଧୂଳିଖେଳ ।

ଜେଜେମା ବୋଉ ଖୁଡି ଦେଢେଇ
ପାରୁଥିଲେ ଶୀତେକେତେ ଘଷି ଫଡା
ସୁଖୋଉଥିଲେ ନୀତି ଧାନକୁ ଉସେଇଁ
ଭାଜୁଥିଲେ ମୁଢ଼ି ଖଇ ହୁଡୁମ

ISSN NO.
2582-208X

ବାଟୁଥିଲେ ହଳଦୀ ମସଲା ବେସର ଓ
ସୋଇଥିବା ସାଇ ମଝିରେ ଢ଼ିଙ୍କିର
ନଥିଲେ ତାର ପର ଆପଣାର କେହି ।

ବାପା ଦଦେଇ କକେଇଙ୍କର ସେ
ବାଦାମ ମୁଗ କୋଳଥ ବିରି ଓପଡ଼ା
ଆଳୁ ସାରୁ ମୂଳା କନ୍ଦମୂଳ ଆଦି ଖୋଳା,
ଚାକର କୋଠିଆ ସମେତ
ସେ ଧାନ କଟା ଖଳାରେ ବଳଦ ବେଙ୍ଗଳା
ପୁଣି ଭାରି ମନେପଡେ
ଶୀତ ଦିନିଆ ଆମର ସେ ପାରିବା ଚାଷ
ଛଅ ବୋଉଙ୍କର ଓଷା ଉପବାସ ।

ଖଞ୍ଜା ଯାକର ରୋଳା
ହୋଲିର ସେ ରଙ୍ଗ ବୋଳା
ରଜଦୋଳି ମଜା ଚନ୍ଦନଟିପା ସଜା
ହଜାରି ଫୁଲରେ ମେହେନ୍ଦି
ମୋର ରାଗ ଅଭିମାନ ଜିଦି
ଛାତ ଉପରେ କୁଆଁର ପୁନେଇଁର ଗୀତ
ଗାଉ ଆମେ ଭାଇ ଭଉଣୀ ହୋଇ ମୀତ ।

ମଝି ଦୁଆରର ସଞ୍ଜ ଖଟି
ରୋଷେଇ ଶାଳ ଦିନ ତମାମର ଭାଟି
ସାଙ୍ଗ ସାଥି ହୋଇ ଖାଇବା ଖୋଇବା
ଖେଳିବା ବୁଲିବା ପଢ଼ିବା ଶୋଇବା,
ଦାଣ୍ଡ ବାଡିର ବାନ୍ଧ୍ଗଛ ସେ ଫୁଲବଗିଚା
ଆଜିବି ସ୍ମୃତିରେ ଅସ୍ମିତା ।


ISSN NO.
2582-208X

ଝୋଟି ଚିତା ମୁରୁଜର ଆମ ପୁରନ୍ତା ଘର
ସ୍ୱର୍ଗ ପରି ଲାଗୁଥିଲା ଅଗଣା ମନ୍ଦିର ।
ଦସଖଣ୍ଡ ପଡ଼ାରେ ଆମ ନାଁ ଥିଲା ଡାକ
ସବୁଠୁ ସୁନ୍ଦର ଥିଲା ଆମ ଗୋଟେଧାଡ଼ି ଗାଁ
ସମୟ ଚକ୍ରରେ ସେସବୁ ଯାଇଛିରେ ହଜି
ଆମ ସେ ଯୌଥ ପରିବାର ସ୍ମୃତିରେ ଆଜି
ଏମିତି ପିଲାଦିନ କଣକେହି ଭୁଲି ପାରେ !
ସ୍ମୃତିରେ ସ୍ମୃତିରେ ଝୁରି ଦିନ ସିନା ସରେ ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬

ISSN NO.
2582-208X

# ବର୍ଷ ବଦଳି ଯିବ



ବିନୟ ମହାପାତ୍ର

ଦିନ କେଇଟାରେ, ତାରିଖ ବଦଳ ଯିବ
ବର୍ଷ ସାଥେ ବୟସ ବି ବଦଳବ,
ହେଲେ କିଛି ବି ବଦଳବ ନାହିଁ
ତୁମ ଆମ ସମ୍ପର୍କରେ,
ପ୍ରେମ ଯେମିତି ଅଛି
ଆଗକୁ ସେମିତି ରହିବ
ଗୋଟିଏ ସୁତାରେ ବନ୍ଧା ଜୀବନ ଆମର
ସବୁ ଦିନ ଏମିତି ଗ୍ଲୁ ଥିବ ।
ଏଇଠି ଖାଲି ବରଷ ବଦଳ ଯାଏ
ପୁରୁଣା ଯାଏ, ନୁଆ ବର୍ଷ ଆସେ
ମସିହା ଛଡା ଦୁନଆରେ
ଆଉ କିଛି ବି ବଦଳେନ,
ଯେମିତି ସରକାର ବଦଳଲେ
'ଅଚ୍ଛେ ଦିନ୍' ଆସେ ନାହିଁ ।
ପେଟ୍ରୋଲର ଦରଦାମ ତଳକୁ ଖସେନା,
ମଧ୍ୟବିତ୍ତ ବାବୁଟିର ପକେଟ୍
ସବୁ ଦିନ ସେମିତି ଖାଲି ରହି ଥାଏ,
ଇନକମ୍ ଟାକ୍ସରେ କିଛି ରିବେଟ୍ ମିଳେନା ।

ISSN NO.
2582-208X

ନୁଆ ବର୍ଷ ଆସିବ, ବାଣ ଫୁଟିବ
କେତେ ବଣ ଭୋଜି,
ଷ୍ଟାର ହୋଟଲରେ କେତେ କେତେ
ନାଚ ଗୀତ ପାର୍ଟି ହୋଇ ଯିବ ।
ଏକତ୍ରୀଶ ରାତି ବାରଟାରେ
ନୁଆବର୍ଷ ଆଗମନେ
କେତେ ଯେ ବୋତଲ ଖାଲି ହୋଇ ଯିବ ।
ନୁଆବର୍ଷର ପ୍ରଥମ ଦିନ ଦି'ପହରରେ
ଯେବେ ଆଖି ଖୋଲିବ,
ଘର ସାମ୍ନାରେ ଲେନଦାରଙ୍କ
ଲମ୍ବା ଲାଇନ ଲାଗି ଥିବ ।
ପେପରବାଳା, ଦୁଧବାଲା,
ରାସନ ଦୋକାନର ଲାଲା
ଚଠା ଧରି ଘର ଆଗେ କରବେ ଝାମେଲା ।
ବର୍ଷ ସିନା ବଦଳ ଯାଏ
ହେଲେ ଜୀବନର ଗାଡି
ବିନା କଛି ଅଦଳ ବଦଳ
ଭଙ୍ଗା ଗଡି ପରି ଏଇଠି ଏମିତି ପଡି ଥିବ
ଏ ଜୀବନ ଆଗକୁ ବି
ଏଇଠି ଏମିତି ପଡି ରହିବ
ଧକ୍କା ମାରିବାକୁ ସତେ ଅବା
ବଡ ବିନତୀରେ ହାତ ଠାରି ଡାକୁ ଥିବ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ପାର ନାନୀ



ଅରୁଣ କୁମାର ମହାପାତ୍ର

ଶାଗ ନବ ଶାଗ !

ବାରମ୍ବାର ସେହି ଗୋଟିଏ ଶବ୍ଦ। ଧୀର ଜାଣେ ସେ ବାଲ୍କୋନିରୁ ଥରେ ନ ଦେଖିବା ଯାଏଁ ପାର ନାନୀ ଡାକ ଛାଡି ଥାଏ। କହେ ବି ଆଉ ଧୀର ଲକ୍ଷ୍ୟ ବି କରିଛି ଯେ ସଂପୂର୍ଣ୍ଣ ଝୁଡ଼ି ଭର୍ତ୍ତି ଶାଗ ତା ପାଖକୁ ନେଇ ଆସେ। ତେଲୁଗୁ ମିଶା ଓଡ଼ିଆରେ କହେ 'ତୁ ବାବୁ ନେଲା ପରେ ଶାଗ ମାନଙ୍କୁ ଆଉ କାହାକୁ ବିକିବି।' ଥରେ ଦୁଇଥର ମୁଁ ତାଠାରୁ ଶାଗ କିଣିବା ପରେ ସୃଷ୍ଟି ହୋଇଯାଇଛି ଏହି ବନ୍ଧନ ଅଜ୍ଞାତରେ। ତେଣୁ ସେ ଆପଣାର ପାର ନାନୀ। ଆଜି ବି ଡାକି ଚାଲିଛି । ସବୁ ଶୁଣି ବି ନଶୁଣିଲା ପରି ନିଜ ବ୍ୟାଗ୍ ସଜାଡ଼ିବାରେ ବ୍ୟସ୍ତ ଧିର। ତାକୁ ସଅଳ ବାହାରିବାକୁ ପଡ଼ିବ। ତା ପାଇଁ ସବୁ ଅପେକ୍ଷା। ଘରର ବଡ ପୁଅ। ଅବିବାହିତ ହେଲେ ବି ସବୁ ଦାୟୀତ୍ୱକୁ ମୁଣ୍ଡେଇଛି । ସାନ ଭଉଣୀର ବାହାଘର ସଦ୍ୟ ସମ୍ପନ୍ନ । ବାପାମାଆଙ୍କ ସମ୍ବଳ ଯଦିଓ ସମୃଦ୍ଧ ନଥିଲା ତଥାପି ତାର ସହାୟତା କିଛିକାଂଶରେ ଶୀତ କାଳରେ କମ୍ବଳର କାମ କରିଛି । ତା ବାହାଘର ପାଇଁ ମାଆ ଭାରି ବ୍ୟସ୍ତ। କାମଟା ସରିଗଲେ ହୁଏତ ସେମାନେ ଜଞ୍ଜାଳମୁକ୍ତ ହେବେ। ସେ ବୁଝି ପାରୁ ନ ଥିଲା ତେବେ କାହିଁକି ଭଉଣୀର ବାହାଘର ପରେ ସେମାନେ ମୁକ୍ତ ହୋଇ ନାହାଁନ୍ତି। ଏକ ଛୋଟ ଖବର ବି ମାନସିକ ଚାପ ବଢାଏ। ତେବେ ମଣିଷ ଚାହେଁ କଣ? କିଏ କାହାଠାରୁ ଚାହେଁ ମୁକ୍ତି? କି ପ୍ରକାର ଶାନ୍ତି? ସବୁ ଅସମାହିତ। ଛୋଟ ବେସରକାରୀ ଚାକିରି

ISSN NO.
2582-208X

ହେଲେବି ସେ ସନ୍ତୁଷ୍ଟ। ଅନ୍ତତଃ ମାନସିକ ଚାପ ନାହିଁ। ନିଜ କାମ ଠିକ୍ ସମୟରେ କରିଦେଲେ ଗଲା। ବାସ୍ ଏତିକି ।

କଣ କଣ ସବୁ ଭାବି ଚାଲିଛି। ଧିରର ମାନସିକ ଅବସ୍ଥା ତ ମୁଖ୍ୟ ପ୍ରସଙ୍ଗ। ଚତୁର୍ଥ ମହଲାରେ ରହି ସଂପୂର୍ଣ୍ଣ ଡାକ ଶୁଣି ପାରିଲେ ବି ପାର ନାନୀର ଡାକ ଆଜି ତା କାନକୁ ଶୁଭୁ ନାହିଁ ଯେମିତି। ସେ ଛନ ଛନିଆ ଶାଗ କଥା ମନ ପକେଇ ଆଖିରୁ ଅଜାଣତରେ ଦୁଇ ଟୋପା ଲୁହ ଝରି ଆସିଲା। ମଝିରେ ମଝିରେ ବାପା ଦିନେ ଦୁଇଦିନ ପାଇଁ ଆସିଲେ ସେ ଶାଗକୁ ଭାରୀ ଖୋଜନ୍ତି। ସହରରେ ଏଭଳି ସତେଜ ଓ ସୁଆଦିଆ ଶାଗ ଦେଖି ଖୁବ୍ ଖୁସି ହୁଅନ୍ତି। ପାର ନାନୀ ବି ଥରେ ଥରେ କଥା ଛଳରେ ତା ବାହାଘର କଥା କହି ଦେଇଛି କିଛି ଅଧିକାର ଜାହିର କରି।

ପୁଣି ଶୁଭିଲା ଶାଗ! ଶାଗ!

ନୀରବରେ ତଳକୁ ଓହ୍ଲାଇଲା ଧିର। ହାତରେ ଛୋଟ ଏକ ବ୍ୟାଗ୍। ତଳକୁ ମୁହଁ କରି କହିଲା ନାହିଁ ନାନୀ। ଆଜି ଶାଗ ଦରକାର ନାହିଁ। ଘରକୁ ଯାଉଛି। ବାପା ଆଉ ନାହାଁନ୍ତି।

ଅଳସ ପାଦ ଦୁଇଟି ବଢ଼ି ଚାଲିଲା ପାର୍କିଂରେ ଥିବା ନିଜ ଗାଡ଼ି ପାଖକୁ।

ଖୁବ୍ ଦୂରରୁ ଶୁଣି ପାରୁଥିଲା ଏକ ସରଳ ହୃଦୟର ସ୍ପନ୍ଦନ । ହଠାତ୍ ଏକ ଶବ୍ଦ ଶୁଣି ପଛକୁ ଫେରି ଦେଖୁଥିଲା ଶାଗ ଭର୍ତ୍ତି ଝୁଡ଼ିଟିର ଭୂପତିତ ଅବସ୍ଥା।

ସ୍ତବ୍ଧ ରହିଥିଲା ପାର ନାନୀ ।

ବୈଜ୍ଞାନିକ ଅଧିକାରୀ
ଅଶ୍ୱପୁରମ, ତେଲେଙ୍ଗାନା

ISSN NO.
2582-208X

# ୨୦୨୩



କୀର୍ତ୍ତି ଦେବୀ

ଦୁଇ ହଜାର ତେଇଶ
ତୁ ଆଣିଛୁ ନୂଆ ରୂପରେ ସୂର୍ଯ୍ୟ ଆଉ ଚନ୍ଦ୍ର
କାଗଜ କଲମରେ ତୁ ହେଲୁ ନୂଆ
ବରଷ ଆରମ୍ଭରୁ ଈଶ୍ୱର ତତେ କଲ୍ୟାଣ କରନ୍ତୁ
ତୁ ହେଲୁ କାଳଜୟୀ ଓ କରୁଣାର ବାରି
ଅନେକ ଆଶା ଓ ସ୍ୱପ୍ନକୁ କରିବୁ ସାକାର
ଦର୍ବାର ଦର୍ଡ଼ମ୍ବର ବେଶରେ ତୁ ହେବୁ ଅଭିନ୍ନ
ନୀଳାଚଳ ସାଆନ୍ତ ହୋଇବେ ପ୍ରସନ୍ନ ତୋ' ଉପରେ
ନିନ୍ଦା ଅପବାଦ ସବୁକୁ ପୋଛି ଦେବେ  ତୋ' ଶିରରୁ
ମାନବିକତା ରହୁ ଏ ମାନବ ଜାତିରେ
ସର୍ବେ ମିଳମିଶି ଚଳନ୍ତୁ ଏଠାରେ
ନୂଆ ପୁରୁଣାର ଦିନ ମିଶି
ସଂସାରେ ବରଷୁ ଥାଉ ଅମୃତ
ମଙ୍ଗଳ ବିଧାତାଙ୍କ ପାଖରେ ତୋ ପାଇଁ ଏତିକି ପ୍ରାର୍ଥନା
ତୋ' ମୁଣ୍ଡେ ରହୁ ନବରତ୍ନ କରୀଟି
୨୦୨୩ ତୁ ଚୀର ସବୁଜ ହୋଇ ଥାଆ  ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋ: ୯୫୮୩୮୩୩୮୨୭

ISSN NO.
2582-208X

# ମୋ ଗାଁଆ



ସୁବ୍ରତ କୁମାର ପ୍ରଧାନ

ସ୍ନେହ ପ୍ରେମ ଢାଳି ବିମୋହିତ କରେ
ମୋ ଗାଁଆ ପାଣି ପବନ
ମୋ ଗାଁ ସଂସ୍କୃତି ଭାଇଚାରା ପ୍ରିତି
ମାଟି ମୋ ମଥା ଚନ୍ଦନ ।
ଶାକ ତଣ୍ଡୁଳ ରେ ତନୁ ଅଛି ଗଢି
ତା ବିପୁଳ ପ୍ରତିଦାନେ
ଯେତେ ଦୂରେ ଥିଲେ ହୃଦୟ ଅନ୍ତରେ
ବାର ବାର ଆସୁ ମନେ ।
ମଧ୍ୟ ସ୍ଥଳେ ରହି ମା ଦକ୍ଷିଣକାଳୀ
ଢାଳୁଛି କୃପା ଆଶିଷ
ବାତ୍ସଲ୍ୟ ଦାୟିନୀ ଦୁଃଖ ନିବାରଣୀ
ଚରଣେ ସର୍ବେ ଆଶ୍ରିତ ।
ସୂରୁଜ ଆସଇ ପାହାଡ଼ ଫାଙ୍କରୁ
ମୋ ଗାଁ ରେ ପାହେ ରାତି
କୁଆଁରୀ ବାଳିକା ପୁଚି ଖେଳ ଦେଖି
ଲାଜେ ମରେ ଜହ୍ନ ରାତି ।

ଶୀତ ସକାଳରେ ନିଆଁ ପୋଇ ସରେ
କୃଷକ ସକାଳ ଖିଆ
ପୁନିଅ ପରବେ ଏକତାର ଭାବେ
ଦିଅନ୍ତି ହିଆ କୁ ହିଆ ।
ମୋ ଗାଁ ପରିକା ଗାଁ ନାହଁ ଆଉ
ଗରବେ ଫୁଲେ ମୋ ଛାତି
ତା ସେବାରେ ସଦା ଜୀବନ ଢାଳିବି
ଜୀଇଁ ଥିବା ଯାଏ ନିତି ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୭୧୯୭୦୪୧୮

ISSN NO.
2582-208X

# ଯୁଦ୍ଧ କି ତୋହର କୁଳ ବେଉସା



ଶେଷଦେବ ପଣ୍ଡା

ଯୋଡି ବଳଦଟି ମିଶିଣ
ଟାଣୁଥାନ୍ତି ଶଗଡ,
ସମୟ ପାଇଲେ ଲଢନ୍ତି
ଶିଙ୍ଗ କରିଣ ଦୃଢ ।
ଭାଇ ଭାଇ ମଧ୍ୟେ ସଂପତ୍ତି
ପାଇଁ ଭିଡା ଓଟରା,
ଏକ ଛାତ ତଳେ ଥାଇ ବି
ଦ୍ୱାର ଅଲଗା ପରା ।
ଶାଶୁ ବୋହୂ ମଧ୍ୟେ କଜିଆ
ହେବା ସ୍ୱଭାବସିଦ୍ଧ,
ସଉତୁଣୀ କଳି ଜଗତେ
ବାବୁ ବଡ ପ୍ରମାଦ ।
ସାତ ଜନମକୁ ସଙ୍ଗାତ
ପାଇଁ କରନ୍ତି ପଣ,
ରବି ଅସ୍ତମିତ ନ ହୁଏ
ଥରେ ନ କଲେ ରଣ ।

ନେତା ନେତା ମଧ୍ୟେ ସଂଘର୍ଷ
ସିଂହାସନର ପାଇଁ,
ଖାଉଟି-ମହାଜନ କଳି
ଋଣ ଯୋଗୁଁ ବଢଇ ।
ରାଜ୍ୟ ରାଜ୍ୟ ମଧ୍ୟେ ଲାଗିଛି
ଜଳ ବିବାଦ ଘୋର,
ସୀମା ବିବାଦରେ ପ୍ରବୃତ୍ତ
ହୋଇ ଲଢନ୍ତି ଛାର ।
ପ୍ରଜା ସରକାର କେଉଁଠି
ମିଶି ଥାନ୍ତି କି ରହି,
ବନ୍ଦ ଜଳାପୋଡା ଧରମ-
ଘଟ କର୍ମୁଣ ଥାଇ ।
ଦେଶ ଦେଶ ଖଣ୍ଡ ବୁଲାନ୍ତି
ଆଉ ଫିଙ୍ଗନ୍ତି ବୋମା,
ଦୋଷାରୋପ କରୁଥାଆନ୍ତି
କେ' କା' ଲଙ୍ଘିଲା ସୀମା ।

ISSN NO.
2582-208X

ଇତର କହନ୍ତି ମଣିଷେ
ଆରେ ଅଳପେଇଷା,
ଯୁଦ୍ଧ କି ଅଟଇ ତୋହର
ସତେ କୁଳ ବେଉସା ।
କେବେ ତୁ ବୋଲାଉ ନକ୍ସଲ
କେବେ ବିଚ୍ଛିନ୍ନବାଦୀ,
କେତେ ମାରଣାସ୍ତ୍ର ଘେନି ତୁ
କରୁ ଫିକର ଫନ୍ଦି ।
ଧିକ ତୋ ବୀରସ୍ଥାନ-ବାନା
ଆଉ ଲାଡେନ ଠାଣି,
କେବେ ଦାରା ସିଂହ ବୋଲାଉ
କରି ରକ୍ତକୁ ପାଣି ।
କେତେ ବୁଦ୍ଧ ଯୀଶୁ ଗାନ୍ଧିଜୀ
ଦେଲେ ଶାନ୍ତିର ବାଣୀ,
କର୍ଣ୍ଣପାତ ତିଳେ ନ କଲୁ
ଦେଖାଇ ସିଂହ ଠାଣି ।

ସୃଜନ ନନ୍ଦ
ପାଟଣାଗଡ, ବଲାଙ୍ଗିର

ISSN NO.
2582-208X

# ପରନିନ୍ଦାର ପରିଣତି



ଦଣ୍ଡାସି ପ୍ରଧାନ

ତୁମେ ଯାହାର ନିନ୍ଦା ଗାନ କରୁଛନ୍ତି, ପରୋକ୍ଷରେ ତାଙ୍କର ପାପ ସମୂହ ହରଣ କରି ନିଜ ଉପରକୁ ଆଣନ୍ତି। ଆଉ ତୁମର ସମସ୍ତ ପୁଣ୍ୟ , ତୁମ ଅଲକ୍ଷରେ ତାହାଙ୍କୁ ହିଁ ଅର୍ପଣ କରୁଛନ୍ତି।

ଗୋଟିଏ ସୁନ୍ଦର କାହାଣୀ କହୁଛି। ଜଣେ ରାଜା ପ୍ରତି ସପ୍ତାହରେ ତାଙ୍କ ରାଜ୍ୟର ଏକ ଶହ ଅନ୍ଧଙ୍କୁ କ୍ଷୀରି ଖାଇବର ନିୟମ ପ୍ରବନ୍ଧକଲେ। ପାଣ୍ଠି ମଞ୍ଜୁର ହୋଇ, ଦାୟିତ୍ୱ ମଧ୍ୟ ବଣ୍ଟନ ହେଲା । ଭଲ ରାନ୍ଧୁଣିଆ ଡାକି କ୍ଷୀରି ପ୍ରସ୍ତୁତ କରାଗଲା। ମନ୍ତ୍ରୀ ମହାଶୟଙ୍କ ତତ୍ତ୍ୱାବଧାନରେ ଶହେ ଅନ୍ଧ ଆସିଲେ । କ୍ଷୀରି ପ୍ରସ୍ତୁତ ହେଲା। ସେହି ସମୟରେ ନିକଟସ୍ଥ ସ୍ଥାନରୁ ଏକ ବିଷଧର ସର୍ପ ଆସି କ୍ଷୀରି ଭିତରେ ବିଷ ସଂଚାରିତ କରି ଚାଲିଗଲା। ସେହି କ୍ଷୀରି ଖାଇ ସାରିବା ପରେ ସମସ୍ତ ଅନ୍ଧ ମୃତ୍ୟୁବରଣ କଲେ । ଏହି କଥାରେ ରାଜା ବହୁତ ଦୁଃଖିତ ହେଲେ ଓ ସେହି ମୃତ୍ୟୁର କାରଣ ନିଜ ଉପରକୁ ନେଇ ପାପର ପ୍ରାୟଶ୍ଚିତ୍ତ ନିମିତ୍ତ ବନ ଗମନ କଲେ। ମାନସିକ ଗ୍ଲାନି ରାଜାଙ୍କୁ ପ୍ରତ୍ୟେକ ସମୟରେ ଦୁଃଖ ଦେଉଥାଏ। ବୁଲିବାର କିଛିଦିନ ଅନ୍ତେ ରାଜା ବନ ମଧ୍ୟସ୍ଥ ଏକ ଗ୍ରାମରେ ପହଞ୍ଚିଲେ । ରାଜା ନିଜର ପରିଚୟ ନ ଦେଇ ସେହି ଗ୍ରାମର ଜଣେ ବାସିନ୍ଦାଙ୍କୁ ପଚାରିଲେ," ହେ ବାବୁ ! ଏହି ଗାଁର ସବୁଠାରୁ ବଳି କିଏ ବଡ ଧର୍ମାତ୍ମା ଅଟନ୍ତି? ଦୟାକରି ତାଙ୍କର ଘର ମୋତେ ଟିକିଏ ଦେଖାଇ ଦେବେ ତୁମର ମଙ୍ଗଳ ହେବ" କହି, ଅନୁରୋଧ କଲେ। ସେହି ଲୋକଙ୍କ ଠାରୁ

ISSN NO.
2582-208X

ସନ୍ଧାନ ପାଇ ରାଜା ସେଠି ପହଞ୍ଚିଲେ । ପରିବାରରେ, ଯୁବ ଭାଇ ଓ ଯୁବା ଭଉଣୀଙ୍କ ସହିତ ମାତ୍ର ଦୁଇ ଜଣ ରହନ୍ତି । ସେମାନଙ୍କୁ ତା'ଙ୍କ ଘରେ ଗୋଟିଏ ରାତିର ଆଶ୍ରୟ ଦେବା ପାଇଁ ରାଜା ଅନୁରୋଧ କଲେ। ଅତିଥି ଜାଣି ସେହି ଘରେ ରାଜା ଆଶ୍ରିତ ହେଲେ। ରାତିର ଭୋଜନ ପରେ ଯେ ଯାହାର କକ୍ଷରେ ଶୟନ ବ୍ୟବସ୍ଥା ହେଲା ଓ ବିଶ୍ରାମ ନେଲେ ।

ସେ'ପଟେ ଯମରାଜଙ୍କ ଦରବାରରେ ଅନ୍ଧ ମୃତ୍ୟୁବରଣ ପ୍ରସଙ୍ଗରେ ଘମାଘୋଟ ଆଲୋଚନା ଚାଲିଛି। ମୃତ୍ୟୁର କାରଣ ରାଜା, ନା ରୋଷେଇଆ ନା ଦାୟିତ୍ୱରେ ଥିବା ମନ୍ତ୍ରୀ, ନା ବିଷଧର ସାପ। କାହାକୁ ପାପରେ ଅଭିଯୁକ୍ତ କରାଯିବ ? ନିର୍ଣ୍ଣୟ ହୋଇପାରୁ ନାହିଁ। ବିଷୟ ଅମୀମାଂସିତ।

ଏ ପଟର କଥା ।ରାଜାଙ୍କୁ ରାତି ସାରା ନିଦ ହୋଇ ନାହିଁ । ଖାଲି ବିଛଣାରେ ପଡି ଶୋଇ ରହି ଥା'ନ୍ତି । ପାହାନ୍ତା ପ୍ରହରରୁ ଝିଅଟି ଉଠି ନିଜର ନିତ୍ୟ କର୍ମ ସାରି ପୂଜାପାଠ ଅନ୍ତେ ଜପରେ ବସି ଧ୍ୟାନରେ ଜାଣିଲେ, ଯମରାଜଙ୍କ ଦରବାରରେ ଅନ୍ଧ ମୃତ୍ୟୁ ଘଟଣା ସମ୍ବନ୍ଧୀୟ ଆଲୋଚନା । ଅକସ୍ମାତ୍ ସେହି ଝିଅଙ୍କ ପାଟିରୁ ବାହାରି ପଡିଲା, କ୍ଷୀରି ଖାଇ ଶହେ ଅନ୍ଧଙ୍କର ମୃତ୍ୟୁ ଆହା! ସତରେ ଏ ଅପରାଧ କାହାର ? ରାଜାଙ୍କ କାନରେ ଏ କଥା ପଡି ଗଲା। କୌତୁହଳ ବଢିଲା । ଏହି କଥା ଏ ଝିଅ କିପରି ଜାଣିଲା । ଠିକ ଏହି ସମୟରେ ଭାଇ ଆସି ଭଉଣୀକୁ ମନେପକାଇ ଛନ୍ତି ଯେ, ତୁମ୍ଭଙ୍କୁ କଣ ଜଣାପଡୁ ନାହି ଜଣେ ଅତିଥି ପରା ଘରେ ଅଛନ୍ତି । ତା'ଙ୍କ ସକାଳ ଜଳଯୋଗରେ କିଛି ଖାଦ୍ୟ ପ୍ରସ୍ତୁତ କର। କିଛି ଖାଦ୍ୟ ନଖାଇ ଆମ ଘରୁ ସେ ଫେରିଯିବା କଣ ଠିକ ହେବ? ଯାଅ ଶୀଘ୍ର ଯାହା ଅଛି କିଛି ବ୍ୟବସ୍ଥା କର।

ଫେରିବା କଥା ଶୁଣି ରାଜାଙ୍କର ଉଦ୍‌ବେଗ ବଢିଗଲା । ସେ' ନିଶ୍ଚିତ ଜାଣିପାରି ଥିଲେ ଯେ, ଏହି ଝିଅ ପାଖରେ କିଛି ଅଲୌକିକ ଶକ୍ତି ରହିଛି। ମୋର ସମସ୍ୟାର କଛି ସମାଧାନ ଏଇଠି ନିଶ୍ଚୟ ମିଳିବ। ଏହି ମନ ଭାବନାରେ, ତା'ଙ୍କ ଘରେ ଆଉ ଗୋଟିଏ ରାତିର ଆଶ୍ରୟ ପାଇଁ ସେମାନଙ୍କ ନିକଟରେ ରାଜା ଅନୁରୋଧ କଲେ। ରାଜାଙ୍କ ଏହି କଥା ଭାଇକୁ ଭାରି

ISSN NO.
2582-208X

ଅଡୁଆ ଲାଗିବା ସହିତ, ବଢିଲା ଭଉଣୀକୁ ନେଇ ଲୋକଟି ଉପରେ ସନ୍ଦେହ ବଢିଲା। କିନ୍ତୁ କରିବ କ'ଣ ? ବାଧ୍ୟ ହୋଇ ହଁ ଭରିଲା ସତ, ମାତ୍ର ମନ ମାନି ନଥାଏ । ଘାଣ୍ଟି ଗୋଳେଇ ହୋଇ ସ୍ଥିର କଲା, ଏ କଥା ଗାଁର ଲୋକଙ୍କୁ ଜଣାଇ ଦେବା ଠିକ ହେବ। ଦେଖିଲା, ଗାଁ'ର ଚଉପାଢ଼ିରେ କିଛି ଲୋକ ବସିଛନ୍ତି। ସେମାନଙ୍କ ପାଖକୁ ଯାଇ ଲୋକଟିର ଅନୁରୋଧ କଥା କହିଲା । ଲୋକମାନେ କଥାଟିକୁ ଗୁରୁତର ଭାବି କହିଲେ, ଠିକ ଅଛି ତୁମେ କିଛି ଭୟ କର ନାହିଁ । ଆମ୍ଭେମାନେ ସମସ୍ତେ ଆଜି ସାରା ରାତି ଜଗି ରହିବା । ଆମ ଗାଁର ମର୍ଯ୍ୟାଦାର କଥା । ସେ ଅଜଣା ଲୋକଟି ଆସି ଏତେ କଥା କରି ଦେଇ ଚାଲି ଯିବ, ଆମେ ତାକୁ ଛାଡିଦେବା । ପୁଣି ସମସ୍ତେ ରାଗିଯାଇ ଭାଇକୁ ଆକଟ କରି କହିଲେ, ଗତ କାଲି ସେ ଅପରିଚିତ ଲୋକଙ୍କୁ କାହିଁକି ଘରେ ରାତିରେ ରଖିଥିଲ ? ସେଇଠି ହିଁ ତୁମର ଭୁଲ ରହିଲା । ଏ ଲୋକ ଟି ନିଃସନ୍ଦେହରେ ଏପରି କେତେ ମନ୍ଦ କର୍ମ କରିଥିବେ । ଏହିପରି କିଏ କ'ଣ କେତେ କେତେ ଯେ ଉଦ୍ଭଟ କଥା ବାହାରିଲା ତାର ହିସାବ ନାହିଁ। ଶେଷ ନିଷ୍ପତ୍ତି ହେଲା ଯେ, ଆଜି ଆମ୍ଭମାନଙ୍କ ହାବୁଡରେ ପଡିଛି, ଏ ଦୁଷ୍ଟ କୁ ସବୁ ଅସୁଲରେ ଆଚ୍ଛାକରି ପାନେ ଦେବା । ଜଗି ବସି ରହିଲେ ।

ହଠାତ ଯମ ଦରବାରରେ ସହାସ୍ୟ ସ୍ୱର ଉଠିଲ ମହାରାଜ! ଶହେ ଅନ୍ଧ ମୃତ୍ୟ ସମସ୍ୟାର ସମାଧାନ ମିଳିଗଲା । ଏଥିନେଇ ଉପୁଜିଥିବା ପାପକୁ ସେହି ଝିଅର ଗାଁ' ଚଉପାଢ଼ି ଉପରେ ବର୍ତ୍ତମାନ ବସି, ଯେଉଁମାନେ ରାଜାଙ୍କର ନିନ୍ଦା କରୁଛନ୍ତି, ସେମାନଙ୍କ ହିସାବ ତାଲିକାରେ ଯୋଡି ଦିଆଯାଉ। ସେ'ହି ନିନ୍ଦୁକମାନେ ଉକ୍ତ ପାପ ସମୂହକୁ ଭୋଗ କରିବେ । ନିର୍ଣ୍ଣିତ ନିଷ୍ପତ୍ତିରେ ଯମରାଜ ମଧ୍ୟ ମୋହର ସହିତ ଦସ୍ତଖତ ଦେଇଦେଲେ । କଥା ଶେଷ ହେଲା ।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାନ୍ଥପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ8660194967/ Dpradhan@gmail.com

ISSN NO.
2582-208X

# କୁଞ୍ଜରାଜ



ଡ. ଶକୁନ୍ତଳା ନାୟକ ଗୁପ୍ତା

କି ବେଶରେ ଆଜ କୁଞ୍ଜରାଜ
ସୁଆଗ ସଭାରେ ସୁନା ସାଜ ଗୋ ।। ପଦ।।

ମଲକକଢ଼ ସାଥେ ତାଟକ ଖଣ୍ଡୁଆପାଟ
ମଥାକୁ ଉଚ୍ଚପାତିଆ ହେମଚମ୍ପା କିରୀଟ ଗୋ ।

କଞ୍ଚନାଭରେ କମରଛାଇଁ ସେବତୀ ମାଳି
କମ ରତ୍ନଚିତା ମାଖି ହସଇ ବନମାଳୀ ଗୋ ।

ରାହୁରେଖା ଆଡକାନି ଶିଖିରେ ବାଙ୍କଚୂଳ
ରତ୍ନ ଓଡ଼ିଆଣୀ ଦୁକୂଳି ଗୋବିନ୍ଦ ଗୋପାଳ ଗୋ ।

ସ୍ୱର୍ଣ୍ଣଚଇ ନାଗଫଣୀ କର୍ଣ୍ଣେ ମକରକୁଣ୍ଡଳ
ସୁନାଛାଆଣି ମେକାପ ସୁମଣ୍ଡନେ ମଣ୍ଡଳ ଗୋ ।

କରତଳେ ଶଙ୍ଖଚକ୍ର ପଦପାଣିରେ ଗୁଣ
କାମ ଜୋଖା ଆମ୍ରବନେ ଯଥା କୁସୁମବାଣ ଗୋ ।

ଶ୍ରୀଦାଣ୍ଡେ ପ୍ରୀତିକଉଶଳ ବତାସ ଲୋଟିଲା
ଶ୍ରୀଅଙ୍ଗ ଚନ୍ଦନେ କୁଞ୍ଜବସନ୍ତ ନସରିଲା ଗୋ ।

ରାଉରକେଲା

ISSN NO.
2582-208X

# ଲିପୁନ:ଏକ ସନେଟ୍



ଡ. ଜ୍ଞାନେଶ୍ୱର ମିଶ୍ର

ଲିପୁନ୍, ତୁ ଘର ଛାଡିବାର ପାଞ୍ଚବର୍ଷ ପୂରିଗଲାଣି
ଆସିବୁ, ଆସିବୁ ଚାହୁଁ ଆଖି ଲୁହ ମରିଲାଣି
ତୋ ପିଲାଦିନର ସବୁକଥା ଝୁରି ହେଉଅଛି
ନାତି ଟୋକାକୁ ଦେଖନ୍ତି ମନ ବିକଳ ହେଉଛି
ଗାଁରେ ଚଳିବୁ ଆମେ ପାଉନି ସାହସ
ବଢୁଛି ମୋ ଡାଏବେଟିସ୍, ତୋ ବାପାଙ୍କର ଶ୍ୱାସ
କାନ୍ଦିବି ହେଉନି କାଳେ ତୋର ଅମଙ୍ଗଳ ହେବ
ଆସୁନୁ ନା ଆସି ପାରୁନାହୁଁ କିଏ ସେ ଜାଣିବ
ତୁ ନଆସୁଲୁ ନାହିଁ ଆର ମାସ ଆମେ ଯିବୁ ତୋ ପାଖକୁ
ଡରିବୁନି ଆମେ ଯାଉନାହୁଁ ତୋ ପାଖେ ରହିବାକୁ
ବର୍ତ୍ତମାନ ସମାଜରେ ଯାହା ଘଟୁଛି ଦେଖୁଛି ଆଖିରେ
ଭରସା କର ବୋଝ ହେବୁନାହିଁ ତୋ ସୁଖ ସଂସାରରେ
ଅମାନିଆ ହେବୁନାହିଁ ଛୋଟ କଥାଟେ ରଖିବୁ ଧନରେ
ଆମ ପାଇଁ ଭଲ ଏକ ବୃଦ୍ଧାଶ୍ରମ ଖୋଜିଦେବୁ ସେହି ସହରରେ ॥

ଖିଦିରପୁର, କୋଲକୋତା ୭୦୦୦୨୩

ISSN NO.
2582-208X

# କେଶବ କରୁଣାକର



ଜୟନ୍ତୀ ଦେବୀ

କେଶବ କରୁଣାକର ଶ୍ରୀୟବର ନୀଳ କନ୍ଦର ଶୋଭନ ।

ଖେଳୁଆଡ ବଡ଼ ନନ୍ଦପୁର ରାଢ଼ ରାଧା ସ୍ୱାମୀ ଜନାର୍ଦ୍ଦନ ।୧।

ଗେଲବସରିଆ ଶ୍ରୀ ରାଧା ରସିଆ ଶ୍ରୀ ମନ୍ଦିର ଯା ଭବନ ।

ଘେନଇ ଆରତ ସକାଳ ଜୀବର ଦୀନ ବନ୍ଧୁ ଶ୍ୟାମଘନ।୨।

ଚେଇଁରହ ମନ କରି ତା ଦର୍ଶନ ମିଳିବ ଅକ୍ଷୟ ପୁଣ୍ୟ ।

ଛେଦଇ ବିପଦ ସେ ବାଳ  ମୁକୁନ୍ଦ ନୀଳମଣି ନାରାୟଣ ।୩।

ଜେମା ବରୁଣର ଅର୍ଦ୍ଧାଙ୍ଗିନି ଯାର ସେହି ଶ୍ରୀ ରାଧା ମୋହନ ।

ଝେଙ୍କଡ ସେ ପରା ମୁକତି ପସରା ଶ୍ରୀକୃଷ୍ଣ କଞ୍ଜ ଚରଣ ।୪।

ମହୁ, ଆଳ,କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ଅତୀତର ସ୍ମୃତି ରେ ନୂଆବର୍ଷ



ଅମ୍ବିକା ସ୍ୱାଇଁ

ପ୍ରଶାନ୍ତ ବାବୁ ଙ୍କ ର ଅଫିସ ରେ ଜରୁରୀ ମିଟିଂ ଥିବାରୁ ସକାଳୁ ସକାଳୁ ନିତ୍ୟ କର୍ମ ସାରି ଠାକୁର ପୂଜା କରୁଥାନ୍ତି, ହଠାତ୍ ଫୋନ ର ଘଣ୍ଟି ବାଜି ଉଠିଲା । ସେ ପୂଜା ସାରି ଆସି ଦେଖନ୍ତି ତ ଏକ ଅଜଣା ନମ୍ବର ରେ ମିସେଡ୍ କଲଟି ଅଛି କିଏ ବୋଲି ଜାଣିବା ପାଇଁ ଏପଟୁ ଫୋନ୍ ଲଗାଇଲେ ସେ ପଟୁ ଗୁରୁ ଗମ୍ଭିର ସ୍ୱର-କଣ ବଡ଼ ଅଫିସର ବାବୁ ଏତେ ଫୋନ କଲେଣି ଉଠାଉ ନାହାନ୍ତି ଯେ ? ପ୍ରଶାନ୍ତ ବାବୁ ହଠାତ୍ ଏମିତି କାହା ଠାରୁ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ପଚାରିଲେ କିଏ କହୁଛନ୍ତି ଆପଣ ? ଆରେ ମୁଁ କିଏ କହୁଛି ତୁ ଟିକେ ଚିହ୍ନି ତ !!!! ପ୍ରଶାନ୍ତ ବାବୁ କିଛି ସମୟ ଭାବିଲା ପରେ, ମନେ ପକାଇଲେ ସ୍ୱରଟା ଚିହ୍ନା ଚିହ୍ନା ଲାଗୁଛି, କିଏ ହୋଇ ଥାଇ ପାରେ !!!

ମନେ ପଡିଗଲା କଲେଜ ବେଳର ସାଙ୍ଗ ବାଦଲ ଛଡା ଏମିତି ଆଉ କିଏ କହିବ !!!! ଆରେ ତୁ ବାଦଲ କହୁଚୁ ନା !!

ବାଦଲ ସେ ପଟୁ ଠୋ ଠୋ ହସି ଆରେ ସାଙ୍ଗ ଚିହ୍ନି ଦେଲୁ ନା ମୋତେ, ଚିହ୍ନିବୁନି କେମିତି ? ତୁ ଓକିଲାତି ପାଠ ପଢିଛୁ ପୁଣି ପ୍ରଶାସନିକ ବଡ଼ ଅଫିସର ହେଉଛି ...ତୋ" ମୁଣ୍ଡ କଣ ଆମ ପରି !!!

ପ୍ରଶାନ୍ତ ବାବୁ ସ୍ମିତହାସ୍ୟ ଟିଏ ଦେଇ କହିଲେ ଆରେ ସେ ସବୁ ଛାଡ ନା ! ଦୀର୍ଘ ବର୍ଷ ପରେ କେମିତି ମତେ ମନେ ପକାଇଲୁ, ମୋ ଫୋନ ନମ୍ବର କେଉଁଠୁ ପାଇଲୁ ଆଗେ କହ ତ !!?

ISSN NO.
2582-208X

ଆରେ ବାପରେକି ପ୍ରଶ୍ନ ? ତୁ ଓଡ଼ିଶା ର ଜଣେ ମୁଖ୍ୟ ପ୍ରଶାସନିକ ଅଧିକାରୀ, ତୋତେ ପୁଣି କିଏ ନ ଜାଣେ । ଟି ଭି ମିଡ଼ିଆ ରେ ଛାଇ ହୋଇ ରହିଛୁ, ତୋ ଫୋନ ନଂବର ପୁଣି ମିଳିବନି ଆମକୁ, ତୁ କି କଥା କହୁଚୁ !

ତୋତେ ମିଡ଼ିଆ ରେ ସବୁ ବେଳେ ଦେଖି ତୋ ସୁନ୍ଦର କାର୍ଯ୍ୟଧାରା ବିଷୟରେ ଜାଣି ଖୁସି ହୋଇ ଆମେ ମାନେ ରେଭେନ୍ସା ରେ ପଢୁଥିବା ଆମ ମେସ୍ ର ସବୁ ସାଙ୍ଗମାନେ ସ୍ଥିର କଲୁ ଏକ ବଣ ଭୋଜି ର ଆୟୋଜନ କରିବା ନୂଆବର୍ଷ ଉପଲକ୍ଷେ ତୋ ସହ ମିଶି....

ମାନସ, ବିଭୂତି ପ୍ରସନ୍ନ ତପନ ସହ ମଧ୍ୟ ମୁଁ କଥା ହୋଇ ଯାଇଛି, ତୁ କଣ କହୁଚୁ ପ୍ରଶାନ୍ତ ?

ଆରେ ମୁଁ କଣ ଆଉ କହିବି ସ୍ଥିର କରିଛ ଯେତେବଳେ ନିଶ୍ଚୟ ତ ଯିବା । ମୁଁ ଅଫିସ ରୁ ଫେରେ କଥା ହେବା ।

ପ୍ରଶାନ୍ତ ବାବୁ ସନ୍ଧ୍ୟା ରେ ଅଫିସ ରୁ ଫେରିଲେ, ଟିକେ ଫ୍ରେସ୍ ହୋଇ ଡ୍ରାଇଁ ରୁମ୍ ରେ ବସି କଫି ପିଉ ପିଉ ସ୍ତ୍ରୀ ଙ୍କୁ ପଚାରିଲେ, ଆଚ୍ଛା ସୀମା କହିଲ ପିକନିକ କେଉଁଠି କୁ ଗଲେ ଭଲ ହେବ ? ସୀମା ଦେବୀ ଡେରି ନ କରି ତୁରନ୍ତ କହି ପକାଇଲେ, ସାତପଡ଼ା ଗଲେ ଖୁବ୍ ଭଲ ହୁଅନ୍ତା !! ପିଲାଦିନେ ସ୍କୁଲ ରେ ପଢିଲା ବେଳେ ଯାଇଥିଲି ଥରେ, ଖୁବ୍ ସୁନ୍ଦର ପରିବେଶ ନଳ ବଣ, ସୁନ୍ଦର ସୁନ୍ଦର ବିଦେଶୀ ପକ୍ଷୀଙ୍କ ମେଳ, ତା" ସହ ବଡ଼ ବଡ଼ ଡ଼ଲଫିନ ଙ୍କ ଖେଳ, ମୁଣ୍ଡ ଟେକି ଟେକି ବୋଟ୍ ରେ ଆସି ପିଟି ହେବାର ଦୃଶ୍ୟ ଖୁବ୍ ଚମତ୍କାର । ଦେଖିଲେ ଆନନ୍ଦରେ ମନ ମୁଗ୍ଧ ହୋଇ ଯିବ ସନ୍ଧ୍ୟା ର ଦୃଶ୍ୟ ଅତି ମନୋରମ । ତା ସହ ଚିଲିକାର ଆରପଟେ ନଳବଣ ପାଖାପାଖି ଝାଉଁ ଜଙ୍ଗଲ ର ସବୁଜ ବର୍ଣ୍ଣାଳି, ଚିଲିକା ର କୂଳେ କୂଳେ ନୋଳିଆ ମାନଙ୍କର ମାଛ ହୋଟେଲ ଦେଖିଲେ ମନରେ ଏକ ଅଫୁରନ୍ତ ଆନନ୍ଦ ଖେଳିଯାଏ । ସଙ୍ଗେ ସଙ୍ଗେ ଚିଲିକା ରୁ ଚିଙ୍ଗୁଡ଼ି ମାଛ, କଙ୍କଡା ଆଦି ଧରି ତାକୁ ବିକ୍ରି କରନ୍ତି ଓ ଲୋକ ମାନଙ୍କର ବରାଦ ଅନୁସାରେ ପୋଡ଼ା, ଭଜା, ଛଣା, ମସଲା ଦିଆ ବିଭିନ୍ନ ପ୍ରକାର ସୁସ୍ୱାଦୁ ମାଛ ର ବ୍ୟଞ୍ଜନ ବନାଇ ଗ୍ରାହକ ମାନଙ୍କୁ ଆଦର ରେ ପରଷି ଦିଅନ୍ତି ଆଉ ଖୁସି କରାନ୍ତି । ଜୀବନ, ଜୀବିକାର କର୍ମକୁ ଆଦରି, ପେଟ ପାଟଣା ପାଇଁ ଆନନ୍ଦରେ ବେପାର କରନ୍ତି । ଦର୍ଶକ ଫେରିଲା ବେଳକୁ ମାଛ ର ବିଭିନ୍ନ ସୁସ୍ୱାଦୁ ଆଇଟମ ଧରି ବୋଟ୍ ରେ ବସି ଖାଇ ଖାଇ ଚିଲିକା ର ଦୃଶ୍ୟକୁ

ISSN NO.
2582-208X

ଉପଭୋଗ କରି ଆତ୍ମ ବିଭୋର ହୋଇଯାଏ, ଏ ସବୁ ଚିତ୍ର ମନରେ ସ୍ମୃତି ରେଖା ଟାଣିଦିଏ । ସତରେ, ପିଲାଦିନେ ଏସବୁ ମୁଁ ଦେଖି ଥିଲି ହୃଦୟ ରେ ସ୍ମୃତି ହୋଇ ରହି ଯାଇଛି ।

ସୀମା ଦେବୀ ଏମିତି ତାଙ୍କର ପିଲାଦିନ ର ସୁନ୍ଦର ଅନୁଭୂତି ର କାହାଣୀ କୁ ବଖାଣି ଚାଲି ଥାନ୍ତି । ପ୍ରଶାନ୍ତ ବାବୁ ନୀରବ ରେ ଆଗ୍ରହ ସହକାରେ ମନ ଦେଇ ଶୁଣୁଥାନ୍ତି । ଶୁଣି ସାରି କହିଲେ ବାଃ. ବଢ଼ିଆ ଜାଗା ତ, ମୁଁ ଶୁଣିଛି ସେ ଜାଗା ବିଷୟ ରେ ହେଲେ କେବେ ଯାଇନି। ଓହୋ, ହଁ ତେବେ କୁହ ସେଠାକୁ ଯିବା କି ନାହିଁ...! କଣ କହୁଛ ?

ପ୍ରଶାନ୍ତ ବାବୁ କହିଲେ ହଁ ନିଶ୍ଚୟ ଯିବା ତୁମେ କହୁଛ ମୁଁ ପୁଣି ମନା କରିବି । ଏହା କେବେ ହେଲାଣି ! କହି ମୁରୁକି ହସ ଟିଏ ଦେଲେ । ତା"ପରେ ବାଦଲ କୁ ଫୋନ କରି ଜାଗା ବିଷୟ ରେ ଜଣାଇ ଦେଲେ ଏବଂ ସବୁ ଆରେଞ୍ଜମେଣ୍ଟ କରିବା ର ଦାୟିତ୍ୱ ନେଲେ ।

ଆଜି ପୁରୁଣା ବର୍ଷ ର ଶେଷ ରବିବାର ସକାଳୁ ସକାଳୁ ସମସ୍ତ ସାଙ୍ଗ ମାନେ ତାଙ୍କ ସ୍ତ୍ରୀ ମାନଙ୍କ ସହ ପହଞ୍ଚି ଗଲେ ନିର୍ଦ୍ଧିଷ୍ଟ ସ୍ଥାନରେ...ଗୋଟେ ବଡ଼ ଗାଡ଼ିରେ ସମସ୍ତେ ଏକାଠି ବସି ବାହାରିଲେ ସାତପଡ଼ା ଅଭିମୁଖେ । ପରସ୍ପର ଭାବ ର ଆଦାନ ପ୍ରଦାନ ସହ ହସ ମଜା କରି ପହଂଚି ଗଲେ, ଚିଲିକା ନିକଟରେ । ପ୍ରଶାନ୍ତ ବାବୁ ଫୋନ କରି ଲଞ୍ଚ ବୋଟ୍ ବୁକିଂ ସହ ଭୋଜି ର ମଧ୍ୟ ବ୍ୟବସ୍ଥା କରି ଦେଇ ଥାନ୍ତି ଆଗରୁ, ସେମାନେ ଅପେକ୍ଷା କରି ରହି ଥାନ୍ତି । ପହଞ୍ଚୁ ପହଞ୍ଚୁ ଆଦର ସହକାରେ ପାଛୋଟି ନେଲେ । କିଛି ଚା" ଜଳଖିଆ ର ଆତିଥ୍ୟତା କୁ ଗ୍ରହଣ କରି ବୋଟ୍ ରେ ସମସ୍ତେ ବସିଲେ ନଳବଣ ଅଭିମୁଖେ। ବୋଟ ରେ ଦୀର୍ଘ ଦୁଇ ଘଣ୍ଟା ଯାତ୍ରା ଭିତରେ ଅନେକ ଖୁସି ସାଉଁଟି ଲେ ପରସ୍ପର ...ଘରୁ ନିଜ ହାତ ରେ ତିଆରି କରି ନେଇ ଥିବା ପିଠାପଣା ବଣ୍ଟା କୁଣ୍ଟା କରି ବୋଟ୍ ରେ ବସି ଖାଇ ଆନନ୍ଦ ଉଠାଉ ଥାନ୍ତି ସଭିଏଁ । କାହା ହାତ ତିଆରି ଜିନିଷ କେତେ ସୁଆଦିଆ ପରସ୍ପର କୁ ପ୍ରଶଂସା କରୁ ଥାନ୍ତି । କିନ୍ତୁ ଶେଷରେ ସମସ୍ତଙ୍କର ମତ ଥିଲା ସବୁଠୁ ଟେଷ୍ଟି ସୀମା ଦେବୀଙ୍କର ହାତ ତିଆରି ଭେଜ୍ କେକ୍ । ପ୍ରଶାନ୍ତ ବାବୁ ତାଙ୍କ ସ୍ତ୍ରୀ ଙ୍କ ର ପ୍ରଶଂସା ଶୁଣି କହି ପକାଇଲେ, ଖାଲି କଣ କେକ ? ଆମ ମାଡ଼ାମ୍ ସବୁ ଥିରେ ଅଲ ରାଉଣ୍ଡର । ସୀମା ଦେବୀ ସବୁବେଳେ ଚାହିଁ ବସିଥାନ୍ତି ତାଙ୍କ ସ୍ୱାମୀଙ୍କ ମୁହଁ ରୁ ପ୍ରଶଂସା ଶୁଣିବାକୁ, ଏକଥା ବି ପ୍ରଶାନ୍ତ ବାବୁ ଙ୍କୁ ବେଶ ମାଲୁମ । ସ୍ତ୍ରୀ ଙ୍କୁ ଖୁସିରେ ରଖିବା ପାଇଁ ସେ ସର୍ବଦା ତତ୍ପର ।

ISSN NO.
2582-208X

ତାଙ୍କ ପିତା ମାତାଙ୍କ ପରେ ସେ ତାଙ୍କ ସ୍ତ୍ରୀ ଙ୍କ ର ଦୁଃଖ ସୁଖ କୁ ବେଶ ହୃଦୟଙ୍ଗମ କରନ୍ତି, ସେଥିପାଇଁ ତାଙ୍କ ସଂସାର ବେଶ ଆନନ୍ଦରେ କଟେ । ତାଙ୍କ ଠାରୁ ଅନ୍ୟମାନେ ଏହି କଥାଟି ଶିଖିବା ନିହାତି ଦରକାର । ସ୍ତ୍ରୀ ଟିକୁ ଖୁବ୍ ଭଲ ପାଇବା ଓ ତା କଥାକୁ ସମ୍ମାନ ଦେବା ସ୍ୱାମୀ ଟିର ମଧ୍ୟ କର୍ତ୍ତବ୍ୟ । ଯାହା କି ପ୍ରଶାନ୍ତ ବାବୁଙ୍କ ଠାରେ ଦେଖିବାକୁ ମିଳେ ।

ହଁ ବୋଟ୍ ଲାଗି ଗଲା ଏଥର ଚିଲିକାର ଆର ପଟେ ନଳବଣ ନିକଟରେ । ସୁନ୍ଦର ସବୁଜ ବନାନୀ ବେଶ୍ ମନମୁଗ୍ଧକର । ଚରା ଚରା ବାଲି ପୁଣି  ଝାଉଁଗଛ ର ସୁନ୍ଦର ପରିବେଶ । ସେଠାରେ ଅନେକ ଲୋକ ଚାଦର ବିଛାଇ ବସିଥାନ୍ତି, କେହି କେହି ଏଣେ ତେଣେ ବୁଲି ବୁଲି ସେ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପରିବେଶକୁ ମନ ଆନନ୍ଦରେ ଉପଭୋଗ କରୁଥାନ୍ତି ପୁଣି ଫଟୋ ଉଠାଇ ମଜା ନେଉଥାନ୍ତି । ବଣ ଭୋଜି ରୋଷେଇ ବାସ ଚାଲିଥାଏ । ଏମାନେ ବନ୍ଧୁ ବାନ୍ଧବୀମାନେ ମଧ୍ୟ ଗପସପ ଫଟୋ ଉଠା ରେ ମାତି ଥାନ୍ତି ।

ସେପଟେ ରୋଷେଇ ସରି ଗଲାଣି । ଲଞ୍ଚ କରିବାର ସବୁ ବ୍ୟବସ୍ଥା ହୋଇ ସାରି ଥାଏ, ସମସ୍ତେ ଏକା ଧାଡ଼ି ରେ ଖାଇ ବସିଲେ । ଆମିଷ ନିରାମିଷ ଉଭୟ ଆଇଟମ ହୋଇଥାଏ। ସମସ୍ତେ ଆମିଷ ସହ ନିରାମିଷ ଭୋଜନ କଲେ, ହେଲେ ପ୍ରଶାନ୍ତ ବାବୁ ଆମିଷ ଖାଇଲେନି, ସେ ଅନେକ ଦିନରୁ ଆମିଷ ଛାଡ଼ି ଦେଇଛନ୍ତି । ଅନ୍ୟ ସାଙ୍ଗମାନେ ତାଙ୍କୁ ଆଶ୍ଚର୍ଯ୍ୟହୋଇ ପଚାରିଲେ ଆରେ ପ୍ରଶାନ୍ତ ତୁ ପରା ଆମିଷ ନ ହେଲେ ଖାଇବା ପାଖରେ ବସୁ ନଥିଲୁ ? ଏବେ ଆମିଷ ଖାଉନୁ କାଇଁକି ? ହଁ ଇଚ୍ଛା ହେଲାନି ଖାଇବାକୁ ଅନେକ ଦିନରୁ ଛାଡ଼ି ଦେଇଛି.....!!!

ବାଦଲ ବାବୁ କହିଲେ ଆରେ ସାଙ୍ଗ ମାନେ ତୁମର ସବୁ ମନେ ଅଛି ନା ! ପ୍ରଶାନ୍ତ କେତେ ଭଲ ପାଏ ମଟନ ଖାଇବାକୁ । କଲେଜ ସମୟ ରେ ସେ ନିଜେ ହିଁ ରାନ୍ଧି ଆମକୁ ଖାଇବାକୁ ଦିଏ, ମଟନ ଝୋଳ କରି । କେତେ ବଢ଼ିଆ ସୁଆଦିଆ ତରକାରୀ କରୁଥିଲା  ସିଏ ...! ବିଭୂତି କହିଲା ହଁ ମ ମନେ ଅଛି  !!! ଅନେକ ସମୟରେ ମନେ ପଡେ ମୋର, ସେ ଦିନର ଘଟଣା । ଆରେ ପ୍ରଶାନ୍ତ ତୋର ମନେ ଅଛି ନା ନାହିଁ ? ସେଦିନ ହୋଇଥାଏ ଡିସେମ୍ବର ୩୧ ତାରିଖ ରାତି ପାହିଲେ ନୂଆବର୍ଷ । ପ୍ରସନ୍ନ ର ଥାଏ ସେଦିନ ଜନ୍ମ ଦିନ । ହଁ ଆମ ମାନଙ୍କ ର ନିର୍ଦ୍ଦିଷ୍ଟ ନିୟମ ଅନୁସାରେ  ଯାହାର ଜନ୍ମ ଦିନ ଯେଉଁଦିନ ପଡେ ସେ ସେଦିନ ବଢ଼ିଆ ବଢ଼ିଆ  ଆଇଟମ ବନାଇ ନିଜ ଖର୍ଚ୍ଚରେ ଆମ ସମସ୍ତଙ୍କୁ ଖାଇବାକୁ ଦିଏ ।

ISSN NO.
2582-208X

ତେଣୁ ପ୍ରସନ୍ନ ର ପାଳି ଥାଏ, ପ୍ରସନ୍ନ ଓ ମାନସ ଦୁହେଁ ମିଶି ବଜାରରୁ ସବୁ ସଉଦା କିଣି ଓ ମାଂସ ଆଣି ଥୋଇ ଦେଲେ । ସମସ୍ତେ ମିଶି ରୋଷେଇ ରେ ଲାଗି ପଡ଼ିଲେ, ପ୍ରଶାନ୍ତ କିନ୍ତୁ ମାଂସ ଝୋଳ ତିଆରି କଲା । ମହ ମହ ମାଂସ ତରକାରୀ ର ବାସନା ରେ ସମସ୍ତ ଙ୍କ ର ଭୋକ ଖୁବ୍ ବଢ଼ି ଗଲା । ଆମ କ୍ଷୀର ବାଲା "ହରି ମଉସାଙ୍କୁ ବରାଦ ହୋଇ ଥିବା କଦଳୀ ପତ୍ର ପକାଇ ସମସ୍ତେ ଖାଇ ବସିଲେ ।

ଏପଟେ ପ୍ରସନ୍ନ ର ଜନ୍ମ ଦିନର ଶୁଭେଚ୍ଛା ସହ ସେପଟେ ନୂଆ ବର୍ଷ କୁ ସ୍ୱାଗତ ର ପର୍ବ ମନରେ ବେଶ୍ ରୋମାଞ୍ଚ ଭରି ଦେଉ ଥାଏ । ଖୁବ୍ ହସ ଖୁସିରେ ମାଂସ ଝୋଳ ର ମଜା ଉଠାଇ ଖାଇ ଚାଲିଥାଉ..ଏମିତି ପୁରୁଣା ଅତୀତ କୁ ମନେ ପକାଉ ପକାଉ ବିଭୂତି ବାବୁ କହିଲେ ଆରେ ପ୍ରଶାନ୍ତ ତୁ ଏତେ ମାଂସକୁ ଭଲ ପାଉଥିଲୁ ଯେ ମୋ ପତ୍ରରୁ ସେଦିନ ନଳୀ ମାଂସ ଖଣ୍ଡେ ଉଠାଇ ନେଇଥିଲୁ । ମନେ ଅଛି ତ? ପ୍ରଶାନ୍ତ ବାବୁ ଏକଥା ଶୁଣି ସୀମା ଦେବୀ ଓ ତାଙ୍କ ବାନ୍ଧବୀ ମାନଙ୍କ ମୁହଁକୁ ଚାହିଁ ମୁରୁକି ଟିକେ ହସି ଦେଲେ ଓ ସରମ ରେ ଲାଜେଇ ଗଲେ ଓ କହିଲେ ଏତେ କଥା ସବୁ ମନେ ରଖିଚ ଅସଲ ମଜା କଥାଟିକୁ ଭୁଲି ଯାଇଛ ତୁମେ ମାନେ !!!!

ସମସ୍ତେ ଅବାକ ହୋଇ ପ୍ରଶାନ୍ତ ବାବୁ ଙ୍କ ମୁହଁକୁ ଚାହିଁଲେ, ମଜା କଥାଟି କଣ ପ୍ଲିଜ୍ କୁହନ୍ତୁ ବୋଲି ପତ୍ନୀ ମାନେ ଖୁବ୍ ଆଗ୍ରହ ର ସହ ନିବେଦନ କଲେ । କହୁଚି ତେବେ ଶୁଣନ୍ତୁ ....

ସେଦିନ ଭୋଜି ଖାଇ ସାରି ଉଠୁ ଉଠୁ ହଠାତ୍ କରେଣ୍ଟ ଚାଲିଗଲା, ଅନେକ ସମୟ ଧରି କରେଣ୍ଟ ଆସିଲାନି । କିଛି ସମୟ ସେମିତି କ୍ୟାଣ୍ଡେଲ୍ ଲାଇଟ୍ ଜଳାଇ ରେଡ଼ିଓ ରୁ ଗୀତ ଶୁଣି ଶୁଣି ବେଡ୍ କୁ ସମସ୍ତେ ଶୋଇବାକୁ ଗଲୁ । ଧୀରେ ଧୀରେ କେତେବେଳେ କାହାକୁ ନିଦ ଆସି ଯାଇଛି, କ୍ୟାଣ୍ଡ ଲ ଲାଇଟ୍ ବି ଲିଭି ଯାଇଛି। ହଠାତ୍ କାହାର ଚିତ୍କାର ଶୁଭିଲା, ସମସ୍ତେ ଧଡ ଧାଡ୍ ଉଠି ପଡ଼ିଲୁ । ଦୁଆର ଆଡୁ ଚିତ୍କାର ର ଶବ୍ଦ ଭାସି ଆସୁ ଥାଏ "ମେଁ ମର ଗୟା, "ମେଁ ମର ଗୟା" !!! ସମସ୍ତେ ଦୌଡିଲୁ ଦୁଆରେ ଥିବା ପାଇଖାନା ପାଖକୁ । ଦରଜା ଖୋଲାଅଛି । ଅନ୍ଧାର ଭିତରେ ଝାପସା ଜହ୍ନ ଆଲୁଅ ରେ ଦେଖିଲୁ ତପନ ପାଇଖାନା ଭିତରେ ଚିତ୍ ପଟଙ୍ଗା ହୋଇ ପଡ଼ିଛି ଓ ଚିତ୍କାର କରୁଚି ମୁଁ ମରି ଗଲି, ମୁଁ ମରି ଗଲି ....ଆମେ କିଛି ବୁଝି ପାରିଲୁନି ତାର କଣ ହେଉଚି ବୋଲି, ତାକୁ ଟେକା ଟେକି କରି

ISSN NO.
2582-208X

ଆଣିଲା ଭିତରେ ସେ ସଂଜ୍ଞାହୀନ । କଣ କରିବୁ କିଛି ବୁଦ୍ଧି ବାଟ ଦିଶିଲାନି, ସଙ୍ଗେ ସଙ୍ଗେ ରାସ୍ତା କୁ ଦୌଡିଯାଇ ପାଖ ବସ୍ତି ରେ ରହୁ ଥିବା ଏକ ରିକ୍ସା ବାଲା କୁ ନିଦରୁ ଉଠାଇ ତାକୁ ହସ୍ପିଟାଲ୍ ନେଇ ଗଲୁ । ଡକ୍ଟର ଦେଖିଲା ପରେ କହିଲେ କିଛି ବ୍ୟସ୍ତ ହେବାର ନାହିଁ, ତାଙ୍କ ମନରେ କିଛି ଗୋଟେ ଭୟ ପଶି ଯାଇଛି । କିଛି ସମୟ ପରେ ଠିକ୍ ହୋଇଯିବ ।

ସେ ଠିକ୍ ହୋଇ ଯିବେ କିଛି ଚିନ୍ତାର କାରଣ ନାହିଁ, ତଥାପି ତା"ର ସଂଜ୍ଞା ଫେରି ଆସିବା ପାଇଁ ଗୋଟେ ସାଲାଇନ୍ ଲଗାଇ ଦେଲେ । କିଛି ସମୟ ହସ୍ପିଟାଲ୍ ରେ ସେ ରହିଲା ପରେ ତା"ର ସଂଜ୍ଞା ଫେରି ଆସିଲା । ତାକୁ ମୁଁ ପଚାରିଲି ଆରେ ତପନ ତୋର କଣ ହେଲା? ପ୍ରଶାନ୍ତ କହିଲା ମୋତେ ଗୋଟେ କିଛି ଅସାଧ୍ୟ ରୋଗ ହୋଇଛି, ପେଟ ଜୋର୍ ରେ କାଟିଲା । ମୁଁ ଲାଟ୍ରୀନ ବସି ସାରି ଶୌଚ ହୋଇ ଉଠିଲା ବେଳକୁ ଦେଖିଲି ମୋର ଖାଲି ଧଳା ଧଳା ପତାଲା ଝାଡା ବୋହି ଯାଇଛି, ମୁଁ ଦେଖି ଛାନିଆ ହୋଇ ଗଲି ।

ଓ ହୋ !! ତୁ ଚିନ୍ତା କରନା । ଡକ୍ଟର ଔଷଧ ଦେଇଛନ୍ତି ଭଲ ହୋଇ ଯିବ । ତା" ପରେ ହସ୍ପିଟାଲ୍ ରୁ ସମସ୍ତେ ରୁମ୍ କୁ ଆସିଲୁ । ସେତେବଳକୁ କରେଣ୍ଟ ଆସି ଯାଇଥାଏ ତପନ କୁ ତା ବେଡ ରେ ଶୁଆଇ ଦେଇ ପାଇଖାନା ଘର ଭିତରକୁ ଯାଇ ଯାହା ଦେଖିଲୁ ଆମର ହୋସ୍ ଉଡିଗଲା ।! ପାଇଖାନା ଭିତରେ ପଡ଼ିଛି ହରି ମଉସା ସବୁଦିନ ପରି ଦେଇ ଯାଇ ଥିବା କ୍ଷୀର ଢାଳ ଟି.....!!! ଏଥର ଆପଣ ମାନେ କୁହନ୍ତୁ ରହସ୍ୟ ଟି ର କାରଣ.......!!? ସେହି ଅନ୍ଧାର ରାତିରେ, କ୍ଷୀର ଢାଳ ଟି ପାଣି ଢାଳ ର ଭ୍ରମ ସୃଷ୍ଟି କରି ଥିଲା ତପନ ଆଖିରେ....ଏ କଥା ଶୁଣି ସେଦିନ ବଣ ଭୋଜିରେ ତପନର ଅନୁପସ୍ଥିତି ରେ ଖୁବ୍ ହାସ୍ୟ ରୋଳ ସୃଷ୍ଟି ହୋଇ ଥିଲା ..!!! ଠୋ, ଠୋ ହୋଇ ହସିଉଠି ଥିଲେ ଏକା ସଙ୍ଗେ ସମସ୍ତେ .....!!! ନଳ ବଣ ର ସବୁଜ ବନାନୀ ର ଶୀତଳ ଶିରି ଶିରି ଶୀତୁଆ ପବନ ରେ, ଚିଲିକା ର ଗଭୀର ଜଳ ଭିତରୁ ଦୃଶ୍ୟମାନ ହେଉଥିବା ଡ଼ଲଫିନ ର ଲୁଚକାଳି ଖେଳରେ ଓ ହଜାର ହଜାର ଲୋଭନିୟ ପକ୍ଷୀଙ୍କର କାକଳି ରେ.. ଏବଂ ଅତୀତ ର ଅଭୁଲା ସ୍ମୃତି ରେ ଗୁଞ୍ଜରଣ ସୃଷ୍ଟି କରୁ ଥିଲା ନୂତନ ବର୍ଷର ସ୍ୱାଗତ ସମ୍ଭାଷଣ ..!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୬୯୫

ISSN NO.
2582-208X

# ଅସ୍ତ ଅପରାହ୍ଣ




ଡା. ମଧୁମିତା ଷଡଙ୍ଗୀ

ଆଜି ବି ଉଡିଯାଇଥିଲି
ଦୂର ତାଳ ବଣେ
ଯେଉଁଠି ସୂର୍ଯ୍ୟ ଖେଳୁଥିଲା
ଛୁଆଇ ଆଲୁଅର ଖେଳ
ବାହୁଙ୍ଗା ଖୋଜୁଥିଲା
ବୟସର ମାପକାଠି
ଆଉ ମୁଁ ଧାଉଁଥିଲି
ଝପ୍ କରି ଧରିବାକୁ
କଛି ଆବେଗକୁ ।

ନିରାଶା ନେଇ ଫେରୁଥିବା ବେଳ
ଅପହୃତ ଅପରାହ୍ନର ବିବସତା
ଟେଣ୍ଟେଇର ଦୃଢ଼ ଆତ୍ମ ବିଶ୍ୱାସ ପରି
ମନମିଶା ସ୍ମୃତିର ସମୁଦ୍ରକୁ ଡାକୁଥିଲି
ଆସ ନା.... ଆସ
ଆସ ନା... ଆସ
ପିଟି ହେଇ ଯାଅ ମୋ ହୃଦୟରେ
ଭାଙ୍ଗି ଦେଇ ସବୁ ଅହମିକା
ଜହ୍ନ ଯେଉଁଠି ଭାଙ୍ଗିଦିଏ ମନକୁ

ISSN NO.
2582-208X

ତାଗ୍ ଫୁଲ ଜାଳଦିଏ ସ୍ୱପ୍ନକୁ
ଆଉ ପ୍ରତୀକ୍ଷା ବି ଲୀନ ହୁଏ ଗ୍ରେସ୍ ବାଲିରେ……. ।

ମୁଁ ଦେବୀ ହୁଏ କ ମାନବୀ
ମୁଁ ଦେବୀ ହୁଏ କ ମାନବୀ
ତୁମ ମାଙ୍ଗଳକ ମନ୍ତ୍ର ଧ୍ୱନ ବା
କୁଆଁରୀ ହାଡର ଡାକର୍
ସେ ଯାହାବି ହେଉ….
ତୁମ ଅପେକ୍ଷାରେ ଉପେକ୍ଷା
କ ଉପେକ୍ଷାର ଦଂଶନ
ପାଇ ନ ପାଇବାର ଦୁଃଖ ବା
ନ ପାଇ ପାଇବାର ସୁଖ
ସେ ଯାହାବି ହେଉ….
ମୁଁ ଆଜି ଅବିର୍ଭୁତା
ମୁଁ ଆଜି ବଶୀଭୂତା
ମୁଁ ଆଜି ପହଂଚ ତୋ
ଅପହଞ୍ଚ ମୂଳକରେ

ମାଣିକଗୋଡା
ଖୋର୍ଦ୍ଧା

ISSN NO.
2582-208X

# ନାରୀ



ହରେରାମ ପଣ୍ଡା

ନାରୀ ସର୍ବଂସହା ଜନନୀ ଓ ଜାୟା
ଭଗିନୀ ପୁଣି ଦୁହିତା,
ସଂସାର ଜଞ୍ଜାଳ ପ୍ରତିହତ କରି
ହୁଏ ଜଗତପୂଜିତା ।

କେବେ ସତୀ ସୀତା ଅଥବା ସାବିତ୍ରୀ
ଯାଜ୍ଞସେନୀ ରୂପ ଧରି,
ଧର୍ମର ସ୍ଥାପନା କଲେ ମହୀତଳେ
ଅଧର୍ମକୁ ଦୂର କରି ।

ଝାନ୍ସୀର ରାଣୀ ଲକ୍ଷ୍ମୀ ବାଈ ପୁଣି
ରଚଗଲେ ଇତିହାସ,
ମଦର ଟେରେସା ଦୁଃଖୀର ମୁହଁରେ
ଫୁଟାଇଥିଲେଟି ହସ ।

ଆଜି ସମାଜରେ ନାରୀ ଯେ ଲାଞ୍ଛିତା
ନାରୀ ନୁହେଁ ସୁରକ୍ଷିତା,

ISSN NO.
2582-208X

ଲୁଣ୍ଠନ କଷଣ ବଢ଼େ ଦିନୁଁ ଦିନ
ନାରୀ ହୁଏ ନିର୍ଯ୍ୟାତିତା ।

ନାରୀ କେବେ ନୁହେଁ ଅବଳା ଦୁର୍ବଳା
ଆମରି ପୁରାଣ କହେ,
ଦୁଷ୍ଟ ଶକତିକୁ ନାଶିବା ପାଇଁ କି
ଦୁର୍ଗା ରୂପେ ଜନ୍ମ ନିଏ ।

ଦେଶ ଗଠନରେ ନାରୀର ଭୂମିକା
ତ୍ୟାଗର ତୁଳନା ନାହିଁ,
ବନ୍ଦନୀୟା ନାରୀ ଶକ୍ତିର ସମ୍ମାନ
ଆଜିର ଆହ୍ୱାନ ଭାଇ !

ଶିକ୍ଷା ସ୍ୱାସ୍ଥ୍ୟ ଅବା ଖେଳ କସରତ
କେଉଁଥିରେ ନାରୀ ଊଣା ?
ନାଚରେ ଗୀତରେ ନାରୀର ଭୂମିକା
ସାରା ଜଗତକୁ ଜଣା ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ଭ୍ରାମ୍ୟଭାଷ -୯୪୬୮୦୬୫୧୯୫.

ISSN NO.
2582-208X

# ଆମ ମାଟିର
# ଗୌରବ ରଖିବା



ଝିଲିମିଲି ସାହୁ

ଜୀବନଟା ନୁହେଁ କେବେ କଣ୍ଟକତ ପଥ
ନୁହେଁ ଶେଯ ଗୋଲାପ ଫୁଲର
କେବେ ଶୁଷ୍କ ମରୁଭୂମିରେ ଜଳ ପ୍ରହେଳକା
ତ କେବେ, ଇନ୍ଦ୍ର ଭୂବନର ନନ୍ଦନ ବାସ୍ତବିକତା ।।୦।।
ନାରୀ ସୃଜନ ପୋଷଣର ଅସରନ୍ତ ଉତ୍ସ
ସଦା ପୂର୍ଣ୍ଣାଙ୍ଗ, ପବିତ୍ର, ଉତ୍ସର୍ଗୀକୃତ
ପ୍ରତି ପାବନ ପୀଠର ଜୀବନ୍ତ ମୂର୍ତ୍ତି
ଐତିହ କୁହେ, ବ୍ରାହ୍ମାଣ୍ଡର ଶ୍ରେଷ୍ଠ ସୃଷ୍ଟି ।।୧ ।।
ଆମ ମତରେ ନାରୀ ହେଉ ଅବା ପୁରୁଷ
ସ୍ରଷ୍ଟା ଙ୍କ ସୃଷ୍ଟିରେ ସଭିଏଁ ଶ୍ରେଷ୍ଠ
ଦୁହେଁ ପରିପୂରକ ପରସ୍ପରର
ଆମ ସଂସାର ସୃଷ୍ଟିର କର୍ଣ୍ଣଧାର ।।୨ ।।

ISSN NO.
2582-208X

କ୍ଷମତା ବା ଶକ୍ତି ନୁହେଁ, ଦକ୍ଷତା ଭିତ୍ତିରେ
ସମୃଦ୍ଧ, ସରସ ହେଉ ଘର ଓ ବାହାର
ସହଭାଗିତା ସାଥେ ପରସ୍ପର ପ୍ରତି ସମ୍ମାନ
ମାନଦଣ୍ଡ ହେଉ ସୁଖୀ ପରିବାର ।।୩।।
ପରିବର୍ତ୍ତନ ତ ସୃଷ୍ଟିର ନିୟମ
ସଭ୍ୟତାର ବିକାଶ ସାଥେ ସାଥେ
ବିକଶିତ ହେଲା ପିତୃସତ୍ତାତ୍ମକ ଚିନ୍ତାଧାରା
କଣ ଠେସା ହୋଇଗଲା ନାରୀ, ତା'ର ଅଧିକାର ।।୪ ।।
ଅଳ୍ପରୁ ଅଧିକ ହୋଇ ବଢ଼ି ଚାଲିଲା
ଅସଂଖ୍ୟ ଲୋମ ଟାଙ୍କୁରା, ଘୃଣ୍ୟ ଘଟଣାବଳୀ
ଲଭ୍ ଜିହାଦ, ଜୋର ଜବରଦସ୍ତି ଅବା ବାଲ୍ୟବିବାହ
ହେଉ, ବଧୂ ନିର୍ଯାତନା କିମ୍ବା କନ୍ୟା ଭ୍ରୁଣ ହତ୍ୟା ।।୫ ।।
ଅଧୁନା ଅଛି ସେଇ ସମାଜ, ନାରୀ ଓ ପୁରୁଷ
ବଦଳି ଯାଇଛି ଯାହା ଆମ ମାନବିକତା ଓ ସଂସ୍କାର
ଦେବୀ ପାଲଟିଛି ଦୟା, କ୍ଷମା, ଯାଚନାର ପାତ୍ରୀ
ସ୍ଥିତି ସ୍ୱାଭାବିକ ହେବ, ଯେବେ ଚିହ୍ନିବ ସେ ନିଜ ଶକ୍ତି ।।୬ ।।
ଆଗାମୀ ଦିନରେ କେବେ ନ ଜନ୍ମୁ କୁନ୍ତଳି
ନ ଜଳୁ ଇତିଶ୍ରୀ, ନ ମରୁ ଛବିରାଣୀ
ତଦନ୍ତ ଆଳରେ ସୁପ୍ତ ନ ହେଉ
ନିଷ୍ପାପ, ଚପଳା କଳି ପରୀର କାହାଣୀ ।।୭ ।।

ISSN NO.
2582-208X

ଘର ଝିଅ, ବୋହୁ ଗଣ ଧର୍ଷିତା ନ ହେଉ
ତଦନ୍ତ ଆଳରେ ତା'ର ନ ଯାଉ ଜୀବନ
ଶାନ୍ତର କପୋତୀ ଆଉ ନ କରୁ ବିଳାପ
ତା ପାଇଁକି ସବୁ ରାସ୍ତା ହେଉ ଭୟ ମୁକ୍ତ ।।୮ ।।
ବନ୍ଧୁ ପରିଜନ ଅବା ସାଥୀସାଙ୍ଗ ମେଳେ
କନ୍ୟାରତ୍ନ ଟିଏ ବଢୁ ସ୍ନେହ, ଯତନରେ
ଦୁର୍ଲ୍ଲଭ ରତ୍ନକୁ ଆସ କରିବା ଆଦର
ପୁଅ ଅବା ଝିଅ, ଦୁହେଁ ଗୌରବ ଆମର ।।୯ ।।
ଆସ ଆମ  ବଗିଗ୍ରର କଳଙ୍କ ଗହଣେ
ସହଭାଗିତାର ଅମୃତ ବାର୍ତ୍ତା ବାଣ୍ଟିବା
ଐତିହ୍ୟ ସମ୍ପନ୍ନ ରାଜ୍ୟ ବିକାଶରେ
ଆମେ ସାର୍ଥକ ବିନ୍ଧାଣି ସାଜିବା, ମାଟିର ଗୌରବ ରଖିବା ।।୧୦ ।।

ସ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

(ଭାଗ - ୧୬ )

ବହୁତ ଖୁସି ଥିଲା ଚଇନୁ । ତିନି ଖେପାକେ ଗାଁ ସାରା ଢେଣ୍ଟୁରା ପିଟି ଆସିଥିଲା । ତା ବାପା ମାଆ ଓ ନାନୀମାନେ ବି ବହୁତ ଖୁସି ଥିଲେ ।

ନାଇଁ ନାଇଁ, କେବଳ ମୁଁ ଜିଲ୍ଲା ସ୍କୁଲରେ ପ୍ରବେଶ ପାଇ ଯାଇଥିଲି ବୋଲି ନୁହେଁ । ତାଙ୍କର ପକ୍କା ଘର ତିଆରି ହେବ ବୋଲି । ଡବଲ୍ ଖୁସି ।

ଏମିତି ତ ଗାଁଟା ସାରାର ଲୋକମାନେ ଖୁସି ଥିଲେ ମୋର ସଫଳତାରେ । ସମସ୍ତେ ପ୍ରଶଂସାରେ ମୋତେ ପୋତି ପକାଉଥିଲେ ।

- ଅଭି ବାପ  ବରଜୁଟା କପାଳିଆ ଟେ । କେଡ଼େ ଭାଗ୍ୟ କରିଥିଲା ବୋଲି ଅଭି ଭର୍ତ୍ତି ହେଇଗଲା ନା ଜିଲ୍ଲା ଇସକୁଲରେ । କେହି ସପନେଇ ଥିବ ନା ଆଗରୁ ?

- ଗଣିଆ ଆଉ ବିବେକା ମାଷ୍ଟର୍ ଭି କମ୍ ଖଟି ନାଇଁ ତାର୍ ପାଇଁ ।

- ହଁ ଯେ ଯେତେ ଖଟଲେ ଆମର୍ ଛୁଆମାନେ କାହିଁ ଏମତି ଉତରି ପାରବେ । ଆମର ଅଭିନୁ ତ ଇଂଲିସ୍ ବୋଇଲେ ମୁତି ପକେଇବ । ଚାର୍ କିଲାସ୍ ଟ ପାସ୍ କରିଗଲା

ISSN NO.
2582-208X

ଥରକିରେ, ସେଇଟା ବଡ୍ କଥା । ଆଉ ଦେଖ ସେଇ ବାଇଆ ପୁଅକୁ, ତିନ୍ କିଲାସ୍ ରେ ନି ଢେକରେଇ ହେଉଛି ତିନ୍ ବର୍ଷରୁ । ପୁରନା ଗୋରୁ ।

ବିଲ ବାଦୀ, ନଦୀ ଘାଟ, ବନ୍ଧ ପୁଖରୀ, ଢେଙ୍କିଶାଳ, ଚୁଲିମୁଣ୍ଡ ସବୁଠାରେ ମୋରି ଚର୍ଚ୍ଚା ।

- ଦେଖ୍ ଗୋ । ବରଜୁ ଭାଇର୍ ପୁଅ ବଡ୍ ଇସକୁଲ୍ ରେ ପଢ଼ବ । ତାର ମାଆର୍ ଦୁଃଖଅ ଗଲା ।

- ହଁ, ବଡ୍ ଇସକୁଲଟା ପାସ୍ କରିଗଲେ ଥରେ ଚାକରି ବାକରି କରବ । ତାର୍ ବାପାର୍ ନାମ୍ ରଖବ । ବେଡେ ସୁବିଦ୍ ସୁନା ଛୁଆଖଣ୍ଡ ।

- ଆମର୍ ଚିଉଟା ତ ଖାଲି ବାଇଣ୍ଡ (ବାଇଡଙ୍କ) ହେଲା । କହିଲା ପାଠ କି ହେବ ? ହଳ କରଲେ ତ ଆହୁରି ବିଲ ମିଳବ । ଘରେ ଦାନା ନାଇଁ କି କନା ନାଇଁ, ପାଠ ପଢ଼ବି । ତାର ପରେ ଫେର୍ ମାଷ୍ଟର୍ ରୋଜ୍ ରୋଜ୍ ଉଠ୍ ବସ୍ କରେଇବେ । କି କହିବ । ଦଇବ ଯାହା ନେଖିଥିବ ନା । କପାଳ, କପାଳ ।

- ଆଉ ଏ ଗୋ ଚଇନୁର୍ ମାଆ, ତୁଇ ଏଡ଼େ ତୁନକି ମୁହିଁ ହେଇକରି ବସିଛୁ ଯେ । ଏଡ଼େ ପାରଲାର୍ ପୁଅ ଗୁଟେଇ ଛିଡ଼ି ପଡ଼ଲା । ଗଣିଆ କମ୍ ନା କି ? ମାଷ୍ଟରି ଚାକରି କରୁଛି । ତେବେ ଶୁଣୁଛୁଁ ଯେ, କେବଠୁ ଘର ବନେଇବ ଗୋ ?

- ରୁହ ଗୋ ନାନୀ । ଚଇନୁର ବାପା ପରା ଅଡ଼ିକରି ରହିଛନ୍ । ତଳବାଡ଼ିର ଏତେ ଗଛ ମାଛ କାଟତେ ଦେବେ ନାଇଁ ବୋଲିକରି । କେତେ ପୁରନା ପୁରନା ଗଛ । ସାତ ପୁରଷିର୍ ହାତ ନାଗିଛି । ଏଇ ମାର୍ଦାଂ ମାର୍ଦାଂ ବେଲ୍ ଗଛ, ଆମ୍ବ ଗଛ, କାସିର୍ କୁଳି ଗଛ । ଆଉ ଆଘରେ କେତେ ଯାଇଗା ଅଛି ଯେ ଘର ହେବ ? ଚାର୍ ବଖରା ତ ବନେଇତେ ହେବ ନା। ଆଘରେ ବନେଇଲେ ଢେଙ୍କିଶାଳ୍ ଟା ଭି ଯାଉଛି । ତାଙ୍କର୍ ବାପ ପୁଅ କଥା ବାତରା କରିକରି ଯାହା କରବେ । ଆମେ ମାଇଝି ନୋକ, ଆମର୍ କଥା କିଏ ଶୁଣବ ?

ISSN NO.
2582-208X

କିନ୍ତୁ ଚଇନୁ ମାନଙ୍କର ଘର ବନାହେଲା । ତଳ ବାଡ଼ିର ସବୁ ଗଛ କଟା ହେଇଗଲା । ଢେଙ୍କିଶାଳ୍ ବି ଶହୀଦ ହେଲା । ପୁରୁଖା ସାତ ପୁରୁଷିର୍ ଆମ୍ବ୍ ଗଛ, ବେଲ୍ ଗଛ, ସଇତମା ଗଛ, ବିଲାତି ମନ୍ଦାର ଗଛ ସମସ୍ତଙ୍କୁ ହଳିକାଠରେ ଯୋଖି ବଳୀ ଦିଆଗଲା ଉନ୍ନତି ଦେବୀଙ୍କ ପୂଜା ଉପଲକ୍ଷେ । ବିକାଶର ନୁଆ ପାଠ ପଢ଼ି ଶିଖିଲେ ଗାଁ ଲୋକେ । ଯେତେ ଘର ସେତେ ଉନ୍ନତି, ଯେତେ ଗଛ କଟାହେବ ବିକାଶର ପଥ ସେତେ ସୁଗମ ହେବ । ଗଣିଆ ଭାଇଙ୍କ ପରି ନୁଆ ନୁଆ ପ୍ରଗତିଶୀଳ ହେଉଥିବା, ଆଉ ନୁଆ ନୁଆ ଆଧୁନିକ ବୋଲେଇବା ନିଶାରେ ବୁଡ଼ି ଥିବା ଶିକ୍ଷିତ ଲୋକ ବି ଦୂରଦର୍ଶୀ ହେଇ ପାରି ନଥିଲେ ।

ହାଃ ! ପ୍ରଗତି ।
ହାଃ ! ବିକାଶ ।

ତାରି ପରାଭବ ଆଜି ଭୋଗୁଛନ୍ତି ଉତ୍ତର ଦାୟାଦ ମାନେ । ଗଛ ନାଇଁ, ପାହାଡ଼ ନାଇଁ, ପାଣି ନାଇଁ, ପବନ ନାଇଁ । ଅକ୍ସିଜେନ୍ ସିଲିଣ୍ଡର ପାଇଁ ମାରାମାରି । ବଡ଼ ବଡ଼ ମହଲ ଭିତରେ, ୱାଟର୍ ପ୍ୟୁରିଫାୟର୍, ଏୟର୍ ପ୍ୟୁରିଫାୟର୍ ଧରି ବସିଛନ୍ତି । ତଥାପି ରୋଗ ବଇରାଗ ମାଡି ଚାଲିଛି ।

ଗାଁରେ କେବଳ ଶ୍ରୀଧର ସାଆନ୍ତଙ୍କ ପକ୍କା ଘର ଥିଲା । ଚାରି ପରସ୍ତ ଖଞ୍ଜା । ସେ କିନ୍ତୁ କୋଉ ଫିରିଙ୍ଗି ଅମଳର । ଚୂନ ସୁରଖିରେ ତିଆରି । ଚଉଡ଼ା ଚଉଡ଼ା କାନ୍ଥ । ଦାଣ୍ଡ ପଟକୁ ଲମ୍ବାଳିଆ ନାଲିଆ ବାରଣ୍ଡା । ସେଥିରେ କଳା କଳା ଫୁଲ । ବାରଣ୍ଡା ମଝିରେ ଚାରିଟା ପାହାଚ । ପାହାଚ ଦୁଇ କଡ଼ରେ ନୁଆଁଣିଆ ହାତୀ ଶୁଣ୍ଢିଆ ଡିଜାଇନ୍ । ସେଥିରେ ଭଲ ଖସି ହୁଏ । ମୁଁ କେବେ କେବେ ବାପାଙ୍କ ସାଙ୍ଗରେ ଯାଏ । ସେଥିରେ ବସି ସର୍ର୍ କିନା ଖସି ଆସେ । ବଡ଼ ମଜା ଲାଗେ । ବାରଣ୍ଡାରେ ଠାଏ ଠାଏ ବାଘ ଚଲାଣୀ, ପାଞ୍ଚ ଘରିଆ, ସାତ ଘରିଆ, ଷୋଳ ଘରିଆ କଉଡ଼ି ଖେଳ ପାଇଁ କୋଠୀ କଟା ଯାଇଥାଏ ।

ଭିତର ମହଲ ବା ଅନ୍ତପୂରଟା ଦେଖିବାର ସୁଯୋଗ ମିଳି ନାହିଁ କେବେ ।

ISSN NO.
2582-208X

ବର୍ତ୍ତମାନ ଚଇନୁ ଘର ତିଆରି ହେବ କୋଠା । ରୋଜଗାରିଆ ପୁଅ । ପୁଅ ରୋଜଗାର କଲେ ସବୁଠାରୁ ମହତ୍ କାମ ହେଉଛି ଘରବନା । ମୋର୍ ବି ତ ସେଇ ସ୍ୱପ୍ନ ନା । ଏକା ଗଣିଆ ଭାଇ ନୁହନ୍ତି, ଦେଶର ଯେତେ ରୋଜଗାରିଆ ପୁଅ, ସେ ହେଇଥାଉ, ଅଭିମନ୍ୟୁ ପରିଚ୍ଛା, ପରେଶ୍ ମୁଖାର୍ଜୀ, ଜିତେନ୍ଦ୍ର କପୁର୍, କି ଜଗୁ ମାହାନ୍ତ । ବଡ଼ରୁ ସାନ, ପାଣରୁ ବାହ୍ମଣ, ସମସ୍ତେ ଘର ତିଆରିର ଧ୍ୱଜ ବାନ୍ଧିଛନ୍ତି ମୁଣ୍ଡରେ । ଯାହାର କମ୍ ଗୋଟାଏ ଧ୍ୱଜ, ଯାହାର ବେଶି ସେ ତ ଦିଲ୍ଲୀ, ବମ୍ବେ, ଆମେରିକା ଅଷ୍ଟ୍ରେଲିଆ ସବୁଠି ଧ୍ୱଜ ବାନ୍ଧି ସାରିଲାଣି ।

ଥାତି ବାନ୍ଧି ନେଇ ଯିବେନି କେହି । ସବୁ ରହିଯିବ ।

ଆସିଛୁ ଖାଲି, ଯିବୁ ଖାଲି । ହଁ,

ସେଦିନ ପହିଲି ସୂର୍ଯ୍ୟ କିରଣ ଗାଁକୁ ଛୁଇଁବା ପୂର୍ବରୁ ବିକଟାଳ, କର୍କଶ ଶବ୍ଦ ସବୁ ଦୁଲୁକେଇ ଦେଇଥିଲେ ଗାଁ ଦାଣ୍ଡ ।

ଖଟ୍ ଖଟ୍
ଖଟ୍ ଖଟ୍

କବତାର ବିଳାପ ଅଧା ରହି ଯାଇଥିଲା,

ଉଠ୍ ପୁଟୁର୍ .....
ଉଠ୍ ପୁଟୁର୍ ....
ଉଠ୍

ଏତେ ପାହାନ୍ତାରୁ ନ ଉଠିବା ପୁଟୁର୍ ମାନେ ଭି ଚମକି ଉଠି ପଡ଼ିଥିଲେ ।

ISSN NO.
2582-208X

ଗଛ ସବୁ ହଣା ହେଉଥିଲେ। କୁରାଢ଼ି ଚୋଟରେ ଝାଙ୍କି ପଡୁଥିଲେ ବିକଳରେ । ଭୂମାତା ଦେହରେ ଘସି ହେଇ ପ୍ରାଣଭିକ୍ଷା କରୁଥିଲେ । ପୃଥିବୀ ମାଆ ବି ତ ମୁକ, ନିଶବ୍ଦ, ନିରୁପାୟ । କାକର ଲୁହ ଝରେଇ ରଡ଼ରାଡ଼ ଭାଙ୍ଗି ଯାଉଥିଲେ ସେମାନେ । ନିଥର, ନିର୍ବାକ୍ ପ୍ରାଣୀ, ହଁ ପ୍ରାଣ ଅଛି ମାନେ ପ୍ରାଣୀ । ଭୂମାତା କାନି ପାତି ଆଙ୍କୁଳେଇ ନେଉଥିଲା ତାଙ୍କର ଖଣ୍ଡ ବିଖଣ୍ଡିତ ଶରୀର । ଆଉଁସି ଦେଉଥିଲା କ୍ଷତ ସବୁ ।

ଗଣ୍ଡି ସବୁ ଗଡ଼ ଗଡ଼ କରି କଟା ହେଉଥିଲା କରତରେ । ଆମେ ସବୁ ଜମା ହେଇ ଦେଖୁଥିଲୁ ଏ ଅଭିନବ ହତ୍ୟାକାଣ୍ଡ । କଟା ଗଣ୍ଡି ଦେହରେ ଗଣୁଥିଲୁ ଗୋଲେଇ ହେଇଥିବା ବୟସ ଗାରକୁ । ଘୋଡ଼ା ଦଉଡେଇଲା ପରି ତା ଉପରେ ବସୁଥିଲୁ,

ଖେଡ୍ ବେଟ୍ ଖେଡ୍ ବେଟ୍<br>
ଖେଡ୍ ବେଟ୍ ଖେଡ୍ ବେଟ୍ ।

ତେବେ ବାଲିର ତ ଅଭାବ ନଥିଲା । ଶଗଡ଼ ଶଗଡ଼ ବୋହି ଆଣି ଗଦା ହେଲା ଚଇନୁ ଘର ତଳ ବାଡ଼ିରେ । ପାହାଡ଼ ଉଚ୍ଚା ବାଲି ସ୍ତୁପ ।

ଲୁହା ରଡ଼ ବୋଝେଇ ହେଇ ଆସିଲା । ବସ୍ତା ବସ୍ତା ସିମେଣ୍ଟ ଥାକ ମରାହେଲା ତାଙ୍କର ଓଳିତଳେ ।

ଇଟା ଥାକ ମରା ହେଲା ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଅକୁହା



ତରୁଣ କୁମାର ଦାସ

ମୋତେ ଲାଗେ ତମେ ମୋ
ଅସରନ୍ତି କବିତାର ଏକ ଅଲୋଡ଼ା ପଙ୍କ୍ତି
ମୋ ମର୍ମ ଫଟା ଦୀର୍ଘ ଶ୍ୱାସ ର ଏକ ନିଛକ ପ୍ରତିଛବି
ମୋ ଶୁଖିଲା ଆଖିର ଜ୍ୱଳନ୍ତ ଜୁଇ
ଅଗମ୍ୟ ପଥର ଏକାକୀ ବାଟୋଇ
ମୋର ସର୍ବସ୍ୱ ଲୁଟି ନେଇଥିବା
ଅନୁପସ୍ଥିତି ର ଅନ୍ଧାର
ଫୁଲଟିଏ ବୋମାମାଡ ସମ
ହାଜର ଗୋଟାପଣେ
କିଛି ବୁଝୁଛ କି ନାହିଁ
ବୁଝି ଥିଲେ କବିତାର ଇତି ଟାଣ ନ୍ତି
କେତେ ନିରାର୍ଥକ ଶବ୍ଦର ହଟ୍ଟଗୋଳ ରେ ନିଜ ସତ୍ତାକୁ ଅଣ୍ଡଲୁ ନ ଥାନ୍ତି
ତମ ନୀରବ ନିମନ୍ତ୍ରଣ ରେ
ନିଜକୁ ହଜେଇ ଦେଇଥାନ୍ତି ॥

ମୁକ୍ତା ନିଳୟ,
ପାଳୁସିଆ, ବାଲେଶ୍ୱର 36

ISSN NO.
2582-208X

# ହୃଦୟର ଅନୁକୋଣରୁ



ଭାସ୍କର ଚନ୍ଦ୍ର ଖଣ୍ଡା

ହୁଏ ପ୍ରବାହିତ ଯେତେବେଳେ ଭାବନାର ସ୍ରୋତ
କରୁଥାଏ ପ୍ରସ୍ତୁତ ନିଜକୁ ଫୁଲ କଢ଼ିଟିଏ
ପ୍ରଭାତର ଶାନ୍ତ ଶୀତଳ କିରଣରେ
ଢାଳି ଦେବ ନିଜକୁ
ଆହା କେତେ ଦିନର ପ୍ରତୀକ୍ଷା
କରିବ ଧାରଣ ଆଜି ଯେତେବେଳେ
ନିଜର ରୂପ
ସମୀରଣର ମୃଦୁ ଚୁମ୍ବନରେ
ହେବ ସିଏ ଉତଫୁଲ୍ଲିତ
ରୂପ ସାଂଗରେ ଭରିଥିବା ସୁଗନ୍ଧର ଗୁଣ
ବାଣ୍ଟି ଦେବ ସିଏ ।୧।

ଏମିତି କେତେ କଳ୍ପନା ଜଳ୍ପନାର ଖିଅ
ବୁଣିବ ସେଇଥିରେ ସ୍ୱପ୍ନର ଛବି
କହିବେ ତାକୁ କିଛି ଭଲ
କରିବେ ବି ତା'ର ପ୍ରଶଂସା
କରିବେ କିଛି ତାକୁ ଅଣଦେଖା

ISSN NO.
2582-208X

ବିଚଳିତ ହେବ କାହିଁ ପାଇଁ
ଆସିଛି ସିଏ
ଚାଲିବି ଯିବ ଦିନେ ସିଏ ।୨।

ନେଇ ତ ପାରିବନି କିଛି
କରିବ କାହିଁକି ଅହଙ୍କାର
ଗଢିଥିବା ସ୍ୱପ୍ନର ବାଲିଘର
ଭାଂଗି ଦେବ ଉତ୍ତାଳ ତରଙ୍ଗ ଦିନେ ।୩।

ଅଛି ତା ପାଖରେ ଖୁବ୍ କମ୍ ସମୟ
ହେଉ ସ୍ଥିତପ୍ରଜ୍ଞ
ନକରି ଭ୍ରୂକ୍ଷେପ ନିନ୍ଦା ପ୍ରଶଂସାର
କରୁ ପ୍ରୟାସ ଢାଳିଦେବାକୁ ସବୁ କିଛି
ଲିଭି ଯିବା ଆଗରୁ ଦୀପଶିଖା
ହୃଦୟର ଅନୁକୋଣରୁ ।୪।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ମହୋଦଧି



ବିନୋଦିନୀ ଦାଶ

ବିସ୍ତୀର୍ଣ୍ଣ ବପୁରେ ଜଳରାଶି ଧରି
ମରତେ ଉଭା ମହୋଦଧି
ମଣିମୁକ୍ତାଠାରୁ ଲବଣ ପର୍ଯ୍ୟନ୍ତ
ଅଶେଷ ସମ୍ପଦ ସାଇତି
ରଖି ସେଥିରେ
ରତନଗର୍ଭା ବୋଲାଉଛି
ଚେତନ ମାନବ ଚିନ୍ତାକୁ ପ୍ରସରି
ତା'କୁ ଉପଯୋଗ କରୁଛି ।

ଜାହାଜେ ରପ୍ତାନୀ ଆମଦାନୀ କାର୍ଯ୍ୟ
ଦେଶ ଦେଶ ମଧ୍ୟେ ଚାଲିଛି
ଅଭାବ ହଟୁଛି ସମୃଦ୍ଧି ବଢୁଛି
ଦେଶ ମୁଣ୍ଡ ଟେକି ପାରୁଛି
ଏ ମହୋଦଧି
ଯୋଗାଇ ଜୀବିକା ମାନବେ
ସୁଖ ସମ୍ପଦକୁ ତୋଳିଦିଏ ବୋଲି
ଜୀବନ କଟିଯାଏ ଶୁଭେ ।

ISSN NO.
2582-208X

ଲଘୁଚାପ ଯୋଗୁଁ ଧରି ଉଗ୍ରରୂପ
କରଇ ପୁଣି କ୍ଷୟକ୍ଷତି
ମଣିଷ ହୁଅଇ ନାନା ହନ୍ତସନ୍ତ
କେ ବି ହାରେ ଧନ ସମ୍ପତ୍ତି
ଏହି ତାଡ଼ନା
ପାଇଁ ଦାୟୀ ନୁହେଁ ସାଗର
କରଇ କେବଳ ପ୍ରକୃତି ଏ ଖେଳ
ତା'କୁ ହାତ ନାହିଁ କାହାର ।

ଐରାବତ ହସ୍ତୀ, ଉଚ୍ଚୈଃଶ୍ରବା ଅଶ୍ୱ
ଲକ୍ଷ୍ମୀ ମାତା, ଚନ୍ଦ୍ର, ଅମୃତ
ଦେବାସୁର ମଧ୍ୟେ ସମୁଦ୍ର ମନ୍ଥନେ
ଉଦ୍ଭିତ ପୁରାଣେ ବର୍ଣ୍ଣିତ
ସେଥିପାଇଁକି
ଦେବତା ଭାବରେ ସାଗର
ପୂଜନ ବିଧାନ ଆମ ମରତରେ
ରହିଛି ନାନା ଉପଚାର ।

ସୁଷମା ଶୋଭିତ ତା'ର ବେଳାଭୂମି
କୋଟି ଜନମନ ହରଇ
ଗର୍ଜି ଉର୍ମି ମାଳ ମାଡ଼ି ଆସି କୂଳ
ଥର ଥର ଛୁଇଁ ଫେରଇ
ମୃଦୁ ମଳୟ
ସେ ଥାନେ ଯା' ଦେହେ ବାଜିଛି
ମନ, ଦେହ, ଆତ୍ମା କହେ ବାରବାର
ସତେ ସ୍ୱର୍ଗ ଶାନ୍ତି ମିଳିଛି !

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ କେତେକ ଗଳ୍ପ ଏକ ଆକଳନ



ଡ଼ ପଲିମର ଦାଶ

ସାହିତ୍ୟ ବିସ୍ତୃତ ଓ ସୀମାହୀନ ଆକାଶ ପରି ଯେତେ ଦୂର ଯାଏ ଗଲେ ମଧ୍ୟ ଶେଷ ହୁଏନାହିଁ । ନୂତନ ଭାବନା ବିଷୟବସ୍ତୁ, ଘଟଣାବଳୀ ମାଧ୍ୟମରେ ନୂତନ ଧାରା ସୃଷ୍ଟି ହୁଏ। ଓଡ଼ିଆ ସାହିତ୍ୟର ଗଳ୍ପଧାରା ଫକୀରମୋହନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା । ସେ ସମୟଠାରୁ ଆଜି ପ୍ରଯନ୍ତ ନୂତନ ଚିନ୍ତା ଚେତନାକୁ ନେଇ ଗଳ୍ପ ସୃଷ୍ଟି ହୋଇ ଆସୁଛି । ଭିନ୍ନ ଚିନ୍ତାଧାରା ଓ ବିଷୟବସ୍ତୁକୁ ନେଇ କେତେ ଯେ ଗଳ୍ପ ସୃଷ୍ଟି ହେଲାଣି ତାର କୌଣସି ଗଣନା ନାହିଁ। ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପର ଯେଉଁ ଧାରା ପ୍ରବାହିତ ହୋଇଛି ଦିନକୁ ଦିନ ସେ ଧାରା ସ୍ୱଷ୍ଟ ଏବଂ ଗଭୀରତାର ଶୀର୍ଷକୁ ଛୁଇଁ ପାରିଛି । ସାହିତ୍ୟ ମାଧ୍ୟମରେ ଲୋକଙ୍କୁ ସଜାଗ କରିବା ମୁଖ୍ୟତଃ ଲେଖକମାନଙ୍କ ର ମୁଖ୍ୟ ଉଦ୍ଦେଶ୍ୟ ଥାଏ । ପାଠକ ସବୁବେଳେ ଭଲ ବିଷୟବସ୍ତୁ ଚୟନ କରେ ଯାହା ପଢିବାକୁ ଆଗ୍ରହ ସହିତ ମନକୁ ଛୁଇଁ ପାରୁଥିବ । ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟର କ୍ଷୁଦ୍ରଗଳ୍ପ ରଚନା ଧାରାକୁ ଲକ୍ଷ୍ୟ କଲେ ଜାଣିହୁଏ ସାମ୍ପ୍ରତିକ ସମୟର ଗଳ୍ପଗୁଡିକ ଏକ ନୂତନ ବାର୍ତ୍ତା ଓ ଚେତନା ମଧ୍ୟଦେଇ ଗତି କରିସାରିଲାଣି । ସାମ୍ପ୍ରତିକ ସମୟର ଗଳ୍ପଗୁଡିକ ତରୁଣ ପିଢ଼ିର ଗଳ୍ପକାରଙ୍କ ପ୍ରତିଷ୍ଠିତ ଗାଳ୍ପିକଙ୍କ ସମାଗମ ଘଟିଛି । ୧୨୫୦ ପରବର୍ତ୍ତୀ ଠାରୁ ଏ ପ୍ରଯନ୍ତ ସୃଷ୍ଟି ହେଉଥିବା ଗଳ୍ପଗୁଡିକ ମନସ୍ତତ୍ୱ ଏବଂ ବୌଦ୍ଧିକଚେତନା ଉପରେ ଉଲ୍ଲେଖିତ । ତରୁଣ ଗାଳ୍ପିକ ସବୁ ନିର୍ଭିକ, ସ୍ୱାଧୀନଚେତନା, ସ୍ୱଷ୍ଟବାକ ଏବଂ ପାରମ୍ପରିକ ଜୀବନଚେତନାର ମୂଲ୍ୟବୋଧ କୁ ନେଇ ମୁଖ୍ୟତଃ ସଜାଗ ।

ISSN NO.
2582-208X

ଏହିପରି ନୂତନ ଯୁବପିଢ଼ିର ଜଣେ ଅନ୍ୟତମ ତରୁଣ ଗାଳ୍ପିକ ହେଉଛନ୍ତି କ୍ଷୀରୋଦ ବିହାରୀ ବିଶ୍ଵାଳ । ଜନ୍ମ 23 ଅଗଷ୍ଟ 1986 ନୂଆପୁର, କଲ୍ୟାଣୀ ବାଲେଶ୍ଵର ଜିଲ୍ଲାରେ । ତରୁଣ ବୟସରୁ ଗଳ୍ପ ଲେଖି ପାଠକ ମାନଙ୍କର ପ୍ରିୟ ଗାଳ୍ପିକ ହେଇପାରିଛନ୍ତି । ତାଙ୍କ ଗଳ୍ପଗୁଡିକ ନୂତନ ଚିନ୍ତାଧାରାକୁ ନେଇ ଲିଖିତ । ସୁନ୍ଦର ବିଷୟବସ୍ତୁ ପରିକଳ୍ପନା, ଘଟଣାବଳିର ଟିକିନିକି ବର୍ଣ୍ଣନା, ଚରିତ୍ରଚିତ୍ରଣ ଏ ସବୁଥିରେ ସେ ଧୁରନ୍ଧର । ମୁକ୍ତିପଥ (2016), ଅଇଁଠାପତର (2019), ମହିଖୁଣ୍ଟର ଛାଇଁ (2011), ଦୁଇମୁଠା ଅନ୍ଧାର (2022) ଏ ଗୁଡିକ ତାଙ୍କ ଗଳ୍ପପୁସ୍ତକ । ତାଙ୍କ ଲେଖା ପାଇଁ ଅନେକ ପୁରସ୍କୃତ ମଧ୍ୟ ହୋଇଛନ୍ତି । ତାଙ୍କ ମତରେ ସମାଜକୁ ସୁଧାରିବା କାଠିକର ପାଠ ହେଲେ ଭଲ ଚିନ୍ତାଧାରା ଯଦି ଲୋକଙ୍କ ମନରେ ପରିବର୍ତ୍ତନ ଆଣିପାରିବ ସେଥିପାଇଁ ସେ ନିଶ୍ଚୟ ଚେଷ୍ଟା କରିବେ ।

ଜଣେ କିନ୍ନରକୁ କେମିତି ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ, ସମାଜରେ ନିଜର ଅସ୍ତିତ୍ଵକୁ ଏକ ନୁଆଁ ପରିଚୟ ଦେବା କେତେ ଯେ କଷ୍ଟ ତାକୁ ନେଇ ଏକ ସୁନ୍ଦର ଚିତ୍ର ଅଙ୍କନ କରୁଛନ୍ତି "ମିସ ସାଗରୀକା " ଗଳ୍ପରେ । ଛୋଟ ପୁଅପିଲାଟି ମନରେ ଝିଅଙ୍କ ପରି ପିନ୍ଧିବା ଠାରୁ ଆରମ୍ଭ କରି ନାଚିବା ଯାଏ ସବୁତକ ଇଚ୍ଛା । ଗାଁର ନାଟକ ମଞ୍ଚରେ ଝିଅ ଭୂମିକାରେ ନିଜକୁ ସଜାଇବା, ଯେପରି ଶୋଷିଲା ନିକଟରେ ପାଣି ପହଂଚିବା ସହ ସମାନ । କାଳିଆ ଭାଇରୁ ମିସ ସାଗରୀକା ପ୍ରଯନ୍ତ କରିବାକୁ ପଡ଼ିଥିବା ସଂଘର୍ଷର କାହାଣୀ ହେଉଛି ମିସ ସାଗରୀକା ଗଳ୍ପ । ଏହା ପ୍ରତେକ କିନ୍ନରର ଜୀବନ କାହାଣୀ । ହୁଏତ ଶୁଣିବାକୁ ଭଲ ଲାଗୁନଥିଲେ ମଧ୍ୟ ସତ୍ୟକୁ କେବେ କେହି ଲୁଚାଇ ପାରିବେନାହିଁ । କିନ୍ନର ହେବାକୁ କେତେ ସବୁ ଦୁଃଖ କଷ୍ଟ ଅତ୍ୟାଚାର ସହ୍ୟ କରିବାକୁ ପଡିଛି ତାହା ଏ ଗଳ୍ପରେ ରହିଛି । ଗୋଟେ ଧାଡିରେ କହିବାକୁ ହେଲେ କିନ୍ନର ମାନଙ୍କ ଜୀବନ ଗ୍ରନ୍ଥ ଏ ଗଳ୍ପଟି ।

ଗୋଟେ ପୁଅ ତା ବାପା ପ୍ରତି ତାର ସମ୍ମାନ, ଆଦର୍ଶ, ଶିକ୍ଷାର ପରିଚୟ ଦେଇଛି "ମହିଖୁଣ୍ଟର ଛାଇଁ "ଗଳ୍ପରେ । ମହିଖୁଣ୍ଟ ଯେମିତି ବଳଦମାନଙ୍କୁ ଆୟତ୍ତ କରେ ଓ ତା ଚାରିପଟେ ହିଁ ସବୁ କାର୍ଯ୍ୟ ହୁଏ ଏଥିରେ ଗୋଟେ ପୁଅ ତା ବାପାପ୍ରତି ତାର ଗଭୀର ପ୍ରେମ ଏବଂ ଆଦର୍ଶର ପରିଚୟ ଦେଇଛି । ସେହିପରି "ଅନ୍ଧାର ଦର୍ଶନ " ଗଳ୍ପରେ ବାସନ୍ତୀ ବୋଲି ଜଣେ କିଶୋରୀ ଝିଅକୁ ନେଇ ଗଳ୍ପଟି ରଚିତ । ବାପାମା ଛେଉଣ୍ଡ ଝିଅକୁ ତା କାକାଖୁଡି ନିଜ ପାଖରେ ରଖିଛନ୍ତି । ରକ୍ଷକ କେମିତି ଭକ୍ଷକ ସାଜି ବାସନ୍ତୀ ଉପରେ ଲୋଲୁପ ଦୃଷ୍ଟି

ISSN NO.
2582-208X

ପକାଇଛି, ମୁହଁରେ ମୁଖଟା ପିନ୍ଧିଥିବା ମଣିଷର ଚିତ୍ର ଏଠି ରହିଛି । ଆଇନାର ଯେତେ ପାଖକୁ ଆସି ଦେଖିଲେ ମୁହଁଟା ସେତେ ସ୍ପଷ୍ଟ ଦେଖାଦିଏ । ବାସନ୍ତୀ ସେ ମୁଖଟା ଲଗା ମୁହଁକୁ ଅତି ନିକଟରୁ ଦେଖି ପାରିଛି । "ପାଦୁକା " ଗଳ୍ପରେ ବାବାଜୀ ଚରିତ୍ରରେ କୈବର୍ତ୍ତ ଜାତିର ଲୋକଙ୍କ ଜୀବନ ଗାଥା କଥା ଚିନ୍ତା କରିଛନ୍ତି । ଇଂଜିନ ଚାଳିତ ଡ଼ଙ୍ଗାର ଦୁନିଆରେ ହାତମରା ଡ଼ଙ୍ଗାକୁ କେହି ପସନ୍ଦ କରନ୍ତିନି । ତଥାପି ମଣିଷ ମନରେ ପ୍ରଣ ନେଇ ଚାଲେ ତାର ଡ଼ଙ୍ଗା ଏବେ ମଧ୍ୟ ସମସ୍ତଙ୍କ ପ୍ରିୟ । ଦୁଃଖ କଷ୍ଟ ସହି ମଧ୍ୟ ଯେତେବେଳେ ନିଜ ସନ୍ତାନର ଭବିଷ୍ୟତକୁ ଭଲ କରିବାକୁ ଯାଇ ମୃତ୍ୟୁ କୋଲକୁ ଚାଲିଯାଇଛି । ଗାଳ୍ପିକଙ୍କ ଭାଷାରେ "ରେବ ଡ଼ଙ୍ଗାର ଆହୁଲାକୁ ଧରିଲା କେହି ଯେମିତି କହୁଥିଲା "ଯେ ସଂସାର ଦରିଆରେ ଡରିଗଲେ ହେବନି, ଜଣେ ଥକିଗଲେ ଆଉଜଣକୁ ମଙ୍ଗ ଧରିବାକୁ ହବ " । ସେମିତି ବିଜୟ ଚରିତ୍ରରେ ଜଣେ ପୁରୁଷର ମଧ୍ୟରେ ଥିବା ନାରୀପ୍ରୀତି କଥା ଉପସ୍ଥାପନା କରିଛନ୍ତି । ଅନିଚ୍ଛା ସତ୍ୱେ ଅସୁନ୍ଦରି ଝିଅକୁ ବିବାହ, ପରେ ସ୍ତ୍ରୀ ର ମୃତ୍ୟୁ, କୁମ୍ଭୀର କାନ୍ଦଣା ସହ ଦୁଃଖରେ ଭରି ରହିଥିବା ଜଣେ ଆଦର୍ଶ ସ୍ୱାମୀର ଅଭିନୟ ଗଳ୍ପକୁ ଆହୁରି ଆକର୍ଷିତ କରିଛି । ପୁରୁଷ ମନର ଜିଜ୍ଞାସାର ଝଲକ ଏଥିରେ ଆମେ ପାଇବା । "ନାଚବାଲି" ଗଳ୍ପରେ ଝିଅଟିକୁ ନାଚବାଲି ହେବାରେ କେତେସବୁ ପରିସ୍ଥିତି ସହ୍ୟ କରିବାକୁ ପଡିଛି । ସମାଜରେ ଲୋକେ ଏମିତି ଝିଅକୁ କିଭଳି ଘୃଣ୍ୟ ଦୃଷ୍ଟିରେ ଦେଖନ୍ତି । ନିଜ ପ୍ରେମିକ ସତ୍ୟତା ଜାଣି ମଧ୍ୟ କିପରି ପ୍ରଶ୍ନ ପରେ ପ୍ରଶ୍ନ କରି ଚାଲିଛି । ଝିଅଟିଏ ପରିବାରର ଭରଣ ପୋଷଣ ପାଇଁ ଯଦି ନାଚ ନାଚି ଅର୍ଥ ଉପାର୍ଜନ କରେ ସେ ସମାଜରେ କଳଙ୍କିତ ହୋଇପଡେ । ଏମିତି କିଛି ରହିଛି ନାଚବାଲି ଗଳ୍ପରେ ।

ଏସବୁ ଆଲୋଚନା ପରେ ଗାଳ୍ପିକଙ୍କ ଚିନ୍ତାଧାରା କେତେଯେ ଚମତ୍କାର ତାହା ଜାଣିହୁଏ । କ୍ଷୀରୋଦ ବିହାରୀ ବିଶ୍ୱାଳ ଜଣେ ଉଚ୍ଚକୋଟିର ଲେଖକ ଯିଏ ସମାଜକୁ ଆଲୋକରେ ସଜାଇବାକୁ ପ୍ରୟାସ କରିଛନ୍ତି ତାଙ୍କ ଗଳ୍ପ ମାଧ୍ୟମରେ । ସେ ଯାହା ନିଜ ଚତୁର୍ପାଶ୍ୱରେ ଦେଖନ୍ତି ତାକୁ ନିଜ ଭାଷା ମାଧ୍ୟମରେ ଚିତ୍ରିତ କରନ୍ତି । ଯୁବ ଗାଳ୍ପିକ ଭାବରେ ସେ ପରିଚିତ ।

ଝାରସୁଗୁଡା

ISSN NO.
2582-208X

# ବିଦାୟ ବେଳାରେ



ପୁଷ୍ପାଞ୍ଜଳି ମିଶ୍ର

ବିଦାୟ ନେବାର ଆସିଛି ଆଜି
ଇଂରେଜୀ ଦୁଇ ହଜାର ବାଇଶି
ଦୁଇ ହଜାର ତେଇସି ଆସୁଛି
ଫୁଲଟିଏ ହୋଇ
ବାରଟି ପାଖୁଡା ହୋଇ ଆସୁଛି
ସ୍ନେହ / ମମତା ର ସୁଗନ୍ଧ ନେଇ
ଅନୁରୋଧ ମୋର ଏତିକ ତୁମକୁ
କାହାରି ମନରେ ନ ଦେବ ଦୁଃଖ
କାହାରି ଆଖିରେ ନ ଦେବ ଲୁହ
ଭୋକଲା ରହିବ ନାହିଁ କାହାରି ପେଟ
କେହି ରହିବେନ ଦୁଃଖ ରେ ଆଉ
ପ୍ରତି ପାଖୁଡା ରେ କେତେ ଘଟଣା
ଭରି ରହିଅଛି ଜଣା ଅଜଣା
ଯିବତ ପୁରୁଣା ଆସିବ ନୂଆ
ଏହି ପରି ଗ୍ଭଲିଥିବ ଦୁନଆ
କ୍ୟାଲେଣ୍ଡର ସବୁ ଯିବ ବଦଳ
ତାରିଖ ସବୁ ଯିବ ବଦଳ
ଖାଲି ଯାହା ଥିବ ସବୁ
ସେହି ପୁରୁଣା ଇତିହାସ

ISSN NO.
2582-208X

କେହି କହାରିକୁ ଯିବେନ ଭୁଲି
ଗୃଷୀ ହସିବ ଦୁନଆ ହସିବ
ରହିବ ନାହିଁ ଦୁଃଖ
ବିଦାୟ ବେଳାରେ ଏତିକ ମାଗୁଣି
କଥା ଦିଅ ତୁମେ ଇଁରାଜୀ
ନୂଆବରଷ
ମୋ ପରି ତୁମେ ଦୁଃଖ କୁ ଛାଡି
ସୁଖ କୁ ସାଉଁଟି ନେବ
ସଭିଙ୍କ ଆଖିରେ ଲୁହ ଦେବ ନାହିଁ
ଓଠ ରେ ଭରିବ ହସର ମହକ
ଏହି ଅନୁରୋଧ ରହିଲା ମୋର
କଥା ଦିଅ ତୁମେ ଇଂରେଜୀ
ନୂଆବରଷ

ସୁକନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
9556643921

ISSN NO.
2582-208X

# ସୀମାହୀନ ସାଗର



ରଘୁନାଥ ତ୍ରିପାଠୀ

ରଙ୍ଗ ତାର ନୀଳ, ଶୁଭ୍ର ତାର ଜଳ
କେତେ ସେ ବଦାନ୍ୟ, ବିଶାଳ ହୃଦୟ
ଅସୁମାରି ତଟିନୀର ଜଳେ ଅଜେୟ, ଦୁର୍ଭେଦ୍ୟ
ଯିଏ ପର୍ବତ କନ୍ଦରୁ ବୋହିଆଣେ ବହୁ ଅନିର୍ମଳ
ତଥାପି ବାହୁ ପ୍ରସାରିତ କରି
ସ୍ଥାନ ଦିଏ ନିର୍ବିକାରେ ନିର୍ବିଘ୍ନରେ
କେତେ ଶାନ୍ତ, ନାହିଁ ତାର ଗର୍ବ ଅହଙ୍କାର ।

ଗର୍ଭେ ଭରି ଲବଣାକ୍ତ ଜଳ
ପୁଣି ଅମୁଲ୍ୟ ଅମାପ ବିଭବ
ସୁରାସୁରଙ୍କ ମନ୍ଥନେ ଦେଲା ଉପହାର
ହୃଷିକେଶଙ୍କୁ କମଳା ଶିବେ ହଳାହଳ
ସୃଷ୍ଟିକୁ ଦେଇସାରି ଚନ୍ଦ୍ର ପରି ଦାନ
ତାହାଠାରେ ଏବେ ମଧ୍ୟ ଭରିଅଛି ମନ
ଥିଲାବେଳେ ପୂର୍ଣ୍ଣିଚନ୍ଦ୍ର ଅବା ଅମା ଅନ୍ଧକାର
ବିରାଗେ ଭୀଷଣ ହୁଏ ଭୂଭାଗ ଉପର ।

ISSN NO.
2582-208X

ଉତ୍ତୁଙ୍ଗ ଉର୍ମିମାଳା କରି ଦୋଳାୟିତ
ସୃଷ୍ଟିକରି ପ୍ରଭଞ୍ଜନ ଗଭୀର ତା ଦେହେ
ଉପକୂଳେ ସୃଷ୍ଟିକରି ଘନ ଘନ ନାଦ
ସଦା ସେ ସତର୍କ କରେ ନ ଯିବାକୁ ତାର ସନ୍ନିକଟ
ତଥାପି କେତେ ସେ ଭଦ୍ର କେତେ ସେ ଉଦାର
କେତେ ସ୍ନିଗ୍ଧ ଶୀତଳ ତାହାର ପରଶ
ମନ୍ଦ ମନ୍ଦ ସମୀରଣ ଖେଳାଇ ତା ତଟେ
ଜନପଦେ ଭରିଦିଏ ଅପୂର୍ବ ଉଲ୍ଲାସ ॥

ଗର୍ଭେ ତାର ଆଶ୍ରିଛନ୍ତି କେତେ କେତେ ଜୀବ
ବହୁ ଜନେ ଅନୁଗ୍ରହି ବଞ୍ଚିବାର ରାହା
କଲେ କିଛି ଦାନ କରିବାକୁ ଶାନ୍ତ
ଲେଉଟାଇ ଦିଏ ଗୋଟିଏ ମୁହୂର୍ତ୍ତେ
ନିଜ ପାଶେ ରଖି ସବୁ ଆବର୍ଜନା
ଅଂଶୁମାଳି ସହାୟତା ବଳେ
ସୃଷ୍ଟିକରି ମେଘମାଳା ଗଗନ ବକ୍ଷରେ
ପରଶଇ ଜଳଧାରା ମହା ଆନନ୍ଦରେ ।

ବାଲିସାହି, ମଧୁପାଟଣା,
କଟକ8763343263

ISSN NO.
2582-208X

# ଭଉଁରୀ



ଆଶୁତୋଷ ମେହେର

ଜୀବନ ସାଗରେ ଭାଗ୍ୟେ ଲେଖାଥାଏ କେତେ ଯେ ଭଉଁରୀ ଖେଳ
ଘୁରାଏ ବୁଲାଏ ଆତୁର ବିକଳେ ମାନେନା ବେଳ ଅବେଳ।
ଭସାଏ ବୁଡାଏ ଖେଳି ଖେଳାଏ ସେ ନିଶ୍ୱାସେ ନ ଦିଏ ତର
ସଭିଁଙ୍କର ପାଇଁ ନିକିତି ତଉଲ କେହି ନୁହେଁ ଆନ ପର ।।

କାହା ଭାଗ୍ୟେ ଲେଖା ଦୁଃଖର ଆତଡା ଜୀବନ ଟା ଅସମ୍ଭାଳ
ବୋଝ ପରେ ବୋଝ ଲଦି ହେଉଥାଏ ସତେ କି ପ୍ରେମିକା କୋଳ?
ନଇଁ ଯାଏ ଅଣ୍ଟା ଘୁରିଯାଏ ମଥା ବାଟ ଅମା ଅନ୍ଧକାର
ମନ ଟାଣ ପଣ ଏକେଲା ସାହାରା ପ୍ରଭୁକୃପା ଅଙ୍ଗୀକାର।।

ସୁଖ କାହା ଆଗେ ଅଲୋଡା ଆଲୁଅ ଅଦିନିଆଁ ଇନ୍ଦ୍ରଧନୁ
ଅଯାଚିତେ ଢାଳେ ଅଦିନ ବରଷା ଭିଜେଇ ପରାଣ ତନୁ।
ବିଜ୍ଞଜନ ମନ ଉଲ୍ଲାସିତ ଭାବେ ସୁଖ ଭାଗ ବଣ୍ଟା କରେ
ଦୁଃଖି ଜନ ମନେ ସମବେଦନାର ପ୍ରିତୀର ଫଗୁଣ ଭରେ।।

ସୁଖ ହେଉ ଦୁଃଖ ଦୁଇ ଧାର ଏକ ପରାଣ ସରିତା ଧାର
ସୁଖ ଦିଏ ଯିଏ ଶକତି ଭି ତା'ରି ସହିବାକୁ ଦୁଃଖ ଭାର ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ 9437085396

ISSN NO.
2582-208X

# ପାର୍ସିଙ୍କ ବିଶ୍ୱାସ ଓ ଜୀବନ ଦର୍ଶନ

ପ୍ରିୟବ୍ରତ ପାତ୍ର

(ଭାଗ-୧)

ଭାରତରେ ଦେଖାଯାଉଥିବା ବିଭିନ୍ନ ଧର୍ମାବଲମ୍ବୀଙ୍କ ଭିତରେ ପାର୍ସିମାନେ ଅନ୍ୟତମ। ଏମାନଙ୍କ ସଂଖ୍ୟା ଖୁବ୍ କମ୍, କିନ୍ତୁ ଜାତୀୟ ପରିପେକ୍ଷୀରେ ଏମାନଙ୍କ ପ୍ରଭାବ ଖୁବ୍ ବେଶୀ। ବମ୍ବେ ପାଖାପାଖି ଅଞ୍ଚଳରେ ଏମାନେ ବାସ କରନ୍ତି ଏବଂ ସେମାନଙ୍କ ସମୁଦାୟ ଜନସଂଖ୍ୟା ୭୦ ହଜାର ଓ ସାରା ପୃଥିବୀରେ ସେମାନଙ୍କ ସଂଖ୍ୟା ଏକ ଲକ୍ଷ ତିରିଶ ହଜାର। ସେମାନଙ୍କ ବିଚିତ୍ର ଶବ ସତ୍କାର ବ୍ୟବସ୍ଥା ପାଇଁ ସେମାନେ ବହୁ ଚର୍ଚ୍ଚିତ। ସେମାନଙ୍କ ଧର୍ମଧାରଣା ସନାତନ ଧର୍ମ ଭିତରେ ଏକ ଅଂଶ ବିଶେଷ ପରି ଜଣାପଡେ ଏବଂ ସେମାନଙ୍କ ମୂଳ ଗ୍ରନ୍ଥ ଆଭେସ୍ତା ସହ ଅଥର୍ବ ବେଦର ଅନେକ ସାମଞ୍ଜସ୍ୟ ରହିଛି। ପାର୍ସିମାନଙ୍କ ଧର୍ମଗୁରୁ ହେଲେ ଜୋରାଷ୍ଟର ଏବଂ ପ୍ରାଚୀନ ପର୍ସିଆରୁ ସେମାନେ ଭାରତକୁ ଆସିଥିବାରୁ ସେମାନଙ୍କୁ ଭାରତୀୟମାନେ ପର୍ସିଆବାସୀ ବା ସଂକ୍ଷେପରେ ପାର୍ସି ବୋଲି ନାମିତ କରିଥିଲେ। ଜୋରାଷ୍ଟରଙ୍କ ନିର୍ଦ୍ଦେଶିତ ଧର୍ମଧାରଣାକୁ କାୟ ମନୋବାକ୍ୟରେ ପାଳନ ଓ ବିଶ୍ୱାସ କରୁଥିବା ଧର୍ମାବଲମ୍ବୀଙ୍କୁ ଜୋରାଷ୍ଟରିଆନ୍ ବା ଜୋରାଷ୍ଟରୀ କୁହାଯାଏ। ଏହି ପାର୍ସି ସମୁଦାୟ ହେଲେ ବିଭିନ୍ନ କାରଣରୁ ସପ୍ତମ ଶତାବ୍ଦୀରେ ପାରସ୍ୟ ବା ଏବର ଇରାନ୍ ରୁ ଭାରତକୁ ଆସିଯାଇ ଥିବା ଜୋରାଷ୍ଟର ଧର୍ମାବଲମ୍ବୀ ସମୂହ। ଖ୍ରୀଷ୍ଟପୂର୍ବ ୧୫୦୦ ରେ ଆଦି ଗୁରୁ ଜୋରାଷ୍ଟର ଏହି ନୂତନ ଧର୍ମର ପ୍ରଚାର ଓ ପ୍ରସାର କରିଥିଲେ। ସେତେବେଳକୁ ଇରାନ୍ ରେ ଭୟ ଓ ଭ୍ରାନ୍ତିକୁ ପୁଞ୍ଜି କରି ବହୁ ଦେବଦେବୀଙ୍କ ପୂଜାର୍ଚ୍ଚନା ଚାଲିଥିଲା। ଜୋରାଷ୍ଟର ତାଙ୍କର ଗାଥା ମାଧ୍ୟମରେ ଲୋକଙ୍କୁ ଅବଗତ କରାଇଲେ ଯେ ଭଗବାନ ଏକ, ସର୍ବମୟ, ସର୍ବ ମଙ୍ଗଳମୟ, ପ୍ରଜ୍ଞାର ଅଧୀଶ୍ୱର। ତେଣୁ ଭୟ ଓ ଭ୍ରାନ୍ତି ଛାଡି ସତକର୍ମ,

ISSN NO.
2582-208X

ସତବାକ୍ୟ, ସତଚିନ୍ତନ ହିଁ ଧର୍ମ ଭାବନାର ଅସଲ ପ୍ରକାଶ । ଗାଥା ହେଉଛି ଆଦିଗୁରୁଙ୍କ ମୁଖ ନିସୃତ ବାଣୀ । ସେଥିରେ ଆଦିଗୁରୁଙ୍କ ସହ ଭଗବାନଙ୍କ କଥୋପକଥନ, ପ୍ରଶ୍ନୋତ୍ତରର ବ୍ୟାପକ ଆଲୋଚନା ରହିଛି । ଅପୂର୍ବ ଶବ୍ଦ ବିନ୍ୟାସରେ ରଚିତ ଗାଥାର ଶ୍ଳୋକ ରାଜି ଜ୍ଞାନୀ ଅଜ୍ଞାନୀ ନିର୍ବିଶେଷରେ ସମସ୍ତଙ୍କୁ ଆକର୍ଷିତ କରେ ।

ଭାରତରେ ୧୨ ଶହ ଶତାବ୍ଦୀ ବେଳକୁ ଆଭେସ୍ତା ଓ ଗାଥାର ଶ୍ଳୋକ ଓ ପଂକ୍ତି ସଂସ୍କୃତରେ ପ୍ରକାଶ ହୋଇଥିଲା - ଯାହା ଦ୍ୱାରା ସାଧାରଣ ଲୋକଙ୍କ ପାଖରେ ପାର୍ସି ଲୋକଙ୍କ ଧର୍ମ ଧାରଣା ପହଞ୍ଚି ପାରିଥିଲା । ୬୦୦ ଖ୍ରୀଷ୍ଟାବ୍ଦ ବେଳକୁ ଆଭେସ୍ତାର ଅକ୍ଷର ଓ ବର୍ଣ୍ଣମାଳା ତିଆରି ହେବା ପରେ ଗାଥାର ଶ୍ଳୋକ ସବୁ ଲିଖିତ ଆକାରରେ ସଂରକ୍ଷିତ ହୋଇଥିଲା । ଷଣ୍ଢକୁ ପୂଜା କରିବା, ଧୂପ, ଦୀପ, ଫୁଲ ଆଦି ପୂଜାର୍ଚ୍ଚନା ସମୟରେ ଅର୍ପଣ କରିବା, ପ୍ରାର୍ଥନା ସମୟରେ ନୀରବ ରହିବା, ଅଗ୍ନିକୁ ଉତ୍ସର୍ଗ କରିବା, ଏବଂ ସର୍ବଜ୍ଞାନ ଅଧୀଶ୍ୱର ଭଗବାନଙ୍କ ନିକଟରେ ସମର୍ପିତ ହେବା -ଏସବୁ ଧର୍ମ ଶିନ ହିନ୍ଦୁମାନଙ୍କ ସହ ବହୁଳାଂଶରେ ମିଶି ଯାଉଥିବାରୁ ହିନ୍ଦୁମାନେ ସେମାନଙ୍କୁ ଅତି ସ୍ୱାଭାବିକ ଭାବେ ନିଜର କରିନେଇଥିଲେ । ସୂର୍ଯ୍ୟ ଓ ଅଗ୍ନିକୁ ପୂଜା ମଧ୍ୟ ହିନ୍ଦୁ ସହ ମେଳ ଖାଉଥିଲା । ବିବାହ କାର୍ଯ୍ୟ ବେଳେ ସଙ୍ଗୀତର ମୂର୍ଚ୍ଛନା, ମହିଳାଙ୍କର ଅଳଙ୍କାର ପିନ୍ଧା, ସ୍ତ୍ରୀ-ପୁରୁଷନୁ ଏକ ପ୍ରକାରର ବ୍ୟବହାର, ଦୀନ ଦରିଦ୍ରଙ୍କୁ ସାହାଯ୍ୟ, ପୋଖରୀ ନିର୍ମାଣ, କୂପ ଖନନ, ଗୋମୂତ୍ରର ବ୍ୟବହାର, ପବିତ୍ର ମାଳା ଧାରଣା, ମୃତକଙ୍କ ବାର୍ଷିକ ଶ୍ରାଦ୍ଧ ପାଳନ, ମହିଳାମାନଙ୍କୁ ଋତୁ ସମୟରେ ସମସ୍ତ କାରଯ୍ୟରୁ ବାସନ୍ଦ ବ୍ୟବସ୍ଥା - ଏ ସବୁ ହେଉଛି ପାର୍ସି ଓ ହିନ୍ଦୁମାନଙ୍କ ଭିତରେ ଥିବା ସାମଞ୍ଜସ୍ୟର ଲମ୍ବା ତାଲିକା ।

ଜୋରାଷ୍ଟର ଧର୍ମ ବିଶ୍ୱାସ ଅନୁସାରେ - ଭଗବାନ ଯଦିଓ ସର୍ବବ୍ୟାପୀ, ତଥାପି ସେ ପୂର୍ଣ୍ଣ ଭାବରେ ନିଜକୁ ପ୍ରତିପାଦନ କରିନାହାନ୍ତି । ମଣିଷର ଚେତନାର ଉନ୍ମେଷ ସହ ତାଳ ଦେଇ ଭଗବାନ ବିକଶିତ ହୁଅନ୍ତି ଓ ମଣିଷର କ୍ରମ ବୃଦ୍ଧିମାନ ମଙ୍ଗଳମୟ ଚିନ୍ତାରେ, ବାକ୍ୟରେ ଏବଂ କର୍ମରେ ଭଗବାନ ପ୍ରକାଶିତ ହୁଅନ୍ତି । ଅଧିକ ପ୍ରକାଶ ହେଲେ ମଙ୍ଗଳମୟ ପ୍ରଭୁ ଅଧିକ ଶକ୍ତିଶାଳୀ ହୁଅନ୍ତି ଓ ମନ୍ଦ ଶକ୍ତିକୁ ପରାଭୂତ କରି ସର୍ବବ୍ୟାପୀ ହୁଅନ୍ତି । ଭଗବାନ

ISSN NO.
2582-208X

ମହାନ୍ ଓ ସର୍ବଶକ୍ତିମାନ, କିନ୍ତୁ ସେଇଥିପାଇଁ ତାଙ୍କୁ ଭୟ କରିବା ଉଚିତ ନୁହେଁ। ସେ ମଣିଷକୁ ସାହାଯ୍ୟ କରିବା ପାଇଁ ପାଖାପାଖି ରହିଛନ୍ତି। ଭଗବାନଙ୍କୁ ଏକାଧାରରେ ବନ୍ଧୁ ପରି ବିବେଚନା କରାଯାଇପାରିବ, ସମ୍ମାନ ମଧ୍ୟ ଦିଆଯାଇ ପାରିବ। ସାରା ବିଶ୍ୱରେ ଅନୁଭୂତ ହେଉଥିବା ପରସ୍ପର ଦୁଇଟି ବିରୋଧୀ ସତ୍ୟ ଉପରେ ପର୍ଯ୍ୟବେସିତ ଜୋରାଷ୍ଟରଙ୍କ ଦ୍ୱୈତବାଦ। ଭଗବାନଙ୍କୁ ବୁଝିବା ପାଇଁ ସତ୍ୟ-ଅସତ୍ୟ, ଅଲୋକ-ଅନ୍ଧାର, ଭଲମନ୍ଦ, ଜନ୍ମମୃତ୍ୟୁ, ସୃଷ୍ଟି ଧ୍ୱଂସ ଆଦି ବିପରୀତମୁଖୀ କ୍ରିୟାଶକ୍ତିଙ୍କୁ ବୁଝିବାକୁ ହେବ। ଏହି ମହାପୁରୁଷ ଗାଥା ମାଧ୍ୟମରେ ସମଗ୍ର ମାନବ ସମାଜକୁ ଜଣାଇ ଦେଇଛନ୍ତି ଯେ, ପ୍ରତ୍ୟେକ ସ୍ୱାଧୀନ ଭାବେ ନିଷ୍ପତ୍ତି ନିଅନ୍ତୁ କେଉଁ ପଥକୁ ଆଶ୍ରା କରିବେ। କାରଣ ମୃତ୍ୟୁ ପରେ ପ୍ରତ୍ୟେକଙ୍କର ଚିନ୍ତା କାର୍ଯ୍ୟ ଓ ବାକ୍ୟକୁ ଅନୁଶୀଳନ କରାଯାଇ ପୁରସ୍କାର ବା ଦଣ୍ଡ ନିଶ୍ଚିତ ରୂପେ ପାଇବେ। ସତ୍ୟ ଓ ମିଥ୍ୟା ଭିତରୁ ନିଜ ପାଇଁ ପଥ ବାଛିବାରୁ ମହାପୁରୁଷ ଜୋରାଷ୍ଟର ଏକରକମ ଚେତାବନୀ ଦେଇଛନ୍ତି।

ଭାରତୀୟ ଜୀବନ ବୀମା ନଗମ,
କୋରାପୁଟ, ଓଡିଶା

((()))

ISSN NO.
2582-208X

# ଲୋଡା ନାହିଁ ମୋର ମାନ ସନମାନ



ଅଳକା ମହାନ୍ତ

ଲୋଡା ନାହିଁ ମୋର ମାନ ସନମାନ
ଲୋଡା ନାହିଁ ପୁରସ୍କାର,
ସେତିକି ଆଶିଷ ରଖିଥାଅ ବଂଧୁ
ଲେଖୁଥାଏ ନିରନ୍ତର। ୧।

ବାନ୍ଧି ଦିଅ ନାହି ହାତ ଗୋଡ ବନ୍ଧୁ
ରହୁ ଆମ ସ୍ୱାଧୀନତା,
ସୃଷ୍ଟି ଅଟେ ପରା ସନ୍ତାନ ମୋହର
ମାଆ ତାର ସୃଜନତା।୨।

କେତେ କଟକଣା କେତେ ଯେ ଆଇନି
ପଢ଼ାଉଛ ରାତି ଦିନ,
ମୋର ପାଶେ ନାହିଁ ଉତ୍ତର ସେଥିର
ରୁନ୍ଧି ହେଉଛି ସୃଜନ।୩।

ଯାହା ମୋ ହୃଦୟେ ବୀଜ ରୂପେ ଅଛି
ବୃଦ୍ଧି କରଇ ପ୍ରସବ,

ISSN NO.
2582-208X

ବନ୍ଧୁଏ ତୁମର ମାଗିବାର ଶୈଳୀ
ମୋତେ ଲାଗୁନି ବାସ୍ତବ।୪।

ଜବରଦସ୍ତିଆ ପରିକା ଲାଗୁଛି
ତୁମ ଦେଇଥିବା ଶବ୍ଦ,
ଶବ୍ଦ ଚାରିପାଖେ ଭ୍ରମଣ କରୁଛି
ସବୁ ଲାଗୁଛି ନିଶବ୍ଦ।୫।

ଲୋଡା ନାହିଁ ମୋର ଭାସି ବୁଲିବାକୁ
ଶୁନ୍ୟ ମହାକାଶେ ଯାଇ,
ଯେତିକି କରୁଣା କରିଛନ୍ତି ପ୍ରଭୁ
ସେତିକି ରେ ଖୁସି ମୁଇଁ।୬।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ମା ଙ୍କ ଶାଢ଼ି



ନମିତା ଦାସ

ମାୟା ସଂସାରେ ସରବେ ମୋହିତ, ମାୟା ବନ୍ଧନରେ ବନ୍ଧା । ସ୍ନେହ ମମତା ର ଅଥଳ ସାଗର ମାୟା ଅଟେ ମଧୁଛନ୍ଦା । ସେଥିରେ ଶ୍ରେଷ୍ଠ ମା ଙ୍କ ସ୍ନେହ-ମମତା ତାଙ୍କ ପଣତ କାନି ରେ ମୁହଁପୋଛି କାନି ଧରି ହେଲୁ ବଡ଼ । ମା କାନିର ପରସ ବୋଲେ ଶ୍ରେଷ୍ଠ, ସବୁ ଦୁଃଖ - କ୍ଲେଶ କୁ ନିଏ ପୋଛି । କି କହିବି ମା ଙ୍କ ଶାଢ଼ୀ ର ଗନ୍ତାଘର । ସେଥିରେ ବିଭିନ୍ନ ଶାଢ଼ୀ ର ମେଳ । ସମ୍ବଲପୁରୀ, ଖଣ୍ଡୁଆ ପାଟ ବୋମକେଇ, ବନାରସୀ ବେରହମପୁରୀ ପାଟ ର ଚାହିଦା । ଆମ ମା ଙ୍କ ଶାଢ଼ୀ ପୁରା ଖଞ୍ଜା ରେ ଚର୍ଚିତ । ମହାପାତ୍ର ମାଉସୀ ଙ୍କ ଶାଢ଼ୀ, ସେତ କଟକ ବାପ-ପୁଅ ଦୋକାନ ର ସିଲେକ୍ଟିଭ୍ ଶାଢ଼ୀ । ମା ଦିଶନ୍ତି ଭିନ୍ନ ଭିନ୍ନ ଶାଢୀରେ ମା ଠାକୁରାଣୀ । ମୋ ମା ଙ୍କ ନାଁ କମଳା, ସତରେ ସେତ ରୂପ-ଗୁଣରେ ମା ଲକ୍ଷ୍ମୀ ଙ୍କ ଦ୍ୱିତୀୟ ରୂପ । ସବୁ ପୂଜା-ପର୍ବ ରେ ପିନ୍ଧନ୍ତି ଧଳା ରେ ନାଲି ବୋଡର ଶାଢ଼ୀ । ଆମକୁ ପିନ୍ଧିବାକୁ ଦିଅନ୍ତି ନୂଆ ଶାଢ଼ୀ । ଆମ ଶାଢ଼ୀ ଆମ ସଂସ୍କାର ଓ ଗୌରବ । ଓଡିଶା ଶାଢ଼ୀ ସାରା ଦୁନିଆରେ ପ୍ରସିଦ୍ଧ । ଶାଢ଼ୀ ପିନ୍ଧିବାରେ ଯେଉଁ ମାନସନମାନ, ନାହିଁ ଆଉ କେଉଁ ଭେଷ ରେ । ନାରୀତ୍ୱ ର ସୁନ୍ଦରତା କେବଳ ଶାଢୀରେ ହିଁ ଦିଶେ । କିନ୍ତୁ ଆଜିକାଲି ଝିଅ - ବୋହୁ ଶାଢ଼ୀ ବଦଳେ ଡ୍ରେସ ପିନ୍ଧି ନିଜକୁ ଭାବନ୍ତି ଷ୍ଟାଇଲସ୍ । ଆମ ରାଷ୍ଟ୍ର ପୋଷକ ଶାଢ଼ୀ ଆମର ମାନ-ସନମାନ୍ନ ଓ ଗୌରବ । ଆଜି ମୋ ମା 78 ବୟସରେ ପିନ୍ଧିବସିଛନ୍ତି ନାଇଟ. ଶାଢ଼ୀ ପିନ୍ଧି ପାରୁନାହାନ୍ତି ବୋଲି ଦୁଃଖିତ । ପ୍ରଭୁ ନିକଟେ କରେ ବିନତୀ ମା ଙ୍କୁ ରଖନ୍ତୁ ସୁସ୍ଥ । ମା ଙ୍କ ଆଶୀର୍ବାଦେ ଆମ ଜୀବନ ହେଉ ମଙ୍ଗଳମୟ ।

ISSN NO.
2582-208X

# ଲୁହା କହେ ସୁନାକୁ



ରାଧାମୋହନ ପୂଜାହାରୀ

ଥଟ୍ଟାରେ ଏକଦା ଲୁହାକୁ ଯେ ସୁନା
ପଚାରୁଛି କଥା ଗୋଟେ,
କହୁଛି, ମିତଣୀ ପଚାରୁଛି ବୋଲି
ଭୁଲ୍ ବୁଝିବୁନ ମୋତେ । (୧)

କମାର ହାତୁ ତୁ ହାତୁଡ଼ିରେ ନିତି
ଲୁହାଶାଳେ ପିଟା ଖାଉ,
ସେ ପିଟଣା ଖାଇ ବିଦିର୍ଣ୍ଣ ହୃଦୟେ
କେତେ କଷ୍ଟ ତୁ ଯେ ପାଉ ! (୨)

ନିଆଁ ଦେହେ ଜଳ ଯାଏ ସେ ତରଳ
ଦୃଢ଼ ଶରୀରଟା ତୋର,
ତୋତେ ତରଳିବା ଦେଖି ଲେ ସଙ୍ଗାତ
ପ୍ରାଣ ଥରୁଥାଏ ମୋର । (୩)

ତୋ ଭଳ ଲେ ମିତ ପାଏ ମୁଁ ଆଘାତ
ହାତୁଡ଼ିରେ ପିଟା ଖାଇ,
ପିଟି ଗଢ଼ିଥାଏ ଅତ୍ୟନ୍ତ ନିର୍ଦ୍ଦୟେ
ମୋତେ ମୋ ବଣିଆ ଭାଇ । (୪)

ISSN NO.
2582-208X

କମାର-ବଣିଆ ହାତୁ ଆମେ ଦୁହେଁ
କେତେ ଯେ ପିଟଣା ଖାଉ,
ତଥାପି କାହିଁକି କେଜାଣି ଲୋ ବେଶୀ
ଚକ୍ମାର ତୁ ଛାଡ଼ିଥାଉ ! (୫)

ସୁନା କଥା ଶୁଣି ଲୁହା କହୁଅଛି
ଶୁଣ ସଖୀ ମୋର କଥା,
ଜାତି ଭାଇ ନିଜ ଭଗାରୀ ସାଜିବା
ଦିଅଇ ଅଧିକ ବ୍ୟଥା । (୬)

ନିଜ ଲୋକ କଏ କଷ୍ଟ ଦେଉଥିଲେ
ସହିବୁ ବା ଆଉ କେତେ !
ବାହାରି ପଡ଼େ ସେ ଅସହ୍ୟ ବେଦନା
ମନେ ରହିଥାଏ ଯେତେ । (୭)

ସେ କଷ୍ଟକୁ ସହି ନ ପାରି ଲୋ ସାଙ୍ଗ
ବିକଳେ ମୁଁ ଛାଡ଼େ ରଡ଼ି,
ନିଜ ଆତ୍ମୀୟଙ୍କ ପିଟଣା ଖାଇ ମୋ
ଶରୀର ଯାଉଛି ଝଡ଼ି । (୮)

ମୋ ପ୍ରତି ମୋ ନିଜ ଲୋକଙ୍କ ଛଳନା
ଆଉ ମୁଁ ପାରୁନି ସହି,
ପଚ୍ଚରିଲୁ ବୋଲି ତୋତେ ସଖୀ ଆଜି
ମନକଥା ଦେଲି କହି । (୯)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତାଳଚେର, ଜିଲ୍ଲା : ଅନୁଗୋଳ

ISSN NO.
2582-208X

# କୁହ ଆହେ କଳା ଠାକୁର



ନନ୍ଦିନୀ ରାଉତ

କୁହ ଆହେ କଳା ଠାକୁର
ବାରେ କରେ ମିନତି
ଗଢ଼ିଛ କି ତୁମେ ମାନବ
ପାଇଁ ଜାତି ଅଜାତି.... 1

ଛୁଆଁ ଅଛୁଆଁ ର ଭାବ କୁ
କିଏ ଗଢିଲା କୁହ
ନାରୀ ନର୍ଯ୍ୟାତନା କଷଣ
ପୁଣି ଯାତନା ମୋହ.... 2

ଧନୀ ଗରିବ ର ପାର୍ଥକ୍ୟ
କିଏ କଲା ତିଆରି
ଭାଇ ଭାଇ ଠାରେ ହିଂସା କୁ
କିଏ ଦେଇଛି ଭରି.... 3

ନାରୀ ଙ୍କୁ ପୁରୁଷ ଜାତି ଠୁ
ତୁମେ କଲ କି ନ୍ୟୁନ
ନାରୀ ସମାଜ ରେ ହେଉଛି
ଆଜି କି ହୀନମାନ... 4

ISSN NO.
2582-208X

ଯୌତୁକ ଯୂଇ ରେ ଜଳୁଛି
କାହିଁ ପାଇଁ ରମଣୀ
ବିଧାତା ସତେକ ଲେଖିଛି
ଧରି ତାର ଲେଖନୀ... 5

ପୁଅ ଟିଏପାଏ ଆଦର
ଝିଅ ପାଏନା ସ୍ନେହ
ଝିଅ ହୋଇଯାଏ ବୋଝ ଟି
ପ୍ରଭୁ କହିଁକ କୁହ ?.... 6

ପିତା ମାତା କଷ୍ଟ ସହିଣ
କଲେ ସନ୍ତାନ ଚନ୍ତା
ସେ ସନ୍ତାନ ତାଙ୍କୁ ଛାଡିଲ୍
ଜର୍‌ଶ୍ରମ ରେ କଥା... 7

ନଜେ ନ ଖାଇଣ ଯେ ମାତା
ତାକୁ ଖୁଆଇ ଥିଲ୍
ସେ ମାତା କୁ ଛାଡି ସନ୍ତାନ
କମ୍ପା ସୁଖେ ରହିଲ୍... 8

କାହିଁକ ଏମିତି ଭିଆଣ
କଲ କଳା ଠାକୁର
ମନ ବୁଝୁ ନାହିଁ ସମାଜେ
ଦେଖି ଏହି ବେଭାର.... ୨

ବାଲିପଙ୍ଗା, ଅନୁଗୁଳ

ISSN NO.
2582-208X

ବେଦାନ୍ତି

# ତୁମେ ଓଡ଼ିଶାର ମଉଡ ମଣି ହେ ଉତ୍କଳ ମଣି



ବାସନ୍ତୀ ଲତା ଜେନା

ଯେଉଁ ମାନେ ଦେଶ ଜାତି ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଥାନ୍ତି, ସେମାନେ ହୁଅନ୍ତି ଯୁଗଜନ୍ମା । ମରି ମଧ୍ୟ ହୁଅନ୍ତି ଅମର ।

ସେହିପରି  ଗୋପବନ୍ଧୁ ଦାସ ଓଡ଼ିଶା ର ଜଣେ ଜଣା ଶୁଣା ବ୍ୟକ୍ତି । ସ୍ୱଚ୍ଛ ନିରାଡମ୍ବର ତାଙ୍କର ଜୀବନ ଶୈଳୀ । ଦୁଃଖୀ ରଙ୍କିଙ୍କ ପାଇଁ ତାଙ୍କ ପ୍ରାଣ କାନ୍ଦୁଥିଲା । ନିଜେ ଉପବାସରେ ରହି ସେ ଅନ୍ୟ ମୁଖରେ ଆହାର ଦେଉ ଥିଲେ । ସେ ଏକା ଧାରରେ ବହୁ ପ୍ରତିଭାର ଅଧିକାରୀ ଥିଲେ  । ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସମାଜ ସେବୀ, କବି ଓ ଲେଖକ । ସେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରି ଥିଲେ । ମାତା ସ୍ୱର୍ଣ୍ଣମୟୀ ଓ ପିତା ଦୈତାରୀ ଦାସଙ୍କ କୂଳ ପ୍ରଦୀପ ଥିଲେ । ପିଲାଟି ଦିନରୁ ସେ ମାତୃ ହରା ହୋଇ ବିଧବା ପିଉସୀ କମଳା ଦେବୀ ତାଙ୍କର ଲାଳନ ପାଳନ କରି ଥିଲେ । ଗୋପବନ୍ଧୁଙ୍କର ବାଲ୍ୟ ଶିକ୍ଷା ପାଇଁ ତାଙ୍କର ପିତା ଜଣେ ଗାଉଁଲି ପଣ୍ଡିତଙ୍କୁ ନିଯୁକ୍ତ କରି ଥିଲେ । ସେ ଘରେ ରହି ଓଡ଼ିଆ ବର୍ଣ୍ଣମଳା, ପଣକିଆ, ଅଙ୍କ, ମନସାଙ୍କ ସହିତ ନବାକ୍ଷରୀ ଛାନ୍ଦରେ ଲିଖିତ ଭାଗବତ ପଢୁ ଥିଲେ । ମାତାଙ୍କ ମୃତ୍ୟୁ ପରେ ସେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇ ଥିଲେ । ସେଠାରେ ଗୁରୁ ମୁକ୍ତିଆର ରାମଚନ୍ଦ୍ରଙ୍କ ସହିତ ତାଙ୍କର ପରିଚିତ ହୋଇ ଥିଲା ଏବଂ ତାଙ୍କ ଠାରୁ ଗୋପବନ୍ଧୁ ଦେଶ ସେବା କେମିତି କରାଯାଏ ଶିକ୍ଷା କରିଥିଲେ ।

ISSN NO.
2582-208X

ସେ ସମୟରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିବାରୁ ତାଙ୍କୁ ୧୨ ବର୍ଷ ବୟସରେ ମୋତି ଦେବୀଙ୍କୁ ବିବାହ କରିବାକୁ ପଡ଼ିଥିଲା । ବିବାହ ପରେ ସେ ପଢା ଜାରି ରଖି ଥିଲେ । ସେ ଥିଲେ ସ୍ୱାଧୀନ ଚେତା, ଦେଶଭକ୍ତ, ପରୋପକାରୀ ଏବଂ ଜନସେବା ଥିଲା ତାଙ୍କ ଜୀବନର ବ୍ରତ । ଗୋପବନ୍ଧୁ ଦାସ ପୁରୀ ଜିଲ୍ଲା ସ୍କୁଲରେ ଛାତ୍ର ଥିବା ବେଳେ ହଇଜା ରୋଗରେ ପୀଡ଼ିତ ଲୋକ ମାନଙ୍କ ପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରି ସଂଗଠନ ମାଧ୍ୟମରେ ସେ ସାଙ୍ଗ ସାଥୀ ମାନଙ୍କ ସହିତ ମିଶି ରୋଗୀ ସେବା କରିବା ସହିତ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖୁ ଥିଲେ ।

ମଧୁସୂଦନ ରାଓଙ୍କ ନିଷ୍ପତି କ୍ରମେ ପଞ୍ଚସଖା ମାନେ ମିଶି ସାକ୍ଷୀ ଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ସତ୍ୟ- ବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରି ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ କରୁଥିଲେ । ବନ୍ୟା, ବାତ୍ୟା, ମରୁଡି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ବେଳେ ସେ ଚୁଡା ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟୁ ଥିଲେ ।

ସେ କହୁ ଥିଲେ, ପ୍ରତ୍ୟେକ ବ୍ୟକ୍ତି ଓ ଜାତି ର ପରିଚୟ ହେଉଛି ଭାଷା । ତେଣୁ ସେ କର୍ତ୍ତବ୍ୟ ବୋଧିନୀ ସମିତି ଗଠନ କରି ଭାଷାର ଉନ୍ନତି ପାଇଁ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସହଯୋଗ କରୁଥିଲେ ଏବଂ ଶ୍ରମିକ ସଂଘ ଓ ସାନ୍ଧ୍ୟ ବିଦ୍ୟାଳୟ ପ୍ରତଷ୍ଠା କରିଥିଲେ । କୁଶଭଦ୍ରା ନଦୀରେ ଘାଇ ସୃଷ୍ଟି ବେଳେ ସେ ଏକ ମାତ୍ର ରୋଗୀଣା ପୁତ୍ରକୁ ମାତୃ  କୋଳରେ ଛାଡି ଦେଇ ପୀଡ଼ିତ ଙ୍କ ପାଖକୁ ଚାଲି ଯାଇ ଥିଲେ ସେବା ଦେବା ପାଇଁ । ସେଠାରୁ ଫେରି ଦେଖିଲେ ଆଉ ପୁଅ ନାହିଁ । ବି ଏଲ୍ ପାସ୍ କରିବା ଦିନ ତାଙ୍କର ପତ୍ନୀ ପରଲୋକ ଗମନ କରି ଥିଲେ । ଓଡ଼ିଶାର ଲୋକ ମାନଙ୍କର ଦୁଃଖ ଦୁର୍ଦ୍ଦଶା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମା ଗାନ୍ଧୀଙ୍କୁ ବାର୍ତ୍ତା ଦେବା ପାଇଁ ସାପ୍ତାହିକ ସମାଜ ଖବର କାଗଜ ପ୍ରକାଶ କରିଥିଲେ ।

ସେ କାରାଗାରରେ ଥିଲା ବେଳେ କାରା କବିତା, ବନ୍ଦୀର ଆତ୍ମ କଥା ଲେଖିବା ସହିତ ଅବକାଶ ଚିନ୍ତା, ଧର୍ମପଦ, ବ୍ରହ୍ମ-ତତ୍ୱ, ନଚିକେତା ଉପାଖ୍ୟାନ ରଚନା କରି ଥିଲେ ।

ISSN NO.
2582-208X

କଟକରେ ସମ୍ବର୍ଦ୍ଧନା ସଭାରେ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ ଚନ୍ଦ୍ର ରାଓ ତାଙ୍କୁ ଉତ୍କଳ ମଣି ବୋଲି ସମ୍ବୋଧନ କରି ଥିଲେ ଏବଂ ସଭା ସ୍ଥଳୀର ଜନତା କରତାଳି ଦେଇ ସ୍ୱୀକୃତି ଦେଇ ଥିଲେ । ଏହି ମହାନ ଆତ୍ମା ଆନ୍ତ୍ରିକ ଜ୍ୱର ରେ ଆକ୍ରାନ୍ତ ହୋଇ ୧୯୨୮ ମସିହା ଜୁନ ୧୭ ତାରିଖ ରବିବାର ସନ୍ଧ୍ୟା ୭ ଟା ୫ ମିନିଟ୍ ରେ ମୃତ୍ୟୁ ବରଣ କରି ଥିଲେ । ମୃତ୍ୟୁର ଦୁଇ ଘଣ୍ଟା ପୂର୍ବରୁ ନିଜ ଇଛା ପତ୍ରରେ ସମାଜ ଓ ସତ୍ୟବାଦୀ ପ୍ରେସର ପରିଚାଳନା ଭାର ଲୋକ ସେବକ ମଣ୍ଡଳକୁ ଅର୍ପଣ କରି ଥିଲେ । ପ୍ରକୃତରେ ଉତ୍କଳର ମଉଡମଣି ଥିଲେ ଉତ୍କଳ ମଣି ଗୋପବନ୍ଧୁ ଦାସ । ତାଙ୍କର ତ୍ୟାଗ, ନିଷ୍ଠା, ବାଗ୍ମୀତା, ସେବା, ବଳିଷ୍ଠ ବ୍ୟକ୍ତିତ୍ୱ, ଅମଳିନ ପ୍ରତିଭା, ନୈତିକ ମୂଲ୍ୟ ବୋଧ ପାଇଁ ସେ ପ୍ରତି ହୃଦୟରେ ବିରାଜିତ । ସେ ମରି ମଧ୍ୟ ଅମର । ସେ ଉତ୍କଳର ଗୌରବ, ଉତ୍କଳମଣି, ବାଣୀ ପୁତ୍ର, ଯାଜ୍ଜ୍ୱଲ୍ୟମାନ ତାରକା ।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ଅତୀତର ଶୀତ, ଯେତେ ଭିତ ସେତେ ମିତ



ଜୟ କୁମାର ମିଶ୍ର

ଅତୀତର  ଶୀତ, ଛାଡି ଗଲ୍ ହାତ
ହୋଇଗଲ୍ ସ୍ମୃତି, ତାହା,
ପଡେ ସବୁ ମନ, ଭଲ ମନ୍ଦ ମାନ
କାଲି, ଆଜି ପରି  ଯାହା ।
ଦେହ ଥରୁ ଥିଲ୍, ମନ ମରୁ ଥିଲ୍
ମାଡୁଥିଲ୍ ଭରି ଡର
ଦାଣ୍ଡ ଦୁଆରରେ, ଠିଆ ହେବା ପାରେ
ମନରେ କଙ୍କର  ଘୋର ।
ଓଠ ଫାଟୁ ଥିଲ୍, ବିବର୍ଣ୍ଣ କରିଲ୍
ଦେହ, ଗୋଡ଼, ମୁଣ୍ଡ ହାତ,
ରେ୍ଗୀଣା, ଦିଶଇ, ଯୁବା ବୁଢ଼ା କେହି
ପିଲ୍, ଦିଣ୍ଡା, ଭେଣ୍ଡା ଚନ୍ଦ୍ର ।
ନଆଁ ହୁଲା ଜାଳ, ଶୀତରୁ ମୁକୁଳ
ନ୍ନାହି ପାଇଁ କେତେ ଚେଷ୍ଟା,
ଗରିବ ବାପୁଡା, ଶୀତର କପଡା
କଣି ନପାରି ହଟହଟା ।
ଶୀତଳ ମଳୟ, କରୁଟି  ଅଥୟ
ହୀମ କାକର ର ସାଥେ,
ମାଡିଜାକ କେହି, ଥରିଥରି କେହି

ISSN NO.
2582-208X

କଟାଏ ରାତ୍ରଟି ଭିତେ ।
ଲୁଗା ଛିଣ୍ଡା କାନା, ମାଆ ବାନ୍ଧି ଦେବେ
ଏସ୍କିମ ପିଲାଙ୍କ ପରି,
ଛୋଟ ପିଲା ମେଳି, ଛାଡ଼ିଣ ବୋବାଳି
ନିଆଁ ପୁଆଁ ମଜା ଭାରି ।
ଦିନ ବାର ଘଡି, ଦିବାକର ଚଢ଼ି
ମଥା ଉପରକୁ ଗଲେ,
ଗାଧୋଇବା ପାଇଁ, ମନକୁ ବଳାଇ
ଜଳାଶୟ ପାଶ ଚଳେ ।
କାକ ପରି ସ୍ନାନ, ଘସା ମଜା ହୀନ
ଜେନେ ତେନେ ଯାଏ ଚଳି,
କାଛୁ, ଯାଦୁ ସାଥେ, କୁଣ୍ଡିଆଟି କେତେ
ଚର୍ମ ରୋଗ ଦେହେ ବସା,
କରି ରାମ୍ପା କୁଣ୍ଡା, ଦେହ ଦାଗ ଛିଣ୍ଡା
ହେଉଥାଏ ଲୋକ ହସା ।
ଗରମ ବ୍ୟଞ୍ଜନ, ଗରମ ପଖାଳ
କେହି କେହି ଭୁଞ୍ଜେ ଆଣି,
ଦାଣ୍ଡ, ବାଡ଼ି ଖର୍, ଶୀତକୁ ସାହାର୍
ଦିଏ ଆଶ୍ୱାସନା ପୁଣି ।
ବାସି କାଞ୍ଜି ସହ, ଶାଗ ଓ ସନ୍ତୁଳା
ବାସି ଆମ୍ବିଳାକୁ ଧରି,
ଅଗାଧୁଆ ହୋଇ, ଖାଉଥାନ୍ତ କେହି
ଭୋକ ଅସମ୍ଭାଳ ଭରି ।
କଏ ମଞ୍ଜି ବଡ଼ି, ପାମ୍ପଡ ସାଥିରେ
କଞ୍ଚାଲଙ୍କା, ସାଥେ ଭାତ,
ତରବରେ ଖାଏ, କାମକୁ ସେ ଯାଏ
ସୂର୍ଯ୍ୟଘଡି ତାର ମିତ ।

ISSN NO.
2582-208X

ଫାଟ ଗୋଡ଼ ଧରି, କଲବଲ ବରି
ଛୋଟାଇ ଛୋଟାଇ କେହି
କଏ ଘସେ ତେଲ, ଔଷଧ ମଲମ
ଆକୁଳ ବିକଳ ହୋଇ ।
ଶୀତ ଦିଏ ଭିତ, ଦିଏ ଅପ୍ରମିତ
ସୁନାର ଫସଲ ଆଣି
ସବୁଜ ପରିବା, ଜାତି ଜାତି ଅବା
ହୃଷ୍ଟପୁଷ୍ଟ, ମନଜାଣି ।
ଶ୍ରମିକ ବାପୁଡା, କ୍ଷେତ ପରେ ଛିଡା
ଶୀତକୁ ଡରେନା ସେହି,
କାମରେ ମଗନ, ଶ୍ରମ ଶକ୍ତ ମାନ
ରକ୍ଷା କବଚଟି ହୋଇ ।
ଅତୀତର ଶୀତ, କାହାକୁ ସେ ମିତ
କାହାକୁ ବଇରୀ ସିଏ,
ଦିଏ ଯେତେ କଷ୍ଟ, କରେ ପରିପୃଷ୍ଟ
ଶସ୍ୟ, ଆଣି କେତେ ଦିଏ ।

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ନବବର୍ଷ ର ପୁଲକ



ଅମୃତ ନାରାୟଣ ଶତପଥୀ

ପୁଣି ସେହି ନୂତନତ୍ୱର ଝଲକ ଆଉ ସେହି ନବୀନତ୍ୱର ପୁଲକ,
ପୁଣି ସେହି ବୈଶାଖର ଖରା ଅବା ଶ୍ରାବଣର ଧାରା
କିବା ଶୀତର କମ୍ପନ ଅବା ବସନ୍ତ ରୋମନ୍ଥନ
ଆଉ ପୁଣି କେତେ ସମ୍ଭାବନା ଭରା ହୋଇ
ନବବର୍ଷ ଧରାକୁ ଆସେ ତ ଓହ୍ଲାଇ
ନୂଆ ରୂପେ ନୂଆ ରଙ୍ଗେ ନିଜକୁ ସଜାଇ।(୧)
ବିତିଯାଏ ପୁରୁଣା ବରଷ, କେତେ ସ୍ମୃତି
ଅନୁଭୂତି ହୁଅଇ ଅତୀତ
ବର୍ତ୍ତମାନ ନବବର୍ଷ ଦିନ
ଯୋଜନା ତ କରାଯାଏ କେତେ କାର୍ଯ୍ୟକ୍ରମ।
ଭବିଷ୍ୟତ ପାଇଁ ଚିନ୍ତା ସଭିଙ୍କୁ ହୁଅଇ
ହେଲେ ନବବର୍ଷ ହର୍ଷ ଉଲ୍ଲାସେ ମନାଇ।(୨)
ଦିନ ପରେ ଯାଏ ବିତି ଦିନ
ନବବର୍ଷ ନବୀନତ୍ୱ ପଡ଼ଇ ମଳିନ।
ଦିନ ପରେ ଦିନ ପୁଣି ମାସ ପରେ ମାସ ଯାଇ
ପୁଣି ଏକ ନବବର୍ଷ ଧରାପୃଷ୍ଠେ ଆସଇ ଓହ୍ଲାଇ।(୩)

ISSN NO.
2582-208X

ମନର ଗତିକୁ ଦୂର ଦିଗ୍ ବଳୟେ ହଜାଇ
ସ୍ୱପ୍ନ ରେ କେତେ ଆଶା ଆକାଂକ୍ଷା ସଜାଇ
ପୁରୁଣା ଦୁଃଖକଷ୍ଟକୁ ମନରୁ ଲିଭାଇ
ନୂତନ ପ୍ରୟାସ ପ୍ରାରମ୍ଭ ପାଇଁ ଦିଏ ତ ସୂଚାଇ।
ନବବର୍ଷର ପୁଲକ ଏହି, ନବବର୍ଷର ପୁଲକ ଏହି
ଶୁଭେଚ୍ଛା ମୁଁ ଜଣାଉଛି ସଭିଙ୍କୁ ଏ କବିତା ପଢ଼ାଇ/ଶୁଣାଇ।(୪)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

((()))

ISSN NO.
2582-208X

# ପ୍ରବନ୍ଧ

# ଅନୁରାଗ



ପ୍ରଦୀପ୍ତ କୁମାର ମିଶ୍ର

ମୋ ମଧ୍ୟରେ ଏହି କିଛି ଦିନ ହେବ ଆସ୍ତିକତା ଓ ନାସ୍ତିକତା ମଧ୍ୟରେ ସଂଘର୍ଷ ଜାରିରହିଛି। ଅନେକ ଶିକ୍ଷା ନେଇବି ମୁଁ ଏହାର ପ୍ରକୃତସତ୍ୟ ସିଦ୍ଧାନ୍ତ ରେ ପହଞ୍ଚି ପାରିନି। ମୁଁ ସବୁକୁ ସତ୍ୟ ତଥା ବିଜ୍ଞାନ ଲେନ୍ସରେ ଦେଖିଲା ବେଳକୁ ମୋଠାରେ ଆବେଗ ମରିଯାଉଛି। ସବୁକୁ ତଥ୍ୟଭିତ୍ତିକ ଅନୁସନ୍ଧାନ କରିବା ବେଳକୁ କେତେଜଣ ବନ୍ଧୁ ମୋଠାରୁ ଦୁରେଇ ଗଲେଣି। ବିଜ୍ଞାନର ସମସ୍ତ ଅବଦାନ ଭାବିଲା ବେଳକୁ ମୁ ବିଜ୍ଞାନ ର ସଂଜ୍ଞା ଅନୁସନ୍ଧାନ କରିଲାବେଳକୁ ଏହା କେବଳ ଦୁଇପଦ, ବାସ୍ତବତାକୁ ଉପଯୁକ୍ତ ଅନୁସନ୍ଧାନ ହିଁ ବୁଝିଛି। ତେବେ ବାସ୍ତବତା ଖୋଜିଲେ ମୁଁ ମୋ ନିଜ ସମ୍ପର୍କିତ ମାନଙ୍କ ଠାରୁ ବହୁଦୂରରେ ଆବିଷ୍କାର କରୁଛି। ମୋତେ ଲାଗୁଛି ଏମାନେ ସମସ୍ତେ ଜୈବିକ ବସ୍ତୁତ୍ୱ ମାତ୍ର ଏମାନଙ୍କ ମଧ୍ୟରେ କିଛି ଶକ୍ତିକୁ ପୁଞ୍ଜି କରି ଏମାନେ ଚଳନଶୀଳ ପୁଣି ସାମାଜିକ ସ୍ଥିତିକୁ ଅନୁସନ୍ଧାନ କରିଲାବେଳକୁ ମୁଁ ପାଉଛି ମୁଁ କେବଳ ମୁଁ ନୁହେଁ ମୋସହ ଜଡିତ ଅନେକ କିଛି। ଅନେକଙ୍କୁ ନେଇ ମୋର ଗୋଟିଏ ଜୀବନ। ଅନେକଙ୍କ ବ୍ୟତୀତ ମୋର କିଛି ବିଶେଷତ୍ୱ ନାହି ନିଶ୍ଚିତ। ତେଣୁ ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଏ ସବୁ ମୋ ଜୀବନର ପ୍ରକୃତ ସଂଜ୍ଞା, ଅତୀତକୁ ମୁଁ ଭାଳେ ଚିନ୍ତା କରେ ବର୍ତ୍ତମାନ ଭବିଷ୍ୟତ ର କାମନା ନେଇ ପ୍ରତିଷ୍ଠିତ। ତେବେ ବେଳେବେଳେ ବାସ୍ତବତାକୁ ଅଣ୍ଡାଳି ଅଣ୍ଡାଳି ବର୍ତ୍ତମାନ କୁ ମୁଁ ହରେଇବାକୁ ବସିଛି।

ISSN NO.
2582-208X

ଆମ ସମାଜ ତଥାପରିବାର ଏକ ଆବେଗିତ ସୁସ୍ଥ ପରମ୍ପରାର ସୌଧ ଉପରେ ବିଦ୍ୟମାନ। ତେଣୁ ସବୁକୁ ବିଜ୍ଞାନର ବୀକ୍ଷଣ ରେ ଦେଖିବା ଉଚିତ ନୁହେଁ। ମାଙ୍କର ବାତ୍ସଲ୍ୟ ମମତା ଜେଜେଙ୍କ ଶ୍ରଦ୍ଧା ଜେଜିର ମମତା ଆମକୁ ଆବେଗର ଶିକ୍ଷାଦିଏ। ସେ ମମତାର ପଟାନ୍ତର ନାହିଁ ଯେତେ ଭାବିଲେବି କମ ପଡିବ । ଘର ଗୋଟିଏ ଚାରିକାନ୍ଥ ର ସମଷ୍ଟି ନୁହେଁ ବରଂ ମମତା ଆବେଗର ଏକ ସୁସ୍ଥ ପରିବେଶ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଥିରେ ଆସେ କେତେ ଆନନ୍ଦମୟ ସ୍ଥିତି ସେସବୁ ଭିତରେ ମିଛ ସତ ପରସ୍ପର ପରିପୁରକ ହୋଇ ମନକୁ ସ୍ୱୟଂସମ୍ପୂର୍ଣ କରି ଗଢିତୋଳେ। ହଁ ତାହା ମଧ୍ୟରେ କେତେ ଅନ୍ଧବିଶ୍ୱାସ ରହିଥାଏ କିନ୍ତୁ ବିଶ୍ୱାସ ଭରଷା ରେ ତାହା ଅସ୍ପଷ୍ଟ ହୋଇଯାଏ ।

କାର୍ତ୍ତିକ ମାସର ପଞ୍ଚୁକ ରେ ଏକ ସ୍ୱତ ଭକ୍ତିର ଚେତନା ଉଦବୁଦ୍ଧ କରିଦିଏ ସମସ୍ତଙ୍କୁ। ଏଥିରେ ପ୍ରଭାବିତ ହୋଇଯାଏ ଅନେକ ନାସ୍ତିକ ଭରା ମନ। ସର୍ବ ଭାବମୟ ଓ ଭକ୍ତିମୟ ମନରେ ନିଜକୁ ରୂପାନ୍ତରିତ କରିଯାଇଥାନ୍ତି। ମାର୍ଗଶୀର ର ମାଣବସା ଓଷା ଗାଁ ତଥା ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟିକରେ। ଏହି ମମତ୍ୱ କୁ କଥାରେ କହିବା ସମ୍ଭବ ନୁହେଁ। ସେ ଯେଉଁ ଭାବମୟ ଆସର ସୃଷ୍ଟିହୁଏ ସେଠି ସମସ୍ତେ ଏକାକାର ହୋଇଯାଆନ୍ତି । ଏଠି ବିଜ୍ଞାନର  ଆନନ୍ଦ କିଆଁ ଖୋଜିବା। ସଂକୀର୍ତ୍ତନ ରେ ଯେଉଁ ଉଦ୍ଦାମତା ଆସେ ତାହା ମନରୁ ବୋଝ ସବୁକୁ ହାଲକା କରିଦିଏ। ଏଠି ବିଜ୍ଞାନର ଅନୁଚିନ୍ତା କୁ ତାମଧ୍ୟରେ ଦେଖିବା ଏକ ନିର୍ବୋଧତା ହେବ। କାଠ କାଗଜ ପ୍ରସ୍ତର ହୋଇଯାଏ ଠାକୁର, ମନକୁ ନେଇ ଦେଖାଇଦିଏ ସେହି ପୁରୁଣା କଥା ମନର ମୂଳେ ଏ ଜଗତ। ବିଜ୍ଞାନ ବାସ୍ତବତାକୁ ଖୋଜି ଅଭାବ ବୋଧ ପୁରଣ କରେ, ଯେଉଁଥିରୁ ଅନେକ ଆବିଷ୍କାର ଓ ଉଦ୍ଭାବନ। କିନ୍ତୁ ଉତ୍ତେଜିତ ମନ ଖୋଜେ ଶାନ୍ତି ଚେତନା ଇତ୍ୟାଦି ତାହାକୁ ବିଜ୍ଞାନ ଯୋଗାଡ଼ କରିଦେଇପାରେନି। ତେଣୁ ଆମ ଭାବନାରେ ଠିକ ଅଛନ୍ତି ବୋଲି କହିପାରନ୍ତି, କାରଣ ଏହି ଭାବନା ପାଇଁ ତ ସବୁଖେଳ। ପ୍ରାକଯୁଗର ମଣିଷର ଭାବନା ନଥିଲା ଆଉ ସବୁ ଆମସହ ସମାନ ଥିଲା। ଅନେକ କହନ୍ତି ଆସ୍ତିକତା ଡର ସୃଷ୍ଟିକରେ ନାସ୍ତିକତା କେଉଁ କଥାରେ ଡର ଦିଏନାହିଁ। କିନ୍ତୁ

ISSN NO.
2582-208X

ଡ଼ରକୁ ବୁଝାଇବା ପାଇଁ ନାସ୍ତିକ ଜଣେ ନୟାନ୍ତ ହୋଇପଡ଼େ, ତା ମନରେ ଏ ଦୁଇଟିର ପାର୍ଥକ୍ୟ ଖୋଜି ଖୋଜି ଏକ ଜଟିଳ ଅବସ୍ଥା ସୃଷ୍ଟି କରେ ।

ଗ୍ରାମାଞ୍ଚଳରେ ଗୋଟିଏ ଗଳ୍ପ ଅଛି ଏଠାରେ ତାର ଅବତାରଣା କରାଯାଇପାରେ। ଜଣେ ଲୋକକୁ ତାର ସାଙ୍ଗମାନେ ପୁରସ୍ତମ ନେଇଗଲେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ପାଇଁ, ହେଲେ ଲୋକ ଜଣକ ସେଠାରେ ତାର ଛଞ୍ଚୀଣା ରଂଜା ଦେଖିଲା ଜଗନ୍ନାଥଙ୍କୁ ଦେଖିବା ପରିବର୍ତ୍ତେ। କାରଣ ତା ମନ ଭିତରେ ତା ବାଡିର ଛଞ୍ଚୀଣା ଗଛ ହିଁ ରହିଥିଲା, ସେ ପଥର ବନ୍ଧା ହୋଇଥିବା ଅନେକ ଲମ୍ବା ଲମ୍ବା ଛଞ୍ଚୀଣା ହିଁ ଦେଖୁଥିଲା। ଅର୍ଥାତ ଯାହାର ଭାବନା ଯାହା ତାର ମନର ଭାଷା ସେହିପରି। ତେଣୁ ହେତୁବାଦୀ କ୍ରମରେ ତାଙ୍କର ଭାବନାରେ ସେମାନେ ଶାନ୍ତି ଓ ପ୍ରଶାନ୍ତି କୁ ଅନୁଭବ ନକରି ବରଂ ନିଜର ମାନସିକ ଚିନ୍ତନ କୁ ବିଜ୍ଞାନ ପରିଭାଷା ରେ ଅନୁଭବ କରନ୍ତି ଯାହା ।

ଅବଶେଷରେ କୁହାଯାଇପାରେ କୌଣସି କଥାକୁ ବିଜ୍ଞାନ ଭିତ୍ତିକ ଗ୍ରହଣ କରାଯାଇପାରେ ହେଲେ ଅନେକ ଆବେଗ ପୂର୍ଣ୍ଣ ସଂସ୍କୃତି ଓ ସଂସ୍କାରରୂପକ ପରମ୍ପରା କୁ ଏଡାଇ ଦିଆନଯାଇ ପାରେ। କିନ୍ତୁ ଅନେକଙ୍କର ମନୋଭାବ କୁ ଆଘାତ ନଦେଇ ଅନ୍ଧ ବୁଝାମଣା କୁ ଏଡାଇବାକୁ ବାରମ୍ବାର ପ୍ରୟାସ କରିବାକୁ ହୁଏ ।

ମୋ ଭିତରେ ସବୁବେଳେ ଏପରି ଆସ୍ତିକତା ଓ ନାସ୍ତିକତାର ଲଢେଇ ମୋତେ ଅସ୍ତବ୍ୟସ୍ତ କରେ ଏକ ନିର୍ଦ୍ଧିଷ୍ଟ ଫଳାଫଳରେ ପହଁଚିବା ପୂର୍ବରୁ, କିନ୍ତୁ ମୋତେ ବିରାଟ ଶାନ୍ତି ପ୍ରଦାନ କରେ ମୋ ମଧ୍ୟରେ ଥିବା ଆବେଗ ଶ୍ରଦ୍ଧା ଭକ୍ତି। ତେଣୁ ମୋ ପରମ୍ପରା ମୋପାଇଁ ସବୁକିଛି ବୋଲି ଭାବି ମୁଁ ନିଜକୁ ସୌଭାଗ୍ୟ ବାନ ମନେକରେ। ମୁଁ ଯେଉଁପରି ସମସ୍ତେ ସେହିପରି ହେବା ଉଚିତ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# କାହାକୁ ଡାକବି ଭାଇ



ନରେନ୍ଦ୍ର ପ୍ରସାଦ ବେହେରା

ଉତ୍ଥାନ ପତନ ଜୀବନ ତ ଏହି
ଭାବି ପାରୁନାହିଁ କେହି
ଆଜି ଅଛି ପୁଣି କାଲିକି ନ ଥିବ
ଦେଉଛି ତୁମକୁ କହି ।

ତଥାପି ମଣିଷ କରୁଅଛି ଗର୍ବ
ଅଢେଇ ଦିନକ ପାଇଁ
ବାଟ ସରିଗଲେ ବାଟୋଇଟି ଭାବେ
ହେଲିଣି ମୁଁ ଧଇଁସଇଁ ।

ହାଟ ସରିଗଲେ ହାଟୁଆ ଫେରଇ
କେତେ ଗପସପ ହୋଇ
ସରିଯିବ ଦିନେ ହାଟତ ଆମ୍ଭର
ନ ଡାକିବେ କେହି ଭାଇ ।

ହାଟ କରିବାକୁ ଆସିଥିଲେ ଦିନେ
ଉଲଗ୍ନ ହୋଇ ମହୀକୁ
ହାଟ ପରିବର୍ତ୍ତେ ନାଟ କରି କରି
ଚାଲିଯିବା ମଶାଣିକୁ ।

ଜନ୍ମ ବେଳେ ଶେଯ ମାଆ କୋଳ ଥିଲା
ଆନନ୍ଦରେ ନାଚୁଥିଲେ
ମଲାବେଳେ କେହି ସାଙ୍ଗରେ ଯିବାକୁ
ସମସ୍ତେ ତ ଭୁଲିଗଲେ ।

ଧନୀରୁ ଗରୀବ ଗରୀବକୁ ଧନୀ
ସାଜିଲେ ଏହି ମହୀରେ
ପରକୁ ଆପଣା ଆପଣାକୁ ପର
ସ୍ଥାନିତ କଲେ ହୃଦରେ ।

ISSN NO.
2582-208X

ଦିନ ପରେ ରାତି ରାତିପରେ ଦିନ
ଲାଗିଛି ସଦା ମହୀରେ
ଆଜି ଯିଏ ରାଜା କାଲିକି ଫକୀର
ଯାହା ଲେଖିଛି ବିଧିରେ ।

ସରସ ସୁନ୍ଦର ଜୀବନକୁ ଆମ୍ଭେ
କରୁ କେତେ ହୀନିମାନ
ସାମାନ୍ୟ ଟିକିଏ ସ୍ୱାର୍ଥ ପାଇଁ ଆଜି
ଭୁଲି ଯାଉଛୁ ସମ୍ମାନ ।

ନିଜ ହାତ ଗଢା ସମ୍ପର୍କକୁ କେବେ
ଇଚ୍ଛାରେ ଭାଙ୍ଗି ଦିଅନା
ଜୋର କରି କେବେ କାହାରି ସହିତ
ସମ୍ପର୍କ କେବେ ଯୋଡନା ।

ଯୋଡିଲେ ସମ୍ପର୍କ ହୋଇବ ଅମନ
ବାଧିବ ଜାଣ ଆତ୍ମାକୁ
ଫଟା ହାଣ୍ଡି କେବେ ହେବନି ସହାୟ
ଯେତେ ମାଠିଲେ ତାହାକୁ ।

ବହିଯାଏ ପାଣି ତଳକୁ ତଳକୁ
ସାଗରେ ମିଶିବା ପାଇଁ
ତଳପାଣି କେବେ ଉର୍ଦ୍ଧ୍ୱକୁ ଯାଏନା
ଯାହା ଲେଖିଛି ଗୋସାଇଁ ।

ତଥାପି ଆମେରେ କରୁଅଛେ ଗର୍ବ
ପ୍ରିୟାପ୍ରୀତି ଭୁଲିଯାଇ
ଉତ୍ଥାନ ପତନ ଜୀବନତ ଏହି
କାହାକୁ ଡାକିବି ଭାଇ ।।

ଆଳନ୍ଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ସ୍ନାନ ବେଦୀ



ତ୍ରିପତି ପ୍ରଧାନ

ତୁମେ, ଆସନି ଆସନି ପ୍ରଭୁ
ସ୍ନାନ ବେଦୀକୁ
ସ୍ନାନ କରି ଯାଅ ନାହିଁ
ଅଣସରକୁ (1)
ନଦେଖିଣ ଚର୍ମ ନେତ୍ର
ତୋ ରୂପ କଳା ସାଆନ୍ତ
ଭୋଗିଲେ ଭୋଗିବି ପଛେ
ଯମ ଦଣ୍ଡକୁ (2)
ବିଶ୍ୱ ବାସୀ ଦେଖି ତାତି
ହେ ବିଶ୍ୱବ୍ରହ୍ମାଣ୍ଡ ପତି
ନିଅ ନାହିଁ ଉତ୍ତାପତ
ନିଜ ଦେହକୁ (3)
ତବୋଷୌଧି ତିଳ ତେଲ
ବୃକ୍ଷ ଲତା ଚେର ମୂଳ
ଆୟୁର୍ବେଦ ରହିଲାଣି
ବହୁ ପଛକୁ (4)

କାଞ୍ଚି ରାଜ ଭକ୍ତ ଭଟ
ଗଜାନନେ ନାହୁଁ ଭେଟ
ଫେରିଲେ ସେ ଫେରି ଯାଉ
ତାଙ୍କ ରାଜ୍ୟକୁ (5)
ବନ ଭୂମି ଗଜ ରାଜ
ହେଜି ଲାଗୁ ଅଛି ଲାଜ
ଲୋଭି ନର ନାଶିଲାଣି
ତାର ବଂଶକୁ (6)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ବଳରାମ ଙ୍କ ସାହିତ୍ୟ ରେ ଶ୍ରୀ ଜଗନ୍ନାଥ



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ଓଡ଼ିଆ ସାହିତ୍ୟ ଇତିହାସ ରେ ପଞ୍ଚସଖା ଯୁଗର ସୃଷ୍ଟି ସମ୍ଭାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟରେ ଆଦିକବି ସାରଳା ଦାସ ଙ୍କର ଲେଖନୀ ଚାଳନା ଓଡ଼ିଆ ସାହିତ୍ୟ କୁ ସମୃଦ୍ଧି ର ଯେଉଁ ଅପୂର୍ବ ସଙ୍କେତ ପ୍ରଦାନ କରିଥିଲା, ଷୋଡ଼ଶ ଶତାବ୍ଦୀରେ ବୈଷ୍ଣବ ପଞ୍ଚସଖା ସେହି ସଙ୍କେତ କୁ କାର୍ଯ୍ୟ ରେ ପରିଣତ କରିଥିଲେ। ପଞ୍ଚସଖା ଯୁଗ ରେ ଉତ୍କଳ ର ପାଞ୍ଚ ଜଣ ବରେଣ୍ୟ କବି ୫ ଜଣ ବରେଣ୍ୟ କବି ସାହିତ୍ୟ ମାଧ୍ୟମରେ ଆଧ୍ୟାତ୍ମିକ ଚିନ୍ତା ଧାରାର ପ୍ରସାର ପାଇଁ ଯେଉଁ କର୍ମ ପନ୍ଥା ଗ୍ରହଣ କରିଥିଲେ, ତାହା ଅଭିନନ୍ଦନୀୟ। ପଞ୍ଚସଖା ଓଡ଼ିଆ ସାହିତ୍ୟ କହିଲେ ବଳରାମ, ଜଗନ୍ନାଥ, ଅନନ୍ତ, ଅଚ୍ୟୁତାନନ୍ଦ ଓ ଯଶୋବନ୍ତ ଙ୍କ ସାହିତ୍ୟ ସୃଷ୍ଟି କୁ ବୁଝାଏ । ଓଡ଼ିଶାରେ ବହୁ ନିରକ୍ଷର ଲୋକେ ପଞ୍ଚସଖା ଙ୍କର ଗୁରୁତ୍ୱପୂର୍ଣ୍ଣ ଭଜନ ଗାନ କରି ପ୍ରୀତ ହେବାର ଦେଖା ଯାଇଥାଏ । ଉତ୍କଳ ର ଧର୍ମଜୀବନ ର କେନ୍ଦ୍ର ସ୍ୱରୂପ ଶ୍ରୀ କ୍ଷେତ୍ର ର ଜଗନ୍ନାଥ ବହୁ କାଳରୁ ଭାରତରେ ଦୃଷ୍ଟି ପଥାରୂଢ଼ ହୋଇ ଅଛନ୍ତି । ସର୍ବ ଧର୍ମ ସମନ୍ୱୟ ର ପ୍ରତୀକ ଶ୍ରୀ ଜଗନ୍ନାଥ ବିଶ୍ୱର ଧର୍ମ ଜଗତ ରେ ଏକ ଅଦ୍ୱିତୀୟ ଆସନ ଗ୍ରହଣ କରିଛନ୍ତି, ବୈଷ୍ଣବ ଧର୍ମ ର ବିଭିନ୍ନ ମତବାଦୀ ମାନେ ବିଭିନ୍ନ ସମୟରେ ଶ୍ରୀ କ୍ଷେତ୍ର କୁ ଆସି ଉତ୍କଳ ରେ ବୈଷ୍ଣବ ଧର୍ମର ପରମ୍ପରା କୁ ପ୍ରତିଷ୍ଠିତ କରାଇଛନ୍ତି ।

ଉତ୍କଳୀୟ ବୈଷ୍ଣବ ଧର୍ମର ପ୍ରଥମ ଲକ୍ଷଣ ହେଉଚି ଜଗନ୍ନାଥ ଙ୍କ ଆରାଧନା।ଶ୍ରୀ ଜଗନ୍ନାଥ ସର୍ବ ଧର୍ମ ସମନ୍ୟୟ ରେ ପ୍ରତିଷ୍ଠିତ। ଓଡ଼ିଶାରେ ଧର୍ମ ମତବାଦ ର ମିଳନ ଜଗନ୍ନାଥ ଙ୍କୁ

ISSN NO.
2582-208X

କେନ୍ଦ୍ର କରି ଗଢି ଉଠିଥିଲା। ଅନେକଙ୍କ ମତରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ବୌଦ୍ଧ ବିଗ୍ରହ। ସୁଭଦ୍ରା ଙ୍କୁ କେହି କେହି ଦୁର୍ଗା, ଶକ୍ତି, ଏକନଂସା ବା ଶ୍ରୀ ଜଗନ୍ନାଥଙ୍କ ର ଭଗିନୀ ଭାବରେ ଗ୍ରହଣ କରିଥାନ୍ତି। ପୁରୀ ଧାମ ରେ ବିମଳା ଙ୍କ ପୂଜା ଶକ୍ତିର ପୂଜା। ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରସାଦ ଅର୍ପିତ ହେବା ପରେ ବିମଳାଙ୍କ ନିକଟରେ ଦର୍ଶାଯାଇ ପ୍ରସାଦ ରେ ପରିଣତ ହୁଏ। ବଳରାମ ହେଉଛନ୍ତି ରୁଦ୍ରଙ୍କର ଅବତାର। ବଳରାମ ଙ୍କୁ ଜଗନ୍ନାଥ ଙ୍କର ଜ୍ୟେଷ୍ଠ ଭ୍ରାତା ଭାବେ ଗ୍ରହାଣ କରାଯାଇଥିବାରୁ ବଳରାମ ଙ୍କୁ ବଡ଼ ଠାକୁର ବୋଲି ମଧ୍ୟ କୁହାଯାଏ। ଶ୍ରୀ ଜଗନ୍ନାଥ ଙ୍କୁ ଶ୍ରୀ କୃଷ୍ଣ ଭାବେ ଗ୍ରହଣ କରାଯାଇଛି। ଶ୍ରୀ ଜଗନ୍ନାଥ ଙ୍କୁ ଭକ୍ତ ମାନେ ନିଜ ନିଜର ମତବାଦ ଅନୁସାରେ ଗ୍ରହଣ କରିବା କଥା ସୁବିଦିତ। ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ସ୍ୱରୂପ ଯାହା ହେଉନା କାହିଁକି, ସମୟ ସ୍ରୋତ ରେ ହିନ୍ଦୁ ଜଗତ ର ପରମ ଆରାଧ୍ୟ ଦେବତା ଭାବେ ସେ ସ୍ୱୀକୃତି ଲାଭ କରିଛନ୍ତି ।

ଉତ୍କଳର ଗଜପତି ମହାରାଜା ପ୍ରତାପ ରୁଦ୍ରଙ୍କ ରାଜତ୍ୱ କାଳରେ ଯେଉଁ ପଞ୍ଚସଖା ଆବିର୍ଭୂତ ହୋଇ ସମଗ୍ର ଉତ୍କଳ ଖଣ୍ଡ ରେ ବୈଷ୍ଣବ ଧର୍ମର ପ୍ରସାର କରିଥିଲେ ଏବଂ ଯେଉଁ ମାନଙ୍କର ସାରସ୍ୱତ ସାଧନା ଦ୍ୱାରା ଓଡ଼ିଆ ବୈଷ୍ଣବ ସାହିତ୍ୟ ପରିପୁଷ୍ଟ ସେମାନଂକ ମଧ୍ୟରେ ବଳରାମ ଦାସ ଅନ୍ୟତମ। ଇତିହାସ ସାକ୍ଷୀ ଦିଏ ଯେ, ପ୍ରତାପରୁଦ୍ର ଦେବ ୧୪୯୭-୧୫୩୮ ଖ୍ରୀ.ବ୍ଦ ପର୍ଯ୍ୟନ୍ତ ଉତ୍କଳର ରାଜ ସିହାଂସନ ଅଳଙ୍କୃତ କରିଥିଲେ। ବଳରାମ ଦାସ ଙ୍କ ରଚିତ'ବେଦାନ୍ତସାର ଗୁପ୍ତ ଗୀତା' ଓ'ଦାଣ୍ଡି ରାମାୟଣ'ରୁ ବଳରାମ ଙ୍କ ଜନ୍ମ ସମୟ ପ୍ରାୟ ୧୪୭୨-୧୪୭୬ ଖ୍ରୀ.ବ୍ଦ ମଧ୍ୟରେ କୌଣସି ଏକ ସମୟ ବୋଲି ଗ୍ରହଣ କରା ଯାଇପାରେ। ପଞ୍ଚସଖା ଙ୍କ ମଧ୍ୟରେ ବଳରାମ ଥିଲେ ଅନନ୍ୟ। ତାଙ୍କ ଦିବ୍ୟ ଐଶୀ ଶକ୍ତି ଓ ନିଷ୍ଠା ଫଳରେ ସେ ପ୍ରତାପରୁଦ୍ର ଦେବ ଙ୍କ ଦ୍ୱାରା ପୂଜିତ ହୋଇଥିଲେ। ଚୈତନ୍ୟ ଦେବ ଙ୍କ ଆଦେଶ ରେ ସେ ଜଗନ୍ନାଥ ଦାସ ଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରିଥିଲେ। ପୁରୀ ରେ ବାସ କରୁଥିଲେ ମଧ୍ୟ ପୁରୀ ତାଙ୍କର ଜନ୍ମ ସ୍ଥାନ ବୋଲି ଜଣାଯାଇନାହିଁ । ପୁରୀ ଅବସ୍ଥାନ କାଳରେ ବଳରାମ ଦାସ ବାଙ୍କି ମୁହାଣ ରେ ଥିବା ଗନ୍ଧର୍ବ ମଠ କୁ ତାଙ୍କ ସାଧନା ପୀଠ ଭାବେ ଗ୍ରହାଣ କରିଥିଲେ ।

ବଳରାମ ଦାସଙ୍କ ରଚନା ସମୂହର ଏକ ନିର୍ଭୁଲ ତାଲିକା ଏ ପର୍ଯ୍ୟନ୍ତ ସଂଗୃହୀତ ହୋଇନାହିଁ। ତାଙ୍କ ରଚନା ରେ ଶ୍ରୀ ଜଗନ୍ନାଥ ଙ୍କ ମହିମା ତତ୍ତ୍ୱ ପ୍ରତିଫଳିତ ହୁଏ।

ISSN NO.
2582-208X

ଓଡ଼ିଆ ସାହିତ୍ୟ ରେ ପୁରାଣ ରଚନା ର ପରମ୍ପରା ଓଡ଼ିଆ ସାହିତ୍ୟ ର ଆଦି କବି ସାରଳା ଦାସ ପ୍ରତିଷ୍ଠା କରିଥିଲେ। ତାଙ୍କ ପରେ ଓଡ଼ିଆ ସାହିତ୍ୟ ରେ ଦ୍ଵିତୀୟ ପୁରାଣକାର ହେଉଛନ୍ତି କବି ବଳରାମ ଦାସ। ସାରଳା ଦାସ ଙ୍କ ପରି ବଳରାମ ଦାସ ମଧ୍ୟ ସଂସ୍କୃତ ମହାଭାରତ ଅନୁବାଦ ନ କରି 'ଜଗମୋହନ ରାମାୟଣ'କୁ ନିଜସ୍ୱ ଶୈଳୀ ରେ ରଚନା କରିଛନ୍ତି। ଏହା ଦାଣ୍ଡି ବୃତ୍ତ ରେ ରଚିତ ହୋଇ ଥିବାରୁ ଏହାର ଅନ୍ୟନାମ'ଦାଣ୍ଡି ରାମାୟଣ'।

"ଶାସ୍ତ୍ର ପୁରାଣ ଶୁଣିଲି ମୁହିଁ ବିପ୍ର ମୁଖେ
ତେଣୁ ସେବାକରେ ତୋ ଚରଣେ ଆତ୍ମ ସୁଖେ ।
ଶୁଣି ସୁପ୍ରସନ୍ନ ମତେ ହେଲେ ଜଗନ୍ନାଥ
ହୃଦୟେ ପ୍ରସନ୍ନ ହେଲେ ଶଙ୍ଖ ଚକ୍ର ହସ୍ତ ।।

କବି ସଂସ୍କୃତ ରାମାୟଣ ର କଥା ବସ୍ତୁ କୁ ଯେତିକି ପରିମାଣରେ ଗ୍ରହାଣ କରିଛନ୍ତି, ସେତିକି ପରିମାଣ ରେ ନିଜର କଳ୍ପନା ଉପରେ ମଧ୍ୟ ନିର୍ଭର କରିଛନ୍ତି। "ଦାଣ୍ଡି ରାମାୟଣ" ପାଠ କରିବା ସମୟ ରେ ପାଠକ ଭକ୍ତ ବଳରାମ ଙ୍କ ଅପେକ୍ଷା କବି ବଳରାମ ଙ୍କ କବିତ୍ୱରେ ମୁଗ୍ଧ ହୋଇ ଯାଇଥାନ୍ତି। ସୁତରାଂ "ଜଗମୋହନ ରାମାୟଣ" ଓଡ଼ିଆ ସାହିତ୍ୟ ରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି।

ଶ୍ରୀମଦ୍ ଭାଗବତ ଗୀତା କୁ କବି ଓଡ଼ିଆ ରେ ଅନୁବାଦ କରିଛନ୍ତି। ଗୀତର କଥା ବସ୍ତୁ କୁ ସେ ଅଷ୍ଟାଦଶ ଅଧ୍ୟାୟରେ ପ୍ରକାଶ କରି ଶେଷରେ "ଗୀତାବକାଶ" ନାମରେ ଆଉ ଏକ ଅଧ୍ୟାୟ ସନ୍ନିବେଶିତ କରିଛନ୍ତି। କବି ଶ୍ରୀ ଜଗନ୍ନାଥଙ୍କୁ ପରମ ବ୍ରହ୍ମ ଭାବେ ଗ୍ରହଣ କରି ତାଙ୍କରି କୃପାରେ ଗୀତାର ଅନୁବାଦ କରିବାକୁ ସମର୍ଥ ହୋଇଛନ୍ତି। ଗୀତା ର ଆରମ୍ଭ ରେ ସେ ଲେଖିଛନ୍ତି-

"ଶ୍ରୀ କୃଷ୍ଣ କହନ୍ତି ଅର୍ଜୁନ ଶୁଣ ତୁ ଗୀତା ଗ୍ରନ୍ଥ ସାରସ୍ୱତ
ସେ ଯୋଗ ବଳରାମ ଦାସ ଭଣଇ ଆଜ୍ଞା ଦେଲେ ଜଗନ୍ନାଥ "।

ISSN NO.
2582-208X

ଗୁପ୍ତଗୀତା ଓ ଛାତିଶ ଗୁପ୍ତଗୀତା ବଳରାମ ଦାସଙ୍କ ନାମରେ ଭଣିତ ହୋଇଥିବାର ଏହା ବଳରାମ ଙ୍କ ରଚନା ବୋଲି ଆଲୋଚକ ମାନେ ପ୍ରଦାନ କରିଛନ୍ତି। ଜ୍ଞାନ ଯୋଗ ର କଥା ଛଳ ରେ ଏହା ରଚିତ। ଜ୍ଞାନ, ଜ୍ଞାନର ନିଷ୍ଠା, ତ୍ରିବେଣୀ, ମହାଶୂନ୍ୟ ର ରୂପ, ବ୍ରହ୍ମ ର ସ୍ୱରୂପ ପ୍ରଭୃତି ଅନେକ ବିଷୟ ଏଥିରେ ପ୍ରକାଶ ପାଇଛି। ଶରୀର ମଧ୍ୟରେ ବ୍ରହ୍ମାଣ୍ଡ ର କଳ୍ପନା କରାଯାଇଛି।

"ବଳଭଦ୍ର ଯେ ସୋମ ହୋଇ
ଋକ୍ ଯେ ସୁଭଦ୍ରା ଅଟଇ
ଯଜୁର୍ବେଦ ଶ୍ରୀ ଜଗନ୍ନାଥ
ଅଥର୍ବ ସୁଦର୍ଶନ ପାର୍ଥ
ନାସିକା ସୁଦର୍ଶନ କହି
ଅଧର ସୁଭଦ୍ରା ଅଟଇ
ନୟନ ଜଗନ୍ନାଥ ଜାଣ
ବଳଭଦ୍ର ଟି ଯେ ଶ୍ରବଣ ।"

"ବେଢ଼ା ପରିକ୍ରମା" ରେ ଶ୍ରୀ ଜଗନ୍ନାଥ ମନ୍ଦିର ର ଚତୁଃପାର୍ଶ୍ୱ ଓ ମଧ୍ୟସ୍ଥ ଦେବା ଦେବୀ ଙ୍କର ଓ ଶ୍ରୀ ଜଗନ୍ନାଥଙ୍କ ର ନିତ୍ୟ କର୍ମ ପଦ୍ଧତି ବର୍ଣ୍ଣିତ। ଶ୍ରୀ ଜଗନ୍ନାଥ ଙ୍କ ପୂଜା ବିଧି ଏଥିରେ ପ୍ରକାଶ ପାଇଛି। ଏହା ସହିତ ମନ୍ଦିର ପ୍ରବେଶ କରିବା ଠାରୁ ଆରମ୍ଭ କରି ବେଢ଼ା ବୁଲି ଶେଷ କରିବା ପର୍ଯ୍ୟନ୍ତ ଯେଉଁ ଦେବା ଦେବୀ ଅଛନ୍ତି, ସେମାନଂକ ବିଷୟରେ କବି ବର୍ଣ୍ଣନା କରିଛନ୍ତି ।

"ଭାବ ସମୁଦ୍ର" ଗ୍ରନ୍ଥ ରେ କବି ଜଗନ୍ନାଥ ଙ୍କ ର ରଥଯାତ୍ରା ର ବର୍ଣ୍ଣନା କରିବା ସଂଗେ ସଂଗେ ଭକ୍ତି ର ମୂଲ୍ୟ ଓ ମାହାତ୍ମ୍ୟ ପ୍ରତିପାଦନ କରିଛନ୍ତି । ଗ୍ରନ୍ଥ ଟିର ପ୍ରତି ପଦ ପକ୍ଷ ରେ ଜଗନ୍ନାଥ ଙ୍କ ପ୍ରତି କବିଙ୍କର ଅଟଳ ଭକ୍ତି ଓ ନିଶ୍ଚଳ ନିଷ୍ଠାର ସୂଚନା ମିଳିଥାଏ। କବି ତାଙ୍କର ଅତ୍ୟାଚାରିତ, ପ୍ରପୀଡ଼ିତ ଓ ଅପମାନିତ ଜୀବନର ବ୍ୟଥିତ ଚିତ୍ର ଏଥିରେ ଅଙ୍କନ କରିଛନ୍ତି। କବି ତାଙ୍କର ଅନ୍ତର ବେଦନା ପ୍ରକାଶ କରିବା ସହ ଭକ୍ତ ର ଭଗବାନ ଙ୍କ ଉପରେ ଥିବା ବିଶ୍ୱାସ ଏଥିରେ ପ୍ରସ୍ଫୁଟିତ ହୋଇଛି।

ISSN NO.
2582-208X

"ନନ୍ଦିଘୋଷ ରଥୁ ଦେଲୁ ଘଉଡି
କେଟାଣିବ ତୋ ରଥ ଦଉଡି
ନାଥ ତୁ ମୋତେ ନେଲେ ସିନା ଯିବୁ
ନୋହିଲେ ସେହି ଠାରେ ରହିଥିବୁ

ବଉଳା ଅଧ୍ୟାୟ ରେ ନାଥ ସମ୍ପ୍ରଦାୟ ର ଯୋଗୀ ମାନେ ଏହି ଗୀତ କୁ କେନ୍ଦରା ବଜାଇ ଭିକ୍ଷା ମାଗନ୍ତି। ବଉଳା ଜଗନ୍ନାଥ ଙ୍କ କୃପାରୁ କିପରି ବ୍ୟାଘ୍ର ମୁହଁରୁ ରକ୍ଷା ପାଇଛି; ସେ ବିଷୟ ଏଥିରେ ବର୍ଣ୍ଣିତ । ସତ୍ୟ ର ମାହାତ୍ମ୍ୟ ଓ ଅନ୍ନ ଦାନ ର ଫଳ ହିଁ ଏହି ଗୀତ ଟିର ମୁଖ୍ୟ ବିଷୟ। ସତ୍ୟ ର ମାହାତ୍ମ୍ୟ ବିଷୟରେ ଭଗବାନ ଯୁଧିଷ୍ଠିର ଙ୍କୁ ଉପଦେଶ ଦେବା ଛଳ ରେ ଏହାର କଥା ବସ୍ତୁ ବର୍ଣ୍ଣିତ । ଜଗନ୍ନାଥ ଙ୍କ ମୁଖରେ ବଉଳା ଗାଈର କଥା କାହାଣୀ ଛଳ ରେ ପ୍ରକାଶ ପାଇଛି।

"ଜୟ ଜୟ ଜଗନ୍ନାଥ ଦେବ ଦେବରାଜ
ଲକ୍ଷ୍ମୀ ପାଟରାଣୀ ଯାର ଅଟନ୍ତି ଭାରିଯା
ନୀଳାଦ୍ରି କଟକେ ରତ୍ନ ସିଂହାସନେ ଥାଇ
ସଂସାରର ଚେଷ୍ଟା ଯେ ବୁଝନ୍ତି ଭାବଗ୍ରାହୀ ।"

"ଲକ୍ଷ୍ମୀ ପୁରାଣ" ଓଡିଶାର ଏକ ଜନପ୍ରିୟ ପବିତ୍ର ଗ୍ରନ୍ଥ ଭାବେ ଆଦୃତ । ମାର୍ଗଶିର ମାସ ଗୁରୁବାର ରେ ଲକ୍ଷ୍ମୀ ପୂଜା ବିଷୟରେ ଏହି ଗ୍ରନ୍ଥଟି ରଚିତ । ଲକ୍ଷ୍ମୀ ପୂଜା ର ବୈଶିଷ୍ଟ୍ୟ ଓ ମାହାତ୍ମ୍ୟ ଏଥିରେ ବର୍ଣ୍ଣିତ । କବି ବଳରାମ ଏଥିରେ ଜଗନ୍ନାଥ, ବଳଭଦ୍ର କିପରି ମା ଲକ୍ଷ୍ମୀ ଙ୍କ ଅଭିଶାପ ଯୋଗୁଁ ୧୨ ବର୍ଷ ଯାଏଁ ଅନାହାର ରେ ଜୀବନ ଅତିବାହିତ କରିଥିଲେ, ତାହା ବର୍ଣ୍ଣନା ହୋଇଛି । ଜାତି ଭେଦ ପ୍ରଥା ବିରୁଦ୍ଧରେ କବିଙ୍କର ଏହି ରଚନା ଏକ ଅମୋଘ ଅସ୍ତ୍ର ବୋଲି ଗ୍ରହଣ କରାଯାଏ। ଗ୍ରନ୍ଥ ର ଆରମ୍ଭ ରେ କବି ଲକ୍ଷ୍ମୀ ଙ୍କ ବନ୍ଦନା କରିଛନ୍ତି -

"ନମସ୍ତେ କମଳା ମାଗୋ ସାଗର ଦୁଲଣୀ
ନମସ୍ତେ ନମସ୍ତେ ଲକ୍ଷ୍ମୀ ବିଷ୍ଣୁ ଙ୍କ ଘରଣୀ
ନମସ୍ତେ କମଳା ମାଗୋ ଅତି ଦୟାବତୀ
ସ୍ଥାବର ଜଙ୍ଗମ କୀଟ ଆଦି ପାଳୁ ନୀତି" ।

ISSN NO.
2582-208X

ପ୍ରକୃତ ସିଦ୍ଧ ସାଧକ ବା ନିଷ୍ଠାପର ବୈଷ୍ଣବ ମାନଂକ ଜୀବନରେ ବୈଚିତ୍ର ପ୍ରଦର୍ଶିତ ହେଲା ପରି ବଳରାମ ଦାସଙ୍କ ଜୀବନରେ ମଧ୍ୟ ଐଶୀ ଶକ୍ତି ର ପରିଚୟ ମିଳେ । ଏହା ବ୍ୟତୀତ ତାଙ୍କ ରଚନା ବଳି କୁ ଅନୁଧ୍ୟାନ କଲେ ସ୍ପଷ୍ଟ ସୂଚନା ମିଳେ କି, ବଳରାମ ଙ୍କ ଜୀବନଚର୍ଯ୍ୟ ପରିସର ରେ ଶ୍ରୀ ଜଗନ୍ନାଥଙ୍କ ର ଗୁରୁତ୍ୱପୂର୍ଣ ଭୂମିକା ରହିଛି । ଭକ୍ତ ର ଭଗବାନ ଙ୍କ ପ୍ରତି ଯେଉଁ ଭକ୍ତିପୂତ ନିବେଦନ, ପ୍ରଗାଢ ବିଶ୍ୱାସବୋଧ ଥାଏ, ତାହା ତାଙ୍କ ରଚନାବଳୀ କୁ ଅନୁଧ୍ୟାନ କଲେ ଜଣାପଡେ। ଯାହାର ସେ ନିଜେ ଏକ ଜ୍ୱଳନ୍ତ ପ୍ରତୀକ । ତେଣୁ ଓଡ଼ିଆ ସାହିତ୍ୟ ରେ କବି ବଳରାମ ଚିର ସ୍ମରଣୀୟ ହୋଇ ରହିବେ; ଏଥିରେ ସନ୍ଦେହ ର ଅବକାଶ ନାହିଁ

ଓଡିଶା, ପୁରୀ

ISSN NO.
2582-208X

# ସ୍ୱର୍ଗ ଦ୍ୱାର



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ନିଇତି ଦେଖୁଛି
ଏହି ସ୍ୱର୍ଗ ଦ୍ୱାରେ
କୁହ କୁହ ଜୁଇ ଜଳେ
କେତେ ଶୁଣାଯାଏ
ରାମ ନାମ ସତ୍ୟ
କୋକେଇରେ ମଡା ଚାଲେ ।

ଯେଉଁ ମଡା ଆଜି
ନିର୍ଜୀବ ନିସ୍ପନ୍ଦ
ଦିନେ ସିଏ ଗର୍ଜୁଥିଲା
"ମୁଉଁ" "ମୋର" କହି
ଦୁନିଆଁ ଆଗରେ
ସ୍ୱର ସେ ମଚାଉ ଥିଲା ।

କାଠ ଗଣ୍ଡି ପରେ
ଶୋଇଛି ନିସ୍ପନ୍ଦେ
ନିଆଁ ଜଳେ ହୁତହୁତୁ

ଲେଲିହାନ ଶିଖା
ଯେତେ ବି ଜଳୁଛି
ଲାଗେ ନାହିଁ କୁତୁକୁତୁ ।

ଜଳୀୟ ଅଂଶ ତା
ଶରୀର ଭିତରୁ
ପାଣି ପରି ବୋହିଯାଏ
ହାଡ ମାଂସ ଯେତେ
ରଡ ନିଆଁଟାରେ
ଜଳି ଜଳି ଜଳି ଯାଏ ।

ପାଉଁଶ ପୁଳାଏ
ରହିଯାଏ ଖାଲି
ହାଡ ମାଂସ ହଜିଯାଏ
ପ୍ରାରବ୍ଧ ଗଣ୍ଠିଲି
ସଂଗେ ଧରି ଜୀବ
ଆକାଶକୁ ଉଡିଯାଏ ।

ISSN NO.
2582-208X

ସୂକ୍ଷ୍ମରେ ଏ ସବୁ
ହୋଇଯାଏ ବୋଲି
ମଣିଷ ପାରେନି ବୁଝି
ଇଶ୍ୱରଂକ ଇଏ
ଲୀଳା ଖେଳା ବୋଲି
ଜାଣିବା ଉଚିତ କିଛି ।

ଶରୀରର ଅନ୍ତ
ପାଉଁଶ ପୁଳାଏ
ମଶାଣି ଠିକଣା ତାର
ସବୁ ଜାଣି ଶୁଣି
ଏ ବୋକା ମଣିଷ
କହିଥାଏ "ମୁଉଁ" "ମୋର"।

'ମୁଉଁ'ର ଅସ୍ତିତ୍ୱ
କିଛି ନାହିଁ ଏଠି
"ମୋହର" ବି କିଛି ନାହିଁ
ବୁଝି ନ ପାରି ସେ
ପାଗଳ ହେଉଛି
ଅତି ବୁଦ୍ଧିମାନ ହୋଇ।

ସାଥିରେ ତ କାହିଁ
କିଛି ଯାଉ ନାହିଁ
ଯାହା ପାଇଁ ଏତେ ଦ୍ୱନ୍ଦ୍ୱ
କେହି ବୁଝୁନାହିଁ
ମଣିଷ ଭିତରେ
ବୁଝିବାଟା ଖାଲି ମନ୍ଦ।

ଯେତେ ବୁଝିଲେ ବି
ଯେତେ ଦେଖିଲେ ବି
ମଣିଷ ଅବୁଝା ହୁଏ
ମୁଁ ବୋକା ମଣିଷ
କିଛି ବୁଝେ ନାହିଁ
କାହିଁକି ଏମିତି ହୁଏ।

ନିର୍ଦ୍ଦେଶକ ଜଣେ
ଉପରେ ରହିଛି
ନିର୍ଦ୍ଦେଶନା ସିଏ ଦିଏ
ତାହାରି ଇଂଗୀତେ
ଅଭିନୟ ଚାଲେ
କର୍ତ୍ତା "ମୁଉଁ" "ମୋର" କହେ।

ISSN NO.
2582-208X

ଅଭିନେତାଟା ବି
ବୁଝି ପାରେ ନାହିଁ
ଏଇଟା ତା ଅଭିନୟ
ଅଭିନୟ କରି
ମଜ୍ଜି ଯାଇଥାଏ
କା'ପ୍ରତି ନ ଥାଏ ଭୟ।

ବାର୍ଦ୍ଧକ୍ୟ ଆସିଲେ
ଅଭିଜ୍ଞତାକୁ ସେ
ରୋମନ୍ଥନ ସିନା କରେ
ସେତେବଳକୁ ତା'
ଆୟୁଷ ନ ଥାଏ
ଭାବି ଭାବି ସିଏ ମରେ।

ମୋ ନଂ 9937462507

ISSN NO.
2582-208X

# ଶୀତୁଆ ସକାଳେ



ସମ୍ବିତ ଦାଶ

ସକାଳର ପହିଲି ସୁରୁଜ
ଦିଶଇ ଆକାଶେ ମୁରୁଜ
ଶୀତର ପହିଲି ସ୍ପର୍ଷରେ
କୁହୁଡି ପଡୁଥାଏ ଧୀରେ ଧୀରେ ।।

ସୁରୁଜର ପହିଲି କରଣେ
ଧୀରେ ଧୀରେ ରଙ୍ଗ ଆଣେ
ପୁଣି ସେ କୁହୁଡିର ଗୃଦର ତଳେ
କାକର ଟପ ଟପ କରି ଖେଳେ ।।

ଗୃଷୀ ଯାଇଛି ଧାନ କାଟି
ଶୁଖିଯାଇଛି କାଦୁଅର ମାଟି
କାଟିଲେ କ୍ଷେତର ଧାନ
ଆସିଯିବ ଲକ୍ଷ୍ମୀଙ୍କ ଧନ ।।

ପାଖେ ଥିବା ଗୋଟେ ଗ୍ଚ କପ୍
ସାଙ୍ଗ ସାଥି ହେବେ ଗପ୍ ସପ୍
ଶୀତ ଋତୁରେ ଆନନ୍ଦ ନେଇ
ଖର୍‌ ସାଥେ ହେବା ମିଳଇ ।।

ପଲ୍ଲୀକଣ୍ଠା,ଏରସମା,
ଜଗତସିଂହପୁର

ISSN NO.
2582-208X

# ତୁମ ବିନା ।।



ରଶ୍ମିତା ସାହୁ

ମୁଁ ଯଦି ନୀଳ ଆକାଶ ହୁଏ,
ତୁମେ ମୋ ପୁନେଇ ଜହ୍ନ....
ମୁଁ ଯଦି ଘାସ ର ଗାଲିଚ୍ଛ ହୁଏ,
ତୁମେ ମୋ କାକର ବିନ୍ଦୁ...

ଯଦି ମୁଁ ଋତୁ ମାନଙ୍କର ରାଜା ହୁଏ,
ତୁମେ ମଳୟ ପବନ ର ଛୁଆଁ...
ଯଦି ମୁଁ ପ୍ରସ୍ଫୁଟିତ ପୁଷ୍ପ ହୁଏ,
ତୁମେ ମୋ ଦେହର ବାସ୍ନା...

ଯଦି ମୁଁ ପଦ୍ମ ସରୋବର ହୁଏ,
ତୁମେ ତୃଷ୍ଣା ନିବାରକ ସ୍ୱଚ୍ଛ ଜଳ...
ଯଦି ମୁଁ ଦୀପଟିଏ ହୁଏ,
ତୁମେ ଦୀପ୍ତିମାନ ଅଗ୍ନିଶିଖା...

ISSN NO.
2582-208X


ଯଦି ମୁଁ ଭବ୍ୟ ମନ୍ଦିର ହୁଏ,
ତୁମେ ମୋ ମନ୍ଦିର ର ଦିଅଁ...
ଯଦି ମୁଁ ପାଷାଣ ପ୍ରତିମା ହୁଏ,
ତୁମେ ମୋ ପରମ ବ୍ରହ୍ମ...

ଏହି ମୋର ନିଶ୍ୱ ଶରୀର ରେ,
ତୁମେ ପରା ପ୍ରାଣବାୟୁ...
ସବୁ ଶ୍ରେଷ୍ଠତା ତୁମେ ହିଁ ମୋର।
ତୁମ ବିନା ମୁଁ ମୂଲ୍ୟହୀନ....।।

ରଶ୍ମିତା ସାହୁ,ଛତ୍ରପୁର(ଗଞ୍ଜାମ)
Email - rasmi.k.sahu777@gmail.com

ISSN NO.
2582-208X

# ଲୋଭାସକ୍ତ ମନ



ଦେବଦତ୍ତା ଦେବୀ

ଆଜି କୁମାର ପୂର୍ଣ୍ଣମୀ, ପୁଣି ରବିବାର । ରଚନା ଝରକା ପାଖରେ ବସି ଆକାଶ ର ଦୃଶ୍ୟପଟ କୁ ନିରୀକ୍ଷଣ କରୁଛି। ଅଫିସ ରୁ ଛୁଟି ପାଇଲେ ଭାରକ୍ରାନ୍ତ ଶରୀର ଓ ମନ କୁ ବିଶ୍ରାମ ଦେବା ପାଇଁ ଇଆଡୁ ସିଆଡୁ ଚିନ୍ତା କରି ମନ କୁ ଟିକଏ ଓଜନ ମୁକ୍ତ କରିବାକୁ ଚେଷ୍ଟା କରେ । ବାହାଘର ର ଦୁଇ ବର୍ଷ ହେଇଗଲାଣି କିନ୍ତୁ ପତିପତ୍ନୀ ଭାବରେ ରହିବା ମାତ୍ର ଦୁଇ କି ତିନି ମାସ ହେବ । ରଚନା ର ପୋଷ୍ଟିଂ ଚେନ୍ନାଇ ରେ, ସ୍ୱାମୀ ସଂବିତଙ୍କର ଚାକିରି ସ୍ଥଳ ପୁନେ ରେ ।

ବାହାଘର ର ପ୍ରଥମ କିଛି ଦିନ ଦୁହେଁ ଦୁହିଙ୍କ ପାଖକୁ ସମୟ, ଅସମୟ ରେ ଉଡି ଆସୁଥିଲେ। ମାତ୍ର ଆସ୍ତେ ଆସ୍ତେ ଶାରୀରିକ ଅବ୍ୟବସ୍ଥା, ଚାକିରୀ ର ଅଗ୍ରନକ ଆହ୍ୱାନ, ତଥା ଆର୍ଥିକ ମାନଦଣ୍ଡ କୁ ଦୃଷ୍ଟି ରେ ରଖି ପରସ୍ପର କୁ ଦେଖା କରିବା ରେ ବ୍ୟବଧାନ ବଢି ଚାଲିଥିଲା। ଯଦିଓ ମୋବାଇଲ ର ଭିଡ଼ିଓ କଲ ଏହି ଦୂରତ୍ୱ କୁ ବହୁ ପରିମାଣ ରେ କମ କରିବାରେ ସାହାଯ୍ୟ କରିଛି କିନ୍ତୁ ଦୀର୍ଘ ଦୁଇ ମାସ ହେଲାଣି ଦେଖା ହୋଇନି । ଆଜି କାହିଁକି ବହୁତ ଛଟପଟ ଲାଗୁଛି। ଆସନ୍ନ ରାତ୍ରୀ ର ଆଗମନ କୁ ଅପେକ୍ଷା କଲାବେଳେ ସନ୍ଧ୍ୟା ଆକାଶ ର ପୂର୍ଣ୍ଣ ଚନ୍ଦ୍ର କୁ ଦେଖି ବାପଘର ଅଗଣା ବହୁତ ମନେ ପଡୁଥିଲା । ବୋଉ ଏହି ଦିନ ଟା ପାଇଁ କେତେ ଯତ୍ନ ନେଉଥିଲା । ଜାଗି କରି ରହିଥିବ କେତେବେଳେ ଚନ୍ଦ୍ର ଉଇଁବ ବୋଲି। ଚନ୍ଦ୍ର ଉଇଁଲେ ରଚନା ଖାଇ ଛେନା ରେ ଗଢା ହୋଇଥିବା ଚନ୍ଦ୍ର ପୂଜା କରି କବାଟ କଣ ରେ ଲୁଚ କରି ଖାଇଲେ ଭଲ ବର ମିଳିବ । ହଠାତ୍ କଲିଂ ବେଲ ର କ୍ରିଙ୍ଗ କ୍ରିଙ୍ଗ ଶବ୍ଦ ତା ଭାବନା ରେ ପୂର୍ଣ୍ଣଚ୍ଛେଦ ପକାଇଲା ।

ISSN NO.
2582-208X

ଭାବି ପାରିଲାନ ତା ଘରକୁ ଏ ଅବେଳ ରେ ଚେନ୍ନାଇ ରେ ପୁଣି କଏ ଆସିଲା । ଦୁଆର ଖୋଲି ସଂବିତ କୁ ଦେଖି ତା ପାଟି ରୁ କଥା ବାହାରିଲାନ । ଝିଅ ଦିନ ରେ କୁଆଁର ପୁନେଇ ରେ ଚାନ୍ଦ କୁ ଆକାଶରେ ଆସିବାର ଦେଖିଲେ ମନ ଯେମିତି ଖୁସିରେ ନାଚ ଉଠେ ସେମିତି ସଂବିତ କୁ ଦେଖି ରଚନା ର ମନ ନାଚ ଉଠିଲା। ପିଲାବେଳେ ଅଜା କ ମାଉସୀ ଘର କୁ ବୁଲି ଯାଇଥିବାବେଳେ ଅଜାଙ୍କ ବଟୁଆରୁ, ମାଉସୀଙ୍କ ପର୍ସ ରୁ ପାଞ୍ଚ ଟଙ୍କିଆ କଏନ ଟିଏ ପାଇଲେ, ମନ କୁହେ ଆଜି ପୂର୍ଣ୍ଣମୀ ଟା ସାର୍ଥକ ହେଇଗଲା । ସଂବିତ ଙ୍କୁ ଦେଖି କଣ କହିବ ରଚନା ଭାବି ପାରୁ ନ ଥାଏ । କିନ୍ତୁ ଆଜି ଦିନ ଟା ତାର ସଫଳ ହେଇଗଲା ବୋଲି ତାକୁ ଲାଗୁଥାଏ । ସଂବିତ କହିଲା, ତୁମ ପାଖକୁ ଆସିବାକୁ ଭାରି ମନ ହେଲା, କାଲି ଦିନଟା ଛୁଟି ନେଇଛି, ତୁମେ ବି କାଲି ଛୁଟି ପକାଅ । ଦୁଇଦିନ ଏକାଠି ରହି ନିଜ ନିଜ ର ଏକେଲାପଣ କୁ ଭୁଲିଯିବା । ସଂବିତ ଚର୍ଚ୍ଚା ରେ ରଚତା ଲାଗିଗଲା । କେମିତି ସନ୍ଧ୍ୟା ଯାଇ ରାତି ଦୁଇଟା ହେଲା ଦୁଇଜଣ ଯାକ ଜାଣି ପାରିଲେନ । ଘଣ୍ଟା ଦେଖି ଆସନ୍ତା କାଲି ବୁଲି ଯିବାକୁ ମନସ୍ଥ କରି ଦୁହେଁ ଶୋଇ ପଡିଲେ।

ତା ଆର ଦିନ ହାତ ଧରାଧରି ହେଇ ଚାଲିଲାବେଳେ ଲେକ କଡରେ ଥିବା ସାଉଣ୍ଡ ଅଫ ମିଉଜିକ କୁ ଖୋଲା ଆକାଶ ତଳେ ଉପଭୋଗ କରିବାକୁ ଉଭୟ ମନସ୍ଥ କଲେ । ଦୁଇଦିନ ର ସାଙ୍ଗ କୁ ଦୁଇଜଣ ଙ୍କ ଭିତରୁ କେହି ବି ହାତଛଡା କରିବାକୁ ଚାହୁଁ ନ ଥିଲେ। ମିଉଜିଅମ ରାସ୍ତା ରେ ହାତ କୁ ହାତ ଛନ୍ଦି ଦୁଇଜଣ ଆଗଉଥିଲେ। ରାସ୍ତା ଟା ଟିକିଏ ନିଛାଟିଆ ଥିଲାବେଳେ କାଁ ଭାଁ ଲୋକଙ୍କ ଯିବା ଆସିବା ଥିଲା। ସାଉଣ୍ଡ ଅଫ ମିଉଜିକ ଟି ମିଉଜିଅମ ର ଗୋଟିଏ ପାଖକୁ ଥିଲା । ତେଣୁ ସେଇଟା ସମସ୍ତ ଙ୍କ ନିୟମିତ ରାସ୍ତା ନ ଥିଲା । ଛାଇ ଛାଇ ଆଲୁଅ ଭିତରେ ରଚନା ସଂବିତ ର ହାତ ଉପରେ ଅଳସେଇ ଲଟା ପରି ନିଜ ଶରୀର ର ସମ୍ପୂର୍ଣ୍ଣ ଭାର ଲଦି ଆସ୍ତେ ଆସ୍ତେ ଚାଲୁଥିଲା । ଏହି ମୂହୁର୍ତ୍ତ ଟିକୁ ପୂର୍ଣ ଭାବରେ ଉପଭୋଗ କରିବାକୁ ଚାହୁଁ ଥିଲା। ମୁଦି ହେଇଯାଉଥିବା ଆଖି ପତା ଭିତରୁ ତଳେ ପଡିଥିବା ଦୁଇହଜାର ଟଙ୍କିଆ ନୋଟ ଟା ଉପରେ ଆଖି ଅଟକି ଗଲା । ସଂବିତ ର ଆଖି ମଧ୍ୟ ସେଇଠି ଲାଖି ଯାଇଥିଲା । ଏ ଭିତରେ ଦୁଇ ଜଣଯାକ ଅଟକି ଯାଇଥିଲେ । ଆଗରେ, ପଛରେ ପ୍ରାୟ ଦୁଇଶହ, ତିନିଶହ ମିଟର ଭିତରେ କୌଣସି ବାଟୋଇ ଯାଉନାହାନ୍ତି । ଆଗରେ ଯାଉଥିବା କୌଣସି ବାଟୋଇ ପଛ କୁ ଚାହୁଁ ନାହାନ୍ତି, କି ନୋଟ କୁ ଲକ୍ଷ୍ୟ କରୁ

ISSN NO.
2582-208X

ନାହାନ୍ତି । ହଠାତ୍ ଭଲ କରି ଗ୍ଚହିଁଲ୍ ବେଳକୁ ଆଗକୁ ଆଗକୁ ଆହୁରି ଗ୍ଚରିଟା ନୋଟ ଆସ୍ତେ ଆସ୍ତେ ଗଡେଇ ତଡେଇ ହେଉଛନ୍ତି। ଦୁହିଙ୍କ ମନ ଭିତରେ 'ହଁ', 'ନାହିଁ' ର ଲଢେଇ ଧରିବେ କ ନାହିଁ ବୋଲି ଆଖିରେ ଆଖିରେ ଯୁକ୍ତତର୍କ ଯେତେ କହିଲେ ବି ମୋର ଲୋଭ 'ନାହିଁ' ଆଖି ଆଗରେ ଟଙ୍କା କୁ ଏପରି ନଛାଟିଆ ରାସ୍ତା ରେ ଉଡୁଥିବାର ଦେଖି ମନ ଆପେ ଆପେ ଲୋଭାସକ୍ତ ହୋଇ ଉଠିଲା। ଦୁହିଙ୍କ ଭିତରେ ଯୁକ୍ତ ଯେ ଟଙ୍କା ଉଠାଇ ସିକ୍ୟୁରିଟି ଗାର୍ଡ କୁ ହସ୍ତାନ୍ତର କରିବେ ନହେଲେ ଗରିବଙ୍କ ଭିତରେ ବାଣ୍ଟିଦେବେ । ଅନେକ ବିଗ୍ଚର ଆଲୋଚନା ପରେ ଦୁଇଜଣ ଇତଃସ୍ତତଃ ହେଇ ପଡିଥିବା ଦୁଇ ହଜାର ଟଙ୍କିଆ ନୋଟ ଗୁଡିକୁ ସମସ୍ତଙ୍କ ଅଲକ୍ଷ୍ୟ ଉଠାଇଲେ ଓ ନଜ ପାଖରେ ରଖିଦେଲେ। ଉଠାଇ ସାରିଲା ପରେ ଦୁଇଜଣ ଙ୍କ ମନ ଭିତରେ ଦ୍ୱନ୍ଦ୍ୱ ଠିକ କଲେ କ ନାହିଁ । ପୁଣି ମନ କୁ ବୁଝାଇ ଗ୍ଚଲିଛନ୍ତି ଆଜି ପୂର୍ଣମୀ ଭଲ ଦିନ ରେ ଭଗବାନ ଙ୍କ ବରଦ ରୁ ଦଶ ହାଜାର ଟଙ୍କା ମିଳଗଲା । ଗୋଟିଏ ପ୍ରକାର ଆନନ୍ଦ ବି ଅନୁଭୂତ ହେଉଥାଏ । ଯାହାହେଉ ସାଉଣ୍ଡ ଅଫ ମିଉଜିକ ସରିବା ପରେ ଦୁଇଜଣ ଯାକ ହାତ ଧରା ଧରି ହେଇ ମିଉଜିଅମ ଗେଟ ବାହାରକୁ ଆସିଲେ। ଏ ଟଙ୍କା ର ଅନାହୁତ ଆବିର୍ଭାବ ଦ୍ୱାରା ଏତେ ଦିନ ବ୍ୟବଧାନ ରେ ଉଭୟଙ୍କର ଦେଖା ହେବା ର ଖୁସି ଟା ଦ୍ୱିଗୁଣିତ ହେଇ ଯାଇଥିଲା ।

ବାହାରକୁ ବାହାରି ପ୍ରଥମେ ରାସ୍ତାର ଉଜ୍ଜ୍ୱଳ ଆଲୋକରେ ଟଙ୍କା କାଢି ସ୍ୱାମୀ ସ୍ତ୍ରୀ ଦୁଇଜଣ ଦେଖିବାକୁ ଲାଗିଲେ ହସିବେ କି କାନ୍ଦିବେ ଦୁହେଁ ଜାଣି ପାରିଲେନି । ଟଙ୍କାତକ ଯେ ପିଲାଙ୍କ ଖେଳଣା ଟଙ୍କା। ଏତେ ସମୟ ଧରି ସେ ଦୁହିଙ୍କ ମନ କୁ ଏହି ଖେଳଣା ଟଙ୍କା ଆୟତ୍ତ କରି ରଖିଥିଲା । ଈଶ୍ୱର ତାଙ୍କୁ ଗୋଟିଏ ଉଚିତ ଶିକ୍ଷା ଦେଲେ, ଅସମୟରେ ତଥା ଅଯାଚିତ ଧାନପ୍ରାପ୍ତି କିପରି ମନ କୁ ଅଯଥା ଲୋଭାସକ୍ତ କରେ। ଦୁଇଜଣ ତ ଲୋଭ ରେ ଟଙ୍କା ଉଠାଇଛନ୍ତି, ମନ କୁ ସ୍ୱୟଂ ଶାନ୍ତ୍ୱନା ଦେଲେ ଭଲ ହେଇଛି କାହା ଟଙ୍କା ନେଇଥିଲେ ପାପ ହେଇଥାନ୍ତା । ଭଗବାନ ଯାହାହେଉ ରକ୍ଷା କରିଦେଲେ। ରଚନା ସଂବିତ ଦୀର୍ଘ ଶ୍ୱାସ ନେଇ ହାତ ଧରାଧରି ହେଇ ଆଗକୁ ଗ୍ଚଲିଲେ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର - ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ଆସ ଆସ ବନମାଳୀ



ଧରିତ୍ରୀ ଦାସ

ଆସ ଆସ ବନମାଳୀ
କୋଳେ ମୁଁହି ନେବି ତୋଳ ।
ଝୁଲାଇବି ବାହୁଝୁଲେ
ଗେଲ କରି ପୁନ୍ଦ ତୁଲେ ।
ପିତବସ୍ତ୍ର ପିନ୍ଧାଇବି
ତୁଳସୀର ମାଳ ଦେବି ।
ମୁଣ୍ଡେ ଦେବି ଅଷ୍ଟଗନ୍ଧା
ଆଉ ଚନ୍ଦନର ବୁନ୍ଦା ।
ଖୁଆଇବି ସର ପୁଳ
ଆସ ଆସ ବନମାଳୀ ।
କୋଳେ ଧରି ତୋତେ ମୁଁହି
ନାଚିବିରେ ଗୀତ ଗାଇ ।
ଜୀବନଟା ହେବ ଧନ୍ୟ
ଦୟାକର ନାରାୟଣ ।
ବିଶ୍ୱରୂପ ଦରଶନେ
ଆଶା ନାହିଁ ମୋର ମନେ ।
ବାଳକୃଷ୍ଣ ରୂପେ ଆସ
ମୋର କୋଳେ ଥରେ ବସ ।
ପୁରିଯିବ ମୋର ଆଶ
ଆହେ ପ୍ରଭୁ ବିଶ୍ୱବାସ ।

ଯାଜପୁର

ISSN NO.
2582-208X

# ମାଟିର ବାସ୍ନା



ଇଂ. ଆଶୋକ କୁମାର ପଟ୍ଟନାୟକ

ସଞ୍ଜ ନଇଁଲେ
ରାତିରୁ ଅନ୍ଧାର ଛଡେଇ ନେଇ
କଳା କଟ୍ ମିଟ୍ ରଙ୍ଗ ସବୁ ମାଖିହୁଏ ।
ମୁଁ ମୋ ଭିତରୁ ବାହାରି ଆସେ
ଉର୍ଦ୍ଧ ଉଡାଣ ଭରେ ମୋ ସ୍ୱପ୍ନ
ଆଙ୍କିବାକୁ ହଜିଥିବା
ପ୍ରଗତିର ପାଦ ଚହ୍ନ
ରାଜ ରାସ୍ତାରୁ ଲମ୍ବି ଯାଏ
କାଦୁଅ ପଚ୍ ପଚ୍
ମୋ କ୍ଷେତ ଯାଏଁ ।
ବାଟ ହୁଡ଼ିଥିବା ଦାଦନ୍
ଫେରିଆସେ ଗାଆଁ ମାଟିକୁ
ମାଟିମଗ୍ନା ପରିତୃପ୍ତିଟିଏ ହୋଇ
ଗାଁ ଘୁରିପାଖେ ଓଗାଳ ଥିବା
ସ୍ୱପ୍ନ ସବୁରେ ଆକର୍ଷିତ ସେ ।
ମାଆର ଛଳ ଛଳ ଆଖିର
ପେଜୁଆ ପରଳ ତଳେ
ଦେଖିପାରେ ଅକୁହା

ISSN NO.
2582-208X

ମନର କଥା, ପିଠିର ଯନ୍ତ୍ରଣା
ନବୁଜ୍ ପେଢ଼ିର ଭାଷା ।
ସ୍ୱାଧୀନ ଭାରତ ବର୍ଷର ଛବି
ମନ୍ତ୍ରାୟୀତ ମାଟିର ବାସ୍ନା
ବିମୋହିତ କରେ
ବାହୁଡ଼ା ମନରେ ବିଞ୍ଚିଦିଏ
ଜୀବନ ଜିଇଁବାର ବୀଜମାନ ।
ପିଢ଼ି ପରେ ପିଢ଼ି
ଯୁଗ ପରେ ଯୁଗ
ନଗିଡ଼ି ପଡୁଥିବା
ଲୁହର ସ୍ରୋତ ଧୀରେ ଧୀରେ ଥମିଯାଏ
କଅଁଳ ଉଠେ ହୃଦୟର ଗଛ ସବୁ ।
ଖଣି ଖାଦାନ, କଳ କାରଖାନା
କାରିଗରୀ ର ନପୁଣ ପଣ
ସୁନାର କ୍ଷେତ, ଶସ୍ୟ ଶ୍ୟାମଳା ରାଜି
ହାତ ମେଲି ଡାକେ
ଫେରିଆ ଫେରିଆ ସାଥୀ
ସାଇତା ଅନେକ ସ୍ୱପ୍ନରାଜି
ତୋ ପାଇଁ ଫୁଙ୍ଗୁଳା ଦେହେ
ଅପେକ୍ଷାରେ ମେଲିଛି ଛାତି
ରୋଇ ଦେ ସମ୍ଭାବନାର ବୀଜ
ହସି ଉଠୁ ବାସି ଉଠୁ
ମୋ ମାଟିର ସର୍ବସ୍ୱ ।

ଏମ୍ ଆଇ - ୨୬୩, କଳଙ୍ଗ ବିହାର, ଛେଣ୍ଡ ପେଜର - II
ରାଉରକେଲା - ୭୬୯୦୧୫ ସୁନ୍ଦରଗଡ଼, ଓଡ଼ିଶା ।
ମୋ -7008255509

ISSN NO.
2582-208X

# ଆଶିଷେ ହର ଦୁଃଖ ବିଡମ୍ବନା



ବିଶ୍ୱରଞ୍ଜନ ମହାନ୍ତ

ମାନେ ଜ୍ଞାନେ ଦୀନ ମାଗେ କରୁଣା
ଧନ ଜନ ଗୋପଲକ୍ଷ୍ମୀ ମାଗେନା
ନାହିଁ ତାଳ ଭ୍ଷା ଗୀତେ ଅଜଣା
କେମିତି କରନ୍ତୁ ଭ୍ବ ପ୍ରାର୍ଥନା
ମାଗେ କ୍ଷମା ଅନ୍ନପୂର୍ଣ୍ଣା ସଂପୂର୍ଣ୍ଣା ।

ଚନ୍ଦ୍ର ଅନୁରୂପେ କାନ୍ତ ଶୋଭିତା
ସାଗର ମନ୍ଥନୁ ରସମୟତା
ପାର୍ଶ୍ୱେ ସୂର୍ଯ୍ୟ ଚନ୍ଦ୍ର ପ୍ରଭ୍ ଶୂନ୍ୟତା
ଓଁକାର ପ୍ରଣବ କଣ୍ଠ ଭୂଷିତା
କ୍ଷୀରସାଗରେ ସ୍ଓ୍ୱସ୍ୱୟମ ସେବିକା ।

ପୁଣ୍ୟଗନ୍ଧା ତେଜଯୁକ୍ତ ଈଶ୍ୱରୀ
ପାରିଜାତ କଛି ଅଂଶେ ଉଧାରୀ
ମାଗନ୍ତୁ ଜ୍ୟୋତି ଦେବ ଅପସରୀ
କର ଯୋଡ଼ିଣ କରନ୍ତୁ ଗୁହାରି
ମାତା ଜୀବେ ଶକ୍ତ କଲ୍ୟାଣକାରୀ ।

ISSN NO.
2582-208X

ଅବିନାଶୀ ବୀଜ ମନ୍ତ୍ରେ ପୂଜିତା
ପୁଣ୍ୟେ ମୁନୀ ଋଷି ତୋର ଦୀକ୍ଷିତା
ସର୍ବଭୂତ ମୂଳେ ସୃଷ୍ଟି ପାଳିତା
ସତ୍ୱ ରଜ ତମ ତୋ ମାୟା ଲତା
ଆଦିମାତା ସ୍ୱୟଂ ସଦା ପବିତ୍ରା ।

ମାଗେ ଭକ୍ତ ବୁଦ୍ଧି ବୃତ୍ତି କରୁଣା
ଦୃଢ଼ ନିଷ୍ଠା ଦେଖି ଶୁଣୁ ପ୍ରାର୍ଥନା
ତିଳେ କୃପା ବଳେ ଭାବ ଖୋଳଣା
ପ୍ରସ୍ତର ଜଡ଼େ ସଞ୍ଚାରୁ ଚେତନା
ଆଶିଷେ ହର ଦୁଃଖ ବିଡ଼ମ୍ବନା ।

((()))

ISSN NO.
2582-208X

# ଜୀବନର ଲକ୍ଷ୍ୟ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଭାରତୀୟ ଦର୍ଶନ କହେ- ଜନ୍ମ ମୃତ୍ୟୁର ସୀମିତ ପରିଧି ଭିତରେ ଜୀବନକୁ ଖୋଜାଯାଏନି। ମୃତ୍ୟୁ ପାଖରେ ଅଟକି ଯାଏନି ଜୀବନ । ନୂଆ ଶରୀରରେ ପ୍ରାଣପକ୍ଷୀ ନୂଆ ଅଭିନୟ ପାଇଁ ସଜବାଜ ହୁଏ । ପ୍ରକୃତ ପକ୍ଷେ କହିବାକୁ ଗଲେ ଜୀବନ ହେଉଛି ବହୁ ବିରୋଧାତ୍ମକ ଇତିବୃତ୍ତିର ସମାହାର । କେତେବେଳେ ଦୟା, କ୍ଷମାର ପ୍ରତିଭୂ ତ ଅନ୍ୟ କେତେବେଳେ ସେ ଶୁଦ୍ଧ ପବିତ୍ର ତପସ୍ୱୀ ରୂପରେ ମହିମାନ୍ୱିତ । ମନେହୁଏ ସବୁ ଯେମିତି ଜନ୍ମ ଜନ୍ମାନ୍ତରର କର୍ମଫଳ । ଇହକାଳ ଓ ପରକାଳର ସମାହାରରେ ସମୟ ଗଡ଼ିଚାଲେ ମହାକାଳ ଦିଗକୁ । ସୁଖ ଦୁଃଖର ପରିସରରେ ଅଶ୍ରୁ ଓ ଆନନ୍ଦକୁ ଏକାକାର କରି ମନକୁ ପ୍ରବୋଧିବାକୁ ପଡ଼େ। କାରଣ ବିଶ୍ୱାସର ବିଶ୍ୱରେ କାଳକାଟେ ମଣିଷ । ଯେଉଁଠି କେତେବେଳେ ସେ ସୁଅ ମୁହଁର ପତର ତ ପୁଣି କେତେବେଳେ ଅତଳ ମହାମେରୁର ଇତିବୃତ୍ତି । ସମୟର ଧାରାରେ ଏଭଳି ବହୁ ଅନୁଭୂତି ସହ ସଂଯୋଜିତ ହୁଏ ମଣିଷ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ସମ୍ଭାବନା ଓ ଆଶ୍ୱାସନାରେ ଗଡ଼ି ଚାଲେ ଜୀବନ । ସତ ମିଛର ଦୋଛକିରେ ଉଦ୍‌ଭ୍ରାନ୍ତ ହୁଏ ମଣିଷ । ବସ୍ତୁତଃ କହିବାକୁ ଗଲେ ସତ ମିଛର ପ୍ରହେଳିକା ଭିତରେ ନିତ୍ୟ ସନ୍ତୁଳିତ ଏ ମଣିଷ ବୁଝେନାହିଁ ଯେ, ସେ ପରମାତ୍ମାର ଏକ ଅଂଶ । ଏ ଜୀବାତ୍ମା ସର୍ବଦା ପରମାତ୍ମା ସହ ମିଳିତ ହେବା ଲକ୍ଷ୍ୟ ରଖି କାଳ ଅତିବାହିତ କରିଥାଏ । କାଳ ହାତରେ ସେ ଏକ ଖେଳନା ମାତ୍ର। ତାହାରି ନିର୍ଦ୍ଦେଶରେ ହିଁ ଘଟିଥାଏ ସମକାଳ ତଥା କାଳକାଳର ଘଟଣା । କାରଣ ଏ ଧରା

ISSN NO.
2582-208X

ବକ୍ଷରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା; କେବଳ ଜୀବନ ନୁହେଁ । ତେଣୁ ତ କୁହାଯାଇଛି- ମୃତ୍ୟୁ ହେଉଛି ନବଜନ୍ମର ପ୍ରବେଶ ଦ୍ୱାର । ବାରମ୍ବାର ଜନ୍ମ ନେବା ଭିତରେ ଅସରନ୍ତି ମୋହ ଓ କୋହକୁ ନେଇ ସନ୍ତୁଳିତ ଏ ଆତ୍ମା କିନ୍ତୁ ନିତ୍ୟ ଖୋଜେ ପରମାତ୍ମାର ପରଶ । କାରଣ ଏ ମରଣଶୀଳ ମର୍ତ୍ତ୍ୟରେ ସବୁ ମଣିଷ ସଚେତନ ଆପଣାର ଅନ୍ତିମ ପରିଣତି ସଂପର୍କରେ । ପାଦେ ପାଦେ ଜୀବନର ଗୋଟିଏ ଗୋଟିଏ ପାହାଚ ଅତିକ୍ରମ କଲାବେଳେ ଅନୁଭବ କରିହୁଏ; ରକ୍ତମାଂସର ଏ ପଞ୍ଜୁରୀ ଘେରା ମରଶରୀରକୁତ୍ୟାଗ କରିବାକୁ ପଡ଼ିବ।

ପରିଶେଷରେ କେବଳ ଏତିକି କହିବି - ସତ୍ୟ ସବୁବେଳେ ସତ୍ୟ । ଏହା ଆପେକ୍ଷିକ ନୁହେଁ । ବସ୍ତୁତଃ ଯାହା ସତ୍ୟ ତାହା ସବୁ ମଣିଷ ପାଇଁ, ସବୁ କାଳ ପାଇଁ ହିଁ ସତ୍ୟ । ଜନ୍ମ ଓ ମୃତ୍ୟୁ ମଧ୍ୟ ସେହିଭଳି ଏକ ମହାସତ୍ୟ । ଯାହାକୁ ଶକ୍ତି ଭାବରେ ଗ୍ରହଣ କରାଯାଇଛି। ଏହି ବିପରୀତାଭିମୁଖୀ ଦୁଇ ଶକ୍ତିରୁ ତୃତୀୟ ମହାସତ୍ୟଟିଏ ଜନ୍ମନିଏ; ତାହା ହେଉଛି ଜୀବନ । ଜନ୍ମ-ଜୀବନ-ମୃତ୍ୟୁ ଏହି ତିନୋଟି ମହାସତ୍ୟର ଯାତ୍ରା ଆରମ୍ଭ ହୋଇଥାଏ ପ୍ରାରବ୍ଧକୁ ଆଧାର କରି । କିନ୍ତୁ ଏ ସତ୍ୟକୁ ମଣିଷ ବୁଝିନପାରି ଭ୍ରମ ମଧ୍ୟରେ କାଳ କାଟେ, ଏବଂ ସତ୍ୟ ପାଖରେ ପହଞ୍ଚିଲା ବେଳକୁ ସରିଯାଇଥାଏ ଜୀବନ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୨

ISSN NO.
2582-208X



# ମୁଁ ନାରୀ ଟିଏ



ଝରଣା ବାରିକ

ମୁଁ ଚାହେଁ କାନ୍ଦିବାକୁ
କିନ୍ତୁ ଲୁହ ଆସେନା
ଆସେ ଯଦି କେବଳ କୋହ
ସେ ପୁଣି ଛାତିତଳେ
ରହିଯାଏ,
ନାଁ ଦେଖି ହୁଏ
ନାଁ ଦେଖେଇ ହୁଏ ।

ମୁଁ ଚାହେଁ ହସିବାକୁ
ବିନା କାରଣରେ
ଓଠ ଚାପି ନୁହେଁ
ମନ ଖୋଲି
ହେଲେ ପାରେନା
ହସ ଆସିବା ପୂର୍ବରୁ
ହଜିଯାଏ,
ମନର କେଉଁ ଏକ
ଅଦୃଶ୍ୟ କୋଣରେ ।

ISSN NO.
2582-208X

ମୁଁ  ଚାହେଁ ଲଢିବାକୁ
ବିନା ଅସ୍ତ୍ରରେ
କାହା ସହିତ
କେଉଁ ପ୍ରତିଦ୍ୱନ୍ଦି ସହିତ,
ନାଁ ଜୀବନ ଯୁଦ୍ଧରେ
ମରିବା ଯାଏ,
ମନକୁ ଦୃଢ଼ କରି
ନିଜେ ହାରିବା ଯାଏ ।

ମୁଁ ଭାଙ୍ଗି ବାକୁ ଚାହେଁ
ନଇଁ  ବାକୁ ନୁହେଁ
ମୋ ସାମ୍ନା ରେ ଥିବା
ମିଛ ଖୋଳପା
ଭିତରେ ଥିବା
ଚେହେରା ଆଗରେ ନୁହେଁ
ମୋ ବିବେକ
ଆଉ ମୋ ସଚୋଟ
ପଣିଆ ଆଗରେ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ଜଗତ ସାଇଁ



ସତ୍ୟନାରାୟଣ ପ୍ରସାଦ ନାୟକ

ମହୋଦଧି କୂଳେ  ବସି ନୀଳାଚଳେ
ପୂଜା ପାଉଛନ୍ତି   ଜଗତ ସାଇଁ ।
ଏମିତି ଠାକୁର ଦୟାର ସାଗର
ଏଇ ଦୁନିଆଁ ରେ କେଉଁଠି ନାହିଁ ।

ଜଗବନ୍ଧୁ ତୁମେ ଜଗତସାଇଁ
ନୀଳସିନ୍ଧୁ ତୀରେ ରହିଛ ଚାହିଁ,
କିଭଳି ପୂଜିବି ହୃଦୟ ମନ୍ଦିରେ
ମହାପ୍ରଭୁ ମୋତେ ଦିଅ ବତେଇ ।

ସମ୍ମୋହନ ବଂଶୀ ହାତରେ ଧରି
ଫୁଙ୍କି ଦିଅ ଟିକେ ହେ ଗିରିଧାରୀ,
ଯେଉଁ ସ୍ୱର ଶୁଣି  ଗୋପପୁର ନାରୀ
ଧାଇଁ ଆସୁଥିଲେ କଳସୀ ଧରି ।

ISSN NO.
2582-208X

ଅପାର ଅଟଇ ତୁମ ମହିମା
ଥଳକୂଳ ପାଏ ନାହିଁ ମୁଁ ଜମା
ରଙ୍ଗ ଅଧରକୁ ନିତି ଦେଖୁ ଥିବି
ଗୁହାରି କରୁଛି ଆହେ ମଣିମା ।

ସନାତନ ତୁମେ ନିତ୍ୟ ନୂତନ
ଆଦି ଅନ୍ତ ନାହିଁ ହେ ନିରଞ୍ଜନ,
ତୁମରି କରୁଣା କରିବନି ଊଣା
ପଦାରବିନ୍ଦରେ ଥାଉ ମୋ ଧ୍ୟାନ ।

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ଷଡ ଋତୁ ଷଡ଼ ଭଉଣୀ



ଅଧ୍ୟାପକ ଅବିନାଶ ବାରିକ୍

ଅବତରନ୍ତି ଅବନୀ ଜ୍ୟେଷ୍ଠା ଶ୍ରେଷ୍ଠା ।

ତନ୍ମଧ୍ୟରୁ ଗ୍ରୀଷମତି ଶୁଷ୍କ କରାଇ ଧରଣୀ ।୧।

ବରଷା ତାହାର କନିଷ୍ଠା ଭଗିନୀ ଆଖିରୁ ଝରା ଏ ପାଣି ।

ଶରତ ଆସଇ ତଥିପରେ ପୁଣି ଶୋଭିତ ଧରଣୀ ରାଣୀ ।୨।

ହେମନ୍ତ ଆସଇ ତା ସାନ ଭଉଣୀ ଶିଶିର କନିକା ଘେନି।

ତଥିପରେ ଶୀତ ହୁଅଇ ଆଗତ ଦେହ ଥରାଇନ ପୁଣି।୩।

ବସନ୍ତ ଆସଇ ଶୀତ ପରେ ପରେ ସେତ କୁସୁମ ବର୍ଷନି ।

ସର୍ବ କନିଷ୍ଠା ସେ ବଡ଼ ଅଲିଅଳି ସୁଖ ସନ୍ତୋଷର ଖଣି ।୪।

ଭାରତୀୟ ଡାକ ସେବା ବିଭାଗ
ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ମୁଁ ହେତୁବାଦୀ କହୁଛି



ବିଜୟ କୁମାର ସାହୁ

ହେ ଜଗନ୍ନାଥ ! ମୁଁ ବିଜ୍ଞାନର କଥା କହୁଛି । ତୁମକୁ ଗାଳି ଦେବାକୁ ଇଚ୍ଛା ହେଉଛି କିନ୍ତୁ ତାହା ମୁଁ କରିପାରିବି ନାହିଁ, କାରଣ ତୁ ପରା ସର୍ବେଶ୍ୱର । ଯେ଼ ତିନିଲୋକରେ ତୁ ହେଉଅଛୁ ଏକଛତ୍ରବାଦୀ ସମ୍ରାଟ ମୁଁ ତୋତେ ବିଜ୍ଞାନ ପାଠ ପଢାଇଲେ କି ଗାଳିଦେଲେ ତୁ ତୋର ଚାକର ବାକର (ଯମଦୂତ ଗଣ) ମାନଙ୍କୁ ମୋ ପଛରେ ଲଗାଇ ନର୍କରେ ନିକ୍ଷେପ କରିଦେବୁନା । ଏଣୁ ସେ ବାଟ ମୋର ବନ୍ଦ । ତୋତେ ବି ଭକ୍ତି କରିପାରିବି ନାହିଁ କାରଣ ମୋ ବୋପା ମୋତେ ବିଜ୍ଞାନ ପାଠ ପଢାଇଛି । ମୁଁ ତୋର ଅସ୍ତିତ୍ୱକୁ ବିଜ୍ଞାନର ଗବେଷଣାଗାରରେ ପରୀକ୍ଷା କରୁଅଛି । ମୁଁ ଜଣେ ପ୍ରଫେସର ମୋ ମସ୍ତକର ଚୁଟି ଶୁଭ୍ର ହୋଇଗଲାଣି, ବୁଦ୍ଧି ମୋର ପାକଳ ହୋଇଗଲାଣି ଏଣୁ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ସମୟରେ କେତେଜଣ ମଣିଷ ବନାମ ଅମଣିଷ ମାନଙ୍କୁ ନେଇ ଚିକେନ ଖାଇଲି, ମିଡିଆ ଆମର ଏତାଦୃଶ କାରନାମାକୁ ପ୍ରସାରଣ ବି କଲା । ମୁଁ ଛାତି ଫୁଲାଇ ଭୁବନେଶ୍ୱର ରାଜ ରାସ୍ତାରେ  ଚାଲିଲି । ହେ ଜଗନ୍ନାଥ ! ମୁଁ ତ ତୋ ପାଖକୁ କେବେ ଯାଇନାହିଁ ଯିବାର ବି କାମନା ନାହିଁ  । କାରଣ ମୁଁ ଜଣେ ପ୍ରଚଣ୍ଡ ହେତୁବାଦୀ । ମୁଁ ଧର୍ମ ଠାକୁର ଫାକୁର କିଛି ମାନେ ନାହିଁ । କୁଆଡେ ଶୁଣିଛି ତୁ ପୁରୀ ସହରର କେଉଁ ଏକ ମନ୍ଦିରର ରତ୍ନ ସିଂହାସନ ଉପରେ ବସି ସିଂହାବଲୋକନ ଠାଣିରେ ବସି ଦୈନିକ ଛପନ ପ୍ରକାର ବ୍ୟଞ୍ଜନ ଆସ୍ୱାଦନ କରୁଅଛୁ । ତୋର ବଡ ବଡ ଆଖି ବିଚିତ୍ର ତୋର ଠାଣି । ତୁ ପରା ବିଚିତ୍ର ଦେବତା । ଦେବତା ନୁହଁ ତ ଆଦିଦେବତା ଅର୍ଥାତ ବ୍ରହ୍ମ । ତୋର ନା ମୋହ ଅଛି ନା ଲୋଭ ଅଛି ନା ତୋର କିଏ ପ୍ରିୟ ଅଛି । ଶୁଣିଛି ରାଧା ବୋଲି ଜଣେ କୁଆଁରୀ କନ୍ୟା ତୋର ପ୍ରେମିକା । ରାଧା ସେଦିନ ତୋତେ ଗୋଟାପଣେ ନିଜର କରିନେଇ କହିଲା – କାହ୍ନାରେ ମୋ ପରି ଆଉ

ISSN NO.
2582-208X

କିଏ ତୋର ପ୍ରିୟତମା ଅଛି ? କେହି ନାହିଁ ଏକମାତ୍ର ମୁଁ ତୋର ପ୍ରେମିକା ଏବଂ ତୁ ମୋର ପ୍ରେମିକ । ନା କ'ଣ କହୁଛୁ କାହ୍ନା ? ଅବଶ୍ୟ ତୋ ଅଧରରେ ବଂଶୀଟା ଲାଖିରହିଛି । ସେ ତ ନିର୍ଜୀବ କିନ୍ତୁ ମୁଁ ଚେତନଗ୍ରସ୍ତ କୁଆଁରୀ ଝିଅଟା । ମୋ କଥାରେ ସେଦିନ ତୁ ହସିଦେଇଥିଲୁ ଏବଂ କହିଲୁ ରାଧିକେ ! ତୋ ବ୍ୟତୀତ ମୋର ଅନେକ ନିଜର ଅଛନ୍ତି ମୋ ପିତା ନନ୍ଦ ଓ  ବସୁଦେବ ମୋ ମାତା ଯଶୋଦା ଏବଂ ଦେବକୀ ତଥା ଗୋପ ବାଳକ ଏବଂ ଗୋପ ନଗରୀର ସମସ୍ତ ଧେନୁପଲ । ଲଳିତା ବିଶାଖା ସୁଭଦ୍ରା ପରି ଅନେକ ସୁନ୍ଦରୀ ଝିଅ ବି ମୋର ପ୍ରେମିକା ଅଟନ୍ତି । ରାଧା ମନ ସେଦିନ ମରିଯାଇଥିଲା । ଆଖିରେ ଆଖିଏ ଲୁହ। ବିଚାରୀଟା ଯେ କଥା ଶୁଣିଲା ପରେ ଭୋଅ ଭୋଅ ହୋଇ କାନ୍ଦିଲା । ଅପ୍ରସ୍ତୁତ ରାଧାର ଅନୁତପ୍ତ ଲୁହଭରା ଆଖିର ଭାଷାକୁ କାହ୍ନା ପଢିପକେଇଲେ ।

ସଙ୍ଗେ ସଙ୍ଗେ ବାଁରେଇ କଥାଟାକୁ ହାଲୁକା କରିବାକୁ ଯାଇ କହିଲେ ପ୍ରିୟେ ! ରାଧିକେ ! ମନ ଊଣା କଲକି ? ମୁଁ ତୁମକୁ ଚିଡାଇବାକୁ ଯାଇ ଏପରି କହିଦେଲି ନା । ହେଇ ଦେଖୁନ ବିଶାଖା, ସୁଭଦ୍ରା, ଲଳିତାକୁ । ହଁ ଠିକ ଭଲ ଭାବରେ ଦେଖ ସେମାନେ କିଏ ? ରାଧା ଦେଖିବାକୁ ଲାଗିଲେ ଆରେ ଏମାନେ ସମସ୍ତେ ରାଧା । କାଇଁ ମୁଁ  ତ ଏଇ ସାମାନ୍ୟ ସମୟ ପୂର୍ବରୁ ଯେଉଁମାନଙ୍କୁ ଦେଖିଥିଲି ସେମାନେ ଗଲେ କୁଆଡେ ? ସେ ସ୍ଥିରବୁଦ୍ଧି ସମ୍ପନ୍ନା ହୋଇ ଯାଇ କୃଷ୍ଣଙ୍କ ବକ୍ଷରେ ଆଉଜି ହୋଇଗଲେ । ଷୋଳସହସ୍ର ଗୋପୀ ମାନଙ୍କ ମଧ୍ୟରେ ନିଜକୁ ଷୋଳସହସ୍ର କୃଷ୍ଣରେ ପରିଣତ କରିବା ବାଲା ଭଗବାନଙ୍କୁ ମୁଁ ହେତୁବାଦୀ କଉ ବିଜ୍ଞାନରେ ବୁଝିବି । ରେ କାହ୍ନା ! ତୋର ସର୍ବବ୍ୟାପକତା ତୋର ମଧୁରତା ତୋର ବୈଜ୍ଞାନିକ ସିଦ୍ଧାନ୍ତକୁ ମୁଁ ପାଚିଲା ବାଳିଆ ରଥ ହେଉ କି ଆଉ କେହି ହେତୁବାଦୀ ହେଉ କିପରି ବୁଝିବୁଯେ ?

ମୁଁ ରାକ୍ଷସ ହେତୁବାଦୀ ମୋ ବୁଦ୍ଧି ଓ ତର୍କ ଦ୍ୱାରା ତୋତେ ମାପ କରୁଛି ଯାହା । ନଚେତ ସେଦିନ ସୂର୍ଯ୍ୟ ପରାଗରେ ଜୀବ ହତ୍ୟା କରି ବିରିୟାନୀ ଭକ୍ଷଣ କରିନଥାନ୍ତି ଏବଂ ତୋତେ ତିରସ୍କାର କରିବା ସଙ୍ଗେ ସଙ୍ଗେ ତୋର ଚଉଦ ପୁରୁଷ ଓଗାଳିନଥାନ୍ତି ।  ତୁ ତ ମୋର କିଛି କରିପାରିଲୁ ନାହିଁ ବରଂ ତୋର ଚାମଚାଗିରି କରୁଥିବା ହିନ୍ଦୁ ସନାତନ ଧର୍ମାବଲମ୍ବୀ କେତେଜଣ ବିଦ୍ରୋହ କଲେ । ସେ ସବୁ ମୋତେ କିଛି ଫରକ  ପଡୁନାହିଁ । କେତେକ ମୋତେ ସମାଲୋଚନା କରି କହିଲେ ଯେ ବୁଢାଟା ପାଗଳ ହୋଇଗଲାଣି, ତାକୁ ରୋଗ

ISSN NO.
2582-208X

(ଅଜ୍ଞାନ ଓ ମୋହ) ଗ୍ରାସ କଲାଣି । ସେ କେତେଦିନ ବଞ୍ଚିବ ଯେ । ମୁଁ ଏବେ ବି ମୋ ମତରେ ଅବିଚଳ । ମୋର ବିଜ୍ଞାନ ଗତ ଶିକ୍ଷା ଦ୍ୱାରା ତୋତେ ମୁଁ ପରାସ୍ତ କରିଦେବି, ତୋର ଅସ୍ତିତ୍ୱକୁ ମୋ ବିଜ୍ଞାନ ଗବେଷଣାଗାରରେ ପରୀକ୍ଷା ନିରୀକ୍ଷା କରିବି । ଦେଖାଯାଉ ତୁ ମୋର କଣ କରିବୁ । ଅପେକ୍ଷାରେ ରହିଲି । କେହି କେହି କହୁଅଛନ୍ତି ଏ ଶଳା ବୁଢାଠାରୁ ଧର୍ମ ଛାଡିଲାଣି । ବିନାଶ କାଳେ ବିପରୀତ ବୁଦ୍ଧି ।

ବିଜିଗୋଳ, ଏନ ଟି ପିସି, ଅନୁଗୋଳ
ମୋ - ୮୭୬୩୧୪୮୭୨୩

ISSN NO.
2582-208X

# ପ୍ରଣୟିନୀ ନିରିମାଖି

ବେଣୁଧର ସୂତାର

ପ୍ରୀତି ପୁଲକର ଲହରି ଛନ୍ଦେ
ଚୋରା ଚଇତାଳି ମଳୟ ଗନ୍ଧେ
ଯାଦୁର ଚମକ ମାଖି
ନୟନ ତୀରେ ମୋ କୁହୁକ ଚିତ୍ର
ପ୍ରୀତି ସମ୍ମୋହନେ ଶିହରେ ଗାତ୍ର
ସପନ ଭରା ଏ ଆଖି ।।
ନୀଳ ଆକାଶର ଜ୍ୟୋତ୍ସ୍ନା ଲହରି
ମଲ୍ଲୀକା ମହଲ ସୁରଭି ହରି
ବୟସୀ ଜୋଛନା ରାତି
ଉତ୍ତାଳ ମୋର ଏ ମାନସ ପଟେ
ପୁଲକିତ ତନୁ ଚହଲି ଉଠେ
ରଙ୍ଗିଲା ଫଗୁଣ ପ୍ରୀତି ।।
ଗୋଧୂଳି ରଙ୍ଗର ଗୋଲାପୀ ଓଠେ
ମିଠା ସପନର ତଟିନୀ ତଟେ
ପ୍ରୀତିଫୁଲ ଚାରୁ ହସେ
ଚହଲାଇ ଦିଏ ତାରୁଣ୍ୟ ମନ
ମାତବରୀ ଏଇ ଚାରୁ ସପନ
କଳ୍ପିତ ପ୍ରଣୟ ରାସେ ।।
ଅନୁଢା ବୟସ ଅଳସ ଆଖି
ପ୍ରଣୟର ଭାଷା ଦେଉଛି ଲେଖି
ନୀଳରାତି ନୀଳ ପ୍ରୀତି
ରୂପ ମାଧୁରୀ ମୁଁ ରମଣୀ ରମ୍ୟା

ISSN NO.
2582-208X

ଲଳିତ ଲଲାମ ତନୁଶ୍ରୀ ସୌମ୍ୟା
ନିଶିଥର  ଫୁଲମତୀ ।।
ଅମୃତ ପ୍ରେମର ବିମୁଗ୍ଧ ଧାରା
ଅନୁରାଗ ବୋଳା ପ୍ରୀତିପସରା
ପ୍ରୀତିମୟ ସୁଧା ପାତ୍ରେ
ପ୍ରେମ ପ୍ରତିଶ୍ରୁତି ପ୍ରଣୟ ଗୀତି
ମଧୁ ଯୌବନର ମୋହନ ସ୍ମୃତି
ମୋ ହୃଦୟ ମାନଚିତ୍ରେ ।।
ପ୍ରୀତି ବିଭାବରୀ ଜୋଛନା ଫାଙ୍କେ
ପ୍ରେମ ପ୍ରଣୟର ସପନ ଆଙ୍କେ
ଉନ୍ମାଦନା ଭରେ ଅଙ୍ଗେ
ରୋମାଞ୍ଚିତ ତନୁ ତନ୍ମୟ ମନ
ପ୍ରୀତ ଅନୁରଗୀ ନବ ଯୌବନ
ନବ ଅଭିସାର ରଙ୍ଗେ ।।
ଆସ ପ୍ରିୟତମ  ଲୋଡ଼ଇ ଦାସୀ
ପ୍ରୀତିମୟ ହେଉ ନିବିଡ଼ ନିଶି
ପବିତ୍ର ବନ୍ଧନ ସାକ୍ଷୀ
ପ୍ରୀତିମଧୁ ଢାଳି ଅଧର ପାତ୍ରେ
ସପନେ ଝୁମିବା ନିଝୁମ୍ ରାତ୍ରେ
ମୁଁ ପ୍ରଣୟିନୀ ନିରିମାଖି ।।
ସପନ କୁମାର ଆସ ମୋ ଆସ
ସପନେ ରଚିବା  ଅମିୟ ରାସ
ଯାମିନୀ  ଯାଉଛି ସରି
ଗୋପନ ପ୍ରୀତିର ସୁହାଗ ରାତି
ପ୍ରୀତିରେ ଲେଖିବା ମଧୁର ସ୍ମୃତି
ସାଜିବି ମୁଁ ଅଭିସାରୀ ।।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ମାନବ



ପ୍ରକାଶ ଚନ୍ଦ୍ର ପଣ୍ଡା

ହେ ମାନବ ତୋର ସୃଷ୍ଟି କିଏ କଲା
କେଉଁ ଉଦ୍ଦେଶ୍ୟ ନେଇ
ଧନ୍ୟ ସେ ବିଧାତା ଶତ ଚେଷ୍ଟା ତାର
ତୋ ପରି ସୃଷ୍ଟି ପାଇଁ ।
କେଉଁ ମହତର ଭାବନା ନେଇ ସେ
ପୃଥିବୀକୁ ଆଣିଥିଲା
ନିଜ ହାତେ ଇଜ ଜିହ୍ବା ଛେଦି ଆଜି
କି ଲାଭ ଅବା ପାଇଲା ।
ଧନ୍ୟରେ ଅଧମ ନରାଧମ ସାଜି
ନିଜକୁ କରୁଛୁ ଧ୍ୱଂସ
ତୋପରି ମୁରୁଖ କିଏ ଆଉ ଅଛି
ନିଜକୁ କରେଯେ ନାଶ ।
ଲିଳାମୟ ପ୍ରଭୁ ବିଚିତ୍ର ତା ଲିଳା
ବୁଝିବା କଷ୍ଟ ତୋପାଇଁ
ଆଦ୍ୟ ସେଇଠାରୁ ଅନ୍ତ ବି ସେଇଠି
ସବୁରି ମୂଳରେ ସେଇ ।

ମୁଁ ମୁଁ ବୋଲି ଯାହା ତୁ ଭାବୁଛୁ
ସେସବୁ ତାହାରି ଇଚ୍ଛା
ତାହାରି ଆଜ୍ଞାରେ ଚାଲେ ଏ ଜଗତ
ଏକଥା ମନେ ରଖିଥା ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ନଇତି ତା ଶୁଭ ମନାସି



ରାଜକିଶୋର ସାଇଁ

ଦେବଭୂମି ଆମ ଦେଶ ପବିତ୍ର ଭାରତବର୍ଷ
ରଖିବା ଆମେ ତାହାର ମାନ ମହତ
ସର୍ବେ ହୋଇ ଏକମନ କରିବା ତା ଜୟଗାନ
ଦେବାନି ରେ ତା ମନରେ କେବେ ଆଘାତ
ତା ପାଦରେ ପାଦ ମିଶାଇ
ଟାଣିବା ପ୍ରଗତି ରଥ ଏକାଠି ହୋଇ ।୧।

ଏ ଦେଶେ ହୋଇଲେ ଜାତ ସୁକବି ରବୀନ୍ଦ୍ରନାଥ
ସତ୍ୟର ପୂଜାରୀ ଆଉ ଶାନ୍ତିର ଦୂତ
ସେବା ତ୍ୟାଗର ଯେ ସିନ୍ଧୁ ପୁଣ୍ୟଶ୍ଳୋକ ଗୋପବନ୍ଧୁ
ନେତାଜୀଙ୍କ ସମ କେତେ ଦେଶ ଭକତ
ଭାରତ ରତନ କାଲାମ
ଶ୍ରଦ୍ଧାରେ ପାଳିବା ତାଙ୍କ ନୀତି ନିୟମ ।୨।

ପ୍ରଦୂଷଣର ରାକ୍ଷସ ଗ୍ରାସେ ଆମ ପରିବେଶ
ମାନବ ସଭ୍ୟତା ପାଇଁ ଡାକେ ବିନାଶ
ବୃକ୍ଷ ଆମର ଜୀବନ କରିବା ଚାରା ରୋପଣ
ପ୍ରଦୂଷଣ ମୁକ୍ତ ହେବ ଆମ ଏ ଦେଶ

ISSN NO.
2582-208X

ସବୁରି ଏକଇ ନିଦାନ
ଏ ଜୀବ ଜଗତ ପାଇଁ ବନୀକରଣ ।୩।

ନାରୀଙ୍କୁ ଦେବା ସମ୍ମାନ ରଖିବା ତାଙ୍କର ମାନ
ଭୁଲିବାନି କେବେ ଆମେ ଆମ ସଂସ୍କୃତି
ଭଗବତ ଚେତନାର କରିବା ଆମେ ଆଦର
ନୀତି ନୈତିକତାର ଏ ଅସଲ ଭିତ୍ତି
ମନରେ କରିବା ଚିନ୍ତନ
ବିଜ୍ଞାନ ସାଥେ ବିଭୁଙ୍କୁ ପ୍ରତ୍ୟେକ ଦିନ ।୪।

ଜନମ ଭୂଇଁ ସୁରକ୍ଷା ଏ ହେଉ ଆମର ଦୀକ୍ଷା
ଭଲ ପାଇବା ମାଆକୁ ଜୀବନ ଦେଇ
ସାଜି ଦଧିଚି ମହର୍ଷି ପ୍ରାଣ ଦେବା ହସିହସି
ତା ସେବାରେ ଆମେ ସବୁ ଭଉଣୀ ଭାଇ
ନିଇତି ତା ଶୁଭ ମନାସି
ତା ପାଦ ପୂଜିବା ସର୍ବେ ହେ ଦେଶବାସୀ ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୨୮ ଦୃଶ୍ୟ ।।

(୪ ଦୃଶ୍ୟର ପ୍ରତ୍ୟବର୍ତ୍ତନ ଅଂଶ: ପୂର୍ବର ଅବତାର ହନୁମାନ ଏବଂ ଦଶରଥ ସିଂହଙ୍କର କଥୋପକଥନ)

ହନୁମାନ- ଏହାପରେ ଆପଣଙ୍କ ଜୀବନ କାହାଣୀର ଅବଶେଷ କନହେବ ମୋତେ ଜଣା ନାହିଁ, ତେବେ ଏତକ ଜାଣିଛି ରାମାୟଣ ରେ ସଂଶ୍ଳିଷ୍ଟ ସମସ୍ତ ପାତ୍ର ଏବେସୁଦ୍ଧା ସୁରକ୍ଷିତ ଅଛନ୍ତି ।

ଦଶ- ଆପଣ ଅବତାର ପୁରୁଷ ଭଗବାନ ଶ୍ରୀରାମଙ୍କର ଅନନ୍ୟ ଭକ୍ତ। ଏବେସୁଦ୍ଧା ମୁଁ ବିଶ୍ୱାସ କରି ପାରୁନି ଆପଣ ସ୍ୱୟଂ ଅବତାର ନା ଆଉ କିଏ? ମୋ ଭଳି ଜଣେ ଅକିଞ୍ଚନକୁ ରକ୍ଷା କରିବାରେ ଆପଣଙ୍କର ସହାୟତାକୁ ମୁଁ ଆଦୌ ଭୁଲି ପାରିବି ନାହିଁ ।

ହନୁ- ଦୁନିଆରେ କେବେ କେବେ ଏମିତି ବିପତ୍ତି ପଡେ ଯାହାକୁ ସାଧାରଣ ମାନବ ସମାଧାନ କରି ପାରନ୍ତି ନାହିଁ। ପୁଣି କେବେ ଅନ୍ୟାୟ, ଅତ୍ୟାଚାର, ହିଂସାତ୍ମକ କାର୍ଯ୍ୟ କଳାପ ସୀମା ଲଙ୍ଘି ଯାଏ ସେସବୁ ପରିସ୍ଥିତିରେ ସ୍ୱୟଂ ଭଗବାନ ହୁଅନ୍ତୁ କି ତାଙ୍କ ଭକ୍ତ ହୁଅନ୍ତୁ ସମାଧାନର ମାର୍ଗ ପ୍ରଶସ୍ତ କରିବାକୁ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ହୋଇଥା'ନ୍ତି। ଆପଣ ସେଇ ସ୍ଥିତି ମଧ୍ୟରେ ପରିସ୍ଥିତିର ଶିକାର ହୋଇଥିବା ଜଣେ ମାନବ। ମାନବ ଧର୍ମ

ISSN NO.
2582-208X

ରକ୍ଷା ନିମନ୍ତେ ଆପଣଙ୍କୁ ସହାୟତା କରିବା ମୋ ପାଇଁ ଉଚିତ ଥିଲା। ଏହାପରେ ଆପଣଙ୍କ ସ୍ଥିତି କଣ ହେବ ମୁଁ କହିପାରିବି ନାହିଁ, ତେବେ ଯେତେଦିନ ଆପଣ ଏ ସଂସାରରେ ଅଛନ୍ତି ମୁଁ ଆପଣଙ୍କ ପଛେ ପଛେ ଥିବି ।

ଦଶ- ଦୀର୍ଘ ୧୦ ବର୍ଷ କଷଣ ସହି ସହି ବଞ୍ଚି ରହିଥିବା ଦଶରଥ ସିଂହ ପାଇଁ ପରିସ୍ଥିତି ସହ ମୁକାବିଲା କରିବାକୁ ଭୟ ନାହିଁ। ହେଲେ ମୋ ରମଣ ପାଇଁ ମୁଁ ଯେଉଁ ଅନ୍ୟାୟ କରିଛି ସେଥିପାଇଁ ମୋତେ କୋଠର ଦଣ୍ଡ ମିଳିବା ଆବଶ୍ୟକ ।

ହନୁ- ଆପଣଙ୍କ କର୍ମ ଅନୁସାରେ ଆପଣ ୧୦ ବର୍ଷ ଧରି ଦଣ୍ଡିତ ହୋଇ ସାରିଲେଣି। ଆପଣଙ୍କୁ ମୁଁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଦେଇଛି। ଏବେ ଆପଣଙ୍କ ଜୀବନ ନାଟକର ମୋଡ଼ ବଦଳିବ ନିଶ୍ଚୟ। ମୋତେ ଏଥର ବିଦାୟ ଦିଅନ୍ତୁ। ଜୟ ଶ୍ରୀରାମ(ପ୍ରସ୍ଥାନ)

ଦଶ- ହେ ପ୍ରଭୁ! ମୋ ଭଙ୍ଗା ରୁଜା ସଂସାରକୁ ପୁଣିଥରେ ସଜାଡି ଦିଅନ୍ତୁ।ଏତିକି ଆପଣଙ୍କ ନିକଟରେ ଏ ଅକିଞ୍ଚନର ଅଳି ।(ନତମସ୍ତକ ଭାବେ ଦଣ୍ଡାୟମାନ)

(ମଞ୍ଚ ଅନ୍ଧାର)

## ।। ୨୯ ଦୃଶ୍ୟ ।।

(ରମଣ କଏଦୀ ଭାବେ ଛିଡା ହୋଇଥାଏ। ବିଭୀଷଣ ରମଣର ଡ୍ରେସ ପ୍ୟାକେଟ ହାତରେ ଧରି କିଛି କହୁଥାଏ)

ବିଭୀଷଣ- କଂଗ୍ରାଚୁଲେସନ ରମଣ! ତୋର ସ୍ୱଛ, ନିର୍ମଳ ବ୍ୟବହାର ରେ ପ୍ରୀତ ହୋଇ ଭାରତୀୟ ଦଣ୍ଡବିଧି ଆଇନ ୧୫ ବର୍ଷର କାରାଦଣ୍ଡ କୁ ୧୦ ବର୍ଷରେ ଶେଷ କରିବାକୁ ନିଷ୍ପତ୍ତି ନେଇଛି। ସ୍ୱୟଂ ଜେଲର ଏବଂ ଏସ.ପି ମଧ୍ୟ ତୋ ଉପରେ ବହୁତ ପ୍ରସନ୍ନ ହୋଇଛନ୍ତି। ଏଇ ଧର ତୋ ଡ୍ରେସ ପ୍ୟାକେଟ, ଏବେ ତୁ ମୁକ୍ତ ।

ISSN NO.
2582-208X

ରମଣ- ନା-ନା ମୁଁ ଆଉ ସେ ଚମକପୂର୍ଣ୍ଣ ଦୁନିଆକୁ ଫେରିଯିବାକୁ ଚାହେଁନା। ପ୍ଲିଜ ବିଭୀ ମୁଁ ତୋତେ ରିକ୍ୱେଷ୍ଟ କରୁଛି ଏସ.ପିଙ୍କୁ କହି ମୋତେ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରେଇବାର ବ୍ୟବସ୍ଥା କରିଦେ ।

ରମଣ- ତାହା କେମିତି ସମ୍ଭବ ହେବ ରମଣ! ଆଇନ ସମସ୍ତଙ୍କ ପାଇଁ ଏକାପରି ।

ରମଣ- ମୁଁ ଶୁଣିବାକୁ ପାଇଛି ଡାଡି ନିଖୋଜ, ସୀମା ମଧ୍ୟ ଭାରତର ଅତ୍ୟାଚାରରେ ଅତିଷ୍ଠ ହୋଇ ଘରୁ ପଳାଇ ଯାଇଛି। ଯେଉଁମାନେ ମୋର ନିଜର ସେମାନେ ଯେତେବେଳେ ନାହାନ୍ତି ମୁଁ ସେଠିକୁ ଯାଇ କଣ କରିବି? ତା ଅପେକ୍ଷା ଏଇ ଜେଲ ଭିତରେ ରହି ଜୀବନ ବିତାଇବା ମୋ ପାଇଁ ଉଚିତ ହେବ ।

ବିଭୀ- ତୋ ଦୁଃଖ ମୁଁ ବୁଝୁଛି ରମଣ ହେଲେ ତୋତେ ଏଠାରୁ ମୁକ୍ତି ହେବାକୁ ପଡିବ। ବିଚ୍ଛିନ୍ନ ହୋଇ ଯାଇଥିବା ପରିବାରକୁ ତୋତେ ହିଁ ଏକଜୁଟ କରି ଗୋଟିଏ ସୂତାରେ ଗୁନ୍ଥିବାକୁ ହେବ ।

ରମଣ- କେମିତି ସମ୍ଭବ ହେବ ବିଭୀ! ଭାରତର ଏକଛତ୍ରବାଦୀ ଶାସନ ନିକଟରେ ବିଚ୍ଛିନ୍ନ ହୋଇଯାଇଥିବା ପରିବାରକୁ ଯୋଡିବା ମୋ ପାଇଁ ଅସମ୍ଭବ ।

ବିଭୀ- ରାମଚନ୍ଦ୍ର ପିତୃ ସତ୍ୟ ପାଳି ୧୪ ବର୍ଷ ବନବାସ ଯାଇଥିଲେ। କିନ୍ତୁ ସେ କେବେ ପିତୃ ସତ୍ୟ ଅମାନ୍ୟ କରି ନଥିଲେ। ରାବଣ ନିଧନ କରି ଠିକ ୧୪ ବର୍ଷ ପରେ ଅଯୋଧ୍ୟାରେ ପାଦ ଥୋଇ ପୁଣିଥରେ ସମସ୍ତଙ୍କୁ ଏକତାର ସୂତ୍ରରେ ଆବୋରି ନେଇଥିଲେ। ତୋତେ ବି ସେଇଭଳି ପରିସ୍ଥିତିକୁ ସମାଧାନ କରିବାକୁ ହେବ। ମୁଁ ଜାଣେ ତୁ ସଂପୂର୍ଣ୍ଣ ନିର୍ଦୋଷ। କିନ୍ତୁ ତୋ ଡାଡିଙ୍କର ଷ୍ଟେଟମେଣ୍ଟ ନିକଟରେ ଆଇନ ତୋତେ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଶୁଣେଇଲା। ଯେଉଁ ୧୦ ବର୍ଷ ମୋ ଦ୍ୱାରା କୌଣସି ସମାଧାନ ହୋଇ ପାରିନାହିଁ ଜେଲରୁ ମୁକ୍ତ ହୋଇ ତୋତେ ହିଁ ତାହା କରିବାକୁ ହେବ।ପ୍ର ଥମେ ଭାଉଜ ଏବଂ ତୋ ଡାଡିଙ୍କୁ ଖୋଜି ବାହାର କରିବାକୁ ହେବ ।

ISSN NO.
2582-208X

ରମଣ- ଏ ବିଶାଳ ଦୁନିଆରେ ସେ ଦୁହିଁକୁ ମୁଁ କୋଉଠି ଖୋଜି ପାଇବି ?

ହନୁ-(ପ୍ରବେଶି ) ଜୟ ଶ୍ରୀରାମ!

ରମଣ- କିଏ ?କିଏ ଆପଣ ?

ବିଭୀ- କିଏ ? କିଏ ଆପଣ ?

ହନୁ- ପବନ ସୁତ ହନୁମାନ ।

ବିଭୀ- ଉଚ୍ଚ ପ୍ରାଚୀର ଘେରା ଜେଲ ଭିତରକୁ ତୁମେ ଆସିଲ କେମିତି ?

ହନୁ- ଯେଉଁଠାରେ ରାମ ଥିବେ ସେଠିକୁ ହନୁମାନ ତ ଆସିବ ନିଶ୍ଚୟ ।

ବିଭୀ- ଆପଣ କିଏ ? କଣ ଏଭଳି ପାଗଳଙ୍କ ପରି ପ୍ରଳାପ କରୁଛନ୍ତି ମୁଁ ତ କିଛି ବୁଝି ପାରୁନି ।

ହନୁ- ପୂର୍ବରୁ ମୁଁ ମୋର ପରିଚୟ ଦେଇସାରିଛି। ଏବେ ସମୟ ବହୁତ ସ୍ୱଳ୍ପ। ମୋ ସହିତ ଆସନ୍ତୁ ମୁଁ ଆପଣଙ୍କୁ ଦଶରଥ ସିଂହ ଏବଂ ବୋହୂ ମା'ଙ୍କର ସନ୍ଧାନ ଦେବି ।

(ସମସ୍ତେ ପ୍ରସ୍ଥାନ ଉଦ୍ୟତ)

(ମଞ୍ଚ ଅନ୍ଧାର)

## ।। ୩୦ ଦୃଶ୍ୟ ।।

(ଦ୍ୱିତୀୟ ମଞ୍ଚରେ ସୀମା ଘର ଓଳାଉ ଥାଏ। ପ୍ରଥମ ମଞ୍ଚରେ ରାଣା ସିଗାରେଟରେ ଦମ ଭରିସାରି କହିଉଠେ)

ରାଣା- ବିୟୁଟିଫୁଲ! ଖୁବ ସୁନ୍ଦର! ରୂପ ଲାବଣ୍ୟରେ ଭରା ଯୌବନ । ବିଚାରୀ ଏକା ଏକା କେତେଦିନ ଏମିତି ଜୀବନ ବିତେଇବ! ରମଣ ତ ଜେଲରେ ରହିଲା। କଞ୍ଚା ବୟସର ସ୍ତ୍ରୀ

ISSN NO.
2582-208X

କେତେଦିନ ନିଜକୁ ଆୟତ୍ତରେ ରଖି ପାରିବ? ତାକୁ ଦେଖିବା ଦିନୁ ଅମାନିଆ ମନମୋର ଜମ୍ମା ବୋଲ ମାନୁନି। ଘର ଭିତରେ ସୁନ୍ଦରୀ ଏକା। ଅକ୍ତିଆରକୁ ଆଣିବା ପାଇଁ ଉଚିତ ମଉକା ମିଳିଛି। ମୋ ଭିତରେ ଡ଼ହଡ଼ହ ହୋଇ ଜଳୁଥିବା କାମନାକୁ ସୀମାର ଶୀତଳ ଜଳ ଭଣ୍ଡାରରେ ନିର୍ବାପିତ କରିବାକୁ ହେବ। ତା ପୂର୍ବରୁ ମୋତେ ଗୋଟେ ଉପାୟ କରିବାକୁ ହେବ। ଇଏସ( କିଛି ଭାବିବା ପରେ)ଆରେ କିଏ ଅଛି? ପ୍ଲିଜ ଗ୍ଲାସେ ପାଣି ଦେବ? ଶୋଷରେ ତଣ୍ଟି ମୋର ଶୁଖି ଯାଉଛି ।

ସୀମା- (ପାଣି ଗ୍ଲାସ ଧରି ପ୍ରଥମ ମଞ୍ଚକୁ ଆସେ) ଏଇ ପାଣି ନିଅନ୍ତୁ !

ରାଣା- (ଗ୍ଲାସ ସହିତ ସୀମାର ହାତ ଧରି) ଆଃ କି ନରମ ସ୍ପର୍ଶ!

ସୀମା- ମୋ ହାତ ଛାଡ଼ନ୍ତୁ ।

ରାଣା- ମୁଁ ପାଣି ଚାହେଁନା ସୁନ୍ଦରୀ, ମୁଁ ଚାହେଁ ତୁମ ଯୌବନର ମିଠା ସ୍ୱାଦ।(ପାଖକୁ ଟାଣିବାବେଳେ)

ସୀମା- ଆଃ- ଛାଡ଼ନ୍ତୁ ମୋତେ-!

ରାଣା- ରାଣା ସାମନ୍ତରାୟ ହାତରୁ ଖସିଯିବା ପାଇଁ ତାକତ ଦରକାର ହୁଏନି, କୌଶଳ କରିବାକୁ ପଡେ ।

ସୀମା- ତୁମେ ସେଇ ରାଣା ଯିଏ ଆମର ଚିର ଶତ୍ରୁ ।

ରାଣା- ହଁ ସୁନ୍ଦରୀ ମୁଁ ସେଇ ରାଣା। ତୁମ ବଂଶର ଚିରଶତ୍ରୁ। ତୁମେ ଚାହିଁଲେ ଶତ୍ରୁତାକୁ ମିତ୍ରତାରେ ପରିବର୍ତ୍ତିତ କରିପାରିବ। ତା ବଦଳ ରେ ତୁମେ ମୋତେ ମ୍ୟାରେଜ କରିବ ।

ସୀମା- ଏଭଳି କଥା କହିବାକୁ ଆପଣଙ୍କୁ ଟିକେ ଲଜ୍ଜା ଲାଗୁନାହିଁ। ମୁଁ ଆପଣଙ୍କ ଝିଅ ବୟସର ହେବି ଅଥଚ..

ISSN NO.
2582-208X

ରାଣା- ସୀତା ମଧ୍ୟ ରାବଣର ଝିଅ ବୟସର ଥିଲା। କିନ୍ତୁ ନିଜ କାମନାର ଚରିତାର୍ଥ କରିବା ଲାଗି ରାବଣ ତାକୁ ଚୋରାଇନେଲା ।

ସୀମା- ଆପଣ ଭୁଲ କହୁଛନ୍ତି, ରାବଣ ସୀତାଙ୍କୁ ଚରାଇଥିଲା କାମନାର ଚରିତାର୍ଥ ପାଇଁ ନୁହେଁ ବରଂ କାମନାର ବିନାଶ ପାଇଁ ।

ରାଣା- ସେ ଯୁଗର ରାବଣ ମୂର୍ଖ ଥିଲା। ସୀତାକୁ ଅଶୋକ ବନରେ ରଖି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷା କଲା। ହେଲେ ମୁଁ ମୂର୍ଖ ନୁହେଁ । ସମୁଦ୍ର ଭିତରେ ମୋର ରଙ୍ଗ ମହଲ ଅଛି। ସେଇ ରଙ୍ଗ ମହଲରେ ମୁଁ ତୁମ ସହିତ ମେରେଜ କରି ରାଣୀ ବନେଇବି ଆଉ ମୁଁ ହେବି ତୁମ ହୃଦୟର ରାଜା। (ସୀମାକୁ ଧରି ଟାଣି ଟାଣି ନେଇଯିବା ସମୟରେ)

ସୀମା- ଲମ୍ପଟ-!(ମାରିବାକୁ ହାତ ଉଠାଏ)

ରାଣା- (ସୀମାର ହାତ ଧରିନେଇ) ଅମାନିଆ ଝିଅଙ୍କୁ ଧରିନେଲେ ଏମିତି ହାତ ଉଠାନ୍ତି ହେଲେ ଢ଼ମଣା କଣ ମୁଲାୟମ ବେଙ୍ଗକୁ ଛାଡିଦିଏ! (ସୀମାକୁ ନେଇଯିବା ବେଳେ ଜଟା ପଛପଟୁ ଆସି ଗୋଇଠା ମାରେ ରାଣା ତଳେ ଛିଟିକି ପଡେ)

ରାଣା- କିଏବେ ତୁ..?

ଜଟା- ମୁଇଁ ତୋର ଯମ ଅଛେ। ମୋର ମାଇପଟାକୁ ତୁଇ ମୋର ସାମନାରେ ମାରିଦେଲୁ ଆଜି ତୁଇ ଆଉଜନେ ଠାକୁରାଣୀକେ ନେଇ ଯିବାର ଆସିଛୁ। ମୋର ଜୀବନଟା ଯାଉ ପଛକେ ମୁଇଁ ଆଜି ଠାକୁ ରାଣୀ କେ ବଞ୍ଚାଇମି ।

ରାଣା- ଆରେ ଜଟାକିରେ...ସେଦିନ ମୁଁ ତୋହରି ସାମ୍ନାରେ ତୋ ପାଇପକୁ ମାରିଥିଲି ଆଉ ଆଜି ତୋତେ ମାରିବି।(ଛୁରୀ ବାହାର କରି ମାରେ)

ଜଟା--ଆଃ (ଯନ୍ତ୍ରଣାରେ ତଳେ ପଡ଼ିଯାଏ)

ISSN NO.
2582-208X

ରାଣା- ଶଳା ମୋତେ ଫସେଇ ଦେଇଥିଲା। ଏ ସୁନ୍ଦରୀ ଚାଲ ମୋ ସାଙ୍ଗରେ। (ପୁନଃ ସୀମାକୁ ଟାଣି ଟାଣି ନେଇଯାଏ)

ଜଟା- ଆଃ ହେ ଭଗବାନ ତୁଇ କାଣ ମୋର ଡାକ ଶୁଣିବାର ଆସବୁ ନାଇଁ। ଗୋଟେ ଠାକୁରାଣୀ କେ ରାଣା ସାମନ୍ତରାୟ ତାର ରଙ୍ଗ ମହଲକେ ନେଇଗଲା ।

(ହନୁମାନ, ରମଣ ଏବଂ ବିଭୀଷଣର ପ୍ରବେଶ)

ବିଭୀ- ଆରେ ଜଟା! ଏ ତୁମର କଣ ହେଲା ? ତୁମକୁ ଏଭଳି କ୍ଷତାକ୍ତ କିଏ କରିଛି ?

ଜଟା- ପାରିଲିନିରେ ପୋଲିସ ବାବୁ ମୁଇଁ ଆଉ ପାରିଲିନି। ରାଣା ସାମନ୍ତରାୟ ମୋତେ ମାରି ଜଣେ ଠାକୁରାଣୀ କେ ତା'ର ରଙ୍ଗ ମହଲ କେ ନେଇ ଯାଇଛନ ।

ବିଭୀ- ରାଣା ସାମନ୍ତରାୟ(ଗର୍ଜନ)

ଜଟା- ଆଃ ମୁଇଁ ଚାଲିଲି ବାବୁ ମୋର ମାଳତୀର ପାଖେ ଚାଲିଲି । (ମୃତ୍ୟୁ)

ଲଛମନ- ବୋହୂମା'- ବୋହୂମା' (ଡାକି ଡାକି ପ୍ରବେଶ ହଠାତ ତିନିହେଁଙ୍କୁ ଦେଖି)ଏ କଣ ମୁଁ ଦେଖୁଛି। ସାନ ବାବୁ ଆପଣ ଆସିଛନ୍ତି ?

ରମଣ- ହଁ ଲଛୁ କକା ମୁଁ ଫେରିଆସିଛି।(ଦୁହେଁ ଆଲିଙ୍ଗନ)

ଲଛୁ- ଭଲହେଲା। ବୋହୂମା'ଙ୍କୁ ଆପଣଙ୍କ ମୁକ୍ତିର ଖବର ଶୁଣେଇ ବା ପୂର୍ବରୁ ଆପଣ ଫେରି ଆସିଛନ୍ତି। ଆରେ ବୋହୂମା' ଦେଖିବ ଆସ କିଏ ଆସିଛନ୍ତି ।

ରମଣ- ହେଲେ ସୀମା ତ...

ISSN NO. 2582-208X

ଲଛୁ- ଜମାରୁ ବ୍ୟସ୍ତ ହୁଅନ୍ତୁନି ସାନ ବାବୁ! ଆପଣଙ୍କ କହିବା ଅନୁସାରେ ମୁଁ ଦୀର୍ଘ ୧୦ ବର୍ଷ ଏଇ ଜଙ୍ଗଲ ଭିତରେ ବୋହୂମା'ଙ୍କୁ ଲୁଚେଇ ରଖିଛି। ଆପଣ ଆସିଗଲେଣି ମୋର ଏବେ ଛୁଟି ।

ବିଭୀ- ଲଛୁ କକା ତୁମେ ଯାହାକୁ ଖୋଜୁଛ ସେ ଆଉ ଏଠାରେ ନାହାନ୍ତି ।

ଲଛୁ- ନାହାନ୍ତି! ନା-ନା ତୁମେ ମିଛ କହୁଛ ।

ରମଣ- ବିଭୀଷଣ ମିଛ କହୁନାହିଁ ଲଛୁକକା, ଆମେ ଏଠିକୁ ଆସିବା ପୂର୍ବରୁ ରାଣା ସାମନ୍ତରାୟ ସୀମାକୁ ତା' ରଙ୍ଗ ମହଲକୁ ନେଇ ଯାଇଛି ।

ଲଛୁ--ଯାହାଙ୍କୁ ମୁଁ ଦୀର୍ଘ ୧୦ ବର୍ଷ ସମାଜର କୋପ ଦୃଷ୍ଟିରୁ ଲୁଚାଇ ରଖିଥିଲି ତାଙ୍କୁ ଆଜି ରାଣା ସାମନ୍ତରାୟ ଚୋରାଇ ନେଇଛି। ମୁଁ ଯିବି ସାନ ବାବୁ ମୁଁ ବୋହୂମା'ଙ୍କୁ ଉଦ୍ଧାର କରିବାକୁ ଯିବି ।

ହନୁ- ନା କାହାରି ଯିବା ଦରକାର ନାହିଁ। ତାଛଡା ସେ ଯେଉଁଠାରେ ରହୁଛି ସେଠିକୁ ତୁମେମାନେ ଯିବା ଅସମ୍ଭବ। ତା'ର ହିସାବ ନିକାଶ କରିବାକୁ ମୁଁ ଯିବି। (ପ୍ରସ୍ଥାନ ଉଦ୍ୟତ)

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଅପେକ୍ଷାର ଫଳ ମିଠା



ଅଲେଖ ମେହେର

ବ୍ୟଥିତ ସନ୍ତପ୍ତ ମାନବ ବିଲୋକି
ଖଗ ଭାସଇ ସଧିରେ,
ଅତୀତର ଗର୍ଭ ରୁଧିର ଶ୍ରାବଣ
ସ୍ମୃତି ଇନ୍ଦୁ ନଦୀ ତୀରେ ।
ପାଶୋର ନୋହିବ ଚଳଚିତ୍ର ସମ
ଉକୁଟିବ ଇକ୍ଷଣରେ,
ଧୈର୍ଯ୍ୟଚ୍ୟୁତି ହେଲେ ଖେଦର କଷଣ
ଘୋଟିବ ବିହାୟସରେ।
ପୁରାଣ ଗୀତାରେ ଲେଖାଅଛି ଯାହା
ସତ୍ୟର ଅଶେଷ ରସ,
ଜଗତର ଇଶ ଏକଦ୍ୱାର ରୁଦ୍ଧି
ଖୋଲନ୍ତି ତା'ପାଇଁ ଦଶ।
ନିଦାଘ ଗ୍ରୀଷମ ଦୁଃଖର ଅମ୍ବର
ରୁହେ କି ସଦା ଧରାରେ ?
ପ୍ରୀତି ବଳାହକ ବାରିର ସିଞ୍ଚନେ
ମୋଦ ଫେରେ ଜୀବ ଘରେ ।

ISSN NO. 2582-208X


ପତ୍ର ଝଡା ଦେଖି    କାତରରେ ଦ୍ୱିଜ
        ଛାଡି କି ଦିଅଇ ବସା ?
ଅପେକ୍ଷାର ଅନ୍ତ    ଘଟାଇ ଖୁସିରେ
        ଦାନ କରେ ପର୍ଣ୍ଣ ରସା ।
ଶ୍ରଦ୍ଧା  ଅପେକ୍ଷାର    ଫେରିବ ପ୍ରତ୍ୟୁଷ
        ପ୍ରାଚୀ  ଗଗନକୁ ଚିରି,
ସକାଳର ବାତ    ପ୍ରସୂନ ମହକ
        ବୁହାଇବ ଥିରି ଥିରି ।

ସୋହେଲା, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ସମୁଦିକୁ ମୋର ଗୋପନ ଚିଠି



ଶିଶିର କୁମାର ପଣ୍ଡା

ନମସ୍କାର ଘେନା କରିବ ସମୁଦି
ରାଗିବନି ଚିଠି ଲେଖୁଛି ବୋଲି
ଦୁଃଖ ଯା' ପାଉଛି ତୁମ ଝିଅପାଇଁ
ଗୋଟିଗୋଟି ଏବେ କହୁଛି ଖୋଲି ।
ଆଠଟା ବେଳେବି ବିଛଣା ଛାଡ଼େନି
ଶେଯରେ ଖୋଜୁଛି ଗରମ ଚାହା
ଶାଶୂବୁଢ଼ୀ ତାକୁ ନିଇତି ଦେଉଛି
ଦୁନିଆଁ ସତରେ ବାହାରେ ବାହା ।
ଠାକୁର ଘରକୁ ଜମା ସେ ପଶୁନି
ଚପଲ ପିନ୍ଧିକି ଭିତରେ ବୁଲେ
ରାନ୍ଧିବା ବେଳରେ ରୋଷେଇ ନକରି
ଛାତରେ ଯାଇକି ଝୁଲଣା ଝୁଲେ ।
କି କଥା ଗପୁଛି କାହା ସାଙ୍ଗେ ସିଏ
ଫୋଅନରେ ମୋତେ ପାରୁନୁ ଜାଣି
ପଚାରିଲେ ତାକୁ ଆମକୁ ଶୁଣାଏ
ନାଲିଆଖି କରି ଚରମ ବାଣୀ ।

ମାସଟେ ଯାଇନି ପୁଅକୁ କହୁଛି
ଅଲଗା ରହିବା ୟାଙ୍କଠୁ ଆମେ
ଘର କିଣ ଏବେ ଭୁବନେଶ୍ୱରରେ
ଥିବ ଯାହା ସିଏ ମୋହରି ନାମେ ।
ବୋହୂ ନୁହଁ ଆମେ ଝିଅ ଭାବିଥିଲୁ
ସେନେହ ଶରଧା ଊଣା ନକରି
ତୁମେ ବୁଝେଇଲେ ହୁଏତ ଚଳିବ
ଆମରି ଘରେ ସେ ବୋହୂଟେ ପରି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

ISSN NO.
2582-208X

# ସକାଳ ଜଣାଣ



କାଳପ୍ରସାଦ ମହାପାତ୍ର

ସକାଳୁ ଉଠିଣ ତୁମ୍ଭ ମୁଖ ଚାହିଁ
ଖୁସିରେ ଦିନଟି ଯାଉ ।
ମନରେ ତୁମକୁ ଚିନ୍ତିଇ ଠାକୁର
ତୁମ୍ଭ ଦରଶନ ହେଉ। ।

ମହାପ୍ରଭୁ ତୁମେ କାଳିଆ ଠାକୁର
ବଡ ଦେଉଳ ନିବାସୀ ।
ବଡଦାଣ୍ଡେ ପ୍ରଭୁ  ଗୁହାରି କରୁଛି
ଦରଶନ ଦିଅ ଆସି। ।

ବଡ ଠାକୁର ହେ  ଭକ୍ତଙ୍କ ବାନ୍ଧବ
ବନ୍ଧୁ କି ହୋଇ ପାରିବି  ?
ବଂଧୁ ମହାନ୍ତିଙ୍କ ସମାନ କି ହେବି
ଭୋଗ ଥାଳି କି ପାଇବି ?

ଜୟଦେବ ଗୀତଗୋବିନ୍ଦ ଗାଇବି
ଶୁଣିବା କି ଦେବ ହେବ ।

ISSN NO.
2582-208X

ପଦ୍ମାବତୀ ଦେବୀ ଦରଶନ ସୁଖ
ମୋ ଭାଗ୍ୟରେ କି ମିଳିବ। ।

ଦାସିଆ ବାଉରୀ ନଡ଼ିଆକୁ ନେଲ
କେଡେ ଭାଗ୍ୟ ଅଟେ ତାଙ୍କ ।
ମୁଁହି ଯଦି ନିଜ ସ୍ୱହସ୍ତରେ ଦେଲେ
ମୁଁହ ନକରିବ ବାଙ୍କ ।।

ସାଲବେଗ ପରି ଭକ୍ତ କି ହୋଇବି
ଅପେକ୍ଷାରେ ଥିବ ଆଉ।
ବଡଦାଣ୍ଡରେ ମୁଁ ଦେଖିବି ତୁମକୁ
ଜୀବନ ମୋ ପଛେ ଯାଉ। ।

ବାଇଶିପାହାଚେ ଗଡି ଗଡି ଯିବି
ସକଳ ପାପ ଧୋଇବି ।
ରତନ ବେଦୀରେ ଜଗାକୁ ଦେଖିବି
ପାପରୁ ମୁକତି ହେବି ।।

ପ୍ରଭାତ ଡଣାଣ ଘେନ ହେ ଠାକୁର
ମୁଁ ଯେ ଅଧମ ନର ।
ଚକାନୟନରେ ଟିକିଏ ଦେଖିବ
କେବେ ନ କରିବ ପର ।।

ଶିକ୍ଷକ, ବନ୍ଧୁଗାଁ,
କୋରାପୁଟ

ISSN NO.
2582-208X

# ହସେଇଦିଅ ନୂଆବରଷ



ପ୍ରଶାନ୍ତ କୁମାର ଦାଶ

ହସେଇଦିଅ ନୂଆବରଷ
ଦୁଃଖକୁ ଦିଅ ତଡି
ଦୁନିଆବୁକେ ଉଜୁଡ଼ାଘର
ସଂସାର ହେଉ ଗଢି ।।

କରୋନା ନେଲା କେତେ ଜୀବନ
ସଂସାର ଛାର ଖାର
କିଏସେ ଖୋଜେ ବାପା ମାଆଙ୍କୁ
ଗଡ଼ାଇ ଲୁହଧାର ।।

ଫୁଲରେ ବାସ ଫଳରେ ରସ
ଫଂସଲେ କ୍ଷେତ ଭରା
ସୁଖ ଶାନ୍ତିରେ ପ୍ରୀତି ମୈତ୍ରୀରେ
ହସି ଉଠୁ ଏ ଧରା ।।

ସୁଖ ସପନ ଆଖିରେ ଦିଅ
ପିଲାଏ ହେବେ ଖୁସି
ହସି ଖେଳିକି ନାଚି ଗାଇକି
ପାଠ ପଢିବେ ବସି ।।

ନୂଆବରଷ ଶାନ୍ତି ହରଷ
ଆଣି ଧରାକୁ ଆସ
ହସେଇଦିଅ ସୁନା ସଂସାର
ଦିନ ବରଷ ମାସ ।।

କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ସାଧାରଣ ନାଗରିକ ଓ ବିଗ୍ଭର ବିଭାଗ



ଗଜାନନ ମିଶ୍ର

ଇଂ ତାରିଖ 09/11/2022 ବୁଧବାର ଦିନ ଧନଂଜୟ ଯଶବନ୍ତ ଚନ୍ଦ୍ରଚୂଡ ଭାରତବର୍ଷର ପଚାଶତମ ପ୍ରଧାନ ବିଚାରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ଅବସରରେ କହିଛନ୍ତି ଯେ ତାଙ୍କର ଅଗ୍ରପ୍ରଧାନ କାର୍ଯ୍ୟ ହେବ ସାଧାରଣ ନାଗରିକଙ୍କୁ ସେବା ଯୋଗାଇଦେବା। ବିଚାରବିଭାଗର ଏହି ଶୀର୍ଷପଦ ଅଳଙ୍କୃତ କରିବା ପୂର୍ବରୁ ତାଙ୍କର କାର୍ଯ୍ୟଶୈଳୀ ଏକଥା ତାଙ୍କର କାମ ଇ-କୋର୍ଟ, ଅଦାଲତି କାର୍ଯ୍ୟଧାରା ଲାଇଭଷ୍ଟ୍ରିମିଂ ଆଦିରେ ପ୍ରମାଣ କରିସାରିଛି ଯେ ନ୍ୟାୟିକ ବ୍ୟବସ୍ଥା ସର୍ବ ସାଧାରଣଙ୍କ ପାଇଁ ସରଳ, ସ୍ୱଚ୍ଛ ହେବା ସହିତ ସୁଗମ ଓ ସୁଲଭ୍ୟ ହୋଇଯିବ। ସମାଜର ସବୁ ବର୍ଗର ଲୋକଙ୍କୁ ବିଚାର ବିଭାଗ ଆମନ୍ତ୍ରଣ କରିବ। ନିଃସନ୍ଦେହ ଯେ ଏପରି ଭାବନା ଓ ବିଚାର ଅତୀବ ଗୁରୁତ୍ୱପୂର୍ଣ୍ଣ। ଯାହା ବି ହେଉ, ନ୍ୟାୟପାଳିକାର ବିଶ୍ୱାସନୀୟତା ଓ ସ୍ୱାଧୀନତା ବଜାୟ ରଖିବା ହେଉଛି ଗୁରୁତ୍‌ୱପୂର୍ଣ୍ଣ ଆଜିର ଏ ଦିନରେ।

ନ୍ୟାୟପାଳିକାର ବିଶ୍ୱାସନୀୟତା ବଜାୟ ରଖିବାକୁ ହେଲେ ସର୍ବ ପ୍ରଥମେ ନାଗରିକଙ୍କ ଭାଷାରେ ସବୁ କାମ କରାଯିବା ଉଚିତ୍ । ବିଦେଶୀ ଢଂଗକୁ, ବିଦେଶୀ ଭାଷାକୁ ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୂରେଇ ଦେଇ ଭାରତୀୟତା ଭରି ଦେବାକୁ ହେବ। ଭାରତୀୟ ଭାଷାରେ ସବୁ କାର୍ଯ୍ୟ ନ କଲା ଯାଏ ନାଗରିକଟିଏ ଏହି ବିଭାଗ ପ୍ରତି ଆକୃଷ୍ଟ ହେବ କହିବା ଭୁଲ ହେବ ବା ଏହି ବିଚାର ବିଭାଗ ଭାରତୀୟଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ବା ପ୍ରତିଜ୍ଞାବଦ୍ଧ ରହିଛି ତାହା ବି ଠିକ୍ ଭାବରେ କହି ହେବ ନାହିଁ। ଏ ଦିଗରେ ଆମ ସମ୍ବିଧାନ ସ୍ପଷ୍ଟ ରହିଛି ସପ୍ତଦଶ ଭାଗ, ସରକାରୀ ଭାଷା ଅଧ୍ୟାୟରେ। ସମ୍ବିଧାନ ଧାରା 343ରେ

ISSN NO.
2582-208X

ଲେଖା ଯାଇଛି ଯେ ଦେବନାଗରୀ ଲିପିରେ ହିନ୍ଦୀ ଭାଷ୍ୟ କେନ୍ଦ୍ରର ସରକାରୀ ଭାଷା ହେବ। ଆହୁରି ସ୍ପଷ୍ଟ କରାଯାଇଛି ଯେ ଏହି ସମ୍ବିଧାନ ପ୍ରାରମ୍ଭ ହେବା ପରଠାରୁ ପନ୍ଦର ବର୍ଷ ଅବଧି ପର୍ଯ୍ୟନ୍ତ କେନ୍ଦ୍ରରେ ସବୁ ସରକାରୀ ଉଦ୍ଦେଶ୍ୟରେ ଇଂରାଜି ଭାଷା ଚାଲୁ ରହିବ ଯାହା ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ ଚାଲୁ ରହିଥିଲା। ସମ୍ବିଧାନର ଧାରା 344ରେ ଏକ ଭାଷା ଆୟୋଗ ସଂସ୍ଥାପନ ହେବ ବୋଲି ଲେଖାଯାଇଛି, ଯାହାର କାର୍ଯ୍ୟ ହେବ କେନ୍ଦ୍ରର ସରକାରୀ କାର୍ଯ୍ୟ ଉଦ୍ଦେଶ୍ୟରେ ହିନ୍ଦୀ ଭାଷାର ପ୍ରଗତିଶୀଳ ବ୍ୟବହାର, ଇଂରାଜି ଭାଷାର ବ୍ୟବହାର ଉପରେ କଟକଣା, କେନ୍ଦ୍ର ଓ ରାଜ୍ୟ ଭିତରେ ଯୋଗାଯୋଗ କରାଯିବାର ଭାଷା ଆଦି ଆଦି। ସମ୍ବିଧାନର ଧାରା 345, 346 ଓ 347ରେ ରାଜ୍ୟଗୁଡିକର ଭାଷା କିମ୍ବା ହିନ୍ଦୀ ଭାଷାକୁ ସେହି ରାଜ୍ୟର ସବୁ ବା କୌଣସି ସରକାରୀ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ପାଇଁ ଭାଷା ବା ଭାଷାଗୁଡିକ ଭାବେ ଅବଲମ୍ବନ କରିପାରିବେ। କେନ୍ଦ୍ର ସରକାରୀ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ତତାକାଳୀନ ପ୍ରାଧିକୃତ ଭାଷା, ଗୋଟିଏ ରାଜ୍ୟ ଏବଂ ଅନ୍ୟ ଏକ ରାଜ୍ୟ ମଧ୍ୟରେ ଏବଂ ଗୋଟିଏ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଯୋଗାଯୋଗ ନିମନ୍ତେ ସରକାରୀ ଭାଷା ହେବ। ଏହା ସହିତ କୌଣସି ରାଜ୍ୟର ଲୋକ ସଂଖ୍ୟାର କୌଣସି ଏକ ଭାଗ ଦ୍ୱାରା କଥିତ ଭାଷା ସମ୍ବନ୍ଧୀୟ ସୁନ୍ଦର ବ୍ୟବସ୍ଥା ମଧ୍ୟ ରଖାଯାଇଛି ଓ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟିରେ ସେହି ଭାଷା ବା କଥିତ ଭାଷା ବା ଆଂଚଳିକ ଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତ କରାଯାଇ ପାରିବ।

ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଇତ୍ୟାଦିର ଭାଷା ଉପରେ ମଧ୍ୟ ଆମର ସମ୍ବିଧାନ ଧାରା 348 ଦୃଷ୍ଟିକୋଣ ସ୍ପଷ୍ଟ ରହିଛି। ଆଇନଦ୍ୱାରା ସଂସଦ ଅନ୍ୟ ବ୍ୟବସ୍ଥା କରିବା ପର୍ଯ୍ୟନ୍ତ ସର୍ବୋଚ୍ଚ ନ୍ୟାୟାଳୟ ଓ ପ୍ରତ୍ୟେକ ନ୍ୟାୟାଳୟର ସବୁ ପ୍ରୋସିଡିଙ୍ଗ, ନିର୍ଭରଯୋଗ୍ୟ ପାଠ୍ୟସକଳ, ଆଦେଶ, ନିୟମାବଳୀ , ଉପବିଧି ଆଦି ଆଦି ଇଂରାଜି ଭାଷାରେ ହେବ । ଆମେ ସ୍ୱାଧୀନତାର 75 ବର୍ଷର ଅମୃତ ସ୍ୱାଦ ଚାଖୁଛେ। ଆମେ ଜନଗଣମନ ସଚେତନ ରହିଛେ । ଆମର ଜନପ୍ରତିନିଧିଗଣଙ୍କ ସ୍ୱଦେଶ ପ୍ରୀତିରେ ସାରା ଜଗତ ଚକିତ। ଏବେଲେ ଭାରତୀୟ ଭାଷାର ପ୍ରୟୋଗ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ହେବ। ଅସ୍ଥାୟୀ ବ୍ୟବସ୍ଥା ଧାରା 348ର ପରିବର୍ତନକରିବାକୁ ହେବ। ଏହା ନ ହେଲାଯାଏ ସାଧାରଣ ନାଗରିକ କିପରି ଭାବରେ ବିଚାର ବିଭାଗର ନିକଟତର ହେବ। ଦେବାନୀ କାର୍ଯ୍ୟବିଧି ସଂହିତା, ଯାହା 1908ରେ ଲାଗୁ ହେଲା ସେଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ଦେବାନୀ ଅଦାଲତର

ISSN NO.
2582-208X

ଭାଷା ହେଉଛି ଆଂଚଳିକ ଭାଷା। ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ମଧ୍ୟ ସରକାରୀ ଭାଷାକୁ ଅଦାଲତର ଭାଷା ବୋଲି ଲେଖା ଯାଇଛି। ଅଧିକନ୍ତୁ, ଭାରତୀୟ ଭାଷାଗୁଡିକ ଜ୍ଞାନ ଓ ବିଜ୍ଞାନର ଗନ୍ତାଘର। ଭାରତୀୟ ଭାଷାଗୁଡିକରେ ସାହିତ୍ୟ ପରଂପରା ଏବଂ ସମୃଦ୍ଧ ଶବ୍ଦ ଭଣ୍ଡାର ଭରି ରହିଛି। ତେଣୁ ତ ଜାତୀୟ ଶିକ୍ଷା ନୀତି 2020ରେ ନାଗରିକର ମାତୃଭାଷାରେ ଶିକ୍ଷା ଯୋଗାଇ ଦେବା ପାଇଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବିଧାନର ଧାରା 350'କ'ରେ କହିଛି ଏୟା- ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସୁବିଧା। ସତରେ ମାତୃଭାଷାରେ ଇ ରହିଛି ଜୀବନର ସକଳ ରସ। ସୃଜନଶୀଳ ବିଚାରଧାରା ଏବଂ ସବୁଦିଗରୁ ବିଶ୍ଳେଷଣ ଦକ୍ଷତା ବିକଶିତ ହୋଇପାରେ କେବଳ ମାଟିର ଭାଷା ମାଧ୍ୟମରେ। ଭାରତକୁ ବିଶ୍ୱ ଗୁରୁ ଭାବେ ପୁନଃ ପ୍ରତିଷ୍ଠା ଲାଗି ଆମର ଯୋଉ ଉଦ୍ୟମ ଏହି ଦିଗରେ ଭାଷା ଗୁଡିକର ଆଲୋକ ନ ପଡିଲେ ତାହା ସମ୍ଭବ ହୋଇ ପାରିବ ନାହିଁ। ଭାଷାରେ ରହିଛି ଆମ ସଂସ୍କୃତି, ଆମ ପରଂପରା, ବିଶେଷକରି ଆଇନ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ ହେଲେ ଇ ଭାରତବର୍ଷ ବିକଶିତ ହେବ, ସର୍ବସାଧାରଣଙ୍କ ଗୋଚରକୁ ଆସିବ ସବୁ ସ୍ୱଷ୍ଟ ଭାବରେ ଆଉ ଏମିତି ହେଲେ ହିଁ ଆମ ଭାଷା ହେବ ସଶକ୍ତିକରଣର ମାଧ୍ୟମ। ଭାରତର ସମ୍ବିଧାନ ବିଷୟରେ, ଭାରତର ଆଇନକାନୁନ, ଅଦାଲତର କାର୍ଯ୍ୟ ଧାରା ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଂଚୁ, ଆଇନ ବିଭାଗ ସ୍ୱଚ୍ଛ ରହୁ, ଏବଂ ସବୁ କିଛି ସମସ୍ତଙ୍କୁ ଉପଲବ୍ଧ ହେଉ, ତେବେ ସିନା ଆମେ ଭାରତର ଲୋକମାନେ ସାର୍ବଭୌମ ବୋଲି ଧରାଯିବ, ଯାହି ସମ୍ବିଧାନର ଆରମ୍ଭରୁ ଉଚ୍ଚାରଣ କରାଯାଇଛି। ଭାରତୀୟ ଭାଷାର ବ୍ୟବହାର ନ ହେଲାଯା ଏ ନୂତନ ଯୁଗର ଆରମ୍ଭ ହେଲା ବୋଲି କହି ହେବ ନାହିଁ। ସେବା ସତ୍ୟ ନୈତିକ ଭଳି ମାନବିକ ମୂଲ୍ୟବୋଧ ଭାରତୀୟ ସମାଜରେ ଝଙ୍କୃତ ହେଉଛି ପ୍ରତେ ହେବ ନାହିଁ।

ସତ୍ୟ, ମା ହେଉଛନ୍ତି ସର୍ବଶ୍ରେଷ୍ଠ। ଠିକ୍ ସେପରି ମାତୃଭାଷା। ଉଭୟଙ୍କ ମାଧ୍ୟମରେ ସହଜରେ ସବୁକିଛି ପରିପ୍ରକାଶ କରିହୁଏ। ପୁଣି ଦେଖାଯାଏ ଯେଉଁ ଭାଷା ଯେତେ ବ୍ୟବହାର କରାଯାଏ ସେ ଭାଷା ସେତେ ପରିସ୍ଫୁଟିତ ହୁଏ। ଆମର ମାଟିର ଭାଷା ମାଧ୍ୟମରେ ଆମକୁ ଜାଣିବାର ଅଛି ଆମର ସମ୍ବିଧାନକୁ, ବୁଝିବାର ଅଛି ଆମର ନାଗରିକଙ୍କୁ ଆଉ ଗଢିବାର ଅଛି ଭାରତବର୍ଷକୁ ନୂଆ ରୂପରେ ଅମୃତ ମହୋତ୍ସବ ପାଳନ ସମୟରେ ଆଉ ଚାଲିବାର ଅଛି ବୀର ଦର୍ପରେ ବିଶ୍ୱ ବଡଦାଣ୍ଡରେ ସର୍ବାଗ୍ରେ। ଏତେବେଳେ ଭାଷା ବ୍ୟବହାର ରେ ଆମର ହୀନମନ୍ୟତା ଆମକୁ ଗ୍ରାସ ନ କରୁ। ଏତେବେଳେ ଆଇନ

ISSN NO.
2582-208X

ଅଦାଲତ କ୍ଷେତ୍ରରେ ଆମର ଭାଷା ଆମର ବଡ ସହାୟକର ଭୂମିକା ନିର୍ବାହ କରୁ! ଭାରତୀୟ ଭାଷା ହିଁ ଭାରତର ନ୍ୟାୟାଳୟକୁ ଲୋକାଭିମୁଖି କରିବ, ମାନ ସମ୍ମାନ ବୃଦ୍ଧି କରାଇବ, ସତ୍ୟ ମେବ ଜୟତେ ଗାନ ଚାରିଆଡକୁ ମୁଖରିତ କରାଇବ, ସାଧାରଣ ନାଗରିକଟିଏ ନ୍ୟାୟ ପାଇବା ଦିଗରେ ଲାଭାନ୍ୱିତ ହୋଇ ପାରିବ। ଆଶା ଓ ବିଶ୍ୱାସ ଥାଉ- ଭାରତୀୟ ଜନମାନସର ପ୍ରତିଛବି ନ୍ୟାୟାଳୟରେ ପ୍ରତିଫଳିତ ହେଉ, ପ୍ରଧାନ ବିଚାରପତି ନ୍ୟାୟଧୀଶ ଚନ୍ଦ୍ରଚୂଡ ସ୍ଥାନୀୟ ଭାଷାକୁ ପ୍ରାଥମିକତା ଦେଇ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ସ୍ମରଣୀୟ ହୋଇ ରହନ୍ତୁ! ମାନ୍ୟବର ଚନ୍ଦ୍ରଚୂଡ କରୁଣାର୍ଦ୍ର, ଚିନ୍ତାଶୀଳ, ଆଉ ସାଧାରଣ ନାଗରିକ ଅଧିକାର ପ୍ରତି ବିଶେଷ ଯତ୍ନଶୀଳ ରହନ୍ତୁ! ନ୍ୟାୟ ପ୍ରଦାନଶୈଳୀକୁ, ସତ୍ୟର ପ୍ରତିଷ୍ଠାକୁ ବିକାଶଶୀଳ କରାଇ, ସମଗ୍ର ବିଚାରବିଭାଗକୁ ଭାରତୀୟ କରଣ କରିବାରେ ସହାୟକ ହୋଇ ନିଜ ଶ୍ରେଷ୍ଠତ୍ୱର ପ୍ରମାଣ ଦେଖାଇବା ହୁଅନ୍ତୁ ତାଙ୍କର ଆଗାମୀ ଦୁଇ ବର୍ଷ କାର୍ଯ୍ୟ କାଳ ଭିତରେ! ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହେଉ!

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# କାର୍ତ୍ତିକ ମାହାତ୍ମ୍ୟ



ଅମରନାଥ ବାରିକ

କାର୍ତ୍ତିକ ମାହାତ୍ମ୍ୟକୁ ଶୁଣ
ଯାହା ମୁଁ କରିବି ବଖାଣ ।
ସାଗର ପୁତ୍ର ଶଙ୍ଖାସୁର
ବେଦ ହରିଲା ବ୍ରହ୍ମାଙ୍କର ।
ପ୍ରଚଣ୍ଡ ପ୍ରଳୟ କରିଲା
ଦେବ ଗଣଙ୍କୁ ଡ଼ରାଇଲା ।
ଏହା ଦେଖିଣ ପ୍ରଭୁ ବିଷ୍ଣୁ
ନହୋଇ ରହିଲେ ସହିଷ୍ଣୁ ।
ଶଙ୍ଖାସୁରକୁ ବଧ କଲେ
କାର୍ତ୍ତିକ ମାସ ଏହା ଭଲେ ।
ବର୍ଷକେ ଏକ ମାସ ଏହି
ପ୍ରଭୁ ଥାଆନ୍ତି ଜଳେ ରହି ।
ଅବନ୍ତି ନଗର ବ୍ରାହ୍ମଣ
ଧନେଶ୍ୱର ତା ନାମ ଜାଣ ।
ଚଣ୍ଡାଳ ମହାପାପି ସେହି
ନର୍ମଦା ନଦୀ ତୀରେ ରହି ।
କାର୍ତ୍ତିକ ବ୍ରତ ଯେ ପାଳିଲା
ନର୍କ କୁଣ୍ଡରୁ ମୋକ୍ଷ ହେଲା ।
ଏ ବଡ଼ ମାହାତ୍ମ୍ୟ ବୃତାନ୍ତ

ISSN NO.
2582-208X

ତେଣୁ ପାଳନ୍ତି ସାଧୁ ସନ୍ଥ ।
କରିବ ଏ ବ୍ରତ ପାଳନ
ଶୁଦ୍ଧ ପବିତ୍ର କରି ମନ ।
ସ୍ନାହାନ କରିବ ପ୍ରାତରେ
ଦିଅଁ ପୂଜିବ ଭକ୍ତିଭରେ ।
ଫୁଲ ମୁରୁଜ ଝୋଟି ଦେବ
ତୁଳସୀ ଚଉଁରା ଲିପିବ ।
ପୁଣ୍ୟ କାର୍ତ୍ତିକ ଶ୍ରେଷ୍ଠ ମାସ
ଖାଇବ ଅମୃତ ହବିଷ ।
ପଂଚକ ପାଞ୍ଚ ଦିନ ପାଳି
ଘୃତ ଦୀପଟି ଦେବ ଜାଳି ।
କଣ୍ଠେ ତୁଳସୀ ମାଳ ପିନ୍ଧି
ମୁଣ୍ଡେ ତିଳକ ଟିକା ଛନ୍ଦି ।
ନାରାୟଣଙ୍କୁ ଜପୁଥିବ
ପ୍ରମାଦୁ ବଞ୍ଚିତ ଯେ ହେବ ।
ଅନେକ ଜନ୍ମ ତପ ବଳେ
ମନୁଷ୍ୟ ଜନ୍ମ ମହୀ କୋଳେ ।
ରଖିଲେ ସୁନ୍ଦର ବିଚାର
ହୋଇବ ମନୁଷ୍ୟରେ ସାର ।
ସ୍ଥାପିଲେ ଏହି ଦିବ୍ୟ ଜ୍ଞାନ
ସନ୍ତୋଷ ହେବେ ଭଗବାନ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଦୁର୍ନୀତି ରେ ମୋ କବିତା



ଅଜିତ ପାଢ଼ି

ମିଳିନାହିଁ ସ୍କନ୍ଧ ଶବ ରେ କବିତା
କରାଳ ସ୍ରୋତ ର ବ୍ୟାଧି ର ଗୀତି
ମାନବ ଜୀବନ ଅଟେ ରାଷ୍ଟ୍ରଧର୍ମ
ଗାଉଛି କବିତା ବେଦନା ରିତୀ
ଉର୍ଦ୍ଧ ନୁହେଁ କେହି ରାଷ୍ଟ୍ରଧର୍ମ ଠାରୁ
ଜାତି ଧର୍ମ ବଂଶ ଗୋତ୍ର ଓ ପ୍ରୀତି
ଗାଉଛି କବିତା ବ୍ୟାଧିର ଗୀତି .....।

ଯୁଦ୍ଧ ଠାରୁ ବଢି ପଡିଛି କରୋନା
ବୁଡାଇ ରଖିଛି ମାନବ ଜାତି
ଜୈବିକ ଅସ୍ତ୍ର ରେ ପ୍ରହାର କରୁଛି
ଚାଇନା ହୃଦୟେ ଶୃଗାଳ ନୀତି
ଲଜ୍ୟା, ନିର୍ଯ୍ୟାତନା ଯୌବନ ଧର୍ଷଣ
ବିଶ୍ୱ ରାଜନୀତି ପଶେ ଦୁର୍ଣିତି
ଗାଉଛି କବିତା ବ୍ୟାଧିର ଗୀତି ।

ISSN NO.
2582-208X

ମାଡିଆସେ ଝଡ କବିତା ହୃଦୟେ
ଫନି, ତିତଲୀ କେତେ ପ୍ରଜାତି
ହୁଡହୁଡ, ବୁଲବୁଲ, ୟାଶ ଝଡରେ
ଉତ୍କଳେ ବାଂଟିଛି ବେଦନା ଗୀତି
ଗାଉଛି କବିତା ଝଡର ନୀତି ।

କଳ, କାରଖାନା ବାୟୁ ପ୍ରଦୂଷଣ
ନିଯୁକ୍ତି ନାମରେ ଖଟନ୍ତି ଦାଦନ
ମିଳେନାହିଁ ସେଠି ମୁକ୍ତ ଅମ୍ଳଜାନ
ଜଳୁଛି ଜଙ୍ଗଲ ମାଫିଆ ନୀତି
ଗାଉଛି କବିତା ଜଙ୍ଗଲ ଗୀତି ।

ଦୂର ସଚେତନ ମାସ୍କ ପରିଧାନ
ବଳଦ ପ୍ରାୟ ହେ ମାନବ ଜୀବନ
ଜନ ଗୃହବନ୍ଦୀ ପ୍ରଭୁ ତାଲାବନ୍ଦୀ
ଝଡ ବନ୍ଦୀ ରଖି ପ୍ରଭୁଙ୍କ ନୀତି
କଳର ମାନବ କରେ ତ ଦୁର୍ନୀତି
ବ୍ୟାଧି କହୁଅଛି ଯୁଗର ଇତି
କରାଳ ସ୍ରୋତ ରେ ଯୁଗ ର ନୀତି
ଗାଉଛି କବିତା ବ୍ୟାଧିର ଗୀତି .....।
ମୋ କବିତା ଭିତରେ ଅଛି ଦୁର୍ନୀତି ?

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# ଆଖି



ସସ୍ମିତା ରାଉତ ଜେନା

ତୋ ଅକୁହା ମୁହଁର
ଆଖିଦୁଇ
କିଛି କହିଯାଏ ସେ
ମୋ ମନକୁଇଁ

ତୋ ଦୁଇଆଖିର
ଥରିଲା ପଲକ ଦେଇ
ସତେ ଯେପରି ବହି
ଯାଉଛି କି ପ୍ରୀତିନଈ

ତୋ ନୀଳ ଆଖିର
ଢଳଢଳ ଦୁଇଡୋଳା
ସତେ ଯେପରି ସାଗରବୁକୁର
ଭାସମାନ ଉର୍ମିମାଳା

ତୋ ମତୁଆଲା ଆଖିର
କଜଳର ଗାର
ହୃଦୟରେ ଗଢିଦିଏ
ପ୍ରେମର କୁଟୀର

ତୋ ଦୁଇଡୋଳାର
ମଧ୍ୟବିତ କଳା ବିନ୍ଦୁ
ଆମ ପ୍ରେମ ସମ୍ବନ୍ଧ
ର ଅଟେ କେନ୍ଦ୍ରବିନ୍ଦୁ

ତୋ ଆଖିର ଆଖିଏ
ରଂଗୀନ ସ୍ୱପ୍ନ
କରିଦିଏ ପରା
ମୋ ଜୀବନ ଧନ୍ୟ

ନ୍ୟୁ ଦିଲ୍ଲୀ

ISSN NO.
2582-208X

# ରାଷ୍ଟ୍ରପତି ନିର୍ବାଚନ : ଏକ ବିହଙ୍ଗାବଲୋକନ



ଅରୁଣ କୁମାର ତ୍ରିପାଠୀ

ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ନିମନ୍ତେ ପ୍ରତି ଉତ୍ସାହୀ ହୃଦୟରେ ଅଭିଳାସା ଥାଏ, କିନ୍ତୁ ଯାହାଙ୍କ ଭାଷଣ ସମାବର୍ତ୍ତନ ଉତ୍ସବରେ ପ୍ରଦାନ ପଶ୍ଚାତ୍ ସାଧାରଣ ଯୁବାଟେ ଜିଲ୍ଲାପାଳ ପଦବୀରେ ଅଭିସିକ୍ତ ହୁଏ, ସେହି ବିରଳ ସୌଭାଗ୍ୟ କ୍ୱଚିତ୍ ନାଗରିକଙ୍କ ଭାଗ୍ୟରେ ଲେଖାହେଇଥାଏ । ଭାରତୀୟ ଗଣତନ୍ତ୍ର ଏହି ମହାନ ପର୍ବ ନିମନ୍ତେ ବର୍ତ୍ତମାନ ଶୁଭ ଶଙ୍ଖ ବାଜିଉଠିଛି । ଜାତିୟ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପ୍ରାର୍ଥି ଭାବେ ଦ୍ରୌପଦୀ ମୁର୍ମୁ ପ୍ରାର୍ଥିତ୍ୱ ଦାଖଲ କରିଥିବା ସ୍ଥଳେ ମିଳିତ ପ୍ରଗତିଶୀଳ ସାମ୍ମୁଖ୍ୟର ପ୍ରାର୍ଥି ରୂପେ ଉଭା ହେଇଛନ୍ତି ଜସୱନ୍ତ ସିହ୍ନା । ଜିଏ ନିଜେ ଭାରତୀୟ ସମ୍ବିଧାନର ସର୍ବୋଚ୍ଚ ପଦବୀ, ଯାହାଙ୍କ ନାମରେ ପ୍ରଧାନମନ୍ତ୍ରୀ, ମୁଖ୍ୟ ବିଚାରପତି, ରାଜ୍ୟପାଳ,ପ୍ରଶାସନିକ ଅଧିକାରୀ, ସାମ୍ବିଧାନିକ ତଥା ବୈଧାନିକ କମିଶନରଙ୍କୁ ନିଯୁକ୍ତି ମିଳେ, ସେହି ଗାରିମାମୟ ପଦବୀର ନିର୍ବାଚନ ପ୍ରକ୍ରିୟା ତଥା ସଂଲଗ୍ନ ସୁବିଧା ସୁଯୋଗ ତଥା ପ୍ରଦତ୍ତ କ୍ଷମତା ବିଷୟରେ ଆଜିର ଏହି ଆଲେଖ୍ୟ ।

ଭାରତୀୟ ସମ୍ବିଧାନରେ ଧାରା ୫୨ ରୁ ୬୨ ମଧ୍ୟରେ ରାଷ୍ଟ୍ରପତି ଙ୍କ ନିଯୁକ୍ତି ତଥା କ୍ଷମତା ବିଷୟରେ ବ୍ୟନସ୍ଥା ରହିଅଛି । ପ୍ରଥମେ ତ ଦେଖିବା ଯୋଗ୍ୟତା ବିଷୟରେ । ଜଣେ ଭାରତୀୟ ନାଗରିକ, ଯାହାଙ୍କ ବୟସ ୩୫ରୁ ଉର୍ଦ୍ଧ୍ୱ ହେଇଥିବ, ଜିଏ ଲୋକସଭାର ସଦସ୍ୟ ହେବାକୁ ଯୋଗ୍ୟତା ରଖିଥିବେ ଏବଂ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଅଧିନରେ କୌଣସି ଲାଭଜନକ ବ୍ୟବସାୟ ଅବା ପଦବୀରେ ଅବସ୍ଥାପିତ ହେଇନଥିବେ, ସିଏ ରାଷ୍ଟ୍ରପତି ପ୍ରାର୍ଥିରୂପେ ନାମାଙ୍କନ ଦାଖଲ କରିପାରିବେ । କିନ୍ତୁ ସମର୍ଥକ ତଥା ପ୍ରସ୍ତାବକ

ISSN NO.
2582-208X

ନିମନ୍ତେ ୫୦ ଜଣ ବ୍ୟକ୍ତିବିଶେଷ ନାମାଙ୍କନରେ ହସ୍ତାକ୍ଷର କରିବା ବିଧେୟ । ଲୋକସଭା, ରାଜ୍ୟସଭା ତଥା ବିଧାନ ସଭା ଏବଂ କିଛି କେନ୍ଦ୍ରଶାସିତ ଅଞ୍ଚଳ (ଯାହାର ନିଜସ୍ୱ ବିଧାନସଭା ଥାଏ), ତାହାରି ନିର୍ବାଚିତ ସଦସ୍ୟଙ୍କୁ ନେଇ ଏକ ନିର୍ବାଚନ ସଂଗୋଷ୍ଠି ଗଠିତ ହୁଏ, ଯେଉଁମାନେ ରାଷ୍ଟ୍ରପତି ନିର୍ବାଚନରେ ମତଦାନ କରିପାରନ୍ତି । କିନ୍ତୁ ବର୍ତ୍ତମାନ ନୂତମ ଭାବେ ବିଭାଜିତ ହେଇଥିବା ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା ହେଇଥିବା ସ୍ଥଳେ ଯେହେତୁ ସେମାନଙ୍କ ସ୍ୱତନ୍ତ୍ର ବିଧାନ ସଭା ଗଠନ ପ୍ରକ୍ରିୟା ଜାରି ରହିଛି, ସେମାନେ ଭୋଟଦାନରୁ ବିରତ ରହିବେ । ପୁରୁଣା ଅଭିଜ୍ଞତା ମାନଙ୍କରେ ଦେଖାଯାଇଛି ଯେ ଯେଉଁ ରାଜ୍ୟର ବିଧାନସଭା ଆନୁଷ୍ଠାନିକ କାର୍ଯ୍ୟକାଳ ପୁରଣ ହେଇ ନିର୍ବାଚନ ଆଶାରେ ରହିଥାଏ, ସଂପୃକ୍ତ ବିଧାନ ସଭାର ସଦସ୍ୟ ମାନେ ମଧ୍ୟ ଭୋଟ ଦାନରୁ ବିରତ ରହନ୍ତି ।

ଆଉ ଏକ ରୋଚକ ବିଷୟ ହେଉଛି, ଯଦିଓ ଆମେ ଦେଖୁ ଲୋକସଭା, ବିଧାନ ସଭା ଆଦିରେ ପ୍ରତି ନାଗରିକଙ୍କ ଭୋଟର ମୁଲ୍ୟ ସମାନ ଥାଏ, କିନ୍ତୁ ଏହି ନିର୍ବାଚନରେ ପ୍ରତି ଭୋଟର ମୂଲ୍ୟ ସଂପୃକ୍ତ ଭୌଗୋଳିକ ଅଞ୍ଚଳର ଲୋକସଂଖ୍ୟା ଉପରେ ନିର୍ଭର କରେ । ଏହି ବାକ୍ୟକୁ ବୁଝିବାକୁ ଆମକୁ କିଛି ବଦ୍ଧମୂଳକ ବିଷୟ ଅବଲୋକନ କରିବାକୁ ହେବ ।

ପ୍ରତିଦଶ ବର୍ଷରେ ଥରେ ଜନଗଣନା ହୁଏ । ୮୪ ତମ ସମ୍ବିଧାନ ସଂଶୋଧନ ବଳରେ ଘୋଷଣା ହେଇଅଛି ଯେ, ୨୦୨୬ ମସିହା ପର୍ଯ୍ୟନ୍ତ ୧୯୭୧ ମସିହାରେ ହେଇଥିବା ଜନଗଣନାକୁ ଆଧାର ଭାବେ ବ୍ୟବହାର କରାଜିବ ଭୋଟ ର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ । ପ୍ରଥମେ ଜାଣିନେବା ରାଜ୍ୟ ବିଧାନ ସଭା ମାନଙ୍କର ବିଧାୟକଙ୍କ ଭୋଟର ମୂଲ୍ୟ । ଓଡିଶାର ଜଣେ ବିଧାୟକ ଯଦିଓ ଗୋଟିଏ ଭୋଟ ଦେବେ, କିନ୍ତୁ ତାଙ୍କ ଭୋଟର ମୂଲ୍ୟ ଅକଳନ କରାଯିବ । ସେହିଭଳି ଆମର ବୋଧଗମ୍ୟ ନିମନ୍ତେ ଆମେ ଆନ୍ଧ୍ରପଦେଶ ଓ ଗୋଆର ଉଦାହରଣ ନେବା । ବିଧାୟକଙ୍କ ଭୋଟର ମୂଲ୍ୟ ହେଉଛି, ସଂପୃକ୍ତ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ଜନସଂଖ୍ୟା ହରଣ ମୋଟ ନିର୍ବାଚିତ ସଦସ୍ୟ ସଂଖ୍ୟା ଗୁଣନ ଏକ ହଜାର । ଏହି କ୍ରମରେ ଜଣେ ଓଡିଶାର ବିଧାୟକଙ୍କ ଭୋଟର ମୂଲ୍ୟ ୧୪୯ ହେଇଥିବା ସ୍ଥଳେ ଆନ୍ଧ୍ର ପ୍ରଦେଶର ବିଧାୟକଙ୍କ ଭୋଟର ମୂଲ୍ୟ ୧୫୯ ତଥା ଗୋଆର ଜଣେ ବିଧାୟକଙ୍କ ଭୋଟର ମୂଲ୍ୟ ୨୦ । ସେହିଭଳି ଓଡିଶାର ସମସ୍ତ ବିଧାୟକଙ୍କ ଭୋଟର ମୂଲ୍ୟ ୨୧,୯୦୩ ହେଇଥିବା ସ୍ଥଳେ, ଆନ୍ଧ୍ର ପ୍ରଦେଶର ବିଧାୟକଙ୍କ ଭୋଟର ମୂଲ୍ୟ

ISSN NO.
2582-208X


୨୭୮୨୫ ଏବଂ ଗୋଆର ସମସ୍ତ ବିଧାୟକଙ୍କ ଭୋଟର ମୂଲ୍ୟ ୮୦୦ । ଏହିକ୍ରମରେ ଭାରତର ସମସ୍ତ ରାଜ୍ୟ ତଥା ଯୋଗ୍ୟ ବିବେଚିତ କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ବିଧାୟକଙ୍କ ଭୋଟର ମୂଲ୍ୟ ହେଉଛି ୫୪୯୪୯୫ ।

ବର୍ତ୍ତମାନ ଆସିବା ଜଣେ ସାଂସଦଙ୍କ ଭୋଟର ମୂଲ୍ୟ ବିଚାର କରିବା । ଭାରତର ସଂସଦ ଲୋକସଭା ଏବଂ ରାଜ୍ୟ ସଭାକୁ ନେଇ ଗଠିତ । ଲୋକ ସଭା ଏବଂ ରାଜ୍ୟ ସଭାରେ କେବଳ ନିର୍ବାଚିତ ସଦସ୍ୟ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବା ନିମନ୍ତେ ଯୋଗ୍ୟ । ଲୋକ ସଭାର ନିର୍ବାଚିତ ସଦସ୍ୟ ସଂଖ୍ୟା ହେଉଛି ୫୪୩ ଏବଂ ରାଜ୍ୟ ସଭାର ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ହେଉଛି ୨୩୩ । ଏହାର ଯୋଗଫଳ ହେଉଛି ୭୭୬ । ଜଣେ ଯୋଗ୍ୟ ବିବେଚିତ ସାଂସଦଙ୍କ ଭୋଟର ମୂଲ୍ୟ ନିର୍ଦ୍ଧାରଣ କରିବାର ସୂତ୍ର ହେଉଛି ସମସ୍ତ ବିଧାନସଭା ମାନଙ୍କ ଭୋଟର ମୂଲ୍ୟ ହରଣ ନିର୍ବାଚିତ ସାଂସଦଙ୍କ ସଂଖ୍ୟା । ଆମେ ପୂର୍ବରୁ ଆଲୋଚନା କରିଛେ, ସମସ୍ତ ଯୋଗ୍ୟ ବିବେଚିତ ବିଧାୟକଙ୍କ ମୂଲ୍ୟ ହେଉଛି ୫୪୯୪୯୫, ଏବଂ ଯୋଗ୍ୟ ବିବେଚିତ ସାଂସଦଙ୍କ ସଂଖ୍ୟ ହେଉଛି ୭୭୬ । ଏହାର ହରଣଫଳର ମୂଲ୍ୟ ହେଉଛି ୭୦୮, ଯାହା ଜଣେ ସାଂସଦଙ୍କ ଭୋଟର ମୂଲ୍ୟ । ଏଥିରୁ ଆମେ ସମସ୍ତ ସାଂସଦଙ୍କ ଭୋଟର ମୂଲ୍ୟ ପାଇପାରିବା, ଯାହା ହେଉଛି ୫୪୯୪୦୮ ।

ପାଠକଙ୍କ ଜିଜ୍ଞାସା ତଥା ଜ୍ଞାନର ବିସ୍ତାର ନିମନ୍ତେ ଆଉ କିଛି ସୂଚନା ପ୍ରଦାନ କରାଯାଇପାରେ । ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚି ସଦସ୍ୟଙ୍କ ସଂଖ୍ୟା ହେଉଛି ୪୧୨୦ । ଲୋକ ସଭାର ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ହେଉଛି ୫୪୩, ଯାହାଙ୍କ ଭୋଟର ମୂଲ୍ୟ ୭୦୮ ହିସାବରେ ଲୋକସଭାର ସର୍ବମୋଟ ଭୋଟ ମୂଲ୍ୟ ୩୮୪୪୪୪ । ରାଜ୍ୟସଭାର ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ହେଉଛି ୨୩୩, ଯାହାଙ୍କ ପ୍ରତି ଭୋଟର ମୂଲ୍ୟ ୭୦୮ ହିସାବରେ ରାଜ୍ୟସଭାର ସର୍ବମୋଟ ଭୋଟର ମୂଲ୍ୟ ୧୬୪୯୬୪ । ସମସ୍ତ ବିଧାନ ସଭାର ନିର୍ବାଚିତ ସଦସ୍ୟଙ୍କ ଭୋଟର ମୂଲ୍ୟ ହେଉଛି ୫୪୯୪୯୫ ଏବଂ ସଂସଦର ଭୋଟର ମୂଲ୍ୟ ୫୪୯୪୦୮ । ଏହି ହିସାବରେ ରାଷ୍ଟ୍ରପତି ନିର୍ବାଚନରେ ଭୋଟର ମୂଲ୍ୟ ହେଉଛି ୧୦୯୮୯୦୩ ।

ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ସମ୍ବିଧାନର ଧାରା ୫୫ ଉପଧାରା ୩ ରେ କୁହାଯାଇଛି, ରାଷ୍ଟ୍ରପତି ନିର୍ବାଚନର ପ୍ରକ୍ରିୟା ହେଉଛି, "ସମାନୁପାତିକ ପ୍ରତିନିଧିତ୍ୱ ସହ ଏକକ ହସ୍ତାନ୍ତର

ISSN NO.
2582-208X

ଯୋଗ୍ୟ ଗୁପ୍ତ ମତ ପତ୍ର" । ବର୍ତ୍ତମାନ ଏହି ବାକ୍ୟକୁ ବିଶ୍ଳେଷଣ କରିବା । ଉପରୋକ୍ତ ଆଲୋଚନାରୁ ଆମେ ଜାଣିସାରିଛେ, କିଭଳି ନିର୍ବାଚନ ସଂଗୋଷ୍ଠିର କିଛି ସଦସ୍ୟଙ୍କ ଭୋଟର ମୂଲ୍ୟ ଅଲଗା ଅଲଗା ଯାହା, ରାଜ୍ୟ ସ୍ଥରରେ ଲୋକସଂଖ୍ୟାକୁ ଭିତ୍ତି କରି ଭୋଟର ମୂଲ୍ୟ ନିର୍ଦ୍ଧାରଣ କରିବା ସହ ସମାନୁପାତି ପ୍ରତିନିଧିତ୍ୱ ଶବ୍ଦକୁ ନ୍ୟାୟ ପ୍ରଦାନ କରେ । ଗୁପ୍ତ ମତର ଅର୍ଥ ଭୋଟ ଦାନ ସମୟରେ ଲୁଚେଇକି ମତଦାନ କରିବା । ବର୍ତ୍ତମାନ ଆସିବା ଏକକ ହସ୍ତାନ୍ତର ଯୋଗ୍ୟ ଭୋଟ ବ୍ୟବସ୍ଥା । ରାଷ୍ଟ୍ରପତି ନିର୍ବାଚନ ହେବା ନିମନ୍ତେ ନିର୍ବାଚନ ସଂଗୋଷ୍ଠିର ୫୦ ପ୍ରତିଶତ ଭୋଟ ସହ ଆଉ ଏକ ଭୋଟ ପ୍ରାର୍ଥି ପାଇବା ଅନିର୍ବାର୍ଯ୍ୟ । ଯଦି ମୋଟ ମୂଲ୍ୟ ୧ ଲକ୍ଷ ହୁଏ, ତେବେ ଜିଣିବା ନିମନ୍ତେ ପ୍ରାର୍ଥି ୫୦୦୦୧ ଭୋଟ ପାଇବା ଦରକାର । ଯଦି ଦୁଇଟି ପ୍ରାର୍ଥି ପ୍ରତିନିଧିତ୍ୱ କରୁଥାନ୍ତି ତେବେ, ପ୍ରକ୍ରିୟା ସହଜ ହେଇଜାଏ, କିନ୍ତୁ ଦୁଇରୁ ଅଧିକ ପ୍ରାର୍ଥି ଥିଲେ ଏକକ ହସ୍ତାନ୍ତର ଯୋଗ୍ୟ ଭୋଟ ବ୍ୟବସ୍ଥା ନିୟୋଜିତ କରିବାକୁ ହୁଏ । ଉଦାହରଣ ସ୍ୱରୂପ କ,ଖ ଏବଂ ଗ ତିନିଜଣ ପ୍ରାର୍ଥି ଅଛନ୍ତି । ପ୍ରଥମ ସ୍ତର ର ଗଣନାରେ  କେହିବି ସଂଖ୍ୟା ଗରିଷ୍ଠତା ପାଇଲେନି, ତେବେ ନ୍ୟୁନତମ ଭୋଟ ପାଇଥିବା ବ୍ୟକ୍ତିଙ୍କ ପ୍ରାର୍ଥିତ୍ୱ ବିୟୋଗ କରାଯାଏ । ଯେତେବେଳେ ମତଦାନ ପତ୍ର ପ୍ରସ୍ତୁତ ହୁଏ ତେବେ କ୍ରମାନ୍ୱୟରେ ପ୍ରଥମ, ଦ୍ୱିତିୟ, ତୃତୀୟ ଚତୁର୍ଥ ଏହିଭଳି ପସନ୍ଦିତା ସ୍ଥାନ ପ୍ରାର୍ଥିମାନଙ୍କ ନିମନ୍ତେ ବାଛିବାକୁ ହେଇଥାଏ । ଗଣନାରୁ ଯଦି ଜଣାଯାଏ,  ଗ ମହାଶୟ କମ ଭୋଟ ପାଇଛନ୍ତି, ତାଙ୍କୁ ପ୍ରକ୍ରିୟାରୁ ବାଦ ଦିଆଯାଏ ଏବଂ ଦ୍ୱିତିୟ ସ୍ଥରର ଗଣନା ହୁଏ; ଯେଉଁଥିରେ ଗ ମହାଶୟଙ୍କୁ ପ୍ରଥମ ଗୁରୁତ୍ୱ ଦେଇଥିବା ବ୍ୟକ୍ତି ଦ୍ୱିତିୟ ଏବଂ ତୃତୀୟ ଗୁରୁତ୍ୱ କାହାକୁ ଦେଇଛନ୍ତି । ପ୍ରଥମ ସ୍ତର ର କ ଏବଂ ଖ ଙ୍କ ଭୋଟ ସ୍ଥିର ରହେ, ଆଉ ଦ୍ୱିତିୟ ସ୍ଥରର ଗଣନାରେ ଯାହକୁ ଦ୍ୱୀତୀୟ ଗୁରୁତ୍ୱ ପ୍ରାର୍ଥି ଦେଇଥିବେ, ତାହା ଗଣନା ହୁଏ । ଏବଂ ଯାହାର ଅଧିକ ଭୋଟ ହୁଏ ସେ ବିଜୟ ଲାଭ କରନ୍ତି । ଗାଣିତିକ ଉଦାହରଣ ମଧ୍ୟ ଦିଆଯାଇପାରେ । କ, ଖ ଏବଂ ଗ ୧୦୦ ଟି ଭୋଟ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ବିଜୟ ନିମନ୍ତେ  ୫୧ ଟି ଭୋଟ ଆବଶ୍ୟକ ଯାହା କେହି ପାଇଲେ ନାହିଁ। ଧରାଯାଉ କ ପାଇଲେ ୪୦, ଖ ପାଇଲେ ୩୫ ଏବଂ  ଗ ପାଇଲେ  ୨୫ । ଏଥିରେ ଗ ବାଦ୍ ପଡିବେ । ଗ ଙ୍କ ସହ  ଦିଆଯାଇଥିବା ଦ୍ୱିତିୟ ପସନ୍ଦର ଭୋଟ ବର୍ତ୍ତମାନ ଗଣାଜିବ । ଧରିନିଆଯାଉ ସେଥିରେ  କ ପାଇଲେ ୯ ଏବଂ ଖ ପାଇଲେ  ୧୬ । ତେବେ କ ଙ୍କ ଭୋଟ ସଂଖ୍ୟା ହବ ୪୯ ଏବଂ ଖ ଭୋଟ ଙ୍କ ସଂଖ୍ୟା ହବ ୫୧ । ତେବେ ଖ ବିଜୟ ଲାଭ କରିବେ । ୧୯୬୯

ISSN NO.
2582-208X

ମସିହାର ରାଷ୍ଟ୍ରପତି ନିର୍ବାଚନରେ ଏହିଭଳି ସ୍ଥିତିରେ ବରାହଗିର ଭେଙ୍କେଟଗିରି ଭାରତର ରାଷ୍ଟ୍ରପତି ନିର୍ବାଚିତ ହେଇଥିଲେ । ଭାରତର ରାଷ୍ଟ୍ରପତି ନିର୍ବାଚନ ଇତିହାସରେ ୧୯୭୭ ମସିହାରେ ନିଲମ ସଞ୍ଜୀବ ରେଡ୍ଡି କେବଳ ଜଣେ ମାତ୍ର ପ୍ରାର୍ଥି ଭାବେ ବିନା ନିର୍ବାଚନରେ ବିଜୟ ଲାଭ କରିଅଛନ୍ତି ।

କାର୍ଯ୍ୟପାଳିକା କ୍ଷମତା ବ୍ୟବହାର କରି ରାଷ୍ଟ୍ରପତି ବିଭିନ୍ନ ମୁଖ୍ୟ ପଦବୀ ଯଥା ପ୍ରଧାନମନ୍ତ୍ରୀ, କ୍ୟାବିନେଟ୍ ତଥା ଅନ୍ୟାନ୍ୟ ମନ୍ତ୍ରୀ, ମହାନ୍ୟାୟାଧିଷ, ମହାଲେଖା ନିୟନ୍ତ୍ରକ, ସର୍ବୋଚ୍ଚ ତଥା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ତଥା ଅନ୍ୟାନ୍ୟ ବିଚାରପତିଙ୍କ ନିଯୁକ୍ତି, ରାଜ୍ୟପାଳ, ମୁଖ୍ୟ ତଥା ସହଯୋଗୀ ନିର୍ବାଚନ ଅଧିକାରୀ, ସଂଘ ଲୋକସେବା ଆୟୋଗ ର ଅଧ୍ୟକ୍ଷ ଆଦିଙ୍କୁ ନିଯୁକ୍ତି ତଥା ଆବଶ୍ୟକ ସ୍ଥଳେ ଛଟେଇ କରିପାରନ୍ତି । ବ୍ୟବସ୍ଥାପିକା କ୍ଷମତା ବ୍ୟବହାର କରି ସେ ସଂସଦର ମିଳିତ ବୈଠକ ଡକାଇ ସେଥିରେ ଅଧ୍ୟକ୍ଷତା କରନ୍ତି, ସତ୍ର ଆରମ୍ଭରେ ଗୃହକୁ ସମ୍ବୋଧନ କରନ୍ତି, ବିଲ୍ ତାଙ୍କ ହସ୍ତାକ୍ଷର ରେ ଆଇନ୍ ରେ ପରିଣତ ହୁଏ, ଗୃହ ଚାଲୁନଥିବା ସମୟରେ ଅଧ୍ୟାଦେଶ ଜାରି କରି ଶାସନ କ୍ରିୟାନ୍ୱୟନ କରନ୍ତି ।ଆର୍ଥିକ କ୍ଷମତା ବ୍ୟବହାର କରି ସେ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଆୟର ବଣ୍ଟନ ତଥା ସ୍ୱତନ୍ତ୍ର ଅନୁଦାନ ପାରିତ କରାନ୍ତି ।

ତାଙ୍କ ବିନା ଅନୁମତିରେ ଅର୍ଥ ବିଲ୍ ଆଗତ ହେଇପାରେନି । ସାମରିକ କ୍ଷମତା ବଳରେ ସେ ତିନି ସେନାର ମୁଖ୍ୟ ଯୁଦ୍ଧ ଏବଂ ସ୍ୱତନ୍ତ୍ର ସୈନ୍ୟ ପ୍ରେରଣ ସେ କରିବାର କ୍ଷମତା ରଖନ୍ତି। ନ୍ୟାୟିକ କ୍ଷମତା ବଳରେ ସେ ବିଚାରପତି ନିଯୁକ୍ତି ତଥା କୌଣସି ଦୋଷୀର ଦଣ୍ଡ ଊଣା ଅବା ରାଜକ୍ଷମା ପ୍ରଦାନ କରିପାରନ୍ତି । କୁଟନୈତିକ କ୍ଷମତା ବଳରେ ସେ ଭାରତକୁ ବିଶ୍ୱ ସ୍ଥର ରେ ପ୍ରତିନିଧିତ୍ୱ ତଥା ଆବଶ୍ୟକ ସ୍ଥଳେ ରାଷ୍ଟ୍ରଦୂର ତଥା ସ୍ୱତନ୍ତ୍ର ଦୂତ ନିଯୁକ୍ତ କରନ୍ତି । ଜରୁରୀ କ୍ଷମତା ବଳରେ ସେ ରାଜ୍ୟ ତଥା କେନ୍ଦ୍ରରେ ଜରୁରୀ ପରିସ୍ଥିତି ଜାରି କରିପାରନ୍ତି ତଥା ସମ୍ବିଧାନର ୨୬୭ ଧାରା ବଳରେ ତାଙ୍କ ନିକଟରେ ଆକସ୍ମିକ ନିଧି ଗଚ୍ଛିତ ଥାଏ, ଯାହା ବଳରେ ଅର୍ଥିକ ଜରୁରୀ ପରିସ୍ଥିତିର ମୁକାବିଲା କରାଯାଇପାରେ । ଯଦିଓ ନିୟମିତ ବ୍ୟବଧାନରେ କେନ୍ଦ୍ର ତଥା ରାଜ୍ୟରେ ଜରୁରୀ ପରିସ୍ଥିତି ଦେଖାଯାଏ, କିନ୍ତୁ ଆଜି ପର୍ଯ୍ୟନ୍ତ ଆର୍ଥିକ ଜରୁରୀ ପରିସ୍ଥିତି ଭାରତରେ ଦେଖାଯାଇନାହିଁ ।

ISSN NO.
2582-208X

ବର୍ତ୍ତମାନ ଭାରତୀୟ ରାଷ୍ଟ୍ରପତିଙ୍କୁ ମାସିକ ୫ ଲକ୍ଷ ଦରମା, ଅନ୍ୟାନ୍ୟ ଭତ୍ତା, ୨ ଲକ୍ଷ ବର୍ଗ ଫୁଟର ବଙ୍ଗଳା ଜଉଥିରେ ୩୪୦ଟି କୋଠରୀ ଥାଏ, ଏବଂ ଆଜୀବନ ମାଗଣା ଚିକିତ୍ସା ବ୍ୟବସ୍ଥା ତଥା ସୁରକ୍ଷା ଦିଆଯାଇଥାଏ । ଅବସର ପରେ ମାସିକ ଦେଢଲକ୍ଷ ଅବସର ବୃତ୍ତି, ଅଫିସ୍ କାର୍ଯ୍ୟ ପରିଚାଳନା ନିମନ୍ତେ ମାସିକ ୩୦,୦୦୦, କର୍ମଚାରୀ ନିଯୁକ୍ତି ନିମନ୍ତେ ବାର୍ଷିଖ ୬୦୦୦, ଦୁଇଟି ମାଗଣା ଫୋନ୍ ସଂଯୋଗ, ମାଗଣା ଚିକିତ୍ସା ତଥା ରେଳ ଏବଂ ବିମନାରେ ମାଗଣା ଯାତ୍ରା ସୁବିଧା, ମାଗଣା ସରକାରୀ ବଙ୍ଗଳା ପ୍ରଦାନ କରାଯାଇଥାଏ । ସାଧାରଣତଃ ନିର୍ମଳ ଭାବମୂର୍ତ୍ତୀ ସମ୍ପର୍ଣ୍ଣ ରାଜନୈତିକ ବ୍ୟକ୍ତିତ୍ୱ, ପୂର୍ବତନ ରାଜ୍ୟପାଳ ତଥା ପ୍ରଶାସକ, ବୈଜ୍ଞାନିକଙ୍କୁ ଭାରତୀୟ ରାଷ୍ଟ୍ରପତି ପ୍ରାର୍ଥି ନିମନ୍ତେ ଚୟନ କରିବାର ନଜିର ରହିଅଛି ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ଦୂରଭାଷ : +୯୧-୯୦୭୮୮୩୮୬୭୭

ISSN NO.
2582-208X

# ବାଉଁଶ ପଚାରେ ଚନ୍ଦନ ଲୋ ....



ମନୋରଞ୍ଜନ ସୁରୁଜାଲ

ଦେବ କି ନ ଦେବ ଶରଣ ହେ ପ୍ରଭୁ
ସବୁ ମିଛି ତୁମେ ସତ,
ତୁଳସୀ ଦୟଣା କେରିକେରି ଗଲେ
ତା ସୁବାସେ ହୁଅ ପ୍ରିତ।
ଧନ୍ୟ କଳେବର ଚନ୍ଦନ ଲୋ ତୋର
ଭାଗ୍ୟବତୀ ଏ ସଂସାରେ।
ପ୍ରଭୁ ଶ୍ରୀଅଙ୍ଗରେ ଲେପି ହେଉ ତୁରେ
ଧନ୍ୟ ଜୀବନ ମହୀରେ।
ଚନ୍ଦନ ପାଣିରେ ସ୍ନାହାନ ତୁମରି
ମଥାରେ ଶୋହୁଛି ବିନ୍ଦୁ,
କେଉଁ ଜନମର ତପ ତୁ ଲଭିଛୁ
ମନ ବାନ୍ଧି ଦୀନବନ୍ଧୁ।
କି କହିବି ଆନ ବୁଝୁନୁ ବାଉଁଶ
ତୁ ପରା ତା ପାଇଁ ପ୍ରିୟ,
କୋଦଣ୍ଡ ରୂପରେ ସୁଶୋଭିତ କାନ୍ଧେ
ଦେଲେଟି ତୋତେ ଅଭୟ।
ମୁରଲୀ ହୋଇଣ ଶ୍ରୀକର ପଲ୍ଲବେ

ISSN NO.
2582-208X

ସ୍ୱର୍ଣ୍ଣ ପାଉ ତା ଓଠର,
ପ୍ରେମର ଆୟୁଧ ଗୋପୀ ମନ ଜିଣା
ଧନ୍ୟ ତୋହର ଶରୀର।
ଏ କଳିଯୁଗ ରେ ଦାମିକା ତୁ ପରା
ତୋ' ଦେହେ ବାଣ୍ଟିଲେ ଜ୍ଞାନ,
କାଗଜ ନାମରେ ଲଭି ଦିବ୍ୟ ଧାମ
ଧନ୍ୟ ଧନ୍ୟ ତୋ ଜୀବନ।
ପଦାରବିନ୍ଦରେ ଲାଖି ରହୁ ମନ
ରଖିବ ତୁମରି କତି,
ଏତିକି ଗୁହାରି ଶୁଣିମା ହେଉ ହେ
ଜଣାଇଛି ବିଶ୍ୱପତି ।

ଆଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଆସୁଛିରେ ଛାଡଖାଇ

ଅପର୍ଣ୍ଣି ସେଠୀ

(ରମ୍ୟ ରଚନା)

ସାବଧାନ, ସାବଧାନ, ସାବଧାନ
ପଦାକୁ ବାହାର ନାହିଁ,
ଶହେ ଚୌରାଳିଶି ଲାଗିଅଛି ଭାଡି
ଗୁହାଳରେ ପଶ ଯାଇ ।
ପରାଗ ଗ୍ରହଣ ମାନିବେନି ଜମା
ମାତିଛନ୍ତି ହେତୁବାଦୀ,
ହୁସିଆର ଭାଇ ଲୁଚି ଯାଅ ଯାଇ
ଜୀବନ ପାଇବ ଯଦି ।
ଛେଳି କୁକୁଡ଼ାଙ୍କ ଭାଳେଣି ପଡିଛି
ବଞ୍ଚିବା ଚାନ୍ସ ନାହିଁ,
କାର୍ତ୍ତିକ ମାସରେ ମହା ଦଶା ନେଇ
ଆସୁଛିରେ ଛାଡଖାଇ ।
କୁକୁଡାକୁ ଡାକି ଛେଳି କହୁଅଛି
ଧିକ ଆମ ଜନ୍ମ ଏହି,
ମଣିଷ ହାତରେ ଆମ ଜନ୍ମ ମୃତ୍ୟୁ
ଲେଖିଥିଲେ କ'ଣ ବିହି ?
କି ଓଷାବ୍ରତ କରେ ଏ ମଣିଷ
ଆମଠି ଧିଆନ ଦେଇ,

ISSN NO.
2582-208X

ଆସୁଛିରେ ଛାଡଖାଇ.....(୧)
ମୁଁ ଜାଣିପାରୁନି ହେ କୁକୁଡ଼ା ଭାଇ
କହିବ କି ହେ ବୁଝାଇ,
ମାସଟି ମଣିଷ ବଡ଼ ଓଷା କରେ
ଆଇଁଷକୁ ଛାଡ଼ିଦେଇ ।
ଓଷା ସରୁ ସରୁ ପୁଣି ଛାଡଖାଇ
ଆମକୁ ହେ ବଳିଦେଇ,
କି ଲାଭ ଏଥିରେ ଭାଇ!!!!
କିପରି ମଣିଷ ଚାଣ୍ଡାଳ ପାଲଟେ
ଦୁର୍ଲ୍ଲଭ ଜନମ ପାଇ,
ଏଟା କିପ୍ରକାର ଛାଡ ଖାଇ???
ଗେରସ୍ତକୁ ଡାକି ସ୍ତ୍ରୀ କହୁଅଛି
କରିବି ମୁଁ ବଡଓଷା,
ମାସଟିଏ ପରା ଆଇଁଷ ଛାଡିବି
ମାଉଁସରେ ବଳେ ଆଶା ।
ଯେତେ କାମ ଥାଉ ସବୁ ପଛ କରି
ଆଗ ମାରକେଟ ଯାଅ,
ଭଲ ଖାସି ମାଂସ, ଭଲ ଦେଶୀ ମାଛ
ଚିକେନ ଆଣିକି ଦିଅ।
ମସଲା ମସଲି ଭଲକରି ଦେଇ
ଖାଇବା ପେଟ ପୁରାଇ,
ପୁଣି ମାସ ସାରା କେମିତି ବଞ୍ଚିବି
(ଏ)ମାଛ ମାଂସ ଛାଡି ଦେଇ ??
\+ + +
ଛେଳି କଥା ଶୁଣି କୁକୁଡ଼ା କହଇ
ଶୁଣିବୁକି ଖାସୀ ଭାଇ,
ଆଇଁଷରେ ଆଶା ରଖି ଓଷା କଲେ

ISSN NO.
2582-208X

କଉଣସି ଲାଭ ନାହିଁ ।
ଆଜି ମଣିଷଟି ରାକ୍ଷସ ପାଲଟି
ନିରୀହ ଜୀବଙ୍କୁ ଖାଇ,
ମିଛେ ଓଷା କରି ଆଖିଠାର ମାରି
ଧାର୍ମିକ ବୋଲାଉଥାଇ ।
କୁକୁଡ଼ା ବେପାରୀ ଛେଳି ବେପାରୀଙ୍କ
ଦୋକାନ ଆଗରେ ଭିଡ଼,
ମାଉଁସ ପାଇଁ କି ଦୋକାନ ଆଗରେ
ଏତ ଛାଡଖାଇ ମାଡ଼ ।
ଧାରୁଆ କଟୁରୀ ପଜେଇ କଂସେଇ
କାଟି ଚାଲୁଥାଏ ଛେଳି,
ଅନ୍ୟସବୁ ଛେଳି ଛାଡନ୍ତି ବୋବାଳି
ପଡ଼ିଯିବ ତାଙ୍କ ପାଳି ।
ଛାଡ଼ିଦିଅ ଭାଇ ଆଉ କାଟ ନାହିଁ
ଆମଠାରେ ଦୟାକର,
ନିର୍ଦ୍ଦୟ ହୋଇକି କାହିଁକି ଆମକୁ
ଛଟପଟ କରି ମାର ।
ଟିକିଏ ରକତ ତୁମଠୁ ବୋହିଲେ
ଦଉଡୁଛ ମେଡିକାଲ,
ଦୟାମାୟା ଛାଡି ଆମରି ରକତେ
କିପରି ହେ ହୋଲି ଖେଳ ??
ନିଷ୍ଠୁର ମଣିଷ ଯଦି ବୁଝି ନାହିଁ
ପଶୁପକ୍ଷୀ ମନ କଥା,
କି ଓଷା କରୁଛି କି ଧର୍ମ ପାଳୁଛି
ଜୀବଙ୍କୁ ସେ କରି ହତ୍ୟା ??
ଜୀବଟିରେ ଦୟା ଯାଇନାହିଁ ଭାଇ
ଅସଲ ଚଣ୍ଡାଳ ସେହି,

ISSN NO.
2582-208X

ଖାଇ ମାଛ ମାଂସ କଲେ ଓଷା ବ୍ରତ
ଟିକିଏ ବି ଧର୍ମ ନାହିଁ ।
ଓଷାବ୍ରତ କର କିଛି ମନାନାହିଁ
ଜୀବ ବଧ କର ନାହିଁ,
ଜୀବେ ଦୟା ଅଟେ ବଡ଼ ଓଷା ସିନା
ଆଉ ଓଷା କିଛି ନାହିଁ ।
ଯଦି ପାର ଏହି ଛାଡଖାଇ କର
ରାଗ, ହିଂସା, ଦିଅ ଖାଇ,
ମନେ ଅହଂ ଗର୍ବ ରଖି ଓଷା କଲେ
ଦଣ୍ଡ ଅବଶ୍ୟ ମିଳଇ ।
ଛେଳି କୁକୁଡ଼ାଙ୍କ ଏ କଥା ଯେତେକ
ଲୁଚି ଶୁଣୁଥିଲି ମୁହିଁ,
ଭାବୁଥିଲି ଏମାନଙ୍କ ଲୁହଦିନେ
ଝଡ ହୋଇଯିବ ବହି ।
ତେଣୁ ମୁଁ ଆହ୍ୱାନ ଦେଉଅଛି ଶୁଣ
ହେ ଛେଳି କୁକୁଡ଼ା ଭାଇ,
ମଣିଷକୁ ଛାଡି ସୁବିଧା ହେ ଦେଖି
ବଣକୁ ଯାଅ ପଳାଇ ।
ବରଂ ବାଘ ଭାଲୁ ମୁଖେ ମରିଗଲେ
ସେଥିରେ ସୁଗତି ଅଛି,
ମାତ୍ର ଏ ମଣିଷହାତେ ମଲେକେବେ
ମିଳିବନାହିଁ ମୁକତି ।

ପାଳକଣା, କୋରେ୍ଇ, କେନ୍ଦ୍ରାପଡ଼ା
ମୋ - ୭୮୯୪୩୯୮୫୦୦

ISSN NO.
2582-208X



# କରିଦିଅ ମୋତେ ପାରି



ଜୟନ୍ତ କୁମାର ମଲ୍ଲିକ୍

ଜରା ନିବାସରେ ଦିନତ କାଟୁଛି
ଭୁଲିଗଲି ମୋର ଘର
କାନ୍ଦି କାନ୍ଦି ମୁଁ ଦିନ ବିତାଉଛି
ଲାଗୁଛି ଏଠାରେ ଡର ।
ଜନମ ମାଟିକୁ ଯାଇ ହେଉନାହିଁ
ବୟସ ହେଲାଣି ଅଶୀ
ପୁଅବୋହୂ ଦୁହେଁ ଏଇଠାରେ ଛାଡ଼ି
ଚାଲିଗଲେ ହସି ହସି ।
ଭୁବନେଶ୍ୱରରେ ଚାକିରୀ କରନ୍ତି
ଘରବି ରହିଛି ସେଠି
ପଛକଥା ସବୁ ମନେ ମୋ ପଡୁଛି
ଛଟପଟ ହୁଏ ଏଠି ।
ଖାଇ ପାରୁନାହିଁ ଭାତ ତରକାରୀ
ଥରୁଅଛି ମୋର ହାତ
ବେଳେବେଳେ ମୋର ଗୋଡ ଫୁଲିଯାଏ
ଧରଇ ଆକାଶି ବାତ ।

ଦୁଃଖ କଥା ମୁଁ କାହାକୁ କହିବି
ଶୁଣିବ ଆଉବା କିଏ
ଆଖିକୁ ମୋହର ଭଲ ଦିଶୁନାହିଁ
ମିଳୁନି ଚଷମା ଟିଏ ।
କଳା ଠାକୁରଙ୍କୁ ନିଇତି ଡାକୁଛି
କରିଦିଅ ମୋତେ ପାରି
ଜଗତ ଜଞ୍ଜାଳ ସହି ହେଉନାହିଁ
କଷଣ ଦେଉଛି ଭାରି ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:-୯୪୩୭୮୭୫୭୨୭

ISSN NO.
2582-208X

# ଯୋଗ ଓ ବ୍ୟାୟାମ



ସୂର୍ଯ୍ୟ ନାରାୟଣ ସାହୁ

ପୁରାତନ କାଳରୁ ମୁନି ଋଷି ମାନେ ଯୋଗକୁ ଏକ ପରମ୍ପରା ବୋଲି ମାନି ଆସିଛନ୍ତି । ସଂସ୍କୃତରେ ଲେଖା ଅଛି, "ଶରୀର ମାଧ୍ୟମ, ଖଳୁ ଧର୍ମ ସାଧନଂ" ଅର୍ଥାତ; ଧର୍ମ ସାଧନ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟବାନ ଶରୀର । ଶରୀରକୁ ସ୍ୱାସ୍ଥ୍ୟବାନ ରଖିବାକୁ ହେଲେ ଯୋଗ, ଆଉ ବ୍ୟାୟାମ ନିତାନ୍ତ ଆବଶ୍ୟକ । ମଣିଷର ବଞ୍ଚିବା ପାଇଁ ଯେପରି ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଜରୁରୀ ପଦାର୍ଥ ଆବଶ୍ୟକ ଠିକ ସେହିପରି ବଞ୍ଚିବା ନିମିତ୍ତ ଶରୀର ପାଇଁ ଯୋଗ ଅତ୍ୟନ୍ତ ଆବଶ୍ୟକ । ହଁ ଏହା ମଧ୍ୟ ସତ୍ୟ ଯେ; ଶରୀର ଗଠନ ପାଇଁ ଖାଲି ଖାଦ୍ୟ ହିଁ ଆବଶ୍ୟକ ହୋଇ ନଥାଏ ସେଥିପାଇଁ ଯୋଗ ବି ଆବଶ୍ୟକ ହୋଇଥାଏ । ନିୟମିତ ବ୍ୟାୟାମ ଶରୀରକୁ ସୁନ୍ଦର ଓ ସୁଗଠିତ କରି ଗଢି ତୋଳେ ।

ଶାରୀରିକ ସ୍ୱାସ୍ଥ୍ୟ ଉପରେ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ, ମାନସିକ ସ୍ୱାସ୍ଥ୍ୟ ଶରୀର ଉପରେ ମଧ୍ୟ ପ୍ରଭାବ ପକାଇ ଥାଏ । ଯେପରି ଜଣେ ଶରୀର ଠିକ ନଥିଲେ କାମ କରିପାରିନଥାଏ ଠିକ୍ ସେହିପରି ମାନସିକ ଚାପ ଗ୍ରସ୍ତରେ ଥିବା ଲୋକ ସଠିକ କାମ କରି ପାରିନଥାଏ, ଭୁଲ-ଠିକ୍ ର ହିସାବ କରିପାରିନଥାଏ । ଶରୀର ସୁସ୍ଥ ରହିଲେ ମନ ପ୍ରଫୁଲ୍ଲ ରହେ, ମନ ପ୍ରଫୁଲ୍ଲ ରହିଲେ ତାର ସୁପ୍ରଭାବ ଶରୀର ଉପରେ ପଡେ । ତେଣୁ ଇଂରାଜୀ ରେ ଏକ କଥା ଅଛି; "A sound mind in a sound body" ଶରୀର ଓ ମନ ପ୍ରଫୁଲ୍ଲ ରଖିବାକୁ ହେଲେ ଯୋଗ - ବ୍ୟାୟାମ ନିତାନ୍ତ ଆବଶ୍ୟକ । ଛାତ୍ର-ଛାତ୍ରୀ ମାନେ ନିୟମିତ ବ୍ୟାୟାମ ଓ ଯୋଗ କରିବା ଦରକାର। କାହିଁକିନା; ଯୋଗ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ସେମାନଙ୍କର ସ୍ମରଣ ଶକ୍ତି ବି ବଢ଼ାଇ ଥାଏ, ଯାଦ୍ୱାରା ପାଠ ମଧ୍ୟ ଭଲ ମନ ରହିଥାଏ । ଖାଲି ଯୋଗ ଯେ ଶରୀରକୁ ସୁନ୍ଦର କରି ଗଢି ତୋଳେ ତାହା ନୁହଁ, ଯୋଗ ବା ବ୍ୟାୟାମ

ISSN NO.
2582-208X

ଦ୍ୱାରା ନିଜର ଅଭ୍ୟନ୍ତରୀଣ ଶକ୍ତି ବଢାଇବା ସଙ୍ଗେ ସଙ୍ଗେ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ବଢାଇ ଥାଏ । କଥାରେ ଅଛି, "ଯୋଗ ଦ୍ୱାରା ରୋଗକୁ ଭଲ କରାଯାଇ ପାରେ" । ସଂସାର ରେ ଏମିତି କିଛି ରୋଗ ନାହିଁ ଯାହାକି ଯୋଗ, ବ୍ୟାୟାମ ଦ୍ୱାରା ଭଲ ହୋଇ ନଥାଏ । କ୍ରୀଡା ମାଧ୍ୟମରେ ଯୋଗ କରିଲେ ବ୍ୟକ୍ତିର ଧୌର୍ଯ୍ୟ, ସାହସ, ଏବଂ ଶୃଙ୍ଖଳା ଜ୍ଞାନ ବଢିଥାଏ ।ଯୋଗ ଏକ ମାନସିକ, ଶାରୀରିକ ପ୍ରକ୍ରିୟା ଯାହା କି ଶରୀର ଓ ମନକୁ ସୁସ୍ଥ ରଖିବା ସହିତ ରୋଗ ଦାଉରୁ ମଧ୍ୟ ରକ୍ଷା କରିପାରିଥାଏ ।ସେଥିପାଇଁ ଯୋଗ ବି ବହୁତ ପ୍ରକାରର ହୋଇ ଥାଏ । ଯଥା; ଭକ୍ତି ଯୋଗ, କର୍ମ ଯୋଗ, ଜ୍ଞାନ ଯୋଗ, ହଠ ଯୋଗ, ମନ୍ତ୍ର ଯୋଗ, କୁଣ୍ଡଳିନୀ ଯୋଗ, ରାଜ ଯୋଗ ।

ଭକ୍ତି ଯୋଗ : "ଭକ୍ତି" ଶବ୍ଦ ଟି "ଭଜ" ଧାତୁ ରୁ ଆସିଅଛି । ଯାହାର ଅର୍ଥ ହେଉଛି ଭକ୍ତି ବା ଈଶ୍ୱର ସେବା । ଭକ୍ତି ଯୋଗ ଦ୍ୱାରା ବ୍ୟକ୍ତି ର ଉଚ୍ଚ- ନୀଚ ଭାବନା ରହି ନଥାଏ । ଆଉ ଭକ୍ତି ଯୋଗ ଏମିତି ଏକ ବିଷୟ ଯାହାକି ବ୍ୟକ୍ତିକୁ ଭକ୍ତି ମାଧ୍ୟମରେ ଜ୍ଞାନ ପ୍ରଦାନ କରା ଯାଉଅଛି । ଭକ୍ତି ମାର୍ଗକୁ ଆପଣେଇ ଥାଏ ଏବଂ ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ଲାଗେ । କୁହାଯାଉଛି ଯେ ; ଆମେ ହୃଦୟରୁ ମନ ଲଗାଇ କି ଆରାଧନା କରୁ, ସ୍ୱଚ୍ଛ ମନରୁ ହୃଦୟକୁ ଡାକୁ ତାହେଲେ, ଈଶ୍ୱର ଆମ ପ୍ରାର୍ଥନାକୁ ସ୍ୱୀକାର କରନ୍ତି, ଆଉ ସହାୟତା କରନ୍ତି । ଏହି ଭଳି ଭାବେ ଭକ୍ତି ଯୋଗ ଜୀବନର ପୂର୍ଣ୍ଣତା ପ୍ରାପ୍ତି କରିଥାଏ ।

କର୍ମ ଯୋଗ : "କର୍ମ" ଅର୍ଥାତ କାର୍ଯ୍ୟ ବା କାମ କରିବା । ଶ୍ରୀକୃଷ୍ଣ ଅର୍ଜୁନକୁ କହିଥିଲେ ଯେ; କର୍ମ କର, ଫଳର ଆଶା ରଖନି । ସଂସାରର କୋଉ ବ୍ୟକ୍ତି ବି ନିଜ ନିଜ କର୍ମ କ୍ଷେତ୍ରରୁ ଚ୍ୟୁତ ହୋଇ ନଥାଏ । ପ୍ରତ୍ୟେକ ଲୋକ କିଛି ନା କିଛି କାମ କରିଥାନ୍ତି । ଯଦି ଲୋକ କାମ କରିବା ବନ୍ଦ କରିଦେବେ ତାହେଲେ ସୃଷ୍ଟି ଚକ୍ର କେମିତି ଚାଲିବ? ଏହା ଚାଲିବା ବନ୍ଦ ହୋଇଯିବ । ଆମେ ପ୍ରତ୍ୟେକ କାର୍ଯ୍ୟରୁ କିଛି ନା କିଛି ଶିଖିବାକୁ ପାଇଥାଉ, ଯଦି ବି ଆମେ କିଛି କାର୍ଯ୍ୟ କରିଥାଉ । ଯଦି ଆମେ ନିସ୍ୱାର୍ଥପର ଭାବେ କାହାର କାମ କରୁଛେ ବା ସେବା କରୁଛେ, ତାହେଲେ ଏଇ ମାର୍ଗକୁ କର୍ମ ଯୋଗ କୁହାଯାଏ । କର୍ମ ଯୋଗକୁ ସେବା ଯୋଗ ଭାବେ ମଧ୍ୟ ଜଣା ଯାଉଅଛି ।

ISSN NO.
2582-208X

ଜ୍ଞାନ ଯୋଗ : "ଜ୍ଞାନ" ଯୋଗ ଅର୍ଥାତ ବୁଦ୍ଧି । ଜ୍ଞାନକୁ ବୁଦ୍ଧି ଯୋଗ ବି କୁହାଯାଏ । ଜ୍ଞାନ ଯୋଗରେ ଆମେ ଗ୍ରନ୍ଥ ପ୍ରତି ମନନିବେଶ କରି ଜାଗ୍ରତ କରିବା ପାଇଁ ହୋଇଥାଏ । ଜ୍ଞାନ ଆମକୁ ସଠିକ ମାର୍ଗରେ ଚାଲିବାକୁ ରାସ୍ତା ଦେଖାଏ ସେଥିପାଇଁ ଆମେ ଆମ ଜୀବନରେ ଭଲ ଭଲ ଗ୍ରନ୍ଥ ପଢି ଜ୍ଞାନକୁ ସଠିକ ମାର୍ଗରେ ଲଗାଇବା ଉଚିତ । ଆମେ ଏଇ ଯୋଗ ମାଧ୍ୟମରେ ମନ, ଶରୀର, ଆଉ ଇନ୍ଦ୍ରିୟ ଦ୍ୱାରା ଜ୍ଞାନର ଅବିର୍ଭୁତ ହୋଇଥାଏ । ଆଉ ଏହି ଜ୍ଞାନ ଆମକୁ ମୋକ୍ଷ ପ୍ରାପ୍ତିରେ ସହାୟକ ହୋଇଥାଏ । ଜ୍ଞାନ ଦୁଇ ପ୍ରକାରର ହୋଇ ଥାଏ; ତାର୍କିକ ଜ୍ଞାନ, ଆଧ୍ୟାତ୍ମିକ ଜ୍ଞାନ ।

ହଠ୍ ଯୋଗ : "ହଠ୍ "ଅର୍ଥାତ ; "ଜିଦି"। ପ୍ରତ୍ୟେକ ବ୍ୟକ୍ତିର ଜିଦି ପଣ ରହିବା ସ୍ୱାଭାବିକ । ହଠ୍ ଯୋଗ ଅତ୍ୟନ୍ତ ପ୍ରାଚୀନ ଯୋଗ, ଯେଉଁଥିରେ କି ଆସନ, ପ୍ରାଣାୟାମ, ମୁଦ୍ରା ଦ୍ୱାରା ନିଜ ଶରୀର ଏବଂ ମନକୁ ଏକାଗ୍ର ଚିତ୍ତ କରିବାକୁ ହଠ୍ ଯୋଗ କୁହାଯାଏ । "ହଠ୍" ଶବ୍ଦରେ "ହ "କୁ ସୂର୍ଯ୍ୟ ସହ ଏବଂ "ଠ" କୁ ଚନ୍ଦ୍ରର ପ୍ରତିକ ମାନାଯାଉଛି । ସୂର୍ଯ୍ୟ ନିଜ ସମୟରେ ଉଦୟ ହୁଏ ଏବଂ ଚନ୍ଦ୍ରବି ନିଜ ସମୟରେ ଉଦିତ ହୁଏ । ଯାହା "ହଠ" ଯୋଗ ଦ୍ୱାରା ଆମେ ଶରୀରକୁ ଶକ୍ତିଶାଳୀ ବନାଇଥାଉ ।

ମନ୍ତ୍ର ଯୋଗ : "ମନ୍ତ୍ର" ଅର୍ଥାତ; ପ୍ରାର୍ଥନା ବା ସ୍ତୁତି କରିବା । ମନ୍ତ୍ର ଦ୍ୱାରା ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି, ସ୍ତୁତି କରୁଛନ୍ତି, ଯେତେବେଳେ ଆମେ ଆରାମରେ ଥାଉ ସେତେବେଳେ ସଂଗୀତ ଶୁଣି ଥାଉ । ମନ୍ତ୍ରର ଅନ୍ତର୍ଗତ ସୁର, ଲୟ, ତାଳ, ଏବଂ ଉଚ୍ଚାରଣ ଏଇସବୁ ହେବା ନିହାତି ଜରୁରୀ । ମନ୍ତ୍ର ଯୋଗର ସମ୍ବନ୍ଧ ମନରୁ ହୋଇ ଥାଏ । କାହିଁକିନା; ଆମର ମନ ଚଞ୍ଚଳତାରେ ଭରି ରହୁଛି । କେବେ କୁଆଡ଼େ ମନ ହେଉଛି ଆମେ ନିଜେ ଜାଣି ନଥାଉ ଯେତେବେଳେ ଆମ ମନକୁ ଚିନ୍ତନ ଦ୍ୱାରା ସ୍ଥିର କରୁଛେ ଆଉ ଏକ ନୂଆ ଜାଗରଣ ସୃଷ୍ଟି କରୁଛେ ତାହାକୁ ମନ୍ତ୍ର ଯୋଗ କୁହାଯାଏ । ମନ୍ତ୍ର ଯୋଗ ଦ୍ୱାରା ନିଜକୁ ଆଧ୍ୟାତ୍ମିକ ମାର୍ଗରେ ଯିବାପାଇଁ ପ୍ରେରଣା ମିଳିଥାଏ ।

କୁଣ୍ଡଳିନୀ ଯୋଗ : "କୁଣ୍ଡଳିନୀ" ଯୋଗ କୁ ଶରୀରର ଶକ୍ତି କୁ ଜାଗ୍ରତ କରିବା ପାଇଁ କରାଯାଏ । ମାନବ ଶରୀର ରେ ହଜାର ହଜାର ନାଡ଼ି ଥିବା ଯୋଗୁଁ ତାକୁ ଜାଗ୍ରତ କରିବା ପାଇଁ କୁଣ୍ଡଳିନି ଯୋଗ କରାଯାଏ । ଆଉ ଏହା ଯେତେବେଳେ ଜାଗ୍ରତ ହୋଇଥାଏ ;

ISSN NO.
2582-208X

ସେତେବେଳେ ବ୍ୟକ୍ତି ର ଧ୍ୟାନ ଏକାଗ୍ରଚିତ୍ତ ହୋଇଥାଏ ତାସହ ସ୍ଥିର ପ୍ରଜ୍ଞତା, ପ୍ରେମ ଆଉ ଶାନ୍ତି ମାର୍ଗରେ ବଢିଥାଏ । "କୁଣ୍ଡଳିନୀ" ଯୋଗ ଦ୍ୱାରା ଆମ ଶରୀରର "nervous system" କୁ ମଜଭୁତ କରିଥାଏ । କୁଣ୍ଡଳିନୀ ଯୋଗ ଦ୍ୱାରା ବିଭିନ ପ୍ରାଣାୟାମ, ମନ୍ତ୍ର ଏବଂ ଆଶଙ୍କା ଦ୍ୱାରା ଏହାକୁ ସିଦ୍ଧି କରାଯାଉଛି ।

ରାଜ ଯୋଗ : "ରାଜ" ଅର୍ଥାତ ; ପ୍ରଭୁତ୍ୱ, ଶାସନ, ବା କିଛି ଜିନିଷ ଉପରେ ରାଜ କରିବା । "ରାଜ ଯୋଗ" କୁ ଶାହୀ ଯୋଗ ବି କୁହାଯାଏ । ଏହି ଯୋଗ ଦ୍ୱାରା ବ୍ୟକ୍ତି ନିଜ ଆତ୍ମାକୁ ସାକ୍ଷାତକାର କରିଥାଏ । ଏହାଦ୍ୱାରା ନିଜ ମନକୁ ଶକ୍ତିଶାଳୀ ବନାଯାଉଛି, ଏବଂ କିଛି ବି ଉଚିତ କାର୍ଯ୍ୟ ବା ନିର୍ଣ୍ଣାୟକ କାର୍ଯ୍ୟ  କରିବା ପାଇଁ ପ୍ରୟୋଗ କରାଯାଇଥାଏ । ଏହି ଯୋଗ ଦ୍ୱାରା ମନର ଚଞ୍ଚଳତାକୁ କ୍ଷୁର୍ଣ୍ଣ କରିହୁଏ ଆଉ ନିୟନ୍ତ୍ରଣ କରିହୁଏ । କାହିଁକିନା; ରାଜ ଯୋଗରେ ଅଷ୍ଟାଙ୍ଗ ଯୋଗ ମିଳିଅଛି । ଯଥା; ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହତ, ହରିଣତ, ଧ୍ୟାନ, ସମାଧି । ଏହି ଆଠ ଅଙ୍ଗ ଦ୍ୱାରା ଯୋଗୀ ନିଜର ଧ୍ୟାନ ଉପରେ ନିୟନ୍ତ୍ରଣ କରିଥାଏ । ଆପଣମାନେ ଜାଣିଥିବେ  ପ୍ରାଚୀନ ଯୁଗ ରେ ରାଜା ମହାରାଜା ମାନେ ଏହି ଭଳି ଭାବେ ନିଜର ନିର୍ଣ୍ଣୟ କରୁଥିଲେ, ନିଜର ମନକୁ ଦୃଢ କରୁଥିଲେ, ଆଉ ନିୟନ୍ତ୍ରଣ ରେ ରଖୁଥିଲେ ।

ଠିକ ସେହିପରି ବ୍ୟାୟାମ ଦ୍ୱାରା ବି ମନୁଷ୍ୟ ନିଜ ଅଭ୍ୟନ୍ତରୀଣ ଶକ୍ତି ବଢ଼ାଇ ଥାଏ । ନିଜକୁ ଶକ୍ତିଶାଳୀ କରିଥାଏ । ଆଉ ନିଜର ଦକ୍ଷତାକୁ ବଢାଏ  ଏବଂ ନିଜକୁ ରୋଗ ଦାଉରୁ ମଧ୍ୟ ରକ୍ଷା କରିଥାଏ । ଏମିତି କିଛି ଜିନିଷ ନାହିଁ ଯାହା ଯୋଗ ଦ୍ୱାରା ଲାଭ କରା ଯାଇ ପାରିବ ନାହିଁ ।

ଏହା ମୁଁ କେବଳ ପାଠକ ମାନଙ୍କ ପାଇଁ ଲେଖୁନାହିଁ, ଏହା ଶିକ୍ଷାର୍ଥୀ ପାଇଁ ନିତାନ୍ତ ଆବଶ୍ୟକ । କାହିଁକିନା ; ଯୋଗ ଦ୍ୱାରା ଶିକ୍ଷାର୍ଥୀ ଉତ୍ତମ ଶିକ୍ଷା ଲାଭ କରିଥାଏ । ଏଇ ଥିଲା ଆମର ଯୋଗର ସଂଜ୍ଞା ଆପଣମାନଙ୍କୁ କେମିତି ଲାଗିଲା ମତାମତ ନିଷ୍ଚୟ ଦେବେ ।

ଡି ପଲ୍ ସ୍କୁଲ,
ଆସ୍କା, ଗଂଜାମ

ISSN NO.
2582-208X

# ସେ ମୋ ଗାଁ



ହିପୋ ରଣା

ଯେଉଁଠି କଟିଛି ମୋ ପିଲାଦିନ
ତାକୁ ଝୁରି ହୁଏ ମୁଁ ରାତିଦିନ।
ମାଁ ସିନା ଦଶ ମାସ ଗର୍ଭେ ଧରି ଦୁନିଆ କୁ ଆଣିଲା
ତା ପାଣି,ପବନ ରେ ମୋ ବାଲ୍ୟ ଜୀବନ କଟିଲା।
ସେ ମୋ ଗାଁ।।

ଖରାଦିନେ ଆମ୍ବ ତୋଟା ଗଛ ଡାଳେ
ଫଗୁଣ ପବନ ବାସ୍ନା ରେ ଆମ୍ବ ବଉଳେ।
ଶ୍ରାବଣ ବର୍ଷା ର ବାରି ଧାରାରେ
ସାଙ୍ଗ ସାଥି ମିଶି କାଗଜ ଡଙ୍ଗା ଭସା ମଜାରେ।
ସେ ମୋ ଗାଁ। ।

ମୋ ଗାଁ ର ବିଲ, ବାଡି, ପାଣି ,ପବନ, ମାଟି
ମାଣ ବସାରେ ଗୃହିଣୀ ର ହାତ କଟା ଝୋଟି ।
ଶୀତୁଆ ସକାଳର କୁହୁଡି ଭିଜା ରେ
ଘାସରେ ହୀରା ନୀଳା ଚମକେ ରବି କିରଣରେ।
ସେ ମୋ ଗାଁ। ।

ISSN NO.
2582-208X

ମୋ ଗାଁ ଠୁ ମୁଁ ଯେବେ ଯାଏ ଦୁରେଇ
ତା ସ୍ମୃତି, ମୋହ, ପରିବେଶ ଡାକେ ହାତ ଠାରି।
ମୋ ଗାଁ ନିକଟରେ ବହି ଯାଏ ତେଲ ନଈ
ନାଆ ରେ ମୀନ ମାରେ ବସି ଧୀବର ଭାଇ।
ସେ ମୋ ଗାଁ ।।

ଚକ୍ରଧାରୀଙ୍କ ଜନ୍ମଭୂମି ଥିଲା ଗୋପପୁର
ମୋ ପାଇଁ ମୋ ଗାଁ ସ୍ୱର୍ଗ, ବୈକୁଣ୍ଠ ପୁର।
ସହର ରେ ଥାଏ ବଡ ବଡ କୋଠା, ଘର, ବାଡି
ମୋ ଗାଁ ରେ ପାହାଡ, ଝରଣା, ପୋଖରୀ, ଶଗଡ଼ ଗାଡ଼ି
ସେ ମୋ ଗାଁ।।

ଶ୍ରୀମାଲ, କନ୍ଧମାଳ,ବୌଦ

ISSN NO.
2582-208X

# ମିଛ ମଣିଷ



ଲୀଳାବତୀ ପରିଡ଼ା

ମିଛ ମଣିଷର ମିଛ ମାୟା ଜାଲେ
କୁହୁଡ଼ି ଘେରା ବଳୟେ,
ପଡିଗଲେ ଥରେ ଆଉ ନ ବାହାରେ
ଛନ୍ଦି ହୁଏ ସେ ଅଥୟେ ।୧।

ମିଛ ଦୁନିଆରେ ସତ ନର ହାରେ
ମିଛ ମଣିଷ ଟି ଜିତେ,
ସତର କାନ୍ଧ ରେ ବନ୍ଧୁକ ରଖିଣ
ସ୍ୱାର୍ଥପର ହୁଏ କେତେ।୨।

ମିଛ ଅହମିକା ଚାଦର ଭିତରେ
ସତକୁ ଘୋଡେଇ ଦିଏ,
ମିଛ ମଣିଷ ଟି ବାରମ୍ବାର ଜିତେ
ଶେଷେ କିନ୍ତୁ ହାରିଥାଏ ।୩।

ମିଛ ମରୀଚିକା ପରି ତା ପଛରେ
ଦଉଡାଇ ମାରିଥାଏ,

ISSN NO.
2582-208X

ମିଛ ମଣିଷ କୁ ଚିହ୍ନିବା କେମିତି
କଠିନ କାମ ତ ଇଏ।୪।

ମିଛ ରେ ପ୍ରଶଂସା କରୁଥାଏ ତୁମ
ପଛରେ ମାରଇ ଛୁରୀ,
ସ୍ୱାର୍ଥ ସରିଗଲେ ଠେଲି ଦିଏ ଦୁରେ,
ମିଛ ମଣିଷ ବଇରୀ ।୫।

ମିଛ ସତ କହି ମନ ମୋହି ନିଏ
ଭରି ହୃଦେ କେତେ ବିଷ,
ସେମିତି ଜନ ଯେ ସରପ ସମାନ
ତାଠାରୁ ଦୂରେଇ ଆସ ।୬।

କୁଟୁଣିଆଁ,ହିନ୍ଦୋଳ, ଢେଙ୍କାନାଳ
ମୋ ନ- ୯୮୬୧୯୪୫୬୨୬

ISSN NO.
2582-208X

# କର୍ମଫଳ



ଶିବରାମ ଦଳେଇ

ଭଦ୍ରବ୍ୟକ୍ତ ଜଣଙ୍କ ବୁଢ଼ାଟିର ହାତଧରି ଗେଟ ଭିତରକୁ ଟାଣିଟାଣି ଆଣୁଥିବାର ଦେଖି ଚମକ ପଡିଲା ମମତା । ଲୋଳୁକରୁ ଚମ, କୋରଡ଼ିଆ ଆଖି ସାଙ୍ଗକୁ ଧୋବ ଫରଫର ଚୁଟି ଦୂରରୁ ନୀରିହ ଲାଗୁଥିଲା ସେ ।

ପତ୍ରଟି ହଳଦିଆ ପଡିଗଲେ ଗଛ ପାଇଁ ଅଦରକାରୀ, ଫୁଲ ଟି ଡେମ୍ଫରୁ ଛିଡ଼ିଗଲେ ବାସୀ ହେଇଯାଏ ଆଉ ପୁଣି ମାଟିହାଣ୍ଡି ଟିକଏ ଫାଟି ଗଲେ ସମ୍ପୂର୍ଣ୍ଣ ଅଦରକାରୀ ପାଲଟିଯିବା ଭଳ ବାପା ମାଆ ମାନେ ବୁଢ଼ାବୁଢ଼ୀ ହେଇଗଲେ ପୁଅ ଝିଅ ପାଇଁ କହାତି ଅଦରକାରୀ ପାଲଟିଯିବା ଆଜି କାଲି ବିଧିର ବିଧାନ ବୋଧେ ।ଏ ବୃଦ୍ଧ ସେଥିରୁ ବାଦ ପଡିବ କେମିତି ?

ପାଖରୁ ବୁଢ଼ାଟିର ମୁଁହ ଦେଖି ଚୌକ ରୁ ଧଡ଼ କନା ଉଠିପଡ଼ିଲା ମମତା । ମନେପଡ଼ିଲା ତା ପିଲାବେଳ କଥା ।

ଇଏ ସେହି ନଟିଆ ସାଆନ୍ତେ । ଯାହାର ପାଞ୍ଚ ଖଣ୍ଡି ଗାଁ ରେ ନାଁ ଡାକ ଥିଲା । ଲୋକେ ତାଙ୍କୁ ଡରୁଥିଲେ । ମୁଣ୍ଡ ନୁଆଁଇ ପ୍ରଣିପାତ କରୁଥିଲେ । ଗାଁ ର ପ୍ରଗତି କହିଲେ ନଟିଆ ସାଆନ୍ତ କୁ ବୁଝାଏ । ଭୋଜି, ବାହାଘର ହେଉ କମ୍ବା ଜନ୍ମ ଦିନ ପାଳନ କଲେ ତାଙ୍କ ବିନା ଅନୁମତି ରେ ହେଉ ନ ଥିଲା । କେତେ ଘର ଗଢ଼ିଦେଇଛି କେତେ ଘର ଭାଂଗି ଦେଇଛି

ISSN NO.
2582-208X

ତାହାର ହିସାବ ନାହିଁ । କେତେ ଝିଅ ବୋହୁ ଙ୍କୁ ଥଇଥାନ କରିଛି ତ କେତେ ଝିଅ ବୋହୁଙ୍କ ଜୀବନ ମାରିଛି ।

ବାପା ଯବାନ ବୟସରେ ଗ୍ଲିଗଲେ । ତା ପରେ ମୋ ମାଆ ଉପରେ ତାର ଲୋ୍ଲୁପ ଦୃଷ୍ଟି। ଖାଲି ମାଆ ନୁହେଁ ଆମ ଘରଢ଼ିହ ଖଣ୍ଡିକ ଉପରେ ବେଶି ନଜର ଥିଲ୍ ତାର ।

କଳେବଳେ ସବୁ କର୍ାୟତ କଲ୍ । ମୋତେ ବାଟରୁ କାଢ଼ିବା ପାଇଁ ମୋ ପିଠିର ଧଳା ଦାଗଟି ତା ପାଇଁ ବେଶ ସହାୟତା କଲ୍ । ବଇଦକୁ ଡ଼ାକ ସେହି ଧଳା ଦାଗକୁ କୁଷ୍ଠ ର୍ୋଗର ଆଖ୍ୟା ଦେଇ ଗାଁ ରୁ ତଢ଼ିଦେଲେ ମୋତେ ।

ସମୟ ଚକରେ ମୁଁ ଆଜି ଏଇଠି ପହଂଚଯାଇଛି । ଦେଖ ସେହି ସମୟ ଚକରେ ତାକୁ କଲ୍ କର୍ମର ଫଳ ଭୋ୍ଗିବାକୁ ତା ପୁଅ ଟାଣି ଆଣୁଛି ।

ଲେଖନପୁର ସାଲେପୁର
ଦୂର୍ଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ଅତୀତ ଏକ ଜୀବନ୍ତ କ୍ଷତ



ଚୈତନ୍ୟ ବାଗ

ଜୀବନ ଏକ ଧବଳ ଦସ୍ତା ବିଜ
କାଲି ନାଲି କଲମେ ହୋଇଛି ଲେଖା
ଅତୀତ ର ପୃଷ୍ଠା ଲେଉଟିଣ ଦେଲେ
ହସ ଅଳପ କାନ୍ଦର ବେଶୀ ଦେଖା !!

ବିତିଛି ଦିନ ଲିଭି ନାହି ଚହ୍ନ
ହୃତପଦ୍ମ ରେ ଥାଏ ଅନେକ ବ୍ୟଥା ,
କେମିତି ବଞ୍ଚିବ କପରି ଭୁଲିବ
ମନରେ ଉଙ୍କିମାରେ ଅନେକ କଥା !!

ଲୁହ କୁ ସେ ଧରି କୋହ କୁ ଯେ ଗୁପି
ମାରିବା ଆଗରୁ ଶବ ହୋଇଛି,
ଆଶାବନ୍ଧ ରେ ଆଶ୍ରିତ ଦେଲ୍
ପରଦେଶୀ ବିହଙ୍ଗ ସେ ସାଜିଛି !!

ବିତିଗଲ୍ କାଳ ବଦଳ ସେ ଗଲ୍
ଅଫେର୍ ପଥିକ ଫେରିବନ ଦିନେ,

ISSN NO.
2582-208X

ଅମାନଆ ମନ ତା କଥା ହେଜି
ଝୁରିମରୁ ଥାଏ ରାତି ଦିନେ !!

ବିତିଛି ସେ କାଳ ବିତିଛ ଅତୀତ
ପଶ୍ଚାତାପ କ ପାଇଁ ଆଉ କରୁ,
ବର୍ତ୍ତମାନେ ରହି ନିଜକୁ ତେଜାଇ
ଅତୀତ କୁ ବିଦାୟ ଦେଉ !!

ଲୁହ କୁ ଧରି କୋହକୁ ଗୁପି
ଭୂତପୂର୍ବ ଭୁଲିବା ହି ସତ,
ଜୀବନ ଜୁଇ ରେ ସ୍ୱୟଂ ଜଳ ଜଳ
ଅତୀତ ଏକ ଜୀବନ୍ତ କ୍ଷତ.!!

ଚଚଆ, କଳାହାଣ୍ଡି

ISSN NO.
2582-208X

# ପଞ୍ଜୁରୀ ଭିତରେ ସାରୀ



ଦିବାକର ନାୟକ

ସବୁଦିନ ବାଟରେ ମୁଁ ଦେଖୁଥିଲି ଜଣେ ଝିଅ
ଝରକାରେ ଚାହୁଁଥାଏ
ମୁରୁକି ସେ ହସୁଥାଏ
ହେଲେ ତା'ର ଦିଶୁଥାଏ ଅଧା ଦେହ ପୂରା ମୁହଁ (୦)

ଦୁଆର ପାଖରେ ଥିଲା ଗୋଟିଏ ପଞ୍ଜୁରୀ
ସାରୀ ଗାଉଥିଲା ଗୀତ ଝିଅ ନାଆଁ ଧରି
"ଆଲୋ ଏ ରୂପସୀ ପରୀ
ବାଟୋଇକୁ ଡାକି ଥିରି
ଲାଜଲାଜ ଚାହାଣୀରେ ମନ କଥା ତୋର କୁହ"..
ସବୁଦିନ ବାଟରେ ମୁଁ ଦେଖୁଥିଲି ଜଣେ ଝିଅ (୧)

ସାରୀ କଥା ଶୁଣି ଝିଅ ହସିଲା ମୁରୁକି
ହେଲେ ମୁଁ ଚାହିଁବା ଦେଖି ଗଲା ସେ ତରକି
ସାରୀ ସତେ ଝିଅ ମନ
ପଞ୍ଜୁରୀରେ କନକନ
ଦେଖି ମୋ ପରିକା ଗୋଟେ ସଳଖ ସୁନ୍ଦର ପୁଅ..
ସବୁଦିନ ବାଟରେ ମୁଁ ଦେଖୁଥିଲି ଜଣେ ଝିଅ (୨)

ଆକାଶବାଣୀ ଗୀତିକାର
ପାଟପୁର, କନ୍ଦସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ, ମୋ-୯୯୩୮୭୧୯୯୮୧

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ବସନ୍ତ ଋତୁର କୋଇଲି ଗାନରେ ରୋମାଞ୍ଚିତ ହୋଇ ଉଠୁଥିଲା ସକାଳର ସୂରୁଜ ଆଲୋକ । ବିନ୍ଦୁ ବିନ୍ଦୁ କାକର ଆନନ୍ଦରେ ଲୀନ ହୋଇ ଯାଉଥିଲେ ସୁନେଲୀ କିରଣରେ । ସତେ ଯେମିତି ପରମାତ୍ମାଙ୍କ ସ୍ପର୍ଶ ମିଳିଗଲା । ବିଭୋର ହୋଇ ଯାଉଥିଲେ ଆନନ୍ଦରେ । ସକାଳ ଆଳତି ଭାସି ଆସୁଥିଲା ମନ୍ଦିରରୁ । କବିର କବିତା ତାରାମାନଙ୍କୁ ନେଇ ଯେମିତି ବର୍ଣ୍ଣନା କରାଯାଏ ସେମିତି ନାରୀମାନେ ସଂସାର ଆଲୁଅର ସଳିତା ପରିତ୍ୟାଗର ପ୍ରତୀକ ପ୍ରତ୍ୟେକ ନାରୀ ବିନା ପୁରୁଷ ଖାଲି ଦୁଃଖ ସାଉଁଟି ସାଉଁଟି ଦିନ ସରିଯାଏ । ବିନା ଜହ୍ନରେ ଆକାଶ ରଙ୍ଗହୀନ ଲାଗିଲା ପରି ସ୍ତ୍ରୀ ପୁରୁଷର ସମ୍ପର୍କ । କେତେବେଳେ ରାଧିକା ପ୍ରେମରେ, ପୁଣି ସ୍ନେହରେ ଯଶୋଦା, ପୁଣି କେତେବେଳେ ତ୍ରତୟାରେ ମନ୍ଥରା ପରି ଭୂମିକା କରିବାକୁ ପଡିଥାଏ । ନାରୀ ସର୍ବକାରଣର ମୂଳ । ଅମୃତ ଝରୁଥାଏ ତ କେବେ ବିଷ ହୋଇଯାଏ । ମହମବତି ପରି ଜଳିଜଳି ଜୀବନ କାହାକୁ ଆଲୋକ ଦେଖାଇଦେଲେ ଜୀବନ ସାର୍ଥକ ମିଳେ । ସନ୍ତାନର ସୁଖ ଦେଖି ନିଜର ଦୁଃଖକୁ ଭୁଲିଯାଏ । ଆଶାର ଆକାଶରେ ଜାବୁଡି ଧରେ ଅନେକ ସ୍ୱପ୍ନକୁ । ଦ୍ୱନ୍ଦକୁ ଆଡେଇ ଦେଇ ଅମାନିଆ ଜହ୍ନ ହୋଇ ଛନ୍ଦତୋଳେ ବିଧୂର ପ୍ରାଣରେ । କେତେବେଳେ କଅଁଳ କଢି ଟିଏ ପ୍ରସ୍ଫୁଟ ହେବା ଆଗରୁ ବୃନ୍ତଚ୍ୟୁତ ହୋଇଯାଇଥାଏ । କାମୁକର ଧର୍ଷଣରେ, ଶଙ୍ଖା, ଶାଢି, ସିନ୍ଦୂର ପିନ୍ଧି ବଧୂବେଶ ସାଜିବା ଆଗରୁ ହଜାଇଦିଅନ୍ତି ଅସ୍ତିତ୍ୱ । ନାଲି ଟୁକୁଟୁକୁ ସାଧବ ବୋହୂ କଣ ସାଜିବ, ତା ଆଗରୁ ଜାଳି ଦିଅନ୍ତି ହୃଦୟର ନିଛାଟିଆ ଏକାନ୍ତରେ । ଚୁରମାର୍ କରିଦିଅନ୍ତି ଅନେକ ସ୍ୱପ୍ନକୁ । ଟିକିଟିକି କରି ଚିରି ଦିଅନ୍ତି ଭବିଷ୍ୟତକୁ । ନିରୀହ ଦୁର୍ବଳ ମନରେ ଅନେକ ଦୁଃଖ ମେଞ୍ଚା ମେଞ୍ଚା ପ୍ରଶ୍ନ ଓ ବହୁତ ଗୁଡାଏ କ୍ଷୋଭ ଲୁଚି ପଡୁଥାଏ ଯାହାର ଉତ୍ତର  ଦେବାକୁ କାହାର

ISSN NO.
2582-208X

ସାହସ ନାହିଁ । ନିର୍ଯ୍ୟାତିତ ଓ ଅବହେଳିତ ଯେମିତି ଆମ୍ଭମାନଙ୍କ ଭାଗ୍ୟ ନଷ୍ଟ ହୋଇଯାଇଛି । ସମାଜ ଓ ସାମାଜିକତା ସମାଜିକପଣିଆର ଅଭାବକୁ ଡିଣ୍ଡିମ ପିଟୁଛି ମଣିଷର ଅସହାୟତା ଓ କାପୁରୁଷତା । ଟାହି, ଟାପରା, ବ୍ୟଙ୍ଗ, ବିଦ୍ରୂପରେ ଅଣନିଃଶ୍ୱାସୀ ହୋଇ ପଡୁଛି ନାରୀ ସମାଜ । କେତେବେଳେ ବାପ ଭାବି ଅଭିମାନ ବାଢି ନିଜକୁ ନଷ୍ଟ କରିଛି ତ କେତେବେଳେ ସ୍ୱାମୀ ଓ ଶାଶୁଘରର ନିର୍ଯ୍ୟାତନାର ଶିକାର ହୋଇଛି । ପୁଣି କେବେ ନିଜର ଭୋକ ପାଇଁ ସମ୍ପର୍କ ଭୁଲିଯାଇଛି ତ କେତେବେଳେ ମାଂସଲୋଭୀ କାମୁକମାନଙ୍କର ତୀକ୍ଷଣ ନଜରରେ ମୁକୁଳି ପାରିନି ନିଜକୁ ବଳି ପକାଇ ଦେଇଛି । ସମାଜର ଲୋଲୁପ ଦୃଷ୍ଟିରୁ ବର୍ତ୍ତିପାରିନାହିଁ । ଭାବିଲେ ସୁନନ୍ଦାର ଦେହ ଥରିଉଠୁଥାଏ । କଞ୍ଚାମାଂସ ଲୋଭୀ କୁକୁର ସାଜିଥିବା ମଣିଷମାନେ କେମିତି ଖିନ୍ନଭିନ୍ନ କରି କ୍ଷତବିକ୍ଷତ କରିପକାନ୍ତି ତାହା ସୁନନ୍ଦାଠାରୁ ଅଧିକ କିଏ ଜାଣିଛି । ସେହି ରାକ୍ଷସମାନଙ୍କୁ ଲୋପ କରିବା ବଦଳରେ ମୋ ବାପା ଭାଇ ପରି ଶକ୍ତିଶାଳୀ ବ୍ୟକ୍ତିତ୍ୱମାନେ ସେମାନଙ୍କୁ ସୁରକ୍ଷା ଦେଇଥାନ୍ତି । ସେମାନେ ଭୁଲିଯାଆନ୍ତି ଯେ ମୋ ପରି ସେମାନଙ୍କର ଭଉଣୀ ଝିଅମାନେ ସେହି ରାକ୍ଷାସମାନଙ୍କ ଗଳିକୁ ଟାଣି ହୋଇଯାଉଛନ୍ତି ବରଂ ଦୁନିଆ ରାଜନୀତି କରି ନିଜର ପାକୁ ଅର୍ଥ ଓ ଶକ୍ତି ବଳରେ ଚାପି ଦେବାକୁ ଚେଷ୍ଟା କରନ୍ତି । ଆଉ ଯିଏ ମୁହଁ ଖୋଲିଲା, ତାକୁ ଶେଷ କରିଦିଅନ୍ତି । ବେଳେବେଳେ ନିଜ ସ୍ତ୍ରୀକୁ ମଧ୍ୟ ତିରସ୍କାର କରନ୍ତି ନିଜର ପାପକୁ ଜାହିର କରିବାକୁ । ନାଲି ଆଖି ଦେଖାଇ କୁସଂସ୍କାରକୁ ସୃଷ୍ଟି କରାନ୍ତି । ଦିନ ଦି ପହରେ, ଚଳନ୍ତା ଟ୍ରେନରେ ଚଳନ୍ତା ବସରେ, କିଆବୁଦା ମୂଳରେ । ଏହି ହେଉଛି ଆମର ମାନବିକତା । ନିଜ ଦେହକୁ ଲୁଗାରେ ଢାଙ୍କି ହେଉଥିବା ମା ବି ବାଦ ପଡେନି । ବୁଲିଯାଏ ସେ ଗୋଟିଏ ନାରୀ ବୋଲି ତା ପୁଅର ପ୍ରାଣକୁ ନିଜ ପଣତ ତଳେ ଲୁଚାଇ ରଖେ । ନିଜ ଝିଅ ପରି ସେ ବି ତ ଗୋଟେ ଝିଅ ଯାହାକୁ ନିଜ ପୁଅ କାମର ଅନ୍ଧ ହୋଇ କଅଁଳ ମାଂଅକୁ ଟିକିଟିକି କରିଦେଇଛି । ତେବେ ସବୁରେ ନାରୀ ହିଁ ସୃଷ୍ଟି କରିଥାଏ, ଭାଙ୍ଗିଥାଏ । ଯଦି ଗାନ୍ଧାରୀ ପରି ଦୁର୍ଯ୍ୟୋଧନ, ଦୁଃଶାସନ ତିଆରି କରିବ, ସେମାନେ ତ ନିଶ୍ଚୟ କୃଷ୍ଣା ପରି ଅନେକ ନାରୀକୁ ବସ୍ତ୍ରହରଣ  କରି ନିଜର ଅହଙ୍କାରରେ ସମାଜକୁ ନଷ୍ଟ କରିଦେବେ । ପ୍ରତ୍ୟେକ ନାରୀ ଜାତି ପାଖରେ ହିଁ ଅଛି ନାରୀକୁ ସୁରକ୍ଷା ଦେବାର ଅନୁଶାସନ । ଦୁର୍ଗନ୍ଧ ରୂପରେ ହେଉ କି ଚଣ୍ଡୀ ରୂପରେ ହେଉ କି ସାଧାରଣ ମାଆଟିଏ ଚାହିଁଲେ ମାତୃଶକ୍ତିର ସୁରକ୍ଷିତ ହୋଇପାରିବ । ପୁରୁଷମାନଙ୍କଠାରୁ ନାରୀମାନଙ୍କୁ ସଚେତନ ହେବାକୁ ପଡିବ । ନିଜ ପୁଅ, ଝିଅକୁ ଯଦି ସଂସ୍କାରୀ ଶିକ୍ଷାରେ ପ୍ରତିଷ୍ଠିତ କରାଇ ସେମାନଙ୍କର ପଶୁତ୍ୱ ଭାବକୁ ଜୋର କରି ଲିଭେଇ

ISSN NO.
2582-208X

ଦିଅନ୍ତେ, ତାହାହେଲେ ସେମାନେ ଭବିଷ୍ୟତରେ କାହାକୁ ନିର୍ଯ୍ୟାତନ, ଧର୍ଷଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତେ ନାହିଁ। ଆଖିର ଲୁହ ଟପ୍ ଟପ୍ ହୋଇ ଝରିପଡୁଥିଲା ସୁନନ୍ଦାର ବିକଳ ପ୍ରାର୍ଥନା କରୁଥିଲା - ହେ ପ୍ରଭୁ ଜଗତଠାକୁର, ପ୍ରତ୍ୟେକ ନାରୀମାନଙ୍କ ମନରେ ନାରୀର ସୁରକ୍ଷା ପାଇଁ ସଂଗ୍ରାମ ଓ ପ୍ରେରଣା ସୃଷ୍ଟି କରନ୍ତୁ । ଯାହା ଆଜିର ଘଟୁଥିବା ଘଟଣାକୁ ସହଜରେ ଆଡେଇ ଦେଇହେବ। ନହେଲେ ମୋ ପରି ନାରୀମାନେ ଅନେକ ପାପ କରି ବସିବେ। ଅନେକ ନାରୀ ଭୋକର ସଉଦା ପାଇଁ ନିଜକୁ ଭୃଣକୁ ବିକ୍ରି କରିବେ। ମା ଇନ୍ଦୁମତୀଙ୍କର ସଂସ୍କାର ଆଜି ଜଗନ ମତେ କ୍ଷମା କରିଦେଇଛନ୍ତି। ମୋ ଭାଇର ଧମକ ଦେଖାଇ ସିନା ବିବାହ କରିଦେଇଥିଲେ। ସେ ଏତେ ନିରୀହ ଥିଲେ ଯେ ବାଧ୍ୟ ହୋଇ ମୋତେ ସ୍ୱୀକାର କରିନେଇଥିଲେ। ଆଉ ତାଙ୍କର ମହାନ ସଂସ୍କାର ପାଇଁ ମୋ ପରି ଗୋଟେ ମହାପାପୀକୁ କ୍ଷମା କରି ନିଜ ପାଖରେ ଆଶ୍ରୟ ଦେଇ ମୋ ନାରୀତ୍ୱକୁ ଯେଉଁ ସମ୍ମାନ ଦେଇଛନ୍ତି, ଏହା ହିଁ ଏକ ନାରୀ ମା ଇନ୍ଦୁମତୀଙ୍କର ଏକ ମହାନ ବ୍ୟକ୍ତିତ୍ୱ ଓ ସଂସ୍କାର । ସବୁ ନାରୀମାନଙ୍କ ପାଖରେ ଭିକ୍ଷା ମାଗୁଛି ଆପଣମାନେ ମଧ୍ୟ ଏମିତି କରିବାକୁ ଚେଷ୍ଟା କରନ୍ତୁ ଯେପରି ଆପଣମାନଙ୍କ ଝିଅଭଉଣୀ ମାନେ ମୋ ପରି ଶିକାର ନହୁଅନ୍ତୁ। ନାରୀ ନିର୍ଯ୍ୟାତନା ଧର୍ଷିତା ପରି କୁକାର୍ଯ୍ୟରେ ନିଜର ପିଲାମାନଙ୍କୁ ନିବୃତ୍ତ କରିପାରିଲେ ସମାଜ ଶୃଙ୍ଖଳିତ ହୋଇପାରିବ। ଆଜି ସେହି ମା ଙ୍କ ପାଖରେ ମୁଁ ଚିର ଋଣୀ। ତାଙ୍କର ଆଖିର ଅସୁସ୍ଥତା ପାଇଁ ଡର ଲାଗୁଛି। ହେ ପ୍ରଭୁ ମାଙ୍କର ସର୍ବ ମଙ୍ଗଳ କର। ମୋତେ ଯାହା ଦୁଃଖ ଅଛି ଦେଇଦିଅ। ମନେମନେ ସୁନନ୍ଦା ଠାକୁର ଘରେ ପୂଜା କରୁ କରୁ କାନ୍ଦି ପକାଉଥିଲା। ଛୋଟବେଳୁ ମୋ ମାଙ୍କୁ ହରେଇ ଆଜି ଜଣେ ମହାତ୍ମା ଓ ମମତାମୟୀ ମାଙ୍କୁ ପାଇଛି। ତାଙ୍କର ସେବା ପାଇଁ ମୋ ଜୀବନର ସବୁ ସୁଖ ବିକିଦେବି ପ୍ରଭୁ, ମୋତେ ଏତିକି କରିବାକୁ ଦିଅ ଜଗନ୍ନାଥ। ତାଙ୍କୁ ଆଜି କଲିକତା ନେଇ ସବୁ ପ୍ରକାର ସୁସ୍ଥତା ବିଷୟରେ ଅମନଙ୍କ ସହିତ ଆଲୋଚନା କରିବି।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

ISSN NO.
2582-208X

# ଗୀତା ଗଙ୍ଗା
# ଗାୟତ୍ରୀ ଗୋବିନ୍ଦ



ଦେବଜାନୀ ବାରିକ୍

ଗୀତା ଗଙ୍ଗା ଗାୟତ୍ରୀ ଗୋବିନ୍ଦ ନାମ ଭବେ ଅଟଇ ପାବନ।
ଗୋବିନ୍ଦ ଅଟଇ ସର୍ବ ଦେବ ମୂଳ ନାଁ କୋଟି ବ୍ରହ୍ମାଣ୍ଡ ରାଜନ ।୧।

ଗଙ୍ଗା ଯାର ପାଦ ନଖ କୋନୁ ଜନ୍ମି ପାତକ କରାଇ ଚୂର୍ଣ୍ଣ।
ଗୀତା ଉତପର୍ଣ୍ଣ ମୁଖରୁ ଯାହାର ସେ ଶ୍ରିହରି ଜନାର୍ଦନ।୨।

ଗାୟତ୍ରୀ ଯାହାର ହୃଦୁ ଉତପତି ହୋଇ କରେ ଶକ୍ତି ଦାନ।
ଗୁରୁ ଗୋବିନ୍ଦର ଶରିରୁ ଜନମି ନାମେ ପୂତ ତ୍ରିଭୁବନ।୩।

ଗୋବିନ୍ଦ ଅଟନ୍ତି ସଭିଙ୍କର ମୂଳ ଧନ୍ୟ ସେ ରାଧାମୋହନ ।
ଗୋପାଳ ନନ୍ଦଦୁଲାଳ କୃଷ୍ଣ ଜପ ଭବ ଦୂରିତ ହରଣ ।୪।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅସମ୍ଭାଳ ସ୍ଥିତିରେ ସମାଜ



ଇଂ ହରେକୃଷ୍ଣ ଦଳାଇ

ପରିସ୍ଥିତି ଦେଖି ବୁଦ୍ଧି ଦିଶୁନାହିଁ
ଅକଲ ହେଲାଣି ଖତ
ବନେଇ ଚୁନେଇ କଥା କହୁଥିବା
ଜନତାଙ୍କୁ ପ୍ରଣିପାତ

ଜନତା ଦାଣ୍ଡରେ ଭିକାରୀ ମାଗୁଣୀ
ପୁଞ୍ଜି ହାତେଇବା ପାଇଁ
ଧନାଢ୍ୟ ବ୍ୟକ୍ତି ହାକିମାତି କରେ
ସ୍ୱଖ୍ୟାତି ଅର୍ଜ୍ଜନ ପାଇଁ

ମାଆ ଭଉଣୀଙ୍କ ଇଜ୍ଜତ ଲୁଟେରା
ରାଜଦାଣ୍ଡେ ପଣ ପଣ
ଖଣ୍ଡ ତସ୍କରଙ୍କ କଥା ବଖାଣିଲେ
ଇତିହାସ ହେବ ଜାଣ

ଚହଟ ଚିକ୍କଣ କପଟିଆ ଗୁଣ
ବେଳ ଉଣ୍ଡି କାଟେ ଗୋଛି

ISSN NO.
2582-208X

ଜନତା ବାପୁଡ଼ା ସବୁ ସହିଥାନ୍ତି
ଆଖି ଲୁହ ଧାର ପୋଛି

ଅଜ୍ଞାନୀ ମଣଇ ବିଦ୍ୱାନ କହି
କଥା କୁହା ଟାଣପଣ
ସମାଜ ଚରିତ୍ର ହେଲାଣି ବିଚିତ୍ର
ଅସମ୍ଭାଳ କ୍ଷଣ କ୍ଷଣ

ସମାଜ ଆମର ଆମେ ସମାଜର
ବିକଳ୍ପ ଖୋଜିବା ବସି
ଦୃଢ଼ ସଂକଳ୍ପର ସୁରକ୍ଷା ପ୍ରଦାନେ
ସୁଧାର ଆଣିବା ମିଶି

ନୂଆବଜାର, କଟକ
M : 8895278494

ISSN NO.
2582-208X

# ଅନୁରକ୍ତି



ଡକ୍ଟର ମଧୁସ୍ମିତା ମିଶ୍ର

ସେମାନେ ଚାଲିଗଲେଣି । ତଳୁ ମେନ ଗ୍ରୀଲ ଗେଟ ରେ ତାଲ୍ ପକାଇ ମିଙ୍କ କେତେବେଳୁ ଆସିଲ୍ଣି । ମାମା କୁ ଖାଇବାକୁ ଦେଇ ସେ ଡ଼ାଇନଙ୍ଗ ଟେବୁଲ ପାଖ ଚେୟାରଟାରେ ବସି ରହିଛି । ମାମା କୁ ଜବରଦସ୍ତି କରି ଶୋଇବା ଘରେ ଟିଭି ଟା ଲଗାଇ ଦେଖିବାପାଇଁ କହି ଦେଇ ଆସିଛି । ଟିଭି ଦେଖୁ ଦେଖୁ ସେ ଶୋଇ ପଡିବ।

ମିଙ୍କ କିଛି ସମୟ ଏମିତି ବସିକ ଭବୁଥିଲ୍ ।  ପାପା ହଠାତ୍ ଏମିତି ଚାଲିଯିବେ ବୋଲି ସେ ନଜେ ଡାକ୍ତର ହେଇ ବି ବିଶ୍ୱାସ କରି ପାରୁନ ଆଜି ପର୍ଯ୍ୟନ୍ତ ।

ସେଦିନ ସନ୍ଧ୍ୟା ସମୟ କଥା ମନେ ପଡିଲେ ଦେହ ଶୀତେଇ ଉଠୁଛି । ହଠାତ୍ ଓଟି  ରୁ ବାହାରି ମୋବାଇଲଟା କୁ ସାଇଲେନ୍ସ  ମୋଡ ରୁ ନରମାଲ କରି ଦେଖିଲ୍ ବେଳକୁ ମାମାର ଦଶ ଏଗାର ଟା ଫୋନ, ଆଉ ସ୍ୱାମୀ ଅନମେଷଙ୍କର ଚାରିଟା କଲ ଅଛି। ମୁଣ୍ଡ କାମ କରୁ ନଥିଲ୍ । ଆଗ ଆପ୍ରନ  ବଦଳାଇ ଅନମେଷ ଙ୍କୁ କଲ କଲ୍ ।

ଚାରି ପାଞ୍ଚ ଥର ପରେ ସେ ଫୋନ ରିସିଭ  କଲେ। ମିଙ୍କ କୁ କିଛି କହିବାକୁ ନ ଦେଇ କହିଲେ, ମିଙ୍କ, ତୁ ଶୀଘ୍ର ତୋ ମାମା ପାଖକୁ ତୁମ ଘରକୁ ଯାଅ। ମିଙ୍କ ହାଲୋ ହାଲୋ କହୁ କହୁ ସେପଟୁ ଫୋନ କଟି ଯାଇଥିଲ୍ ।

ISSN NO.
2582-208X

ମିକି ଓ ଅନମେଷ, ପ୍ରଫେସର ସାଗରଙ୍କର ଝିଅ ଜ୍ୱାଇଁ ଥିଲେ। ଦୁଇଜଣ ଯାକ ଡାକ୍ତର। ମିକି ଗାୟନକ ଡାକ୍ତର ଥିବା ବେଳେ, ଅନମେଷ ନଉରୋଲୋଜିଷ୍ଟ। ବଡ ଭଉଣୀ ହନୀ ଓ ତା ସ୍ୱାମୀ ହିମାଦ୍ରି ଦୁଇଜଣ ଜର୍ନାଲିଷ୍ଟ ।

ଅନମେଷ ଙ୍କ ଫୋନ ପାଇଁ ମିକି କଣ କରିବ ନ କରିବ ଭାବି ହେଉଥିଲା ଏହା ଭିତରେ ମାମା କୁ କଲ କରି ଥକଲାଣି । ସେ ଯାହା ହେଉ ଯାଇ ଗାଡିରେ ବସିଲା ଓ ଡ୍ରାଇଭର କୁ ବିଜେବି ନଗର ଯିବାକୁ କହିଲା। ତା ଉପର ଭଉଣୀ ହନୀଓ ହିମାଦ୍ରି ଉଭୟ ଙ୍କ ମୋବାଇଲ ସ୍ୱିଚ ଅଫ ଆସୁଥିଲା।

ବିଜେବି ନଗର ରେ ନିଜ ବାପଘରେ ପହଞ୍ଚିଲା ବେଳକୁ ଘର ସାମ୍ନାରେ ଆମ୍ବୁଲାନ୍ସ ରହିଥିବାର ଦେଖିଲା । ଉପର ଘରୁ ପାପା ଙ୍କୁ ଷ୍ଟ୍ରେଚର ରେ ପକାଇ ତଳକୁ ଆଣୁଥିଲେ। ଅନମେଷ ତଳ ପାହାଚରେ ଠିଆ ହୋଇ ମୋବାଇଲ ରେ କାହା ସହ କଥା ହେଉଥିଲେ।

ଅନମେଷ ଙ୍କ ସହ ମିକି ମଧ୍ୟ ଆମ୍ବୁଲାନ୍ସ ରେ ଯିବାକୁ ବାହାରିଥିଲା, କିନ୍ତୁ ତାକୁ ଅନମେଷ, ଘରେ ମାମା ଙ୍କ ପାଖରେ ରହିବାକୁ କହିଥିଲେ । ଗୋଡ ହାତ ଚାଲୁ ନ ଥିଲା ମିକିର ।

ଗୋଡ ଦୁଇଟାକୁ ଟାଣି ଟାଣି ମିକି ଉପରକୁ ଉଠିଲା । ଉପରେ ମାମା ଡାଇନିଙ୍ଗ ସ୍ପେସ ମଝି ରେ କାଠ ଟା ପରି ବସି ରହିଥିଲା। ପାଖରେ ଚଟାଣ ଉପରେ ହନୀ ଥକା ମାରି କାନ୍ଥ କୁ ଆଉଜି ବସିଥିଲା । ସେଠାରେ ଉପସ୍ଥିତ ମାଉସୀ ପୁଅ ବୁବୁନ ଭାଇନା ଠାରୁ ଯାହା ଜାଣିବାକୁ ପାଇଥିଲା, ତାହା ଏହିପରି ଥିଲା ।

ତଳ ମହଲା ରୁ ଷ୍ଟଡି ରୁ ପଢା ପଢି କରି ପ୍ରଫେସର ସାଗର ଉପରକୁ ଆସି ସ୍ତ୍ରୀ ମମତା ଙ୍କୁ କହିଲେ, ମାମି, ଆଜି ମୋର 'ଆଜିର ଖବର' ଟିଭି ଚ୍ୟାନେଲ ରେ ସାକ୍ଷାତକାର ଅଛି, ମୁଁ ଟିକିଏ ଧୁଆଧୋଇ ହେଇ ଫ୍ରେସ ହେଇ ଆସୁଛି। ଗୋଟିଏ ଆପଲ କାଟିକି ରଖ। ମୁଁ ଆସିଲେ ଡ୍ରେସ ପିନ୍ଧି ଖାଇ କରି ବାହାରିବି।

ତୁମେ କଣ ମାର୍କେଟ ରୁ ଆପଲ ଆଣିଛ କି ? ମୁଁ କଣ ଆଉ କେମିତି ଦେବି ?, ଉତ୍ତର ଦେଲେ ମମତା।

ISSN NO.
2582-208X

ହଉ ଠିକ ଅଛି, ତେବେ କାକୁଡି ଥିଲେ ଚୋପା ଛଡାଇ କାଟି କରି ରଖ । ମୁଁ ସଙ୍ଗେ ସଙ୍ଗେ ଆସୁଛି, କହି ଗାଧୁଆ ଘରେ ପଶିଲେ ପ୍ରଫେସର ସାଗର।

ପାଞ୍ଚ ମିନଟ ଗଲା, ଦଶ ମିନଟ ଗଲା, ପନ୍ଦର ମିନଟ ଗଲା, ମମତା ଯାଇ ବାଥ୍ ରୁମ କବାଟ ବାଡେଇଲେ । ଡାକଲେ, ହେଇଟି ଶୁଣୁଛ ଶୁଣୁଛ, ଥର ଥର କରି ବାଡେଇଲେ। କବାଟ ବାଡେଇ ବାଡେଇ ହାଲିଆ ହେଇଗଲେ ।

କଣ କରିବେ ଭାବୁ ଭାବୁ ପ୍ରଥମେ ପୁତୁରା ବୁବୁନ କୁ ଫୋନ କଲେ । ତାପରେ ବଡ ଝିଅ, ସାନ ଝିଅ, ଜ୍ୱାଇଁ ଦୁଇଜଣ ସମସ୍ତଙ୍କୁ ଫୋନ କରି ଚାଲିଲେ। କେହି ଫୋନ ରିସିଭ କରୁ ନ ଥିଲେ।

ସାନ ଜ୍ୱାଇଁ ଅନମେଶ କହିଲେ, ପଡିଶା ସାନପୁଅ ଭାଇ ଙ୍କୁ ଡାକବାକୁ ଆଉ ସେ ନିଜେ ମଧ୍ୟ ସଙ୍ଗେ ସଙ୍ଗେ ସବୁ କାମ ଛାଡି ଆସିବେ ବୋଲି କହିଲେ।

କିଛି ଭାବିବାକୁ ଆଉ ସମୟ ନ ଥିଲା। ମମତା ତେଣୁ ସଙ୍ଗେ ସଙ୍ଗେ ଆସି ବାଲକୋନୀ ରେ ପଡିଶା ଘରେ ଥିବା ସାନପୁଅ କୁ ଡାକଲେ। ପଇଁତ୍ରିଶି ବର୍ଷ ବୟସ୍କ ବାବୁଲା ଯାହାକୁ ସମସ୍ତେ ଡାକନ୍ତି, ସାନପୁଅ ବୋଲି, ସେ ତୁରନ୍ତ ଦଉଡି କରି ଆସିଲା । ଦୁଆର ବାଡେଇ ବାଡେଇ ପୁଣି ତା ଘରକୁ ଦଉଡି ଯାଇ ଗୋଟିଏ ଶାବଳ ଆଣି ଆସିଲା। ମମତା କେବଳ ଦେଖୁଥାନ୍ତି। ଶାବଳ ରେ ଗାଧୁଆଘର କବାଟ ଡାଡିବା ବେଳକୁ ବୁବୁନ ଆସି ପହଞ୍ଚିଲା। ସାନ ପୁଅ ଆଉ ବୁବୁନଦୁଇ ଜଣ ମିଶି କରି କବାଟ ଡାଡି ସାଗର ଙ୍କୁ ଟେକ ଟାକ ଆଣିଲେ। ସେ ସମୟ କୁ ଅନମେଶ ଆସି ସବୁ ଦେଖି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡକାଇ ପାପା ଙ୍କୁ ହସ୍ପିଟାଲ ନେବା ବ୍ୟବସ୍ଥା କରିଥିଲେ।

ମିକ ସବୁ ଭଲ ଭାବରେ ଅନୁମାନ କରି ପାରୁଥିଲା । ଆଉ ଯେ କିଛି ବାକ ନ ଥିଲା, ସେ କଥା ବି ବୁଝିବାକୁ ବି ଆଉ ତାର ବାକ ନ ଥିଲା।

ପରବର୍ତ୍ତୀ ଘଟଣା ଗୁଡିକ ମଧ୍ୟ ନିଜ ନିଜ ସମୟ ଆଉ ମୂହୁର୍ତ୍ତ ଅନୁସାରେ ଘଟିଥିଲା । ପାପାଙ୍କ ମରଶରୀର କୁ ଅନମେଶ ତିନି ଚାରି ଘଣ୍ଟା ପରେ ପୁଣି ନିସ୍ତେଜତା ଭିତରେ ଘରକୁ ମାନେ ପ୍ରଫେସର ସାଗର ଙ୍କ ଘରକୁ ସେହି ଏକା ଆମ୍ବୁଲାନ୍ସ ରେ ଫୁଲମାଳ ରେ

ISSN NO.
2582-208X

ସଜାଇ ଫେରାଇ ଆଣିଥିଲେ । ତାପରେ ପୁଣି ସ୍ୱର୍ଗଦ୍ୱାର ଯାତ୍ରା। କାନ୍ଦ ବୋବାଳ, ବାହୁନା, ଭିଡିଓ ଶୁଟିଙ୍ଗ, ଆଦି ଭିତରେ ସାଗର, କାଳର ସାଗର ରେ ଲୀନ ହୋଇଯାଇଥିଲେ।

ମିଛ ମନେ ପକାଉଥିଲା।

ତାର ମାମା ମମତା ଯାହାଙ୍କର ଦୁନିଆ ଥିଲେ ପ୍ରଫେସର ସାଗର, ତାଙ୍କର, ସବୁ କିଛି ଉଜୁଡି ଯାଇଥିଲା। ପ୍ରଥମେ ଦଶ, ବାର ଦିନ ଶୁଦ୍ଧି କ୍ରିୟା ଭିତରେ କିଛି ସ୍ମୃତି ଚାରଣ, କର୍ତ୍ତବ୍ୟ ର ଆହ୍ୱାନ, ସାଗର ଙ୍କ ଅନୁପସ୍ଥିତି ରେ ସବୁ କାମ ନୀତି ନିୟମ ଶୃଙ୍ଖଳା ର ସହ ସମ୍ପାଦନ, ଦାୟିତ୍ୱବୋଧ ର ସୁନିର୍ବାହ ଇତ୍ୟାଦି ଭିତରେ ପ୍ରଫେସର ସାଗର ଙ୍କ ପରିଚିତ ସମସ୍ତଙ୍କୁ ମୋବାଇଲ ରେ ନିମନ୍ତ୍ରଣ ଆଦି ରେ ମମତାନିଜ କୁ ନିମଗ୍ନ କରି ରଖୁଥିଲେ।

କିନ୍ତୁ ଗହଳ ସରିଗଲା ପରେ ମମତା ଙ୍କୁ ନିଃସଙ୍ଗତା ତଥା ଏକାକିତ୍ୱ ଖାଇ ଗୋଡାଇଥିଲା। ଗୋଟିଏ ଦିନ ମଧ ଘରେ ଏକୁଟିଆ ରହି ପାରୁ ନ ଥିବା ମମତା ଙ୍କୁ, କେବେ ଏକୁଟିଆ ଛାଡୁ ନ ଥିବା ସାଗର, ତାଙ୍କୁ କିଛି ନ କହି ଏମିତି ଚାଲିଯିବା ଟା ସତ ଜାଣି ମଧ ମମତା ଅଭିମାନ ରେ ଫାଟି ପଡୁଥିଲେ। ଆଖି ରୁତାଙ୍କର ଲୁହ ଶୁଖୁ ନ ଥିଲା । ପ୍ରତିଦିନ ଝିଅ, ଜ୍ୱାଇଁ ଚାରିଜଣ ଙ୍କ ଭିତରୁ ଜଣେ ଜଣେ ପାଳି କରି ରାତିରେ ଆସି ମମତା ଙ୍କ ପାଖରେ ରହୁଥିଲେ । ଏଥିପାଇଁ ସେମାନେ ମଧ ନିଜନିଜ ଚାକରୀ, ଘର, ପରିବାର ସବୁ କୁ ନେଇ ବହୁତ ହଇରାଣ ହେଉଥିଲେ । ମମତା ଏ କଥା ସବୁ ବୁଝୁଥିଲେ ବି କିଛି କରି ପାରୁ ନ ଥିଲେ ବା ଏକା ମଧ ରହି ପାରୁ ନ ଥିଲେ। ବେଳେ ବେଳେ ଜଣେ ଝିଅ ଘରେ ଯାଇ ଦୁଇ ତିନି ଦିନ ଲେଖାଏଁ ରହୁଥିଲେ।

ସମୟ ଯେ କେତେ ରଙ୍ଗ ଦେଖାଏ ତାହା ମମତା ବୁଝୁଥିଲେ ବି ଅବୁଝା ରହୁଥିଲେ। ଯାହାଙ୍କର ରୋଷାଇ ଘର ଥିଲା କର୍ମକ୍ଷେତ୍ର, ସେ କେବଳ ପେଟ ପାଇଁ ଖାଉଥିଲେ, କାହାପାଇଁ ରାନ୍ଧିବେ, ଶ୍ରାଦ୍ଧ, ପର୍ବ ପର୍ବାଣିରେ ଘଣ୍ଟା ଘଣ୍ଟା ଧରି ମଜ୍ଜି ରହୁଥିବା ମମତା ହେଇଯାଇଥିଲେ ଉଦାସୀନ।

ଗଲା ଆଇଲା ସମସ୍ତଙ୍କ ପାଇଁ ସବୁବେଳେ ଚଳ ଚଞ୍ଚଳ ଅର୍ନପୂର୍ଣା ଭଣ୍ଡାର ନିଷ୍ଚଳ ହେଇଯାଇଥିଲା।

ISSN NO.
2582-208X

ସେ ଯାହା ହେଉ ଅନମେଶ, ମିକ କେଉଁଠାରୁ ଯୋଗାଡ କରି, କାହାକୁ କୁହାବୋଲ୍ କରି ଝିଅ ଟିଏ ଆଣି ରଖିଥିଲେ। ସେଦିନ ମିକ ହସ୍ପିଟାଲ ରୁ ଛୁଟି ନେଇ ମାମା ପାଖରେ କଛି ସମୟ ବିତାଇବାକୁ ଆସିଥିଲ୍। ହଠାତ କଲିଙ୍ଗ ବେଲ ବାଜିବାରୁ ନୂଆ ଝିଅ ଟି ଦଉଡି ଗଲ୍ ତଳକୁ । ସେତିକ ବେଳକୁ ତଳ ଭଡାଟିଆ ଙ୍କ ସ୍ତ୍ରୀ ମଧ ମେନ ଗ୍ରୀଲ ଖୋଲି ସାରିଥିଲେ।

ରମାନଥ ବାବୁ ଓ ଶ୍ରାବଣୀ ଦେବୀ ମମତା ଙ୍କ ବିଷୟ ରେ ପଗ୍ଚରି ଉପର ମହଲ୍ କୁ ଆସିଲେ। ମିକ ସେମାନଙ୍କୁ ଚହ୍ନି ପାରୁ ନ ଥିଲ୍ ଅବା ଦୋଦୋଚହ୍ନା ହେଉଥିଲ୍,

ମମତା, ଏମାନେ କଏ, ପଗ୍ଚରିଲେ, ରମାନାଥ ବାବୁ ।

ମମତା ନମସ୍କାର କରିଲେ। ମିକ କୁ ଚହ୍ନା କର୍ଇଦେଲେ ରମା ଭ୍ଇନା ଆଉ ନାନୀ, ମିକ ମଧ ନଇଁ ପଡି ସେମାନଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲ୍ ।

ସେମାନଙ୍କୁ ଦେଖି ମମତାଙ୍କ ଆଖି ରୁ ପାଣି ଗଡି ଗ୍ଚଲିଲ୍।

ମମତା, କଣ ପକୁଡି ଖୁଆଇବୁନ କ ?

ବୁଝିଲୁ ମିକ, ତୁ ମୋତେ କେତେ ବା ଦେଖିଛୁ ଯେ ମନେ ରଖିବୁ ? ରମାନଥ ବାବୁ କହିଲେ । ତୋ ପାପା, ମୋ ସାନା ଭ୍ଇ ଉମା ର କ୍ଲାସମେଟ । ହେଲେ ସାଗର ର ଉମା ଅପେକ୍ଷା ମୋ ସହ ବେଶି ଘନଷ୍ଠତା ଥିଲ୍। ମୁଁ ଏ ଖବର ପାଇଲ୍ ବେଳକୁ ବେଙ୍ଗାଲୁରୁ ରେ ଥିଲି। ଦୁଇ ଦିନ ତଳେ ପହଞ୍ଚିଲି ଆଉ ଆଜି ସିଧା ଗ୍ଚଲି ଆସିଲି।

ମମତା, ହେଲ୍ ନା ନାହିଁ ପକୁଡି ?

ସେତେବେଳକୁ ମମତା ପକୁଡି ଛାଣିବାରେ ବ୍ୟସ୍ତ ଥିଲେ। ବାଁ ହାତରେ ଶାଢୀ କାନ ରେ ଲୁହ ପୋଛୁ ଥାନ୍ତି, ଡାହାଣ ହାତରେ ତେଲ କରେଇ ରେକୋବି ପକୁଡି ଓଲଟ ପାଲଟ କରୁଥାନ୍ତି। କରେଇ ରୁ ପ୍ଲେଟ ଉପରେ ଟିସୁ ପେପର ରେ ପକୁଡି କାଢିଲ୍ ବେଳକୁ ରମାନାଥ ବାବୁ ଆସି ର୍ୋଷାଇ ଘର ପାଖରେ ହାଜର। ତାଙ୍କର ପ୍ରଫେସର ସାଗର ଙ୍କ ଘରେ ଅବାଧ ପ୍ରବେଶ ।

ISSN NO.
2582-208X

ଦେଲୁ ଦେଲୁ ମମତା, ବୁଝିଲୁ ତୋ ହାତର ଏହି ମୁସୁମୁସିଆ ପକୁଡି ଖାଇବାକୁ ପର୍ ମୁଁ ଅଣି ବର୍ଷ ବୟସ ରେ ଆଠଗଡ ରୁ ନଜେ ଡ୍ରାଇଭ କରି ଆସିଛି।

ଏହା କହି ରମାନାଥବାବୁ ପକୁଡି ଖାଉଥିଲେ, ତାଙ୍କ ସ୍ତ୍ରୀ ଶ୍ରାବଣୀ ମିକ କୁ ପଗ୍ଭରି ସାଗର ବାବୁଙ୍କ ବିଷୟରେ ସବୁ ଟିକନକ ବିବରଣୀ ବୁଝି ରୋଷାଇଘରକୁ ଯାଇ ମମତା ଛାଣୁଥିବା ପକୁଡି ଆଣି ସମସ୍ତଙ୍କ ପାଇଁ ଗୋଟିଏ ଗୋଟିଏ ପ୍ଲେଟ ରେ ବାଢିଲେ ଆଉ ମମତାଙ୍କୁ ଆଣି ସୋଫା ଉପରେ ବସାଇଲେ।

ବୁଝିଲୁ ମମତା, ତୋ ହାତ ଛଣା ପକୁଡି ର ସ୍ୱାଦ ପୁର୍ ନଆର୍ । ଆମେ ଏତେ ବର୍ଷ ବେଙ୍ଗାଲୁରୁ ରେ ରହିଲୁ, ଘର ଦୁଆର କଲୁ, ଆଉ କଣ କହି ଆସୁଥିଲେ ଶ୍ରାବଣୀ।

ମମତା ଙ୍କ ଛଳ ଛଳ ଆଖି କୁ ଗ୍ଭହିଁ ତାଙ୍କ ପାଟିରେ ପକୁଡିଟିଏ ପୁର୍ଇ ଦେଇ କହିଲେ, ନଜ ଘର ଭ୍ବି ଖାଇଦେ। ଏହି କଥାରେ ଲୁହ ବୋଲ୍ ଆଖିରେ ମଧ ମମତା ଙ୍କ ମୁହଁ ରେ ଟିକଏ ହସ ଦେଖା ଦେଲ୍ ।

ହଁ ଆମ ମାଲିକାଣୀ କହୁଥିବା ଅଧା କଥା ଟା ମୁଁ ସମ୍ପୂର୍ଣ କରିଦେଉଛି । ବେଙ୍ଗାଲୁରୁ ରେ ପୁଅ ବୋହୁମାନେ ଅଣହେଳା କରୁ ନ ଥିଲେ। ଆମ ଦେଖାଗ୍ଭହାଁ ପାଇଁ ଲୋକବାକ ରଖିଦେଇଥିଲେ । ସକାଳ ବେଳା କାହାର କାହା ସହ କଥା ହେବା ପାଇଁ ସମୟ ନ ଥାଏ, ପୁଅ ବୋହୁ ସମସ୍ତେ ତ ଗ୍ଭକରିଆ । ଆମେ ଗ୍ଭତିରେ ଅପେକ୍ଷା କରି ରହିଥାଉ କେତେବେଳ ଏକାଠି ବସି ଖାଦ୍ୟ ଖାଇବୁ ଆଉ ଟିକଏ ଗପ ସପ କରିବୁ । ଯେତେବେଳେ ସପ୍ତାହ ସରିବାକୁ ଆସେ ଆମେ ଭ୍ବୁ ଶନବାର ରବିବାର ରେ ଏକାଠି ଖାଇବା ବା ଆମ ମନ ପସନ୍ଦ ଖାଦ୍ୟ ଖାଇବା, ହେଲେ ସେ ସୌଭ୍ଗ୍ୟ ଆସେନ। କାହିଁକ ନା ସେହି ଦୁଇ ଦିନ ସେମାନେ ବାହାରକୁ ପାର୍ଟି କରିବାକୁ ଯାନ୍ତୁ ବା ବାହାରୁ ଖାଦ୍ୟ ମଗାଇ ଖାଆନ୍ତୁ ।

ରମାନଥ ବାବୁ ଅଟକ ଗଲେ, କହିଲେ, ମୁଁ ସେମାନଙ୍କୁ ଦୋଷ ଦେଉନ । ସେମାନେ ତାଙ୍କ ଜାଗାରେ ଏକଦମ ଠିକ । କ୍ରିୟା, ପ୍ରତିକ୍ରିୟା ର ବୟସ ଆମେ ଅତିକ୍ରମ କରିଗଲୁଣି।

ମିକ ଜାଣି ପାରୁଥିଲ୍ ସେମାନେ, ପାପାଙ୍କ ସ୍ମୃତି ରୁ ମମତାଙ୍କ ମନ ହଟାଇବାକୁ ଗ୍ଭହୁଁ ଥିଲେ। ସମସ୍ତେ ପକୁଡି ସହ ମିକ କରି ଦେଇଥିବା ଗରମ ଗ୍ଭ ପିଉଥିଲେ ।

ISSN NO.
2582-208X

ସ୍ୱଳ୍ପଭାଷି ଶ୍ରାବଣୀ ମୁହଁ ଖୋଲିଲେ, ଯାହାହେଉ ତୋ ପାଖରେ ଏହି ସହର ରେ ତ ସାଗର ଛାଡିଯାଇଥିବା ଅମୂଲ୍ୟ ରତ୍ନ ଝିଅ ଦୁଇଟି ଅଛନ୍ତୁ । ସେଥିରେ ପୁଣି ଝିଅ ଜ୍ୱାଇଁ ଡାକ୍ତର । ମିଛ କନ୍ତୁ କହିପାରୁ ନ ଥିଲା, ପାପା କୋଉ ଆଉ ସମୟ ଦେଲେ ବା ତାଙ୍କ ଚକସ୍ୱା କରିବାପାଇଁ ।

ରମାନାଥବାବୁ ମନେ କରୁଥିଲେ, ସାଗର ଯେପରି ବସିଛି, ସବୁ ଥର ପରି ମମତା କରିଥିବା ପକୁଡି ଖାଉଛି ଆଉ କଥା କହୁଛି। ନର୍ମଳ ଜଳ ର କୌଣସି ଆକାର ବା ରଙ୍ଗ ନ ଥାଏ ହେଲେ ବି ସ୍ଥାନ, କାଳ, ପାତ୍ର ନର୍ବିଶେଷରେ ତାହା ସ୍ୱାଦିଷ୍ଟ ହେଇଥାଏ ଠିକ ସେହିପରି ଏକ ସ୍ୱଚ୍ଛ ସମ୍ବନ୍ଧ ର ମହତ୍ୱ ଜୀବନ ରେ ଅନନ୍ୟ ହୋଇଥାଏ ।ଜଣେ ଅନ୍ୟ ଜଣଙ୍କ ହୃଦୟ ରେ ଅଧିକାର କରିଥିବା ସ୍ଥାନ ହିଁ ତାର ନଜର ସତ ଅର୍ଜିତ ସମ୍ପତ୍ତି । ସମ୍ପର୍କ କୁ ହରେଇ ଦେଲା ପରେ ତାର ଅବର୍ତ୍ତମାନ ରେ ହିଁ ପ୍ରକୃତ ମୂଲ୍ୟ ଜଣାପଡେ।

ପକୁଡି ଖାଉ ଖାଉ ଆଖିକୋଣ ରେ ଜକାଇ ଆସୁଥିବା ଲୁହ କୁ ସମସ୍ତେ ପରସ୍ପର ଅଜାଣତରେ ପୋଛିବାକୁ ବା ଲୁଗ୍ଇବାକୁ ଚେଷ୍ଟା କରୁଥିଲେ।

୮୪୩ /୨୨୯୫, ମୁନସିପାଲିଟି ରୋଡ,
ନାଥପୁର , ଶିଶୁପାଳଗଡ ,
ଭୁବନେଶ୍ୱର-୭୫୧୦୦୨
(m) 9437762732

ISSN NO.
2582-208X

# ଗେଣ୍ଡୁଫୁଲ



ପ୍ରଶାନ୍ତ ବ୍ରହ୍ମା

ଯେତେ ଦେଖୁଥିଲେ ନୂଆ ନୂଆ ଲାଗେ ଗେଣ୍ଡୁଫୁଲ ହାର
ହେଉ ଅବା ଦେବା ଦେବୀ, ମଣିଷ ସଭିଙ୍କର ସେ ଗଳାର ହାର ।

ମାର୍ଗଶିର ମାସ ଗୁରୁବାର ମାଣ ବସା ଗେଣ୍ଡୁଫୁଲ ମହକେ ଦୁଆରେ
ହୁଳହୁଳ ଶବ୍ଦରେ କମ୍ପେ ଘରିଆଡ଼େ ବନ୍ଦାପନା ଗେଣ୍ଡୁ ଫୁଲରେ ।

ବଜାର ହାଟରେ ଦେଖିବ ଗହଳ ଗେଣ୍ଡୁଫୁଲ କୁ ନେଇ ମୂଲ ଘୁଲ
ଯେତେ ଫୁଲ ସବୁ ପଡ଼ିଯାଏ ଫିକା ଏକ ମାତ୍ର ନେଇ ଗେଣ୍ଡୁଫୁଲ ।

ଯେତେ ତୋଳୁ ଥିଲେ ମନ ଲାଗେନାହିଁ ଆଉ ତୋଳନ୍ତୁ ସତେକ
ବାସ୍ନା ତାହାର ଯେତିକ ଦେଖିବାକୁ ଲାଗେ ସେ ସୁନ୍ଦର ସେତିକ ।

ପଲାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଜୀବନ ରାସ୍ତାରେ



ନିରୁପମା ପାଣି

ଜୀବନ ରାସ୍ତାରେ ଏକା ବାଟୋଇ ମୁଁ
ଦିଗ ହରା ମୋ ଠିକଣା
ନିଜେ ବି ଜାଣିନି ଏଇ ଦୁନିଆଁରେ
କିଏ ପର କେ ଆପଣା ।।

ମିଛ ହସ ହସି କରେ ଅଭିନୟ
ଠିଆ ହୁଏ ମଞ୍ଚ ପରେ
କିଏ ତାଳି ମାରେ କିଏ ଗାଳି କରେ
ଅଣ ଦେଖା ସବୁ କରେ ।।

ଚାଲୁଛି ଚାଲିବି ନ ପଡିବି ଥକି
ବୟସର ସଞ୍ଜବେଳେ
ହାରେ କିବା ଜିତେ କେବେ ମୁଁ ଦେଖେନା
ଜାଣେନା କେମିତି ଖେଳେ ।।

ଜଣେ ନିର୍ଦ୍ଦେଶକ ପଥ ପ୍ରଦର୍ଶକ
ଜାଣେ ତୁମେ ଏକା ଜଣେ
ବଡିମା କାହିଁକି କରିବି କେବେ ମୁଁ
ଅଯଥାରେ ଅକାରଣେ।।

ISSN NO.
2582-208X

ଅଦୃଶ୍ୟରେ ରହି କରୁଅଛ ସବୁ
ବିଶ୍ୱାସର ଇଙ୍ଗିତରେ
ସେହି ମୋ ଶକତି ସେହି ମୋ ସାହସ
ଭରିଦିଏ ହୃଦୟରେ ।।

ନୟତି ନର୍ଦ୍ଦେଶ ଦିଏ ଦୁଃଖ ମୋତେ
ସହୁଛି ସହିବି ସବୁ
ଦୟା ରଖିଥିବ ସାହା ହେଉଥିବ
ହେ ମୋର ଆରାଧ୍ୟ ପ୍ରଭୁ।।

ବିନତର୍, ଗୃନ୍ଦବାଲି, ଭଦ୍ରକ

ISSN NO.
2582-208X

# ମଶାଣି

ପଲ୍ଲବିନୀ ପଟେଲ

ମଶାଣି ଖୋଜେନ ଠିକଣା କାହାର
ଅବା କାହା ଇତିହାସ,
ସମୟ ତୁଠରେ ସ୍ମିତ ହସ ହସି
ବିତାଏ ତା ଅବକାଶ ।

ସୃଷ୍ଟିର ସର୍ଜନା କେତେ ଚମତାର
ଖୋଜିଲେ ମିଳେନ କଛି,
ମାଟିର ମଣିଷ ମାଟିରେ ମିଶିବ
ସବୁ ଛାଡି ଯିବ ଏଠି ।

ଜୀବନ ମରଣ ସଂଘର୍ଷ ଚାଲିଛି
କଏ ହାରେ କଏ ଜିତେ,
ତଥାପି ଲଢେଇ ପ୍ରତିକ୍ଷଣେ ଚାଲେ
ବଞ୍ଚିବାକୁ ଏଠି ସତେ ।

ଅଖି ଲୁହ ପୁଣି ଆଖିରେ ତ ମରେ
ହୃଦୟ ବେଦନା ସହି
ଦିନ ପରେ ରାତି ସରି ସରି ଯାଏ
ଠିକଣା ତ ମିଳେ ନାହିଁ ।

କେତେ ଯେ ଜୀବନ ଜୁଇରେ ଜଳଛି
ଲିଭିଛି ଅବୁଲ୍ ସ୍ମୃତି
ଆଖି ଛଳ ଛଳ ହୃଦୟ ବିକଳ
ତା କଥାକୁ ଭାବି ଭାବି ।

ବଲାଙ୍ଗୀର

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

୩୫.ଘଟଣାକ୍ରମ
୩୬. ପୁସ୍ତକ ପ୍ରକାଶିତ(ବୃତ୍ତି) ସାହିତ୍ୟ
୩୬. ଚନ୍ଦ୍ର କଥା କହେ

୨୦୧୩ ପନ୍ଦର ଅଗଷ୍ଟରେ ଏମ.ଓ.ୟୁ ରେ ଦସ୍ତଖତ ହେଲା । ସ୍ଥିର ହେଲା ୨୦୧୯ ଅଗଷ୍ଟ ପନ୍ଦର ତାରିଖକୁ ଏହାର ସମସ୍ତ କାର୍ଯ୍ୟ ଶେଷ ହୋଇଯିବ । ମୋ ପାଟିରୁ ବାହାରି ଆସିଲା ଅର୍ଥାତ ମୁଁ ତାର ପୂର୍ଣ୍ଣତା ଦେଖି ପାରିବିନି । କାରଣ ମୋ ହାତରେ ତ ୩୧ ଜୁଲାଇ ପର୍ଯ୍ୟନ୍ତ ସମୟ ଅଛି ।

ଘଟଣାକ୍ରମ

୧୯୬୨- ହାଇଅର ସେକେଣ୍ଡେରୀ ପରୀକ୍ଷାରେ କୃତକାର୍ଯ୍ୟ
୧୯୬୫- ମେଡିକାଲ କଲେଜରେ ପ୍ରବେଶ
୧୯୭୦- ଏମ୍.ବି.ବି.ଏସ୍. ଡିଗ୍ରୀ ହାସଲ
୧୯୭୧- ସି.ଏମ୍.ସି ଭେଲୋର ପ୍ରବେଶ
୧୯୭୩- ଏ.ଆଇ.ଆଇ.ଏମ୍.ଏସ୍ ପ୍ରବେଶ
୧୯୭୫- ବେଷ୍ଟ ରେସିଡେଣ୍ଟ ସମ୍ମାନ
୧୯୭୬- ଏମ୍.ଡି. ପରୀକ୍ଷାରେ କୃତକାର୍ଯ୍ୟ

ISSN NO.
2582-208X

୧୯୭୭- ସମାରୋହ ଦିବସ(ଏମ୍.ଡି. ଡିଗ୍ରୀ ହାସଲ)
୧୯୮୦- ଏ.ଆଇ.ଆଇ.ଏମ୍.ଏସ୍ ରେ ଫ୍ୟାକେଲଟି ରୂପେ ପ୍ରବେଶ
୧୯୮୦- ବାଲ୍ଟି ମୋର ଟିମ୍‌ଙ୍କ ଭାରତ ଭିଜିଟ୍ ପାଇଁ ପ୍ରଥମ ନେତ୍ର ଶିବିର
୧୯୮୧- ଟାଇମ୍ ରିସରର୍ଚ୍ଚ ଆଇ ଫାଉଣ୍ଡେସନ୍ ସହ ନେତ୍ରଦାନ କାର୍ଯ୍ୟକ୍ରମର ପ୍ରସାରଣ
୧୯୮୨- ମୃତ ବ୍ୟକ୍ତଙ୍କଠାରୁ ପ୍ରାପ୍ତ ନେତ୍ର ସଂରକ୍ଷଣ ପାଇଁ ଭାରତରେ ପ୍ରଥମ ମିଡିଆ ପ୍ରସ୍ତୁତି ।
୧୯୮୪- ଇଣ୍ଡୋ ୟୁ.ଏସ୍.ଏସ୍.ଆର୍ ପ୍ରୋଗ୍ରାମ୍ ପାଇଁ ମସ୍କୋ ଯାତ୍ରା ।
୧୯୮୫- ଆଇ.ଏମ୍.ଏ ସାଉଥ୍ ଦିଲ୍ଲୀ ଦ୍ୱାରା ସମ୍ମାନିତା ।
୧୯୮୬- ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କଠାରୁ ନେତ୍ରଦାନ ସ୍ୱୀକୃତି ପତ୍ର ଲାଭ ଏବଂ ଆଇ ଡୋନେସନ୍ ଫୋର୍ଟ ନାଇଟ୍ ପାଳନ ପାଇଁ ସ୍ୱୀକୃତି ।
୧୯୮୬- ଜାପାନରୁ କ୍ଲିନିକାଲ୍ ଅପ୍‌ଥାଲମୋଲୋଜି ଫେଲୋସିପ୍ ପ୍ରାପ୍ତ ।
୧୯୮୭- ସର୍ବୋଚ୍ଚ ନମ୍ବର କାଟାରାକ୍ଟ ଶଲ୍ୟ ଚକିତ୍ସା ପାଇଁ ମାନପତ୍ର ଲାଭ ।
୧୯୮୮- ପ୍ରଥମ ଭାରତୀୟ ଡାଇବେଟିକ୍ସ ଏବଂ କର୍ନିଆ ଗବେଷଣା ପାଇଁ ମ୍ୟୁନଜ୍ (ଜର୍ମାନ)ରେ ସମ୍ବର୍ଦ୍ଧିତା ।
୧୯୮୮- ନ୍ୟାସନାଲ ଏକାଡେମି ସଦସ୍ୟାରୂପେ କୃତି ଲାଭ ।
୧୯୮୮- ନ୍ୟୁୟର୍କ ଏକାଡେମି ମେଡିକାଲ ସାଇନସ୍‌ର ଅନରାରି ସଦସ୍ୟା ପତ୍ର ଲାଭ ।
୧୯୮୯- ବଷ୍ଟନଠାରେ ଅନୁଷ୍ଠିତ କର୍ଣ୍ଣିଆ ରିସର୍ଚ୍ଚ ବୈଠକରେ ସମ୍ମାନିତା ।
୧୯୮୯- ଆଇ ବ୍ୟାଙ୍କ ଆସୋସିଏସନ୍ ଅଫ୍ ଇଣ୍ଡିଆ ଗଠନ ଏବଂ ଚେୟାରପରସନ୍ ରୂପେ ନିଯୁକ୍ତ ।
୧୯୯୦ - ୟୁପି ଅପ୍‌ଥାଲମୋଲୋଜିକାଲ୍ ସୋସାଇଟି ଦ୍ୱାରା ସମ୍ମାନିତା
୧୯୯୦ - ଫୋର୍ସର ଫେଲୋସିପ୍ ହାସଲ୍
୧୯୯୦ - ଭାରତରେ ପ୍ରଥମ - ଅର୍ନ୍ତଦେଶୀୟ ନେତ୍ରଦାନ ଜଡ଼ିତ ଦୁଇଦିନିଆ ବୈଠକ
୧୯୯୦ - ଆଇ.ଏ.ପି.ବି ବ୍ଲାଇଣ୍ଡନେସ୍ ପ୍ରୋଗ୍ରାମ ପାଇଁ ଭାରତର ରିପ୍ରେଜେଣ୍ଟେଟିଭ୍ ରୂପେ ଜି.ଓ.ଆଇ ଦ୍ୱାରା ବିବେଚିତା
୧୯୯୨ - ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତା
୧୯୯୨ - ଆମେରିକାର କାଷ୍ଟ୍ରୋଭିଓ କର୍ଣ୍ଣିଆ ସୋସାଇଟି ଦ୍ୱାରା ଥେସିସ୍ ସଦସ୍ୟା ରୂପେ ମନୋନୀତା

ISSN NO.
2582-208X

୧୯୯୨- ଭାରତରେ ପ୍ରଥମ ବର୍ହିଦେଶୀୟ ନେତ୍ରଦାନ ଜନତ ଦୁଇ ଦିନଆ ବୈଠକ ପାଳନ ।

୧୯୯୩- ପାକପଥ୍ ଅପ୍ଥାଲମୋଲୋଜିକାଲ୍ ସୋସାଇଟି ଦ୍ୱାରା ସମ୍ମାନତ

୧୯୯୬- ମେରଟ୍ ଅପ୍ଥାଲମୋଲୋଜିକାଲ୍ ସୋସାଇଟି ଦ୍ୱାରା ସମ୍ମାନତ

୧୯୯୭ - ଜେକ୍ ରିପବ୍ଲିକ୍ ଦ୍ୱାରା ନେତ୍ରଦାନ କାର୍ଯ୍ୟ ପାଇଁ ସମ୍ମାନତା

୧୯୯୬ - ଭାରତର ଏକ ବିଶିଷ୍ଟ ହେଲ୍ଥ ପ୍ରଫେସନାଲ ରୂପେ ଆମେରିକାନ୍ ବାୟୋଗ୍ରାଫିକାଲ୍ ଅରଗାନାଇଜେସନ୍ ଦ୍ୱାରା ସମ୍ମାନତା

୧୯୯୬ - ଭାରତୀୟ ଶ୍ରେଷ୍ଠ ନାଗରିକ ରୂପେ ଘୋଷିତା

୧୯୯୭ - ପ୍ରସିଦ୍ଧା ନାରୀ ଗବେଷିକା ରୂପେ ଆଇ.ସି.ଏମ୍.ଆର୍ ଦ୍ୱାରା ବିବେଚତା

୧୯୯୭ - ଆଇ.ଏମ୍.ଏ କଲେଜ ଅଫ୍ ଏକାଡ଼େମୀ ସାଇନ୍ସ ତରଫରୁ ଫେଲୋସିପ ପ୍ରାପ୍ତ ।

୧୯୯୭ - ବର୍ହିଦେଶୀୟା ବିଶିଷ୍ଟ ନାରୀ ରୂପେ କେମ୍ବ୍ରିଜ୍‌ରେ ସମ୍ମାନତା

୧୯୯୭ - ରୟାଲ୍ କଲେଜ ଅଫ୍ ଅପଥାଲମୋଲୋଜୀ, ଲଣ୍ଡନର ଅନରାରୀ ବିବେଚତା ସଦସ୍ୟା ।

୧୯୯୮ - ନର୍ଥ ଇଷ୍ଟ ଅପ୍ଥାଲମିକ୍ ସୋସାଇଟି ଦ୍ୱାରା ସମ୍ମାନତା

୧୯୯୯ - ଆମେରିକାନ୍ ବାୟୋଗ୍ରାଫିକାଲ୍ ଅରଗାଇଜେସନ୍‌ର ଆଡ଼ଭାଇଜର ରୂପେ ଘୋଷିତା

୧୯୯୯ - ଗବେଷଣା ପାଇଁ ଇଣ୍ଟର ନ୍ୟାସନାଲ୍ କଲେଜ ଅଫ ସର୍ଜନ ଦ୍ୱାରା ପୁରସ୍କୃତ

୧୯୯୯ - ସମାଜ ସ୍ୱାସ୍ଥ୍ୟ ସେବା ପାଇଁ ଭାରତ ଗୌରବ ସମ୍ମାନ

୧୯୯୯ - ଇଣ୍ଟରନ୍ୟାସ୍‌ନାଲ କଲେଜ ଅଫ୍ ସର୍ଜନ ଠାରୁ ଫେଲୋସିପ୍ ପ୍ରାପ୍ତ

୨୦୦୦ - "ନେତ୍ର କର୍କଟ ରୋଗ ପାଇଁ ଔଷଧି" ଆ.ସି.ଏମ୍.ଆର୍ ଦ୍ୱାରା ସମ୍ମାନତା ।

୨୦୦୧ - ଏ.ଆଇ.ଓ.ଏସ୍ ଡଃ ର.ପି ଢାଣ୍ଡା କର୍ଣ୍ଣିଆ ସ୍ୱର୍ଣ୍ଣ ପଦକ ପାପ୍ତ

୨୦୦୧ - ନେପାଳ କ୍ୟାଟାରାକ୍ଟ ସର୍ଜନ ସମ୍ମାନ

୨୦୦୨ - ଏ.ଆଇ.ଓ.ଏସ୍, ପି.ଶିଭା ରେଡ଼ି ଇଣ୍ଟରନ୍ୟାସ୍‌ନାଲ ସ୍ୱର୍ଣ୍ଣ ପଦକ ପ୍ରାପ୍ତ

୨୦୦୨ - ମୁଥୁସ୍ୱାମୀ ଭାରଚୁଆଲ୍ ୟୁନଭରସିଟି ୟୁ.କେ ଦ୍ୱାରା ଆଇ.ସି.ଓ ବୋର୍ଡ଼ ଅଫ୍ ମେମ୍ବର ବିବେଚତା

ISSN NO.
2582-208X

୨୦୦୨ – ଏମ୍.ଏମ୍ କର୍ଣ୍ଣିଆ ସୋସାଇଟିର ଭାଇସ୍ ପ୍ରେସିଡେଣ୍ଟ ନିର୍ବାଚିତା
୨୦୦୩ – ନ୍ୟାସନାଲ୍ ଏକାଡେମୀ ମେଡ଼ିକାଲ ସାଇନ୍ସ ଫେଲୋସିପ୍ ପ୍ରାପ୍ତ
୨୦୦୩ – ବମ୍ବେ ଅପ୍ଥାଲମୋଲୋଜିକାଲ୍ ସୋସାଇଟି ଦ୍ୱାରା ସମ୍ମାନିତା
୨୦୦୪ – ଆମେରିକାନ୍ ଏକାଡେମୀ ଦ୍ୱାରା ବିଶିଷ୍ଟ ସଦସ୍ୟା ରୂପେ ବିବେଚିତା
୨୦୦୪ – ମାଲେସିଆନ୍ ଅପ୍ଥାଲ୍ମୋଲୋଜିକାଲ ସୋସାଇଟି ଦ୍ୱାରା ସମ୍ମାନିତା
୨୦୦୪ – ଏସ୍.ଏନ୍ ମିତ୍ତର ଓରେସନ (ଦିଲ୍ଲୀ ଅପ୍ଥାଲ୍ମୋଲୋଜିକାଲ ସୋସାଇଟି) ସମ୍ମାନ ପ୍ରାପ୍ତ ।
୨୦୦୫ – ଭୂଟାନ ସ୍ୱାସ୍ଥ୍ୟ ସେବା ସମ୍ମାନ
୨୦୦୬ – ଏ.ଆଇ.ଓ.ଏସ୍, ବି.କେ ନାରାୟଣ ସ୍ୱର୍ଣ୍ଣପଦକ ପ୍ରାପ୍ତ
୨୦୦୬ – ମଧ୍ୟ ପ୍ରଦେଶ ଅପ୍ଥାଲମୋଲୋଜିକାଲ୍ ସୋସାଇଟି ଦ୍ୱାରା ସମ୍ମାନିତା
୨୦୦୭ – ପି.କେ.ଜୈନ୍ ଓରେସନ(ଦିଲ୍ଲୀ ଅପଥାଲମୋଲୋଜିକାଲ ସୋସାଇଟି) ସମ୍ମାନ
୨୦୦୭ – ସମାଜ ସ୍ୱାସ୍ଥ୍ୟ ସେବା ପାଇଁ ଫ୍ରେଣ୍ଡସିପ୍ ଫୋରମ୍ ସ୍ୱର୍ଣ୍ଣ ପଦକ ପ୍ରାପ୍ତ
୨୦୦୭ – ଇଜିପ୍ଟିସିଆନ୍ ଅପଥାଲ୍ମିକ୍ ସୋସାଇଟି ଦ୍ୱାରା ନିମନ୍ତ୍ରିତା
୨୦୦୭ – ଆମେରିକାନ୍ ଏକାଡେମୀ ଦ୍ୱାରା ସିନିଅର ଏକାଡେମୀସିଆନ୍ ସମ୍ମାନ
୨୦୦୮ – କର୍ଣ୍ଣିଆ ଏବଂ ନେତ୍ରଦାନ ପଦ୍ଧତିରେ ପ୍ରଥମ ମହିଳା ରୂପେ ସମ୍ମାନିତା
୨୦୦୯ – ଆଇ.ଆଇ.ଆର୍.ଏସ୍.ଆଇ (ଭାରତୀୟ କ୍ୟାଟରାକ୍ଟ ଏବଂ ରିଫ୍ରାକ୍ଟିଭ୍ ସୋସାଇଟି) ସ୍ୱର୍ଣ୍ଣ ପଦକ ପ୍ରାପ୍ତ
୨୦୦୯ – ଫ୍ରେଣ୍ଡସିପ୍ ଫୋରମ୍ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଭାରତ ଏକ୍ସଲେନ୍ସ ସ୍ୱର୍ଣ୍ଣ ପଦକ ପ୍ରାପ୍ତ
୨୦୧୦ – ଲାମେଲାର କେରାଟୋପ୍ଲାଷ୍ଟି ପାଇଁ ବାସକମ୍ ପାମାର ଇନ୍ଷ୍ଟିଚ୍ୟୁଟ୍, ଆମେରିକା ଦ୍ୱାରା ନିମନ୍ତ୍ରିତା
୨୦୧୦ – ଏ.ଆଇ.ଓ.ଏସ୍, ଆଡେନ୍ୱାଲା ସ୍ୱର୍ଣ୍ଣପଦକ ପ୍ରାପ୍ତ
୨୦୧୧ – ଅଲ୍ ଇଣ୍ଡିଆ ଅପ୍ଥାଲ୍ମୋଲୋଜିକାଲ ସୋସାଇଟି ସହ ସଭାପତି ପଦବୀ ପ୍ରାପ୍ତ
୨୦୧୧ – ଆମେରିକାନ୍ ଏକାଡେମିକ୍ ଅପ୍ଥାଲମୋଲୋଜିକାଲ ସୋସାଇଟି ଆଚିଭ୍ମେଣ୍ଟ ସମ୍ମାନ

ISSN NO.
2582-208X

୨୦୧୧ – ଆମେରିକାନ୍ ଏକାଡ଼େମୀ ଅପ୍ଥାଲମୋଲୋଜିକାଲ ଦ୍ୱାଗ୍ ବର୍ହିଦେଶୀୟ ଏକାଡ଼େମିକ୍ ସମ୍ମାନ

୨୦୧୧ – ଉତ୍ତରାଞ୍ଚଳ ଅପ୍ଥାଲମୋଲୋଜିକାଲ୍ ସେସାଇଟି ସମ୍ମାନ

୨୦୧୧ – ଇଉରେ୍ାପିଆନ୍ ଅପ୍ଥାଲମୋଲୋଜିକାଲ ସୋସାଇଟି ଵମନ୍ନତା

୨୦୧୧ – ଇଷ୍ଟ ଜୋନ୍ ଅପ୍ଥାଲମିକ୍ ଆଓ୍ୱାଡ୍ର୍

୨୦୧୨ – ଅଲ୍ ଇଣ୍ଡିଆ ଅପ୍ଥାଲ୍ମୋ ଲୋଜିକାଲ ସୋସାଇଟ ପ୍ରେସିଡ଼େଣ୍ଟ ଇଲେକ୍ଟ ପଦବୀ ପ୍ରାପ୍ତ

୨୦୧୨ – ଡିଷ୍ଟିଙ୍ଗୁଇସ୍ଡ଼ ସର୍ଭିସ୍ ଆଓ୍ୱାର୍ଡ଼, ର୍ପି ସେଣ୍ଟର, ଦିଲ୍ଲୀ

୨୦୧୨ – ଡିଷ୍ଟିଙ୍ଗୁଇସ୍ଡ଼ ସର୍ଭିସ୍ ଆଓ୍ୱାର୍ଡ଼, ଏ.ଆଇ.ଆଇ.ଏମ୍.ଏସ୍, ଦିଲ୍ଲୀ

୨୦୧୨ – ଦିଲ୍ଲୀ ଓଡ଼ିଆ ଡାକ୍ତର ସଭାପତି ପଦବୀ ପ୍ରାପ୍ତ

୨୦୧୩ – ଅଲ୍ ଇଣ୍ଡିଆ ଅପ୍ଥାଲମୋଲୋଜି କାଲ ସୋସାଇଟି ସଭାପତି ପଦବୀ ପ୍ରାପ୍ତ

୨୦୧୩ – କେ.ଆର୍. ଦତ୍ତା ସମ୍ମାନ

୨୦୧୩ – କର୍ଣ୍ଣିଆଲ୍ ସର୍ଜନ ରୂପେ ରାଷ୍ଟ୍ରୀୟ ମାନ୍ୟତା

୨୦୧୩ – ଏକ୍ସପର୍ଟ ଆଡ଼ଭାଇଜୋରୀ କମିଟି ଅଫ୍ ନୂତନ ଛଅଗୋଟି ଏ.ଆଇ.ଆଇ.ଏମ୍.ଏସ୍ ଚେୟାରପର୍ସନ ରୂପେ ବିବେଚତା

୨୦୧୩ – ପଞ୍ଜାବ ଅପ୍ଥାଲମୋଲୋଜିକାଲ୍ ସୋସାଇଟି ଦ୍ଓ୍ୱାଗ୍ ସମ୍ମାନତା

୨୦୧୩ – ଚଣ୍ଡୀଗଡ଼ ଅପ୍ଥାଲମୋଲୋଜିକାଲ୍ ସୋସାଇଟି ଦ୍ୱାଗ୍ ସମ୍ମାନତା

୨୦୧୩ – ଓଡ଼ିଶା ଷ୍ଟେଟ୍ ଅପ୍ଥାଲ୍ମୋଲୋଜି ଆଓ୍ୱାର୍ଡ

୨୦୧୩ – ଇଣ୍ଡୋ-ନେପାଳ ଫ୍ରେଣ୍ଡ୍ସିପ୍ ସମ୍ମାନ ଇନ୍ କମ୍ୟୁନଟି ଅପଥାଲମୋଲୋଜି ।

୨୦୧୩ – ପ୍ରେସିଡ଼େନ୍ସିଆଲ୍ ଗୋଲ୍ଡ଼ ମେଡ଼ାଲ୍, ଇଜିପ୍ଟ ଅପଥାଲମୋଲୋଜିକାଲ ସୋସାଇଟି, କାଇରୋ

୨୦୧୩ – କମ୍ୟୁନଟି ଅପଥାଲ୍ମୋଲୋଜି ଆଓ୍ୱାର୍ଡ଼, ଅମୃତସେର

୨୦୧୩ – ପ୍ରେସିଡ଼େନ୍ସିଆଲ୍ ଅନର୍, ରୟାଲ୍ କଲେଜ୍ ଅଫ ଅପ୍ଥାଲମୋଲୋଜି, ମେଲବର୍ଣ୍ଣ ।

୨୦୧୪ – ଅନରାରୀ ଫାଇକୋ ଆଓ୍ୱାର୍ଡ଼ ଏ.ଆଇ.ଓ.ଏସ୍

୨୦୧୪– ଏଚ୍.ଆଇ.ଭି ସେସାଇଟି ସମ୍ମାନ, ଦିଲ୍ଲୀ

ISSN NO.
2582-208X

୨୦୧୫ - ସ୍ୱଚ୍ଛ ଭାରତ ଏବଂ ନେତ୍ର ବିଶେଷଜ୍ଞ ସମ୍ମାନ, ଭୁବନେଶ୍ୱର
୨୦୧୬ - ସିନିଅର କର୍ଣ୍ଣିଆଲ ସର୍ଜନ ଆଚଭ୍‌ମେଣ୍ଟ ଆୱାର୍ଡ଼, ଦିଲ୍ଲୀ
୨୦୧୬ - ଆଉଟ୍ ଷ୍ଟାଣ୍ଡିଙ୍ଗ୍ କଣ୍ଟ୍ରିବ୍ୟୁସନ୍ ରେକଗ୍‌ନେସନ ଇନ୍ ଆଇ ବ୍ୟାଙ୍କିଙ୍ଗ,ଦିଲ୍ଲୀ
୨୦୧୭- ମୁଖ୍ୟ ଅତିଥି, ୟୁ.ପି, ଅପ୍‌ଥାଲମୋଲୋଜିକାଲ୍ ସୋସାଇଟି
୨୦୧୭ - ଲାଇଫ୍ ଟାଇମ୍ ଆଚଭ୍‌ମେଣ୍ଟ ଆୱାର୍ଡ଼ ଇନ୍ କ୍ୟାଟାର୍‌କ୍ଟ ସର୍ଜରୀ, ଚେନ୍ନାଇ
୨୦୧୮ - ଆଉଟ୍‌ଷ୍ଟାଣ୍ଡିଙ୍ଗ୍ କଣ୍ଟ୍ରିବ୍ୟୁସନ୍ ଟୁ ଅପ୍‌ଥାଲମୋଲୋଜି, ଭୁବନେଶ୍ୱର
୨୦୧୮ - ଲାଇଫ୍ ଟାଇମ୍ ଆଚଭ୍‌ମେଣ୍ଟ ଆୱାର୍ଡ଼ ଇନ୍ ଅପ୍‌ଥାଲମୋଲୋଜି, ଦିଲ୍ଲୀ ଅପଥାଲମୋଲୋଜିକାଲ ସେସାଇଟି
୨୦୧୯- ଏକସ୍‌ଲେଣ୍ଟ ଅପ୍‌ଥାଲମିକ୍ ପ୍ରଫେସର ସମ୍ମାନ, କୋଲକାତା ।

ସାହିତ୍ୟ:-
୧୯୫୯ - ପ୍ରଥମ କବିତା ଆଷାଢ଼ସ୍ୟ ପ୍ରଥମ ଦିବସେ
୧୯୬୦ - ପ୍ରଥମ ଗଳ୍ପ ଶିଖା ଲିଭିଛି
୧୯୬୨ - ଆଷାଢ଼ସ୍ୟ ପ୍ରଥମ ଦିବସେ (କବିତା), ଶିଖା ଲିଭିଛି (ଗଳ୍ପ) ଏବଂ ବୁଦ୍ଧଂ ଶରଣଂ ଗଚ୍ଛାମି (ଗଳ୍ପ) ପ୍ରଜାତନ୍ତ୍ର ମୀନାବଜାରରେ ପ୍ରକାଶିତ
୧୯୬୪ - ମୋହନଲାଲ ପାଠାଗାର ଦ୍ୱାରା ଅନୁଷ୍ଠିତ ଓଡ଼ିଶା ଯୁବ ଲେଖକ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ
୧୯୬୫ - ପ୍ରଥମ ନାଟକ "ଆବର୍ଜନା" ମଞ୍ଚସ୍ଥିତ ।
୧୯୬୬ - ମୋହନଲାଲ ପାଠାଗାର ଦ୍ୱାରା ଅନୁଷ୍ଠିତ ଓଡ଼ିଶା ଯୁବ ଲେଖକ ପ୍ରତିଯୋଗୀତାରେ ଦ୍ୱିତୀୟ ସ୍ଥାନ
୧୯୬୯ - "ମୁକ୍ତ ପଥ"ରେ ସାକ୍ଷାତକାର ପ୍ରକାଶିତ
୨୦୧୦- ଆଇ ଡୋନେସନ୍ ଥିମ୍ ସଙ୍ଗ
୨୦୧୨- ଆଇ ଡୋନେସନ୍ ନାଟକ (ବିଭିନ୍ନ ମିଡିଆରେ ସାକ୍ଷାତକାର)
୨୦୧୩ - ଆଶ୍ରୟ ସାକ୍ଷାତକାର ଓ ସମ୍ମାନ, ଭୁବନେଶ୍ୱର
୨୦୧୫ - ପ୍ରବାସୀ ଓଡ଼ିଆ ସମ୍ମାନ (ଗୋଧୂଳି), ଭୁବନେଶ୍ୱର
୨୦୧୫ - ସମ୍ମାନୀୟା ଅତିଥି (ଶ୍ୱେତ ସଂକେତ), ଭୁବନେଶ୍ୱର
୨୦୧୬ - ଯୁଗଶ୍ରୀ ଯୁଗନାରୀ ସାକ୍ଷାତକାର, ବାଲେଶ୍ୱର

ISSN NO.
2582-208X

୨୦୧୬ - ସମ୍ମାନୀୟା ଅତିଥି "ଗୀତାଞ୍ଜଳି ଗୁରୁକୁଳ" ଭୁବନେଶ୍ୱର
୨୦୧୬- ସମ୍ମାନୀୟା ଅତିଥି ସାହିତ୍ୟ ଏକାଡେମୀ, (ବିଶ୍ୱ ମହିଳା ଦିବସ)
୨୦୧୬- ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା କବିତା ପାଠ ପାଇଁ ନିମନ୍ତ୍ରିତ(ଖଡଗପୁର)
୨୦୧୬ - ସମ୍ମାନୀୟା ଅତିଥି (ପେନ୍ ଇନ୍), ଭୁବନେଶ୍ୱର
୨୦୧୬ - ସମ୍ମାନୀୟା ଅତିଥି (ଶ୍ୱେତ ସଂକେତ), ଭୁବନେଶ୍ୱର
୨୦୧୭ - ସମ୍ମାନୀୟା ଅତିଥି, ଆର୍ଟ ଆଣ୍ଡ କ୍ରାଫ୍ଟ, ଭୁବନେଶ୍ୱର
୨୦୧୭ - କୁନ୍ତଳା କୁମାରୀ ସାବତ ସମ୍ମାନ, ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ,ଖୋର୍ଦ୍ଧା
୨୦୧୭ - ସମ୍ମାନୀୟା ଅତିଥି, ଗୋଧୂଳି ବାର୍ଷିକ ଉତ୍ସବ, ଭୁବନେଶ୍ୱର
୨୦୧୮- ଦିଲ୍ଲୀ ଓଡିଆ ଲେଖିକା ସଂସଦ ଗଠିତ
୨୦୧୯- ଓଡିଶା ଲେଖିକା ସଂସଦ ଉମାଦେବୀ ସମ୍ମାନ, ଭୁବନେଶ୍ୱର
୨୦୧୯- ଶ୍ୱେତ ସଂକେତ ବହୁମୁଖୀ ପ୍ରତିଭା ସମ୍ମାନ, ଭୁବନେଶ୍ୱର
୨୦୧୯- ସ୍ମୃତି ସାନ୍ତ୍ୱନା ସମ୍ମାନ, ଭୁବନେଶ୍ୱର
୨୦୨୦- ସମ୍ମାନୀୟା ଅତିଥି ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଖୋର୍ଦ୍ଧା
ପୁସ୍ତକ ପ୍ରକାଶିତ (ବୃତ୍ତି)
୧୯୮୫- ଏମ୍.ସି.କ୍ୟୁ ଇନ୍ ଅପ୍‌ଥାଲ୍‌ମୋଲୋଜି ପୁସ୍ତକ ପ୍ରକାଶକ
୧୯୯୨ - ଭାରତରେ ପ୍ରଥମ "କରନିଆଲ୍" ପ୍ରିଜରଭେସନ ପୁସ୍ତକ ପ୍ରକାଶିତ
୧୯୯୪ - କର୍ଣ୍ଣିଆଲ ଇନ୍‌ଫେକ୍‌ସନ୍ ପୁସ୍ତକ ପ୍ରକାଶିତ
୧୯୯୫ - ଅକୁଲାର ଏମର୍‌ଜେନ୍ସୀ ପ୍ରଥମ ସଂସ୍କରଣ ପୁସ୍ତକ ପ୍ରକାଶିତ
୧୯୯୬ - ବିଶ୍ୱରେ ପ୍ରଥମ ନେତ୍ରଦାନ - ପୁସ୍ତକ ପ୍ରକାଶିତ
୧୯୯୯ - ଅକୁଲାର ଏମର୍‌ଜେନ୍ସୀ ଦ୍ୱିତୀୟ ସଂସ୍କରଣ ପୁସ୍ତକ ପ୍ରକାଶିତ
୨୦୦୩ - ଅକୁଲାର ଇନ୍‌ଫେକସନ୍ ପୁସ୍ତକ ପ୍ରକାଶ
୨୦୦୪ - ଏସେନ୍‌ସିଆଲ ଆଇ ବ୍ୟାଙ୍କିଙ୍ଗ୍ ପୁସ୍ତକ ପ୍ରକାଶ
୨୦୦୪ - କ୍ଲିନକାଲ ଅପ୍‌ଥଲମୋଲୋଜି ପୁସ୍ତକ ପ୍ରକାଶ (ପ୍ରଥମ ସଂସ୍କରଣ)
୨୦୦୫ - ଷ୍ଟେପ୍ ବାଇ ଷ୍ଟେପ କଟାରାକ୍ଟ ସର୍ଜରୀ ପୁସ୍ତକ ପ୍ରକାଶ ଷ୍ଟେପ୍ ବାଇ ଷ୍ଟେପ୍
କ୍ୟାଟେରାକ୍ଟ ସର୍ଜରୀ
୨୦୧୦ - ସ୍ମଲ୍ ଇନସିସନ୍ କଟାରାକ୍ଟ ସର୍ଜରୀ ପୁସ୍ତକ ପ୍ରକାଶ
୨୦୧୭ - ପ୍ରଥମ ସଂସ୍କରଣ ଅପ୍‌ଥାଲ୍‌ମିକ୍ ଇନ୍‌ଷ୍ଟ୍ରୁମେଣ୍ଟ ପୁସ୍ତକ ପ୍ରକାଶ

ISSN NO.
2582-208X

୨୦୧୫ - କ୍ଲିନିକାଲ୍ ଅପ୍ଥାଲମୋଲୋଜି ପୁସ୍ତକ ଉନ୍ମୋଚନ (ଦ୍ୱିତୀୟ ସଂସ୍କରଣ)
୨୦୧୮- ଅପଥାଲମିକ୍ ଇନ୍‌ଷ୍ଟ୍ରୁମେଣ୍ଟ
ସାହିତ୍ୟ:-
୧୯୭୮ - ପ୍ରଥମ ଉପନ୍ୟାସ "ଅସମାପ୍ତ ଇତିହାସ" (ଅପ୍ରକାଶିତ)
୨୦୧୨ - ପ୍ରଥମ କବିତା ସଂକଳନ "ସ୍ମୃତି ଏକ ଅନୁରକ୍ତ" ପ୍ରକାଶ
୨୦୧୩ - ପ୍ରଥମ କ୍ଷୁଦ୍ର ଗଳ୍ପ ସଂକଳନ "ଲେଖନୀ" ପ୍ରକାଶ
୨୦୧୪ - ଉପନ୍ୟାସ "ପ୍ରତାରଣା ପରେ"
୨୦୧୪ -ଉପନ୍ୟାସ "ଘୂର୍ଣ୍ଣି ପ୍ରତୀତି"
୨୦୧୫ - ନାଟକ ସଂକଳନ "ମୁକ୍ତ ଆକାଶ"
୨୦୧୬ - କବିତା ସଂକଳନ ପ୍ରଣୟ, ପ୍ରଣେୟ, ପ୍ରମିତି ଓ ଅନ୍ୟମାନେ
୨୦୧୬ - କବିତା ସଂକଳନ ପ୍ରତିଲେଖ
୨୦୧୬ - (ଉପନ୍ୟାସ) ଅସ୍ତଗ୍ରାମିଣୀ
୨୦୧୬- ନାଟକ ପସଗ୍ରରେ ସଂସ୍କୃତି
୨୦୧୭ - (ଗୀତି କବିତା) ଅନନ୍ୟ ସ୍ୱର
୨୦୧୮ - (ଉପନ୍ୟାସ) ପରିଧି
୨୦୧୮- ହୋୟାର ଦେୟାର ଇଜ୍ ୱିଲ୍ (ଅନୁଭୂତି)
୨୦୧୮- ଭିନ୍ନରୂପ (କ୍ଷୁଦ୍ରଗଳ୍ପ ସଂକଳନ)
୨୦୧୮- ମୁଁ ଏକ (କବିତା ସଂକଳନ)
୨୦୧୯- ଅଗ୍ନି ଜ୍ୟୋତ୍ସ୍ନା (କ୍ଷୁଦ୍ରଗଳ୍ପ ସଂକଳନ)
୨୦୧୯- ଏଫଟର୍ସ ଡୋଣ୍ଟ ଡାଏ (ଅନୁଭୂତି)
୨୦୨୦- ଲୁଟ୍ କେ ବାଦ୍ ଭୀ (ହିନ୍ଦୀ ଅନୁବାଦ)
୨୦୨୦- ହୃଦୟ ସୁନା ମନ ଅରଣା (କ୍ଷୁଦ୍ରଗଳ୍ପ ସଂକଳନ)
୨୦୨୦- ପାଣି ଫୋଟକାରେ ଜୀବନ (ଉପନ୍ୟାସ)
୨୦୨୦- ନତ୍ୟଲିପି ପୃଷ୍ଠାରୁ (ଅନୁଭୂତି)

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ପଥ ସମ



ଦୁଷ୍ମନ୍ତ ବେହେରା

ସମୟ ବାଟରେ ମୁଁ ପଥସମ
ଆଗେଇବା ଆଗରୁ ଭାବନା
ବୁଡେ ସ୍ୱପ୍ନ ତୁଠରେ  !!

ଦୁଇ ପାଦର ବାଟ ସାକ୍ଷୀ
ମୁହିଁ ଛାଇ ଛଇଳକୁ ଦେଖି
ପବନ ଭସେଇ ନଏ !!

ମୋ ମଧୁର ମହକ ଖୁଶି
ମଉନ ମନ ମୋର ବସିଛି
ଗୃହିଁ ସମୟ ପଥ !!

ସାଙ୍ଗେ ସଙ୍ଗାତ କରି ଠେଲି
ଦେଉଛି ମୋ ଅତୀତ ର
ଅତୀତ ହସି ଦେଇ  !!

ISSN NO.
2582-208X

ପ୍ରାଣ ଅଛି ବୋଲି ଆଗକୁ
ଗ୍ଲେ ବଞ୍ଚିବା ନାଁରେ
ଅଭିନୟ କରି ଗ୍ଲେ !!

ଦରଦ ଦୁଃଖ କୁ ଲୁଗ୍ଇବା
ପାଇଁ ହସି ଦେଇ ଦେଖେଇ
ପାରୁନ ଅନ୍ତର କୋହ !!

ପଥସମ ମୋର ଗ୍ତିରେ
ଶୋଇ ଦିନରେ ଉଠେ
ଅଦିନେ ସ୍ୱପ୍ନ ଦେଖାରେ !!

ଜୀବନ ଦହ ଗଞ୍ଜ ରେ
ଭ୍ସିଉଠେ ପଥସମ ମୋର
ପଥରେ ପଗ୍ରେ !!

ଧୂସର ଆବେଗ ଢେଉ ମାଳା
ଭ୍ସି ଭ୍ସି କୁହେ ଭରିଛି
ଜୀବନେ ସମ ରେ.......

ଗ୍ସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ନୂଆ ବରଷ



ସଙ୍ଗୀତା ମହାନ୍ତ

ବରଷକେ ଥରେ ଆସିଛି ଏ ଦିନ
କଣିନେବ ସେ ଆମ ସଭିଙ୍କ ମନ
ନୂଆ ମନ ନୂଆ ଆଶା ନୂଆ କଳ୍ପନା ନେଇ ଆମେ ବଢ଼ିବା
ଆମ ଜୀବନକୁ ସରସ ସୁନ୍ଦର କରିବା
ପୁରୁଣା ରାଗ ହିଂସା ଈର୍ଷାକୁ ଭୁଲିବା
ସଭିଙ୍କ ମନ ହୃଦୟ ନେଇ ଚାଲିବା
ଜୀବନରେ କଛି ନାହିଁ
କେବଳ ସ୍ନେହ ଶ୍ରଦ୍ଧା ନେଇ ବଞ୍ଚିବା ଶିଖିଯିବା
ଜୀବନ ଆମ ସଭିଙ୍କର ଦୁଇ ଦିନର
ତା ପାଇଁ ଆମେ କଥା କହୁ ବିଭିନ୍ନ ପ୍ରକାର
ଗଲାବେଳେ କଛି ସାଥିରେ ନେବା ନାହିଁ
କେବଳ ଆମେ ଦେଇଯିବା ସ୍ନେହ ଶ୍ରଦ୍ଧା ଆଉ ଭଲ ପାଇବା ॥

ତୁଳସୀପୁର, ମଠସାହି

ISSN NO.
2582-208X

# ଏମିତି ଏ କାର୍ତ୍ତିକ ପୂର୍ଣ୍ଣିମା



ନିରଞ୍ଜନ ସାହୁ

କାର୍ତ୍ତିକ ମାସର ଶେଷ ଲଗନରେ
କାର୍ତ୍ତିକ ପୂର୍ଣ୍ଣିମା ଆସେ
କେଳିକୁଞ୍ଜ ଠାରେ ଦୋଳି ଖେଳୁଥାନ୍ତି
ରାଧାକୃଷ୍ଣ ମହାରାସେ ।

କାର୍ତ୍ତିକ ବ୍ରତର ଉଦଯାପନ ହୁଏ
ପଞ୍ଚକ ହୁଅଇ ଶେଷ
ବଡ଼ ଦେଉଳରେ ବଡ଼ ଠାକୁରଙ୍କ
ରାଜରାଜେଶ୍ୱର ବେଶ
ଭକତ ମନରେ ନିର୍ମଳ ଆକାଶେ
ଭକତି ବଉଦ ଭାସେ ।

ଦୀପ ଦାନ କାର୍ଯ୍ୟ ସମାପନ ହୁଏ
କାର୍ତ୍ତିକେୟ ପୂଜା ହୁଏ
ହବିଷିଆଳିଙ୍କ ହବିଷ ସରଇ
ବୋଇତେ ସାଧବ ପୁଏ

ISSN NO.
2582-208X

ଦେବାଳୟ ଠାରେ ଭିଡ଼ ଲାଗି ରହେ
କାର୍ତ୍ତିକ ପାପକୁ ନାଶେ ।

ପୁଣ୍ୟ ମାସ ସାଥେ ପବିତ୍ର ମାସ ଏ
କାର୍ତ୍ତିକ ମାହାତ୍ମ୍ୟ ଲେଖେ
ସାତ୍ତ୍ୱିକ ଆହାର ଭକ୍ଷଣ ହୁଅଇ
ଭକ୍ତି ଭାବ ଚକ୍ଷୁ ଦେଖେ
ରାଇ ଦାମୋଦର ହବିଷିଆଳିର
ବାଲିଯାତ୍ରା ଦରହାସେ ।

ନିହଲପ୍ରସାଦ,
ଗଡିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ନବନୀତ ଚୋର

ସୁହାସିନୀ ବାରିକ୍

ନବନିତ ଚୋର ସେ ଦାମୋଦର ।

ବରଜ ମୋହନ ନନ୍ଦ କୁମର ।

ନିପ ମୂଲିଆ ଶ୍ରୀରାଧାର ବର ।

ତରକକୁ ଦୂର ମୁରଲୀ ଧର ।

ଚୋର ସରଦାର ଶ୍ୟାମ ସୁନ୍ଦର ।

ରତ୍ନ ମଣ୍ଡପ ଆସିନ ଶ୍ରୀଧର ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ-୮

ସୂର୍ଯ୍ୟଙ୍କ ବିରସ କିରଣ କ୍ରମେ କ୍ରମେ ଅପସରି ଯାଉଥାଏ ଧରଣୀ ପୃଷ୍ଠରୁ। ସୁନିର୍ମଳ ବ୍ୟୋମ ବକ୍ଷେ ଦେଖା ଦେଲେ ତାରକାମାନ। ସନ୍ଧ୍ୟା ରାଣୀ ତମସାର ଓଢଣା ଟେକି ପଦାର୍ପଣ କଲା ଜଗତକୁ। ଖାଦ୍ୟାନ୍ୱେଷଣରେ ଯାଇଥିବା ବିହଙ୍ଗମଗଣ ପ୍ରତ୍ୟାବର୍ତ୍ତନ କରୁଥା'ନ୍ତି ବସା ଅଭିମୁଖେ। ଗ୍ରାମ୍ୟ ଲୋକେ ନିଜ ନିଜର ନିତ୍ୟକର୍ମ ସମାପନ କରି ଗୃହକୁ ଫେରି ସାରିଥିଲେ। ପଲ୍ଲୀର ପରିବେଶ ସମ୍ପୂର୍ଣ୍ଣ ନିସ୍ତବ୍ଧ। ଏହି ସମୟରେ ସତ୍ୟ ଓ ମାଳତି ଯୁଗଳ ମୂର୍ତ୍ତି କଥାବାର୍ତ୍ତା କରି ଆସୁଥା'ନ୍ତି। କଥାବାର୍ତ୍ତା ତ ଏକ ବାହାନା ମାତ୍ର। ପ୍ରକୃତ ଉଦ୍ଦେଶ୍ୟ ହେଲା ତା'ର ସାନ୍ନିଧ୍ୟ ପ୍ରାପ୍ତ କରିବା, ପରସ୍ପରକୁ ନିର୍ନିମେଷ ନୟନରେ ଚାହିଁ ଅପାର ଆନନ୍ଦ ଅନୁଭବ କରିବା, ସର୍ବଦା ତା' ପାଖେ ପାଖେ ରହି ଲୋଭନୀୟ ଚେହେରାଟିକୁ ଦେଖୁଥିବା । କଥାବାର୍ତ୍ତା ମଧ୍ୟ ସେହି ଚିରାଚରିତ ଢଙ୍ଗରେ ସରଳ, ଅତୀତର ଅନୁଭବ, ଉପସ୍ଥିତ, ଅନୁପସ୍ଥିତ, କାର୍ଯ୍ୟରେ ସକ୍ରିୟତା, ନେତୃତ୍ୱ ନେଉଥିବା କଥା, ନାରଙ୍ଗୀ ଶାଢୀରେ ଭଲ ଦିଶୁଥିଲ, ତୁମରି ପ୍ରତୀକ୍ଷା ସାଙ୍ଗମାନେ କରୁଥିଲେ, ତୁମକୁ ବହୁତ ସମୟ ଯାଏଁ ଦେଖୁଥିଲି ମାତ୍ର ବ୍ୟସ୍ତତା ଯୋଗୁଁ ମୋ ପଟେ ଥରେ ମାତ୍ର ଚାହିଁଲ ନାହିଁ ପ୍ରଭୃତି ପ୍ରଭୃତି। କଥାରେ ଯଦିଓ କୌଣସି ଯଥାର୍ଥତା ନଥାଏ ତଥାପି ଏକ ଅଜ୍ଞାତ ଆକର୍ଷଣ ବାନ୍ଧି ରଖେ ପରସ୍ପରକୁ। ଘର ନିକଟ ହେତୁ ସତ୍ୟ ଧୀର କଣ୍ଠରେ କହିଲା,"ମାଳତି ତୁମକୁ ଗୋଟିଏ କଥା କହିବାର ଅଛି। ମୋର ବିଶ୍ୱାସ ତମେ ଏ କଥା

ISSN NO.
2582-208X

କାହାକୁ କହିବ ନାହିଁ।" ମାଳତି ସତ୍ୟର ନିକଟତର ହୋଇ ପଚାରିଲା, "କ'ଣ କହିବାକୁ ଚାହଁ, ଶୀଘ୍ର କହ। କେହି ଦେଖିଦେଲେ ଆମ ଦୁହିଁଙ୍କୁ ସନ୍ଦେହ କରିବେ।" ଭଲ ପାଇବାରେ ଭୟ ତ ଏକ ସ୍ୱାଭାବିକ କିନ୍ତୁ ନାମକୁ ମାତ୍ର। ତାହା ପୁଣି ପିତା-ମାତା, ଭାଇ-ଭଉଣୀର ମାନ ମହତ ପାଇଁ। ନିଜ ପ୍ରତି ବିପଦ ମଣି ଭୟ କରୁଥିବା ଯୁବକ କି ଯୁବତୀ ନହେଲେ କାହିଁକି ଘର ଛାଡି ପଳେଇ ଯାଆନ୍ତେ। ତେବେ ସେ ଯାହାହେଉ, ମାଳତି ପାଖରୁ ଅତି ପାଖ ହେଲା। ସେ ଦୁହିଁଙ୍କ ଏମିତି କି ଗୁପ୍ତ କଥା ଥିଲା ଯେ ତାହା ଶୁଣିବା ପାଇଁ ପବନ ମଧ୍ୟ ସ୍ଥିର ହୋଇ ଯାଇଛି। ଏହି ସମୟରେ ଉତ୍ତର ଦିଗରୁ ଗାଡିଟି ଆସୁଥାଏ। ନିକଟରେ ତିଆରି ହୋଇଥିବା ଅସମ୍ପୂର୍ଣ୍ଣ ଗୃହଟି ସେହି ଗାଡିର ଆଲୋକରୁ ଏ ଦୁହିଁଙ୍କୁ ଲୁଚାଇ ଦେଲା। ଏହି ଦୁର୍ଯୋଗ ସତ୍ୟର ଅନ୍ତରରେ ଜାତ କରିଥିଲା କାମନାର ଅଗ୍ନି ଶିଖାଟି। ମାଳତିକୁ ବାହୁ ବନ୍ଧନରେ ଆବଦ୍ଧ କରି ଡାହାଣ ଗଣ୍ଡଫଳକରେ ଗାଢ ଚୁମ୍ବନଟି ଆଙ୍କି ଦେଲା ସେ। ପତି ପରିତ୍ୟକ୍ତା ବିରହୀ ନାରୀର ପୁନର୍ବାର ସ୍ୱାମୀର ଅପୂର୍ବ ପରଶରେ ବିମୋହିତ ହେଲା ପରି ସଲାଜେ ମୁହଁ ପୋତିଦେଲା ମାଳତି। ଶରୀରରେ ଖେଳିଗଲା ଏକ କମ୍ପନ। ମାନସ ପଟରେ ରହିଗଲା ଭଲ ପାଇବାର ସ୍ମୃତିଟି ।

ରାତ୍ରି ଯାଇ ସକାଳ ହେଲା। ଦିଗବଳୟରୁ ବାଳଭାନୁ ଧୀରେ ଧୀରେ ଉଠିଲେ ନୀଳ ଗଗନକୁ। ଗାଁ ପରିବେଶ ଚଞ୍ଚଳମୁଖର ହୋଇ ଉଠିଲା। ସମସ୍ତେ ନିଜ ନିଜ କାର୍ଯ୍ୟରେ ଲାଗିଗଲେ। ମାତ୍ର ମାଳତି ---, ତା'ର ଦେଖା ନାହିଁ। ଯିଏ ଊଷା କାଳରେ ଶେଯ ତ୍ୟାଗ କରି ନିତ୍ୟକର୍ମ ଶେଷ କରେ, ଅରୁଣୋଦୟ ପୂର୍ବରୁ ଗୋବର ଛେରା ଦିଏ, ଘରଦ୍ୱାର ଝାଡୁକରେ, ବାସନକୁସନ ସଫାକରେ,ବାଲଟି ଓ ମାଠିଆ ଧରି ନଳକୂପକୁ ପାଣି ଆଣିବା ପାଇଁ ଯାଏ ତା'ର ଆଜି ଦେଖା ନାହିଁ । ତା'ର ଟିକିଏ ଦର୍ଶନ ପାଇବାକୁ ସତ୍ୟର ମନ ଭାରି ବ୍ୟାକୁଳ। ଏତିକି ବେଳ ଯାଏଁ କେତେ ଥର କଥାବାର୍ତ୍ତା, ଦେଖାଦେଖି, ହସାହସି କରିଥା'ନ୍ତା। ଜନ ସମାଗମରେ ମଧ୍ୟ ଭଲ ଥିବାର ଇସାରା ଦେଇ ସାରିଥ'ନ୍ତା। ଅଲକ୍ଷ୍ୟରେ ଆଖିର ଇଙ୍ଗିତ କରି ଲୋକବାକ ଥିବାର ସତର୍କ ଘଣ୍ଟି ବଜାଇ ଦେଇଥା'ନ୍ତା। ଆଜି ମାଳତି

ISSN NO.
2582-208X

ଝରାଫୁଲ ପରି ରାତିରେ ଫୁଟି ସକାଳେ ମଉଳି ଯାଇନି ତ! ଜ୍ୟୋତ୍ସ୍ନା କରର ଅପସରଣରେ ମ୍ଳାନ ପଡିନି ତ!

ସତ୍ୟ ବ୍ୟାୟାମ, ସ୍ନାନ, ଡାକ୍ତରଖାନାର ବାହାନା ନେଇ ଅନେକ ଥର ସେହି ପଥରେ ଯା'ଆସ କରିଛି। ନଳକୂଅକୁ ଆଗମନର ପ୍ରତୀକ୍ଷା କରିଛି, ଦୋକାନକୁ ଜିନିଷ କିଣିବା ପାଇଁ ଯାଇଛି। ତଥାପି ସେହି ରୂପ ଲାବଣ୍ୟବତୀ ମାଳତିର ଦର୍ଶନ ପାଇ ପାରିନାହିଁ । କେବଳ ବ୍ୟାକୁଳତା ଭିତରେ ଅତିକ୍ରାନ୍ତ ହୋଇ ଯାଉଥାଏ ସମୟ। କେହି ଜଣେ ଶାଢୀ ପରିଧିତ ଯୁବତୀକୁ ଦୂରରୁ ଦେଖିଲେ ଭ୍ରାନ୍ତ ଧାରଣା ଜନ୍ମୁଛି। ହୃଦୟ ରୂପକ ବେଳାଭୂମିକୁ ବିବ୍ରତର ଶତ ତରଙ୍ଗ ଟପି ଯାଉଛି। ନା ଆଖିରେ ନିଦ, ମନରେ ଶାନ୍ତି, ନା କ୍ଷୁଧା ନା ତୃଷ୍ଣା। ପିଞ୍ଜରାବଦ୍ଧ ପକ୍ଷୀ ଭଳି ଜୀବନଟା ହେଉଥାଏ ଖାଲି ଛଟପଟ। ଏମିତି ଦୁଇ ଦିନ ବିତିଗଲା। ଏଇ ଦୁଇ ଦିନ ସତ୍ୟକୁ ସତେ ଯେପରି ଦୁଇ ଯୁଗାବ୍ଦ ଭଳି ଲାଗିଲା। ଯାହାକୁ ଘଡିଏ ନଦେଖିଲେ ଅନ୍ଧ ପରି ଲାଗୁଥିଲା ତା' ବିନା ଦୁଇ ଦିନ କେମିତି ଯେ ବିତିଛି ଅନୁଭବୀ ଏକା ଜାଣି ପାରିବ।

ମାଳତିର ଦେଖା ନହେବାରୁ ଅନନ୍ୟୋପାୟ ହୋଇ ତା'ର ସାଙ୍ଗ ନନ୍ଦିନୀ ନିକଟକୁ ଗଲା। ବିଷୟ ବହିର୍ଭୁତ କଥା ହେଉ ହେଉ ବିରସରେ ପଚାରି ଦେଲା, "ଦୁଇ ଦିନ ହେଲା ମାଳତିର ଦେଖା ନାହିଁ, କ'ଣ ହେଇଛି ତା'ର?" ଦୀର୍ଘ ନିଃଶ୍ୱାସ ଭିତରେ ବାହାରି ଥିବା ହତାଶଜନକ ଧାଡିଟିର ପରିମାପ କରି ପାରିଥିଲେ ନନ୍ଦିନୀ। ଜଣକର ପ୍ରିୟ ଜିନିଷ ହଜି ଯିବାରେ କେତେ ମ୍ରିୟମାଣ ଲାଗେ ଉପଲବ୍ଧି କରି ପାରିଥିଲେ ସେ। ତେଣୁ କଥାକୁ ଏପଟ ସେପଟ ନକରି ସିଧା କହିଦେଲେ, "ମାଳତିକୁ ଜ୍ୱର ହେଉଛି।" ଜ୍ୱର! ଆଶ୍ଚର୍ଯ୍ୟର କଥା। ଦୁଇ ଦିନ ତଳେ ତା'ଙ୍କ ସହିତ ଦେଖା ହୋଇଥିଲା, ସେ ଭଲରେ ଥିଲେ। ଏମିତି କେତେ ଡିଗ୍ରୀରେ ଜ୍ୱର ହେଉଛି ଯେ ସେ ଘରୁ ବାହାରକୁ ବାହାରୁ ନାହାଁନ୍ତି? ପୁଣି ଜ୍ୱର ହେଲା କାହିଁକି? ମଶା କାମୁଡିଲା, ବର୍ଷାରେ ଭିଜିଲା, ଥଣ୍ଡା ହେଲା, କିଛି ତ କାରଣ ଥିବ। ଯଦି ଜ୍ୱର ହେଉଛି ତେବେ ତା'କୁ ଚିକିତ୍ସାଳୟକୁ ନେବା ଉଚିତ। ଏମିତି ଘରେ ପଡିଥିଲେ ଆପେ ଆପେ ଭଲ ହୋଇ ଯିବ କି? ସତ୍ୟର ଆଜି ବହୁତ ଚିନ୍ତା। ନିଜର ଦେହ ଖରାପ ହେଲେ

ISSN NO.
2582-208X

ଏତିକି ଚିନ୍ତା ଆସେ ନାହିଁ। ପ୍ରିୟା ପ୍ରୀତିରେ ଅନ୍ଧ ଅତ୍ୟାଧୁନିକ ଯୁବକମାନେ ମାତାପିତାଙ୍କ ଅସୁସ୍ଥତାକୁ ନେଇ ସେତିକି ନିରାଶ କି ବ୍ୟସ୍ତ ଜଣା ପଡନ୍ତି ନାହିଁ। ଔଷଧ ଆଣିଦେବା କି ଡାକ୍ତରଖାନା ନେବାକୁ ବ୍ୟଗ୍ରତା ପ୍ରକାଶ କରନ୍ତି ନାହିଁ। କାଲି ଭଲ ହୋଇ ଯିବ ବୋଲି ମିଛ ସାନ୍ତ୍ୱନା ଦେଇ ନିଜ କାର୍ଯ୍ୟରେ ମଗ୍ନ ରହନ୍ତି। ଅଥଚ ଆଜି ମାଳତିର ଜ୍ୱରକୁ ନେଇ କେତେ ଚିନ୍ତିତ ସତ୍ୟ!

ମାଳତିର ଅନୁପସ୍ଥିତି ସତ୍ୟର ହୃଦୟରେ ଗଭୀର ରେଖାପାତ ସୃଷ୍ଟି କଲା। ଏହି କାରଣରୁ ଆରମ୍ଭ ହେଲା ତା'ର ଦୁଃସାହସିକ କାର୍ଯ୍ୟକଳାପ। 'ଭୟ' ବୋଲି ଶବ୍ଦଟା ତା'ର ହୃଦୟର ଅଭିଧାନ ଭିତରୁ ସବୁ ଦିନ ପାଇଁ ବାହାରି ଗଲା। ସେ ଆଉ କାହାକୁ ଖାତିର ନକରି ମାଳତି ସହିତ ଖୋଲାଖୋଲି କଥାବାର୍ତ୍ତା କଲା। ରାସ୍ତାରେ, ଦୋକାନରେ, ନଳକୂପରେ, ପୋଖରୀ ହିଡରେ, ଏକାକୀ ବା ତା' ସହ ଏକାଧିକ ସାଙ୍ଗ ଥିଲେ ମଧ୍ୟ କଥାବାର୍ତ୍ତା ଚଲେଇଲା। ମରଣକୁ ଭୟ କିମ୍ବା ଜୀବନକୁ ଆଶା କଲା ନାହିଁ ।

କ୍ରମଶଃ -------

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଯାଉଛୁ ଭୁଲି



ସୁଜ୍ଞାନ ବାଘ

ଯାହା ପାଇଁ ଏଇ ଦୁନିଆଁ ଦେଖିଲୁ
ତାକୁ ତୁ ଯାଉଛୁ ଭୁଲି
ପିତା ମାତା ସେ'ଯେ ସାକ୍ଷାତ ଈଶ୍ୱର
କଥାରେ କହୁଚୁ ଖାଲି ।।
ବୃଦ୍ଧ କାଳେ ତାଙ୍କ ସେବାତ କରିବା
ଏହା'ହିଁ ପ୍ରକୃତ ଧର୍ମ
ଗଙ୍ଗା, ଗୟା, କାଶୀ ବୁଲିଲେ କି ହେବ
ପାଇବୁନି କିଛି ପୁଣ୍ୟ ।।
ସ୍ନେହ ଶ୍ରଦ୍ଧା କରି ଖାଇବାକୁ ଦେବା
ବଞ୍ଚିଥିବା ଅବସ୍ଥାରେ
ଯେତେ ଘିଅଘୃତ ମଲା ପରେ ଦେଲେ
ସବୁ ଯିବ ଅଯଥାରେ ।।
ହାତ ଯୋଡ଼ି ମୁହିଁ ପ୍ରଣାମ କରୁଛି
ଜ୍ଞାନୀ ଗୁଣି ସଭାଜନେ
ବାପା ମାଆଙ୍କ ଋଣ ସୁଝି'କେ ପାରିବ
ଚେଷ୍ଟା ରହୁ ଏ ଜୀବନେ ।।

ଗ୍ରାମ - ତେତେଲେଙ୍ଗା
ଜିଲ୍ଲା – ବୌଦ୍ଧ, 7749971276

ISSN NO.
2582-208X

# ମୃତ୍ୟୁ ହିଁ ସତ୍ୟ



ଜନ୍ମଜୟ ନାୟକ

ମିଛ ଦୁନିଆକୁ ମାଗୁଛି ମେଲାଣି
ସରିଗଲା ମିଛ ଗପ,
ତୁମ ପରଶରେ ଶେଷ ନିଃଶ୍ୱାସରେ
ଲିଭିବ ଜୀବନ ଦୀପ,
ଅରଜିଛି ଯେତେ ଶାପ,
ସେପାରିକୁ ଗଲେ ହିସାବ ହୋଇବ
କରିଛି ମୁଁ କେତେ ପାପ ।

ସରବେ ଫେରିବେ ଅଫେରା ରାଇଜେ
ମୃତ୍ୟୁ ତୁମ ଆଦେଶରେ,
ସରିଯିବ ନାଟ ଭାଙ୍ଗିଯିବ ଆଣ୍ଟ
ବାହୁଡିବେ କୋକେଇରେ,
ଅଦେଖା କେଉଁପଥରେ,
ନିଜ କର୍ମଫଳ ନିଜ ଧର୍ମବଳ
ନେଇଯିବେ ତ ସାଥିରେ।

ISSN NO.
2582-208X

ଶାଗୁଣା ଆସିବ ଚାଳରେ ବସିବ
ମୃତ୍ୟୁ ତୁମ ଇସାରାରେ,
ସରିଯିବ ବେଳ ପୂରିଯିବ କାଳ
ବୁକୁଫଟା କ୍ରନ୍ଦନରେ,
ଦାରୁଣ ଦୁଃଖର ଧାରେ,
ଜୀଅନ୍ତା ଜୀବଟି  ପାଲଟିବ ଶବ
ଆତ୍ମା ଚାଲିଗଲା ପରେ ।

ତୁଣ୍ଡେ ଦେଉଥିବେ ନିର୍ମାଲ୍ୟ ତୁଳସୀ
ଭାଗବତ ପୋଥି ଗାଇ,
ମୃତ୍ୟୁ ଗୋ ତୁମରି ଆଗମନେ ପୁଣି
ରଖିପାରିବେନି କେହି,
ମଶାଣି ଡାକରା ପାଇ,
ରାମନାମ ସତ୍ୟ ହରିନାମ ସତ୍ୟ
ଶବଦେ କମ୍ପିବ ଭୂଇଁ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ପ୍ରସ୍ଥାନର ବେଳ



ଅଭିଲାଶ ବାରିକ୍

ପ୍ରସ୍ଥାନର ବେଳ ଦେଖ ଆସଇ ପାଖେଇ।
ଅଲ ବିଦା ଜୀବନରୁ କରି ଦେବା ପାଇଁ ।୧।

ଧର୍ମ ଅର୍ଥ କାମ ମୋକ୍ଷ ଚୌବର୍ଗ ମାନ ।
ଆହରଣ କରିବାକୁ କର ହେ ଚିନ୍ତନ ।୨।

ଚଉବର୍ଗ ଦାତା ହରି ଶ୍ରିରଙ୍ଗା ଚରଣ ।
ମନନ ସ୍ମରଣେ କର ସାର୍ଥକ ଜୀବନ ।୩।

ଭାରତୀୟ ଡାକ ସେବା ବିଭାଗ
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅନାବିଳ ମାତୃତ୍ୱର ପ୍ରତୀକ: ପୁଅ ଜିଉଁତିଆ



ସାଇପ୍ରସାଦ ସାହୁ

ପଶ୍ଚିମ ଓଡ଼ିଶାର ପୁଅ ଜିଉଁତିଆ ହେଉଛି ଏକ ସାମାଜିକ, ସାଂସ୍କୃତିକ ଜୀବନର ନିଆରା ପରମ୍ପରା । ଆମର ସାମାଜିକ ପର୍ବପର୍ବାଣୀ ସମାଜର ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସାଧନ କରିଥାଏ । ମାଆ ଏବଂ ପୁଅ ଝିଅଙ୍କ ଅନାବିଳ ସ୍ନେହ ଓ ମମତାର ପ୍ରତୀକ ପୁଅ ଜିଉଁତିଆ ପର୍ବ। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ମୂଳାଷ୍ଟମୀ ବା ପୁଅ ଜିଉଁତିଆ ରୂପେ ପାଳନ କରାଯାଏ । ପଶ୍ଚିମ ଓଡ଼ିଶାର ଏକ ପ୍ରାଚୀନ ଓ ମହାନ ପର୍ବ ମାନଙ୍କ ମଧ୍ୟରେ ପୁଅ ଜିଉଁତିଆ ଅନ୍ୟତମ । ମାଆମାନେ ସନ୍ତାନମାନଙ୍କ ଦୀର୍ଘାୟୁ, ନିରାମୟ ଜୀବନ, ଉଜ୍ଜ୍ୱଳ ଭବିଷ୍ୟତ, ସୁଖ ସମୃଦ୍ଧି କାମନା କରି ଏବଂ ହସ୍ତ ବିବାହିତା ନାରୀ, ବନ୍ଧ୍ୟା ଓ ପୁତ୍ରହରା ନାରୀମାନେ ପୁତ୍ରଲାଭ କରିବା ଆଶାରେ ଏହି ଦିନ ଜଳସ୍ପର୍ଶ ନ କରି ନିର୍ଜଳା ଉପବାସ ରହି ଏହି ଓଷାକୁ ପାଳନ କରିଥାନ୍ତି । ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା "ପୁଅ ଜିଉଁତିଆ" ନାମରେ ଏକ ମୁଖ୍ୟ ଓଷା ଭାବେ ପାଳିତ ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ "ଦୁତିଆ / ଦୂତୀଆ" ବା "ଦୂତୀ ବାହନ ଓଷା" ନାମରେ ପ୍ରଚଳିତ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ଜଣାଶୁଣା । ଏହି ପର୍ବ ଦୂତୀ ବାହନ ଓଷା ବା ଦୁତିଆ ଓଷା ବା ଜୀମୂତବାହନ ଉପବାସ ନାମରେ ମଧ୍ୟ ଓଡ଼ିଶାର ବେଶ ଖ୍ୟାତ। ଏହି ବ୍ରତର ଉପାସ୍ୟ ଦେବତା ଜିମୂତ ବାହନ । ପ୍ରଚଳିତ ଓଷା କଥା ଅନୁସାରେ ଜିମୂତବାହନ ସୂର୍ଯ୍ୟଙ୍କର ପୁତ୍ର ଏବଂ ଜଣେ ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମ ହୋଇଥିଲେ ।

ISSN NO.
2582-208X

କେତେକ ସ୍ଥାନରେ ଭାଇମାନଙ୍କର ଶୁଭମନାସୀ ଭଉଣୀମାନେ ମଧ୍ୟ ଏ ପ୍ରକାର ଓଷା କରୁଥିବାର ଦୃଷ୍ଟାନ୍ତ ରହିଛି ।

ଦାମ୍ପତ୍ୟ ଜୀବନରେ ପୁତ୍ର ଲାଭ କରିବା ଓ ସେହି ପୁତ୍ରର ମଙ୍ଗଳ କାମନା କରିବା ପାଇଁ ପୁଅ ଜିଉଁତିଆ ଓଷା ପାଳନ କରାଯାଇଥାଏ ବୋଲି ସମସ୍ତଙ୍କର ଅଗାଧ ବିଶ୍ୱାସ । ଜିଉଁତିଆର ପୂର୍ବ ଦିନ ଓଷା କାରିଣୀମାନେ ନଦୀ କିମ୍ବା ପୋଖରୀ ତୁଠକୁ ଭଲ ଭାବରେ ପରିଷ୍କାର କରିଦିଅନ୍ତି । ୧୦୮ ଅକ୍ଷତ ଅରୁଆ ଚାଉଳ, ୧୦୮ ଦୁବ, ନାନାପ୍ରକାରର ଫୁଲ ଓ ଆଖୁ, କଦଳୀ, କନ୍ଦମୂଳ, ନଡ଼ିଆ, ଗଜା ମୁଗ, ବଡ଼ଚଣା, ସୋଲା, ନାରଙ୍ଗ, ପାନ, କାକୁଡି, କମଳା, ଜହ୍ନି, କଖାରୁ ଆଦି୨୧ ପ୍ରକାରର ଫଳ ଓ ପରିବା ଆଣିଥାନ୍ତି । ସପ୍ତମୀ ରାତ୍ରିରେ ଚିଲ ଓ ଶିଆଳକୁ ମନେମନେ ସ୍ମରଣକରି ତା' ପରଦିନ ପ୍ରଭାତରୁ ତାଙ୍କୁ ଯାଇ ଭେଟିବାକୁ ହୋଇଥାଏ । ସ୍ନାନ ଶେଷକରି ସେହି ଦିନଯାକ ନିର୍ଜଳା ଉପବାସ କରିବାକୁ ପଡ଼େ । ସନ୍ଧ୍ୟା ସମୟରେ ପୂଜା ସ୍ଥାନକୁ ପବିତ୍ର କରି ସେଠାରେ ଗୋଟିଏ କୋଠି ତିଆରି କରାଯାଏ । ଚାରିପାଖରୁ ମାଟିଖୋଳି ନେଇ ମଝିଟିକୁ ଛାଡ଼ି ଦିଆଯାଏ, ସତେ ଯେମିତି ଚାରିପାଖରେ ପାଣି ରହିଲେ ମଝି ଅଂଶ ଗୋଟିଏ ଦ୍ୱୀପପରି ଜଣାପଡ଼ିବ । ଏହି କୋଠି ଅତି କମରେ ଦୁଇହାତ ଲମ୍ବା ହେବା ଦରକାର । ତା' ମଝିରେ ତୁଳସୀ ଗଛ ଲଗାଯାଏ ଏବଂ କଦଳୀ ଗଛ ପୋତାଯାଏ । ମାଟି ଖୋଳାଯାଇ ଏକ ବିଲ ସଦୃଶ ବେଦୀ ନିର୍ମାଣ କରାଯାଇ ତା' ଉପରେ ବାଲି ପକାଯାଇଥାଏ । ନିର୍ମାଣ ହୋଇଥିବା ବେଦୀର ପୂର୍ବ ପାଖରେ ସୂର୍ଯ୍ୟ ଓ ପଶ୍ଚିମ ପାଖରେ ଏକ କଦଳୀ ଗଛକୁ ସ୍ଥାପନ କରାଯାଇ ସେଠାରେ ଜିମୂତବାହନଙ୍କ ପ୍ରତୀକ ରୂପେ ପୂଜା କରାଯାଇଥାଏ । ଲେଉଟିଆ ଶାଗ ବ୍ୟତୀତ ଅନ୍ୟାନ୍ୟ ପନିପରିବାକୁ ନେଇ ବ୍ୟଞ୍ଜନ ପ୍ରସ୍ତୁତ କରି ଖିରିପିଠା ଇତ୍ୟାଦି ପ୍ରସ୍ତୁତ କରାଯାଏ। ପରେ ସନ୍ଧ୍ୟା ସମୟରେ ସ୍ନାନ କରି ସାରି ଗଙ୍ଗାମାତାଙ୍କୁ ପୂଜା କରାଯିବା ସହ ରାତିରେ ଦୂତୀବାହନଙ୍କୁ ଫଳ ଭୋଗ ଦେଇ ଓଷାର ଉପାଖ୍ୟାନ ଶୁଣିଥା'ନ୍ତି । ପୂଜାରେ ବ୍ୟବହୃତ ଫଳ ନିର୍ଦ୍ଦିଷ୍ଟ ଭାବରେ ଯୋଗାଡ କରିବା ଅତ୍ୟନ୍ତ କଷ୍ଟକର ହୋଇଥିବା ବେଳେ ମଧ୍ୟ ଏହି ଋତୁରେ ସମସ୍ତ ପ୍ରକାରର ଫଳ ମିଳୁଥିବାରୁ ବଜାରରେ ଉପଲବ୍ଧ ଫଳକୁ ପୂଜା ସାମଗ୍ରୀ

ISSN NO.
2582-208X

ଭାବରେ ବ୍ୟବହାର କରାଯାଏ । ଏହି ପର୍ବର ଅନେକ ବିଶେଷତ୍ୱ ରହିଛି । ଅନେକ ସ୍ଥାନରେ ପାଳିତ ଏହି ଓଷାରେ ବ୍ୟବହୃତ ଯୁଇ ଡାଳର ବିଶେଷ ମହତ୍ତ୍ୱ ରହିଛି । ଯଦି କେହି ଅପୁତ୍ରିକ ଥାଆନ୍ତି ତା'ହେଲେ ଯୁଇ ଡାଳ ଆଣି ପୂଜା ସ୍ଥଳୀରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିବାର ଦେଖାଯାଏ ।

ବିଭିନ୍ନ ବର୍ଣ୍ଣର ମୁରୁଜରେ ସୂର୍ଯ୍ୟ ଦେବତାଙ୍କର କାଳ୍ପନିକ ଚିତ୍ର ଆଙ୍କି, ଚିଲ ଏବଂ ଶିଆଳକୁ ଉତ୍ତରରେ ରଖି ପଶ୍ଚିମରେ ଦୂତୀବାହନଙ୍କୁ ସ୍ଥାପନ କରାଯାଇ ଥାଏ । ବ୍ରତ ଧାରଣ କରିଥିବା ନାରୀମାନେ ବାଲିରେ ଚିଲ ଏବଂ ଶିଆଳର ଚିତ୍ର ଆଙ୍କି ଅପାମାର୍ଗ କାଠିରେ ଦାନ୍ତ ଘସିଥାନ୍ତି । ଏହା ବ୍ୟତୀତ ସେଦିନ ସମସ୍ତେ ଶୁକ୍ଳବସ୍ତ୍ର ପରିଧାନ କରନ୍ତି । ଏଥିପାଇଁ ଯୋଗାଡ଼ କରିଥିବା ୨୧ ପ୍ରକାର ଫଳ ଓ ପରିବାକୁ ଚାଙ୍ଗୁଡ଼ିରେ ଥୋଇ ତା' ଉପରେ ଗୋଟିଏ ନୂଆଲୁଗା ପକାଇ ଆସ୍ଥାନ ପାଖରେ ନେଇ ରଖିଥାନ୍ତି । ତା' ସହିତ କଉଡ଼ି, ଚଉରାଅଶୀଟା ଗୁଆ ସେହି କୋଠି ଭିତରେ ପକାଇବାକୁ ହୁଏ । ଏହି ପ୍ରକାର ବିଧିରେ ଓଷା ଶେଷକରି ଓଷା ଦ୍ରବ୍ୟକୁ ନିଜେ ନଖାଇ ରାତି ନ ପାହୁଣୁ ସ୍ନାନ କରି ବିବିଧ ବ୍ୟଞ୍ଜନ ପ୍ରସ୍ତୁତ ସହ ସମସ୍ତଙ୍କୁ ବାଣ୍ଟି ଦିଆଯାଏ । ପୂଜା ଶେଷକରି ସୂର୍ଯ୍ୟଦେବତାଙ୍କୁ ପ୍ରଣାମକରି ଏକମୁହାଁ ହୋଇ ଘରକୁ ଲେଉଟି ଆସନ୍ତି । ଓଷାର ପରଦିନ ସେମାନେ ନୂଆ ଲୁଗା ପିନ୍ଧି ଘରେ ପୂର୍ଣ୍ଣ କୁମ୍ଭ ବସାଇ ଗୋଟିଏ ସ୍ଥାନକୁ ଗୋବର ପାଣିରେ ଲିପି ପୋଛି ରନ୍ଧାବଢ଼ା କରିଥିବା ଜିନିଷକୁ ସେଇଠାରେ ଥୋଇ ଦିଅନ୍ତି । କୁମ୍ଭ ଆଗରେ ଦୀପ ଜାଳି ପୂଜା ସ୍ଥଳରେ ୧୦୮ ଚାଉଳ ଓ ୧୦୮ ଦୁବ ସହ ଏକ କଷି କାକୁଡ଼ିକୁ ଶାଳପତ୍ରରେ ବାନ୍ଧି ପୁଅମାନଙ୍କୁ ବନ୍ଦାଇଥାନ୍ତି । ଏହା ପରେ ଦୂତୀବାହନଙ୍କୁ ନୈବେଦ୍ୟ ଦିଅନ୍ତି । ସେହି ସାମଗ୍ରୀକୁ ମାଆମାନେ ପୁଅମାନଙ୍କ ଆପାଦମସ୍ତକ ଛୁଆଁଇ ବ୍ରତ ବା "ଜିଉଁତିଆ" କୁ ସେମାନଙ୍କ ହାତରେ କବଚ ଭଳି ବାନ୍ଧି ଦେଇଥାନ୍ତି ଓ ବନ୍ଧୁବାନ୍ଧବ ପିଲା ସମସ୍ତଙ୍କୁ ପରସିଥାନ୍ତି । ଏହି ଓଷା କେବଳ ପୁଅମାନଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରି ପାଳନ କରାଯାଇଥାଏ ତାହା ନୁହେଁ; ବରଂ ମାଆ ଓ ପୁଅ ମଧ୍ୟରେ ଥିବା ମଧୁର ସଂପର୍କକୁ ଆହୁରି ସୁଦୃଢ଼ କରିଥାଏ ।

ISSN NO.
2582-208X

କୌଣସି ଲୋକ ବିପଦରୁ ରକ୍ଷା ପାଇଲେ ଲୋକମାନେ କହିଥାନ୍ତି; ସତରେ ମାଆ ତୋର ଜିଉଁତିଆ ପୂଜିଥିଲା । ତେଣୁ ରକ୍ଷା ପାଇଗଲୁ ।

ଭାରତ ବର୍ଷରେ ବାର ମାସରେ ତେର ପର୍ବ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ମହା ନିଷ୍ଠାର ସହ ଏଭଳି ଓଷା ପାଳନରେ ମହିଳାମାନେ ଯେଉଁ ନିଷ୍ଠା ଓ ଧର୍ମ ଆଚରଣ କରିଥାନ୍ତି  ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ପୁଅ ଜିଉଁତିଆ ଓଷା ମଣିଷର ଧର୍ମୀୟ ଅନୁଚିନ୍ତାକୁ ସୁଦୃଢ଼ କରିବା ସହିତ ମାତା ଓ ପୁତ୍ରର ଅନାବିଳ ସ୍ନେହ ମମତାକୁ ଋଦ୍ଧିମନ୍ତ କରିଥାଏ । ଏହି ଓଷା ପଶ୍ଚିମ ଓଡ଼ିଶାରେ ସର୍ବତ୍ର ପାଳିତ ହେବା ସହ ଏହି ଦିନଠାରୁ ପାର୍ବଣ ଋତୁର ଶୁଭାରମ୍ଭ ହୋଇଥାଏ । ଚିତ୍ତଶୁଦ୍ଧି, ଧର୍ମୋପାସନା ଓ ଭାଗବତପ୍ରାପ୍ତି ଦିଗରେ ଏହି ପୁଅ ଜିଉଁତିଆ ଓଷାର ଉପାଦେୟତା ଅପରିହାର୍ଯ୍ୟ ।

ଲକ୍ଷ୍ମୀନାରାୟଣ ପଣ୍ଡା,ରାଧା ରମଣ ମେଟାଲ୍,
ସିନ୍ଧେକେଲା, ବଲାଙ୍ଗୀର (୭୬୭୦୩୫)
ଦୂରଭାଷ - ୯୯୩୭୦୩୪୭୪୨
ଇ-ମେଲ୍ :-saiprasadsahu867@gmail.com

ISSN NO.
2582-208X

# ଭାବ ନାହିଁ ତାକୁ ବଡ଼



ବିଜୟ କୁମାର ଛାଟୋଇ

ସ୍ୱାର୍ଥ ବଡ଼ପଣ ମଣି ଜଗତକୁ
ହୋଇଛି କ କଏ ବଡ଼,
ବଡ଼ଲୋକ ସିନା ଧନ ମଣୁଥାଏ
ଭଲଲୋକ ଜିଣେ ଗଡ଼ ।।

ଦୁଃଖୀଜନ ସେବା ମନେବ୍ରତୀ ଯିଏ
ସେ ଅଟେ ମହତଜନ,
ତା ପାଖରେ ଥାଇ ଦୟାର ଦୟଣା
ନଷ୍ଟେ ସିଏ ଭଗବାନ ।।

ନଜ ବଡ଼ପଣ ନଜେ ବଖାଣିଲେ
ଇତିହାସ ହୁଏ ନାହିଁ,
ବଡ଼ପଣ ଚନ୍ତୁ ନୀଚମନା ହେଲେ
କ ଯଶ ମିଳବ ଭାଇ ।।

ବେଶଭୂଷା ରୂପ ଯୌବନ ସଂପତ୍ତି
ଥିଲେ ଥାଉ ପଛେ ଶହେ,
ପର ଉପକାର କରି ନ ପାରିଲେ

ISSN NO.
2582-208X

ବୃଥା ନରଜନ୍ମ ବହେ ।।
କଥାରେ ଗୃତର ସଜାଇ କହିବା
ଅଟେ ସିନା କଉଶଳ,
ସେପରି ଜନଙ୍କ ଅନ୍ତରରେ ଥାଇ
ତମିଶ୍ରା ଦୂଷିତଜଳ।।

କଳ ଛଳ କରି ସୁଭାଷ ଭାଷିଲେ
ସେ ନୁହଁଇ ବଡ଼ପଣ,
ମାଗିଆଣ ସାଜି 'ମୁଁ କରୁଛି ବୋଲି'
କହିବାତ ଢମପଣ ।।

ଯାଚକ ସ୍ୱଭାବ କୁକୁର ସମାନ
ପଣପଣ ସମାଜରେ,
ବଡ଼ପଦ ମଣ୍ଡି ଦେଉଥିବେ ଭଣ୍ଡି
ଛଳନା ତା ମଗଜରେ।।

କ ହେବ ଐଶ୍ୱର୍ଯ୍ୟ ଲାବଣ୍ୟ ସଂପତ୍ତି
ସ୍ୱାର୍ଥକୁ ମଣ୍ଡାଇ ଦେହେ,
ସମାଜସେବାର ରୂପ ଆଙ୍କୁଥିଲେ
ସମାଜସେବୀ କ ହୁଏ ।।

ଲାଭ ନାହିଁ ଯହିଁ ବୃଥା ଭାବିମନେ
କରେ ଯିଏ ଗଡ଼ବଡ଼,
ସେପରି ଜନର ଭାଷଣକୁ ଶୁଣି
ଭାବିବାନ କେବେ ବଡ଼।।

ମହୁରା, ପୁରୀ

ISSN NO.
2582-208X

# ପଞ୍ଚ ପାପ



ପଣ୍ଡିତ ବିନୟ କୁମାର ମିଶ୍ରଶର୍ମା

ସବୁଠାରୁ ବଡ଼ ପାପ ଏ ଜଗତେ ଅଟେ ମାନସିକ ପାପ,
ପର ଧନ ସ୍ତିରୀ ଦ୍ରବ୍ୟ ଲୋଭ କାମ ଚୌର୍ଯ୍ୟ ବୃତ୍ତି ପରିତାପ ।

ଦ୍ୱିତୀୟ ପାପଟି ବାଚକ ଅଟଇ କଟୁ ଗାଳ ଅପଶବ୍ଦ,
ପ୍ରୟୋଗ କରିବା ଅପରକୁ ଅଟେ ସବୁଠାରୁ ଗରିହିତ ।

ତୃତୀୟ ପାପଟି ଅଟେ ଶାରୀରିକ ଯନ୍ତ୍ରଣା ଅପର ଜନେ,
ଚତୁର୍ଥ ଅଟଇ ପରନନ୍ଦା ସଦା ପର ଚର୍ଚ୍ଚା ଅକାରଣେ ।

ପଞ୍ଚମ ଅଟଇ କୁସଙ୍ଗ ସଙ୍ଗତ ଗ୍ଯଟୁକାର ମଧ୍ୟେ ବାସ,
ଏହି ପଞ୍ଚ ପାପ ମାନବ ଜୀବନେ ଦେଇଥାଏ ନର୍କ ବାସ ।

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା

ISSN NO.
2582-208X

# ସେବିକା ଶିବାନୀ

ପ୍ରଦୀପ୍ତ କୁମାର ଦାସ

ସେବିକା ଶିବାନୀ ସାଜି ତପସ୍ୱିନୀ
କରି ରୋଗୀଙ୍କର ସେବା-
ଜାତୀୟ ସ୍ତରରେ ସମ୍ମାନୀତା ଆଜି
କି ଉପମା ତାଙ୍କୁ ଦେବା,
ଆଦିନେତାଙ୍କର ପବିତ୍ର ମାଟିରେ
କନ୍ୟା ରୂପେ ଅବତରୀ-
ଉଦାର ପଣରେ ହେଲେ ସର୍ବାଦୃତା
ମାନବିକତାକୁ ଧରି,
ମାଆ ଟେରେସାଙ୍କ ଆଦରଶେ ସେତ
ହୋଇ ସଦା ପ୍ରଭାବିତ-
ତେଜି ନିଜ ସୁଖ ଆନ ଖୁସି ପାଇଁ
ହୋଇଛନ୍ତି ସମର୍ପିତ,
ଏମ୍ କେ ସି ଜି ର ନର୍ସିଂ ଅଫିସର
ଭାବେ ସେତ କାର୍ଯ୍ୟରତ-
ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପାଇଁ
ହୋଇଛନ୍ତି ମନୋନୀତ,
ଭାରତୀୟ ନର୍ସିଂ ପରିଷଦ
ତାଙ୍କ ପ୍ରତିଭାକୁ ଜାଣି-
ଜାତୀୟ ସ୍ତରରେ ସଜାଇ ଅଛନ୍ତି
ତାଙ୍କୁତ ସେବିକା ରାଣୀ,
ରାଷ୍ଟ୍ରପତିଙ୍କଠୁ ଲଭି ପୁରସ୍କାର
ହେବେ ସେତ ଉତ୍ସାହିତ-

ISSN NO.
2582-208X

ସେବା ରାଜପଥେ ଅଧିକ ବେଗରେ
ହୋଇବେତ ପ୍ରଧାବିତ,
ବ୍ୟକ୍ତିଗତ ଭାବେ ଶିବାନୀଙ୍କ ପାଇଁ
ଜଣାଏ ଶୁଭେଚ୍ଛା ମୁହିଁ-
ସେବା କ୍ଷେତ୍ରେ ତାଙ୍କ ପୁଣ୍ୟ ଅବଦାନ
ରହୁତ ଅମର ହୋଇ।

*ବି.ଦ୍ର---ଆମ ଗାଆଁର ଶିବାନୀ ଦାସ ଭାରତର ମାନନୀୟା ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆସନ୍ତା ତା.୭/୧୧/୨୧ ରିଖ ଦିନ (ନେସନାଲ୍ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଆୱାଡ =୨୦୨୧) ରେ ପୁରସ୍କୃ ତ ହୋଇଛନ୍ତି। ମୋର ଏହି କବିତାଟି ତାଙ୍କୁ ସମର୍ପିତ ।*

କଣ୍ଟାବଣିଆ,ଛତ୍ରପଡ଼ା,ପ୍ରୀତିପୁର,ଯାଜପୁର
ପିନ-୭୫୫୦୧୩/ମୋ -୮୫୯୪୮୮୫୮୯୮

ISSN NO.
2582-208X

# ଦନ୍ତେଶ୍ୱରୀ ଶକ୍ତପୀଠ

ଦୀନବନ୍ଧୁ ବେଜ

ସତ୍ୟଯୁଗ ସମୟର କଥା ଦେବୀ ସତୀ ନିଜର ପିତା ଦକ୍ଷ ପ୍ରଜାପତିଙ୍କ ବିରୋଧରେ ଯାଇ ପ୍ରଭୂ ଶିବକୁ ବିବାହ କଲେ ଫଳରେ ପିତା ପୁତ୍ରୀ ଓ ଜାମାତାଙ୍କ ସହିତ ସଂପର୍କ ତୁଟେର ଦେଲେ, ମାତ୍ର ଯେତେବେଳ ପ୍ରଜାପତି ଯଜ୍ଞ କଲେ ସେତେ ବେଳେ ସ୍ୱର୍ଗର ସମସ୍ତ ଦେବୀ ଦେବତାଙ୍କୁ ନିମନ୍ତ୍ରଣ କଲେ କିନ୍ତୁ ପୁତ୍ରୀ ଓ ଜାମାତାଙ୍କୁ ନିମନ୍ତ୍ରଣ କଲେନାହିଁ । ଫଳରେ ମହାଦେବଙ୍କ ବାରଣ ସତ୍ତ୍ୱେ ସତୀ ପିତୃଳୟରେ ପହଞ୍ଚି ନିମନ୍ତ୍ରଣ ନ କରିବାର କାରଣ ପଚାରିବାରୁ ଦକ୍ଷ ମହାଦେବଙ୍କ ନାମରେ ନାନା ଅପଶବ୍ଦ କହିଲେ । ସତୀ ଏହାକୁ ସହି ନପାରି ଜଳନ୍ତା ହୋମ କୁଣ୍ଡରେ ନିଜକୁ ଝାସ ଦେଇଦେଲେ । ମହାଦେବ ଯେତେବେଳେ ଏ କଥା ଜାଣିଲେ ସାଙ୍ଗେ ସଙ୍ଗେ ଆସି ଦକ୍ଷଙ୍କ ମୁଣ୍ଡ କାଟକଲେ ଏବଂ ସତୀଙ୍କ ପାର୍ଥିବ ଶରୀରକୁ ଧରି ତାଣ୍ଡବ ନୃତ୍ୟ ଆରମ୍ଭ କରିଦେଲେ । ପୃଥିବୀକୁ ମହା ସଂକଟରୁ ବଂଚାଇବା ପାଇଁ ବ୍ରହ୍ମାଙ୍କ ଅନୁରୋଧ କ୍ରମେ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ସତୀଙ୍କ ପାର୍ଥୀବ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ । ଏହି ସବୁ ଦେବୀଙ୍କ ଖଣ୍ଡିତ ଅଙ୍ଗ ଯେଉଁ ଯେଉଁ ଠାରେ ପଡିଥିଲା ସେଇଠାରେ ଗୋଟିଏ ଗୋଟିଏ ଶକ୍ତୀପୀଠ ସୃଷ୍ଟି ହୋଇଥିଲା ।

ଏକଥା ଦେବୀ ଗୀତାରେ ୧୦୮, ଭାଗବତ ଗୀତାରେ ୭୨ ଏବଂ ଦେବୀ ପୁରାଣରେ ୫୧ଟି ଶକ୍ତିପୀଠ ବିଷୟରେ ସୂଚନା ଅଛି ।

ସେ ଭିତରୁ ସତୀଙ୍କ ଦନ୍ତ ପତିତ ହୋଇ ଥିବା ସ୍ଥାନ "ଦନ୍ତେଶ୍ୱରୀ ଶକ୍ତିପୀଠ" ୭୨ତମ ଶକ୍ତିପୀଠ ଭାବରେ ଖ୍ୟାତ । ଏହା ପୂର୍ବ ବସ୍ତର ରାଜ୍ୟର ଦନ୍ତେୱାଡ଼ାଠାରେ ଅବସ୍ଥିତ । ଏହି ଶକ୍ତି ପୀଠ ନାମରେ ସ୍ଥାନଟିର ନାମ ଦନ୍ତେୱାଡା ହୋଇଛି, ରାଜ୍ୟ ଛତିଶଗଡ଼ । ମାତାଙ୍କର ଏହି ମନ୍ଦିର ୧୪ଶହ ଶତାବ୍ଦୀରେ ମନ୍ଦିର ନିର୍ମାଣ ହୋଇଛି, ଏହା ବସ୍ତର ରାଜ୍ୟର ରାଜାଙ୍କ କୂଳଦେବୀ । ରାଜା ଅର୍ଣ୍ଣମ ଦେବଙ୍କ ଦ୍ୱାରା ସ୍ଥାପିତ କାକତେୟ ବଂଶ

ISSN NO.
2582-208X

ବସ୍ତରରେ ଦୀର୍ଘ ୬୦୦ ବର୍ଷ ପୂର୍ବରୁ ହୋଇଥିଲା ମାତା ଦନ୍ତେଶ୍ୱରୀ ବସ୍ତରୁ ବସ୍ତର, ସତୀଙ୍କ ଦାନ୍ତ ପତିତ ହୋଇ ଥିବାରୁ ଦନ୍ତେଶ୍ୱରୀ ଏବଂ ଦନ୍ତେଶ୍ୱରୀଙ୍କ ନାମାନୁସାରେ ଆଜିର ଦନ୍ତେୱାଡା ଗଠିତ ।

ସେହିପରି କଳିଙ୍ଗର ରାଜା ପୁରୁଷୋତ୍ତମ ଦେବ ମଧ୍ୟ ଏଠାରେ ଶ୍ରୀକ୍ଷେତ୍ର ପୁରୀ ରଥ ଯାତ୍ରା ପରି ମାତା ଦନ୍ତେଶ୍ୱରୀଙ୍କ ରଥଯାତ୍ରା ବନ୍ଦୋବସ୍ତ କରି ଥିଲେ ଦେବୀ ସୁଭଦ୍ରା ଯେପରି ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଦିନ ଦେବଦଳନ ରଥରେ ରଥରୁଢ ହୋଇ ବିଶ୍ୱବାସୀଙ୍କୁ ଦର୍ଶନ ଦିଅନ୍ତି ଠିକ ସେପଟି ମା ଦନ୍ତେଶ୍ୱରୀ ପର୍ବତ ଶାରଦୀୟ ଦୁର୍ଗୋତ୍ସବରେ ରଥାରୁଢ଼ ହୋଇ ଜଗଦଳପୁର ରାଜାଙ୍କ ଘରକୁ ଯାଆନ୍ତି ସେଠାରେ ରାଜାଙ୍କ ହାତରୁ ଭୋଗଖାଇ ନବମୀରେ ପ୍ରତ୍ୟାବର୍ତ୍ତନ କରନ୍ତି । ଏହା ମଧ୍ୟ ଓଡ଼ିଶାର ସଂସ୍କୃତି ପରମ୍ପରା ସହ ସଂଶ୍ଲିଷ୍ଟ ।

ମନ୍ଦିର ପ୍ରବେଶ ସିଂହ ଦ୍ୱାର ଠାରେ ଦେବୀଙ୍କର ଠିକ ସାମନାରେ ଜଗନ୍ନାଥ ମନ୍ଦିର ଥିବା ଗରୁଡ଼ ସ୍ତମ୍ଭ ପରି ମଧ୍ୟ ଏକ ସ୍ତମ୍ଭ ଅଛି ଯାହାକୁ ଏପରି ଭାବରେ ପଛ କରି ଜାବୁଡି ଧରିବାକୁ ପଡିବ ଯେପରି ଦୁଇ ହାତର ଆଙ୍ଗୁଳି ପରସ୍ପରକୁ ସ୍ପର୍ଶ କରିବ । ଫଳରେ ଦେବୀଙ୍କ କୃପାରୁ ମନ ସ୍କାମନାର ପୂର୍ତ୍ତି ନିଶ୍ଚିତ ପୂର୍ଣ୍ଣ ହେବ ।

ସେହିପରି ଗୋଟିଏ ପ୍ରଖ୍ୟାତ ସ୍ଥାନକୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ମୋର। ପୁଅ ରୋହିତ କଟକରୁ ଦଶହରା ଛୁଟିରେ ମାଲକାନଗିରି ଆସିଥିଲା ଏଣୁ ଆମ ପରିବାରର ସଦସ୍ୟ, ମୋ ପତ୍ନୀ ରିତାଞ୍ଜଳୀ, ମୋଝିଅ ଋତୁପର୍ଣ୍ଣା ମୋ ଝିଆରୀ ମିନର୍ଭା, ତତ୍ ସହିତ ବନ୍ଧୁ ସମୀର କାନ୍ତ ତ୍ରୀପାଠୀ, ବନ୍ଧୁପତ୍ନୀ ସାଗରିକା ତ୍ରିପାଠୀ (ସାର ଆମ ବିଦ୍ୟାଳୟର କ୍ରୀଡା ଶିକ୍ଷକ) ମିଳିମିଶି ଦଶହରାରେ ଦନ୍ତେୱଡାର ପ୍ରତ୍ୟକ୍ଷ ଦେବୀଙ୍କୁ ଦର୍ଶନ କରିବାକୁ ଯାଇଥିଲୁ । ଆପଣମାନେ ବି ଥରେ ଯାଇ ଦନ୍ତେଶ୍ୱରୀ ମା'ଙ୍କର ଆର୍ଶିବାଦ ଲାଭ କରନ୍ତୁ । ମା' ଦନ୍ତେଶ୍ୱରୀ ସକଳ ଜନମାନୀଙ୍କ ଝୋଲି ଭରି ଦିଅନ୍ତୁ ସମସ୍ତେ ସୁଖ ସମୃଦ୍ଧିରେ କାଳାତିପାତ କରନ୍ତୁ ଏତିକି କାମନା । ଜୟ ଦନ୍ତେଶ୍ୱରୀ ମା'ଙ୍କର ଜୟ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ଜୀବନର
# ଚଉପଦୀ



ସିଦ୍ଧେଶ୍ୱର ତ୍ରିପାଠୀ

ବାଲି ଗୋଡି ଭାତ କାଦୁଅ ତର୍କାରୀ
ସଢେଇ ହାଣ୍ଡି କଡେଇ
ଗାଁ ଦାଣ୍ଡ ଧୂଳି କେତେ ବୋଳା ବୋଳି
ସଞ୍ଜ ଆସୁଥାଏ ନଇଁ ।

ଚାଟଶାଳୀ ପାଠ କାନ୍ଧରେ ବସ୍ତାନି
ଅବଧାନେ ବେତ ମାଡ଼
ବାପା ବୋଉ ଜେଜେ ସଭିଏଁ କୁହନ୍ତି
ପାଠପଢ଼ ପାଠପଢ଼ ।

ପହିଲି ପୀରତି ମିଳନର ଗୀତି
ବିରହ ଅଲିଭା ଦାଗ
ଜୀବନ ଜଞ୍ଜାଳ ଛୋଟିଆ ସଂସାର
କେତେ ରାଗ ଅନୁରାଗ ।

ବୟସର ଶେଷ କେତେ ଅବଶୋଷ
କେତେ ମିଠା ଅନୁଭୂତି
ଗାଁ ମଶାଣୀରେ ଦେହ ଜଳୁଥାଏ
ଜୀବନର ହୁଏ ଇତି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# କଳା ଧଳା
# ହଳଦିଆ ତିନି ରୂପ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା)

କଳା ଧଳା ହଳଦିଆ ତିନି ରୂପ ସାଧବେ କର ଦର୍ଶନ କର ।
ଖଣ୍ଡଚୁଳିଆ ବନମାଳିଆ ହରି ଅଗ୍ରଜ ଯା ଶଙ୍କର୍ଷଣ ।୧।

ଗରୁଡ଼ ଆସନ ନନ୍ଦର ନନ୍ଦନ ଶ୍ରୀକୃଷ୍ଣ ଜଗମୋହନ ।
ଘନ ବରନିଆ ସେ ଜଗା କାଳିଆ ରୂପ ନିନ୍ଦଇ ମଦନ ।୨।

ଉତ୍କଳ ର ଆରାଧ୍ୟ ଦେବ ମାଧବ କେଶବ ରାଧା ମୋହନ ।
ଚକାଚାନ୍ଦ ମୁଖ ହରେ ଭବ ଦୁଃଖ  ଭାର୍ଗବୀ ପରାଣଧନ ।୩।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ତୃତୀୟ ଅଧ୍ୟାୟ
ରାଗ-ରେଖ୍ତି

ଭାନୁ ସାଥେ ସାରସର ପୀରତି ଅଭେଦ୍ୟ ତର
ତେସନେ ଯୋଡିବ କୃଷ୍ଣ ଚରଣେ ପ୍ରାଣ
ଦିବା ବିଭାବରୀ ସ୍ମରି ନାମ ମହିମାର ବାରି
କର୍ମ ଆଚରିବ ତାଙ୍କ ସେବା ଭାବେଣ
ଏସନେ କି ଶ୍ୱାସ ପ୍ରଶ୍ୱାସେ
ତାଙ୍କ ସେବା ବରିନେବ ମହାଉଲ୍ଲାସେ ।୧୧ ।

କରିପାର ଏ କଳ୍ପନା ପ୍ରଗାଢ ହେଲେ ଭାବନା
ହୋଇବ ଆଗତ ତେବେ ସେହି ସ୍ଥିତିରେ
ଥିଲେ ଯେ ସ୍ଥାନେ ଗୋପିକା ବୃନ୍ଦାବନର ନାୟିକା
ଯାଇଦେଖ ଜୀବିତ ନମୂନା ଗୋପରେ
ତପୀଶ୍ରେଷ୍ଠ ଗୋପ ଆଭିରୀ
ବାନ୍ଧିଲେ ନିଷ୍କାମ ଚିତ୍ତ ମୁରଲୀଧାରୀ ।୧୨ ।

ମହୀପାଳ ପୁଚ୍ଛାକଲେ କେସନେ ହୃଦ କମଳେ
ପ୍ରବାହିତ ହେବ ଭକ୍ତିଭରା ଜାହ୍ନବୀ
କି ପ୍ରକାରେ ଭକ୍ତି ବୀଜ ଅଙ୍କୁରିବ ହୋଇ ସହ
ସରଳ ସାଧନା ତାର ନପାରେ ଭାବି
କୃପାପୟ ସିଞ୍ଚନ କରି
ବିଧୁର ବ୍ୟଥିତ ହୃଦେ ଦିଅ ସଞ୍ଚାରି ।୧୩ ।

ISSN NO.
2582-208X

ଭାଷିଲେ ଋଷି ବଚନ ଅଛି ଏହାର ସାଧନ
ଭଗବାନ ବେଦବ୍ୟାସ ଯାଇଛନ୍ତି ଲେଖି
ଯେ ଫଳ ତପସ୍ୟା କରି କଠିନ ଯୋଗ ଆଚରି
ବାଞ୍ଛିତ ଫଳ ମିଳେନା ସମାଧି ଯୋଖି
ଦୂଷଣ ଏ କଳି କାଳରେ
କୃଷ୍ଣନାମ ସଂକୀର୍ତ୍ତନେ ମିଳେ ଅଚିରେ ।୧୪ ।

ଶ୍ରୀ ଗୋବିନ୍ଦ ବଚମୃତ ମଧୁର ଲୀଳାରୁ ଜାତ
ଝରେ ନାମ ଗାୟନରୁ ସୁଧା ବାରିଧି
ସେହି ସୁଧା ମକରନ୍ଦ ପାନେ ମିଳନ୍ତି ଗୋବିନ୍ଦ
ଛତ୍ରଭଙ୍ଗ ଦିଏ ଯହିଁ ପାପର ବ୍ୟାଧି
ଏଣୁକରି ଆହେ ରାଜନ
ଭାଗବତ କଥାମୃତ କର ଶ୍ରବଣ ।୧୫ ।

-:ଟୀକା:-

ଅର୍ଣ୍ଣବ - ସାଗର, ମହୀପାଳ -ରାଜା, କେସନେ - କିପରି, ଜାହ୍ନବୀ-ଗଙ୍ଗା
ପୟ - ଜଳ, ବିଧୁର - କାତର, ବଚମୃତ - କଥାମୃତ, ସୁଧା-ଅମୃତ
ମକରନ୍ଦ - ଫୁଲରେଣୁ, ଫୁଲରସ

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ଦସ୍ୟୁ ଅଙ୍ଗୁଳିମାଳ



ପ୍ରଦୀପ କୁମାର ପଣ୍ଡା

ଦିନେ କୋଶଳ ଆକାଶରେ ମେଘ ଛାଇ ଯାଇଥାଏ । ପବନ, ଘଡ଼ଘଡ଼ି ଶବ୍ଦରେ କାନ ଅତଡା ପଡୁଥାଏ । ଏହି ସମୟରେ ଆକାଶରେ ଏକ ତାରା ଚକ୍ ଚକ୍ କରୁଥିବା ରାଜା ପ୍ରସେନ୍‌ଜିତ ଦେଖି ପାରିଲେ । ଏହି ପରି ଝଡ ରାତିର ତାରାର ଅର୍ଥ ସେ ଜ୍ୟୋତିଷଙ୍କୁ ପଚାରି ବୁଝିଲେ । ତାହା ଦସ୍ୟୁ ମାନଙ୍କ ତାରା । ଅର୍ଥାତ୍ ସେହି ମୂହୁର୍ତ୍ତରେ ଜନ୍ମ ହୋଇଥିବା ଶିଶୁପୁତ୍ର ଭବିଷ୍ୟତରେ ଜଣେ କୁଖ୍ୟାତ ଦସ୍ୟୁ ହୋଇ ରାଜ୍ୟର ବିପଦର କାରଣ ହେବ ।

ପରଦିନ ଅନୁସନ୍ଧାନ କରିବାରୁ ଜଣା ପଡ଼ିଲା ସେହି ଝଡ ରାତିରେ କୋଶଳ ରାଜପୁରୋହିତଙ୍କ ପୁତ୍ର ଜନ୍ମ ନେଇଛି । ରାଜପୁରୋହିତ ସେ ଶିଶୁର ନାମ "ଅହିଂସକ "ରଖିଲେ । ନାମଟି ସିନା "ଅହିଂସକ", କିନ୍ତୁ ପ୍ରକୃତରେ ସେ ଥିଲା ହିଂସାର ମୂର୍ତ୍ତିମନ୍ତ ପ୍ରତୀକ । ଚାଟଶାଳୀରେ ସେ ସମୟରେ ପାଠ ପଢା ଯାଉଥିଲା । ଟିକିଏ ବଡ଼ ହେବାରୁ ରାଜପୁରୋହିତ ତାକୁ ଚାଟଶାଳୀକୁ ପଠାଇଲେ । ଅହିଂସକ ନିଜେ ପଢିଲା ନାହିଁ, ସହପାଠୀଙ୍କ ସହିତ ମାରଧର କଲା । ଅବଧାନ (ଶିକ୍ଷକ) ଙ୍କ ମୂହୁର୍ତ୍ତକର ଅନୁପସ୍ଥିତିରେ ପିଲାମାନଙ୍କୁ ନେଇ ଗଛରେ ଚଢି ତଳକୁ ଡେଇଁବା, ପକ୍ଷୀମାନଙ୍କ ବସା ଭାଙ୍ଗିବା, ଜୀବଜନ୍ତୁମାନଙ୍କୁ ନିର୍ଯାତନା ଦେବା ଆଦି କାର୍ଯ୍ୟରେ ଲାଗିଲା । ଅନ୍ୟ ଚାଟ (ଛାତ୍ର) ମାନଙ୍କ ପିତାମାତା ପ୍ରତିଦିନ ଚାଟଶାଳୀକୁ ଆସି ଅବଧାନଙ୍କ ପାଖରେ ଅଭିଯୋଗ କଲେ ।

ISSN NO.
2582-208X

ଅବଧାନ ଅତିଷ୍ଠ ହୋଇ ରାଜପୁରୋହିତଙ୍କୁ ତାଙ୍କ ପୁଅକୁ ଚାଟଶାଳୀ ନ ପଠାଇବା ପାଇଁ ବିନୀତ ଅନୁରୋଧ କଲେ ।

ଯୁବକ ହେବାରୁ ଅହିଂସକ ବଣରେ ରହି ଦସ୍ୟୁ ବୃତ୍ତି କଲା । ସେ ହତ୍ୟା କରୁଥିବା ବ୍ୟକ୍ତିର ବୁଢ଼ା ଆଙ୍ଗୁଳିକୁ କାଟି ବେକରେ ପିନ୍ଧୁଥିଲା ଏବଂ ନିଜର ନାମ "ଅଙ୍ଗୁଳିମାଳ" ରଖିଥିଲା । କୋଶଳର ସାରା ସୈନ୍ୟବାହିନୀ ତା'ର ଖୋଜ ଖବର ପାଇ ପାରୁ ନ ଥିଲେ କି ଧରି ପାରୁ ନ ଥିଲେ ।

ସେତେବେଳେ କୋଶଳର ରାଜା ପ୍ରସନ୍‌ଜିତ୍ ଥିଲେ ବୁଦ୍ଧଙ୍କ ଗୃହି ଶିଷ୍ୟ । ସେ ଅଙ୍ଗୁଳିମାଳ ପାଇଁ ସବୁବେଳେ ଚିନ୍ତିତ ରହୁଥିଲେ । ନିଜର ସୈନ୍ୟମାନଙ୍କ ବିଫଳତା ଏବଂ ଅଙ୍ଗୁଳିମାଳର ଉତ୍ପାତରେ ସେ ଅତିଷ୍ଠ ହୋଇ ବୁଦ୍ଧଙ୍କ ଶରଣ ନେଲେ । ବୁଦ୍ଧ ପ୍ରସେନ୍‌ଜିତ୍‌ଙ୍କୁ ଆଶ୍ୱାସନା ଦେଇ ନିଜେ ଅଙ୍ଗୁଳିମାଳ ରହୁଥିବା ବଣକୁ ଗଲେ । ସେତେବେଳେ ଦସ୍ୟୁ ଅଙ୍ଗୁଳିମାଳ ନଅଶହ ଅନେଶ୍ୱତଟି ଅଙ୍ଗୁଳି ପିନ୍ଧି ସାରିଥିଲା । ବୁଦ୍ଧଙ୍କୁ ଦେଖି ଏକ ହଜାର ଅଙ୍ଗୁଳି ପୂରଣ ହୋଇଯିବ ଭାବି ପାଖକୁ ଦଉଡ଼ି ଆସିଲା । ମାତ୍ର ବୁଦ୍ଧଙ୍କ ଦିବ୍ୟ ଜ୍ୟୋତି ବଳୟ ଯୋଗୁଁ ପାଖକୁ ପହଞ୍ଚି ପାରିଲା ନାହିଁ। ବାରମ୍ବାର ବୁଦ୍ଧ ତା'ଠାରୁ ଦୂରେଇ ଯାଉଛନ୍ତି ବୋଲି ବୁଦ୍ଧଙ୍କୁ ସେ ଗାଳି ଦେଲା । ବୁଦ୍ଧ ଶାନ୍ତ ସ୍ୱରରେ କହିଲେ, "ଜୀବନରେ ଏତେ ପାପ କରିଛ ଯେ, ତୁମେ ପ୍ରକୃତ ସତ୍ୟ କ'ଣ ଜାଣି ପାରୁନାହଁ। ଅଧର୍ମ ଆଚରଣ ଛାଡି ଧର୍ମପଥରେ ଚାଲିଲେ ତୁମେ ପ୍ରକୃତ ସତ୍ୟ କ'ଣ ଜାଣି ପାରିବ । ମୁଁ ଗୋଟିଏ ସ୍ଥାନରେ ଛିଡ଼ା ହୋଇଛି । କୁଆଡେ ଯାଉ ନାହିଁ ଅଥଚ ତୁମକୁ ଅଲଗା ଦେଖା ଯାଉଛି । ତୁମର ମନ କଳୁଷିତ ହୋଇଯାଇଛି । ଅଧର୍ମ ଆଚରଣ ଛାଡି ଧର୍ମାଚରଣ କର । ଏବେ ମଧ୍ୟ ସମୟ ଅଛି, ଅସତ୍ ପଥ ପରିତ୍ୟାଗ କରି ସତ୍ ପଥରେ ଚାଲ । ତୁମର ମଙ୍ଗଳ ହେବ ।"।

ଦସ୍ୟୁ ଅଙ୍ଗୁଳିମାଳର ମନ ପରିବର୍ତ୍ତନ ହେଲା । ବୁଦ୍ଧଙ୍କ ବାଣୀରେ ତାଙ୍କର ଜ୍ଞାନୋଦୟ ହେଲା । ସେ ବୁଦ୍ଧଙ୍କ ପାଦତଳେ ପଡ଼ି ତାଙ୍କ ଶରଣ ମାଗିଲେ । ବୋଦ୍ଧଧର୍ମ (ବୌଦ୍ଧ ଧର୍ମ)

ISSN NO.
2582-208X



ମହାମନ୍ତ୍ର "ବୁଦ୍ଧଂ ଶରଣଂ ଗଛାମି, ଧର୍ମ୍ମଂ ଶରଣଂ ଗଛାମି, ସଂଘଂ ଶରଣଂ ଗଛାମି" ଉଚ୍ଚାରଣ କଲେ ।

ପରଦିନ ବୁଦ୍ଧ କୋଶଳ ରାଜସଭାରେ ରାଜା ପ୍ରସେନ୍‌ଜିତ୍‌ଙ୍କୁ ପ୍ରଶ୍ନ କଲେ, "ମୁଁ ଯଦି ଅଙ୍ଗୁଳିମାଳକୁ ରାଜସଭାରେ ବୋଦ୍ଧଭିକ୍ଷୁ (ବୌଦ୍ଧ ଭିକ୍ଷୁ) ଭାବରେ ଉପସ୍ଥିତ କରାଏ, ତେବେ ତୁମେ ତା'ପ୍ରତି କିପରି ଆଚରଣ ଦେଖାଇବ ?" ରାଜା ପ୍ରସେନ୍‌ଜିତ୍‌ଙ୍କ ଆଖି ଆଶାର ଆଲୋକରେ ଉଜ୍ଜ୍ୱଳ ହୋଇ ଉଠିଲା । ସେ ଯୁକ୍ତ ହସ୍ତରେ ଉତ୍ତର ଦେଲେ, "ଭଗବନ ! ଦସ୍ୟୁ ଅଙ୍ଗୁଳିମାଳ ଯଦି ବୋଦ୍ଧ (ବୌଦ୍ଧ) ଭିକ୍ଷୁ ରୂପରେ କୋଶଳ ରାଜସଭାରେ ପଦାର୍ପଣ କରନ୍ତି, ତେବେ ମୁଁ ତାଙ୍କୁ ବୋଦ୍ଧ (ବୌଦ୍ଧ) ଭିକ୍ଷୁର ନ୍ୟାର୍ଯ୍ୟ ସମ୍ମାନ ଦେଇ ପୂଜା କରିବି ।"

ସମୟ କ୍ରମେ ଦସ୍ୟୁ ଅଙ୍ଗୁଳିମାଳ ବୁଦ୍ଧଙ୍କ ପ୍ରଧାନ ଶିଷ୍ୟ ହେଲେ ଏବଂ। "ମୋଦ୍ଗଲ୍ୟାୟନ" (Moudgalyana) ନାମରେ ନାମିତ ହେଲେ ।

ନୂଆ ବରଙ୍ଗମଲ, ଯୁଜୋମୁର୍,
ସମ୍ବଲପୁର-୭୬୮୧୧୨
Mob no 9937396778

ISSN NO.
2582-208X

# ନବବର୍ଷ
# (ନୂଆ ବରଷ)



ବାଙ୍କାବିହାରୀ ମହାକୁର

ସମୟ ସ୍ରୋତରେ ଦିନ ପରେ ଦିନ
ମାସ ହୋଇଯାଏ ଶେଷ
ଅନୁପମ ପର୍ଯ୍ୟାୟେ ହୁଏ ଉପଗତ
ଆଶାର ନୂଆ ବରଷ ।

ଗାଆଁଠୁ ସହର ଉତ୍ସବ ମୁଖର
ଭେଜିଭୂତ ସାଜସଜ୍ଜା
ଧରଣୀର ପୃଷ୍ଠ ହୁଅଇ ଅତିଷ୍ଠ
ବାଣ ସଂଗେ ଡିଜେ ବାଜା ।

ବିଦାୟ ନେଇଛି ପୁରୁଣା ବରଷ
ନବକୁ କରି ସ୍ୱାଗତ
ନବ କରଣରେ ହସିବ ଧରଣୀ
ଚଞ୍ଚଳ ଜୀବଜଗତ ।

ବରଷ ଆୟୁଷ ହୋଇଯାଏ ଶେଷ
ସ୍ମୃତି ରଚେ ଇତିହାସ

ISSN NO.
2582-208X

ଜୀବନେ ସବୁରୀ  ଦିଏ ଯୋଡି କରି
ନୂତନତାର ପରସ ।

ସ୍ଥାଣୁ  ମନପ୍ରାଣ   ହୁଅଇ   ସଚଳ
ଆଶା ଦ୍ୱୀଜ ମନେ  ବୁଣେ
ହୃଦୟ   ଗଗନ  ହୁଏ  ଶୋଭିବନ
ଇନ୍ଦ୍ରଧନୁ ସଦା ଟାଣେ ।

ନୂତନ  ବରଷ    ନୂତନ  ହରସ
ସଂଗ୍ସରେ ନୂଆ ବିଶ୍ୱାସ
ସବୁରୀ ଜୀବନେ ବନେ ଉପବନେ
ଝଙ୍କୃତ ହର୍ଷ ଉଲ୍ଲାସ  ।

ଦୁଃଖ  ଅନାଟନ   ହେବ ସମାପନ
ରଚବ ନୂଆ କାହାଣୀ
ସୁଖେ ବାହିନେବ ଜୀବନ ଡଙ୍ଗାକୁ
ସର୍ବଜନ ମନ ଜିଣି ।

ଆଶା ଆକାଂକ୍ଷାର ସୁନେଲି ସପନେ
ଦେଉ ନୂଆ ରଙ୍ଗ ଭରି
ଏ ନୂଆ ବରଷେ   ଇଶ୍ୱର ଆଶିଷେ
ମଙ୍ଗଳ ହେଉ ସବୁରୀ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ସ୍ନେହର ଝିଅ



ରମେଶ ଚନ୍ଦ୍ର ବେହେରା

ସ୍ନେହର ଝିଅ,
ଶୈଶବରୁ କୈଶୁରଯାଏ
ସ୍ନେହ ଶ୍ରଦ୍ଧାରେ ଫୁଲ ପରି
ଗଢ଼ି ତୋଳଲି ତୋତେ
ଡେଣା ରେ ପର ଲାଗିଲା
ଭଲ ପାଠ ପଢ଼ିଲୁ
ଭାବି ଥିଲି ଦିନେ ତୁ
ଭଲ ଡାକ୍ତର ବା ହାକମ ହେବୁ
ନିଜ ପରିଚୟ ନିଜେ ସୃଷ୍ଟି କରିବୁ
ହେଲେ
ପାଠ ପଢିଲା ପରେ
ନିଜ ବାପ, ମାଆ
ପରିଜନକୁ ଭୁଲି ଗଲୁ
ଜ୍ଞାନୀ ବଦଳରେ ଅଜ୍ଞାନୀହେଲୁ
ନିଜର ଠିକଣା ହଜାଇ ଦେଲୁ
ଅଜଣା ସମ୍ପର୍କ ଯୋଡିଲୁ
ପ୍ରେମର ସ୍ରୋତରେ ଭାସିଲୁ
ନିଜ ଜୀବନକୁ ନିଜେ ହିସାବ କଲୁ
ମିଛ ମାୟା ପ୍ରେମରେ ଛନ୍ଦି ଗଲୁ

ISSN NO.
2582-208X

ପରିଜନ, ସାଙ୍ଗସାଥି ଭୁଲି ଗଲୁ
ଧର୍ମ ସାଥେ ପାପକୁ ଯୋଡିଲୁ
ଜୀବନ ସୂର୍ଯ୍ୟର ଉତ୍ତାପ କୁ
ଜାଣିପାରିଲୁ ନାହିଁ
ସମର୍ପି ଦେଲୁ ଅନ୍ୟ ଜଣକୁ
ମିଥ୍ୟାର ପ୍ରେମର ବାଲିଘର ଗଢ଼ିଲୁ
ଆତ୍ମ ଚିନ୍ତନ କଲୁ ନାହିଁ
ପରାଜିତ ହେଲୁ
ଶରୀରକୁ ୩୫ ଖଣ୍ଡ କଲେ
ବିଶ୍ୱାସର ମିଥ୍ୟା ଅଭିନୟ ରେ
ନିଜେ ହାରିଗଲୁ
ଗୁରୁଜନ, ପରିଜନଙ୍କର
ସମ୍ପର୍କ କୁ ଯଦି ବୁଝିଥାନ୍ତୁ
ରକ୍ତ ଆଉ ରଙ୍ଗର ଅନ୍ତର
ବୁଝି ପାରିଥାନ୍ତୁ
ଆତ୍ମଚିନ୍ତନ କରି
ସ୍ୱାର୍ଥପର ସମାଜରେ
ପ୍ରେମର ସାଗରର
ଗଭୀରତା କୁ ମାପି ପାରିଥାନ୍ତୁ
ହୋଏତ ନିଜ ଶରୀର କୁ
୩୫ ଖଣ୍ଡ ଟୁକୁଡା
ହେଇ ପାରିନଥାନ୍ତା
ଜୀବନ ଯୁଦ୍ଧ ରେ
ପରାଜିତ ହୋଇ ନ ଥାନ୍ତୁ ।
ଇତି (ମାଆ)

ବାଟି, ସିମୁଳଆ, ବାଲେଶ୍ୱର
ମୋ-୯୯୫୮୩୭୫୫୨୯

ISSN NO.
2582-208X

# ଗପ ହେଲେ ବି ସତ



ସୁଷମା ପରିଜା

ସ୍ୱଭାବରେ ମୁଁ କୌଣସି ଅଲୌକିକତା ରେ କିମ୍ବା ଭୂତ ପ୍ରେତ ଥିବାରେ ବିଶ୍ୱାସ କରେ ନାହିଁ , କିନ୍ତୁ ମୁଁ ଦେଖିଥିବା କେତୋଟି ଘଟଣା ବେଳେ ବେଳେ ମତେ ଭ୍ରମିତ କରିଥାଏ ଆଉ କିଛି ଚିନ୍ତା କରିବା ପାଇଁ । ସେମିତି ଗୋଟିଏ ଘଟଣା ....

ମୋର ଶାଶୁ ଘର ଗୋଟିଏ ସଂଯୁକ୍ତ ପରିବାର । ଦାସ ସାହି ଗୋଟାଏ ବଡ ସାହି, ସେଇଠି ଆମେ ସମସ୍ତେ ରହୁ। ବହୁ କୁଟୁମ୍ବୀ ହେତୁ ପିଲା ବଡ ମିଶି ପ୍ରାୟ ଦୁଇଶହ ହେବେ। କୋଉ ପୁରୁଷ ରୁ ଚଳି ଆସୁଛନ୍ତି ଏକ କୁଟୁମ୍ବ ହୋଇ । ବାହା, ପୁଆଣି, ମଲା ମୃତିକଆ ରେ ଏକାଠି ସବୁ କାର୍ଯ୍ୟକ୍ରମ ହୁଏ। ପ୍ରାୟ କୋଡିଏ ବର୍ଷ ତଳ ର କଥା । ଆମ ଖଞ୍ଜା ର ଜଣେ ଜେଠାଶୁର ଙ୍କର ପାଞ୍ଚ ପୁଅ । ତନ୍ମଧ୍ୟରୁ ଜଣେ ଜୀବନ ଜୀବିକା ଲାଗି ବହୁଦିନ ଆଗରୁ ଯାଇ ସହର ମଝିରେ ଭଡାଘରେ କରି ରହିଥାନ୍ତି। ସବୁ କାର୍ଯ୍ୟ ନିମିତ୍ତ ରେ ପିଲାମାନଙ୍କୁ ଧରି ଆସନ୍ତି ଘରକୁ, କାମ ସରିଲେ ପୁଣି ଫେରି ଯାଆନ୍ତି ନିଜ ଭଡାଘରକୁ। ମଝିରେ ହାର୍ଟ ଜନିତ ସମସ୍ୟାରେ ତାଙ୍କର ହଠାତ୍ ଦେହାନ୍ତ ହୋଇଗଲା, ତାଙ୍କର ଚାରି ପୁଅ, ତାଙ୍କ ପରେ ତାଙ୍କ ସ୍ତ୍ରୀ ଆଉ ପିଲାମାନେ କିନ୍ତୁ ସେଇଠି ରହି ତାଙ୍କର ବ୍ୟବସାୟ ଚଳେଇ ରଖିଲେ । ତାଙ୍କର ବଡ ଭାଇ ମଧ୍ୟ ରୋଗାକ୍ରାନ୍ତ ହୋଇ ମରିଗଲେ । ଚଳାଚଳ ର ସେମିତି ସୁବିଧା ନଥିଲା। ବଡ ଭାଇ ତାଙ୍କ ପଛରେ ଛାଡି ଯାଇଥିବା ଏକ ମାତ୍ର ପୁଅ ଏବଂ ତାଙ୍କର ବିଧବା ସ୍ତ୍ରୀ ଖୁବ୍ ହଇରାଣ ହରକତ ହେଉଥିଲେ ଚଳିବାକୁ । ବଡଭାଇ ଙ୍କର କିଛି ବଦଭ୍ୟାସ ଥିଲା, ସେଇ ବଦଭ୍ୟାସ ଯୋଗୁଁ ସେ ତାଙ୍କ ଭାଗ ସମ୍ପତ୍ତି କୁ ବିକ୍ରି କରିଦେଇ ଏଇ ବାହାରେ ରହୁଥିବା ସାନଭାଇ ଭାଗରେ ପଡିଥିବା ଘରଟିରେ ରହୁଥିଲେ, ପୁଅ ଟି ମଧ୍ୟ ବାପାଙ୍କ ପଦାଙ୍କ ଅନୁସରଣ କରି ମଦ ପିଇ ଦଙ୍ଗା ହଙ୍ଗାମା

ISSN NO.
2582-208X

କରି, ମାଆଙ୍କୁ ମାଡ ମାରି ବଡ ଉତ୍ପାତ କରୁଥିଲା। ବିଚାରୀ ସ୍ତ୍ରୀ ଲୋକଟି ସ୍ୱାମୀ ପରେ ପୁଅ ର ଜ୍ୱାଳା ସହି ଭାଗ୍ୟକୁ ଆଦରି ପଡିରହିଥିଲା ଅନ୍ୟ ମାନଙ୍କ ଆଶ୍ରା ରେ । ଥରେ ଗାଆଁ ରେ କୌଣସି ଗୋଟିଏ ଗଣ୍ଡଗୋଳ କରିବା ଯୋଗୁଁ ପୁଅଟିକୁ ଜେଲ୍ ହୋଇଗଲା । ଏକୁଟିଆ ମାଆ ଟି କେମିତି ଚଳବ ବୋଲି ସହର ମଝିରେ ରହୁଥିବା ତାଙ୍କର ଯାଆ ଆଉ ପୁଅମାନେ ଆସି ତାଙ୍କୁ ନେଇଗଲେ ସେମାନଙ୍କ ପାଖକୁ । ଅଳ୍ପ କିଛି ଦିନ ପରେ ଖବର ଆସିଲା ସେଇ ଏକୁଟିଆ ମାଆ ଟି ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି ତାଙ୍କ ତାଙ୍କର ଭଡାଘରେ । ଆମ ଖଞ୍ଜା ରୁ ସମସ୍ତେ ଦୌଡାଦୌଡି ହୋଇ ଗଲେ ସେଇ ଭଡାଘରେ ପାଖକୁ । ତାଙ୍କର ନିଜର ଆଉ ଦୁଇ ଭାଇ ମଧ୍ୟ ଗଲେ, ଦେଖିଲେ କମଳୀ ଅପା (ସେ ସମ୍ପର୍କରେ ମୋର ଯାଆ ଥିଲେ) ଝୁଲୁଛି ପଙ୍ଖା ରେ, ବେକରେ ଗାମୁଛା, ପାଖରେ ପଡିଥିବା ପଟା ଖଟ ଟି ଉପରେ ଚଢି ବୋଧହୁଏ ଝୁଲି ପଡିଛି ତଳକୁ । ସମସ୍ତେ ଭାବିଲେ ଦୁଃଖ ସହି ନପାରି ଆତ୍ମହତ୍ୟା କରି ଦେଇଛି ବିଚାରୀ । ସମସ୍ତେ ଆହା କଲେ, କହିଲେ "ଦୁଃଖିନୀ ଟିଏ, ପନ୍ଦର ବର୍ଷ ରୁ ଅଭାବି ପରିବାର ର ବାପଛେଉଣ୍ଡ ଝିଅ କୁ ମାଆ ଟେକି ଦେଇଥିଲା ତା'ଠାରୁ ଦୁଇଗୁଣ ବୟସ୍କ ଲୋକଟି ହାତରେ, ଝିଅ ଟି ଭଲରେ ଦି' ଓଳି ଦି'ମୁଠା ଖାଇ, ଲୁଗାପଟା ଦି' ଖଣ୍ଡ ପିନ୍ଧି ଭଲରେ ରହିବ ବୋଲି। ହେଲେ ମଦ୍ୟପ ସ୍ୱାମୀ ତା'କୁ ମାରି ପିଟି ବାର ଅବସ୍ଥା କଲା, ପୁଅ ଟିଏ ଜନ୍ମ କରିଥିଲା ଯେ ସିଏ ବଡ ହୋଇ ମାଆର ଦୁଃଖ ହରଣ କରିବ କ'ଣ, ଆହୁରି ଅଧିକ ଦୁଃଖର କାରଣ ହେଲା, ଘରବାରି ବାପ ବିକିଥିଲା, ଆଉ ଯାହା ମାଆର ଦେହରେ ଦି'ଖଣ୍ଡ ଅଳଙ୍କାର ଥିଲା, ସେତକ ବିକିଭାଙ୍ଗି ଖାଇଲା, ବିଚାରୀ ଆଉ କୋଉ ସୁଖ ଦେଖିବାକୁ ବଞ୍ଚି ରହିଥାନ୍ତା? ମରିବା ଶ୍ରେୟସ୍କର ଭାବି ଜୀବନ ହାରିଦେଲା । ମରିଗଲା ନାହିଁ ଯେ ତରିଗଲା ସଂସାରରୁ"। ଏମିତି କେତେ କଥା ସବୁ କୁହାକୁହି ହେଉଥାନ୍ତି । ଆତ୍ମହତ୍ୟା କେଶ୍, ପୋଲିସ୍ ଆସି ମୃତ ଶରୀରକୁ ଜବତ କରି କେଶ୍ ଦାଏର୍ କଲାପରେ ପଠାଇ ଦେଲା ମେଡିକାଲ କୁ ପୋଷ୍ଟମର୍ଟମ ପାଇଁ । ଖଞ୍ଜା ଲୋକମାନେ ଧାଇଁଲେ ମେଡିକାଲ୍, ଜଣେ ଦି ଜଣ ଗଲେ ତାଙ୍କ ପୁଅ କୁ ଜେଲ୍ ରୁ ଜାମିନ୍ ରେ ଆଣିବା ପାଇଁ । ସମସ୍ତେ ଖାଡାପାଡା ଉପାସ ରେ ବସିଥାନ୍ତି, ପିଲା ଗୁଡିକ ଅସ୍ତବ୍ୟସ୍ତ କରୁଥାଆନ୍ତି, ଆମେ ସବୁ ଅପେକ୍ଷା କରି ରହିଥାଉ, ଶବ ଆସିଲା ପରେ ସଂସ୍କାର ହେଲା ପରେ ଯାଇ ଗାଧୁଆପାଧୁଆ, ଖିଆପିଆ ହେବ।

ISSN NO.
2582-208X

ଦୁର୍ଭାଗ୍ୟ କୁ ସେଦିନ ତାଙ୍କ ପୁଅ କୁ ଜାମିନ ମିଳିଲାନି, ପୋଷ୍ଟମର୍ଟମ ହୋଇ ଶବ ଆସିଲା ଆମ ଖଞ୍ଜା କୁ । କ'ଣ କରାଯିବ ବୋଲି ବଡମାନେ ବିଚାର ବିମର୍ଶ କଲେ, କଥା ଛିଡିଲା, ତାଙ୍କ ପୁଅ ପରଦିନ ଜାମିନ ରେ ଆସିଲା ପରେ ହିଁ ଶବ ସଂସ୍କାର ହେବ,ସେ ହିଁ ମୁଖାଗ୍ନି ଦେବ, କ୍ରିୟା ଧରିବ । ସେତେବେଳ ପର୍ଯ୍ୟନ୍ତ ଶବ କୁ ବରଫଭର୍ତ୍ତି ବାକ୍ସରେ ରଖାଯିବ ଆମ ଘର ସାମନାରେ ଥିବା ଦାସଘରର ବିରାଟ ଅଗଣାରେ ।

ସେଇଆ ହେଲା । କମଳୀ ଅପା ର ଶବ ଖଞ୍ଜା କୁ ଆସିଲା, ଥୁଆ ହେଲା ଆମ ଘର ଦୁଆର ମୁହଁ ରେ ଠିକ୍ । ଲମ୍ବା କାଚ ବାକ୍ସ ଭିତରେ ବରଫ ଉପରେ ଛଣ ବିଛା ହୋଇଥାଏ, ତା'ଉପରେ ପାରଦର୍ଶୀ ଜରିରେ ଗୁଡା ହୋଇ ଥୁଆ ହୋଇଥାଏ କମଳୀ ଅପା ର ଶବ । ଚେହେରା ଟି ଗୋଟାପଣେ ଫୁଟି ଦିଶୁଥାଏ ଉପରକୁ । ଲାଗୁଥାଏ ସତେ ଯେମିତି କମଳୀ ଅପା ଲମ୍ବା ହୋଇ ଶୋଇଛି ସେଠାରେ । ପିଲା ତ ପିଲା ଆମ ବଡ ମାନଙ୍କର ବି ପିଳେହୀ ପାଣି ହୋଇ ଯାଉଥାଏ ତା'କୁ ଦେଖି । ଖଞ୍ଜା ଯାକ ଲୋକ ଗଦା ହୋଇ ଥାଆନ୍ତି ସେଇଠି । ପିଲାମାନେ ଡରେ ଘର ଭିତରକୁ ପଶୁ ନଥାନ୍ତି, ଆମେ ସବୁ ସେମିତି ରାତି ସାରା ଅନିଦ୍ରା ରହି ଜଗି ବସିଥାଉ ସେଇ ବରଫ ବାକ୍ସକୁ, କାଳେ କୁକୁର ମୁହଁ ମାରିଦେବ ବୋଲି । କମଳୀ ଅପା ର ଟିକିଏ ବେଶୀ ଘନିଷ୍ଠତା ଆମ ଘର ସହିତ । ଆମ ଶାଶୁଙ୍କୁ ଅଚଳାଚଳ ଭକ୍ତି କମଳୀ ଅପା ର, କାରଣ ସେ ମାଡ ଖାଇବା ବେଳେ ଆମ ଶାଶୁ ହିଁ ଥିଲେ ଏକମାତ୍ର ମଣିଷ ଯାହାଙ୍କୁ ଦେଖି ତା' ସ୍ଵାମୀ ମାଡ ମାରିବା ବନ୍ଦ କରୁଥିଲେ, ଅଧିକାଂଶ ସମୟରେ ଆମ ଶାଶୁ ତା'କୁ ଉଦ୍ଧାର କରି ଆମ ଘରେ ଆଣି ଖୁଆଇ ପିଆଇ ରଖୁଥିଲା ଆଉ ତା' ସ୍ଵାମୀ ଙ୍କର ରାଗ ଶାନ୍ତି ହେଲେ ସେ ଯାଉଥିଲା ଆମ ଘରୁ । ସେଥିପାଇଁ କମଳୀ ଅପା ଆମର ଅନେକ ଗୁଡିଏ କାମ ବି କରି ଦେଉଥିଲା । ତା'ର ଅକାଳ ମୃତ୍ୟୁ ରେ ସବୁଠାରୁ ବେଶୀ ଦୁଃଖ ପାଇଥିଲେ ଆମ ଶାଶୁ । କିନ୍ତୁ ସିଏ ତ ଥିଲେ ଅଚଳ ମହାମେରୁ, ସୁଖ ଦୁଃଖ ତାଙ୍କ ମୁହଁ ଉପରେ କିଛି ପ୍ରଭାବ ପକାଉନଥିଲା। ସେ ଖାଲି ପ୍ରାର୍ଥନା କରୁଥାଆନ୍ତି ପ୍ରଭୁ କମଳୀ କୁ ମୁକ୍ତି ଦିଅ, ମୁକ୍ତି ଦିଅ ବୋଲି । ଏମିତି ରେ ରାତି ପାହି ସକାଳ ହେଲା । ସମସ୍ତେ ସେଇ ଅଗଣାରେ ଶବ କୁ ବେଢି ବସିଥାନ୍ତି । ଦିନ ଦଶଟା ପରେ ଜାମିନ୍ ମିଳିଲା ତାଙ୍କ ପୁଅ ଅମର କୁ । ତା'କୁ ନେଇ ଆସିଥିବା ଆମର ଅନ୍ୟ ଭାଇମାନେ ସଙ୍ଗେସଙ୍ଗେ ଶବ ସଂସ୍କାର ର ଯୋଗାଡ କରି ପକାଇଲେ, ସଂସ୍କାର

ISSN NO.
2582-208X

ସରିଗଲା ଭଲରେ ଭଲରେ। ଆମେ ସବୁ ଗାଧୁଆପାଧୁଆ କରି ଘରକୁ ଫେରିଲୁ। ତିକ୍ତଭାତ ରନ୍ଧାବଢା ସାରି ଖିଆପିଆ କଲୁ ।

ସନ୍ଧ୍ୟା ବେଳକୁ ଭୟ ଲାଗୁଥିବା ସତ୍ୱେ ମଧ୍ୟ ନିଦ ମାଡି ଆସୁଥାଏ ଆଖି କୁ। ପିଲାମାନେ ଶୋଇ ଯାଇଥାନ୍ତି, ଆମେ ଯେଉଁମାନେ ବସି ଗପ କରୁଥାଉ ଖଞ୍ଜା ଆଡୁ ଶୁଭିଲା ପାଟି ଗୋଳ। ଆମେ ବାଲ୍କୋନୀ ପଟରୁ ଚାହିଁଲୁ ତଳକୁ, କାଲି ଯେଉଁଠି ଶବଟି ଥୁଆହୋଇଥିଲା ସେଠାକୁ, କାଳେ କିଛି ଅସୁବିଧା ହେଲା କି ବୋଲି। ହେଲେ ସେଠାରେ କେହି ନଥିଲେ, ପାଟି ଗୋଳ ର ଶବ୍ଦ ଆସୁଥିଲା ଖଞ୍ଜା ଭିତରୁ। ଶାଶୁ ଥିଲେ ତଳେ, ସେ ଦୌଡାଧାପଡା କରୁଥିବା ଲୋକଙ୍କ ଭିତରୁ ଜଣକୁ ପଚାରିଲେ କ'ଣ ହୋଇଛି ବୋଲି । ସିଏ ଗୋଟାଏ ଆଚମ୍ବିତ କଥା କହିଲା "ଆମ ରମା ର ଭଉଣୀ ବନିତା ତିନିଦିନ ତଳେ ଆସିଥିଲା, ତା'କୁ ଲାଗିଛି କମଳୀ, ସେଇ ଚିତ୍କାର କରି କାନ୍ଦି କାନ୍ଦି ଖଞ୍ଜା ଫଟଉଛି ।" କାବା ହେଲେ ସମସ୍ତେ। ଏମିତି ବିଚିତ୍ର କଥା ଆଗରୁ କେହି ଶୁଣି ନଥିଲେ, ଆମ ଶାଶୁ ହସିଲେ, କହିଲେ ସେ ବୋଧହୁଏ କମଳୀ ର ଶବ ଦେଖି ଡରି ଯାଇଛି, ସେ ସେଥିପାଇଁ ସେମିତି ହେଉଛି। ତା' ଉପରେ ପାଣି ଢାଳିଦିଅ, ଠିକ୍ ହୋଇଯିବ। କେହି ଜଣେ ଯାଇ ପାଣି ଢାଳି ଦେଲା ତା' ଉପରେ ହେଲେ ତା' ର କାନ୍ଦଣା କମିବା ପରିବର୍ତ୍ତେ ବଢିବାକୁ ଲାଗିଲା । ସେ ଚିତ୍କାର କରି କହିଲା "ମୋ ପୁଅ ଅମର କୁ ଡାକ ତା'କୁ ଦେଖିବାକୁ ଚାହୁଁଛି ମୁଁ ।" ସମସ୍ତେ ପ୍ରଣାଳୀ ଗଣିଲେ, ବନିତା, ଯିଏ ତା' ଜୀବନରେ କେବେ ଅମର କୁ ଦେଖି ନାହିଁ, ସିଏ କେମିତି ଆଉ କାହିଁକି କହୁଛି ଅମର କୁ ଦେଖିବାକୁ? ଖଞ୍ଜା ରେ ଆଉ ଜଣେ ଜେଠେଇଶାଶୁ ହେବେ ସିଏ କହିଲେ, ଅପମୃତ୍ୟୁ ହୋଇଛି କମଳୀ ର । ହୁଏତ ତା'ର ଆତ୍ମା ଛଟପଟ ହେଉଛି ତା' ପୁଅ କୁ ଦେଖିବାକୁ, ସେଥିପାଇଁ ସେ ବନିତା ର ଶରୀର ରେ ପ୍ରବେଶ କରିଛି। ତା'କୁ ତା'ର ପୁଅକୁ ଦେଖାଇଦିଅ, ସେ ଚାଲି ଯିବ । ବହୁତ ବିଚାର ବିମର୍ଶ ପରେ ଅମର କୁ ଅଣାଗଲା ସେଠାକୁ। ବନିତା'ର ସାମନାରେ ଠିଆ କରେଇ ଦେବା ମାତ୍ରକେ ମୁଣ୍ଡରେ ଓଢଣା ପକେଇ ଘରର ଗୋଟିଏ କୋଣରେ ବସିଥିବା ବନିତା ଧାଇଁ ଆସି କୁଣ୍ଢେଇ ପକେଇଲା ଅମରକୁ, "ମୋ ପୁଅଲୋ" କହି କାନ୍ଦି କାନ୍ଦି ଲୋଟିଗଲା, କହିଲା "ତତେ ଅନେଇଁ ଥିଲି ରେ ବାପା! ତୁ ତ ଅମଣିଷ ହେଲୁ, ବାପାଙ୍କ ପରେ ତୁ ମୋର ଆଶ୍ରା ହୋଇଥାନ୍ତୁ, ମତେ ନିରାଶ୍ରୟ କରି ତୁ ଜେଲ୍ ଗଲୁ। ତୋ ଖୁଡୀ ଜୟନ୍ତୀ ମତେ ନେଇଗଲା ତା' ସାଥିରେ ତା'ଙ୍କ ଘରକୁ । ସେଇଠି ଥିବା ବେଳେ ସେମାନଙ୍କ ସଞ୍ଚିତ ଅର୍ଥରୁ ଅଠର

ISSN NO.
2582-208X

ହଜାର ଟଙ୍କା ମୁଁ ଲୋଭର ବଶବର୍ତ୍ତୀ ହୋଇ ଚୋରି କଲି । ସେମାନେ ଖୋଜାଖୋଜି କରିବା ପରେ ମତେ ଚୋର ବୋଲି ଜାଣି ଧରିଲେ ।

କିଛି ଟଙ୍କା ମୁଁ ତୋ ମାମୁଁ କୁ ଦେଇଥିଲି, ତତେ ଜେଲ୍ ରୁ ମୁକୁଳେଇବା ପାଇଁ, ଆଉ କିଛି ଗାତ ଖୋଳି ଲୁଚାଇ ରଖିଥିଲି ଦୁଇଟି ଅଲଗା ଅଲଗା ଜାଗାରେ ସମୟ ସୁବିଧା ଦେଖି ବାହାର କରିବି ବୋଲି। ଖୁଡୀ ର ବଡ ପୁଅ ବାଙ୍କ ମତେ ଖୁବ୍ ମାଡ ମାରି ସେଇ ଟଙ୍କା କଥା ପଚାରିଲା, ମାଡ ଖାଇ ଖାଇ ହାଲିଆ ହୋଇ ମୁଁ ଦୋଷ ସ୍ୱୀକାର କରି ସବୁ କଥା କହିଲି ତା'କୁ। ସେ ଯାଇ ସେଇ ଜାଗା ସବୁ ଖୋଜାଖୋଜି କରିବା ପରେ ଗୋଟିଏ ଜାଗାରୁ ଟଙ୍କା ମିଳିଲା ହେଲେ ଆଉ ଗୋଟିଏ ଜାଗା ଖୋଳି କିଏ ନେଇ ଯାଇଥିଲା ଟଙ୍କା ସବୁ । ମୁଁ ଆଉ ଟଙ୍କା କୋଉଠି ରଖିଛି ବୋଲି ସିଏ ପଚାରି ପଚାରି ମତେ ଖୁବ୍ ମାଡଦେଲା । ଶେଷରେ ତା' ଗାମୁଛା ରେ ବାନ୍ଧି ମୋ ତଣ୍ଟି ଚିପି ମାରିଦେଲା । ମୁଁ ମରିଯାଇଛି ଜାଣି ତା' ମାଆକୁ ଡାକି ଆଣିଲା, ସେମାନେ ସମସ୍ତେ ମିଶି ମତେ ଛାତରୁ ଝୁଲୁଥିବା ପଙ୍ଖାରେ ବାନ୍ଧି ଦେଇ ଘରଦ୍ୱାର ସଜଡା ସଜଡି କରି ଖବର ପଠେଇଲେ ଆମ ଭାଇଆ ମାନଙ୍କ ପାଖକୁ । ସତ କହୁଛି ରେ ପୁଅ, ମୋ ପାଖରେ ଆଉ ମୋଟେ ଟଙ୍କା ନଥିଲା, ସେ ଯେତେ ମାରିଥିଲେ ମୁଁ କୁଆଡୁ ଆଣି ଦେଇଥାନ୍ତି ତା'କୁ । ତୁ ଖୁଡୀ କୁ ବୁଝେଇ ଦେବୁ, ମୁଁ ଅଭାବ ରେ ପଡି ଭୁଲ୍ କରିଛି । ତତେ ମୁକୁଳେଇବା ପାଇଁ ମୋ ପାଖରେ ପଇସା ନଥିଲା, ସେଥିପାଇଁ ଲୋଭରେ ବଶବର୍ତ୍ତୀ ହୋଇ ଚୋରି କରିଛି । ମତେ କ୍ଷମା କରିଦେବ । ତତେ ମୋ ରାଣ, ମୋ ବାପା ଟା ପରା, ତୁ ସୁଧୁରି ଯା' । ଭଲ ମଣିଷ ଟିଏ ହେଇ ଘରସଂସାର କରି ରହ। ମୋ ପାପ ର ଦଣ୍ଡ ମୁଁ ଭୋଗିଛି, ଏଥିପାଇଁ କାହାରିକୁ ଦୋଷ ଦେଉନାହିଁ"। ଏତିକି କହି ବେହୋସ୍ ହୋଇ ପଡିଗଲା ବନିତା । ତା' ଚାରି ପଟେ ଜମା ହୋଇ ସମସ୍ତେ ସ୍ତମ୍ଭୀଭୂତ ହୋଇ ଶୁଣୁଥିଲେ ତା'ର କଥା । ଅମର କାନ୍ଦୁଥିବା ତଳକୁ ମୁହଁ ପୋତି । କିଛି ଲୋକ ବନିତା ର ମୁହଁ କୁ ପାଣି ଛାଟି ସାଷ୍ଟମ କରିବାକୁ ଲାଗି ପଡିଥିଲେ । ତା' ର ଚେତା ଫେରିଲା ଅନେକ ସମୟ ପରେ, ଖୁବ୍ ଦୁର୍ବଳ ଜଣା ପଡୁଥିଲା ସେ। କରି ଯାଇଥିଲା ବୋଧହୁଏ । ପୁଣି ଆଖି ବନ୍ଦ କରି ଶୋଇ ପଡିଲା। ତା'ପର ଦିନ ସକାଳୁ ଉଠି ସାଧାରଣ ଭାବରେ ସବୁ କାମ କରୁଥିଲା । ତା'କୁ ଗତରାତିରେ ଘଟିଥିବା ଘଟଣା ବିଷୟରେ ପଚରା ଉଚୁରା କରିଥିଲେ ସମସ୍ତେ ହେଲେ ସେ ସେମିତି କିଛି ଘଟଣା ବିଷୟରେ ସେ ଜାଣି ନାହିଁ ବୋଲି କହୁଥିଲା । ତୁରନ୍ତ ତା'କୁ ତା'ର ନିଜ ଘରକୁ ପଠାଇ ଦେଇଥିଲେ ଆମ ଘର

ISSN NO.
2582-208X

ଲୋକେ । ଶୁଣିଥିଲି ସେଠାରେ କେଉଁ ଗୋଟିଏ ବଡ ଗୁଣିଆ ଡାକି ବନିତାଙ୍କ ର ଦେହ କୁ କିଳେଇ ଥିଲେ ସେମାନେ, ଯେମିତି କି କମଳୀ ଅପା ର ଭୂତ ଆଉ ତା' ଦେହ ରେ ପ୍ରବେଶ କରି ନପାରିବ।

କମଳୀ ଅପା ର ସାନ ଯାଆ ଆଉ ତାଙ୍କ ପିଲାମାନଙ୍କୁ ଡକାଇ ଆଲୋଚନା କରିଥିଲେ ଆମ କୁଟୁମ୍ବ ର ଲୋକମାନେ । ବହୁତ କଷ୍ଟ ରେ ଟଙ୍କା ଚୋରି କଥା ଟି ମାନିଥିଲେ ସେମାନେ କିନ୍ତୁ କମଳୀ ଅପା କୁ ମାରିବା କଥା କେହି ମାନି ନଥିଲେ। କୌଣସି ପ୍ରମାଣ ବି ନଥିଲା ସେମାନଙ୍କ ବିପକ୍ଷରେ । ତେଣୁ ଘଟଣା ଟିକୁ ସାଧାରଣ ଆତ୍ମହତ୍ୟା ବୋଲି ଧରି ନେଇ କେଶ୍ ଫାଇଲ୍ ବନ୍ଦ କରି ଦେଇଥିଲା ପୋଲିସ୍ । ଧୀରେ ଧୀରେ ସବୁ ସାମାନ୍ୟ ହୋଇ ଯାଇଥିଲା । କମଳୀ ଅପା ର ଶୁଦ୍ଧି କ୍ରିୟା ର ଦାୟିତ୍ୱ ତା'ର ସବୁଠୁ ବଡ ଦେଢଶୁର କରାଇଥିଲେ ଯଥାରୀତି ।

ମୋର କିନ୍ତୁ ସେଇ ଘଟଣା ଆଜି ଯାଏଁ ମନରେ ସଂଶୟ ଭିତରେ ଅଛି। ମୁଁ ଆଜି ଯାଏଁ ବି ବୁଝି ପାରି ନାହିଁ ସେଇ ଘଟଣା ଟିକୁ । ବନିତା, ଗୋଟିଏ ସତର ଅଠର ବର୍ଷ ର ଝିଅ, ସିଏ ପ୍ରଥମଥର ପାଇଁ ଆସିଥିଲା ତା'ର ମାଉସୀ ଝିଅ ଭଉଣୀ ଘରକୁ, ସିଏ ଜୀବନରେ କେବେ ବି କମଳୀ ଅପା କି ତା'ର ପୁଅ, ତା'ର ଯାଆ ଏବଂ ତାଆରି ପୁଅ ମାନଙ୍କୁ ଦେଖି ନଥିଲା, ସେ ଏତେ କଥା ଜାଣିଲା କେମିତି ? ଆହୁରି ପୁଣି ସେଠାରେ ଅନେକ ଲୋକଙ୍କ ମଧ୍ୟରେ କମଳୀ ଅପାର ପୁଅ କୁ ଚିହ୍ନିଲା କେମିତି ? ସବୁବେଳେ ସାଲୱାର ପଞ୍ଜାବୀ ପିନ୍ଧି ଓଢଣୀ ଟା ବେକରେ ଝୁଲାଇ ବୁଲିବା ଝିଅ ଟା ହାତେ ଓଢଣା ଦେଇ କବାଟ କଣରେ ବସି କାନ୍ଦୁଥିଲା କାହିଁକି ? ସେ ସବୁ ଆଜି ଯାଏଁ ବି ପ୍ରଶ୍ନବାଚୀ ହୋଇ ରହିଛି ମୋ ମନରେ।

ନୂଆବଜାର, କଟକ
Mob-9337272647

ISSN NO.
2582-208X

# ସନ୍ଥ ଚନ୍ଦ୍ରମଣି



ଶୁଭେନ୍ଦୁ ମେହେର

ସଂସ୍କୃତି ସମ୍ପନ୍ନ ବଉଦ ଜିଲ୍ଲାର
ଫିରିଙ୍ଗିଆ ଗ୍ରାମ ଠାରେ
କୁଆଁ କୁଆଁ ରବ ମୁଖରିତ ହେଲା
ଭୁବନ ଦ୍ୱିଜଙ୍କ ଘରେ ।

ଭୁବନ ଦ୍ୱିଜ ଯେ ଥିଲେ ଯଜୁର୍ବେଦୀ
ଦରିଦ୍ର ବ୍ରାହ୍ମଣ ଜଣେ
ପିତାମହ ତାଙ୍କ ଦୁର୍ଲ୍ଲଭ ଦ୍ୱିଜ ଯେ
ଥିଲେ ଅଭାବ କଷଣେ ।

ବ୍ରତ ବିଭାଘର ପୂଜା କର୍ମକାଣ୍ଡ
ତାଙ୍କର ଜୀବିକା ଥିଲା
ଭିକ୍ଷା ବୃତ୍ତି ବଳେ ପରିବାର ଚଳେ
ଜେମାଦେଇ ପୁରେ ଭଲା ।

ଘୁମୁସର ରାଜ୍ୟେ ପଡିଲା ଦୁର୍ଭିକ୍ଷ
ଅତି ଭୟାବହ ହୋଇ
ଚନ୍ଦ୍ରମଣି ପିତା ଅଭାବ କଷଣେ
ଶରୀର ଛାଡିଲେ ତହିଁ ।

ଅବୋଧ ବାଳକ ଚନ୍ଦ୍ରମଣି ସାଥେ
ଜନନୀ କୋମଳ ମତି
ସ୍ୱର୍ଣ୍ଣପୁର ରାଜ୍ୟେ ବାଗବର ଗ୍ରାମେ
ପିତ୍ରାଳୟେ ଉପସ୍ଥିତି ।

ପୂର୍ବ ଶିକ୍ଷା ବଳେ ମାତୁଳାଳୟରେ
ଆସ୍ତେ ଆସ୍ତେ ଚନ୍ଦ୍ରମଣି
ଗୀତା ଭାଗବତ ପୁରାଣ ଶାସ୍ତ୍ରାଦି
ପଠନ କରନ୍ତ ପୁଣି ।

ISSN NO.
2582-208X

ପୂଜା ପଦ୍ଧତି ଓ କର୍ମକାଣ୍ଡ ମଧ୍ୟ
ଶିକ୍ଷା କରୁଥିଲେ ତହିଁ
ବାର ବର୍ଷ ଯେବେ ହୋଇଲା ପୂରଣ
ମାତୃହରା ଗଲେ ହୋଇ ।

ନିଃସହାୟ ଭାବେ ମାମୁଁ ଘରେ ରହି
ଦିନ କାଟି ନ ପାରିଲେ
ଏମନ୍ତ ସମୟେ ସାଧୁ ଜଣେ ଆସି
ତହିଁ ଉପଗତ ହେଲେ ।

ସାଧୁଙ୍କ ବଚନେ ଯିବେ ବୃନ୍ଦାବନେ
ମନସ୍ଥ କରିଲେ ପୁଣ
ବୃନ୍ଦାବନ ଯାଇ ବୈଷ୍ଣବ ଧର୍ମରେ
ଦୀକ୍ଷିତ ହୋଇଲେ ଜାଣ ।

ବ୍ରଜବନ୍ଧୁ ଦାସ ମନ୍ତ୍ର ଦେଲେ ଯେଣୁ
ଚନ୍ଦ୍ରମଣି ହର୍ଷ ହେଲେ
ସୁଧାସାର ମଧ୍ୟେ ବ୍ରଜଦାସ କହି
ଚନ୍ଦ୍ରମଣି ଲେଖିଗଲେ ।

ତହୁଁ ଚନ୍ଦ୍ରମଣି ଗୁରୁଙ୍କ ନିର୍ଦ୍ଦେଶେ
ପୁରୁଷୋତ୍ତମେ ଆସିଲେ
ସେ ଲାଗି କେଜାଣି ଜଗନ୍ନାଥ ଆସି
ଗୋପାଳି ଗ୍ରାମେ ରହିଲେ ।

ପୁରୀ ଧାମେ ଯେବେ ରହିଲେ ସାଧକ
ବଦଳିଲା ଚିନ୍ତାଧାରା
ଶୂନ୍ୟ ବ୍ରହ୍ମବାଦ ପିଣ୍ଡ ଓ ବ୍ରହ୍ମାଣ୍ଡ
ନିରାକାର ତତ୍ତ୍ୱ ସାରା ।

ଏମନ୍ତ ସମୟେ ମାମୁଁଘର ଗ୍ରାମେ
ବାଗବର ଠାରେ ମନ
ତ୍ୱରିତେ ଫେରିଣ ବାଗବର ମଠେ
ସାଧନାରେ ହେଲେ ମଗ୍ନ ।

ଜୀବନ କାଳରେ ଅଧିକାଂଶ ଗ୍ରନ୍ଥ
ସେହିଠାରେ ଛନ୍ତି ଲେଖି
ନାରଦ ଗୀତା ଓ କୃଷ୍ଣ ସୁଧାମୃତେ
ବିଭୁକୃପା ଥିଲେ ଚାଖି ।

କିଛି କାଳ ଅନ୍ତେ ଉଲୁଣ୍ଡା ଅଞ୍ଚଳେ
ବାରିଗାଁ ମଠେ ପ୍ରେବେଶ
ଯହିଁ ଜଗନ୍ନାଥ ତହିଁ କୁ ଯାଆନ୍ତି
ସନ୍ଥ ଚନ୍ଦ୍ରମଣି ଦାସ ।

ଶିଷ୍ୟଙ୍କ ଗହଣେ ସାଧନାର ତୀରେ
ମଗ୍ନ ମନୋରଥ ସାଧୁ
ସନ୍ଥ ଚନ୍ଦ୍ରମଣି ସ୍ମୃତି ସମାରୋହ
ଏବେ ବି ଝରୁଛି ମଧୁ ।

ISSN NO.
2582-208X

ତହିଁ କିଛିକାଳ ବିତି ଗଲା ଯେଣୁ
ଆସନ୍ତି ଗୋପାଳ ଗ୍ରାମେ
ପାତାଳ ତ୍ରିକୁଟେ ସାଧନା କରନ୍ତି
ପ୍ରବେଶିଣ ମନ ଜାନେ ।

ଅମୃତମୟ ସେ ସୁଧାସାର ଗୀତା
ଏହିଠାରେ ଲେଖିଗଲେ
ସ୍ୱୟଂ ଜଗନ୍ନାଥ ଊନେଶ୍ୱତ ବର୍ଷ
ଏହିଠାରେ ରହିଥିଲେ ।

ସାଧନାରେ ସିଦ୍ଧ ଯୋଗୀ ଚନ୍ଦ୍ରମଣି
ବାଘପାଲି ଗ୍ରାମେ ରହି
ତ୍ରିକୁଟ ପର୍ବତେ ସାଧନା କରନ୍ତି
ଶିଷ୍ୟଙ୍କୁ ସଙ୍ଗତେ ନେଇ ।

କାୟା ବଦଳାଇ ମୃତକ ଶରୀରେ
ନିଜେ କରନ୍ତି ପ୍ରବେଶ
ଦେଖିଛନ୍ତି ଶିଷ୍ୟ କହେ ଇତିହାସ
ସାମାନ୍ୟ ନୁହେଁ ଅବଶ୍ୟ ।

ପୂର୍ଣ୍ଣ ଜଳାଶୟେ ନିଜସ୍ୱ ପାଦରେ
ଗ୍ଭଲି ଯାଆନ୍ତି ସେ ସନ୍ଥ
ଅମୃତ ସନ୍ଧାନୀ ଅଲୌକିକ ଲୀଳା
ଦେଖିଛନ୍ତି ବହୁ ଭକ୍ତ ।

ମନ ଜାନେ ଯାଇ ତ୍ରିକୁଟ ଶୀର୍ଷରେ
ନିତି ଯୋଗଧ୍ୟାନ କରି
ପୁନଶ୍ଚ ମଠକୁ ଫେରି ଆସନ୍ତି ସେ
ମହାଜ୍ଞାନୀ ତପସ୍ୱୀରୀ ।

ପୁନଶ୍ଚ ଏଠାରେ ନିଜସ୍ୱ ଇଚ୍ଛାରେ
ହୋଇଛନ୍ତି ସମାଧିସ୍ଥ
ଦେହତ୍ୟାଗ ପୂର୍ବେ ନିଜର ଶିଷ୍ୟଙ୍କୁ
ଏହା କହିଛନ୍ତି ସନ୍ଥ ।

ଅନ୍ତିମ ସମୟ ଆସିଗଲେ ମୋର
ସୂଚନା ଦେବି ଯେ ମୁହିଁ
ଯଥା ରୀତିରେ ମୋ ସମାଧି କରିଣ
ମୋତେ ଦେବ ଘୋଡ଼ିଆଇ ।

ISSN NO.
2582-208X

ସମାଧିସ୍ଥ ହେଲେ ସନ୍ଥ ଶିରୋମଣି
ବାଘପାଲି ହେଲା ଧନ୍ୟ
ସେ ଦିନୁ ସେଠାରେ ବାବାଙ୍କ ମହିମା
କରୁଛନ୍ତି ଗୁଣଗାନ ।

ସେ ପବିତ୍ର ମାଟି ବାଘପାଲି ଗ୍ରାମ
ଧନ୍ୟ ହୋଇଲା ସେ ଦିନ
ଦୂରରୁ ଥାଇ ମୁଁ ପ୍ରଣାମ ଜଣାଏ
ସେ ପୁଣ୍ୟ ମାଟିକୁ ପୁଣ ।

ଯେଉଁଠାରେ ମୋର କାଳିଆ ଠାକୁର
ରହିବାକୁ ଇଚ୍ଛାକରେ
ସାଧୁ ଚନ୍ଦ୍ରମଣି ସମାଧି ମନ୍ଦିର
ଧନ୍ୟ ହୋଇଗଲା ବାରେ ।

ସର୍ବଗୁଣେ ଯିଏ ଥିଲେ ପରିବ୍ୟାପ୍ତ
ତାଙ୍କୁ ମୁଁ ବର୍ଣ୍ଣିବି କିଶ
ସର୍ବଧର୍ମ ପ୍ରତି ଯାର ବଇରାଗ
ସେ ନୁହେଁ କ୍ଷୁଦ୍ର ମଣିଷ ।

ସନ୍ଥ ଶିରୋମଣି କବି ଚନ୍ଦ୍ରମଣି
ଦୟା ରଖିଥିବ ବାରେ
ହୀନ ଅକୀଞ୍ଚନ କରୁଛି ବର୍ଣ୍ଣନା
ଯାହା ଆସିଲା ମନରେ ।

ଯାଲ୍ଗେଏ, ସୁବର୍ଣ୍ଣପୁର

ISSN NO.
2582-208X



# ଆରେ ବାଇମନ



ଜିତେନ୍ଦ୍ର ନନ୍ଦ (ବାପୁ)

କାହିଁକ ବାୟାଣୀ ହୋଇ
ଗ୍ଲଲିଛୁ ବଡିମା ଦେଖାଇ
ଭୂଲି ଯାଅନାହିଁ ସ୍ୱରୂପ
ତୋହର କେଉଁଠି ଲୁଚଛି ଯାଇ ।୧।
ସୁନ୍ଦର ଚେହେରା ସୁନ୍ଦର ସ୍ଥିତି
ତାଠାରୁ ବହୁତ ସୁନ୍ଦର ପ୍ରକୃତି
ମିଥ୍ୟା ପ୍ରବଞ୍ଚନା ମିଥ୍ୟା ବଡାଇ
କିପାଇଁ କରୁ ସଂସାରେ ଲଢାଇ ।୨।
କେବେ ଥରେ ବସି ଏକା ବାଇମନ
ବୁଝାଇ ଦେ ଏ ମନ ସଇତାନ
ନୁହେଁ କିଛି ନୁହେଁ, ନୁହେଁ
ଯାହା ଆଣିଥିବୁ ଆକାଶ ତା ଛୁଏଁ
ଛୋଟ ପିଲା ଠାରୁ ଦିନେ ବଢି ବଢି
କିଶୋରରେ ଯିବୁ ଆଗକୁ ତୁ ମାଡି
ବିଶ୍ୱର ନିୟମ ବଢିଲେ ଛିଣ୍ଡିବୁ
ଦିନେ ହେବୁ ବୁଢା ବୁଢୀ ।
କିଛି ନଥିବ ତୋ ଆୟତରେ

ISSN NO.
2582-208X

ମନ ପବନକୁ ଧରିବା ଆଶାରେ
ଜୀବ ଗ୍ଭଲିଯିବ ଉଡିଉଡି ସିନା
ଧରି ନ ପାରି ତୁ ହୋଇଯିବୁ ବାନା ।
ପାଞ୍ଚମନ ପଗ୍ଭଶ ପ୍ରକୃତ୍ତି
ସବୁ ଯିବ ଗ୍ଭଲି ନିଜ ନିଜ ସ୍ଥିତି
କାୟାଟି ପଡିବ ଜୀବ ତା ଖାଇବ
କେହି ନ ଆସିବେ ପାଖକୁ ମାଡି
ଏଇତ ସଂସାରର ନିତି ବାଇମନ
ନ ଯାଆରେ ତାର କତି ।
ଯିଏ ପଠାଇଛି ତା ନାମକୁ ସ୍ମର
ଯେଉଁଠୁ ଆସିଛୁ ଖୋଜ ସେହି ଦ୍ୱାର
ଏଇ ହେଉଛି ଏ ଶେଷ ପରିଣତି
ଗୋଡାଇ ବାଡେଇ ହେଉଛୁ କାହିଁକି ।

ପ୍ରାକ୍ତନ ଛାତ୍ର
ସୃଷ୍ଟି ଏକାଡେମୀ ଆଫ ମ୍ୟାନେଜମେଣ୍ଟ
ଭୁବନେଶ୍ୱର

ISSN NO.
2582-208X

# ସ୍ୱାଧୀନତାର ଅମୃତ ମହୋତ୍ସବ



ସୁନୀଲ କୁମାର ଅଗସ୍ତି

ସ୍ୱାଧୀନ' ଓ 'ସ୍ୱାଧୀନତା' ଏ' ଦୁଇ ଶବ୍ଦର
ସଂଜ୍ଞା ନିରୂପଣ କରିବାର ଜିଜ୍ଞାସା,
'ମାନବ' ଓ 'ମାନବତା' ଏ ଦୁଇ ଶବ୍ଦର
ଗୁଢ଼ ରହସ୍ୟ ଭେଦ କରିବା ଆରମ୍ଭ
କରିବା ପରେ ପରେ ଓ ତା' ପରେ,
ପୁଣି 'ଜନମ' ଓ 'ଜନ୍ମଭୂମି' ର ସତ୍ତା କୁ
ଉପଲବ୍ଧି କରିବାର୍ ଅଧିକାର ମୋତେ
କିଏ ଦେଇଦେଲା ଯେ ?
ସର୍ବଧର୍ମ ଅନେକ ଭାଷା ଭାବ ସମନ୍ୱୟର
ନାହିଁ ନ'ଥିବା ମହା ମାନବବାଦ୍ ର
ପରିଚୟ ଏ' ବିଶ୍ୱକୁ ପରସି ମୋ ଜନମଭୂଇଁ
ସତେ ଯେମିତି 'ଅମୃତ' ବର୍ଷା କରୁଛି,
ମୋ ପରିଚୟ "ମୋ ଜନମଭୂଇଁ"
ଏ ପ୍ରତିଜ୍ଞା ପ୍ରତ୍ୟେକ ଭାରତବାସୀଙ୍କ ମୁଖରେ
ଭାବରେ ସତେ'ତ ଫୁଟି ଉଠୁଛି ଆଜିର
ଏ 'ଅମୃତ ମହୋତ୍ସବ' ବେଳାରେ,

ISSN NO.
2582-208X

ତୁମ ପରିଚୟ ଗଙ୍ଗା ଯମୁନା ସରସ୍ୱତୀ ବ୍ରହ୍ମପୁତ୍ର
ହିମାଳୟ ଉଚ୍ଚ ଗିରିଶୃଙ୍ଗ ବିଶାଳ ତୁଷାରରାଶି
ଏ ଶୁଶୋଭିତ ବିଶାଳ ଅରଣ୍ୟ ରାଜି ତ' ଆମ ଗର୍ବ,
ଏକ ସୁ-ନାଗରିକତ୍ୱର ଅଭିମାନ ସ୍ୱାଭିମାନ ସତ୍ କର୍ମ
ବଳରେ ବଳୟାନ ହେବ ତୁମର ପରିଚୟ, ଏ' ତ
ବିନା ଦ୍ୱିଧାର ଗୋଟିଏ ମାତ୍ର ଉତ୍ତର ତମର ସମସ୍ତ ପ୍ରଶ୍ନର
ଆମ ପରିଚୟ "ଆମ ତ୍ରିରଙ୍ଗା'' ଆମ ପରିଚୟ "ଆମ ତ୍ରିରଙ୍ଗା'' ॥

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X


# ସରକାରୀ କର୍ମଚାରୀ : ଇତିକା



ସୁଶ୍ରୀ ସୌଭାଗ୍ୟବତୀ

କିନ୍ତୁ ସାର୍, ଆପଣଙ୍କ ବୁଝିବା ଭୁଲ୍ । ମୁଁ କିଛି ଭୁଲ୍ କରିନି । ମୁଁ CL ଆପ୍ଲିକେସନ୍ ଦେଇକି ଯାଇଛି । ମୋ ମା'ଙ୍କ ଦେହ ବହୁତ ଖରାପ ଥିବାରୁ ତାଙ୍କୁ ଡକ୍ଟର ଦେଖାଇବା ପାଇଁ ମୁଁ ଛୁଟି ନେଇଥିଲି ସାର୍ । କିନ୍ତୁ ମୋ ଆପ୍ଲିକେସନ୍ କୁ ଚିରିଦେଇ ମୁଁ ଆପ୍ଲିକେସନ୍ ନ ଦେଇ ରହି ଯାଉଛି ବୋଲି ଅଭିଯୋଗ କରାଯାଇଛି ଆପଣଙ୍କ ପାଖରେ । ଆଉ ତା'ର ଏକମାତ୍ର କାରଣ ହେଲା ମୋ ଆଖି ଆଗରେ ହେଉଥିବା ଅନ୍ୟାୟ କି ଦୁର୍ନୀତିର ସାଥ୍ ଦେଇପାରୁନି ମୁଁ । ଏଠି ଖୋଲାଖୋଲି ଭାବେ ଦୁର୍ନୀତି କରିବାକୁ ବାଧ୍ୟ କରାଯାଉଛି । ମୁହଁ ଖୋଲିଲେ ଦିଆଯାଉଛି ମାନସିକ ନିର୍ଯାତନା । ଉପର ସ୍ତରରୁ ନେଇ ତଳସ୍ତର ଯାଏ ସବୁ ଅଫିସର୍ ଙ୍କ ପାଖରେ ମୋ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରାଯାଉଛି । ତେଣୁ କିଛି ଉପରିସ୍ଥ ଅଫିସର୍ ମାନଙ୍କ ଆକ୍ରୋଶର ଶୀକାର ହେବାକୁ ପଡୁଛି ମତେ । ସହିବାର ବି ଗୋଟେ ସୀମା ଥାଏ । କେତେ ଆଉ ସହିବି ସାର୍ । କଇଁକଇଁ ହୋଇ କାନ୍ଦି ପକାଇଥିଲା ଇତିକା ।

ଅଫିସର୍ -

ବୁଝିଲ । ତମ ୟୁଥ୍ ମାନଙ୍କର ସମସ୍ୟାଟା ହିଁ ଏୟା । ତମେ କେବଳ ଚାହିଁବ ଦେଶ ଗଢ଼ିବାକୁ । ନ୍ୟାୟ କରିବାକୁ । ସାମୁହିକ ସ୍ୱାର୍ଥ ଦେଖିବାକୁ । କିନ୍ତୁ ସେସବୁ କ'ଣ ସମ୍ଭବ? ତମେ ମତେ କ'ଣ ବୁଝଉଛ । ଏଠି ଯାହା ସବୁ ହେଉଛି ମୁଁ ସବୁ ଜାଣେ । ସବୁ ଜାଣିଛି ବୋଲି ତ ମୁଁ ତମକୁ କହୁଛି ସମୟ ଥାଉଥାଉ ନିଜକୁ ସୁଧାର । ଆମ ସାଇଡ୍ ଟା ହେଲା ଅନୁନ୍ନତ ଏରିଆ । ଏପଟେ ସରକାରୀ ଅଫିସ୍ ରେ ଏମିତି ଦୁର୍ନୀତି ଚାଲେ । ତମେ

ISSN NO.
2582-208X

ଏସବୁ ମାନିନିଅ । ଆଉ ଯଦି ଏସବୁ ଆଖି ଆଗରେ ଦେଖିପାରୁନ ତାହେଲେ କୁହ କେଉଁ ଜାଗାକୁ ଯିବ ? ମୁଁ ତମକୁ ଟ୍ରାନ୍ସଫର୍ କରି ସେଠିକୁ ପଠେଇଦେବି । କିନ୍ତୁ ଅଫିସ୍ ର ପଇସାପତ୍ର ଭଳି ଇଣ୍ଟରନାଲ୍ ମ୍ୟାଟର୍ ରେ ତମେ ମୁଣ୍ଡ ଖେଳାଅନି । ତମେ ଜଣେ ଠିକା କର୍ମଚାରୀ । ରେଗୁଲାର୍ ବି ନହେଇ ପାର ବର୍ଷ ବର୍ଷ ଧରି । ଦରକାର ପଡିଲେ ତମ ଚାକିରୀ ବି ଯାଇପାରେ । ମୁଁ ତମକୁ ଜଣେ ଅଫିସର୍ ନୁହଁ, ଜଣେ ବଡଭାଇ ହିସାବରେ ବୁଝଉଛି । ମାନି ନିଅ ଏସବୁ ।

ଇତିକା -

ମୁଁ ଆପଣଙ୍କୁ ବଡଭାଇ ପରି ସମ୍ମାନ ଦିଏ  ସାର୍ । କିନ୍ତୁ ମୋ ବଡଭାଇ ଏମିତି ଭୁଲ୍ କଥା ମତେ କେବେ ଶିଖେଇ ନାହାନ୍ତି । ମୁଁ ଆପଣଙ୍କ କଥାରେ ରାଜି ନୁହେଁ ସାର୍ । ମାନୁଛି ଏପଟ ସାଇଡ୍ ଟିକେ ଅନୁନ୍ନତ । କିନ୍ତୁ ଆମେ ଚାହିଁଲେ ଏଠି ଉନ୍ନତି ହେଇପାରିବ । ସରକାର ଏପଟ ଏରିଆ ପାଇଁ ବହୁତ ପଇସା ଖର୍ଚ୍ଚ କରୁଛନ୍ତି । ସରକାରୀ ଅନୁଦାନ ଗୁଡିକ ଯଦି ବ୍ୟକ୍ତିଗତ ଭାବେ କାହାର ପକେଟ୍ କୁ ନଯାଇ କାମରେ ଲାଗନ୍ତା ତାହାଲେ ଏପଟ ବି କଟକ ଭୁବନେଶ୍ୱର ଭଳି ଉନ୍ନତ ଜାଗା ହେଇ ଯାଆନ୍ତା । ମତେ ଟ୍ରାନ୍ସଫର୍ କରି ଅଲଗା ଯାଗାକୁ ପଠେଇ ଦିଆଯାଉ କି ମୋ ଚାକିରୀ ଚାଲିଯାଉ ପଛେ କିନ୍ତୁ ମୁଁ ଅନ୍ୟାୟ କରିବିନି ।

ଅଫିସର୍-

ଯଦି ତମର ଏତେ ଜିଦ୍  ତାହାଲେ ମୁଁ ମୋ ଲେଭେଲ୍ ରେ ରହି କ'ଣ କରି ପାରୁଛି ତମେ ଦେଖ । ବହୁତ ମହଙ୍ଗା ପଡିବ ତମକୁ ତମର ଏଇ ସଚ୍ଚୋଟପଣିଆ ।

ମିଟିଙ୍ଗ୍ ଭିତରେ ଏମିତି କିଛି ବାର୍ତ୍ତାଳାପ ଚାଲିଥିଲା । ଏହାକୁ ମୁକ ଭଳି ଦେଖୁଥିଲେ ଇତିକାର ଅନ୍ୟ କେତେ ଜଣ ସହକର୍ମୀ  । ଜଣେ ଅଫିସର୍ ମିଟିଙ୍ଗ୍ ରେ ବସି ଗୋଟେ ଝିଅକୁ ଏମିତି ଚାର୍ଜ୍ କରିବାଟା ନା ସେମାନେ ସହି ପାରୁଥିଲେ ନା କିଛି କହି ପାରୁଥିଲେ । ଆଜି ପ୍ରତିବାଦ କଲେ କାଲି ସେମାନଙ୍କର ଅବସ୍ଥା ବି ଇତିକା ଭଳି ହେବ । ମିଳୁଥିବା ସବୁ ଉପୁରି ଆଉ ସୁବିଧାସୁଯୋଗ ହାତଛଡା ହେଇଯିବ । ଏଇ ଭୟ ସେମାନଙ୍କୁ ଚୁପ୍ ରହିବାକୁ ବାଧ୍ୟ କରୁଥିଲା ।

ISSN NO.
2582-208X

ମିଟିଙ୍ଗ୍ ଭିତରେ ଏବେ ନୀରବତା । କାଠ ହେଇ ଯାଉଥିଲା ଇତିକା । କ'ଣ କରିବ କିଛି ଭାବି ପାରୁ ନଥିଲା । ଅଫିସର୍ ଙ୍କ କଥାଗୁଡିକ ତା'ର କର୍ଣ୍ଣପଟଳରେ ଢାଏଁଢାଏଁ ବାଜି ଉଠୁଥିଲା । ସେ ବୁଝି ପାରୁ ନଥିଲା ଯେ ଗୋଟେ ସରକାରୀ ଅଫିସ୍ ର ଇଣ୍ଟରନାଲ୍ ମ୍ୟାଟର୍ ପୁଣି କ'ଣ ? କେଉଁ ପ୍ରକାର ଇଣ୍ଟରନାଲ୍ ? ସରକାରୀ ଅଫିସ୍ ଟା କ'ଣ କାହାର ବ୍ୟକ୍ତିଗତ ସମ୍ପତ୍ତି ? ଅନ୍ୟାୟକୁ ରୋକିବା ପାଇଁ ଚେଷ୍ଟା କରିବା ବଦଳରେ ଅଫିସର୍ ଜଣକ କହୁଛନ୍ତି ଯଦି ଅନ୍ୟାୟ ସହିପାରୁନ ତାହାଲେ ଏଠୁ ଟ୍ରାନ୍ସଫର୍ କରି ଅନ୍ୟ ଜାଗାକୁ ପଳାଅ। ଆରେ ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ । ମୁଁ ଯେ କୌଣସି ଅଫିସ୍ କୁ ଗଲେ ବି ସେ ସଚ୍ଚୋଟ ଭାବରେ କାମ କରିବି । ଆଉ ଟ୍ରାନ୍ସଫର୍ ହେଇ ଯାଇ ଲାଭ କ'ଣ ? ଏକଥା କ'ଣ ଅଫିସର୍ ଜଣକ ଜାଣି ପାରୁନାହାଁନ୍ତି ? ନିଜ ମନ ଭିତରର ଏମିତି ପ୍ରଶ୍ନବାଣରେ ସେ ନିଜେ ଘାଇଲା ହେଉଥିଲା । କେତେ ଆଶା ରଖିଥିଲା ସେ । ଭାବିଥିଲା ନୂଆ କରି ଯୋଗ ଦେଇଥିବା ଅଫିସର୍ ଜଣକ ସଚ୍ଚୋଟ । ସେ ତା କଥା ନିଶ୍ଚୟ ବୁଝିବେ । ସତ୍ ଆଉ ନ୍ୟାୟର ସାଥ୍ ଦେବେ । କିନ୍ତୁ ତା'ର ଭାବନା ତ ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହେଲା । ଏବେ ସେ କ'ଣ କରିବ ! ଚାକିରୀ କରିବ ନା ଚାକିରୀ ଛାଡି ଘରକୁ ଚାଲିଯିବ । କିନ୍ତୁ କେମିତି ଚାକିରୀ ଛାଡି ଚାଲିଯିବ ? ଘରେ ବୁଢା ବାପାମା' । ଇତିକା ପାଉଥିବା କେଇଟା ଟଙ୍କାରେ ତ ଗୁଜୁରାଣ ମେଣ୍ଟୁଛି ତାଙ୍କର ।

ଇତିକା ମିଶ୍ର । ଗରିବ ପରିବାରର ଝିଅ । ନିଜ ଗରିବ ପରିସ୍ଥିତି ସହିତ ବେଶ୍ ସଂଘର୍ଷ କରି ନିଜ କଠୋର ପରିଶ୍ରମ ତଥା ଈଶ୍ୱର ଓ ଗୁରୁଜନମାନଙ୍କ ଆଶୀର୍ବାଦରୁ ସେ ସରକାରୀ ଚାକିରୀ ଖଣ୍ଡେ ପାଇଛି । ଘରଠୁ ୨୨୦ କି.ମି. ଦୂରରେ ପୋଷ୍ଟିଙ୍ଗ୍ ହେଇଥିଲେ ବି ଘରର ପରିସ୍ଥିତିକୁ ଆଖି ଆଗରେ ରଖି ସେ କାର୍ଯ୍ୟରେ ଯୋଗଦାନ କରିଛି । ସେବେଠାରୁ ଦେଖି ଆସିଛି ସିଏ । କେମିତି ସରକାରୀ ଅଫିସ୍ ରେ ସରକାରୀ ଅନୁଦାନକୁ ଲୁଟିବା ପାଇଁ ସିନିୟର୍ ମାନଙ୍କର ଚାଲିଥାଏ ବିଭିନ୍ନ ପ୍ରକାର ଧୂର୍ତ୍ତତା, ଚତୁରତା ଓ ଷଡଯନ୍ତ୍ର । ସରକାରୀ କାମଗୁଡିକ ଖାଲି କାଗଜପତ୍ରରେ ହୁଏ । ମିଛ ବିଲ୍ ବନେଇ ଦିଆହୁଏ । କିନ୍ତୁ କାମ ଶୂନ୍ୟ । ସେଇ ଅନୁଦାନରୁ କିଛି ପାଇବା ପାଇଁ କିଛି ସହକର୍ମୀମାନେ ଉପରିସ୍ଥ ଅଫିସର୍ ଙ୍କ ପାଦତଳେ ନିଜ ଆତ୍ମସମ୍ମାନକୁ ବଳିଦେଇ କାଉକୁ ଧଳା ଆଉ ବଗକୁ କଳା ବୋଲି ଅଫିସର୍ ସହିତ ପାଳି ଧରନ୍ତି । ତା'ର ପ୍ରତିବଦଳରେ

ISSN NO.
2582-208X

ସେମାନଙ୍କୁ ମିଳେ ଅଫିସର୍ ଲୁଟୁଥିବା ଟଙ୍କାର ୧୦ କି ୨୦ ଶତକଡା । କେବଳ ସେତିକି ନହେଁ ଦିନସାରା ଘରେ ଶୋଇ ସଞ୍ଜକୁ ଆସି ଆଟେଣ୍ଡାନ୍ସ୍ ଖାତାରେ ସାଇନ୍ ମାରିବା ଭଳି ସୁବିଧାସୁଯୋଗ । ଇତିକା କିନ୍ତୁ ସେ ସର୍ତ୍ତକୁ ମାନିବାକୁ ଅପ୍ରସ୍ତୁତ ।

କେଇଟା ଟଙ୍କା ନେଇ ଆତ୍ମସମ୍ମାନକୁ ବିକ୍ରୀ କରି ପାରିବନି ସେ । ସେ ଅନ୍ୟାୟ ବିରୁଦ୍ଧରେ ଲଢିବ । ସମାଜର ମଙ୍ଗଳ ପାଇଁ କାମ କରିବ । ସେଥିପାଇଁ ତାକୁ ଯେତେ କଷ୍ଟ ସହିବାକୁ ପଡିଲେ ସେ ସହିବ । ପଛକେ ତା' ଜୀବନ ଚାଲିଯାଉ କିନ୍ତୁ ସେ ଏ ଦୁର୍ନୀତିଖୋର୍ ଅଫିସର୍ ମାନଙ୍କ ସର୍ତ୍ତରେ ଆଦୌ ରାଜି ହେବନି କି ପଛକୁ ବି ହଟିବନି ।  ଆରେ, ଏ ସାରା ଦୁନିଆଟା ଗୋଟେ ନିକିତି ସଦୃଶ । ଆଜିର ସମୟରେ ଅନ୍ୟାୟର ପଲା ଭାରି ଅଛି ସତ କିନ୍ତୁ କିଛି ନ୍ୟାୟବାନ ଲୋକ ଅଛନ୍ତି ବୋଲି ତ ଦୁନିଆଁ ଚାଲିଛି । ଏମିତି କିଛି କଥା କହି ଇତିକା ବୁଝାଇ ଚାଲିଛି ନିଜ ମନକୁ । ନା..ସେ ଚାକିରୀ ଛାଡିବନି । କାରଣ ସରକାରୀ ଅଫିସ ଗୁଡିକୁ ତା' ଭଳି କର୍ମଚାରୀ ମାନଙ୍କର ଆବଶ୍ୟକତା ରହିଛି । ଯୋଉମାନେ ନିଜ ଚାକିରୀକୁ ନୁହେଁ ଦରକାର ପଡିଲେ ନିଜ ଜୀବନକୁ ବାଜି ଲଗେଇ ସାଧାରଣ ଜନତା ପାଇଁ ଲଢିବେ । ସେମାନଙ୍କର ସେବା କରିବେ । ସେମାନଙ୍କୁ ନ୍ୟାୟ ଦେବେ । ସାଧାରଣ ଜନତାଟିଏ ସରକାରୀ ଅଫିସ୍ ରୁ ନିଜ କାମ ସାରି ଫେରିବ ମୁହଁରେ ଚେନାଏ ଶାନ୍ତିର ହସ ଫୁଟାଇ ।

ସମାଜସେବୀ

ISSN NO.
2582-208X

# ଆତ୍ମହତ୍ୟା ନୁହେଁ ଶେଷ ବାଟ



ଅନନ୍ତ କୁମାର

ସଂସାର ଭିତରେ
ଆତ୍ମ ହତ୍ୟା ନୁହଁ ଶେଷ ବାଟ
ଟିକିଏ ଆଘାତେ
ଲିଭେଇବା ଜୀବନର ଦୀପ ।
ଘର କରିଥିଲେ ସଂସାର ଭିତରେ
ଝଡ ଝଞ୍ଜାକୁ ପଡିବ ସହି
ବିପଦେ ଆପଦେ ଡରି ଯାଇ ସଦା
ଆତ୍ମ ହତ୍ୟା କରି ମୂଲ୍ୟ ନାହିଁ ।
ସଂଘର୍ଷ ମୟ ମଣିଷ ଜୀବନ
ଜିତିବା ହାରିବା ଚାଲିଛି ଚାଲିବ
କଣ୍ଟକିତ ଏ ସଂସାରର ପଥ
ଚାଲିବାକୁ ହେବ ସହି ସହି କଷ୍ଟ ।
ମଣିଷ ଜନମ ସହଜ ମିଳେ ନାହିଁ
ଏ ସଂସାର ଭିତରେ
ଅକାଳେ ଜୀବନ ହାରିଦେବା ଆମେ
ଛୋଟ ଛୋଟ କଥାରେ ।
ମନର କୋହକୁ ମନରେ ମାରି
ବଞ୍ଚିବାକୁ ହେବ ସଭିଙ୍କୁ କରି ସାଥି
ଆଖିର ଲୁହକୁ ଆଖିରେ ଚାପି
ସହିବାକୁ ହେବ ଦୁଃଖକୁ ମଥା ପାତି ।

ISSN NO.
2582-208X

ହାରିବାର ଭୟ ଦେଖି ପଛଘୁଞ୍ଚା ଦେବା
ମଣିଷର ଶେଷ ବାଟ ନୁହଁଇ,
ବିପଦକୁ ଦେଖି ଆତ୍ମହତ୍ୟା କରିଦେବା
ମଣିଷ ଜନମର ମୂଲ୍ୟ ନାହିଁ ।
ସଂସାରର ଖାଲ ଢିପ ବାଟରେ
ଝୁଣ୍ଟି ପଡି ଚାଲିବାକୁ ହେବ
ଝଡ ଝଞ୍ଜାର ପୋଖରୀ ଭିତରେ
ଲୁହ ପୋଛି ବଞ୍ଚିବାକୁ ହେବ ।

ତିହିଡି,ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ପଞ୍ଚ ପାପ



ପଣ୍ଡିତ ବିନୟ କୁମାର ମିଶ୍ରଶର୍ମା

ସବୁଠାରୁ ବଡ଼ ପାପ ଏ ଜଗତେ ଅଟେ ମାନସିକ ପାପ,
ପର ଧନ ସ୍ତିରୀ ଦ୍ରବ୍ୟ ଲୋଭ କାମ ଚୌର୍ଯ୍ୟ ବୃତ୍ତି ପରିତାପ ।

ଦ୍ୱିତୀୟ ପାପଟି ବାଚକ ଅଟଇ କଟୁ ଗାଳ ଅପଶବ୍ଦ,
ପ୍ରୟୋଗ କରିବା ଅପରକୁ ଅଟେ ସବୁଠାରୁ ଗରିହିତ ।

ତୃତୀୟ ପାପଟି ଅଟେ ଶାରୀରିକ ଯନ୍ତ୍ରଣା ଅପର ଜନେ,
ଚତୁର୍ଥ ଅଟଇ ପରନିନ୍ଦା ସଦା ପର ଚର୍ଚ୍ଚା ଅକାରଣେ ।

ପଞ୍ଚମ ଅଟଇ କୁସଙ୍ଗ ସଙ୍ଗତ ଗ୍ଲୁଟୁକାର ମଧ୍ୟେ ବାସ,
ଏହି ପଞ୍ଚ ପାପ ମାନବ ଜୀବନେ ଦେଇଥାଏ ନର୍କ ବାସ ।

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା

ISSN NO.
2582-208X

# ଶୃଗାଳ ଓ ଶାର୍ଦ୍ଦୁଳ



ତାରାପ୍ରସାଦ ଜେନା

ଶୃଗାଳ ଶାର୍ଦ୍ଦୁଳ ମୁଖା ପକାଉଛି ଆଡ଼ି
ବୋଲୁଅ ପାହାର ଖାଇ ଯାଉଅଛି ଗଡ଼ି ।

ଶବରେ ଯାହାର ପେଟ ପୂରୁଅଛି ନିତି
ଶିକାର ଜାଣିନି ଭଲା ମନେଅଛି ଭୀତି ।

କ୍ଷୁଧାରେ ମରିବ ଦିନେ ଲେଖାଅଛି ତାର
ଶତ୍ରୁକୁ ଆଚରି ନିଜେ ହେଉଅଛି ଚୋର ।

ଟାଣକୁ ଚୁଗୁଲି ଜଣା ବୋଲୁଅଛି ହିତ
ପାଗଳ ପରିକା ହୋଇ ଖାଉଅଛି ନାତ ।

ତଥାପି ଫୁଟାଣି କେତେ କାଢୁଅଛି ଖାଲି
ଜଗତ ନିନ୍ଦାକୁ ସିଏ ବଢୁଅଛି ଚାଲି ।

ଲାଙ୍ଗୁଡ଼ ଫୁଲାଇ ମିଛେ ଦେଖାଉଛି ଠାଣି
ଶାର୍ଦ୍ଦୁଳ ରଡ଼ିକୁ ଆହା ପିଉଅଛି ପାଣି ।

ISSN NO.
2582-208X



ନିର୍ଲଜ ରସିକ ଭାରି ବୋଲୁଅଛି ଢମ
ମୂଷିକ ଉପରେ ମୂତି ଦେଉଅଛି ନାମ ।

ଶୃଗାଳ ଜନମ ତାର ହେଉଅଛି ବ୍ୟର୍ଥ
କଳହ ମଞ୍ଜିକୁ ବୁଣି ଲୋଡୁଅଛି ସ୍ୱାର୍ଥ ।

ଧରମ ଠାରକୁ ଆଖି ଦେଉଅଛି ମାରି
କରମ ଭୀରୁକୁ ନିଜେ ଲୁଚୁଅଛି ଡରି ।

ଦୁର୍ବଳ ସବଳ ବୋଲି ଘୋଷୁଅଛି ରଥୀ
ଭାବକୁ ଅଭାବ ସିଏ ନାଶୁଅଛି ସାଥୀ ।

ମନ୍ଦର ପାଲକୁ ଯିଏ ଯାଉଅଛି ପଶି
ଗୁଣର ଅଖାକୁ ସିଏ ଧୋଉଅଛି ବସି ।

ଶୃଗାଳ ଦୁଷ୍କାମି କଥା ଖୋଲୁଅଛି ଭେଦ
ଶାର୍ଦ୍ଦୁଳ ରାଜନ ପାଶେ ଧରୁଅଛି ପାଦ !

ଗ୍ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ସୁନଝିଅ ମୀରାବାଇ ଚାନୁ



ରାମ ଚନ୍ଦ୍ର ପ୍ରଧାନ

ଭାରତୀୟ କ୍ରୀଡ଼ା ଜଗତରେ ମୀରାବାଇ ଚାନୁ ଜଣେ ସୁପରିଚିତ ନାମ । ତାଙ୍କ ପୁରା ନାମ ସାଇକୋମ୍ ମୀରାବାଇ ଚାନୁ । ସେ ମଣିପୁରର ଇମ୍ଫାଲ ଠାରୁ 30 କି.ମି ଦୂର ନଙ୍ଗପକ କାକଙ୍ଗରେ 1994 ମସିହା ଅଗଷ୍ଟ 8 ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସାଇକୋମ୍ କୀର୍ତ୍ତି ମେଇତେଇ ଓ ମାତାଙ୍କ ନାମ ସେ ସାଇକୋମ୍ ଅଙ୍ଗବି ତାମ୍ବୀ ଲେଇମା । ଛ' ଭାଇଭଉଣୀ ମଧ୍ୟରେ ସେ ସବା ସାନ ଥିଲେ । ଅଭାବ ଅନାଟନ ଓ ଦାରିଦ୍ର୍ୟ ଭିତରେ ସେ ଦେଖିଥିଲେ ତାଙ୍କ ସଫଳତାର ସୁନେଲି ସ୍ୱପ୍ନ । ପିଲାଟିବେଳୁ ଭାରୋତ୍ତୋଳନ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିଲା । ତାଙ୍କ ବାପା P.W.D ରେ ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ଏବଂ ମା' ଗୋଟେ ଛୋଟିଆ ଦୋକାନ କରି ପରିବାରର ଗୁଜୁରାଣ ମେଣ୍ଟାଉ ଥିଲେ । ଅର୍ଥାଭାବ ହେତୁ ଏମିତି କି ମୀରାବାଇଙ୍କୁ ତାଙ୍କ ଭାଇ ସହ ପାହାଡ଼ରୁ ଜାଳେଣି କାଠ ସଂଗ୍ରହ କରିବାକୁ ପଡୁଥିଲା । ତାଙ୍କୁ 12 ବର୍ଷ ହୋଇଥିଲା ବେଳେ ପରିବାର ଲୋକେ ତାଙ୍କ ସାମର୍ଥ୍ୟ ବିଷୟରେ ଜାଣି ପାରିଥିଲେ । ଯେଉଁ କାଠ ଗୋଛା ପାହାଡ଼ରୁ ତାଙ୍କ ଭାଇ ଆଣିପାରୁ ନ ଥିଲେ, ସେ ଅତି ସହଜରେ ତା'କୁ ଘରକୁ ଆଣୁଥିଲେ । ଭାରୋତ୍ତୋଳନର ନିଶା ତାଙ୍କୁ ଏମିତି ଘାରିଥିଲା ଯେ ସେ ପାହାଡ଼ରୁ ଆଣୁଥିବା କାଠ ଗୋଛା ଟେକ ଦୈନିକ ଅଭ୍ୟାସ କରୁଥିଲେ । ଏମିତିକି ସେ ଲୁହା ଦଣ୍ଡ କିଣି ନ ପାରି ଇଟାରେ ତିଆରି ଦଣ୍ଡରେ ଭାରୋତ୍ତୋଳନ ଅଭ୍ୟାସ କରୁଥିଲେ । ସେ ସମୟରେ ତାଙ୍କ

ISSN NO.
2582-208X

ଗାଁ'ରେ କୌଣସି ଭାରୋତ୍ତୋଳନ ସେଣ୍ଟର ନ ଥିଲା । ତେଣୁ ତାଲିମ ପାଇଁ ତାଙ୍କୁ ଘର ଠାରୁ 44 କ.ମି ଯିବାକୁ ପଡୁଥିଲା । କୋଚ ତାଙ୍କୁ ଦୈନକ କ୍ଷୀର ଓ ଚକେନ୍ ଖାଇବାକୁ ଡ଼ାଏଟ୍ ଚାର୍ଟ ଦେଇଥିଲେ । କନ୍ତୁ ପଇସା ଅଭାବରୁ ସେ ପ୍ରତିଦିନ ଡ଼ାଏଟ୍ ଚାର୍ଟ ପାଳନ କରି ପାରୁ ନଥିଲେ । ତଥାପି ମୀରାବାଇ ଚାନୁ ପ୍ରତିକୂଳ ପରିବେଶରେ ବି ସଫଳତାର ସିଢ଼ି ଚଢ଼ିବା ପାଇଁ ଅହରହ ସ୍ୱପ୍ନ ଦେଖୁଥିଲେ ଏବଂ ଲକ୍ଷ୍ୟ ହାସଲ ପାଇଁ ଆତ୍ମବିଶ୍ୱାସର ସହ ଜୋରସୋର ଅଭ୍ୟାସ ଜାରି ରଖିଥିଲେ ।

ମୀରାବାଇ ଚାନୁ 2011ରେ ସ୍ଥାନୀୟ ଅଂଚଳରେ ଅନୁଷ୍ଠିତ ଭାରୋତ୍ତୋଳନ ପ୍ରତିଯୋଗିତାରେ ପ୍ରଥମ ସ୍ୱର୍ଣ ହାସଲ କରିଥିଲେ, ଯାହା ତାଙ୍କୁ ଆଗକୁ ଯିବାପାଇଁ ପ୍ରେରଣା ଯୋଗାଇ ଥିଲା । ତା' ପର ଠାରୁ ଆଉ ସେ ପଛକୁ ଫେରି ନାହାଁନ୍ତି । 2011ରେ ଅନ୍ତର୍ଜାତୀୟ ୟୁଥ ଚମ୍ପିୟାନ ଟ୍ରଫିରେ ସ୍ୱର୍ଣ, 2013ରେ ଗୌହାଟିରେ ଅନୁଷ୍ଠିତ ଜୁନଅର ଚମ୍ପିୟାନସିପ୍ସରେ ବେଷ୍ଟ ଲିଫ୍ଟର ଆୱାର୍ଡ ପାଇଥିଲେ । 2014 ଗ୍ଲାସଗୋରେ ଅନୁଷ୍ଠିତ କମନୱେଲଥ ଗେମ୍ସରେ ରୌପ୍ୟ । ତା'ଙ୍କୁ 2015 ଅଗଷ୍ଟ 31 ରେ ଭାରତୀୟ ରେଳ ବିଭାଗରେ ବରିଷ୍ଠ ଟି. ଟି. ଆଇ ଭାବେ ନଯୁକ୍ତ ମିଳଥିଲା । 2016ରେ ରିଓ ଅଲମ୍ପିକରେ ଭାଗ ନେବାପାଇଁ ଯୋଗ୍ୟତା ଅର୍ଜନ କରିଥିଲେ । 2017 ମସିହାରେ ଆନାହେଇମରେ ଅନୁଷ୍ଠିତ ୱାର୍ଲଡ ଚମ୍ପିୟାନସିପରେ ସ୍ୱର୍ଣ,2018 ଗୋଲ୍ଡ କୋଷ୍ଟରେ ଅନୁଷ୍ଠିତ କମନ ୱେଲଥ ଗେମ୍ସରେ ସ୍ୱର୍ଣ ଓ 2020 ତାସକେଣ୍ଟରେ ଅନୁଷ୍ଠିତ ଏସିଆନ ଚମ୍ପିୟାନସିପରେ ବ୍ରୋଞ୍ଜ ପଦକ ଜିତି ଦେଶ ପାଇ ଗୌରବ ଆଣିଥିଲେ । ଟୋକଓ ଅଲମ୍ପିକରେ ସ୍ୱର୍ଣ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା । ଖାଲି ସେତିକ ନୁହେଁ ମୀରାବାଇ ଟୋକଓ ଅଲମ୍ପିକରେ ରୌପ୍ୟ ଜିତି ଇତିହାସ ରଚଥିଲେ । ଯାହାର ଫଳ ସ୍ୱରୂପ ତାଙ୍କୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂହ ଏକ କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ତାଙ୍କ ପ୍ରତିଭାର ଲମ୍ବା ରାସ୍ତା ଏତିକରେ ସୀମିତ ହୋଇ ରହି ନ ଥିଲା । 2021 ମସିହାରେ ପ୍ରସିଦ୍ଧ ମାଗାଜିନ୍ "ଭୋଗ୍ୟୁ "ର କଭର ପେଜରେ ତାଙ୍କ ଫୋଟ ସ୍ଥାନ ପାଇଥିଲା ଏବଂ ନେସ୍ଲେକା କ୍ଲବର ବ୍ରାଣ୍ଡ ଆମ୍ବାସାଡ଼ାର ରୂପେ ନଯୁକ୍ତ ପାଇଥିଲେ । ପୁଣି ସେଇବର୍ଷ ତାଙ୍କୁ ବି.ବି.ସି ଇଣ୍ଡିଆନ ସ୍ପୋର୍ଟ୍ସ ଉମ୍ୟାନ ଅଥର ଅଫ୍

ISSN NO.
2582-208X

ଦି ଇୟର 2021 ରୂପେ ମନୋନୀତ କରାଯାଇଥିଲା । ଅନ୍ତର୍ଜାତୀୟ ଭାରୋତ୍ତୋଳନକାରୀ କୁଞ୍ଜରାଣୀ ଦେବୀ ତାଙ୍କ ପ୍ରେରଣାର ଉତ୍ସ । କ୍ରୀଡ଼ା କ୍ଷେତ୍ରରେ ଅଦ୍ଭୁତପୂର୍ବ ସଫଳତା ପାଇଁ ତାଙ୍କୁ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ 2018 ମସିହାରେ ସର୍ବୋଚ୍ଚ ସମ୍ମାନ ପଦ୍ମଶ୍ରୀ ଓ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପ୍ରଦାନ କରିଥିଲେ । 2022ରେ ମଣିପୁର ମୁଖ୍ୟମନ୍ତ୍ରୀ ତାଙ୍କୁ ଏ.ଏସ୍.ପି(କ୍ରୀଡ଼ା) ରୂପେ ନିଯୁକ୍ତ ଦେଇଥିଲେ । ଏହାଛଡ଼ା ଚଳିତ ବର୍ଷ ବର୍ମିହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା 22ତମ ସଂସ୍କରଣର 49 kg ବର୍ଗ ଭାରୋତ୍ତୋଳନରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚି ସମଗ୍ର ଦେଶ ପାଇଁ ସୁନା ଝିଅ ପାଲଟି ଯାଇଛନ୍ତି । ସେ ନିଜ ବଳିଷ୍ଠ ପ୍ରତିଭାର ଚମକରେ ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ବାସ୍ତବରେ କ୍ରୀଡ଼ା ପ୍ରତି ତାଙ୍କ ଉତ୍ସର୍ଗୀକୃତ ଅବଦାନ ପ୍ରଶଂସନୀୟ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଭଙ୍ଗା ସିଲେଟ



ଆଶିଷ କୁମାର ବଣିଆଁ

ଭଙ୍ଗା ସିଲେଟକୁ ହାତରେ ଧରି
ଭ୍ବେ ଆଜି କୁନା ଯିବକ ପଢି ?
ଅବୁଝା ପିଲ୍‌ସେ ଆଠ ବରଷର
ହେଲେ ବୁଝିଲ୍‌ଣି ରିତୀ ଜଗତର ॥

ପାଠ ପଢିବ ଦେଶ ଗଢିବ,
ନା ଘରକୁ ଦିଓଳ ଖାଇବାକୁ ଦେବ ?
ପାଖ ହୋଟେଲରେ ବାସନ ଧୋଇ
ତା ମାଁ-ଭଉଣୀର ପେଟ ପୋଷିବ ॥

ଜାଣେନା ସିଏ ସରକାରୀ ନତୀ
ପାଠ ପଢିବାରେ ଥାଏ ମନଟି
ବାପା ଯାଇଛି ଯେ ଦାଦନଖଟି
ଫେରିବା ବାଟକୁ ଏ ଗ୍ଚହିଁ ରହିଛି ॥

ତାର ବି ମନ ସ୍କୁଲକୁ ଯିବ,
ୟୁନଫର୍ମ ପିନ୍ଧି ସେ ପାଠ ପଢିବ

ISSN NO.
2582-208X

ତାକୁ ସିନା ସେଠି ଖାଇବାକୁ ଦେବେ,
ତା' ଘର କଥା କିଏ ବୁଝିବ ? ॥

ରାତି ଅନ୍ଧକାରେ ସିଲେଟକୁ ଧରି,
ଭାବିବସେ କୁନା ମନକୁ ତା ମାରି
ନିଜେତ ଆଉ ପାରିବନି ପଢି,
ଭଉଣୀକୁ ଦେବ ନୂଆ ସିଲେଟ କିଣି ॥

ଭଉଣୀ ତାହାର ପଢ଼ିବ ପାଠ
ବଡ ହାକିମ ଟିଏ ନିଶ୍ଚେ ହେବତ
ଅଛନ୍ତି ତା ପରି ଯେତେ ବି କୁନା
ସଭିଙ୍କ ଜୀବନୁ ସେ ହରିବ ଦୁଃଖ ॥

ବଲାଙ୍ଗୀର

ISSN NO.
2582-208X

# ଲାଜ

ସୁହଂସ ଭୋଇ

ଓଢ଼ଣା ତଳେରେ  ଲୁଚ ଅଛି ଲାଜ
ହସେ ମୁଚୁକୁନ୍ଦ ହସ
ନରୀହ ନୟନ ଅନାଇଛି ପାଦ
ନଖେ ଭାଙ୍ଗୁଛି ଅଳସ..

ଓଢଣୀ ଫାଙ୍କରେ କର ସନ୍ତର୍ପଣେ
ମୁଖ ଅଗ୍ରେ ଦାନ୍ତ ପାଶେ
ନଶବ୍ଦରେ କାଟେ ଟିକ ଟିକ ନଖ
ବେପଥୁ ଢୋକେ ସାହାସେ.

ନୀଳ ନୀଳ ଓଠ ଥରୁଛି ଅନେକ
ବସନ୍ତେ ଆସିଛି ଶୀତ
ଅଦିନଆ ମେଘେ ବରଷୁଛି ବାରି
ଭିଜି ଗଲାଣି ପଣତ..

ଏଡ଼େ ବେସରମ ଅଲାଜୁକ ଲାଜ
ନ ଛାଡଇ ତିଳେ ପାଶ
ତନୁ ମଧେ ଜଡ଼ ମନ ମଧେ ଭାବ
ରହି ଅଛି କରି ବାସ...

ଅଳଙ୍କାର ବିନା ଲାଜ଼ ଲାଜ଼ ବାମା
ସୁନ୍ଦର ଦିଶେ ଆନନ
ଚପଳା ସରଳ ନମ୍ର ଓ ବିନୟ
ଲାଜ଼ ନାରୀ ର ଭୂଷଣ..

ବିଜେପୁର, ବରଗଡ

ISSN NO.
2582-208X

# ଅଧିବର୍ଷ ର ନବ ନାୟକ



ଦିନେଶ ମେହେର

ପୁଣି ଫେରିଛି
ବିଂଶ ଶତାବ୍ଦୀର ଗୃରି ଏକକ କୁ
ଜାବୁଡ଼ି ଧରି,
ସେଇ ଜାନୁଆରୀ ଦୁଇ କୁ ସାଙ୍ଗରେ ନେଇ,
ମୁଁ ପୁଣି ଫେରିଛି
ଆଉ ଗୋଟେ ନୂଆ ବର୍ଷ କୁ
ସ୍ୱାଗତ କରିବା ପାଇଁ,
ନିଜକୁ ଅଧୁନାତନ କରିବା ପାଇଁ
ଦୁନିଆ କୁ ଉପହାର ଦେବା ପାଇଁ
ଆସିଛି ନିଜକୁ ନିଜ ଅନ୍ତର କୁ
ଗଙ୍ଗା ପରି ସ୍ୱଚ୍ଛ କରିବା ପାଇଁ ।
ମୁଁ,
କାହାକୁ ଯନ୍ତ୍ରଣା ନ ଦେବାର
ପ୍ରତିଜ୍ଞା କରିଥିଲି
ପ୍ରତାରଣା ର ଜାଲରେ କାହାକୁ
ନ ଛନ୍ଦିବି ବୋଲି ପଣ କରିଥିଲି,
ହେଲେ ନିଜେ ନିଜ ସହ ଘାରି ହେଇ

ISSN NO.
2582-208X

ନିଜେ ଭାଙ୍ଗିଦେଲି ନିଜ ପ୍ରତିଜ୍ଞା ।
କେବଳ ମିଛ ପ୍ରହସନ ପରେ ପ୍ରହସନ
ଦେଇ ଗଲି ନିଜକୁ ନିଜ ମନକୁ।
ଏବେ ଏଇ ଖୋଲା ଆକାଶ ତଳେ
ନିଜକୁ ଅଧୀଶ୍ୱର ଭାବି
ଦୁଇ ବାହୁ ମେଲେଇ ମୁଁ ଯେ
ନିଜ ଦମ୍ଭ ଗର୍ବ କୁ ସାଥିରେ ନେଇ
ଅନୁଭବ କରୁଛି
ମୁଁ କେତେ ବଡ଼ ଅନାଡ଼ି,
କିନ୍ତୁ
ସେଦିନ ସେଇ ମିଠା ବାକ୍ୟ
ସେଇ ପୁରୁଣା ଦିନର ଅଭୁଲା ସ୍ମୃତି
ଆଜି ବି ମୋ ଶିରା ପ୍ରସିରା ରେ ଖେଳି ଯାଏ
ସେଇ ମାଁ ର କୋଳ
ପିତା ଙ୍କ କାନ୍ଧ
ମୋ ପାଇଁ ଥିଲା ପୁନେଇର ଚାନ୍ଦ,
ଆଜି ବି ଆଶା ଟିଏ ରଖିଛି
ନିଜ ଭିତରେ,
ଭାବୁଛି ଦିନେ ତ ନିଶ୍ଚୟ ପୂରଣ ହେବ
ସେଥି ପାଇଁ ତ
ନିଜକୁ ସବୁବେଳେ କହୁଛି
ଅଧିବର୍ଷ ର ନବ ନାୟକ।

ପଳାସ, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

ISSN NO.
2582-208X

# ଅର୍ଜୁନଙ୍କ ଜିଜ୍ଞାସାର କ'ଣ ସମାଧାନ କଲେ ଭଗବାନ ଶ୍ରୀକୃଷ୍ଣ



ନରେନ୍ଦ୍ର ପ୍ରସାଦ ବେହେରା

ଦିନକର କଥା, ଭଗବାନ ଶ୍ରୀକୃଷ୍ଣ ଏବଂ ଅର୍ଜୁନ କୌଣସି ଏକ ସ୍ଥାନକୁ ଯାଉଥିଲେ । ରାସ୍ତାରେ ଅର୍ଜୁନ ସୁଯୋଗ ଦେଖି ଶ୍ରୀକୃଷ୍ଣଙ୍କୁ ପଚାରିଲେ, ମୋ ମନରେ ଏକ ଜିଜ୍ଞାସା ରହିଛି, ଯଦି ଆଜ୍ଞା ଦେବେ ତା' ହେଲେ ପଚାରିବି । ଶ୍ରୀକୃଷ୍ଣ କହିଲେ-ପାର୍ଥ, ତୁମେ ମୋତେ ବିନା ସଂକୋଚରେ କିଛି ବି ପଚାରିପାର । ଅର୍ଜୁନ କହିଲେ, ମୁଁ ଆଜିଯାଏ ଗୋଟିଏ କଥା ବୁଝିପାରୁନାହିଁ । ମୁଁ ଅନେକ ଦାନ କରିଛି, କିନ୍ତୁ ଲୋକମାନେ କର୍ଣ୍ଣଙ୍କୁ କାହିଁକି ସବୁଠୁ ବଡ଼ ଦାନୀ ବୋଲି କହୁଛନ୍ତି ? ଏହି ପ୍ରଶ୍ନ ଶୁଣି ଶ୍ରୀକୃଷ୍ଣ ହସିଲେ ଏବଂ କହିଲେ ଯେ ଆଜି ମୁଁ ତୁମର ଏହି ଜିଜ୍ଞାସାକୁ ନିଶ୍ଚିତ ଭାବେ ଶାନ୍ତ କରିବି । ଶ୍ରୀକୃଷ୍ଣଙ୍କ ନିକଟରେ ଥିବା ଦୁଇଟି ପାହାଡକୁ ସୁନାରେ ପରିଣତ କରିଦେଲେ । ଏହାପରେ ସେ ଅର୍ଜୁନଙ୍କୁ କହିଲେ ଯେ ଅର୍ଜୁନ, ତୁମେ ଏହି ଦୁଇଟି ସୁନା ପାହାଡକୁ ଆଖପାଖର ଲୋକଙ୍କ ଭିତରେ ବାଣ୍ଟି ଦିଅ । ଅର୍ଜୁନ ତାଙ୍କର ଆଜ୍ଞା ପାଇ ତୁରନ୍ତ ସେହି କାର୍ଯ୍ୟ ଆରମ୍ଭ କରିଦେଲେ । ସେ ଗାଁ ଲୋକମାନଙ୍କୁ ଡାକିଲେ । ସେମାନଙ୍କୁ କହିଲେ ଯେ ଆପଣମାନେ ଧାଡି ହୋଇ ଛିଡା ହୋଇଯା'ନ୍ତୁ । ଏବେ ମୁଁ ଆପଣମାନଙ୍କୁ ସୁନା ଦାନ କରିବି । ଏହା କହି ସେ ସୁନା ବାଣ୍ଟିବା ଆରମ୍ଭ କରିଦେଲେ। ଗାଁ ଲୋକମାନେ ଅର୍ଜୁନଙ୍କର ଖୁବ୍ ପ୍ରଶଂସା କଲେ । ଅର୍ଜୁନ ସେହି ସୁନା ପାହାଡକୁ ଭାଙ୍ଗିଚାଲିଲେ ଏବଂ ଗାଁ ଲୋକଙ୍କୁ ବାଣ୍ଟି ଚାଲିଲେ । ଲଗାତାର ଦୁଇ ଦିନ ଏବଂ ଦୁଇ ରାତି ପର୍ଯ୍ୟନ୍ତ ଅର୍ଜୁନ ସୁନା ବାଣ୍ଟି ଚାଲିଲେ । ତାଙ୍କ ଭିତରେ ଅହଂକାର ଭୟଙ୍କର ରୂପ ନେଇସାରିଥିଲା । ଗାଁ ଲୋକମାନେ ଥରେ ସୁନା ନେଇ ପୁଣି ଆସି ଧାଡିରେ ଛିଡା

ISSN NO.
2582-208X

ହୋଇଯାଉଥିଲେ । କିଛି ସମୟ ଏପରି ଚାଲିବା ପରେ ଅର୍ଜୁନ ଥକିଗଲେ । ହେଲେ ଅର୍ଜୁନ ଯେଉଁ ପାହାଡରୁ ସୁନା ଖଣ୍ଡ ଭାଙ୍ଗି ଆଣି ଲୋକଙ୍କୁ ବାଣ୍ଟୁଥିଲେ, ସେହି ସୁନା ପାହାଡ ଆଦୌ ଛୋଟ ହେଲା ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଲେ, ଠିକ୍ ଅଛି ତୁମେ ଏବେ ବିଶ୍ରାମ କର ଏବଂ ସେ କର୍ଣ୍ଣଙ୍କୁ ଡାକିଲେ । ସେ କର୍ଣ୍ଣଙ୍କୁ କହିଲେ ଯେ ଏହି ଦୁଇଟି ପାହାଡରୁ ସୁନା ନେଇ ଏହି ଗାଁ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଅ । କର୍ଣ୍ଣ ତୁରନ୍ତ କାର୍ଯ୍ୟରେ ଲାଗିଗଲେ । ସେ ଗାଁ ଲୋକମାନଙ୍କୁ ଡାକି କହିଲେ, ଏହି ଦୁଇଟି ପାହାଡରେ ଥିବା ସବୁ ସୁନା ଆପଣମାନଙ୍କର । ଯାହାର ଯେତିକି ଦରକାର ଯାଇ ସେଠାରୁ ନେଇ ଆସନ୍ତୁ । ଏହା କହି କର୍ଣ୍ଣ ସେଠାରୁ ଚାଲିଗଲେ । ଏହାଦେଖି ଅର୍ଜୁନ କହିଲେ, ଏପରି କାର୍ଯ୍ୟ କରିବାର ଚିନ୍ତାଧାରା ମୋ ମନକୁ କାହିଁକି ଆସିଲା ନାହିଁ ? ଶ୍ରୀକୃଷ୍ଣ ଉତ୍ତର ଦେଲେ ଯେ ତୁମ ମନରେ ସୁନାକୁ ନେଇ ମୋହ ଉତ୍ପନ୍ନ ହୋଇସାରିଥିଲା । ତୁମେ ନିଜେ ନିଷ୍ପତ୍ତି ନେଉଥିଲ ଯେ କେଉଁ ଗ୍ରାମବାସୀଙ୍କୁ କେତେ ସୁନା ଦରକାର ଏବଂ କେବଳ ସେତିକି ସୁନା ହିଁ ପାହାଡରୁ ଖୋଳି ବାଣ୍ଟୁଥିଲ । ତୁମ ଭିତରେ ଦାନୀ ହେବାର ଅହଂକାର ଜନ୍ମ ନେଇଥିଲା । ଅନ୍ୟପଟେ କର୍ଣ୍ଣ ସେପରି କଲେ ନାହିଁ । ସେ ସବୁ ସୁନା ଗ୍ରାମବାସୀଙ୍କୁ ଦେଇ ସେଠାରୁ ଚାଲିଗଲେ । ସେ ଚାହୁଁ ନଥିଲେ ଯେ ତାଙ୍କ ସମ୍ମୁଖରେ କେହି ତାଙ୍କର ଜୟଘୋଷ ନକରୁ । ତାଙ୍କ ପଛରେ ଲୋକମାନେ କ'ଣ କହୁଛନ୍ତି, ତାହା ତାଙ୍କ ଉପରେ କୌଣସି ପ୍ରଭାବ ପକାଇନଥାଏ । ଏହିପରି ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀକୃଷ୍ଣ ତାଙ୍କର ଜିଜ୍ଞାସା ଶାନ୍ତ କରିଥିଲେ । ଦାନ ଦେବା ବଦଳରେ ଧନ୍ୟବାଦ କିମ୍ବା ଶୁଭେଚ୍ଛା ଆଶା କରିବା ଉପହାର ନୁହେଁ ବରଂ ଚୁକ୍ତି ବୋଲାଇଥାଏ । କୌଣସି ଆଶା ଏବଂ ଆକାଂକ୍ଷା ନରଖି କରାଯାଉଥିବା ଦାନ ହିଁ ସତକର୍ମ ବୋଲାଇଥାଏ ।

ଆଳନ୍ଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ମାୟା ସଂସାର



କଷାନ ମହାକୁର

ସଂସାରେ ଜନମ ସଂସାରେ ମରଣ
ସଂସାରଟା ଖେଳଘର
ସଂସାରଟା ପର୍ ସପନ ପସର୍
ଅଭିନୟ ଖେଳ ସାର ।।
ସତ ଅଭିନୟ କରୁ କରୁ ସିଏ
ମିଛ ପୁଣି ହେଇଥାଏ
ସମୟ ଚକରେ ଘୁରି ଘୁରି ଆମେ
କାହିଁ ଦୂରେ ହଜିଯାଏ ।।
ଜୀବନ ନାଟକ ସ୍ୱପ୍ନ ପରି ଲ୍ଗେ
ଆଜି ସାନ କାଲି ବଡ଼
ସମୟକୁ ଧରି ରଖି ହୁଏନାହିଁ
ସମୟର ଗତି ଦୃଢ଼ ।।
ଆଜି ଅଛେ ପିଲ୍ କାଲି ହେଲେ ବୁଢ଼ା
ପୁଣି ଅଜଣା ର୍ଇଜେ
ସପନର ଏହି କ୍ଷଣିକ ଭଙ୍ଗୁର
ନତି ନୂଆ ରୂପ ସାଜେ ।।
କେଇଟା ଦିନର ସମୟ ମଧ୍ୟରେ
କେତେ ଗର୍ବ ଅଭିମାନ


www.vedantimagazine.com

ISSN NO.
2582-208X

ପୁଣି ହଣାକଟା ମିଛର ଆଶ୍ରୟ
ଗ୍ଭଲୁଅଛି ଘନ ଘନ ।।
କେତେବେଳେ ସ୍ନେହ କେତେବେଳେ ନନ୍ଦା
କେତେବେଳେ ତିରସ୍କାର
ପୁଣି କୋଳାକୋଳ ପୁଣି ହିଁ ଅର୍ଦ୍ଦଳ
ପୁଣି, ଆସନ ପାଇଁ ବିଗ୍ଭର ।।
ଏହି କ'ଣ ଆମ ମଣିଷ ପଣିଆ
ଆସିଛେ ଏଇଥି ପାଇଁ
ଖାଲି ଦୋଷ ପୁଳେ ମୁଣ୍ଡରେ ମୁଣ୍ଡେଇ
ଏ ସଂସାରୁ ଯିବା ପାଇଁ ?
ନାହିଁ ଧର୍ମ କର୍ମ ନା ବିଧି ବିଧାନ
ନାହିଁ ତ ମାନବିକତା
ଈଶ୍ୱର ଭକତି କାହିଁ କେତେ ଦୂରେ
ତଡପନ୍ତୁ ପିତାମାତା ।।
ଜାଣନା କ ଏହି ଦୁର୍ଲ୍ଲଭ ଜୀବନ
ମାତ୍ର ଥରୁଟିଏ ଆସେ
ଭଲ କରିଥିଲେ ସୁଖି ଜନମଟା
ପାଇବ ଅବଶ୍ୟ ଭବେ ।।
ନୋହିଲେ କୁକୁର ଛେଳ ସରିସୃପ
ଏପରି ଜନମ ନେବ
ଚନ୍ତା କରି ଦେଖ ଏହି ଜନମ କ
ତୁମକୁ ଭଲ ଲାଗିବ ?
ଦିବ୍ୟଜ୍ଞାନ ପାଇଅଛ ଧରାପରେ
ଜ୍ଞାନକୁ କାର୍ଯ୍ୟରେ ଲଗା
ମାୟା ସଂସାରରୁ ପାରି ହେବାପାଇଁ
ପ୍ରଭୁ ପାଦେ ମନ ଭିଜା ।।

ନୂଆଁପାଲି, ବୀରମହାରାଜପୁର, ସୋନପୁର

ISSN NO.
2582-208X

# ଘରଣୀ ମୋ ଥାଉ ଥାଉ

ପ୍ରଣବ କିଶୋର ଗଡ଼ନାୟକ

ଘରଣୀ ମୋ ଥାଉ ଥାଉ
ଦେବୀ ଦରଶନ ଯିବା ପାଇଁ କେବେ
ମନ ମୋ ବଳୁନ ଆଉ,,,

କପାଳେ ସେ ଥିଲା  ମୋ'ଠି ଛିଣ୍ଡିଲା
ମୋ ପାଇଁ ଗଢ଼ିଲା ବିହି,
ସବୁ ଦେବୀଙ୍କର  ଗୁଣ ସେ ଆଣିଲା
ରୂପରେ ନେଲାସେ ମୋହି ।

ରୋଷଘରେ ଦେଖେ  ମାଆ ଅନ୍ନପୂର୍ଣ୍ଣା
ହାତ ଗୋଡ଼ କଥା କହେ,
ଅନ୍ନ ବ୍ୟଞ୍ଜନରେ   ଊଣା କରେ ନାହିଁ
(ଯାହା)ବାସନଟା ପଡ଼ିରହେ  ।

ସବୁ ହୃଦୟକୁ  କିଣି ନେଇଗଲା
ମଧୁର ବାଣୀରେ ତାର,
ମୋହରି ବେଳକୁ  ବେଲଣା କାଠିଟା
ବେଶ୍ ମାନୁଥିଲା ବୋଲ ।

ISSN NO.
2582-208X

ସାହି ପଡ଼ିଶାରେ ଟୁପୁରୁ ଟୁପୁରୁ
ଲକ୍ଷ୍ମୀ ପ୍ରତିମା ସେ ବୋହୂ
ଜାଣିବେ କେମିତି ଘରେ ରଣଚଣ୍ଡୀ
ହେଉଥାଏ ଗ୍ରଉ ଗ୍ରଉ ।

ପାରେନା ବୋଲି ମୁଁ ଯୁଝି
ଦୁର୍ବଳ ମୁହୂର୍ତ୍ତ ଖୋଜି
ଘର କରଣାକୁ ଅସ୍ତ୍ର କରିନଏ
ମୋ ପାଖରେ ଦୂର୍ଗା ସାଜି ।

ଗ୍ଭଲିରେ ଦେଖୁଛି ମା'କାଳୀ ରୂପ
କଣ୍ଠରେ ମା'ସରସ୍ୱତୀ
ମୁଣ୍ଡ ଟୁଙ୍ଗାରି କ ହଁ ନମାରିଲେ
ନାହିଁ ମୋର ଆନଗତି ।

ସଂସାର ସେ ଗ୍ଭଲୁ ଦେବୀଙ୍କ ଇଚ୍ଛାରେ
ଇଚ୍ଛା ସବୁ ପୂର୍ଣ୍ଣ ହେଉ,
କଛି ନ କହିକ ମୁଣ୍ଡ ନୁଆଁଇଛି
ଟେକ ଦେଇ ଦୁଇ ବାହୁ ।
ଇଚ୍ଛା ସବୁ,,,,,,,,,,

ପବିତ୍ର ନଗର, ତାଳଚେର,
ଅନୁଗୋଳ ।୭୫୯୧୫୧
ମୋ-୯୯୩୭୦୧୭୯୪୯.

ISSN NO.
2582-208X

# ସମ୍ପର୍କ



ସ୍ମୃତି ରେଖା ନାୟକ

କଛି ସମ୍ପର୍କ  ଗଢା ଏମିତି
କଳାମେଘ ସଙ୍ଗେ ମୟୂର ଯେମିତି ।
କଛି ସମ୍ପର୍କ ରେ ରହିଥାଏ ସ୍ୱାର୍ଥ
ସେହି ସମ୍ପର୍କ ର ନାହିଁ କଛି ଅର୍ଥ ।
କଛି ସମ୍ପର୍କ ଯେ  ବନ୍ଧୁତା ରେ ବନ୍ଧା
ମନ ସହ ମନ ହୋଇ ଥାଏ ଛନ୍ଦା ।
କଛି ସମ୍ପର୍କ ରେ ଅହଂ ଲୁଚ ଥାଏ
କଛି ସମ୍ପର୍କ ରେ ବୁଝାମଣା ଥାଏ ।
କଛି ସମ୍ପର୍କ ଗଢା ପୁଣି
ଈଶ୍ୱର ଙ୍କ ହାତେ
ସେହି ସମ୍ପର୍କ ରହିଥାଏ
ସଦା  ସତ୍ୟ ପଥେ
ମଧୁର ବଚନ ଯେବେ
ସଭିଙ୍କୁ କହିବା
ତେବେ ନୂଆ ଏକ ସମ୍ପର୍କ
ଏ ପୃଥିବୀ ରେ ଗଢିବା

ତୋରା ବରଗଡ଼

ISSN NO.
2582-208X

# ମୋ ପ୍ରେମ



ବିଶ୍ୱଜିତ୍ ନାଥ

"ମୋ ପ୍ରେମ ଆଉ ତୁମ ପ୍ରେମ"
ମୋ ପାଇଁ ପ୍ରେମ ଦୁଃସ୍ୱପ୍ନ
ଫଗୁଣ ମୋ ପାଇଁ ମରୀଚିକା
ଅମାବାସ୍ୟା ର ଗାଢ଼ ଅନ୍ଧାର ଭିତରେ
ଜହ୍ନ ର କଳ୍ପନା ମୋ ପ୍ରେମ
ପ୍ରେମ କାହା ପାଇଁ ମିଳନ ର ପଥ
ପ୍ରେରଣା ର ପ୍ରଥମ ସୋପାନ
ହେଲେ ମୋ ପାଇଁ!
ମୋ ପାଇଁ ପ୍ରେମ ଗୋଟେ ଝଡ
ଝଡ ର ତାଣ୍ଡବ ରେ ମୁଁ କ୍ଷତ ବିକ୍ଷତ
କ୍ଷତ ରୁ ନିର୍ଗତ ଅସହ୍ୟ ଯନ୍ତ୍ରଣା
ସେ ଯନ୍ତ୍ରଣା ହିଁ ମାପିପାରେ
ମୋ ପ୍ରେମ ର ଗଭୀରତା
ତୁମ ଅନୁଭବ ସିନା କହେ
ପ୍ରେମ ଏକ କମ୍ ଦାମ ର ବସ୍ତୁ
ଆଧୁନିକ ସମାଜ ର ଫେସନ୍
କିନ୍ତୁ ମୁଁ ଅନୁଭବ ଶୂନ୍ୟ!

ISSN NO.
2582-208X

ମୁଁ ଶବ୍ଦହୀନ ନୀରବ ପ୍ରେମିକ
ସେ ନିରବତା ମାପି ପାରେନାହିଁ
ମୋ ଛୋଟ ହୃଦୟ
କିଣି ପାରେ ନାହିଁ ପ୍ରେମ କୁ
ଯଦି ପ୍ରେମ ଶସ୍ତା ଆଉ ଫେଶନ
କେଦାର ଗୌରୀ ଙ୍କ ଜୀବନ ର ମୂଲ୍ୟ କେତେ ???
ମୁଁ ନୁହେଁ କାହାରି ପ୍ରେମିକ
କିନ୍ତୁ ମୋ ପ୍ରେମ ଶାଶ୍ୱତ
ମୋ ପ୍ରେମ ଫଗୁଣ ର ଫୁଟା ଫୁଲ
ବସନ୍ତ ର କୋକିଳ ରାଗିଣୀ
ମୋ ପ୍ରେମ ଶ୍ରାବଣ ର ଧାର ପୁଣି
ମେଘ ମିଶା ଇନ୍ଦ୍ରଧନୁ
ମୋ ପ୍ରେମ ଭିଜା
ସକାଳ ର ସୋରିଷ ଫୁଲ
ଯାହାର ମୂଲ୍ୟ ଅମୂଲ ।

ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦୁଝର
ଉଲ୍ଲୋଳ, ଘଷିପୁର, କେନ୍ଦୁଝର

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

### ୬୦. ଗୁରୁଜୀଙ୍କ ଦୋଗଲାପଣ

ଗୋଟିଏ ଆଧ୍ୟାତ୍ମିକ ଗୁରୁ କହୁଛନ୍ତି – "ପୃଥିବୀର ଜୀବନ ସ୍ୱର୍ଗର ଜୀବନ ତୁଳନାରେ ତୁଚ୍ଛ ।" ଅର୍ଥାତ ଶୀଘ୍ର ଏ ଦୁନିଆ ଛାଡି ଚାଲିଯାଅ । ତଥାପି ସେ ଭକ୍ତ ମାନଙ୍କୁ "ଦୀର୍ଘାୟୁ ଭବ" କହି ଦୀର୍ଘ ଜୀବନର ଆଶୀର୍ବାଦ ଦେଉଛନ୍ତି ।

ଆଉ ଜଣେ ଗୁରୁ କହୁଛନ୍ତି – "ପୁନର୍ଜନ୍ମ ଅଛି, ତେଣୁ ଶୀଘ୍ର ମୋକ୍ଷ ପ୍ରାପ୍ତି ପାଇଁ ସବୁ କିଛି ଦାନ କରିଦିଅ ।" ଅର୍ଥାତ ଶୀଘ୍ର ଏ ଦୁନିଆ ଛାଡି ଚାଲିଯାଅ । ତଥାପି ଗୁରୁ ନିଜେ ଧରାପୃଷ୍ଠରେ ହିଁ ଭକ୍ତଙ୍କ ଦାନ ଗ୍ରହଣ କରି, ଦୀର୍ଘ ଜୀବନ ବଞ୍ଚି ରହିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି ।

ଆଉଜଣେ ଗୁରୁ କହୁଛନ୍ତି – "ଅସଲ ଜୀବନ ସ୍ୱର୍ଗରୁ ହିଁ ଆରମ୍ଭ ହୁଏ । ଏଠିକା ଜୀବନ ତ ଏକ ଛାଇ ସଦୃଶ୍ୟ ।" ଅର୍ଥାତ ଶୀଘ୍ର ଏ ଦୁନିଆ ଛାଡି ଚାଲିଯାଅ । ତଥାପି ଭକ୍ତମାନେ ଗୁରୁଜୀଙ୍କୁ ପ୍ରାର୍ଥନା କରୁଛନ୍ତି, ଆମକୁ ଏଇଠି ହିଁ ଅଧିକ ଦିନ ବଞ୍ଚି ରହିବା ଭଳି ମନ୍ତ୍ର ଦିଅନ୍ତୁ ।

ଆଧ୍ୟାତ୍ମିକ ଆସ୍ଥାର ଦୀପ, ଭିତ୍ତିହୀନ ବିଶ୍ୱାସର ତେଲରେ ଜଳୁଥାଏ କିନ୍ତୁ ତର୍କର ଗୋଟିଏ ଫୁଙ୍କରେ ଦପ୍ କରି ଲିଭିଯାଉଛି । ସେଇଥିପାଇଁ କୁହାଯାଉଛି – "ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର ।"

ISSN NO.
2582-208X

## ୭୨. ଗୋଟିଏ ଅଡୁଆ ପ୍ରଶ୍ନ

କୁହାଯାଏ – ଏହି ବିଶ୍ୱ ବ୍ରହ୍ମାଣ୍ଡ ଓ ସମସ୍ତ ପ୍ରାଣୀ ଜଗତକୁ କୌଣସି ଈଶ୍ୱର ବା ଭଗବାନ ସୃଷ୍ଟି କରିଛନ୍ତି । ସେଥିପାଇଁ ବୁଦ୍ଧିବାନ ମଣିଷ ନିଜର କୃତଜ୍ଞତା ପ୍ରଦର୍ଶନ କରିବା ପାଇଁ, ତାଙ୍କୁ ଅତ୍ୟନ୍ତ ଭାବପ୍ରବଣ ହୋଇ ଗଭୀର ଶ୍ରଦ୍ଧା ଓ ସମ୍ମାନ ଦେଇଥାଏ । ମଣିଷମାନେ ସମସ୍ତ ଧର୍ମ ସ୍ଥଳକୁ ପବିତ୍ର ଭାବି ସ୍ୱଚ୍ଛ ଓ ନିର୍ମଳ ରଖନ୍ତି ।

ବିଚିତ୍ର କଥା ଯେ ଅନ୍ୟ କୌଣସି ପ୍ରାଣୀ, ତାଙ୍କୁ ସୃଷ୍ଟି କରିଥିବା ଭଗବାନ କିଏ ଜାଣନ୍ତି ନାହିଁ । ଭଗବାନଙ୍କୁ କୃତଜ୍ଞତା ଜଣାଇବା ଦୂରେ ଥାଉ, କେତେକ ପଶୁ ପକ୍ଷୀ, ଭଗବାନଙ୍କ ଘରେ ପଶି ନାନା ପ୍ରକାର କାର୍ଯ୍ୟ କରିଥାନ୍ତି ।

ଆହୁରି ମଜା କଥା ହେଉଛି – ଯେଉଁ ଦୋଷ ପାଇଁ (ଭଗବାନଙ୍କୁ ଅସମ୍ମାନ ବା ଅବିଶ୍ୱାସ କରିବା) ମଣିଷକୁ ଭଗବାନ ଦଣ୍ଡ ଦିଅନ୍ତି ବୋଲି କୁହାଯାଏ । ତାଠାରୁ ଅଧିକ ଦୋଷ କରୁଥିଲେ ମଧ୍ୟ ଭଗବାନ କୌଣସି ପଶୁପକ୍ଷୀଙ୍କୁ କିଛି କରନ୍ତି ନାହିଁ କାହିଁକି ?

## ୭୩. ଗୋଟିଏ ମଜା କଥା

ସତ୍ୟ ଯେତେ ତର୍କସଙ୍ଗତ ଓ ତଥ୍ୟ ଭିତ୍ତିକ ହେଲେ ବି ମଣିଷମାନଙ୍କୁ ପ୍ରଭାବିତ କରି ନିୟନ୍ତ୍ରଣ କରିବା ବହୁତ କଷ୍ଟସାଧ୍ୟ ହୋଇଥାଏ । ଏହାର ବିପରୀତ ଧାର୍ମିକ ବିଶ୍ୱାସ (ଭିତ୍ତିହୀନ ବିଶ୍ୱାସ ହେଉ ପଛେ) ଦ୍ୱାରା ମଣିଷମାନଙ୍କୁ ଖୁବ୍ ସହଜରେ ପ୍ରଭାବିତ କରି ନିୟନ୍ତ୍ରଣ କରିହୁଏ । ଏଥିରେ ପ୍ରଭେଦ ହେଉଛି – ସତ୍ୟକୁ ସ୍ୱୀକାର କରୁଥିବା ମଣିଷ ନିଜର ନିୟନ୍ତ୍ରଣରେ ରହିପାରେ । କିନ୍ତୁ ଧାର୍ମିକ ବିଶ୍ୱାସକୁ ସ୍ୱୀକାର କରିଥିବା ମଣିଷମାନେ ମାନସିକ ଗୋଲାମ ଭଳି ଅନ୍ୟର ନିୟନ୍ତ୍ରଣରେ ପରିଚାଳିତ ହୋଇଥାନ୍ତି ।

ସେଥିପାଇଁ ଦୁନିଆରେ ଆଧ୍ୟାତ୍ମବାଦୀ ଙ୍କ ଅପେକ୍ଷା ନିରୀଶ୍ୱରବାଦୀ, ମାନବବାଦୀଙ୍କ ସଂଖ୍ୟା ବହୁତ କମ ରହିଛି । ମଜା କଥା ହେଉଛି – ଅଳ୍ପ ସଂଖ୍ୟକ ନିରୀଶ୍ୱରବାଦୀଙ୍କ ଦ୍ୱାରା ଆବିଷ୍କାର ବା ଉଦ୍ଭାବନ କରାଯାଇଥିବା ବୈଜ୍ଞାନିକ ଓ ପ୍ରଯୁକ୍ତି ଉପକରଣର ସୁଖ ଆଧ୍ୟାତ୍ମବାଦୀମାନେ ବି ମନଭରି ଉପଭୋଗ କରୁଛନ୍ତି ।

Mob:9482016260

ISSN NO.
2582-208X

# ଜୀବନ ଭାବର ଗତିପଥେ



ପୂଜା ଷାଣ୍ଡ

ଏ ଜୀବନର ପଥରେ ଯିବାକୁ ହୁଏ କଣ୍ଟାରେ
କେବେ ଗ୍ଜଲିବାକୁ ହୁଏ ବହ୍ନିରେ ପୁଣି
ପଡିବ କେତେ ଦୁର୍ଗମ ନୁହେଁ ଏ ପଥ ସୁଗମ
ଲୋକମାନଙ୍କ ଅପବାଦ ନ ଶୁଣି
ଆଗେଇ ନେବ ଏ ଜୀବନ
ଏ ଯାହା ଗତିକଲ ଏହାହିଁ ଜୀବନ

ସମୟ ଚକ୍ରରେ ଘୂରି କାଳର ଅପେକ୍ଷା କରି
ମରଣ ଭୟରେ ଜିଇଁବା ଭୁଲି ଯିବ
କରେ କାଳ କବଳତ- ବୋଲି ଭାବି ଅନ୍ତଃର୍ହିତ
ନଶ୍ୱାସ ଥିବ ଭୟେ ଜୀବନ ନ ଥିବ
ଏ ଜୀବନ ମୃତ୍ୟୁ ସମାନ
ଭୟ ମୃତ୍ୟୁର ଶରଣ -ଏହାହିଁ ମରଣ

ISSN NO.
2582-208X

ସ୍ୱଳ୍ପ ଜୀବନ କାଳରେ ସୋମମୟ ଦୁନଆଁରେ
ଜଣା ନ ପଡେ ଗଡିଯିବ କେବେ ଦିନ
ଯେ ଏ ମର୍ତ୍ତ୍ୟେ ଆଗମନ। ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ
କେ କରିବ ଏ ସମୟର ନର୍ଦ୍ଧାରଣ
ମୂଲ୍ୟବାନ ଅତିଥି ତୁଲ୍ୟ
ଅପେକ୍ଷାରେ ତାହାର -ଏହାହିଁ ସମୟ

ଅବଶ୍ୱାସତାରେ ମଧ ବିଶ୍ୱାସ ନ ଥିଲେ ସଧ
କାହାରି ହୃଦୟେ ବିଶ୍ୱାସ ଆସେ ନାହିଁ
ଏ ବିଶ୍ୱାସ ଯଦି ଥିବା ସବୁ କଛି ପ୍ରାପ୍ତ ହେବ
କାହା ଅନ୍ତେ ଆଶା ନାହିଁ ଏ ମଣିଷ କାହିଁ
ଜୀବନେ ଆଶା କରେ ବାସ
କରେ ନାହିଁ ନର୍‌ଶ -ଏହାହିଁ ବିଶ୍ୱାସ

ମଣିଷ ଦେଖେ ନଶାରେ କେତେ ସପନ ନଦ୍ରାରେ
ଭାଙ୍ଗିଯାଏ ସପନ ପ୍ରଭାତ ଜାଗିଲେ
ଯାହା ଅଧା ରହିଯାଏ ସେ ସପନ ସତ୍ୟ ନୁହେଁ
ସର୍ବଦା ସପନ ଆଗରେ ଝଲେ
ଅନଦ୍ରା ଜାଗେରେ ଜୀବନ
ସ୍ୱପ୍ନ ପାଇଁ ର୍‌ତି ଦିନ -ଏହା ସପନ

ISSN NO.
2582-208X

ଚର୍ମଚକ୍ଷୁ ସମସ୍ତଙ୍କୁ ଦେଖାଏ ଏ ଜଗତକୁ
ନେତ୍ରଥାଇ ମଧ୍ୟ ଦୃଷ୍ଟିହୀନ ଅଜ୍ଞାନ
ଦେଖେ ନାହିଁ ନେତ୍ର ଯାହା ଅନ୍ତଃଦୃଶ୍ୟେ ମିଳେ ତାହା
ସୂର୍ଯ୍ୟ ଦେଉଛି କିରଣ କର ଗ୍ରହଣ
ଉଜ୍ଜ୍ୱଳ କର ସତଜ୍ଞାନ
ଯାହାପରି ଦୃଷ୍ଟି ନାହିଁ-ତାହା ଜ୍ଞାନ

ଟଙ୍କା ପଇସା ସମ୍ପତ୍ତି ସଭେ କରନ୍ତୁ ଆପତ୍ତି
ଲୋଭମନ ରମାରୁ ଧନ ଆଶା କରି
ଜାଣି ନାହିଁ କ'ଣ ଧନ। ଏ ପଛେ ଚଞ୍ଚଳ ମନ
ସଦା ପାଖେ ଥାଇ ଣ ଯାଏ ସରି
ଯେପରି ଅଟଇ ଏ ଜ୍ଞାନ
ଦୀପ ସଦୃଶ୍ୟ -ଏହା ପ୍ରକୃତ ଧନ

ISSN NO.
2582-208X

# ଗୁରୁଜୀ ଓ ଗୁରୁମା



ରାଧାରାଣୀ ରାଉଳ

ଗୁରୁଜୀ ଗୁରୁମା ହେଲେ ଆମ ଦେବତା
କରୁଥିବା ଆମେ ତାଙ୍କରି ପୂଜା
ଗୁରୁଜୀ ଗୁରୁମା ବାପା ମାଆ ଭଳି
କରନ୍ତୁ ଆମରି ସେବା
ନ ଆସିଲେ ପାଠ ବୁଝାଇ କହନ୍ତୁ
ନଦିଶିଲେ ପଥ ସାହସ ଦିଅନ୍ତୁ
ଅନ୍ଧ ପରି ଭାବି ଚକ୍ଷୁ ଦାନ ଦେଇ
ଗଢାନ୍ତୁ ଆମ ଭବିଷ୍ୟତ ସେଇ
ପଛେଇ ଗଲେ ବି ଆଗକୁ ନଅନ୍ତୁ
ମନରେ ସାହ ଦେଇ
କହନ୍ତୁ ଆଗେଇ ଚାଲରେ ପିଲାଏ
ଚାଲିବାକୁ ଅଛି ଅନେକ ବାଟ

ଥକ ପଡ ନାହିଁ ବାଟରେ
ମନରେ ସାହସ ରଖି ଆଗେଇ ଚାଲରେ
ତୁମ ଭବିଷ୍ୟତ ପାଇଁ ଶପଥ ନେଉଛୁ
ଦେବୁ ନାହିଁ କେବେ ଠକ
ଦୁର୍ବଳ ହେଲେ ବି କରନାହିଁ ଭୟ
ମୁର୍ଖ ହେଲେ ବି ନହୁଅ କଳଙ୍କ
ଆଗେଇ ଚାଲିଲେ ଉଜ୍ଜ୍ୱଳ ହୋଇବ
ତୁମ ଭବିଷ୍ୟତ କାଳ

କଟିକଟା, ଯାଜପୁର

ISSN NO.
2582-208X

# ମଧୁରାତି



ସରୋଜ କୁମାର ସାହୁ

ପାଖକୁ ଆସୁନ ଦୂରେଇ ଯାଉଛ
ଏତେ କାହିଁ ପାଇଁ ଲାଜ
କୁଆଁରୀରୁ ତମେ କୂଳବଧୂ ବେଶେ
ହୋଇଗଲ ପରା ସଜ ।
ସଜରେ ସଜରେ ପାହିଗଲେ ରାତି
ଶେଜଟା ହୋଇବ ବାସି
ଫୁଲମାନେ ପରା ଝାଉଁଳି ପଡିବେ
ନ ପାଇବେ ଯଦି ଖୁସି ।
ରୂପ ରଙ୍ଗ ସବୁ ନ ପାଇ ପାଉଣା
କରିବେ ସେ ମନେ ରୋଷ
ବିତିଗଲେ ରାତି ରହିବନି ସ୍ମୃତି
ପରେ ଦେବନାହିଁ ଦୋଷ ।
ଅତର ବାସରେ ମହକି ଉଠୁଛି
ଅଛୁଆଁ ସେ ଗୋରା ଦେହ
କେତେଘଡି ଆଉ ପ୍ରତୀକ୍ଷା କରିବ
ଓଠ ଖୋଲି କିଛି କୁହ ।

ଶୀତଳ କିରଣ ବିଛାଇ ଦେଇଛି
ଜହ୍ନ ବି ଆକାଶେ ଉଇଁ
ଲାଜରେ ଝାଉଁଳି ବସିଅଛ କାହିଁ
ଥରୁଟିଏ ଦିଅ ଛୁଇଁ ।
ସରିଯିବ ରାତି ମିଠା ଅନୁଭୂତି
ଫେରି ଆସିବନି ଥରେ
ଲାଗିଯାଇ ଦାଗ ବଦଳୁ ଏ ରଙ୍ଗ
ଦେହ ମନ ହୃଦୟରେ ।

ଆଠଗଡ଼, କଟକ
୯୩୪୮୫୭୫୨୨୪

(())

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଶୀତ ଦିନିଆ ରୋଗ ଓ ତାର ପ୍ରତିକାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସମଗ୍ର ବିଶ୍ୱରେ ରହିଥିବା ଦେଶଗୁଡିକ ରେ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ରୋଗ ର ପ୍ରାଦୁର୍ଭାବ ପ୍ରତୀୟ ମାନ ହୋଇଥାଏ I ଆମ ଭାରତରେ ମଧ୍ୟ ଋତୁ ଚକ୍ର ଅନୁଯାଇ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ରୋଗ ମନୁଷ୍ୟ ମାନ ଙ୍କ ସ୍ୱାସ୍ଥ୍ୟ ରେ ଦେଖା ଯାଇଥାଏ I

ଶୀତଦିନେ ସାଧାରଣତଃ, ଛୋଟ ଛୁଆ, ବୃଦ୍ଧ ବୃଦ୍ଧା ମାନଙ୍କୁ ଥଣ୍ଡା ଜନିତ ରୋଗ ର ପ୍ରକୋପ ହେତୁ ନାକ ଓ ପାଟିରୁ ତରଳ କଫ, ନିର୍ଗତ ହେବା ସହ, ଛିଙ୍କ, ସାମାନ୍ୟ ଜ୍ୱର, ମୁଣ୍ଡ ବ୍ୟଥା, ଶରୀର ର ଖଞ୍ଜା ଗୁଡିକ ସହ ସର୍ବ ଶରୀର ଯନ୍ତ୍ରଣା ସହ ଦୁର୍ବଳ ଅନୁଭବ ହୋଇଥାଏ I

ଶିତଦିନେ ଅଧିକାଂଶ ଲୋକଙ୍କ ଶରୀରରେ ଚର୍ମ ରୋଗ, ଓଠ ଓ ଗୋଡ଼ ଫଟା ମଧ୍ୟ ଦେଖା ଯାଏ, ଏହା ସାଧରଣ ତ ପ୍ରକୃତି ର ଜଳବାୟୁ ପରିବର୍ତ୍ତନ ହେତୁ ହୋଇଥାଏ I ଏହି ସାଧରଣ ରୋଗ କୁ ଆମେ ଆମର ବିଭିର୍ନ ଆୟୁର୍ବେଦ ଶାସ୍ତ୍ର ରେ ଉଲେଖ ଥିବା ଔଷଧ କୁ ବ୍ୟବହାର କରି, ଶୀତ ଦିନରେ ସୃଷ୍ଟି ହେଉଥିବା ରୋଗ ଗୁଡିକୁ, ପ୍ରତିରୋଧ ଓ ଉପଚାର କରି ପାରିବା ।

ଆମ ଚାରିପାଖରେ ଥିବା ଜଳ ବାୟୁ ରେ ବିଭିନ୍ନ ପ୍ରକାର ର ଭୁତାଣୁ (Virus) ଭାସମାନ ଅବସ୍ଥା ରେ ରହିଥାନ୍ତି, ଯାହାକି ଆମର ନିଶ୍ୱାସ ପ୍ରଶ୍ୱାସ ରେ ଆମ ଶରୀର କୁ ଅବାଧ ରେ ପ୍ରବେଶ କରିଥାନ୍ତି, ଯାହାକି ପରବର୍ତ୍ତୀ ଅବସ୍ଥା ରେ ଶରୀର ରେ ସଂକ୍ରମଣ ଜନିତ ବିଭିନ୍ନ ରୋଗ ରୂପେ ପ୍ରକାଶ ପାଇଥାଏ I ଯେ କୌଣସି ଭୁତାଣୁ ଶରୀର ରେ ପ୍ରବେଶ କରିବା

ISSN NO.
2582-208X

ପରେ ତାର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଥାଏ । ଯାହାର ଶରୀର ରେ "ରୋଗ ପ୍ରତିରୋଧକ ଶକ୍ତି" (immunity power) ସୁଦୃଢ ରହିଥାଏ, ସେମାନ ଙ୍କ ଶରୀର ରେ ବାହ୍ୟ ପଟୁ ପ୍ରବେଶ କରିଥିବା ଭୁତାଣୁ ର ପ୍ରଭାବ ହ୍ରାସ ପାଇ ରୋଗର ଲକ୍ଷଣ ପ୍ରକାଶ ପାଇନଥାଏ । ଯେଉଁ ବ୍ୟକ୍ତି ର ଶରୀରରେ "ରୋଗ ପ୍ରତିରୋଧକ ଶକ୍ତି" ଦୁର୍ବଳ ରହିଥାଏ ସେ ବ୍ୟକ୍ତି ଭୁତାଣୁ ର ସଂକ୍ରମଣର ଶିକାର ହୋଇ ଶରୀରରେ ରୋଗର ଲକ୍ଷଣ ପରିପ୍ରକାଶ ହୋଇଥାଏ । ଯାହାକି ନିକଟ ଅତୀତ ରେ "କରୋନା ଭୁତାଣୁ" ବା କୋଭିଡ -19, ଭୁତାଣୁ ସଂକ୍ରମଣ ଜନିତ ରୋଗ ର ସଂକ୍ରମଣ ରେ ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ହାନି ଘଟିଛି । ତେଣୁ ଏସବୁ ବିଷୟ କୁ ତର୍ଜମା କଲେ ସ୍ପଷ୍ଟ ଅନୁମେୟ ଯେ, ଆମେ ସର୍ବଦା ଆମ ଶରୀର ରେ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ କରି ରଖିବା ଉଚିତ, ଯଦ୍ୱାରା ସମସ୍ତ ଭୁତାଣୁ ଜନିତ ରୋଗ କୁ ଆମେ ସହଜ ରେ ପ୍ରତିରୋଧ କରିପାରିବା ସହ ଦୀର୍ଘାୟୁ ହୋଇ ବଞ୍ଚି ରହି ପାରିବା ।

ଶୀତ ଋତୁ ରେ ସାଧାରଣତଃ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇବା ଅତି ସରଳ ଓ ସହଜ ଉପାୟ ରହିଛି, । ଶୀତଦିନେ ବନ୍ଧା କୋବି, ଗଣ୍ଠି କୋବି, ଫୁଲକୋବି, ବିଟ, ଗାଜର, ବିନିସ, କଲରା, ଅମୃତ ଭଣ୍ଡା, କଞ୍ଚାକଦଳୀ, ପାଳଙ୍ଗ ସାଗ, କୋଶଳା, ଶାଗ ଆଦି ଅତି ଶସ୍ତା ଓ ସୁଲଭ ଦରରେ ମିଳିଥାଏ, ଉକ୍ତ ପରିବା ଖାଇ ଶରୀର ରେ ରୋଗ ପ୍ରତି ରୋଧକ ଶକ୍ତି ବୃଦ୍ଧି କରିବା ନିତାନ୍ତ ଆବଶ୍ୟକ ଅଟେ ।

### *ଶୀତ ପ୍ରକୋପ ର ସତର୍କତା*-

1. ଶୀତର ପ୍ରକୋପ ସମୟରେ ରୋଗୀ ବ୍ୟକ୍ତି, ଶିଶୁ, ବୃଦ୍ଧ, ବୃଦ୍ଧା, ଉଚ୍ଚ ରକ୍ତ ଚାପ, ମଧୁମେହ ରୋଗୀଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ।

2. ବାଇକ ରେ କିମ୍ବା ସାଇକେଲ ରେ ଯାତାୟାତ ବେଳେ ଶୀତ ବସ୍ତ୍ର ସହ ପାଦରେ ମୋଜା ଓ ଜୋତା ପିନ୍ଧିବା ଜରୁରୀ ।

3. ଶୀତଦିନେ ରୋଷେଇ ବେଳେ, "ନିଆଁ" ପୋଇଁବା ବେଳେ, ଅଧିକ ସତର୍କ ରହିବା ଉଚିତ ।

ISSN NO.
2582-208X

4. ଶୀତ ଦିନେ ଗରମ ଖାଦ୍ୟ, ଉଷୁମ ପାଣି ପିଇବା ଉଚିତ, ଅତ୍ୟଧିକ ଥଣ୍ଡା ପାଣି ପିଇବା ଅନୁଚିତ I

5. ଦୀର୍ଘ ଦିନ ଥଣ୍ଡା ଜନିତ ସଂକ୍ରମିତ ବ୍ୟକ୍ତି ମାନେ ଅଧିକ ସତର୍କତା ରହିବା ଉଚିତ, ଆସ୍ଥାମା ରୋଗୀ, ଇସୋନୋ ଫିଲିଆ, ସାଇନୋସାଇଟିସ, ଉଚ୍ଚ ରକ୍ତ ଚାପ, ମଧୁମେହ, ଆଦି ରୋଗରେ  ସଂକ୍ରମିତ ବ୍ୟକ୍ତି ଶୀତର ପ୍ରକୋପକୁ ପ୍ରତିହତ ପାଇଁ ନିଜେ ଅଧିକ ସତର୍କତା ଅବଲମ୍ବନ ଜରୁରୀ ଅଟେ ।

6. ଜରୁରୀ କାମ ନଥିଲେ ଥଣ୍ଡା ସମୟ ରେ ପଦାକୁ ବାହାରନ୍ତୁ ନାହିଁ I

7. ଶୀତ ଦିନେ କୌଣସି ଭୁତାଣୁ ଜନିତ ରୋଗ ରେ ସଂକ୍ରମିତ ହେଲେ, ତୁରନ୍ତ ଡାକ୍ତର ଙ୍କ ପରାମର୍ଶ ନିଅନ୍ତୁ I

*ଶୀତ ଦିନେ ସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦ ଉପଚାର -*

ଶୀତଦିନେ ଶରୀରରେ ହେଉଥିବା ରୋଗକୁ ପ୍ରତି ରୋଧ ପାଇଁ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କୁ ବୃଦ୍ଧି କରାଇବା ନିତାନ୍ତ ଜରୁରୀ:

1. ଥଣ୍ଡା ଜନିତ ରୋଗରେ ସଂକ୍ରମିତ ହେଲେ, କୃଷ୍ଣ ତୁଳସୀ ପତ୍ର ରସ 1 ଚାମଚ, ମହୁ 1 ଚାମଚ, ଅଦା ରସ 1 ଚାମଚ ମିଶାଇ ଦିନରେ 3 ଥର ଲେଖାଏଁ 3 ରୁ 5 ଦିନ ସେବନ କରିବା ସହ ଉଷୁମ ଜଳ ସେବନ କଲେ ଶରୀରରେ "ରୋଗ ପ୍ରତିରୋଧକ ଶକ୍ତି" ବୃଦ୍ଧି ପାଇବା ସହ ସମସ୍ତ ଥଣ୍ଡା ଜନିତ ରୋଗ ଉପଶମ ହୋଇଥାଏ I

2. ଡାଲଚିନି, ଗୋଲ ମରିଚ, ତେଜପତ୍ର, ଶୁଣ୍ଠୀ, କୁ କିଛି ସମୟ ସିଝାଇ, ଦିନରେ 2 ରୁ 3 ଥର ଲେଖାଏଁ 3 ଦିନ, ଉଷୁମୁ ଥିବା ବେଳେ ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ସମସ୍ତ ଥଣ୍ଡାଜନିତ ରୋଗ ଉପଶମ ହୋଇଥାଏ I

3. ପିପଳୀ କୁ ଅଳ୍ପ ଉଷୁମୁ କରି, ଗୁଣ୍ଡ କରି, ମହୁ ସହ ମିଶାଇ ଚାଟି କରି ସେବନ କଲେ ଥଣ୍ଡା ଜନିତ ପ୍ରକୋପ କମିଥାଏ I

ISSN NO.
2582-208X

4. ଯଂଘି ହରିଡ଼ା କୁ ଅଳ୍ପ ଭାଜି ଉଷୁମୁ ଥିବ, ଗୁଣ୍ଡ କରି ମହୁ ସହ ଚାଟି କରି ସେବନ କଲେ, ଥଣ୍ଡା ଜନିତ ଖାସ, ଛିଙ୍କ ତୁରନ୍ତ ଉପଶମ ହୋଇଥାଏ ।

5. ଥଣ୍ଡା ଜନିତ ରୋଗକୁ ପ୍ରତି ରୋଧ କରିବା ସହ, ଶରୀର ରେ "ରୋଗ ପ୍ରତିରୋଧକ" ଶକ୍ତି କୁ ବୃଦ୍ଧି କରିବା ପାଇଁ, ଚବନ ପ୍ରାଶ, ଥଣ୍ଡା କାଶ ରୁ ଉପସମ ପାଇଁ ହୋନୀଟସ, କଫଲେଟ, କଫୋଲ, ଆଦି କଫ ସିରଫ ଓ କଫଲ ଟାବଲେଟ, ବ୍ୟାଘ୍ରୀହରିତକୀ ଲେହ, ଆଦି ଆୟୁର୍ବେଦ ଔଷଧ, ଆୟୁର୍ବେଦ ଡାକ୍ତରଙ୍କ ସହ ପରାମର୍ଶ କରି ବ୍ୟବହାର ଦ୍ୱାରା, ସମସ୍ତ ଥଣ୍ଡା ଜନିତ ରୋଗ ପ୍ରତିରୋଧ ହୋଇପାରିବ.

ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ମଟର ରାଇତା



ଜୟନ୍ତୀ ଦେବୀ

**ସାମଗ୍ରୀ:**

ଦହି - ୨ କପ୍, ସିଝା ମଟର ଛୁଇଁ - ୧ କପ୍
ଜିରା ଗୁଣ୍ଡ - ୧ ଚାମଚରୁ କମ୍, କଳାଲୁଣ - ଅଳ୍ପ
ଲଙ୍କା ଗୁଣ୍ଡ - ଅଳ୍ପ, ଚାଟ୍ ମସଲା - ଅଳ୍ପ
ଲୁଣ - ଆବଶ୍ୟକ ପରିମାଣରେ

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଏକ ପାତ୍ରରେ ଦହି ରଖି ଏହାକୁ ଭଲଭାବେ ଫେଣ୍ଟି ଦିଅନ୍ତୁ । ଏବେ ଏଥିରେ ସିଝା ହୋଇଥିବା ମଟର ଛୁଇଁକୁ ପକାଇ ଭଲଭାବେ ଗୋଳାନ୍ତୁ । ଏହା ପରେ କଳା ଲୁଣ ଓ ଲୁଣ ମିଶାନ୍ତୁ । ପରେ ଜିରା ଗୁଣ୍ଡ, ଚାଟ୍ ମସଲା, ଲଙ୍କା ଗୁଣ୍ଡ, ଓ ଅଳ୍ପ ମଟର ପକାନ୍ତୁ । ଧନିଆ ପତ୍ର, କାକୁଡି କୋରି ମଧ୍ୟ ଏଥିରେ ପକାଇ ପାରିବେ ।

ଏବେ ପ୍ରସ୍ତୁତ ହୋଇଗଲା ମଟର ରାଇତା ॥

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଚଣା ଗାର୍ଲିକ ଫ୍ରାଏ



ଅଧାପିକା ରେ୍ଜାଲିନ୍ ବାରିକ୍

ଆବଶ୍ୟକ ସାମଗ୍ରୀ:

ସିଝା ଚଣା – ୧ କପ୍,
ରସୁଣ – ଅଧା କପ୍
ଜିର୍ ଗୁଣ୍ଡ – ୧ ଗ୍ଚମଚ
ଲଙ୍କା ଗୁଣ୍ଡ – ୧ ଗ୍ଚମଚ
ଗ୍ଚଟ୍ ମସଲ୍ – ୧ ଗ୍ଚମଚ

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଚଣାକୁ କଛି ଘଣ୍ଟା ପାଇଁ ବତୁର୍ଇ ସିଝି ଦିଅନ୍ତୁ। ଏହାକୁ ପ୍ରାୟ ୮୦ ପ୍ରତିଶତ ସିଝାନ୍ତୁ। ଏହା ପରେ ଏହାକୁ ଥଣ୍ଡା କରନ୍ତୁ। ଏହାପରେ ଚଣାକୁ ଅଳ୍ପ ପରିମାଣରେ ହାତରେ ଚପନ୍ତୁ। ତା ପରେ ଏହି ଚଣାକୁ ଛାଣି ନଅନ୍ତୁ। ଏହା ପରେ ଏକ ପାତ୍ରରେ ସମସ୍ତ ଛଣା ଦ୍ରବ୍ୟ ସହ ମସଲ୍ ମିଶାନ୍ତୁ ଏବଂ ପରଷନ୍ତୁ ଚଣା ଗାର୍ଲିଗ ଫ୍ରାଏ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ସ୍ୱାଦିଷ୍ଟ ଓ ସରଳ ସୁପ୍



ଅଳକା ବାରିକ୍

## ଆବଶ୍ୟକ ଉପକରଣ:

ବଟର - ୩ ଗ୍ଟମଚ୍, କର୍ଣ୍ଣଫ୍ଲୋର - ୧ ଗ୍ଟମଚ
କ୍ଷୀର - ୧ କପ୍, କଟା ଛତୁ - ୪୦୦ ଗ୍ରାମ
କଟା ପିଆଜ - ୨ ଟି, ପାଣି - ୨ କପ୍
ଲୁଣ - ଅଳ୍ପ, ଗୋଲମରିଚ ଗୁଣ୍ଡ, କଟା ଧନିଆ ପତ୍ର ଅଳ୍ପ

## ପ୍ରସ୍ତୁତି ପ୍ରଣାଳୀ:

ଗ୍ୟାସ ରେ କଡେଇ ବସାଇ ବଟର ଗରମ କରନ୍ତୁ । ବଟର ପକାଇବା ପରେ ଏଥିରେ ଛତୁ ଓ ପିଆଜ ପକାଇ ଭଲଭାବେ ଭାଜନ୍ତୁ । କିଛି ସମୟ ଭାଜିବା ପରେ ଗୋଲମରିଚ ଗୁଣ୍ଡ ଓ ଲୁଣ ପକାଇ ପୁଣି କିଛି ସମୟ ଭାଜନ୍ତୁ । ଭାଜିବା ପରେ ଏକ ପାତ୍ରକୁ କାଢି ଭାଜିଥିବା ଛତୁକୁ ଥଣ୍ଡା କରି ଏଥିରେ କ୍ଷୀର, କର୍ଣ୍ଣ ଫ୍ଲୋର ପକାଇ ଭଲଭାବେ ପେଷି ଦିଅନ୍ତୁ । ପେଷିବା ପରେ ଗ୍ୟାସରେ ପୁଣି କଡେଇ ବସାଇ ଆଉଥରେ ଏହି ମିଶ୍ରଣକୁ ପକାଇ ଅଳ୍ପ ପାଣି, ଅଳ୍ପ ଗୋଲମରିଚ ଗୁଣ୍ଡ ପକାଇ ପୁଣି କିଛି ସମୟ ଗୋଳାନ୍ତୁ । ଏବେ ଏହାକୁ ଏକ ପାତ୍ରରେ କାଢି ଧନିଆ ପତ୍ର ଦେଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଓ ସରଳ ସୁପ୍ ।

ମହୁ, ଆଳି, କେନ୍ଦ୍ରପଡା

ISSN NO.
2582-208X

# ମକା-ପନିର ପକୋଡା



ଲକ୍ଷ୍ମୀପ୍ରିୟା ବିଶ୍ବାଳ (ପୂଜା)

ସାମଗ୍ରୀ:

ଜିର୍‌ ପାଉଡର - ଅଧା ଗ୍ଚମଚ,
କଟା ଧନିଆ ପତ୍ର - ୨ ଟେବଲ ଗ୍ଚମଚ
ବେସନ - ୨ ଟେବଲ ଗ୍ଚମଚ,
ଲୁଣ - ସ୍ୱାଦ ଅନୁସାରେ
ଚୁନା ଚୁନା କଟା ହୋଇଥିବା ଅଦା - ୨ ଗ୍ଚମଚ
ରସୁଣ - ୨ ଗ୍ଚମଚ,
କନା ଲଙ୍କା - ୨ ଟି
କ୍ଷୀର- ୧ କପ୍‌,
ଆମଚୁର ପାଉଡର - ୧ ଗ୍ଚମଚ
ପିଆଜ - ଗୋଟିଏ,
ପନିର - ୧୦୦ ଗ୍ରାମ୍‌,
କଞ୍ଚା ମକା ଦାନା - ୨୦୦ ଗ୍ରାମ,
ଛାଣିବା ପାଇଁ ତେଲ

ISSN NO.
2582-208X

### ପ୍ରସ୍ତୁତି ପ୍ରଣାଳୀ:

ମକା ଦାନା ଗୁଡିକୁ ଦର ଛେଚ୍ଚି କରି ଦିଅନ୍ତୁ । ପନର କୁ ଗ୍ରେଟରରେ କୋରି ନଅନ୍ତୁ । ପ୍ୟାନ ରେ ତେଲ ଗରମ କରି ସେଥିରେ ଅଦା ଓ ରସୁଣ ମିଶାଇ ଟିକେ ଭାଜନ୍ତୁ । ରଙ୍ଗ ସାମାନ୍ୟ ବଦଳ ଆସିଲେ ସେଥିରେ କ୍ଷୀର ମିଶାଇ ବହଳଆ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ମକା ସିଝିଗଲ୍ ପରେ ଆଞ୍ଚରୁ କାଢି ଥଣ୍ଡା ହେବାକୁ ଦିଅନ୍ତୁ । ଏହା ପରେ ସେଥିରେ ପନର, କଟା ପିଆଜ, କଞ୍ଚା ଲଙ୍କା, ଜୀରା ପାଉଡର୍, ଆମଚୁର ପଉଡର, ଧନଆ ପତ୍ର ଓ ଲୁଣ ଏକାଠି କରି ଭଲକରି ଗୋଳାନ୍ତୁ । ଏଥର ସେଥିରେ ବେସନ ମିଶାଇ ସେଥିରୁ ବଲ୍ ଭଳ ଗଢନ୍ତୁ । କଡେଇରେ ତେଲ ଗରମ କରି ସେହି ବଲ ଗୁଡିକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ପୁଦିନା କମ୍ବା ଟମାଟୋ ଚଟଣି ସହିତ ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ମୋର୍ ଦୁଖ୍ କେତେ
# ନି କେତେ କମ୍



ସନ୍ତୋଷ କୁମାର ବେହେରା

ଆଏଜ୍ ଜାନନ ଦୁନଆଁ ଭିତରେ
କେତେ ଦୁଖି ରଙ୍କି ଅଛନ୍
ସମକର୍ ଭିତରେ ମୋର୍ ଦୁଖ୍ ଟାତ
କେତେ ନ କେତେ କମ୍ (୧)

ଦୁଖ୍ ଜନାବାକେ କେତେ ଦୁରୁ ମୁଇଁ
ଦେଖା କରି ଆସିଥିଲି
ମୋର୍ ଦୁଖ୍ ତଲେ କେତେ ଦୁଖି ଦେଖି
ମୋର୍ ଦୁଖ୍ ଭୁଲି ଗଲି (୨)

କାର୍ ହାତ୍ ନାଇଁ,କାର୍ ଗୋଡ୍ ନାଇଁ
ଆଏଁଖ୍ ଗୁଟେ ନାଇଁ କାର୍
ଫିର୍ ଭି ଖୁସିରେ ଦିନ୍ କାଟୁଛନ୍
ନାଇଁ ମାନବାର ତ ହାର୍ (୩)

ସେ ଠାନୁ ମୁଇଁ ତ କେତେ ସୁଖେ ଅଛେଁ
ଦୁଖ୍ ଦେଲି ନ ପାସିରି

ISSN NO.
2582-208X

ଦୁଖ୍ ସୁଖ୍ ଏଇ ଦୁନଆଁ ଭିତରେ
ଦୁଖ୍ ଜହଁ ଅଛେ ଭରି (୪)

ସୁଖ୍ ବଲିକରି କଏ ତ ନାଇଁନ
ହଜାରେ ରେ ଭି ତ ଗୁଟେ
ଧନ୍ କମେଇଁ ମନ୍ ପରଛା ନାଇଁନ
ଯଉଛନ୍ ସଭେ ଉ ବାଟେ (୫)

ଦୁଖ୍ କେ ତ ମୋର୍,ନାଇଁନ ହୋ ଡର୍
ଦୁଖେ ନାଇଁ ହୁଏଁ ଘାରି
ଦୁଖ୍ କେ ଭି ମନେ,ସୁଖ୍ ଭିବିଦେଲେ
ହେଇ ଯିବି ଡଂଗା ପାରି (୬)

କପସିଲ୍, ତୁଷୁର୍, ବଲଙ୍ଗିର
ମୋବା:-୭୭୩୫୬୧୫୧୦୭

ISSN NO.
2582-208X

# କୋଶଲି/ସମଲପୁରୀ - ଲକ୍ଷ୍ମୀ ପୁରାନ୍



ସତ୍ୟନାରାୟଣ ମିଶ୍ର

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଳୟେ ଶୁଭେ
ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

(ଜଏ ମା ମହାଲଁଖୀ)

ଜୁହାର୍ ଗୋ ମା କମଲିନି ସାଗର ଦୁହିତା
ବୈକୁଁଠ ବାସିନୀ ଦେବୀ ଜଗତ ର୍ ମାତା ।
ଦୟାବତୀ ମହାମାଇ ଅରନ୍ ଦାତ୍ରୀ ରମା
ସଂକଷ୍ଟ ହରିନି ମା ତୋର୍ ଅଶେଷ ମହିମା।
ତତେ ଯାହାର୍ ଦୟା ନାଇଁ ମରୁଥିସି ଭୁକେ
ତୁଇ ଯାକେ ପ୍ରସନ୍ ହେସୁ ଚଲୁଥିସି ସୁଖେ ।
ତୋର୍ ମହିମା ମୁଇ ଟିକେ ମାତର୍କ ଲେଖିମି
ସୁଦୟା କର୍ବୁ ଗୋ ମା ବାଇ ଠାକୁରାନି ।
ଦିନେ ନାରଦ ପରାସର ଦୁହିଁ ମୁନିମାନେ
ବୁଲି ବୁଲି ପହଁଚିଲେ ଗୁଟେ ଗାଁ ଠାନେ।
ଦେଖୁଥିଲେ ସମକର୍ ଘରେ ଖର୍ସି ଲିପି ପୁଛି
ଆଲୁଆ ଚଉଲ୍ ବାଟି କରି ଲେଖିଅଛନ୍ ଝୁଁଟି ।

ISSN NO.
2582-208X

ବାମହନ୍ ଠାନୁ ଚଣ୍ଡାଲ୍ ଯାକେସବୁ ନାରୀମାନେ
ଲଖ୍ ମି  ପୂଜା କରୁ ଅଛନ୍ ଭାବ ଭକ୍ତି ର୍ ମନେ ।
ନାରଦ୍ ମୁନି ପଚାରଲେ ହଏ ହୋ ପରାସର
କାଁଏ ପୂଜା ଚାଲିଛେ ଇଟା ଗାଁର୍ ସବୁ ଘର ।
ସବୁ ଜାତିର୍ ନାରୀ ମାନେ କରୁଛନ୍ ଇ ବରତ୍
କାହାର୍ ଲାଗି ପୂଜା ଇଟା କହେବ ମତେ ସତ ।
ହସି କହେଲେପରାସର କଲିହା ମୁନି ସୁନ
ମାନ୍ ବସା ଗୁରୁବାର ଲକ୍ଷ୍ମୀ ପୂଜା ଜାନ ।
ମଗସିର ର୍ ସବୁ ଗୁରୁବାର  ହେସି ଲଖି ପୂଜା
ମା ର୍ ବଡା ସଉକି ଇଟା ବରତ୍ ଭିତରେ ରାଜା,
କହେଲେ ନାରଦ୍ ହେ ପରାସର କହ ମତେ ତମେ
କିଏ କେଭେଁ ଲଖ୍ ମି  ଛଡା ହେଇଛେ କାଁ କେନେ ?
ପରାସର କହେଲେ ହୋ ନାରଦ ମୁନି ସୁନ
କହେମି ମୁଇ  ତମର୍ ଠାନେ ଶ୍ରୀ ଲକ୍ଷ୍ମୀ ପୁରାନ ।
ଜଗନାଥକେ ଆଜ୍ଞା ମାଗି ମହାଲଖୀ ଦିନେ
ନଗର୍ ବୁଲି ବାହାରିଲେ ଗହ ଗହ ମନେ
ଯିବାର୍ ବେଲେ କହେଲେ କାହ୍ନୁ ସୁନ ଗୋ ସୁନ୍ଦରୀ
ରନ୍ଧା ବଢ଼ା କର୍ବ ତମେ ଜଲଦି ଆସବ ଫିରି ।
ହଁ ବୋଲି ପଦ୍ମଲୟା  ସଜ ବାଜ ହେଲେ
ବୁଢ଼ୀ ବାମନି ର୍ ରୂପ ଧରି ଘର ବୁଲି ଗଲେ ।
ସାଧବ ଘରେ ଦେଖଲେ ମା ହେଇଛେ ଅପନ୍ତରା
ସାଧବାନି କେ କହେଲେ ଇଟା କାଏଁ ବଏସରା ।
ଆଜି ମଗସିର ଗୁରୁବାର କର୍ବୁ ଲଖି ବରତ୍
ସଖାଲୁ ଉଠି ଗା ଧି  ପକା ହେଇ ମନେ ଉସତ୍ ।
ଖର୍ସି ଚୁତେ ଆନି କରି ଦୁଆର୍ ଘର୍ ଲିପି
ଲେଖି ଦେବୁ ଲକ୍ଷ୍ମୀ ପାହା ପିଠଉ କରି ଝୁଟି ।

ISSN NO.
2582-208X

( ୧ )

ଧୁଇ କରି ନୂଆଁ ମାନ୍ ଟେ ବସାବ ଖଟଲି ଉପୁରେ
ନୂଆଁ ଧୋବ୍ ଧାନ ଖେଡେ ଥୁଇବୁ ଅତି ଯତନରେ।
ମାନେ ଭରବୁ ପୁରେଇଧାନ୍  ଉପୁରେ ତିନ୍ ଟାଗୁଆ
ରଖିକରି ପୂଜା କର୍ବୁ ଧୂପ ଦୀପେ  ମହା ମାୟା ।
ପହେଲା ଦେବୁ ବାଲ୍ ଭୁଗ ଆରୁ ପଛେ ଲଗାବୁଲିତା
ମନ ଦେଇକରି ପୂଜା କଲେ କୁର୍ପା କର୍ବେ ମାତା ।
ଉଜଲ୍ ପଖେ ଦଶମୀ ଦିନେ ଗୁର୍ବାର୍ ଯେଭେଁ ହେବା
ସେ ଦିନେ ବି ଲକ୍ଷ୍ମୀମା ର୍ ସୁଦଶା ବରତ୍ ପଡବା ।
ହେ ଦିନେ ବି ଖଟଲି ବସେଇ ମା ର୍ ପୂଜା କର୍ବ
ଦଶ କେରା ସୁତା ଧରି କରି ବରତ୍ ଗୁଟେ ବନାବ।
ରମା ର୍ ଦଶ  ନାଁ ଧରି  ପକାବ  ଗଏଁଟ୍ ଦସ୍ ଟା
ଦସ୍ ଟା ଦୁବ୍ ଗୁରେହି କରି ରଖବ ବର୍ତ ସୁତା ।
ଅଲୁଆ ଚଉଲ ଚୁନା ପାଗି ବନାବ ମଡା ଦସ୍ ଟା
ପୁର୍ ଭରବ  କଦଲି ନଡ଼ିଆ ଛେନା ଖନ୍ ଖିର୍ଷା ।
ସେ ପର୍ସାଦ୍ ପାଇ କରି ରହେବ ସୁଖେ ଦିନେ
ପୂଜାଭୋଗ୍ କେ ନାଇଁ ବାଆଁଟିବ ପରା ପାଟ୍ ଠାନେ,
ବିହା କରିଥିଲା ଟୁକେଲ୍ କେ ବି ଖୁଆବାର୍ ଟା ମନା
ମନେ ରଖିଥା ସାଧବନୀ ଗୋ ତତେ କହୁଁଛେ ସିନା ,
ମନେ ରଖିଥା ଗୁର୍ବାର୍ ଥି ନାଇଁ ଭାଜବୁ ଲିଆ
ନାଇଁ ଖଏବୁ ଝୁରି ଶିକାର୍ ,ଖେଲବୁ ନାଇଁ ଜୁଆ ।
ନାଇଁ ଛଡା ବୁ ମୁଡକାନ୍ ମାଖବୁ ନାଇଁ ତେଲ୍
ସୁଇବୁ ନାଇଁ ମୁନୁସ ର୍ ସଂଗେ ରାତି ହେଇ ଗେଲ୍ ।
ଖଟ  ଛାଏଁ ନେ ନାଇଁ ସୁଇବୁ ନାଇଁ ଫିକିବ ଅରନ୍
ରାତି ର୍ ବେଲେ ଦହି ପିତା ନାଇଁ କର୍ବୁ ଭୋଜନ୍ ।
ଏତେ ସବୁ କଲା ଲୋକ୍ ନାଇଁ ପାଏ ଲକ୍ଷ୍ମୀ କେ

ISSN NO.
2582-208X

ପଡୁଥିସି ଅଭାବ ଦୁଃଖ୍ ମରିଯିବ ଭୁଖେ ।
ସଂଜ୍ ବହଲା ଉତୁରୁ ଆରୁ ନାଇଁ ଦେବ ସଂଜବତୀ
ଗୁର୍ବାର ଦିନେ ଛୁଆକେ ପିଟିଲେ ଅତି ହି ବିପତି ।
ଗୁରୁବାର୍ ଥି ପୁଡା ଦରବ୍ ନାଇଁ ଖାଏବ କେଭେଁ
ସାସ ସସୁର୍ କେ ନାଇଁ ମାନେ ଜେନ୍ ବହ ଜେଭେ ।
ଗୁସିଆ ର୍ ମନେ ଦୁଃଖ ଦେସି ନାଇଁ ମାନେ କଥା
ସେ ହେବା ଯେ ଲଖି ଛଡା ଘାରିଦେବା ଚିନ୍ତା ।
ହାତ୍ ପାହା କେ ନାଇଁ ଧୁଇ ଯେ ବସବା ଖାଇ
ଖିଅର ହେବା ଗୁରୁବାର୍ ଥି ଜେନ୍ ଲୋକ ଯାଇ।
ସଭା ଠାନେ ମିଛ କହେସି ନାଇଁ କରେ ଦାନଧରମ୍
ସେ ଲୋକ କେ ଲଖିମି ର୍ ରିସ୍ ଫାଟି ଯିବା କରମ୍,
ଗୁର୍ବାର୍ ନାରୀ ଯଦି ପିନ୍ଧବା ଦୁବୁଲା କପ୍ଟା
ହେବା ସେ ନାରୀ ସୁଭାଗ୍ୟବତୀ ସତ ଇ କଥା ।
ନାଇଁ ମାନଲେ ଉଁଆସ୍ ସଂକ୍ରାନ୍ତୀ,ଜମି ଗଲେ ଜୁତି
ସ୍ତ୍ରୀରି ପୁରୁଷ ଗୁଟେ ହେଲେ ପଡ଼ବା ଯେ ବିପତି ।

( ୨)

ସକାଲେ ଉଠି ସୁଇଲା ଖଟୁ ନାଇଁ ଧୁଇଲେ ମୁହୁଁ
ତାହାର ଘର୍କେ କମଳିନୀ ମୁରି ଦେସି ମୁହୁଁ ।
ବିନା ଆସନ୍ ପାରି ନାଇଁ ଖାଇବ ଖାନା ଆନି
ଦଖିନ୍ ମୁହାଁ ଖାଇ ବସଲେ ଆଏସହେସି ହାନି ।
ସଦାବେଲେ ଗାଲି ଝଗର୍ ଲାଗୁଥିଲେ ଘରେ
ନାଇଁ ରହେ ପଦ୍ମଲୟା ପଲେଇ ଯିବା ଦୁରେ ।
ସମକୁ ଯଦି ସମାନଭାବେ ନାଇଁ ପର୍ସିବ ଅରନ୍
ନାଇଁ ମାନ୍ ଲେ ଦେବୀ ଦେବତା ଗୁରୁ ଇଷ୍ଟ ବାମ୍ଭନ୍ ।
ନାଇଁ ଦେଲେ ଭିକାରୀ କେ ଚଉଲ୍ ମୁଠେ ଆନି

ISSN NO.
2582-208X

ରାଗ୍ ଲାଗସି ମହାଲଁଖୀ କେ କର୍ସି ସୁଖ ହାନି ।
ଆଜି ଠାନୁ ସାଧବାନି ଲୋ ଲଖୀ ବରତ୍ କର
ସବୁ ସମ୍ପତି ମିଲୁ ତତେ ଦୁଃଖ ହେବା ଦୂର ।
କହି କରି ଗାଁ ଖୁଲି  ଥି ଚାଲ୍ଲେ ମହା ମାଇ
କାହାର୍ ଦୁଆରେ ଲିପା ପୁଛା ଝୁଟି ଗୁଟେ ନାଇଁ
କେନ୍ ମାଏ ଝି ସୁଇଛେ ତାଲ୍ ଦିହେଁ ନାଇଁ ଶାଢ଼ୀ
କିଏ ଅଛେ ମୁକୁଲା ବାଲେ ମୁହୁଁ ମାଡି କରି ।
ଛି ଛି ବୋଲି ସେନୁ ଭାଗଲେ ସାଗର ତନୟା
ଚଣ୍ଡାଲ୍ ପରା ର୍ ଶ୍ରୀୟା ଦୁଆରେ ହେଲେ ଛନେଠିଆ
ସେ ଲିପିଛେ ଘରଦୁଆର୍ କାଟି ପିଠଉ ଝୁଟି
ସୁଲ୍ହ ପଦମ୍  ଝୁଟି ଅଛେ ଜେନେ ପୂଜା କୁଠି ।
ଫୁଲ୍ ଦୁବ୍ ଭୋଗ ରାଗ ପୂଜା ଠାନେ ଥୁଇ
ଜୁହାର କରି ଡାକୁଚେ ସେ ମା ଗୋ ଦୟାମୟୀ ।
ମା ଗୋ ମା ଲଖମି ମା ଶ୍ରୀ ହରି ଭାରିଜା
ମୁଇ ହୀନ ଚନ୍ଦ୍ରାଲେନ୍ ମା ଘେନବୁ ମୋର୍ ପୂଜା ।
ସୁନି କରି ଜଗତମାତା ଶ୍ରୀୟା ର୍ ମିନ୍ତି ଡାକ୍
ଠିଆ ହେଲେ ପୂଜା ଠାନେ ଘର୍ ଦିଶିଲା ଝକାସ୍
କହେଲେ ଆଲୋ ଶ୍ରୀୟା ତୁଇ ମାଗିପକା ବର୍
ତୋର୍ ଉପୁରେ ଉସତ୍ ମୁଇ ଉଛୁର୍ ନାଇଁ କର୍ ।
ମୁଡ଼େ ହାତ ରଖି ଶ୍ରୀୟା ର୍ ଆଖି ବୁହୁଛେ ପାନୀ
କହେଲା କାଁ  ବର ମାଗମି ମାଗି ନାଇଁ ଜାନି ।
ଗାଏ ଗୁଠେ ଦେବୁ ଗୋ ମା ଲକ୍ଷେ ଗୋରୁ ଗାଏ
କୁବେର୍ ବାଗିର୍ ଧନ ଦେବୁ କୂଲେ ଦେବୁ ଛୁଏ ।
ଅମର କରି ରଖବୁ ମତେ ଚାରି ଯୁଗେ ତୁଇ
ବାଏରି ହେଇଗଲୁ  କାଁଏ କହେଲେ ମହା ମାଇ ।
ଯାହା ମାଗଲୁ ଦେଲି ତତେ ଅମର୍ ବର କେ ଛାଡି

ISSN NO.
2582-208X


ଜନମ୍ ନେଲେ ଦେବତା ଗଲେ ଇନେ ଯାଏ ମରି ।
ଯେତେ ଦିନ ଜୀଇଁ ଥିବୁ ରହେବୁ ବଡା ସୁଖେ
ମରି ଗଲେ ବସବୁ ଯେଇ ବୈକୁଁ ଠ ଲୁକେ ।
ଲକ୍ଷ୍ମୀ ନାରାୟନ୍ ପାଦେ ତୋର ରହିଥାଉ ମନ
ମୋର୍ ପୂଜା କରି କରି ଗୁଅଉଁ ଥିବୁ ଦିନ ।।

( ୩ )

ଝାର୍ କେ ବୁଲି ଯାଇଥିଲେ କାଲିଆ ବଲିଆ
ଧିଆନ୍ କରି ଜାନିଗଲେ ହେଲା ଯେ ଅଡୁଆ।
ବଲରାମ କହେଲେ ରିଷେ ଦେଖ୍ ରେ ବନମାଲି
ତୋର୍ କନିଆଁ ଯାଇଥିଲା ଚଣ୍ଡାଲ୍ ପରା ବୁଲି ।
ହାଡ଼ି ଘରେ ଥିବା ନାଇଁ ତ ଘାସି ଘରେ ଥିବା
ନାଇଁ ଗାଧି ପାଧି କରି ଦେଉଲେ ଢୁ କି ବା ।
ଦରିଦ୍ର ଭଂଜନୀ ବୋଲି ନାଁ ଟେ ରଖିଛେ
ଆମର୍ ଦୁଇ ଭାଇ କେ ସେ ବିଟାଲ୍ କରୁଅଛେ ।
ମାଏପ କେ ସଉକି ଯଦି ଯା ତାହାର୍ ସଂଗେ
ଚଣ୍ଡାଲ୍ ପରା ଥି ଘର୍ ବନାବୁ ରହେବୁ ଯୁଗେ ଯୁଗେ,
ନହେଲେ ମୋର୍ କଥା ମାନି ଦେ ତାହାକେ ଖେଦି
ସେ ଥିଲେ ଭଲ୍ ଦସା ନାଇଁ ସୁନ ରେ ବାଞ୍ଛାନିଧି ।
ହରି କହେଲେ ତାକେ ଯଦି ଛାଡି ଦେମି ଦାଦା
ତାହାର୍ ଇନ୍ତି କନିଆଁ ମତେ କେନ୍ ନେ ମିଲିବା ।
ସରବ୍ ଦେବତା ଡାକି କରି କରମା ତାକେ ଜାଏତ୍
ଆରୁ କେଭେଁ ଭୁଲ୍ ଦେଖଲେ ଛାଡ଼ି ଦେମି ସଏ ତ୍ ।
ଗୁଟେ ଥର ଦୋଷ ଖେମା କର ଦାଦା ତମେ
ସୁନି ବଳରାମ ରିଷେ ହେଲେ ତୁ ତୁ ମେମେ ।
ଲଖି ଯଦି ରହେବା ଇନେ ନାଇଁ ରହେ ମୁଇ
ମାହେଜି ଗୁଟେ ଜାନି ଥା ରେ ପାହା ଥି ପଣ୍ଡେଇ ।

ISSN NO.
2582-208X

ଛାଡି ତାକେ ରହ ଇନ ନହେଲେ ଯା ବାହାରି
ତାହାର୍ ସଂଗେ ହାଡ଼ି ପରା ଥି ରହେବୁ ଘର୍ କରି ।
ଦାଦା ର୍ କଡା କଥା ହରି ନାଇଁ ପା ର୍ ଲେ ସହି
ଛାଡି ଦେଲି କମଲାକେ ବୋଲି ଦେଲେ କହି ।
କହୁଁ କହୁଁ ସିଂ ଦୁଆରେ ବିଜେ କମଳିନୀ
ବାଟ ଛାଡ଼ ଧନମାଲି ଭିତର କେ ଯିମି ।
ରାନ୍ଧିଦେମି ଦଶମୀ ର୍ ଭୋଗ୍ ଖାଏବ ଦୁଇ ଭାଇ
ବାଏରି ହେଲୁ କାଁଏ  ଲଖିମି, କହେଲେ କହ୍ନେଇ ।
ଚଣ୍ଡାଲ୍ ଘରୁ ପୂଜା ଘେନି ଘର୍କେ ଫିରୁଛ ସିଧା
ମୁଁଇ ଦେଖିଥିଲେ ଚଲିଥିତା ଦେଖିଦେଲେ ଦଦା ।
ବାଇ ଠାକୁରାନି ତୁଇ ଭାଙ୍ଗି ଦେସୁ  ଘର୍
କାହାକେ ଦେସୁ ଲାଖେ ଭନାର୍ କାହାକେ ଭାବୁପର୍,
ତୋର୍ ଠାନେ ମୋର୍ କାମ ନାଇଁ ଭାଗି ଯା ନ ଇନୁ
ଦାଦାର୍ ଗାଲି ଅସୁହା ମତେ ତୁଇ କେଁ ନାଇଁ ଜାନୁ ।
କହେଲେ ଲକ୍ଷ୍ମୀ ଦୋସ ଯଦି କଲି ଜଗନାଥ
ଦଶ ଟା ଦୋସ୍ ଖେମା ଦେବ କରିଥିଲ ସତ।
ଗୁଟେ କେ ତ ନାଇଁ ପାରୁଛ ଦଦାର୍ କଥା ଧରି
ଛାଡ଼ବ ଯଦି ଦେଇଦିଅ ଛାଡ଼ପତର୍ କରି ।
ନାଇଁ ଚଲେ ମୋର୍ ଜାତିନେ ଛାଡ଼ ପତର୍ ନିଅମ୍
କହେଲେ ହରି ହେନ୍ତା ଭାଗ ଧରି କରି ଦମ୍ ।

( ୪ )

ଆଖିନୁ ଝରେଇ ଲହ କହେଲେ ଚଂଚଲା
ଜୁଆଖେଲ ର୍ ସତ ତମର୍ କେନ୍ ଆଡେ ଗଲା ।
କହିଥିଲ ଯିବାର୍ ଲାଗି ଗୁରୁବାରେ ମୁଇ ବୁଲି
ସବୁ ଜାତିକେ ଅରନ୍ ଦେମି  କାଁଏ ଯେ ଗଲ ଭୁଲି।
ହାଡ଼ି ଦୁଆରେ ଠିଆ ହେଲି ଯେ ଜାତି ଯଦି ଗଲା

ISSN NO.
2582-208X

ତମେ କେନ୍ତା ଗଉର୍ ଘରେ କରୁଥିଲ ଲୀଳା ।
ଶବର ଘରେ ଖାଇଛ ତମେ ଦାସ ଘରେ ଖାଇଛ
ଆପେ ଜାଏତ୍ ବୁଢ଼ା ହେଇ ମତେ ନିନ୍ଦା କରୁଚ ।
କେନ୍ତା ତମେ ନାଇଁ କରୁଛ ବିଚାର୍ ଟିକେ ମନେ
ଯା ଯା ବୋଲି ଖେଦୁଚ ମତେ ସିଂ ଦୁଆର ଠାନେ ।
ହରି ବଏଲେ କଥା ମାନି ଯାଇ ଥା ଦିନା କେତେ
ଖାନା ଖର୍ ଚା  ପିନ୍ଧନା ପଟା ପଠେଇ ଦେମି ତତେ।
ଦିନାଦୁଗଲେ ଆନି ଯିମି ମନେଇ କରି ଦାଦା କେ
ତାକେ ସିନା ଦେଖମି ଏଛେନ୍ ନାଇଁ ଦେଖେ ତତେ ।
କହେଲେ ଶିରି  ଥାଉ ଥାଉ ନାଇଁ ଦେବ କିଛି
ବୁଆ ଘର୍କେ ଯିମି ମୁଇ ନାଇଁ ସେ  ଅଲାର୍ ଦୁଖୀ ।
ତମେଦେଲା ସୁନା ରୁପା କାଢି ଦେମି ନିଅ
ନେଲା ବୋଲି ପଛେ କହେବ ନିନ୍ଦା କରି ଜହ ।
ଥାଉ ଥାଉ କହେତେ ହରି ନାଇଁ ମାନ୍ ଲେ ଲଖି
ହିଟେଇ କରି ସା ଜୋ ବା ଜୋ ଆଘେ ଦେଲେ ରଖି।
କଣ୍ଠ ଫୁଲ ନାକ୍ ଚୁଟୁକି ହାର ମାଲି ଚୁରି
ଅଂଟା ସୁତା ମଥା ମନୀ ସବୁ ଦେଲେ ଖୁଲି ।
ମୁଦି ପଞ୍ଝୁଲ୍ ବାହସୁତା ମକୁଟ୍ ହୀରା ମୋତି
ଝଲଝଲ ଝକୁ ଥିଲା ଯେନ୍ତା ଜନକ ରାତି ।
ଧରେଇ ଦେଲେ ନିଅ ଆହୋ କାଇଁଚ ମାଲିଆ
ତାକେ ପିନ୍ଧାବ ହେବ ଜେଭେ ଆରୁ ଗୁଟେ ବିହା ।
ମୁଇ ଯଉଁଛେ ଛାର୍ରି ହେଇ ଛାଡି ଦେଲ ବୋଲି
ଗଲା ବେଲେ ସାଏପ୍ ଦେଉଁଛେ ରବି ସାକ୍ଷୀ କରି ।
ବାର ବଛର୍ ଯାକେ ତମକୁ ଅରନ୍ ନାଇଁ ମିଲେ
ଦୁହିଭାଇ ବୁଲୁ ଥିବ ଭୁଖେ କଲ ବଲେ ।
ମୁଇଁ ଚଣ୍ଡାଲେନ୍ ଯେଭେଁ ଟେକି ଦେମି ଅରନ୍

ISSN NO.
2582-208X

କାଲିଆ ବଲିଆ ଦୁହେଁ କରି ପାର୍ବ ଭୋଜନ୍ ।
ଏତେ କହି ଗୁଟେ ମୁହାଁ ଭାଗିଗଲେ ରମା
ସାଗର୍ ଖନି  ବିସ୍ କର୍ମା ର୍ କଲେ ସୁମରନା ।
ସେ ଘଡିକେ ବିଶ୍ୱକର୍ମା ଠାନେ ହେଲେ ଠିଆ
ମହଲ୍ ଗୁଟେ ବନ ବୋଲି କହେଲେ ମହା ମାୟା।
ଆଜ୍ଞା ପାଇ ବିସ୍ କର୍ମା ବନାଲେ ଗୁଟେ ମହଲ୍
ରହେଲେ ତହିଁ ପଦ୍ମଲୟା ,ଦାସୀ ଗହଲ୍ ଚହଲ୍ ।
ସୁନା ରୁପା ହୀରା ନିଲା ମୋତି ମାନିକ୍ ଖଞ୍ଜି
ବନେଇ ଦେଲା କାରିଗର  ମାତା ର୍ ମନ ରଂଜି ।

କ୍ରମଶଃ.......

ସିନ୍ଧେକେଲ୍ ବଲ୍ଙ୍ଗୀର
9583605915

ISSN NO.
2582-208X

# ବୈଦୀ ନନୀ ଆମଦିର



ପ୍ରତାପ ଚନ୍ଦ୍ର ସାହୁ

ବୈଦୀ ନନୀ ଆମଦିର
ଇସ୍କୁଲ୍ ଗଲାନି ପାଠ ପଢବା ସକାଶେ
ବହି ପୁସ୍ତକ କରି ଡାବୁ ଡୁବା
ସବ୍ ମିଳିଲାନି
ସକାଳ ଥାନନି ଅଷ୍ଟି ଘଣ୍ଟ
କରି ଦୁଇ ଘଣ୍ଟନି ପୁନି ସଞ୍ଜ
କତକ ପାଠ କତକ ପାଠ
ସବୁ ଦିନେ ସବୁ ଥାନେ
ହାତ ଧୋଇ କରି
ଡାଲମା ଭାତ ଖାଇତେଛେ
ବୈଦି ନନୀ ଆମଦିର
ସାଇକେଲ୍ ଚେଗି ଇସ୍କୁଲ ଗଲାନି
ବନ୍ଧାଡ ବାଡ ଯିବାର କାଜେ
ଲେଟିନ୍ ମନ ଦେଖଲାନି
ଆରକି ବନ୍ଧ ବାଡ ଯିବାର କାଜେ ପଦାଏ ନାଇଂ ଯିବାର୍
ପାନି ବାଲ୍ଟି ନେଇ ଶୋଉଚାଳୟ ଯାଇଚେ
ନିୟମିତ ଭାବେ ହାତ ଧୋଇଚେ
ବୈଦି ନନୀ ଆମଦିର ପାଠ ପଢବା ଲାଗେ ଯିଦ୍ କରଛେ

ISSN NO.
2582-208X

ଗ୍ରାମର୍ ଅନ୍ୟ ଟୋକଲେ କେ
ବି ପଢବା ଲାଗେ କହୁଚନ୍
ହିସାବ ରେ ଧୁରନ୍ଧର୍ ବନାଇଛେ
ଗଣିତ ମାଷ୍ଟର୍ ଥାଙ୍ଗେ ଶିଖ୍ କର୍
ବିଙ୍ଗ୍ୟାନ ମାଷ୍ଟର୍ ଥାଙ୍ଗେ କେତେ କେତେ କଥା ଶିଖ୍ ଲାନି
ଇଂରେଜ୍ ମେଡେମ୍ ଥାଙ୍ଗେ
ଶିଖି ବୈଦୀ ନନୀ ଏଖନ୍ ଇଂରେଜ ବୋଲୁଛନ୍
ପି ଇ ଟି ଦିଦି ଥାଙ୍ଗେ
କି କି ଖେଲ୍ ଖୋ ଖୋ ଆର୍ କବାଡି ଶିଖିତେଛ୍
ଭୁବନେଶର୍ ଗାଲାନି
କି କି ପ୍ରାଇଜ୍ ମନ୍ ଆନଲାନି
ସେ ନବରଙ୍ଗପୁର ର
ନା ରଖତେଛ୍
ସଫାଡ୍ରେସ୍ ଆର୍ ନଖକାଟ୍ ବାଟା
ପରିବେଶ୍ ସାଫ୍ ରଖ୍ ବାର୍ ଲାଗେ
କେତେ ଭାଷଣ ଦେଇଛନ୍
ବୈଦୀ ନନୀ ଆମଦିର
ସ୍ୱଛ ଭାରତ କଥା କହଲାନି

ନବରଙ୍ଗପୁର
୯୪୩୭୭୮୮୭୦

ISSN NO.
2582-208X

# ଗୁଟେ ଧାଙ୍ଗରି
# ପନର କଥା



ସନ୍ତୋଷ କୁମାର ରାଉତ

ଅଦରାତି
ଗଗା ରଡ଼ା କିରଲା ଶୁନି
ଚାରିଆଡେ ହୁଲାଜାରି ପଡଲା
କେନ୍ ପେଡେନ ପୁତନା
ସମି ଆଏଲା କେଁ...?
ହେ ହୁରୁଦ ଫଟା କାନ୍ଦିର ମାଡେଁ
ମୋବାଇଲ ଦେଖବାରକେ ରିସେଇ ଥିବାର
ନି ଖାଏ ବଲି ଅରଷ୍ଟି କରିଥିବାର
ପିଲାମାନେ ବି ଶୁଇ ପଡସନ ।
ସବୁଆଡେ ଶୁନଶାନ
ଚିଁ ଚପଟ୍ ନାଇଁ !!
ଘଡେ ଉତାରୁ ଭାଜୁର କୁଟୁର
ଲୋକ କୁହାକୁହି ହେସନ
କଲା ଝିମଝିମଟା
ପଁର୍'ରା ଫକଫକ୍ ଥିଲା
ଗୋଡ ଲମେଇ ଛୁଆ ସେଁକୁଥିଲା
ଗଲା ବାଟେଁ
ଟେକାରୁର କନିଆଁକେ ଛିଁ କରି
ଜୁଏ ହୁଲା ହେଇ

ISSN NO.
2582-208X

ଟଁଟି ଚିପା ଆଁଟେ ଲିଭିଗଲା !!
ଗୁନିଆ ଡାକ
ଆଏ ଉପେ କରମା
ଇ ଗୁଡାର୍ ଉଚାର ଭିତରେ
ବାଲ୍ ଝିତରେଇ
ଇଥି ତାହିଁ ବୁଲିବୁଲି
ସମି ଆସୁଛେ
ଦେବତା ବାଗିର
ଗୁଟେ ଅଛନ୍ଦା ଅବନ୍ଧା ଧାଙ୍ଗରି ।

ଯେ ସୁଖେ ବି ଦୁଖେ ବି
ସପନକେ ପୁରା କରବା କାଏଁଯେ
କି ଧନ ସମପଦ୍ ବଢ଼ାବାର କାଏଁଯେ
କେଭେ  ଉସନିଦ୍ରା ନି ରହେ...
ରାଏତ୍ ସଏରତା ବୁଲୁଥିସି
ସଁସାର୍‌କେ ଦେଖବା'କେ
ତାର୍ ଭୁଲାପନ ଥି।

ତାର୍ ଲାଗି
ଖାଏନା ପିଇନା ଶୁଇନା ବସନା
ଦିନ୍ ରାଏତ ସବୁ ସମାନ୍ ।
ତାର ଛଏଁରା ଆର୍ କାଣା
ଗାଁ ମୁଡସାର ଏକ୍ ଠନିଆ ଥିବାର
ଫଟାଟୁଟା ଫଡିଘର କି
ଦରୋଦରୋ ପାଏନ ଗଲୁଥିବାର
କାହାର୍ ଉଛନା ତଲ୍ ... ।

ISSN NO.
2582-208X

ଆର୍ କାହିଁ କେନ୍ ସିର୍ଜନା କାଲୁଁ
ଗାଁ ର ମେରୁଖୁଟା ଲେଖେନ
ଠିଆ ହେଇଥିବାର ଢଡୋ ବରଗଛ
ହେଟା ତାର ଲାଗିତ ସରଗପୁର୍ ।
ସେନେ ରଝୋ ରଝୋ ପାଏନ ହଉ କି
ତିରପଟ ଖରା
କିଛି ଖାତିର ନି।

ତାର ଭୁଲାପନ ଦେଖି
ହାଡ ରକତ ଖିଆ ମୁନୁଷ
ଚାବି ଆଁପରି ଖିନଭିନ କରି
ଖାଇ ଦେସନ ଥରଥର କରି
କେଭେ କାହାକେ ମନା ନାଇ
କି ଦ୍ରୋପଦୀ ଏନତା
ବାଏଲ ମୁକୁଲା ନି କରେ
କାହାର ରକତଥି ବାନ୍ଧମି ବଲି
କି ତାର ଟୁଣ୍ଡୁ  ନିବାହାରେ
ଗାଲିଦିଆ ସଁପାକୁଟା
ଗାଡସୁଆ ମେରିଆ।

ତାର୍ ବଢୁଥିବା ପେଟ...
ଫୁଲୁଥିବାର ପାଦ...
ତାର ଲାଗି କାଲ ହେଇ
ପଡିଗଲା ହୁଲେର
ଛି ଛି... ଥୁ ଥୁ...?
କାହାର ପାପ ଧରିଛେ
ବଦ୍ ଚଲନ୍

ISSN NO.
2582-208X

ଗାଁ ଥୁ ଖେଦ
ଢେଲ୍ ଗେଠି,ପଖନ୍ ମାର
ମୁଣ୍ଡ୍ ଫାଟି ରକତ୍'ମଏ
ଥପ ଥପ ଥୁପୁଥିବାର
ରକତ ଧାରକେ
ପାଏନ ବଲି
ଢକ୍ ଢକ୍ ପିଇ ଦେବାର ଆଏ।
ମାତର'କ କେଭେ ଭି ନି କହେ
ଫଗୁନୁ ଗଏନୁ କି ସାହେବ
କାଣା କରିଛନ ଯେ ?

ତାର ହାତେ ଗୁଡେ ବନ୍ଧାହେଲା
ଲୁହାର ସିକଲି
ଫେରବି ତୁମ୍ ପଡିଛେ
ଆରୁ କାଣା କରି ପାରବା ଯେ
ସଭେ ତ ଇନେ
ଧୃତରାଷ୍ଟ୍ର ଭୀଷ୍ମ ଦ୍ରୋଣାଚାର୍ଯ୍ୟ....
ହେଇ ଯାଇଛନ
କାର୍ କିଛି କରବାର ବଫୁ ନାଇଁନ
ସେ ଆର୍ କାହାକେ ଡାକବା
ଇ କଲିଯୁଗେ ସତେ କାଣା
କୃଷ୍ଣ ଭଗବାନ ଆଏବେ ଭାଏଲ୍ ।
ତାର ବାଗିର୍
ଗୁଟେ ହୀନ କପାଲିର ଲାଗି ।

ଓଡ଼ିଆ ଅଧ୍ୟାପକ, ଜ୍ୟୋତି ବିକାଶ କଲେଜ
ଭଇଁଷା, ପାଟଣାଗଡ଼, ଜିଲ୍ଲା-ବଲାଙ୍ଗୀର
ମୋ-୯୪୩୮୭୭୦୯୬୩

ISSN NO.
2582-208X

# କୁରାଳ ପତାକା



କୁମରଲ୍ଲ ରଣା

ରୁଦ୍ରପାଲ ବୋଲଂତି  ଯେ ପ୍ରଭୂ ମୂଖ ଚାହିଁ ।
ଅନଂତ ମହିମା ଗୁଣ ବୋହିଛ ଗୋସାଇ ।
ଅଛି ତୁମ  ଅଷ୍ଟ ଚକ୍ର  ଆହେ  ଚକ୍ରଧାରୀ ।
ସୁରସେନ ଚକ୍ର ଦେଲ ଭାବକୁ ବିସ୍ତାରି ।
ଏଇ ଚକ୍ରେ କୁମ୍ଭ ଗଢେ  ସଂସାରକୁ ପାଳେ
ରୁଦ୍ରପାଲ ନାମେ ନାମ ମୋର ଏ ସଂସାରେ ।
ବଂଚାଇ ଥୋଇଲି ଜୀବ  ସଂସାରର ଭାର ।
ତୁମ ଆଜ୍ଞାରେ ହେଉଛି ତ୍ରାହି ମୋ ସଂସାର ।
ଉଡ଼ାଇ ପତାକା ଆମ ସଂସାରର ଧ୍ୱଜା ।
ସୁରସେନ ଚକ୍ରେ ତହିଁ ପାଉଅଛି ପୂଜା ।
ଧନ୍ୟ ପ୍ରଭୂ ତୁମର ମହିମା ଗୁଣ ଭାବ ।
ତୁମରି ଦୟାରୁ ପତାକାର ଯେ ପ୍ରଭାବ ।
ଏଇ ପତାକା ଆମର ଜାତିର ଗରବ ।
ବଂଚାଇ ଦେଉଛି ଆମ ପୁଣ୍ୟ ତେଜ  ଭାବ ।
ଏଇ ପତାକା ଆମର କୁରାଳ କୁଳରେ
ଭାବ ରଚିଅଛି  ଦେଖି ତିନି ଭୂବନରେ ॥

ISSN NO.
2582-208X

ନୀଳଚକ୍ର ବାନା ଉଡେ  ଶ୍ରୀ ମନ୍ଦିର ପରେ
ଦିଶଇ ସୁନ୍ଦର କେଡେ ଅତି ମନୋହରେ॥
ସୁରସେନ ଚକ୍ରର ଏ  ପତାକା ପ୍ରଭାବ
ଉଡି ବୁଲୁଅଛି ତେଜ ଜାତିର ଗରବ॥
ପ୍ରଣାମ କରୁଛି  ଏଇ ପତାକାକୁ ମୁଇ ।
କୁମର ମଣି ଭାବଇ ଆମେ ସର୍ବେ ଭାଇ ।

ମହୁଆଭଟା ନୂଆପଡା
ବଲାଙ୍ଗୀର

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ମିଠା ଘାସ



ଡ଼ଃ ରଞ୍ଜିତ କୁମାର ସାହୁ

"ଏତେ ଥଣ୍ଡାରେ ପାଠ ପଢିବାରେ ମନ ଲାଗୁ ନାହିଁ ଆଜ୍ଞା, ଖାଲି ଗରମ ଚାହା ପାଇଁ ଉପଯୁକ୍ତ ଏହି ପାଗ," ଟୁକୁନା କହିଲା I ଶୀତ ଦିନରେ ପ୍ରଥମ ପିରିଏଡ଼ରେ ବିଜ୍ଞାନ ସାରଙ୍କର ଆଗମନଟି ସମସ୍ତଙ୍କୁ ଟିକିଏ ମାନ୍ଦା କରି ଦେଇଥିଲେ I ଟୁକୁନା ପାଠରେ ଟିକିଏ କମ ଥିଲେ ମଧ୍ୟ ଖେଳରେ ବହୁତ ଆଗୁଆ I ତେଣୁ ମନିଟର ମଧ୍ୟ ହୋଇଛି I ପିଲା ମାନେ ମଧ୍ୟ ତାକୁ ବେଳେ ବେଳେ ନିଜ କଥା ସାରଙ୍କୁ ସିଧା କହିବା ବଦଳରେ ତାହା ଦ୍ୱାରା ହିଁ ନିଜର ବିଚାର ଜଣେଇ ଥାଆନ୍ତି I ଆଜି କାହାର ପଢିବାକୁ ମନ ନାହିଁ I ତେଣୁ ସମସ୍ତେ ଟୁକୁନାକୁ ମୁଖପାତ୍ର କରିଦେଲେ I

"କିନ୍ତୁ ପାଠ ତ ପଢିବାକୁ ପଡ଼ିବ ? କଣ କରାଯିବ ?," ବିଜ୍ଞାନ ସାର କହିଲେ, "ଠିକ ଅଛି, ଗୋଟିଏ ଢଗର ଉତ୍ତର ଦିଅ, ଟିକିଏ ମନ ଉଲ୍ଲାସିତ ହେବ I"

ବାଉଁଶର ଭାଇ ଘାସର ଭିଣେଇ,
ଦେଖି ପାରେନି ଥାଇ ଆଖି,
ଭୁଲି ପାରେ କିଏ ତାହାର କୁହୁକ,
ଥରେ ତାହାକୁ ଦେଲେ ଚାଖି !

ISSN NO.
2582-208X

ସଙ୍ଗେ ସଙ୍ଗେ ମଣ୍ଟୁ ତାହାର ହାତ ଉପରକୁ ଟେକି ଦେଲା I ମଣ୍ଟୁ ଶ୍ରେଣୀର ସବୁଠାରୁ ଚତୁର ଛାତ୍ର ଆଉ ବହୁତ ପଢା ପଢି କରେ I ତାହା ପରେ ପରେ ମିନୁ ଆଉ କୁନି ମଧ୍ୟ ହାତ ଟେକି ଦେଲେ ଉତ୍ତର ଦେବା ଲାଗି I

"ଯଦି ଟୁକୁନା ବ୍ୟତୀତ ଆଉ କେହି ଉତ୍ତର ଦେବେ ତାହା ହେଲେ ପାଠ ପଢା ହେବ, ଯଦି ଟୁକୁନା ଦେବ ତାହା ହେଲେ ଆଜି ଏହି ଢ଼ଗର ଉତ୍ତର ଉପରେ ଚର୍ଚ୍ଚା ହେବ," ବିଜ୍ଞାନ ସାର କହିଲେ I

ସାରଙ୍କର କଥା ଶୁଣିକି ପିଙ୍କି ହସିଦେଲା ଆଉ କହିଲା, "ସାର ଆପଣ ବହୁତ ଚାଲାକ, ଯାହା ହେଲେ ମଧ୍ୟ ପଢ଼େଇବେ I " ଟୁକୁନା ବଲବଲ କରି ଚାହିଁ ଥାଏ I

ସାର କହିଲେ, "ଜ୍ଞାନର ସୀମା ନ ଥାଏ ଏବଂ ପଠନ ଏହି ଜ୍ଞାନାରୋହଣର ପ୍ରକ୍ରିୟାଟିଏ ଯାହାକୁ ଆମେ ଜୀବନ ସାରା କରି ପାରିବା ଏବଂ ଜୀବନର ମହତ୍ଵକୁ ବୁଝିପାରିବା I ତୁମର ଧନକୁ କେହି ଚୋରି କରିପାରେ, ଜ୍ଞାନକୁ କେହି ଚୋରି କରି ପାରିବନି I କୁନି କହ ଏହାର ଉତ୍ତର କଣ ?

କୁନି ସଙ୍ଗେ ସଙ୍ଗେ ଉତ୍ତର ଦେଲା, "ଆଖୁ I"

"ସାବାସ," କହିଲେ ବିଜ୍ଞାନ ସାର I

ଢ଼ଗର ଉତ୍ତର  ଶୁଣିଲା ପରେ ଟୁକୁନା ପଚାରିଲା, "ସାର ଏହି ମିଠା ଘାସକୁ ଖାଇବା  କଣ ଭଲ ? ସମସ୍ତେ କହନ୍ତି ଶର୍କରା ହାନିକାରକ I "

"ତୁମେ କଣ ଚିନି ବିନା ଚାହା ପିଇବାକୁ ପସନ୍ଦ କରିବି କି ?" ସାର ପଚାରିଲେ I

ଟୁକୁନା ମୁଣ୍ଡ ଟୁଙ୍ଗାରିକି  ନା କହିଲା I

ISSN NO.
2582-208X

"ମିଠା ହୋଇଥିଲେ ମଧ୍ୟ, ଆଖୁରସ ବହୁତ ଉପକାରୀ I ଏଥିରେ ସ୍ନେହସାର ନ ଥାଏ I ଏଥିରେ ଅନେକ ପ୍ରକାରର ଶର୍କରା ଥାଏ ଏବଂ ଏହାର ବିଶୁଦ୍ଧି କରଣ ହୋଇ ନ ଥାଏ ତେଣୁ ଏହା କେବଳ ଶର୍କରାରେ ପୂର୍ଣ୍ଣ ନ ଥାଏ I ଏହା ବ୍ୟତୀତ ଆଖୁରସରେ ତନ୍ତୁ ମଧ୍ୟ ଥାଏ ଯାହା ପାଚନରେ ସହାୟକ ହୁଏ I ଏହା ଏକ ପ୍ରାକୃତିକ ଦ୍ରବ୍ୟ ହୋଇଥିବାରୁ ଏହା ଯକୃତ ଏବଂ ବୃକକ ପାଇଁ ମଧ୍ୟ ହିତକାରୀ I ଏହା ଦାନ୍ତ ଏବଂ ହାଡ଼ର ସ୍ୱାସ୍ଥ୍ୟ ପାଇଁ ଦରକାରୀ I ଗ୍ରୀଷ୍ମ ଦିନରେ ଦେହରେ ଲବଣର ଭାରସାମ୍ୟ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥାଏ I ଏଥିରେ ସୋଡ଼ିଅମ କମ ଥିବାରୁ ରକ୍ତଚାପ ରୋଗୀଙ୍କ ପାଇଁ ମଧ୍ୟ ଉପଯୁକ୍ତ I"



ସାର ପୁଣି ପଚାରିଲେ, "କିଏ କହି ପାରିବ ଆଖୁ ପ୍ରଥମେ କେଉଁଠାରେ ଖିଆ ଯାଇଥିଲା? ଏହା କିପରି ଏତେ ଲୋକପ୍ରିୟ ହେଲା ?"

ମଣ୍ଟୁ କହିଲା, "ଆଖୁ ପ୍ରଥମ ପଲିନେସିଆରେ ଦେଖା ଯାଇଥିଲା ଏବଂ ହଜାର ହଜାର ବର୍ଷ ପୂର୍ବରୁ ଏହା ଭାରତ ଓ ଅନ୍ୟ ଦେଶକୁ ନିଆ ଯାଇଥିଲା I ଆଜି ପୃଥିବୀର ଅନେକ ଦେଶରେ ଯେଉଁଠାରେ ଜଳବାୟୁ ଉପଯୁକ୍ତ ଥାଏ ଆଖୁ ଚାଷ ହୁଏ I ଆଖୁ ଗୁଡ ଆଉ ଚିନି ଉତ୍ପାଦନରେ ବ୍ୟବହାର ହୁଏ I ପୃଥିବୀର 75-80% ଚିନି ଆଖୁରୁ ଉତ୍ପାଦନ ହୁଏ ବଳକା ସୁଗର ବିଟରୁ ଏବଂ ଅନ୍ୟ ପ୍ରକାର ଉଦ୍ଭିଦରୁ I "

ISSN NO.
2582-208X

"ଠିକ, "ଆଉ କିଏ କଣ ଜାଣିଛ ଆଖୁ  ବିଷୟରେ?" ସାର ପଚାରିଲେ ।

"ଏହା ମଧ୍ୟ ଏକ ପ୍ରକାର ଘାସ ଏବଂ ଫୁଲ ଆସିବା ପୂର୍ବରୁ ଏଥିରେ ସର୍ବାଧିକ ପରିମାଣର ଶର୍କରା ଥାଏ । ତେଣୁ ଫୁଲ ଧରିବା  ପୂର୍ବରୁ ଏହାକୁ ଅମଳ କରା ଯାଏ," କୁନି କହିଲା  ।

"ସାର ଆମ ଘରେ ଏହା ଦିପାବଳୀ  ଦିନ ପୂଜାରେ ଲାଗେ ଆଉ ଏଥିରେ ଗୁଆ ଘିଅ ଦେଇ, ପିତୃ ପୁରୁଷଙ୍କୁ  ଆଲୋକ  ଦିଆ ଯାଏ  । ତେଣୁ ଏହା ଆମର ପରମ୍ପରା ଆଉ ସଂସ୍କୃତି ସହିତ ଜଡ଼ିତ," ଟୁକୁନା  କହିଲା ।

"ଠିକ, "ସାର କହିଲେ, "ଏଥର କହିଲ ଆମ ଦେଶରେ ଆଖୁ  ଉପରେ ଗଣେଷଣା କେଉଁଠାରେ ହୁଏ ?"

ସମସ୍ତେ ଚୁପ ହୋଇଗଲେ କିନ୍ତୁ ଏତେ ସମୟରୁ ଚୁପ ରହିଥିବା ବବଲୁ ହାତ ଉଠେଇଲା ଏବଂ ସାରଙ୍କର ଇଙ୍ଗିତରେ ଉତ୍ତର ଦେଲା, "ଦକ୍ଷିଣ ଭାରତରେ ତାମିଲ ନାଡୁ ରାଜ୍ୟର କୋଇମ୍ବାଟୁର ସହରରେ । "

"ଠିକ, "ବିଜ୍ଞାନ ସାର କହିଲେ  । "ଆଖୁଟି  ଏକ ବହୁ ଚର୍ଚ୍ଚିତ ଫସଲ କିନ୍ତୁ ଉଦ୍ଭିଦ ବିଜ୍ଞାନୀ  ଏହା ବିଷୟରେ କଣ କୁହନ୍ତି ଏବେ ଆମେ ପଢ଼ିବା । ସମସ୍ତେ  ନିଜର ବହି ଖୋଲ ଆଉ ଆମେ ଜାଣିବା । "

ଆଖୁ ଉପରେ ଆଲୋଚନା ବେଶ ଜମି ସାରିଥିଲା ଏବଂ ସମସ୍ତେ ବହି ଖୋଲି ସାରଙ୍କର ସହିତ ଆଖୁ ବିଷୟରେ ପଢିବାକୁ ଲାଗିଲେ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପ୍ରଜାପତିଙ୍କ ସଭା ଓ ଟୁକୁନା



ନୀଳମାଧବ ସାହୁ

ଟୁକୁନା ନିଜ ଘର ପାଖରେ ଥିବା ଛୋଟ ବଗିଚାକୁ କିଛି ସମୟ ପାଇଁ ସବୁଦିନ ବୁଲିବା ପାଇଁ ଯାଏ । ସେଠାରେ ଲାଗିଥିବା କିଛି ଫୁଲ ଗଛ, ଫଳ ଗଛ ଓ କିଛି ନିତିଦିନିଆ ରୋଷେଇରେ ବ୍ୟବହୃତ ପରିବା ଗଛ ଇତ୍ୟାଦିକୁ ତଦାରଖ କରି ଫେରିଆସେ । ଅନେକ ସମୟରେ ସେଠାକୁ ଆସୁଥିବା ନେଉଳ, ଗୁଣ୍ଡୁଚି ମୂଷା, କେତେକ ଚଢେଇ ଓ ପ୍ରଜାପତି ଇତ୍ୟାଦିକୁ ବି ସେମାନଙ୍କ ଉପସ୍ଥିତିରେ ଦେଖୁଥାଏ । ଦିନେ ସୂର୍ଯ୍ୟ ଅସ୍ତ ସମୟରେ ମରିଚ ଗଛରେ ଚାରୋଟି ପ୍ରଜାପତି ଏକତ୍ରିତ ହୋଇ ବସିଥିବା ଟୁକୁନା ଦେଖିଲା। ସେ ଭାବିଲା ଏମିତି କଣ ହେଲା ଯେ ଏତେ ଗୁଡିଏ ପ୍ରଜାପତି ଏକାଠି ରୁଣ୍ଡ ହୋଇଛନ୍ତି । ବୋଧ ହୁଏ ସଭା କରୁଛନ୍ତି କି ? ଯଦି ସଭା କରୁଛନ୍ତି ତାହାଲେ ବିଷୟ ବସ୍ତୁ କଣ ଅଛି ? ଅଧିକ ଜାଣିବା ପାଇଁ ଟୁକୁନା ସେମାନଙ୍କ ନିକଟକୁ ଗଲା ।



ISSN NO.
2582-208X

ସେହି ପ୍ରଜାପତିମାନଙ୍କ ନାମ ଥିଲା ଚିକୁ, ମିକୁ, ଟିକୁ, ଓ ମୁନି । ଚିକୁ ସମସ୍ତଙ୍କଠୁ ବଡ ଥିଲା ଓ ପ୍ରଜାପତିମାନଙ୍କ ପରିବେଶ ପ୍ରତି ଥିବା ଉପକାରିତା ସବୁ ବଖାଣୁଥିଲା । ଆମେ ପ୍ରଜାପତିମାନେ ଏ ଫୁଲରୁ ସେ ଫୁଲକୁ ବୁଲି ମଧୁ ପାନକରି ଭୋକ ମେଣ୍ଟାଇବା ସହ ବିଭିନ୍ନ ଉଦ୍ଭିଦଙ୍କ ପରାଗ ସଙ୍ଗମରେ ସାହାଯ୍ୟ କରୁ, ମନୁଷ୍ୟମାନଙ୍କ ଚାଷ ଜମିରେ ଥିବା ଫସଲର ଉତ୍ପାଦନରେ ବି ଆମ ଦ୍ଵାରା ହୋଇଥିବା ପରାଗସଙ୍ଗମ ବହୁତ ଉପଯୋଗୀ।

ଏସବୁ ସତ୍ତ୍ୱେ ସେମାନେ କୀଟନାଶକ ରାସାୟନିକ ଔଷଧ ଗଛରେ ପକାଉଛନ୍ତି ଓ ଆମ ପାଇଁ ବିପଦର କାରଣ ହୋଇଯାଉଛି, ଏ ବିଷୟରେ ମଣିଷମାନେ ଦୃଷ୍ଟି ଦେବା କଥା । ଠିକ ଏହି ସମୟରେ ଟୁକୁନା ଯାଇ ସେମାନଙ୍କ ସାଙ୍ଗରେ ସଭାରେ ଯୋଗ ଦେଲା ଓ ଚିକୁର କଥାକୁ ମନଦେଇ ଶୁଣୁଥିଲା । ତା' ପରେ ଟୁକୁନା ତା' ପାଳି ଆସିବାରୁ ପ୍ରଜାପତିମାନଙ୍କୁ ଜଣାଇଲା ଯେ, ସେ ଛୋଟ ପିଲାଟି, ଏ ବିଷୟରେ ବିଶେଷ କିଛି ଜାଣିନାହିଁ କିନ୍ତୁ ଚିକୁର କଥା ନିଶ୍ଚୟ ତା' ଗୁରୁଜନଙ୍କୁ ଓ ଅନ୍ୟମାନଙ୍କୁ ଜଣାଇଦେବ।

ତା' ପରେ ମିକୁର ପାଳି ଆସିଲା । ସେ ସମସ୍ତଙ୍କୁ ଜଣାଇଲା ଯେ, ଆମେ ପ୍ରଜାପତିମାନେ କେବଳ ପରାଗ ସଙ୍ଗମରେ ସାହାଯ୍ୟ କରୁନୁ, ତା' ସହ ପରିବେଶର ସନ୍ତୁଳନ ବଜାୟ ରଖିବା ସହ ଲୋକମାନଙ୍କ ମୁହଁରେ ଖୁସି ବି ଆଣିଥାଉ । ଲୋକମାନେ ଆମମାନଙ୍କୁ ଦେଖିବା ପାଇଁ ବଗିଚା ଓ ଗାଁ ସହର ପାଖ ସବୁଜିମା ଅଂଚଳକୁ ଆସନ୍ତି ଓ ଆମମାନଙ୍କ ସୌନ୍ଦର୍ଯ୍ୟ ଦେଖି ସେମାନଙ୍କ ମନର ପୀଡା ଓ ଦୁଃଖକୁ କମ ବି କରନ୍ତି । ବହୁତ ଲୋକ ତ ଆମର ମୂଲ୍ୟ ବୁଝନ୍ତି ନାହିଁ, କିନ୍ତୁ ସେମାନେ ସମସ୍ତେ ଆମ ପରି ଛୋଟ କୀଟ ବିଷୟରେ ଜାଣିବା ଆବଶ୍ୟକ । ଟୁକୁନା ପରି ସ୍କୁଲ ଛୁଆ ଯଦି ତା' ସାଙ୍ଗମାନଙ୍କୁ ଏ ବିଷୟରେ ଜଣାଇବ ତେବେ ବହୁତ ବଢିଆ ହେବ । ଏତିକି କହି ମିକୁ ଧୀରେ ବସିଲା । ଟୁକୁନା ବି ସବୁ ସାଙ୍ଗସାଥୀଙ୍କୁ ପ୍ରଜାପତି ବିଷୟରେ ଜଣାଇବ ବୋଲି କହିଲା ।

ISSN NO.
2582-208X




ତା' ପରେ ଟିକୁର ପାଳି ଆସିଲା । ମିକୁ ଓ ଟିକୁର କଥାକୁ ସହମତି ଜଣାଇ ଟିକୁ ନିଜ ମତ ରଖିଲା । ପରିବେଶ ବିଜ୍ଞାନୀମାନେ ଆମ ଉପରେ ଗବେଷଣା କରି ଲୋକମାନଙ୍କ ଆଗରେ ବିଭିନ୍ନ ରୋଚକ ତଥ୍ୟ ଉପସ୍ଥାପନ କରନ୍ତି । ପରିବେଶ ଓ ପାଣିପାଗ ପରିବର୍ତ୍ତନ ବିଷୟରେ ଜାଣିବା ପାଇଁ ଆମକୁ ମୋଡେଲ ରୂପେ ବି କିଛି ଗବେଷକ ବ୍ୟବହାର କଲେଣି। ଏ ତଥ୍ୟ ବହୁତ ଲୋକଙ୍କ ପାଖରେ ପହଞ୍ଚିପାରେ ନାହିଁ, କିନ୍ତୁ ଏବେକାର ବିକଶିତ ଯୁଗରେ କମ୍ପୁଟର, ମୋବାଇଲ ଓ ଗୁଗଲ ସହାୟତାରେ ଲୋକେ ଆମକୁ (ପ୍ରଜାପତିଙ୍କୁ) ଖୋଜି ଆମ ବିଷୟରେ ଜାଣିପାରିବେ ଓ ଆମମାନଙ୍କ ସଂରକ୍ଷଣ ପାଇଁ ଲୋକେ ନିଜ ସହଯୋଗର ହାତ ବଢ଼ାଇବେ । ସଭା ସରୁ ସରୁ ସୂର୍ଯ୍ୟ ଅସ୍ତ ହୋଇଗଲା ଓ ଅନ୍ଧାର ମାଡିଆସିଲା । ଶେଷରେ ପ୍ରଜାପତିମାନେ ସେହି ମରିଚ ଗଛରେ ହିଁ ରାତି କଟାଇଲେ ଓ ଟୁକୁନା ଘରକୁ ଫେରିଲା ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# ସଂକଳ୍ପି ବାଟୋଇ



ସୁନଲ୍ ସାହୁ



ଅଚିହ୍ନା ବାଟର ସେ ବାଟୋଇ
ଅନେକ ମନରେ ଲକ୍ଷ୍ୟ ନେଇ
ଚାଲିଥାଏ ସେ ବାଟର ବାଟୋଇ ହୋଇ
କେଜାଣି କେତେ ଗାଁ ସାହି ଦେଇ
ଚାଲିଥାଏ ସେ ଅଚିହ୍ନା ବାଟର ବାଟୋଇ ହୋଇ ।
ଲକ୍ଷ୍ୟ ଥାଉ ପଛେ ଯେତେ ଦୂର
ମନରେ ନେଇଛି ସଂକଳ୍ପ ତା'ର
କରିବା ପାଇଁ ହିତ ସଂସାରର
ମନରେ ତା'ର ପ୍ରଗାଢ଼ ବିଶ୍ୱାସ
ଭୁଲି ଯାଇଛି ସେ ଶ୍ୱାସ ପ୍ରଶ୍ୱାସ
ମରିବ କରିବ ସେ କରିଛି ପଣ
ଚାଲି ଯାଉ ପଛେ ତା' ନିଜ ପ୍ରାଣ ।।

Co-founder- WealthPeak
ଧାଙ୍ଗରପଡା, କେନ୍ଦୁଝର

ISSN NO.
2582-208X

# ଗଧିଆ ଆଣିଛି ଦୁତିୟାଭାର



ପ୍ରକାଶ କୁମାର ଗୁନ୍ଦ

ସକାଳୁ ସକାଳୁ ଗଧିଆ ଅଜାରେ
ହେଉଛନ୍ତି ତରବର
ପୁଷିମାଉସୀର ଘରକୁ ଯିବେରେ
ନେଇକି ଦୁତୀୟା ଭାର ।।
ଗାଧୋଇ ପାଧୋଇ ଜାମାଯୋଡ ପିନ୍ଧି
ହୋଇଲେଣି ପୁରା ସଜ
ଟୋକେଇରେ ସବୁ ରଖି ସାରିଲେଣି
ଭଲ ଭଲ ମାନ ଚିଜ ।।
ସାରୁ ବାଇଗଣ ପୋଟଳ କାଙ୍କଣ
କାକୁଡିକୁ ଜହ୍ନି ଲାଉ
ଗଜାମୁଗ ସାଥେ ହରଡ ମସୁର
ନଡିଆ କଦଳୀ ଓଉ ।।
ବାଟ ବହୁଦୂର ଯିବାକୁ ପଡିବ
ବିଲୁଆକୁ ଡାକି ନେଲେ
ସାତ ମାଇଲିଏ ଚାଲି ଚାଲି ଦୁହେଁ
ପୁଷିର ଘରକୁ ଗଲେ ।।

ISSN NO.
2582-208X

ପୁଷିର ଖୁସିଟା କହିଲେ ନ ସରେ
ଅଜାଙ୍କ ଆସିବା ଜାଣି
ଭାରଥୋର ନେଇ ଅଜା ପହଞ୍ଚିଲେ
ପୁଷି ଦେଲା ପିଢା ପାଣି ।।
ମନପସନ୍ଦିଆ ତିଅଣ କରିଛି
କଙ୍କଡାକୁ ଗେଣ୍ଡା ରାହି
ମାଗୁର ମାଛର ଝୋଳଟେ କରିଛି
ସୋରିଷ ବାଟଣ ଦେଇ ।।
ଖାଇପିଇ ସାରି ପବନ ମୁହଁରେ
ଗଡପଡ ଟିକେ ହେଲେ
ସଂଜ ହେବାଆଗୁ ପୁଷିମାଉସୀଠୁ
ଦୁହେଁ ଯେ ବିଦାୟ ନେଲେ ।।

ଜୟପୁର ଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮

ISSN NO.
2582-208X

# ଭୂମିକୁ ଜନ୍ମଦିନ ଶୁଭେଚ୍ଛା



ଅମରନାଥ ବାରିକ

ସଭିଏଁ ଜାଣନ୍ତି ସବୁଠୁ ମହାନ
ସର୍ବ ପ୍ରାଣ ପଥଗାମୀ
ନାହିଁ ତୋ ଉପମା ବର୍ଣ୍ଣିବାର କିଛି
ତେଣୁ ତୋର ନାମ ଭୂମି ।

ତୁ ଆମ ପୃଥିବୀ ତୁ ଆମ ଧରିତ୍ରୀ
ତୁହି ଆମ ମାଟି ମାଆ
ତୁ ଆମ ବସୁଧା ତୁ ମହୀ ଅନନ୍ୟା
ନାହିଁ ତୋର ବିନା ରାହା ।

ତୋର ଆଗେ ଯେତେ ଉପହାର ସବୁ
ପଡ଼ିଥାଏ ପୁଣି ଫିକା
କି ଦେବୁ ଝିଅଲୋ ଜନମ ଦିନରେ
ତୁ ପରା କପାଳ ଟୀକା ।

ଚାହୁଁ ଚାହୁଁ ତୋତେ ପୁରିଲା ବରଷେ
ଚାନ୍ଦ ପରି ଆମ କୋଳେ

ISSN NO.
2582-208X


ଓହ୍ଲାଇ ଆସିଛୁ ସରଗରୁ ଶିଶୁ
କଳିକା ଆମରି ମେଳେ ।

ଯେବେ ଆସିଲୁ ତୁ ଆମ ଜୀବନରେ
ଭରିଦେଲୁ ସୁଖ ଶାନ୍ତି
ପ୍ରୀତି ଡୋରେ ବାନ୍ଧି କଷଣ ହରିଲୁ
ଦୁଃଖ ଥିଲା ଅସରନ୍ତି ।

ତୋର ଭାଗ୍ୟବଳେ ଅନେକ ପାଇଲୁ
ଅସମ୍ଭବ ସୀମା ଲଂଘୀ
ସୁରମ୍ୟ ଉଲ୍ଲାସ ହସ ଫୁଟାଇଲୁ
ଆମ ଭାଗ୍ୟ ଗଲା ଜାଗି ।

ବିଭୁ ଶୁଭାଶିଷେ ହେବୁ ମହିୟସୀ
ଜଗତର ଦିନେ ରାଣୀ
ଏତିକି ମିନତି କାଳିଆ ପାଖରେ
କରୁଛୁ ଆମେ ମାଗୁଣି ।

ନିଷ୍କଣ୍ଟକ ହେଉ ଜୀବନ ସରଣୀ
କୁସୁମିତ ଚଲାପଥ
ସୁଖେ ଯାଉ ସାରା ଜୀବନ ତୋହର
ସହାୟକ ଜଗନ୍ନାଥ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଶିଶୁଟିଏ ମୁଁ ଶିଶୁଟିଏ



ଜନ୍ମଜୟ ନାୟକ

ରୂପା ବଗିଚାରେ ସୁନାଫୁଲ ମୁହିଁ
ହସିଖେଳି ମୋ ଦିନ ଯାଏ,
ମହକରେ ମୋର ବାସେ ଏ ସଂସାର
ଶିଶୁଟିଏ ମୁଁ ଶିଶୁଟିଏ।

ମା' ପାଶେ ଅଳି ତା' ପଣତେ ଦୋଳି
ବାପାଙ୍କ ଆକଟେ ଡରିଯାଏ,
କଡାକଥା ପଦେ ମୋତେ ଭାରି ବାଧେ
ଶିଶୁଟିଏ ମୁଁ ଶିଶୁଟିଏ।

ଗଲେ କେବେ ରୁଷି ମା' ଛୁଆଁରେ ଖୁସି
ଟିକିଏ ସେନେହ ଲୋଡୁଥାଏ,
ମିଠାକଥା କହି ହୃଦୟ ଜିଣଇ
ଶିଶୁଟିଏ ମୁଁ ଶିଶୁଟିଏ।

ISSN NO.
2582-208X

ଦେଖି ଜହ୍ନମାମୁଁ ଆନନ୍ଦେ ନାଚେ ମୁଁ
ମନେ ପୁଲକ ଭରିଯାଏ,
ଆଇମା କାହାଣୀ ମନ ନିଏ କିଣି
ଶିଶୁଟିଏ ମୁଁ ଶିଶୁଟିଏ।

ଜାଣେ ମୁଁ ଅଝଟ ଶିଖିନି କପଟ
ସରଳ ନିଷ୍ପାପ ପିଲାଟିଏ,
ଭଲକଥା ମୋତେ ଶିଖାଅ ସଭିଏଁ
ଶିଶୁଟିଏ ମୁଁ ଶିଶୁଟିଏ ।

ଗଣିତ ଶିକ୍ଷକ
ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
୯୩୩୭୮୦୦୫୬୫

ISSN NO.
2582-208X

# କାହିଁକି



ସତ୍ୟନାରାୟଣ ମିଶ୍ର

ଅଙ୍କଲ ହେ ମତେ ଦେବ ବୁଝେଇ
ଆକାଶଟା ନୀଳ ଦିଶୁଛି କାଇଁ
ନୀଳ ଦିଶେ ପୁଣି ସାଗର ଜଳ
ନଦୀ ଜଳ ପରି ନୁହେ ସେ ସ୍ଥିର
ପାଣି ତାର କିଆଁ ଲୁଣିଆ
ମାଛ ମରିଯାଏ ପାଣିରୁ କାଢ଼ିଲେ
ବେଙ୍ଗ ମରେନାହିଁ କିଆଁ ?
ଚଢ଼େଇ କେମିତି ପାରୁଛି ଉଡି
ହରିଣ ପାରୁଛି ଜୋର୍ ଦଉଡି
ସାପ ଦାନ୍ତ ହେଲା ବିଷ କିପରି
କଇଁଛ ହଉଚି ଖୋଳ ରେ ଭରି
ଝିଙ୍କ ଝାଡିଦିଏ କଣ୍ଟା
ସିଂପାଞ୍ଜି ଦିଶୁଛି ମଣିଷ ଭଳିଆ
କହି ତ ନ ପାରେ କଥା ।
ମେଘ ଦେହେ କିଆଁ ମାରେ ବିଜୁଳି
ସକାଳେ ପଦମ ପାଖୁଡା ଖୋଲି

ISSN NO.
2582-208X

ଶୀତ ସକାଳରେ କୁହୁଡି ଘନ
ଦିନୁ ଦିନ ଛିଡେ ବଢେ ଟି ଜହ୍ନ
ତାରା କିଆଁ ଛୋଟ ଛୋଟ
ସକାଳେ ସୁରୁଜ ଶୀତଳ କାହିଁକି
ଦିପହର କୁ ତପତ ?
ଅଣ୍ଡା ଆଗ ନା କୁକୁଡ଼ା ଆଗ
କହିବ ଅଙ୍କଲ ବୁଝେଇ ବାଗ
ପାଣି ବିନା ଗଛ ଯାଏ ଝାଉଁଳି
ପଇଡ଼ ରେ ଜଳ ରହିଛି ଭରି
କାହିଁକି କହ ହେ ଅଙ୍କଲ
ଅଙ୍କଲ କହିଲେ  ବଡ଼ ହେଲା ପରେ
ଜାଣିବୁ କାରଣ ଏହାର ।

ସିଂଧେକେଲ୍ ବଲାଙ୍ଗିର

ISSN NO.
2582-208X

# ତଣ୍ଡ



ହର ପ୍ରସାଦ ସୁଆର

ଟିକ ପିଲ୍‌ଟିଏ ଭର୍ତ୍ତି ହୋଇଅଛି ପ୍ରାଥମିକ ବିଦ୍ୟାଳୟେ,
ଏତେଦିନ ଧରି ରହି ଆସୁଥିଲ୍ ନିଜ ଆଳୟେ ।
ବିଦ୍ୟା ଦେବୀ ସରସ୍ୱତୀଙ୍କୁ ପୂଜା ଦେଇ ଖଡି ଛୁଆଇଁ,
ପାଠ ପଢ଼ିବ ବୋଲି ଆଜି ଘରୁ ବାହାରିଛି ଆତୁର ହୋଇ ।୧ ।
ପାଠ ସିନା ପଢି ମଣିଷ ହେବ ହେଲେ ସ୍କୁଲର ନୀତି ନୀତି ଜଣାନାହିଁ,
ସ୍କୁଲ ବ୍ୟାଗରେ ସିଲଟ, ଖଡି, ପାଣି ବୋତଲ ଧରି ହାଜିର ହୋଇ ।
କେତେ ନୂଆ ସାଙ୍ଗସାଥୀଙ୍କୁ ଭେଟିବା ଆଶାରେ ମନେ ହୁସି ହୋଇ
ପ୍ରଥମ ଦିନରେ ସ୍କୁଲ ଯିବାକୁ ତିଳେହେଲେ ନ କାନ୍ଦଇ ।୨ ।
ବାପାଙ୍କ ସାଥିରେ ସ୍କୁଲ ଯାଇଅଛି ପଢ଼ିବ ପାଠ ଆମ ମିଟୁ,
ଲ୍‌ଜକୁଳଆ ପିଲ୍‌ଟିଏ ହୋଇ କହେନା କାହାକୁ କଟୁ ।
ସ୍କୁଲ ପ୍ରାର୍ଥନାରେ ସଭିଁଙ୍କ ସାଥିରେ ଠିଆହୋଇ ହୁଏ ଖୁସି,
ସ୍କୁଲରୁ ଫେରି ବୋଉଙ୍କୁ କହେ ସବୁକଥା, ହୋଇ ମନେମନେ ହୁସି ।୩ ।
ପ୍ରଥମ ଦିନରେ ଗୋଇଠିରେ ମାରି ପାଞ୍ଚଟି ସିଲଟ ଭଙ୍ଗି,
ସ୍କୁଲ ପିଲ୍ଏଁ ନାଲିଶ କରନ୍ତୁ ହେଡ୍ ମାଷ୍ଟରଙ୍କ ନିକଟକୁ ଯାଇ ।

ISSN NO.
2582-208X

ମିଟୁ ସୁନା ସ୍କୁଲରୁ ଫେରିଆସେ ସମସ୍ତଙ୍କଠୁ ଗାଳଖାଇ,
ସ୍କୁଲ ଛୁଟିପରେ ଅଭିଭାବକ ମାନେ ଘରକୁ ଆସନ୍ତୁ ଧାଇଁ ।୪ ।
ଏକ ଏକ ହୋଇ ସକଳେ କହନ୍ତୁ ସିଲଟ ଭାଙ୍ଗିବା କଥା,
ସମସ୍ତଙ୍କୁ ନୂଆ ସିଲଟ ଦେବାର ଅଙ୍ଗୀକାର କରନ୍ତୁ ବାପା, ନପାଇ ମନେ ବ୍ୟଥା ।
ହେଲେ ଆଜି ଆମ ମିଟୁ ଅଡି ବସିଅଛି ସ୍କୁଲ ଯିବନାହିଁ ବୋଲି,
ବାପାବୋଉ ମିଶି ରାଜି କରାନ୍ତୁ ମିଟୁ ସ୍କୁଲ ଯାଉ ବୋଲି ।୫ ।
ନକରି ଅଝଟ ପୁଣି ସ୍କୁଲ ଯିବ ବୋଲି ମିଟୁ ରାଜି ହୋଇଅଛି,
ଆମ ଏକମାତ୍ର ପୁତ୍ର ଡାକ୍ତର ହେବବୋଲି ବାପା ମା କରନ୍ତୁ ଇଛି ।
ସିଲଟ ଭାଙ୍ଗିଲା ବୋଲି ଏତେ ଛୋଟ ପିଲାକୁ କିଏ ଅବା ଦେବ ଦଣ୍ଡ,
ପ୍ରଥମ ଦିନରେ ପାଞ୍ଚଗୋଟି ସିଲଟର ଗଣିବାକୁ ହେଲା ତଣ୍ଡ ।୬ ।

କବିଚନ୍ଦ୍ର ସାହି, ପାରଳାଖେମୁଣ୍ଡି

ISSN NO.
2582-208X

# କୁହ ନୂଆବର୍ଷ



ନୀଳମଣି ଗୁନ୍ଦ

ତୁମେ ନୂଆବର୍ଷ ଠିକ୍ ଆସିଯାଅ
ଆସିବାରେ କେବେ ହୁଏନି ଡେରି
ଆମେ ଜାଣିଥାଉ ତୁମେ ତ ଆସିବ
ଡିସେମ୍ବର ମାସ ଗଲେରେ ଫେରି।

ତୁମକୁ ଦେଖିଲେ କାନ୍ଥରୁ ଓହ୍ଲାଏ
କ୍ୟାଲେଣ୍ଡର ଥିଲେ ପୁରୁଣା ଯେତେ
ଭଳିଭଳି ନୂଆ ଗ୍ରୀଟିଙ୍ଗସ୍ କାର୍ଡ
ମିଳିଯାଏ ଆସି ହାତରେ କେତେ।

କେତେ ବୁଲାବୁଲି କେତେ ବଣଭୋଜି
ତୁମେ ଆସିଗଲେ ଆମେରେ କରୁ
ନୂଆନୂଆ କାମ ନୂଆ ଯୋଜନାର
କଥାଟି ସିନାରେ ମନରେ ଭରୁ।

ତୁମେ ତ ଆଣିଛ କୁହ କି ଘଟଣା
ଇତିହାସଟିରେ ହୋଇବ ଲେଖା

ISSN NO.
2582-208X

ବରଷେ ରହିବ ଆମରି ଧରାରେ
ଶାସନ କରିବ ତୁମେ ତ ଏକା।

ଆଜି ଯିଏ ନୂଆ କାଲିକି ପୁରୁଣା
ଏଇ ତ ଧରାର ନିୟମ ପରା
ଏ କଥା କହିଲି ବୋଲି ନୂଆବର୍ଷ
ଲୁହ ଟୋପାଟିଏ ଜମା ନ ଝରା।

ସୁସ୍ୱାଗତମ୍ ଆହେ ନବବର୍ଷ
ଭାବିଛି ଲେଖିବି ମୁଁ କିଛି ନୂଆ
ନୂଆ ଭାବନାର ରୂପାନ୍ତର ହୋଇ
ପଡୁ ନୂଆ କାମର ମୂଳଦୁଆ।

କୁହ ନୂଆବର୍ଷ ତୁମେ କେତେ ନୂଆ
କି ନୂଆ ସନ୍ଦେଶ ଧରାକୁ ଦେବ
ତୁମେ ହଟେଇବ ଦୁଃଖ-କଳାରାତି
ପ୍ରଗତି ପଥରେ ଧରାକୁ ନେବ।

ଭୁବନେଶ୍ୱର.ମୋ:୯୫୮୩୨୦୨୩୫୭
chandnm6@gmail.com

ISSN NO.
2582-208X

# ଚନ୍ଦ୍ର



ଆଦବିକା ପଟ୍ଟନାୟକ




ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ – ଡିସେମ୍ବର ସମୀକ୍ଷା



ଦେବଯାନୀ ସ୍ୱାଇଁ

ଇଂରାଜୀ କ୍ୟାଲେଣ୍ଡରରେ ଏଇଟା ହେଉଚି ବର୍ଷର ଶେଷ ମାସ। ଇଂରାଜୀ ବର୍ଷକୁ ବିଦାୟ ଦେବାକୁ ଯାଇ ଏକ ଇଂରାଜୀ ଫଳର ଉପହାର ନେଇ ଉପସ୍ଥିତ ହେଇଚି ଏଥରକ "ବେଦାନ୍ତୀ"। ପ୍ରଚ୍ଛଦ ପୃଷ୍ଠାରେ ବିଉଟି ବେରି ର ଅତ୍ୟନ୍ତ ମନଲୋଭା ଚିତ୍ର।

ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର? ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି। ବାସ୍ତବରେ ଗାଡି ମଟରଙ୍କ  ସଂଖ୍ୟା ବୃଦ୍ଧି ଯୋଗୁଁ  ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ସହିତ ଶବ୍ଦ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଚି। ଏ ବିଷୟରେ ଆମେ ସମସ୍ତେ ସଚେତନ ହେବା ଜରୁରୀ।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ରହିଛି ଶତାଧିକ ଗଳ୍ପ ଓ କବିତାର ଆଲେଖ୍ୟ। ଏତଦ୍ ବ୍ୟତିତ ଏଇ ମାସରୁ ଭାରତର ବିଭିନ୍ନ ଦର୍ଶନୀୟ ସ୍ଥଳ ମାନଙ୍କ ବିଷୟରେ you tube link ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆକର୍ଷଣୀୟ ଭିଡିଓ ସବୁ ବିଭିନ୍ନ ପୃଷ୍ଠାରେ ପ୍ରସ୍ତାବିତ କରାଯାଇଛି।

ISSN NO.
2582-208X

ପ୍ରଥମ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି.ଏଫ୍.ଓ. ଅସୀମଙ୍କ ଆଖିରେ କ୍ୟାମ୍ପବେଲ୍ ବେ ଦ୍ୱୀପରେ ପହଞ୍ଚିବା ପରେ, ସେମାନଙ୍କ ପ୍ରଥମ ଛୋଟ ମନୋହର କାଠ ଘରଟି ପ୍ରେମ ଆଉ ସ୍ନେହରେ ରଙ୍ଗେଇ ହୋଇ  ଯାଇଚି।

"ଛିଣ୍ଡା ବହିର ପୃଷ୍ଠା" ଭଳି ଆମ ସମସ୍ତଙ୍କ ଜୀବନର ପ୍ରଥମ ଓ ଶେଷ ଭାଗ ପ୍ରାୟତଃ ସମାନ ଲାଗେ। ଯେତେ ସବୁ ସ୍ମୃତି, ବହିର ମଝି ଅଧ୍ୟାୟ ପରି ଜୀବନର ମଝି ଭାଗରେ ହିଁ ଘଟେ। "ଉଠ୍ ପୁଟୁର୍" ରେ ଜିଲ୍ଲା ସ୍କୁଲ୍ ରେ ପାଠ ପଢିବା ଲାଗି ଦାଖଲା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଯାଇଚି ଅଭି। "ପ୍ରେମ ପାଇଁ ରକ୍ତ"- ସୁନ୍ଦର ରଚନା ଟିଏ। ସାମାଜିକ ସମସ୍ୟା, ମାନବିକବୋଧ ଓ ଅଭିଜ୍ଞତା ରୂପକ ନୀତିଶିକ୍ଷାକୁ ନେଇ ଅନେକ ଗୁଡିଏ ଗଳ୍ପ ରହିଚି।

କବିତା ଗୁଡିକ ତ ଅସଂଖ୍ୟ ଓ ଅକଳନୀୟ  "ଶୀତ" ଉପରେ ରହିଚି କିଛିଟା କବିତା। "ବଢା ଝରାଫୁଲ"ର କବିତାରେ ସ୍ପନ୍ଦିତ ହୁଅନ୍ତି କେତେ ଯେ ପିତା ମାତା। "ଆମ ଓଡିଆ ଖାଦ୍ୟ"- ଅଦ୍ୱିତୀୟ ତାହାର ସ୍ୱାଦ। ଜୀବନ "ଗଣ୍ଠିଲି"- ଫିଟାଇଦେଲେ ସେ ଲୁହରେ ଭାସଇ। "ନିର୍ବାଚନୀ ଚିହ୍ନ" ରେ ଭକ୍ତିଭାବରେ ସମାଜକୁ ସଚେତନ କରିବାର ଏକ ସୁନ୍ଦର ପ୍ରୟାସ। "ନିଶବ୍ଦ ଅନ୍ଧାର" ରେ ଝଲସି ଉଠଇ କେବଳ ସେଇ ରୁପାଝରା ସ୍ମୃତି, ଯନ୍ତ୍ରଣାର ବିବିଧ ରଙ୍ଗରେ - କୋହର ଶଙ୍ଖ ନାଦରେ "ଉଆଁସୀ ରାତି"।

ଏଥରକ ସ୍ୱାସ୍ଥ୍ୟ ବିଭାଗର ବିଷୟ ରହିଚି- "ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଓ ଦୀର୍ଘାୟୁ ଜୀବନ"। ଏଥିରେ ପାତ୍ରର ବିବିଧତା ତଥା କେଉଁ ପାତ୍ରରେ ଖାଦ୍ୟ ଖାଇଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ, ସେ ସମ୍ପର୍କରେ ବର୍ଣ୍ଣନା କରାଯାଇଛି।

"ଆମ ହାଣ୍ଡିଶାଳ" ରେ ଏଥରକ ଜବରଦସ୍ତ ଖାନା ବନିଚି। ମଲାଇ ପନିର୍ ସାଙ୍ଗକୁ ମୋଗଲାଇ ପରଟା ପୁଣି ପାଳଙ୍ଗ ରୋଲ୍ ଆଉ ବିରି ଡାଲି ଖେଚୁଡି। ମୁଁ ତ ନୂଆ ବର୍ଷରେ ମୋଗଲାଇ ପରଟା ନିଶ୍ଚୟ ବନେଇବି।

ଶିଶୁବିଭାଗ ରେ ଏକ "ନୂଆ ପରିବା"କୁ ପରିଚିତ କରାଯାଇଚି, ତାହା ହେଉଚି ଆସ୍ପାରାଗସ୍। ପିଲାମାନେ ସାଧାରଣତଃ ସବୁଜ ପରିବା ଖାଇବାକୁ ପସନ୍ଦ କରନ୍ତିନି ହେଲେ

ISSN NO.
2582-208X

ଆସ୍ପାରାଗସ୍ ବିଷୟରେ ଜାଣିବା ପରେ ସମସ୍ତେ ଏହାକୁ ନିଶ୍ଚୟ ଖାଇବାକୁ ଆଗ୍ରହୀ ହେବେ।

କୁନି ଆଦବିକାର "ଚିତ୍ର" ଟି ଖୁବ୍ ଆକର୍ଷକ ହେଇଚି। କୁନି ହାତରେ ଅଙ୍କା ହେଇଥିବା ବାଦଲ ଘେରା ଏକ କୁନି ଘର ପୁଣି ସେ ଘରକୁ ଲମ୍ବି ଯାଇଥିବା ଡାଳ ପତ୍ରର ଅଂକାବଂକା ସରୁ ରାସ୍ତା ଅତି ଚମତ୍କାର।

ଲାଗୁଚ ଆମ ପାଠକ ମାନେ ଭୁଲି ଯାଉଛନ୍ତୁ ଯେ – "ଚନ୍ଦ କଥା କୁହେ" ବୋଲି ଆମର ଏକ ବିଭାଗ ରହିଚ। ତେଣୁ ଚନ୍ଦ ଦେଖନ୍ତୁ ଆଉ ତା ବିଷୟରେ କଛି କହିବାକୁ ଭୁଲନ୍ତୁନ।

ଇଂରାଜୀ ନୂଆ ବର୍ଷର ଶୁଭେଚ୍ଛା ସମସ୍ତଙ୍କୁ!!

ଜୟ 'ବେଦାନ୍ତୀ' , ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୧/୨୦୨୩ | ଇଂରାଜୀ ନୂତନ ବର୍ଷ, ଶାମ୍ବ ଦଶମୀ ଓ ସୂର୍ଯ୍ୟପୂଜା |
| ୦୨/୦୧/୨୦୨୩ | ପୁତ୍ରଦା ଏକାଦଶୀ |
| ୦୬/୦୧/୨୦୨୩ | ଦେବାଭିଷେକ ପୂର୍ଣ୍ଣିମା |
| ୦୭/୦୧/୨୦୨୩ | ମାଘ ବ୍ରତାରମ୍ଭଃ |
| ୦୮/୦୧/୨୦୨୩ | ପୁଷ୍ୟାଭିଷେକ ଓ ରାଜା ଭିଷେକ |
| ୧୦/୦୧/୨୦୨୩ | ସଙ୍କଟ ଚତୁର୍ଥୀ ବ୍ରତ |
| ୧୨/୦୧/୨୦୨୩ | ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ |
| ୧୩/୦୧/୨୦୨୩ | ନବାଙ୍କ ବେଢା |
| ୧୪/୦୧/୨୦୨୩ | ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ |
| ୨୦/୦୧/୨୦୨୩ | ରଚନ୍ତୀ ଚତୁର୍ଦ୍ଦଶୀ |
| ୨୧/୦୧/୨୦୨୩ | ତ୍ରିବେଣୀ ଅମାବାସ୍ୟା, ମା ବିରଜା ଦେବୀଙ୍କ ଜନ୍ମୋତ୍ସବ ଓ ଶନି ଚଳନ |
| ୨୩/୦୧/୨୦୨୩ | ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ |
| ୨୫/୦୧/୨୦୨୩ | ବରଦା ଚତୁର୍ଥୀ, ଶ୍ରୀ ଜଗନ୍ନାଥ ଙ୍କ ପଦ୍ମମୁଖ ବେଶ |
| ୨୬/୦୧/୨୦୨୩ | ସାଧାରଣତନ୍ତ୍ର ଦିବସ, ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ବସନ୍ତୋତ୍ସବ ଓ ଶ୍ରୀ ମହାପ୍ରଭୁଙ୍କର ରଥ କାଠ ଅନୁକୂଳ |
| ୨୮/୦୧/୨୦୨୩ | ମାଘ ସପ୍ତମୀ, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ଓ ଭୀଷ୍ମାଷ୍ଟମୀ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଡିସେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

ପିଜୁଳି ଖାଇବି ବିଜୁଳି ଭଳିଆ

ମାନିବନି କାହା କଥା

ଭାରି ବଢିଆ ଏ ସ୍ୱାଦିଷ୍ଟ ଫଳଟି

ଗାଁ ସହରରେ ଖ୍ୟାତ

ସାଗରିକା ଆଚାର୍ଯ୍ୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଭାରି ସୁଆଦିଆ ଫଳଟିଏ ଏହା

ପିଜୁଳି ଏହାର ନାମ

କଅଁଳିଆ ପତ୍ର ଏହାର ଭାରି ଉପକାରୀ

ପେଟ ଖରାପର ଔଷଧ ପରି ଦେଖାଏ ତାହାର କାମ

ନିର୍ମଳ ବେହେରା, କେନ୍ଦ୍ରାପଡା

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ଯ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳନ୍ତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**